# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଅକ୍ଟୋବର ୨୦/୨୦୧୯ (୨୦ ପୃଷ୍ଠା+ ଛୁଟିଦିନ) Sambalpur, Sunday, October 20 / 2019 ★★

୧୫ଶ ଭାଗ ୩୦୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




### ରୋହିତଙ୍କ ଶତକ

ରାଞ୍ଚିରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ଭାରତର ରୋହିତ ଶର୍ମା।

୧୮

୧୦

### ‘ଶୁଭ ମଙ୍ଗଲ ଜ୍ୟାଦା ସାବଧାନ୍’ରେ ଆୟୁଷ୍ମାନ୍

ଫିଲ୍ମ ‘ବଧାଇ ହୋ’ ସୁପରହିଟ୍ ହେବା ପରେ ଏବେ ‘ଶୁଭ ମଙ୍ଗଲ ଜ୍ୟାଦା ସାବଧାନ୍’ରେ ପୁଣି ନୀନା ଗୁପ୍ତା, ଗଜରାଜ ରାଓ ଏବଂ ଆୟୁଷ୍ମାନ୍ ଖୁରାନାଙ୍କୁ ଏକାଠି ଦେଖିବାକୁ ମିଳିବ।



### ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ସମ୍ପାଦକୀୟ

ଆତଙ୍କବାଦ ଓ ପାକିସ୍ତାନ

### ଆଜିର ମନ୍ତବ୍ୟ

“ କଂଗ୍ରେସର ଭୁଲ୍ ନୀତିଗୁଡ଼ିକ ଦେଶକୁ ଧ୍ୱଂସ କରିଦେଇଛି।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


Vencobb FRESH CHICKEN

19.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 65 | 113 | 123 |
| DKL | 65 | 113 | 123 |
| BDK | 65 | 113 | 123 |
| BLS | 66 | 114 | 124 |
| ANG | 67 | 115 | 125 |
| BHM | 64 | 111 | 121 |

*Conditions Apply

Issued in the Interest of Consumers


# ବିଜେପୁର ପ୍ରଚାର ଶେଷ

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

ଆସନ୍ତା ୨୧ ତାରିଖରେ ବିଜେପୁର ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଅପରାହ୍ନ ୫ଟାରେ ହାଇଭୋଲଟେଜ୍ ପ୍ରଚାର ଶେଷ ହୋଇଛି। ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ହେବ କଡା ପ୍ରତିଦ୍ୱନ୍ଦ୍ୱିତା। ଏହି ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

ଏହି ନିର୍ବାଚନରେ ୨ ଲକ୍ଷ ୩୨ ହଜାର ୨୬୪ ଜଣ ମତଦାତା ୫ ଜଣ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ। ସେମାନଙ୍କ ମଧ୍ୟରେ ୧ ଲକ୍ଷ ୨୦ ହଜାର ୧୩୫ ଜଣ ପୁରୁଷ ମତଦାତା ଥିବାବେଳେ ୧ ଲକ୍ଷ ୧୨ ହଜାର ୧୧୪ ମହିଳା ଓ ୧୫ ଜଣ ତୃତୀୟ ଲିଙ୍ଗ ମତଦାତା ରହିଛନ୍ତି। ୨୮୫ଟି ବୁଥରେ ଭୋଟ ଗ୍ରହଣ କରାଯିବ । ଉକ୍ତ ନିର୍ବାଚନମଣ୍ଡଳିରେ ୧୨୯ଟି ସମ୍ବେଦନଶୀଳ ଓ ୬ଟି ଅତି ସମ୍ବେଦନଶୀଳ ବୁଥ ରହିଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ.କେ. ଲୋହାନୀ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପରିଚାଳନା ପାଇଁ ୧ ହଜାର ୮୯୫ ଜଣ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ୩୨ ଜଣ ସେକ୍ଟର ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୪୪୧ଟି ଯାନକୁ ନିୟୋଜିତ କରାଯାଇଛି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ୨୮ଟି ୱେବ କାଷ୍ଟିଂ କରାଯିବାବେଳେ ୧୪ଟି ସିସିଟିଭି ଲଗାଯାଇଛି। ନିର୍ବାଚନ ପରିଚାଳନା ପାଇଁ ୭୭ଜଣ ମାଇକ୍ରୋ ଅବଜରଭର ନିୟୋଜିତ ହେବାକୁ ଥିବାବେଳେ ୧୬ଟି ସ୍ଥାନରେ ଭିଡିଓଗ୍ରାଫି କରାଯିବ। ଏହି ନିର୍ବାଚନମଣ୍ଡଳିରେ ୨୭୫୦ ଭିନ୍ନକ୍ଷମ ☞ପୃଷ୍ଠା-୪

### ୨୧ରେ ଭୋଟ




- ୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨.୩୨ ଲକ୍ଷ ମତଦାତା
- ୨୮୫ ବୁଥ୍‌ରେ ହେବ ଭୋଟ ଗ୍ରହଣ
- ମତଦାତାଙ୍କ ପାଇଁ ସବୈତନିକ ଛୁଟି ଘୋଷଣା

## ■ ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ସରପଞ୍ଚଙ୍କ ସ୍ୱାମୀ ରୂପେଶ ଗିରଫ

ରସୁଲପୁର/ଧର୍ମଶାଳା, ୧୯।୧୦(ଡି.ଏନ୍.ଏ.)

- ହତ୍ୟା ନୁହେଁ ଆତ୍ମହତ୍ୟା କରିଛନ୍ତି ସ୍ମିତାରାଣୀ: ପୋଲିସ
- ଚାପର ବଶବର୍ତ୍ତୀ ହୋଇ ମାମଲାକୁ କୋହଳ କରୁଛି ପୋଲିସ: ବିରୋଧୀ
- ଝିଅ ହେଡ୍‌ଷ୍ଟ୍ରଙ୍ଗ ଥିଲା, ସେ ଆତ୍ମହତ୍ୟା କରି ନ ଥିବ: ବାପା
- ସୋମବାର ଜିଲା ବନ୍ଦ ଡାକରା ଦେଲା ଭାଜପା



ପୋଲିସ ହେପାଜତରେ ଅଭିଯୁକ୍ତ ରୁପେଶ ଭଦ୍ର।

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ଶନିବାର ଭିନ୍ନ ମୋଡ଼ ନେଇଛି। ଏହି ଘଟଣାରେ ପୋଲିସ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ର ଓରଫ ନାଣ୍ଟୁଙ୍କୁ ଗିରଫ କରିଛି। ସ୍ମିତାରାଣୀଙ୍କୁ ହତ୍ୟା କରାଯାଇନାହିଁ ବରଂ ସେ ଆତ୍ମହତ୍ୟା କରିଛନ୍ତି, ଆଉ ଏଥିପାଇଁ ରୂପେଶ ପ୍ରବର୍ତ୍ତାଇଥିଲେ ବୋଲି ଏସ୍‌ପି ଚରଣ ସିଂ ମୀନା ଧର୍ମଶାଳା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉଭୟ ସ୍ମିତାରାଣୀ ଏବଂ ରୂପେଶଙ୍କ ମଧ୍ୟରେ ପୂର୍ବରୁ ସମ୍ପର୍କ ଥିଲା। ଘଟଣା ଦିନ ଗେଷ୍ଟ ହାଉସରେ ଉଭୟଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା। ଆଉ ଏଥିରେ ଉତ୍‌କ୍ଷିପ୍ତ ହୋଇ ସ୍ମିତାରାଣୀ ଆତ୍ମହତ୍ୟା କରିଥିଲେ ବୋଲି ଏସ୍‌ପି ମୀନା ସୂଚନା ଦେଇଛନ୍ତି। ତେବେ ଜଣେ ହତ୍ୟାକାରୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରି ପୋଲିସ ଘଟଣାକୁ ଆତ୍ମହତ୍ୟାର ରୂପ ଦେଉଛି ବୋଲି ବିରୋଧୀ ଭାଜପା ଏବଂ କଂଗ୍ରେସ କହିଛି। ସରକାରୀ ଦଳର ଚାପର ବଶବର୍ତ୍ତୀ ହୋଇ ପୋଲିସ ଏଭଳି କରିଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ଭାଜପା ଏହି ଘଟଣାର ସିବିଆଇ ତଦନ୍ତ ଦାବି କରିଥିବାବେଳେ କଂଗ୍ରେସ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି। ଏପରି କି ଆସନ୍ତା ସୋମବାର ଭାଜପା ପକ୍ଷରୁ ଯାଜପୁର ଜିଲା ବନ୍ଦ ଡାକରା ଦିଆଯାଇଥିବା ଜିଲା ସଭାପତି ଗୌତମ ରାୟ ସୂଚନା ଦେଇଛନ୍ତି। ଅପରପକ୍ଷରେ ମୃତାଙ୍କ ବାପା ସଦାନନ୍ଦ ବିଶ୍ୱାଳ ମଧ୍ୟ ପୋଲିସର କଥାକୁ ଗ୍ରହଣ କରିପାରି ନାହାନ୍ତି। ଝିଅ ସ୍ମିତାରାଣୀ ବହୁତ ହେଡଷ୍ଟ୍ରଙ୍ଗ, ସେ କେବେବି ଆତ୍ମହତ୍ୟା କରିପାରିବ ନାହିଁ। ଏହି ଘଟଣାରେ ପ୍ରଥମେ ପୋଲିସ ସରପଞ୍ଚଙ୍କ ସ୍ୱାମୀ ରୂପେଶଙ୍କ ସମେତ ୫ଜଣଙ୍କୁ ଜେରା କରିଥିବାବେଳେ ଲୋକଦେଖାଣିଆ ଭାବେ ଓ ତଦନ୍ତକୁ ବାଟବଣା କରିବାକୁ କେବଳ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେଣୁ ଏହି ଘଟଣାର ସିବିଆଇ ତଦନ୍ତ କରାଗଲେ ପ୍ରକୃତ କଥା ଲୋକଲୋଚନକୁ ଆସିପାରିବ ବୋଲି ସଦାନନ୍ଦ କହିଛନ୍ତି।

ଗତ ୧୬ତାରିଖ ବୁଧବାର ଅପରାହ୍ନରେ ପିଇଓ ସ୍ମିତାରାଣୀ ପଞ୍ଚାୟତର ଚାରିବାଟିଆ ଓ ସୁଭଦ୍ରାପୁର ଗ୍ରାମରେ ଭତ୍ତା ବଣ୍ଟନ କରି ଫେରିବା ପରେ ମଧ୍ୟାହ୍ନଭୋଜନ ନିମନ୍ତେ ନିଜ ଘରକୁ ନ ଯାଇ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୫୦୦ମିଟର ଦୂରରେ ଥିବା ସରପଞ୍ଚଙ୍କ ସ୍ୱାମୀ ରୂପେଶଙ୍କ ଗେଷ୍ଟ ହାଉସକୁ ଯାଇଥିଲେ। ଏହାର କିଛି ସମୟ ପରେ ଗେଷ୍ଟ ହାଉସର ଉପର ମହଲାରେ ସ୍ମିତାରାଣୀଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ସଙ୍ଗେସଙ୍ଗେ ଧର୍ମଶାଳା ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ମଧ୍ୟାହ୍ନ ଭୋଜନ କରିବାକୁ ☞ପୃଷ୍ଠା-୪





Stores only at:

BHUBANESWAR 621, Saheed Nagar, Janpath | BHUBANESWAR 309, District Centre, Chandrashekharpur | BERHAMPUR Venkataraju Arcade, Sano Bazar | CUTTACK 558/834, Cantonment Road | ROURKELA Kesar Bhavan, Main Road

Open on Sundays • Toll Free 1800 3131 777 • Follow us on khimjilive instakhimji


"M.B"
Great Eastern™
The Trusted One
ଖଜାନା ଖୁସିୟୋଁ କା
ଓ୍ୱାଦା ଗ୍ରେଟ ଇଷ୍ଟର୍ଣ୍ଣ କା
ଭାଲ୍ୟୁ ବ୍ୟାକ୍ ୩୫% ପର୍ଯ୍ୟନ୍ତ
ପ୍ରତ୍ୟେକ କ୍ରୟ ଉପରେ ମାଗଣା ଉପହାର*
VALUE BACK
UPTO 35%*
BAJAJ FINSERV
LG Direct Cool Refrigerator Save ₹7000*
Whirlpool Direct Cool Refrigerator Save ₹8800*
LG Frost Free Refrigerator Save ₹11800*
Whirlpool Frost Free Refrigerator Save ₹9800*
Panasonic Frost Free Refrigerator Save ₹10800*
Haier Bottom Mount Refrigerator Save ₹14500*
LG Side By Side Refrigerator Save ₹39000*
Haier Side By Side Refrigerator Save ₹51500*
VOLTAS beko Semi Auto Washing Machine Save ₹2700*
Whirlpool Top Load Washing Machine Save ₹4500*
BOSCH Front Load Washing Machine Save ₹9000*
LG Front Load Washing Machine Save ₹12000*
SAMSUNG
SAMSUNG GLOBAL No.1 TV
Add More Love
to your celebrations
Exciting Festive Gifts
FREE* with QLED Galaxy S10 (1 Unit) worth ₹61,900/-
FREE^ with QLED Galaxy A50 (1 Unit) worth ₹21,490/-
FREE+ with 4K UHD TV Galaxy M30 (1 Unit) worth ₹17,990/-
FREE# with 4K UHD TV Google Home Mini (1 Unit) worth ₹4,999/-
Cashback and Easy Finance Offers~
up to 15% Cashback
AXIS BANK | HDB FINANCIAL SERVICES | HDFC BANK | ICICI Bank | IDFC FIRST Bank | RBL BANK
0 Down Payment Balance in 9 EMIs
1 EMI FREE^^
Flexi EMI Up to 30 months
QLED
100% Color Volume | Ambient Mode & One Invisible Connection | Bixby Voice Assist with One Remote Control
65Q60R MRP: ₹2,19,900/- Offer Price (1N): ₹2,09,900/- Lowest EMI**: ₹2,990/-
55Q60R MRP: ₹1,43,900/- Offer Price (1N): ₹1,29,900/- Lowest EMI**: ₹2,990/-
10 Year Warranty (No Screen Burn-in Warranty)++
4K UHD TV
4K UHD Resolution | Dynamic Crystal Colour & HDR | Bixby Voice Assist
55RU7100 MRP: ₹96,900/- Offer Price (1N): ₹76,900/- Lowest EMI**: ₹2,990/-
43NU7090 MRP: ₹69,900/- Offer Price (1N): ₹41,990/- Lowest EMI**: ₹1,490/-
3 Year Warranty~~
SMART TV
Bixby Voice Assist | Content Guide | Personal Computer & Music System
43N5470 MRP: ₹49,900/- Offer Price (1N): ₹39,900/- Lowest EMI**: ₹1,490/-
32N4300 MRP: ₹30,900/- Offer Price (1N): ₹25,100/- Lowest EMI**: ₹990/-
3 Year Warranty~~
Follow Samsung on: @SamsungIndia | @SamsungIndia | SamsungIndia | samsungindia
Re+ Please dispose of e-waste and plastic waste responsibly. For more information or for e-waste pick up, please call 1800 40 SAMSUNG (7267864) or 1800 5 SAMSUNG (7267864).
Terms and Conditions apply. Limited Period offer. **Lowest EMI is calculated on maximum finance tenure. Offers vary from model to model. Each customer shall receive maximum one gift per product. Samsung reserves the right to replace gifts with other product of equivalent or lesser value in case of non-availability of gifts. ~Finance and cashback offers are provided and fulfilled by third parties at their sole discretion, subject to their terms and Samsung disclaims all the claims/liabilities with respect to the same.*Available on 1m 89cm (75") and above select QLED. ^Available on 1m 63cm (65")/1m 38cm (55") select QLED and 1m 89cm (75") select 4K UHD TV. +Available on 1m 63cm (65") select 4K UHD TV. #Available on 1m 38cm (55") select 4K UHD and 1m 08cm (43")/1m 23cm (49") select QLED. Functionality of some features may require internet connectivity/ additional subscription. Offers and prices are subject to change without prior notice. ++Not applicable on Q900. ~~1 year standard warranty +2 year extended warranty on select models only. Extended warranty is applicable only on panel failure. All third party logos/ trademark/ content belong to respective third parties and Samsung hereby acknowledges the same.^^Applicable only under 15 by 2 finance scheme. Product images shown are for representational purpose only, actual may vary. For details visit https://www.samsung.com/in/microsite/add-more-love/. 'N' represents the number of units.
Scan the QR code to watch the latest Samsung campaign.
Best Prices*
Better deals than Online*
Extended warranty across products*
Free in-home installation & demo*
Best exchange value*
Great Eastern™ RETAIL
59 STORES ACROSS INDIA
GreatEasternRetail
crm@geapl.in
6290824380
www.greateastern.co.in
UPTO 7.5% EXTRA CASHBACK*
SBI card
*Min. Trxn.: ₹20,000; Max. Cashback: ₹4,500 per card account.
Also valid on EMI Trxns. Validity: 22 Sep – 31 Oct '19. T&C Apply.
ROURKELA Bisra Road Opposite Hotel Brindaban 629 190 5176
BHUBANESHWAR Bapuji Nagar Near Bazar Kolkata 629 190 5175 | Patia Near Big Bazar 629 190 5170 CUTTACK Badambadi In front of Palamandap 629 190 5172 CDA Sector VI 629 190 5173
BALASORE Vivekananda Marg, Beside City Life 629 190 5174 BERHAMPUR Bada Bazar In front of Ganesh Market 629 190 5171 JAJPUR Kamal Bhawan Chorda Bypass, Jajpur Road 629 190 5177
ODISHA | WEST BENGAL | ANDHRA PRADESH | RAJASTHAN | UTTAR PRADESH


Hero
କୋଟି କୋଟିଙ୍କର ଉତ୍ସବ।
ବର୍ଷ ବର୍ଷର ଭରସା।
ଅନବରତ 18 ବର୍ଷ ଧରି ଦୁନିଆର ନଂ.1 ଟୁ-ହ୍ୱିଲର କମ୍ପାନୀ
କୋଟି କୋଟିଙ୍କର ଉତ୍ସବ ଅଫର
₹5000 ପର୍ଯ୍ୟନ୍ତ ଏକ୍ସଚେଞ୍ଜ* ବେନିଫିଟ୍
₹2000 ପର୍ଯ୍ୟନ୍ତ ଉତ୍ସବ କ୍ୟାସ୍* ବେନିଫିଟ୍
6.99% କମ ସୁଧ ହାର#
₹3999 ନ୍ୟୁନତମ (କର ସହିତ) ଡାଉନ ପେମେଣ୍ଟ#
₹10000 ମୂଲ୍ୟର PAYTM ବେନିଫିଟ୍**
₹2100 ମୂଲ୍ୟର ଅତିରିକ୍ତ ବେନିଫିଟ୍##
ଫ୍ଲେକ୍ସି ଫାଇନାନ୍ସ
ଚେକର ପ୍ରୟୋଜନ ନାହିଁ
ବ୍ୟାଙ୍କ ଆକାଉଣ୍ଟର ପ୍ରୟୋଜନ ନାହିଁ
INDIA'S FIRST 5 YEAR WARRANTY* *Conditions apply
9 CRORE+ HEROES ଅଗଣିତ ସମର୍ଥ
କେବଳ ସରକାରୀ କର୍ମଚାରୀମାନଙ୍କ ପାଇଁ ₹1500* ର ନଗଦ ବେନିଫିଟ୍
Hero GoodLife
World leading brands from the House of Hero
Splendor+ | Super Splendor | iSmart+ | Passion XPRO | Xtreme 200R | HF Deluxe
Xpulse 200T | Maestro Edge 125 | Pleasure+ | Destini 125 | Xpulse 200 | Xtreme 200S | Duet
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Offer starts 29th September 2019 & is for limited period only. *Exchange benefit or Festive Cash benefit is applicable on specific models only & both cannot be clubbed. #Finance scheme is at the sole discretion of the Financier subject to its respective T&Cs. ##Additional benefit of ₹2100/- on Service & GoodLife on paying ₹399/-. **Paytm's offer is subject to their applicable terms & conditions. For more details, please contact your nearest Authorized Hero Outlet. ^As per cumulative dispatch numbers till 15th September 2019. T&C: ***For Government Employees and their blood relatives only.
HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com
For Institutional and Bulk Sales please write to bhubaneshwar@heromotocorp.com
ଅଥରାଇଜଡ ଡିଲର: ବରଗଡ଼: ଆକାଶ ହୀରୋ – 7799766396. ଭବାନୀପାଟନା : ଅରୁନ୍ଧତୀ ହୀରୋ – 7799766385. ବଲାଙ୍ଗିର: ଅରୁନ୍ଧତୀ ହୀରୋ – 7799766327. ଝାରସୁଗୁଡ଼ା: ବିଜୟଲକ୍ଷ୍ମୀ ହୀରୋ – 7799766368. ରାଉରକେଲା: ଦୁଆ ହୀରୋ – 7799766391. ସମ୍ବଲପୁର: ଶ୍ରୀ ଶ୍ୟାମ ହୀରୋ – 7799766356. ସୋନପୁର: ଜୟ ଜଓ୍ୱାନ ହୀରୋ – 7799766419. ସୁନ୍ଦରଗଡ଼: ରୋବୋଟେକ୍ ହୀରୋ – 8448183659. ଅଥରାଇଜଡ ସର୍ଭିସ୍ ସେଣ୍ଟର: ବାମରା: ଚୌଧୁରି ହୀରୋ – 9938274720. ବରପାଲି: ଦୁର୍ଗା ମୋଟର୍ସ– 9861265979. ବେଲପାହାଡ଼: ବର୍ଷା ମୋଟର୍ସ – 9437058417. ବୌଧ: ବନ୍ସଲ ଅଟୋ – 9437062948. ବ୍ରଜରାଜନଗର: ବୀନା ମୋଟର୍ସ – 9861078290. ଦେବଗଡ଼ : ଜିନ୍ଦାଲ ମୋଟର୍ସ – 9437056659. କୁଚିଣ୍ଡା: ଶ୍ରୀ ବିମଳା ମୋଟର୍ସ – 7008407979. କାନ୍ତାବାନଜି: ଆଶୀର୍ବାଦ ମୋଟର୍ସ – 9937535770. ନୂଆପଡ଼ା: ମାରୁତି ଅଟୋ – 9937928818, 7381199999. ପଦ୍ମପୁର: ଦେବେଶ ମୋଟର୍ସ – 9437253970. ରାଜଖଡ଼ିଆଳ: ଜଗଦମ୍ବା ଅଟୋ କମ୍ପାଇନ – 9937302262. ରାଜଗାଙ୍ଗପୁର: କେଡିଆ ଆଣ୍ଡ କେଡିଆ – 9437152881. ସୁନ୍ଦରଗଡ଼: ଯମୁନା ମୋଟର୍ସ – 9861078290. ଟିଟିଲାଗଡ଼: ସ୍ନେହା ମୋଟର୍ସ – 9437570237.


20 YEARS
Best eveR DHANTERAS
From 20th October 2019
Arundhati JEWELLERS
FREE GOLD COIN On Every Purchase
₹2500/-OFF Valid till 3rd November
upto 20% off on Diamond MRP
WIN 50 NOS. LAKHPATI
IN FY 2019-20 (Lakhpati Season-1) + (Lakhpati Season-2)
Purchase Rs.10,000/- within 3rd November 2019
WIN holiday Trip to LONDON
T&C Apply
Book your dream jewellery before 24th Oct. & Get Extra Gold Coin Free.
Avoid Dhanteras Rush & Book from, Unique Design & Exclusive Collection.
THANK YOU BHUBANESWAR
Extended 2nd Floor Inauguration
Date: 20th Oct , Time: 3pm.
It is with great joy that we invite you to the Opening Ceremony of expansion 2nd floor (additional 4000 sqft. of Carpet area) at our Flagship Bhubaneswar Store on 20th Oct 2019, 3pm.We seek your blessings & kind presence as we embark on this sparkling journey.We promise to showcase you the ever best Design and Exclusive collection with Creating golden smile service to make your Dhanteras & Diwali most memorable One.
Unique Design Exclusive Collection Something different in your Town
Life Time Free Repairing Service on our Jewellery
Free Insurance on our Jewellery
Loyalty Programme Gifts & Rewards on every purchase
Gold Testing Machine Exact exchange value of your old gold
T&C Apply
BHUBANESWAR | SAMBALPUR | BHAWANIPATNA | BARGARH | BALANGIR
Toll Free No.:1800 345 0018 | www.arundhatijewellers.com

**କିଛି ତଥ୍ୟ**
ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୮୭୯ ବିଲିୟନ ଡଲାର ବୃଦ୍ଧି ଘଟି ସର୍ବକାଳୀନ ରେକର୍ଡ ୪୩୯.୭୧୨ ବିଲିୟନ ଡଲାର ଛୁଇଁଛି।
–ରିଜର୍ଭ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ରିଧି
ପରିବାରବର୍ଗ


ଆଦ୍ୟାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପ୍ରସୂତିଙ୍କୁ ବଞ୍ଚାଇଲା ବିରଳ ରକ୍ତ

- ପ୍ରସବ ପରେ ଗୁରୁତର ଥିଲା ଅବସ୍ଥା
- 'ବମ୍ବେ ଓ-ପଜିଟିଭ୍' ରକ୍ତ ଦେଲେ ରାଉରକେଲା ଯୁବକ


ଦିଲୀପ ରକ୍ତ ଦେଉଛନ୍ତି।

**ବ୍ରହ୍ମପୁର ଅଫିସ୍,୧୯।୧୦**

ଠିକ୍ ସମୟରେ ବିରଳ ରକ୍ତ ମିଳିବା ଯୋଗୁ ଜଣେ ପ୍ରସୂତିଙ୍କ ଜୀବନ ବଞ୍ଚିଯାଇଛି। ରାଉରକେଲାର ଯୁବକ ଜଣକ ଆସି ରକ୍ତ ଦେଇଛନ୍ତି। ଏଭଳି ଘଟଣା ଶନିବାର ଦେଖିବାକୁ ମିଳିଛି ବ୍ରହ୍ମପୁର ବଡମେଡିକାଲରେ।

ପ୍ରକାଶ ଯେ, ପାତ୍ରପୁର ବ୍ଲକ ବୁରତାଲ ପଞ୍ଚାୟତ ମଣ୍ଡାସିଙ୍ଗି ଗ୍ରାମର ନାରାୟଣ ରଇତଙ୍କ ସ୍ତ୍ରୀ ସବିତା ଗତ ୧୨ତାରିଖରେ ପ୍ରସବ ପାଇଁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି ହୋଇଥିଲେ। ୧୩ତାରିଖରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ତେବେ ସାଧାରଣ ପ୍ରସବ ବଦଳରେ ତାଙ୍କର ସିଜରିଆନ୍ କରାଯାଇଥିଲା। ଏଣୁ ଶରୀରରୁ ବହୁ ପରିମାଣର ରକ୍ତ ପ୍ରବାହ ହେବାରୁ ଅବସ୍ଥା ସଂକଟାପନ୍ନ ହୋଇପଡ଼ିଥିଲା। ନବଜାତ କନ୍ୟାଶିଶୁର ଓଜନ କମ୍ ମଧ ଥିଲା। ଏସ୍ଏନ୍ସିୟୁ(ସ୍ପେଶାଲ ନ୍ୟୁ ବର୍ନକେୟାରେ ୟୁନିଟ୍)ରେ ଭର୍ତ୍ତି କରାଯାଇଥିଲା। ଅନ୍ୟପଟେ ସବିତାଙ୍କ ଚିକିତ୍ସା ଜାରି ରହିଥିବା ବେଳେ ତାଙ୍କର ରକ୍ତ ଆବଶ୍ୟକ ପଡ଼ିଥିଲା। ପରୀକ୍ଷା ବେଳେ ଏହା 'ବମ୍ବେ ଓ–ପଜିଟିଭ୍' ବୋଲି ଜଣାପଡ଼ିଥିଲା। ଏହି ବିରଳ ଗ୍ରୁପ୍ ଭାରତରେ ପ୍ରାୟ ୨ଲକ୍ଷ ୫୦ହଜାର ବ୍ୟକ୍ତିଙ୍କ ଭିତରୁ ଜଣଙ୍କ ପାଖରେ ଦେଖାଦେଇଥାଏ। ରକ୍ତ ଭଣ୍ଡାରର ଡା. ରଶ୍ମିତା ପାଣିଗ୍ରାହୀ ଏହି ଗ୍ରୁପ୍ ରକ୍ତ ଖୋଜିବା ଆରମ୍ଭ କରିଦେଇଥିଲେ। ରାଜ୍ୟବ୍ୟାପୀ ସମସ୍ତ ରକ୍ତଭଣ୍ଡାରକୁ ଏନେଇ ସୂଚନା ଦେଇଥିଲେ। ସେ ବିଭିନ୍ନ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମଧ ମେସେଜ୍ କରିଥିଲେ। ଭୁବନେଶ୍ୱରର ଏକ ଗ୍ରୁପ୍‌ରୁ ରାଉରକେଲାର ଦିଲୀପ ବାରିକ ନାମକ ଜଣେ ଯୁବକଙ୍କର ଗ୍ରୁପ୍ 'ବମ୍ବେ ଓ–ପଜିଟିଭ୍' ଥିବା ଜଣାପଡ଼ିଥିଲା। ପରେ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ଶନିବାର ଦିଲୀପ ରାଉରକେଲାରୁ ବ୍ରହ୍ମପୁର ଆସି ରକ୍ତ ଦେଇଛନ୍ତି। ରକ୍ତ ମିଳିବା ପରେ ସବିତାଙ୍କ ଚିକିତ୍ସା କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା ସୂଚନା ମିଳିଛି। ଏଭଳି ଭାବରେ ଡା. ପାଣିଗ୍ରାହୀଙ୍କ ଉଦ୍ୟମ ଏବଂ ଦିଲୀପଙ୍କ ସେବା ମନୋଭାବ ଯୋଗୁ ସବିତାଙ୍କ ଜୀବନ ବଞ୍ଚିଯାଇଛି। ଦିଲୀପଙ୍କ କହିବାନୁଯାୟୀ, ସେ ପୂର୍ବରୁ ୪ଥର ରକ୍ତ ଦେଇଛନ୍ତି। କିନ୍ତୁ ତାଙ୍କ ରକ୍ତ ବିରଳ ବୋଲି ସେ ଜାଣି ନ ଥିଲେ। ଜଣେ ଡାକ୍ତର ତାଙ୍କୁ ବମ୍ବେ ଓ–ପଜିଟିଭ୍ ରକ୍ତ ବିଷୟରେ କହିଥିଲେ। ଏଣୁ ସେ ଆଉ ରକ୍ତ ଦେଉ ନ ଥିଲେ। କେବଳ ଏଭଳି ଆବଶ୍ୟକ ସ୍ଥଳେ ହିଁ ରକ୍ତ ଦିଅନ୍ତି।

**କ'ଣ ଏହି ବମ୍ବେ ଓ-ପଜିଟିଭ୍ ରକ୍ତ**–ଭାରତରେ ଏହି ରକ୍ତ ଗ୍ରୁପ୍ ବିରଳ। ପ୍ରାୟ ଅଢ଼େଇ ଲକ୍ଷ ଲୋକଙ୍କ ଭିତରୁ ଜଣକ ପାଖରେ ଏହି ରକ୍ତ ଦେଖିବାକୁ ମିଳିଥାଏ। ୧୯୫୨ରେ ବମ୍ବେରେ ଏହି ରକ୍ତ ପ୍ରଥମ ଥର ପାଇଁ ଦେଖାଦେଇଥିଲା। ଏଣୁ 'ବମ୍ବେ ଓ–ପଜିଟିଭ୍' ବୋଲି ଏହାର ନାମ ଦିଆଯାଇଛି।

# ବେଆଇନ ବାଣ କାରଖାନାରେ ଚଢ଼ାଉ: ୧୨ ଗିରଫ

କଟକ ଅଫିସ, ୧୯।୧୦– ଜଗତପୁର ଥାନା ଅନ୍ତର୍ଗତ ମହାଜନପୁର, ହାତୀଖାନା ଓ ତ୍ରିଲୋଚନପୁର ଗାଁରେ ଥିବା ୮ଟି ବେଆଇନ ବାଣ କାରଖାନା ଉପରେ ଶନିବାର ଭୋରରେ କମିଶନରେଟ୍ ପୋଲିସ ଚଢାଉ କରିଥିଲା। ସେଠାରୁ ବାଣ ତିଆରିରେ ବ୍ୟବହୃତ ବିସ୍ଫୋରକ ରାସାୟନିକ ଦ୍ରବ୍ୟ ଜବତ କରାଯାଇଥିଲା। ଏହି ଘଟଣାରେ ଜଗତପୁର ପୋଲିସ ୧୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନରେନ୍ଦ୍ର ନାୟକ, ବୁଲୁ ମଲ୍ଲିକ, ଜଗା ମାଝୀ, ପ୍ରତାପ ଚନ୍ଦ୍ର ଘଡେଇ, ଯୋଗେନ୍ଦ୍ର ମାଝୀ, ରମେଶ ଚନ୍ଦ୍ର ଘଡେଇ, ବଟେଶ୍ୱର ଘଡେଇ, ଧନେଶ୍ୱର ଘଡେଇ, ସଞ୍ଜୟ ଘଡେଇ, ପ୍ରଶାନ୍ତ କୁମାର ସାହୁ, କୃଷ୍ଣଚନ୍ଦ୍ର ସାହୁ ଓ ରଞ୍ଜନ ଘଡେଇ। ଏ ନେଇ ଥାନାରେ ଏକ ମାମଲା(ନଂ.୩୩୯/୧୯) ରୁଜୁ ହୋଇଛି। ଜନବସତି ମଧ୍ୟରେ ସେମାନେ ବେଆଇନ ଭାବେ ବାଣ ତିଆରି କରିବା ସହ ଅତ୍ୟନ୍ତ ମାରାତ୍ମକ ରାସାୟନିକ ସାମଗ୍ରୀ ଗଚ୍ଛିତ ରଖିଥିଲେ। ବାଣ ତିଆରିରେ ଏହି ରାସାୟନ ଦ୍ରବ୍ୟ ବ୍ୟବହାର କରାଯାଉଥିଲା। ଶୋଇବା ଘରେ ବି ଅଭିଯୁକ୍ତମାନେ ବିସ୍ଫୋରକ ସାମଗ୍ରୀଗୁଡ଼ିକୁ ଲୁଚେଇ ରଖିଥିବା ଦେଖିବାକୁ ମିଳିଥିଲା ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।



## ଜିଲା ଚିଠି ଭଦ୍ରକ

# ସ୍ମାର୍ଟସିଟି ଭେଲିକି

ଭଦ୍ରକ ସହର ହେବ ସ୍ମାର୍ଟସିଟି। ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଏହି ସୂଚନା ଦିଆଯିବା ପରେ ସହରବାସୀ ଏହାକୁ ସ୍ୱାଗତ କରିଥିଲେ। ୪ ମାସ ତଳେ ପ୍ରାଥମିକ ପଦକ୍ଷେପ ସ୍ୱରୂପ ସହରର ମହତାବ ଛକଠାରୁ ଡାହାଣୀଗଡ଼ିଆ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ଜବରଦଖଲମୁକ୍ତ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଗତ ଜୁଲାଇ ମାସରେ ମହତାବ ଛକଠାରୁ ଅପର୍ତ୍ତିବିନ୍ଧା ଟ୍ରାଫିକ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱକୁ ଜେସିବି ଲଗାଇ ଜବରଦଖଲମୁକ୍ତ କରାଯାଇଥିଲା। ପରେ ଟ୍ରାଫିକ ଛକଠାରୁ ଘୋଷରା ନାଳ ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପାଖରେ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ସ୍ମାର୍ଟସିଟିକୁ ବ୍ୟବସାୟୀମାନେ ସ୍ୱାଗତ କରି ନିଜ ଆଡୁ ଦୋକାନ ଭାଙ୍ଗି ଉଠାଇ ନେଇଥିଲେ। ସବୁ ସ୍ତରରୁ ପ୍ରଶାସନକୁ ମିଳିଥିଲା ସହଯୋଗ। ଏବେ ଶତାଧିକ ଦୋକାନୀ ନିଜର ଜୀବିକା ହରାଇ ବସିଛନ୍ତି। ସହର ଭିତ୍ତିଭୂମିର ବିକାଶ ଯୋଜନା ଧିମେଇ ଯାଇଥିବାରୁ ଏ ନେଇ ସାଧାରଣରେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। କେହି କେହି ଏହାକୁ ସ୍ମାର୍ଟସିଟି ଭେଲିକି ବୋଲି କହୁଛନ୍ତି। ଅନ୍ୟପକ୍ଷେ ଉଚ୍ଛେଦ ଦୋକାନୀଙ୍କୁ ଥଇଥାନ କରାଯିବା ପ୍ରତିଶ୍ରୁତି କଥାରେ ସୀମିତ ରହିଛି। ଭୌଗୋଳିକ ଦୃଷ୍ଟିରୁ ଦେଖିଲେ ଭଦ୍ରକ ପୌରାଞ୍ଚଳ ସମେତ ଆଖପାଖ ଅଞ୍ଚଳ ଅନୁନ୍ନତ ଅବହେଳିତ । ସହର ମଧ୍ୟଭାଗ ଦେଇ ପ୍ରବାହିତ ସାଳନ୍ଦୀ ନଦୀ ପ୍ରଦୂଷିତ ହେବା ସହ କେତେକ ସ୍ଥାନରେ ପୋତିହୋଇ ପଡ଼ିଛି। ସହରର ରାସ୍ତାଘାଟ ଓ ବସ୍ତି ଅଞ୍ଚଳର ଭିତ୍ତିଭୂମି ବିକାଶ ବିନା ସ୍ମାର୍ଟସିଟି ପରିକଳ୍ପନା ଅଧୁରା ହୋଇ ରହିଯିବ। ପ୍ରଶାସନ ଭିତ୍ତିଭୂମି ସଜାଡ଼ିବା ଉଦ୍ୟମ ଆରମ୍ଭ କରି କାହିଁକି ନୀରବି ଯାଇଛି ଜଣାପଡୁ ନାହିଁ। ପ୍ରାଥମିକ ଅବସ୍ଥାରେ ରାଜନୈତିକ ସ୍ତରରେ ଯେଉଁଭଳି ତତ୍ପରତା ପ୍ରକାଶ ପାଇଥିଲା ତାହା ଆଉ ଦେଖିବାକୁ ମିଳୁ ନାହିଁ। ଗତ ୪ ମାସ ମଧ୍ୟରେ ରାସ୍ତାର ଗୋଟିଏ ପାଖ ଡ୍ରେନ୍ ନିର୍ମାଣ(ମାତ୍ର ଶହେ ମିଟର) କାର୍ଯ୍ୟ ଏଯାଏ ସରିପାରି ନାହିଁ। ଉଚ୍ଛେଦ ହୋଇଥିବା ଜାଗାକୁ ଏବେ ଅନ୍ୟ ଉଠାଦୋକାନୀମାନେ ମାଡ଼ି ବସିଛନ୍ତି। ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ନେଇ ପ୍ରଶାସନ ସମାଲୋଚନା ଘେରକୁ ଆସିଛି। ଟ୍ରାଫିକ ଛକଠାରୁ ଘୋଷରା ନାଳ ପର୍ଯ୍ୟନ୍ତ ଗୋଟିଏ ପାର୍ଶ୍ୱ ଉଚ୍ଛେଦ କରାଯାଇ ଅନ୍ୟ ପାର୍ଶ୍ୱକୁ ବାଦ୍ ଦିଆଯିବା ପଛରେ କ'ଣ କାରଣ ରହିଛି ତାହାର ଉତ୍ତର କାହାଠାରୁ ମିଳୁ ନାହିଁ। ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଗୁରୁତର ହେବାରେ ଲାଗିଛି। ଜବରଦଖଲ ଉଚ୍ଛେଦ ଲାଗି ପ୍ରଶାସନର ପଛଘୁଞ୍ଚା ସହରକୁ ସ୍ମାର୍ଟସିଟି କରିବା ପରିକଳ୍ପନାରେ ବାଧକ ସାଜିଥିବା ସଚେତନ ନାଗରିକମାନେ କହୁଛନ୍ତି। ପୂର୍ବରୁ ସହରର ସୌନ୍ଦର୍ଯ୍ୟକରଣ ଓ ଟ୍ରାଫିକ ସମସ୍ୟା ସୁଧାରିବା ଲାଗି ନିଆଯାଇଥିବା ପଦକ୍ଷେପ ଫସର ଫାଟି ଥିବାରୁ ଏବେକାର ସ୍ମାର୍ଟସିଟି ପରିକଳ୍ପନା ଅଧୁରା ରହିଯିବ ବୋଲି କେହି କେହି ଆଶଙ୍କା ବ୍ୟକ୍ତ କରୁଛନ୍ତି।

– ବିଷ୍ଣୁପ୍ରସାଦ ବେହେରା

## ପ୍ରଥମ ପୃଷ୍ଠାରୁ...

### ବିଜେପୁରରେ...

ମତଦାତାଙ୍କ ପାଇଁ ୨୮୫ଟି ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ୧୪୮ଟି ମତଦାନ କେନ୍ଦ୍ରକୁ ବ୍ରେଲ ବାଲଟ ପେପର ପଠାଯାଇଛି। ଏଥିପାଇଁ ୫୭୦ ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ଭୋଟ ଦେବାପାଇଁ ବିଭିନ୍ନ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଆସନ୍ତା ୨୧ ତାରିଖ ଭୋଟଗ୍ରହଣ ଦିବସକୁ ରାଜ୍ୟ ସରକାର ସବୈତନିକ ଛୁଟି ଦିବସ ଭାବେ ଘୋଷଣା କରିଛନ୍ତି। ଉକ୍ତ ଦିନ ନିର୍ବାଚନମଣ୍ଡଳି ଅନ୍ତର୍ଗତ ସମସ୍ତ ଶିଳ୍ପସଂସ୍ଥା, ଦୋକାନ ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ ବୋଲି କୁହାଯାଇଛି।

### ସରପଞ୍ଚଙ୍କ...

ଯାଇଥିବା ସ୍ମିତାରାଣୀ ହଠାତ୍ କାହିଁକି ଆତ୍ମହତ୍ୟା କଲେ ତାକୁ ନେଇ ବିଭିନ୍ନ କଥା ଉଠୁଛି। ସ୍ମିତାରାଣୀ ଗେଷ୍ଟ ହାଉସକୁ ଯିବା ସମୟରେ ସେଠାରେ ରୂପେଶଙ୍କ ସମେତ ଶାସକ ଦଳର ୨ ସମିତି ସଭ୍ୟ, ଜଣେ ଜିଲା ପରିଷଦ ସଭ୍ୟ ଏବଂ ଅନ୍ୟ ଜଣେ ଏକ ସିମେଣ୍ଟ କାରଖାନାର ଜଣେ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ତେଣୁ ସେଠାରେ କ'ଣ ସବୁ ଘଟିଲା ଏବଂ ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣାରେ ଅନ୍ୟମାନଙ୍କ ଭୂମିକା କ'ଣ ଥିଲା ସେନେଇ ଅଧିକ ଖୋଳତାଡ଼ କରିବା ପରିବର୍ତ୍ତେ ପୋଲିସ ଘଟଣାକୁ ଦବାଇବା ଉଦ୍ଦେଶ୍ୟରେ ଏପରି କରିଥିବା ଅଭିଯୋଗ ହେଉଛି। ଏହି ଘଟଣାରେ ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା(୧୬/୨୦୧୯) ରୁଜୁ କରିଥିଲା। ଏବେ ଆଉ ଏକ ମାମଲା(ନଂ.୪୮୧/୨୦୧୯) ରୁଜୁ କରି ରୂପେଶଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଛି। ତେବେ ଏହି ଘଟଣାରେ ଆଗାମୀ ଦିନରେ ପୋଲିସର କାର୍ଯ୍ୟାନୁଷ୍ଠାନ କ'ଣ ରହିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ସାତାକାନ୍ତ ସୌମ୍ୟରଞ୍ଜନ ମହନ୍ତି


ମଧୁସ୍ମିତା ସ୍ୱାଇଁ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ପୂର୍ବତନ ବିଧାୟକଙ୍କୁ ବାଚସ୍ପତିଙ୍କ ଚରମବାଣୀ ୩ ଦିନ ମଧ୍ୟରେ କ୍ୱାର୍ଟର୍ସ ଛାଡ଼



**ଭୁବନେଶ୍ୱର,୧୯।୧୦(ବ୍ୟୁରୋ)**

ଗତ ନିର୍ବାଚନରେ ହାରିବା ସତ୍ତ୍ୱେ ଅନେକ ପୂର୍ବତନ ବିଧାୟକ ସରକାରୀ କ୍ୱାର୍ଟର୍ସ ଛାଡୁ ନାହାନ୍ତି। ବାରମ୍ବାର ନୋଟିସ ଦେବା ପରେ ମଧ କୌଣସି ଫରକ ପଡୁନାହିଁ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଆସନ୍ତା ୩ଦିନ ମଧ୍ୟରେ ସରକାରୀ କ୍ୱାର୍ଟର୍ସ ଛାଡିବାକୁ ପୂର୍ବତନ ବିଧାୟକମାନଙ୍କୁ ଚରମବାଣୀ ଶୁଣାଇଛନ୍ତି। କିଛିଦିନ ତଳେ ବାଚସ୍ପତି ପୂର୍ବତନ ବିଧାୟକମାନଙ୍କୁ କ୍ୱାର୍ଟର୍ସ ଛାଡିବାକୁ ନୋଟିସ ଜାରି କରିଥିଲେ। ସେହି କ୍ୱାର୍ଟର୍ସଗୁଡିକରୁ ପାଣି ଓ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ସେମାନଙ୍କ ମଧ୍ୟରୁ ଅନେକେ ଏ ପର୍ଯ୍ୟନ୍ତ କ୍ୱାର୍ଟର୍ସ ହସ୍ତାନ୍ତର କରିନାହାନ୍ତି।

ବିଧାୟକ କଲୋନୀରେ ବହୁତଳ ଅଟ୍ଟାଳିକା ନିର୍ମାଣ କରିବାକୁ ଉଭୟ ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ସରକାରୀ କ୍ୱାର୍ଟର୍ସ ଖାଲି କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକମାନଙ୍କୁ ଅନ୍ୟତ୍ର କ୍ୱାର୍ଟର୍ସ ପ୍ରଦାନ କରାଯିବ। ନୋଟିସ ଦେବା ପରେ ମଧ କେତେ ଜଣ ପୂର୍ବତନ ବିଧାୟକ କ୍ୱାର୍ଟର୍ସ ଛାଡୁ ନାହାନ୍ତି ବୋଲି ବାଚସ୍ପତି ଗଣମାଧ୍ୟମକୁ କହିଛନ୍ତି। ବିଧାୟକ କଲୋନୀର ଅଧା କ୍ୱାର୍ଟର୍ସ ଭଙ୍ଗାଯାଇ ବହୁତଳ ଆପାର୍ଟମେଣ୍ଟ ନିର୍ମାଣ ହେବ। ୪୦୦ କୋଟି ଟଙ୍କାରେ ପ୍ରାୟ ୧୪୦ ୟୁନିଟ ତିଆରି ହେବ। ନୂଆ ଆପାର୍ଟମେଣ୍ଟ ହେବା ପରେ ବିଧାୟକମାନଙ୍କର ବାସଗୃହ ସମସ୍ୟା ଦୂର ହୋଇପାରିବ। ଆପାର୍ଟମେଣ୍ଟଗୁଡିକରେ କମ୍ୟୁନିଟି ହଲ୍‌ଠାରୁ ଆରମ୍ଭକରି କଲ୍ୟାଣମଣ୍ଡପ, ଜିମ୍ ଏବଂ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହେବ ବୋଲି ପାତ୍ର କହିଛନ୍ତି। ୨୬ ଜଣ ପୂର୍ବତନ ବିଧାୟକ ଏ ପର୍ଯ୍ୟନ୍ତ କ୍ୱାର୍ଟର୍ସ ଛାଡି ନ ଥିବା ଜଣାପଡ଼ିଛି।

# ସିବିଆଇ ତଦନ୍ତ ଦାବି କଲା ଭାଜପା

**ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

**ଭୁବନେଶ୍ୱର,୧୯।୧୦(ବ୍ୟୁରୋ)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାରେ ଭାଜପା ସିବିଆଇ ତଦନ୍ତ ଦାବି କରିଛି। ଏହି ପ୍ରସଙ୍ଗରେ ଭାଜପା ନେତା ତଥା ପୂର୍ବତନ ଡିଜିପି ପ୍ରକାଶ ମିଶ୍ର, ଭାଜପା ନେତ୍ରୀ ପ୍ରଭାତୀ ପରିଡା ଏବଂ ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ଶନିବାର ଖବରଦାତା ସମ୍ମିଳନୀ କରି ଶାସକ ଦଳକୁ ଟାର୍ଗେଟ କରିଛନ୍ତି।

ପ୍ରକାଶ ମିଶ୍ର କହିଥିଲେ ଯେ, ପିଇଓଙ୍କୁ ପ୍ରଥମେ ଗଣବଳାତ୍କାର ଏବଂ ପରେ ହତ୍ୟା କରାଯାଇଛି। ଏହା ପରେ ଶାସକ ଦଳ ଚାପରେ ପୋଲିସ ଏଯାବତ୍ ସମସ୍ତ ଅପରାଧୀମାନଙ୍କୁ ଗିରଫ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ କହିଛନ୍ତି। ସେହିପରି ଭାଜପା ନେତ୍ରୀ ଲେଖାଶ୍ରୀ କହିଥିଲେ ଯେ, ଭାଜପା ସ୍ଥାନୀୟ ଅଞ୍ଚଳ ଗସ୍ତ କରି ସରଜମିନ ତଦନ୍ତ କରିଛି। ପୋଲିସ ଘଟଣାର କୌଣସି ଅନୁସନ୍ଧାନ ନ କରି ଅଭିଯୁକ୍ତ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ କହିବା ଅନୁଯାୟୀ ତଦନ୍ତ କରୁଥିବା ଲେଖାଶ୍ରୀ ଅଭିଯୋଗ କରିଥିଲେ। ଯେଉଁ ପରିବେଶ ଓ ପରିପ୍ରେକ୍ଷୀରେ ଏହା ଘଟିଛି ସେଠାରେ ଏକାଧିକ ଲୋକ ଉପସ୍ଥିତ ଥିଲେ। ସେହି ଗେଷ୍ଟ ହାଉସରେ ମୃତକ ସ୍ମିତାରାଣୀ ବିଶ୍ୱାଳଙ୍କ ସମେତ ଅପରାଧୀ ରୂପେଶ ଭଦ୍ର ଓରଫ ନାଣ୍ଟୁ ଭଦ୍ର, ୨ ଜଣ ଶାସକ ଦଳ ସମିତିସଭ୍ୟ, ଜଣେ ଜିଲା ପରିଷଦ ସଦସ୍ୟ ଏବଂ ସିମେଣ୍ଟ କମ୍ପାନୀର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ । ତେଣୁ ସ୍ମିତାରାଣୀଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ, ତାଙ୍କୁ ବଳାତ୍କାର କରାଯିବା ସହ ହତ୍ୟା କରାଯାଇଥିବା ଲେଖାଶ୍ରୀ କହିଛନ୍ତି।

ଅପରାହ୍ନରେ ଘଟଣାକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କୁ ପୋଲିସ ଗିରଫ କରିଛି। ଏହା ପରେ ଯାଜପୁର ଏସ୍‌ପି ଚରଣସିଂ ମୀନା ଖବରଦାତା ସମ୍ମିଳନୀ କରି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଏହା ହତ୍ୟା ନୁହେଁ, ଆତ୍ମହତ୍ୟା। ସ୍ମିତାରାଣୀଙ୍କୁ ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇବା ଅଭିଯୋଗରେ ସରପଞ୍ଚଙ୍କ ସ୍ୱାମୀ ରୂପେଶଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି କହିଛନ୍ତି। ଅପରପକ୍ଷରେ ଏସ୍‌ପିଙ୍କ ଏପରି ଆଚରଣକୁ ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ଶନିବାର ସନ୍ଧ୍ୟାରେ ପୁନର୍ବାର ଖବରଦାତା ସମ୍ମିଳନୀ କରି ଲେଖାଶ୍ରୀ କହିଥିଲେ ଯେ, ଏସ୍‌ପି ଖବରଦାତା ସମ୍ମିଳନୀ କରି ତଦନ୍ତକୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଛନ୍ତି। ଏହା ପଛରେ ଷଡଯନ୍ତ୍ର ରହିଛି। ଗେଷ୍ଟ ହାଉସରୁ ସିସିଟିଭିକୁ ଉଭାନ କରାଯାଇଛି। ଏକାଧିକ ଅଭିଯୁକ୍ତ ରହିଥିଲେ ବି ଜଣଙ୍କୁ ଗିରଫ କରାଯାଇଛି, ତେଣୁ ଏହି ଘଟଣାର ତଦନ୍ତଭାର ରାଜ୍ୟ ସରକାର ସିବିଆଇକୁ ଦିଅନ୍ତୁ ବୋଲି ଲେଖାଶ୍ରୀ କହିଛନ୍ତି। ଅପରପକ୍ଷରେ ଭାଜପା ଦ୍ୱାରା ଅଣାଯାଇଥିବା ଅଭିଯୋଗକୁ ବିଜେଡି ଗଣମାଧ୍ୟମ ସଂଯୋଜକ ସସ୍ମିତ ପାତ୍ର ଖଣ୍ଡନ କରିଛନ୍ତି। ସସ୍ମିତ କହିଛନ୍ତି ଯେ, ଘଟଣାଟିର ତଦନ୍ତ ପୋଲିସ ଦ୍ୱାରା ଜାରି ରହିଛି। ତେଣୁ ଏଭଳି ଏକ ସ୍ପର୍ଶକାତର ଭାଜପା ଏବଂ ଅନ୍ୟ ବିରୋଧୀ ଦଳ ରାଜନୈତିକ ରଙ୍ଗ ଦିଅନ୍ତୁ ନାହିଁ। ତଦନ୍ତ ଠିକ୍ ବାଟରେ ହେଉଥିବା ସସ୍ମିତ କହିଛନ୍ତି।

# ଓଏଚ୍ଆର୍‌ସି, ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ଭେଟିଲା କଂଗ୍ରେସ

**ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)**

ଯାଜପୁର ଜିଲା ହରିଦାସପୁର ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତଦେହ ସରପଞ୍ଚଙ୍କ ଗେଷ୍ଟହାଉସ୍‌ରୁ ମିଳିବା ଘଟଣାକୁ ନେଇ ପ୍ରଦେଶ କଂଗ୍ରେସ ତଥ୍ୟ ଅନୁସନ୍ଧାନକାରୀ କମିଟି ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି) ଓ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ଶନିବାର ଭେଟିଛି। ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିସହ ତାଙ୍କ ପରିବାର ଓ ସାକ୍ଷୀଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ନିବେଦନ କରାଯାଇଛି।

ଅନ୍ୟପକ୍ଷରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମ୍‌ଙ୍କ ନେତୃତ୍ୱରେ ୧୧ ଜଣିଆ ତଥ୍ୟ ଅନୁଧାନକାରୀ କମିଟି ଶୁକ୍ରବାର ଘଟଣାସ୍ଥଳ ପରିଦର୍ଶନ କରି ପୀଡିତାଙ୍କ ପରିବାରବର୍ଗଙ୍କୁ ଭେଟିଥିଲେ। ଶନିବାର ଟିମ୍ ସଦସ୍ୟମାନେ ପ୍ରଥମେ ଓଏଚ୍ଆର୍‌ସିଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। କମିଶନ ଅଧ୍ୟକ୍ଷ ଜଷ୍ଟିସ ବି.ପି. ଦାସ, ସଦସ୍ୟ ଅସୀମ ଅମିତାଭ ଦାସ ମୃତା ସ୍ମିତାଙ୍କ ଝିଅର ଲାଳନପାଳନ ପାଇଁ ୫ ହଜାର ଟଙ୍କା ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସହ ଘଟଣାର ସମସ୍ତ କେସ୍ ରେକର୍ଡ଼ ଓ କେସ ଡାଇରୀକୁ ଆସନ୍ତା ୩୦ ତାରିଖ ସୁଦ୍ଧା କମିଶନଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିନିଧି ଦଳରେ ସତ୍ୟପ୍ରକାଶ ନାୟକ, ରଜନୀ କୁମାର ମହାନ୍ତି, ସୁଦର୍ଶନ ଦାସ, ବିଶ୍ୱଜିତ୍ ଦାସ, ଅମୀୟ ପାଣ୍ଡବ, ସ୍ମୃତିରେଖା ପହି, ପଦ୍ମାକର ଗୁରୁ, ମନୋଜ ରାଉତ, ନିକୁଞ୍ଜ ପଶାୟତ ଓ ଦୀପକ ମହାପାତ୍ର ସାମିଲ ଥିଲେ।

**ଏସ୍‌ପିଙ୍କ ସୂଚନାକୁ ବିରୋଧ, ଆନ୍ଦୋଳନ ଚେତାବନୀ**

ପ୍ରଦେଶ କଂଗ୍ରେସ ତଥ୍ୟ ଅନୁସନ୍ଧାନକାରୀ କମିଟି କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀ କରି ଯାଜପୁର ଏସ୍‌ପିଙ୍କ ସୂଚନାକୁ ତୀବ୍ର ବିରୋଧ କରିଥିଲେ। ମହିଳା ପିଇଓ ଆତ୍ମହତ୍ୟା କରିଥିବା ନେଇ ଏସ୍‌ପି ମନଗଢ଼ା କାହାଣୀ କହୁଛନ୍ତି। ଉକ୍ତ ଗେଷ୍ଟ ହାଉସରେ ଭାଙ୍ଗି ଦିଆଯାଇଥିବା ସିସି କ୍ୟାମେରା ହାର୍ଡଡିସ୍କ ଯାଞ୍ଚ କଲେ ସବୁସତ ଧରାପଡ଼ିବ। ଉପଯୁକ୍ତ ନ୍ୟାୟ ନ ମିଳିଲେ କଂଗ୍ରେସ ରାଜ୍ୟବ୍ୟାପୀ ଜନଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଆପଣଙ୍କର ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହେବ, ବିବାଦର ସମାଧାନ, ଅବୁଝା ବନ୍ଧୁଙ୍କୁ ବୁଝାଇ ମନେଇବାରେ ମଧ ସମର୍ଥ ହୋଇପାରିବେ। ମନ ଚାହୁଁଥିବା ଜିନିଷ ଲାଭ କରିବା ଦିଗରେ ଚେଷ୍ଟା ଅବ୍ୟାହତ ରଖନ୍ତୁ, ଆଶା ପୂରଣ ହେବ। ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନରେ ସମୟ କଟାଇବେ।

**ବୃଷ** – କର୍ମକ୍ଷେତ୍ରରେ ଅବହେଳାଜନିତ ଅଟକି ରହିଥିବା କାମଗୁଡ଼ିକୁ ତ୍ୱରାନ୍ୱିତ କରାଇବାରେ ଚେଷ୍ଟିତ ହେବେ। ଆଶା କରୁଥିବା ଦିଗରୁ ଧନପ୍ରାପ୍ତି ହୋଇପାରେ। ଜମିଜମା, କଚେରି ମାମଲା, ଆଲୋଚନା ସଭା ଓ ଲେଖାପଢ଼ା ଦିଗରୁ ଉପକୃତ ହେବେ। ସ୍ୱରାଶିସ୍ଥ ଚନ୍ଦ୍ର ଆତ୍ମୀୟମାନଙ୍କ ସ୍ନେହ, ଶ୍ରଦ୍ଧା ଓ ସଦିଚ୍ଛା ଦାନରେ ସହାୟକ ହୋଇପାରନ୍ତି।

**ମିଥୁନ** – ଦୀର୍ଘଦିନରୁ ଚେଷ୍ଟା କରୁଥିବା ଦିଗରୁ ଅର୍ଥଲାଭ ଓ ସମ୍ମାନ ସାଙ୍ଗକୁ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭକରି ଖୁସି ରହିବେ। ପରିବାରର ଆବଶ୍ୟକତାକୁ ନେଇ ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅଫିସ୍ କାମରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ବ୍ୟବସାୟରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ।

**କର୍କଟ** – ଆଜିର ଅଫିସ କାମରେ ଭାବପ୍ରବଣତାବଶତଃ କିମ୍ବା ନିଜର କ୍ଷମତାର ଅପବ୍ୟବହାରଜନିତ ବିରକ୍ତିକର କଥା କହି ଅପଦସ୍ଥ ହେବେ। ପରକଥାରେ ପ୍ରଭାବିତହୋଇ ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଜମିଜମା କାରବାର ବୃଦ୍ଧି ପାଇଁ ଚେଷ୍ଟା କଲେ ଉପକୃତ ହେବେ।

**ସିଂହ** – ଆପଣଙ୍କ କଥା ଓ କାମରେ ମେଳ ନ ରହିବା କାରଣରୁ ଆଜି ଆପଣ ଅନ୍ୟମାନଙ୍କ ସକାଶେ ଅବିଶ୍ୱାସର ପାତ୍ର ହୋଇପାରନ୍ତି। ପାରିବାରିକ ଆବଶ୍ୟକତାକୁ ନେଇ ବ୍ୟୟର ମାତ୍ରା କ୍ରମଶଃ ବୃଦ୍ଧି ହେତୁ ମାନସିକ ଅବସାଦ ବୃଦ୍ଧି ପାଇବ। ଏକାଧିକ ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା** – ଆପଣ ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ଋଣ ଉଠାଣ, ଲଟେରି କାରବାରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ ଏବଂ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି।

**ତୁଳା** – ପରିବାର ଭିତରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବେ ଓ ସଫଳତା ମଧ ପାଇବେ। ବନ୍ଧୁମାନଙ୍କ ସହ ହସ ଖୁସିରେ ସମୟ ଅତିବାହିତ ହେବ। ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସହ ନୂତନ ସ୍ଥାନ ପରିଦର୍ଶନଜନିତ ଅହେତୁକ କଳ୍ପନାରେ ମସ୍‌ଗୁଲ ରହିବେ।

**ବିଛା** – ପାରିପାର୍ଶ୍ୱିକ ପରିବେଶ ଓ ପରିସ୍ଥିତିକୁ ନେଇ ସାମାନ୍ୟ ଅସ୍ଥିରତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଯାତ୍ରା କରିବାକୁ ପ୍ରସ୍ତୁତିପର୍ବରେ ଲାଗିପାରନ୍ତି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ। ରାଜନୈତିକ ସ୍ଥିତି, ଅର୍ଥନୈତିକ ପ୍ରଗତି ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ମଧ ବୃଦ୍ଧି ପାଇବ।

**ଧନୁ** – ନିଜ ଲୋକଙ୍କ ଚକ୍ଷୁଶୂଳର କାରଣ ସ୍ୱରୂପ ଶ୍ରଦ୍ଧା, ସମ୍ମାନ ଓ ଆଦରର ନ୍ୟୂନତା ଉପଲବ୍ଧି କରିବେ। କର୍ମକ୍ଷେତ୍ରରେ ଅସହଯୋଗ କାରଣଜନିତ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କୌଣସି ବିଶ୍ୱସନୀୟ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କରିବେ।

**ମକର** – କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ। ବିବଦୀୟ ଘଟଣାରେ ବନ୍ଧୁଙ୍କ ମଧ୍ୟସ୍ଥତା ଭଲ କାମ ଦେବ ଓ ମାମଲା ଫଇସଲା ହୋଇଯାଇପାରେ।

**କୁମ୍ଭ** – ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟ ଓ ସାହସିକତାର ଭିତ୍ତିଭୂମିରେ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ। ଘର ସାଜସଜ୍ଜା, ନିର୍ମାଣ, ନୃତ୍ୟ ଓ ସଙ୍ଗୀତରେ ମଜ୍ଜିରହିପାରନ୍ତି। ଆର୍ଥିକ ଦିଗଟି ଭଲ ରହିବ ଓ କୌଣସି ଜନହିତକର କାମରେ ତାହାକୁ ବିନିଯୋଗ କରିବା ପାଇଁ ଚିନ୍ତା କରିବେ। ଯାତ୍ରାରେ କଳହ ଲାଗିପାରେ।

**ମୀନ** – ଆପଣଙ୍କ ଲୋକପ୍ରିୟତା ଓ ପ୍ରଶଂସା ଅନ୍ୟମାନଙ୍କର ଗାତ୍ରଦାହର କାରଣ ହୋଇପାରେ। ଜଣେ ବ୍ୟକ୍ତି କର୍ମକ୍ଷେତ୍ରରେ ହଠାତ୍ ଅସହଯୋଗ କରି ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରନ୍ତି ,ଫଳତଃ କେତେକ କ୍ଷେତ୍ରରେ ଯେତେ ଭଲ କାମ କଲେ ସୁଦ୍ଧା କର୍ମକ୍ଷେତ୍ରରେ ସମାଲୋଚିତ ହେବେ। ତଥାପି ଅଭିଳଷିତ କାମରେ ଉନ୍ନତି ପରିଲକ୍ଷିତ ହୋଇପାରେ।

ଆଜି କାର୍ତ୍ତିକ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ଅକ୍ଟୋବର ୨୦ ତାରିଖ,ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ, ଆନ୍ତର୍ଜାତିକ ଶିଶୁଦିବସ, ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ଜୟନ୍ତୀ, ରାଶି ନକ୍ଷତ୍ର–ଆରଦ୍ରା/ମିଥୁନ, ମେଷ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୬।୩୨ମି. ଗତେ ଘ୮।୫୦ମି. ମଧ୍ୟେ, ଘ୧୧।୫୪ମି. ଗତେ ଘ୨।୫୮ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୫ମି. ଗତେ ଘ୧୦।୧୯ମି. ମଧ୍ୟେ, ଘ୧।୨୮ମି. ଗତେ, ଘ୩।୦୦ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୫୦ମି. ଗତେ ଘ୫।୧୬ମି. ମଧ୍ୟେ ରାହୁକାଳ।




## ୪ ଓପିଏସ୍ ଅଧିକାରୀଙ୍କ ବଦଳି

କଟକ ଅଫିସ, ୧୯।୧୦– ଷ୍ଟେଟ୍ ପୋଲିସ ଏଷ୍ଟାବ୍ଲିସ୍‌ମେଣ୍ଟ ବୋର୍ଡର ନିଷ୍ପତ୍ତିକ୍ରମେ ଓଡ଼ିଶା ପୋଲିସର ୪ଜଣ ଓଡ଼ିଶା ପୋଲିସ ସର୍ଭିସ(ଓପିଏସ୍) ସ୍ତରର ଅଧିକାରୀଙ୍କ ବଦଳି କରାଯାଇଛି। ଡିଜିପି ବିଜୟ କୁମାର ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏ ନେଇ ଶନିବାର ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତାଳଚେରରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ସନ୍ତୋଷ କୁମାର ମିଶ୍ରଙ୍କୁ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ଝାରସୁଗୁଡା ପିସିଆରସେଲର ଡିଏସ୍‌ପି ଏମ. ମିଞ୍ଜ, କୋରାପୁଟ ଡିଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ ଓ ଭୁବନେଶ୍ୱର ଡିଏସ୍‌ପି ଉଦୟଭାନୁ ମିଶ୍ରଙ୍କୁ ଭିଜିଲାନ୍ସ ଡିଏସ୍‌ପି ଭାବେ ବଦଳି କରାଯାଇଛି।






କେନ୍ଦ୍ରାପଡ଼ାରେ ଧନଦାତ୍ରୀଙ୍କ ପୂଜା
ଦେଖନ୍ତୁ ଭିଡିଓ
YouTube /dharitrilive

■ବଲାଙ୍ଗୀର ଶ୍ରମ ଅଫିସରେ ଷ୍ଟିଙ୍ଗ୍ ଅପରେଶନ

# କିରାଣିଙ୍କ ପରେ କମିଶନର ଲାଞ୍ଚ ନେଲେ


ଭାଇରାଲ ହୋଇଥିବା ଭିଡିଓ ।

■ଭିଡିଓ ଭାଇରାଲ, କିରାଣି ନିଲମ୍ବିତ
■ଏଏଲଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବାକି

**ବଲାଙ୍ଗୀର ଅଫିସ, ୧୯।୧୦** ବଲାଙ୍ଗୀର ଜିଲା ଶ୍ରମ ଅଫିସରେ ଖୋଲାଖୋଲି ଲାଞ୍ଚ କାରବାର ଚାଲିଥିବାର ଏକ ଭିଡ଼ିଓ ଭାଇରାଲ ହୋଇଛି। ଭାଇରାଲ ଭିଡିଓରେ ଜିଲା ଶ୍ରମ ଅଫିସର ଜଣେ କିରାଣି ବଲ୍ଲଭ ନାଗ ୧ହଜାର ଟଙ୍କା ଲାଞ୍ଚ ନେଉଥିବା ଦେଖାଯାଇଛି। ଜଣେ ଦାଦନ ସର୍ଦ୍ଦାରଙ୍କ କାଗଜପତ୍ର କରିଦେବା ପାଇଁ ସେ ଲାଞ୍ଚ ନେଉଥିବା ଦୃଶ୍ୟ ଭିଡିଓରେ ରହିଛି। ଏହି ଅଫିସରେ ଟଙ୍କା ନ ଦେଲେ କାମ ହୁଏ ନାହିଁ ବୋଲି ନାଗ କହୁଥିବା ଏଥିରେ ଶୁଣାଯାଉଛି। କିରାଣିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଶନର ପ୍ରସ୍ତୁତ ହେଉଥିବା ବେଳେ ତାଙ୍କ ବିରୋଧରେ ବି ଲାଞ୍ଚ ଅଭିଯୋଗ ଆସିଛି। ଏହି ଭିଡ଼ିଓ ସୋସିଆଲ ଗଣମାଧ୍ୟମରେ ଭାଇରାଲ ହେବା ପରେ କିରାଣି ନାଗଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ତେବେ ସହକାରୀ ଶ୍ରମ କମିଶନର ସରୋଜ କୁମାର ରଞ୍ଜିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏ ନେଇ ରାଜ୍ୟ ଶ୍ରମ କମିଶନର ବିଭାଗ ବିଚାର କରୁଥିବା ଜଣାପଡ଼ିଛି।

ରାଜ୍ୟ ବାହାରକୁ ଦାଦନ ଶ୍ରମିକ ନେବାକୁ ଚାହୁଁଥିବା ଜଣେ ଦାଦନ ସର୍ଦ୍ଦାର ସମସ୍ତ କାଗଜପତ୍ର ଦାଖଲ କରି ଜିଲା ଶ୍ରମ ଅଫିସରୁ ବିଧିବଦ୍ଧ ସ୍ୱୀକୃତି ଚାହିଁଥିଲେ। ପରେ ସମ୍ପୃକ୍ତ ଦାଦନ ସର୍ଦ୍ଦାରଙ୍କୁ ଶ୍ରମ ଅଫିସରେ ଲାଞ୍ଚ ମଗାଯିବାରୁ ସେ ଷ୍ଟିଙ୍ଗ୍ ଅପରେଶନ କରିଥିବା ଜଣାପଡ଼ିଛି। ରାଜ୍ୟ ସରକାର '୫–ଟି'ଲାଗୁ କରି ପ୍ରଶାସନକୁ ସ୍ୱଚ୍ଛ କରିବା ଉପରେ ଜୋର ଦେଉଥିବା ବେଳେ ବଲାଙ୍ଗୀର ଶ୍ରମ ଅଫିସରେ କିରାଣୀ ଓ ସହକାରୀ ଶ୍ରମ କମିଶନରଙ୍କ ଖୋଲାଖୋଲି ଲାଞ୍ଚ ନେବାର ଭିଡ଼ିଓ ଭାଇରାଲ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।






**Terms & Conditions Apply. *Warranty - Please refer our website www.voltasbeko.com for details on Product Warranty. ^Refrigerators with 30 days Freshness - Based on test reports by third parties under standard test conditions specific fruits and vegetables stay fresh much longer in comparison to other refrigerators without StoreFresh+. Offer Period : 1st Oct & 31st Oct 2019. Paper Finance T&C : 10 % cashback subject to a max of Rs. 7000 on HDFC, IDFC First and HDBFS, applicable for 20k plus asset cost and select models. Credit & Debit Card T&C : Offer only applicable on transactions done through pine labs machine under 'Brand EMI'(3/6/9/12) option only. 10% Cash back on HDFC, ICICI, Axis credit and Debit Card and Kotak Credit Card. Minimum Transaction Amount eligible for cashback will be 20,000 for HDFC, AXIS and Kotak Cards. And 10000 for ICICI cards. Maximum cashback for 10% cashback will be up to Rs. 7000. For detailed Finance Terms & Conditions, Cash back mentioned on the charge slip will be considered as final without any dispute. 0 Down payment offer is applicable on select models. please visit voltasbeko.com/festive-offer. * Price under exchange, Value of the old product will be determine on the sole discretion of dealer. **T&C apply. Finance offer at the sole discretion of the financier.
**REGISTERED OFFICE:** Voltbek Home Appliances Private Limited (CIN: U29308MH2017PTC298742), Voltas House 'A', Dr. Babasaheb Ambedkar Road, Chinchpokli, Mumbai - 400033, Phone: 022- 66656666. **CORPORATE OFFICE:** Voltbek Home Appliances Private Limited, A - 43, Mohan Co-operative Industrial Estate, Mathura Road, New Delhi - 110044. Phone: 011-66505550. **Brand Shops : Bhubaneswar:** (First Choice) -9437364399 / 8249189634, **Cuttack :** (Climax ) - 9437024928 /9438677112, **Berhampur :** (Kalinga Enterprises) - 8984511292 / 9861328990, **Jajpur Road :** (Dewpoint) - 9040087121 / 9439826708.

# ଆତଙ୍କବାଦ ଓ ପାକିସ୍ତାନ



ଆକାର ପଟେଲ

ମାନି ଲଣ୍ଡରିଂ (କଳାଧନକୁ ବୈଧ କରିବା) ଓ ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଣ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫ୍ଏଟିଏଫ୍) ପକ୍ଷରୁ ପାକିସ୍ତାନକୁ ଆଉ ଚାରିମାସ ମହଲତ ଦିଆଯାଇଛି। ଗତ ଜୁନ୍‌ମାସରେ ଦିଆଯାଇଥିବା ଶେଷ ସମୟସୀମା ଭିତରେ ଏହି ଦେଶ ଏ କ୍ଷେତ୍ରରେ ବିଶେଷ କିଛି ସଫଳତା ପାଇପାରି ନାହିଁ। ୨୭ଟି ବିଷୟରେ କାର୍ଯ୍ୟାନୁଷ୍ଠାନ ନେବାକୁ ଥିବାବେଳେ ପାକିସ୍ତାନ ଏ ପର୍ଯ୍ୟନ୍ତ ମାତ୍ର ୫ଟି ବିଷୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗ୍ରେ ତାଲିକାରେ ଥିବା ଅନ୍ୟ ଦେଶଗୁଡ଼ିକ ମଧ୍ୟରୁ ଶ୍ରୀଲଙ୍କା, ଟ୍ୟୁନିସିଆ ଓ ଇଥିଓପିଆକୁ ବାଦ୍ ଦିଆଯାଇଛି। ଅନ୍ୟ ତିନୋଟି ଦେଶ ଆଇସ୍‌ଲାଣ୍ଡ, ମଙ୍ଗୋଲିଆ ଓ ଜିମ୍ବାୱେ ଗ୍ରେ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ମାତ୍ର ଦୁଇଟି ଦେଶ ଇରାନ ଓ ଉତ୍ତର କୋରିଆ କଳା ତାଲିକାଭୁକ୍ତ ହୋଇଛନ୍ତି। ଏଫ୍ଏଟିଏଫ୍ ମୁଖ୍ୟତଃ କାର୍ଯ୍ୟାନୁଷ୍ଠାନ ଯୋଜନାକୁ କାର୍ଯ୍ୟକାରୀ କରିବା ଲାଗି ପାକିସ୍ତାନର ଯେଉଁ କ୍ଷମତା ଅଛି ବୋଲି ଦାବି କରିଛି, ତାହା ପାକିସ୍ତାନ ନିଜେ କହିଛି। ଦ୍ୱିତୀୟତଃ ଟଙ୍କା ହସ୍ତାନ୍ତର ସମସ୍ୟା ନିର୍ଦ୍ଦିଷ୍ଟ ଭାବେ ପାକିସ୍ତାନର ସମସ୍ୟା ନୁହେଁ। ପାକିସ୍ତାନର ଅର୍ଥମନ୍ତ୍ରୀ ହମ୍ମଦ ଆଝାର ଏଫ୍ଏଟିଏଫ୍ ଆଗରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଏଫ୍ଏଟିଏଫ୍ ଚାହୁଁଛି ପାକିସ୍ତାନ କ୍ୟାଶ୍ କୋରିୟର ଉପରେ ନିୟନ୍ତ୍ରଣ ରଖୁ ଯାହା ମାଧ୍ୟମରେ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ କରାଯାଉଛି।

ତେବେ ପ୍ରକୃତ ସମସ୍ୟା ବିଷୟରେ ଆମେ ଜାଣିବା ଦରକାର। ଦକ୍ଷିଣ ଏସିଆରେ ହୀରା ବ୍ୟବସାୟକୁ ଅର୍ଥ ଯୋଗାଣ ସମେତ ବିଭିନ୍ନ ଉଦ୍ଦେଶ୍ୟରେ ସାଧାରଣ ପ୍ରଣାଳୀ ବାହାରେ ଯେଉଁ ନେଟ୍‌ୱାର୍କ ଚାଲିଛି, କ୍ୟାଶ୍ କୋରିୟର ହେଉଛି ତାହାର ଏକ ଅଂଶ। ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମଧ୍ୟ ପାକିସ୍ତାନ ବା ଭାରତ ପକ୍ଷେ ଏ ନେଟ୍‌ୱାର୍କକୁ ବନ୍ଦ କରିବା କଷ୍ଟକର। ପାରମ୍ପରିକ ପଦ୍ଧତିରେ କଳାଟଙ୍କାକୁ ନିୟନ୍ତ୍ରଣ କରିବା ସମ୍ଭବ ନ ହେବାରୁ ୨୦୧୬-୧୭ରେ ବିମୁଦ୍ରୀକରଣ ଭଳି ପଦକ୍ଷେପ ନେଇ ଭାରତ ନିଜର ଅର୍ଥନୀତିକୁ ବ୍ୟାପକ କ୍ଷତି ପହଞ୍ଚାଇଥିଲା। ତା' ସତ୍ତ୍ୱେ ଭାରତରେ କଳାଟଙ୍କା ଧଳା ହେବାର ପ୍ରକ୍ରିୟା ବନ୍ଦ ହୋଇ ନାହିଁ। ପାକିସ୍ତାନ ପାଇଁ ଦ୍ୱିତୀୟ ସମସ୍ୟା ହେଉଛି ଏହା ଧାର୍ମିକ, ସମାଜସେବା, ଗୋଷ୍ଠୀସେବା ଆଦି ସହ ଜଡ଼ିତ ସଂଗଠନଗୁଡ଼ିକୁ ହିଂସାକାଣ୍ଡ ଘଟାଉଥିବା ସଂଗଠନଠାରୁ ଅଲଗା କରି ନ ପାରିବା। ପାକିସ୍ତାନରେ ଲଶ୍କର-ଇ-ତୋଇବା ଓ ଜୈଶ୍-ଇ-ମହମ୍ମଦ ପରି ଆତଙ୍କବାଦୀ ସଂଗଠନ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ହୋଇ ବ୍ୟାପକ ଗୋଷ୍ଠୀସେବା ପ୍ରଦାନ କରି ଆସୁଛନ୍ତି। ଯେତେବେଳେ ବନ୍ୟା କି ଭୂମିକମ୍ପ ହେଉଛି ଏହି ସଂଗଠନଗୁଡ଼ିକ ବହୁସଂଖ୍ୟାରେ ସ୍ୱେଚ୍ଛାସେବୀ ଓ ରିଲିଫ ସାମଗ୍ରୀ ପଠାଇ ପ୍ରଭାବିତ ଅଞ୍ଚଳରେ ସେବା ଯୋଗାଉଛନ୍ତି। ଏହି କାରଣରୁ ସହରାଞ୍ଚଳରେ ସେମାନଙ୍କର ବ୍ୟାପକ ଉପସ୍ଥିତି ରହିବା ସହ ସେବା ନାମରେ ସେମାନେ ବିପୁଳ ପାଣ୍ଠି ମଧ୍ୟ ଆଦାୟ କରୁଛନ୍ତି। ପୁଣି ଏହି କାରଣରୁ ରାଜନୀତିରେ ମଧ୍ୟ ସେମାନଙ୍କର ଯୋଗଦାନ ରହୁଛି ଏବଂ କୌଣସି ପ୍ରାର୍ଥୀଙ୍କୁ ସମର୍ଥନ କରିବା, ତାଙ୍କ ପାଇଁ ପ୍ରଚାର କରି ଜିତାଇବା ଓ ଆଇନ ତିଆରି କରିବାରେ ସେମାନଙ୍କର ଭୂମିକା ରହୁଛି। ଅବଶ୍ୟ ଏହା ବିପଜ୍ଜନକ ଏବଂ ପାକିସ୍ତାନ ତା' ଉପରେ ରୋକ୍ ଲଗାଇବା ଉଚିତ କିନ୍ତୁ କଳାଟଙ୍କାକୁ ରୋକିବା ପରି ଏହାକୁ ରୋକିବା ମଧ୍ୟ ଅତ୍ୟନ୍ତ କଷ୍ଟକର। ୯/୧୧ ଆକ୍ରମଣ ଏବଂ ଭାରତୀୟ ପାର୍ଲାମେଣ୍ଟ ଉପରେ ଆକ୍ରମଣ ପରେ ରାଷ୍ଟ୍ରପତି ପରଭେଜ ମୁଶରଫ ଦେଓବନ୍ଦୀ ଓ ସଲାଫି ଗୋଷ୍ଠୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

ଭାରତର ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣ ଓ ତଜ୍ଜନିତ ହିଂସା ଯୋଗୁ ମୃତ୍ୟୁସଂଖ୍ୟା କମିବାରେ ଲାଗିଥିଲା। ୨୦୦୧ରେ ୪୦୦୦ ମୃତ୍ୟୁ ଘଟିଥିବାବେଳେ ୨୦୦୨ରେ ଏହା ୩୦୦୦କୁ କମିଲା। ତା'ପରେ ୨୦୦୩ରେ ୨୦୦୦, ୨୦୦୪ରେ ୧୦୦୦, ୨୦୦୮ରେ ୫୦୦ ଓ ୨୦୦୯ରେ ୩୦୦ ମୃତ୍ୟୁ ଘଟିଛି। ଅର୍ଥାତ୍ ମନମୋହନ ସିଂଙ୍କ ସମୟରେ ମୃତ୍ୟୁସଂଖ୍ୟା କମିଥିବା ବେଳେ ଏବେ ତାହା ପୁଣି ବୃଦ୍ଧି ପାଇବାରେ ଲାଗିଛି। ଗତବର୍ଷ ୪୫୦ ଜଣଙ୍କର ମୃତ୍ୟୁ ହୋଇଥିଲା। ଚଳିତବର୍ଷ ଆହୁରି ଅଧିକ ହୋଇପାରେ। ଭାରତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ବାଡ଼ ଦେଇଛି ଏବଂ ପୋଲିସ ଭାବୁଛି ଯେ ଏହା ଭିତରଦେଇ ଅନୁପ୍ରବେଶ ବା ବହିର୍ଗମନ ଅତ୍ୟନ୍ତ କଠିନ। ଅର୍ଥାତ୍ ଏଥିରେ ପାକିସ୍ତାନର ଭୂମିକା ସୀମିତ ଏବଂ ସ୍ଥାନୀୟ ଯୁବକମାନେ ବାଡ଼ ଡେଇଁ ସେପଟକୁ ଯାଇ ତାଲିମ ନେଇ ପାରିବେ ନାହିଁ। ତେଣୁ କଶ୍ମୀରୀ ଯୁବକମାନେ ହିଁ ଦେଶ ବିରୋଧରେ ଲଢ଼ିବାକୁ ଯାଇ ଭାରତୀୟ ସେନାକୁ ଅସ୍ତବ୍ୟସ୍ତ କରିପକାଉଛନ୍ତି।

ପାକିସ୍ତାନ ଯେଉଁ ସଂଗଠନଗୁଡ଼ିକୁ ସାହାଯ୍ୟ ଯୋଗାଇ ଦେଉଥିଲା ସେଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲା ବେଳକୁ ଅସନ୍ତୋଷ ଦେଖାଦେଲା। ତେଣୁ ଯେଉଁ ହିଂସା ସେମାନେ ପଡ଼ୋଶୀ ଦେଶରେ ଭିଆଉଥିଲେ ତାହା ସେମାନେ ନିଜ ଦେଶରେ ଭିଆଇଲେ। ୨୦୦୦ ମସିହାରେ ଆତଙ୍କବାଦୀ ହିଂସାରେ ପାକିସ୍ତାନରେ ୧୬୬ ଜଣ ମରିଥିଲେ। ମୁଶରଫ ଯେତେବେଳେ ଉକ୍ତ ସଂଗଠନଗୁଡ଼ିକୁ ବନ୍ଦ କରିବାକୁ ଚେଷ୍ଟା କଲେ, ସେମାନେ ନିଜ ଦେଶରେ ବ୍ୟାପକ ହିଂସାକାଣ୍ଡ ସୃଷ୍ଟି କଲେ। ତେଣୁ ୨୦୦୪ରେ ପାକିସ୍ତାନରେ ଏଭଳି ହିଂସାକାଣ୍ଡରେ ୯୦୦ ମୃତ୍ୟୁ ଘଟିଥିବା ବେଳେ ୨୦୦୬ରେ ତାହା ୧୪୦୦କୁ ବୃଦ୍ଧି ପାଇଲା। ସେହିପରି ୨୦୦୭ରେ ୩୦୦୦ ଓ ୨୦୦୮ରେ ୬୦୦୦ ଲୋକଙ୍କର ଆତଙ୍କବାଦୀ ହିଂସାକାଣ୍ଡରେ ମୃତ୍ୟୁ ଘଟିଲା। ମୁଶରଫ କ୍ଷମତାରୁ ବିଦା ହେବାର ବର୍ଷକ ପରେ ୨୦୦୯ରେ ଏହି ମୃତ୍ୟୁସଂଖ୍ୟା ସର୍ବାଧିକ ୧୧୦୦୦ ଛୁଇଁଲା। ତା'ପରେ ଏହି ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ୨୦୧୦ରେ ୭୦୦୦, ୨୦୧୧ରେ ୬୦୦୦, ୨୦୧୩ରେ ୫୦୦୦, ୨୦୧୫ରେ ୩୦୦୦, ୨୦୧୬ରେ ୧୦୦୦ ଏବଂ ଗତବର୍ଷ ମାତ୍ର ୬୦୦ ମୃତ୍ୟୁ ଘଟିଛି। ୨୦୧୯ ହେବ ଦୁଇ ଦଶନ୍ଧି ଭିତରେ ପାକିସ୍ତାନର ସବୁଠାରୁ ଶାନ୍ତିପୂର୍ଣ୍ଣ ବର୍ଷ। ଭାରତ ସରକାର କହିଆସୁଛନ୍ତି ଯେ ସମସ୍ତ ଆତଙ୍କବାଦ ହେଉଛି ପାକିସ୍ତାନର ଭିଆଣ। ଆମେ ଯଦି ବିଶ୍ୱାସ କରିବା ଯେ ହିଂସା ବୃଦ୍ଧି ପାଇଁ ପାକିସ୍ତାନ ଦାୟୀ, ତେବେ ଏହା ମଧ୍ୟ ବିଶ୍ୱାସ କରିବା ଉଚିତ ଯେ ହିଂସା କମିବା ପାଇଁ ମଧ୍ୟ ପାକିସ୍ତାନ ଦାୟୀ। ଅବଶ୍ୟ କଶ୍ମୀରରେ ଏବେ ଯେଉଁ ହିଂସା ଘଟୁଛି ତାହା ପ୍ରାୟ ସ୍ଥାନୀୟ। ଏହା ଭାରତୀୟ ନୀତିର ଫଳ। ତେବେ ପାକିସ୍ତାନ ଅନେକ ଦଶନ୍ଧି ଧରି କରିଆସିଥିବା ଭୁଲ ପାଇଁ ଆର୍ଥିକ କଟକଣାର ସମ୍ମୁଖୀନ ହୋଇ କଷ୍ଟ ପାଇବା ଦେଖି ଆମେ ଖୁସି ହୋଇପାରୁ କିନ୍ତୁ ଏହାଦ୍ୱାରା ଆମର ଆତଙ୍କବାଦ ଓ ହିଂସାଜନିତ ସମସ୍ୟାର ସମାଧାନ ହେବ ନାହିଁ।

Email: aakar.patel@gmail.com

# ଈର୍ଷାର ଅସୁର



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

କ୍ରୋଧ ମଣିଷର ସବୁଠୁ ବଡ ଶତ୍ରୁ ବୋଲି ଯେଉଁମାନେ ବିଚାରନ୍ତି, ସେମାନଙ୍କ ସମ୍ପର୍କରେ ଗୋଟିଏ କଥା କୁହାଯାଇପାରେ ଯେ ସେମାନେ ଜୀବନରେ କେବେ କାହାକୁ ଈର୍ଷା କରିନାହାନ୍ତି କିମ୍ବା କାହା ଈର୍ଷାର ଶିକାର ହୋଇନାହାନ୍ତି। ପ୍ରକୃତରେ କ୍ରୋଧଠୁ ଅଧିକ ଭୟଙ୍କର, ଆହୁରି ମାରାତ୍ମକ ଅବିଗୁଣ ଯଦି କିଛି ଥାଏ, ତେବେ ତାହା ହେଉଛି ଈର୍ଷା। କ୍ରୋଧର ତାଡନାକୁ ଦେଖିହୁଏ। ତାହାର ପୀଡ଼ାକୁ ଅନୁଭବ କରିହୁଏ ଏବଂ ସତର୍କତାର ସହ କ୍ରୋଧୀଙ୍କଠାରୁ ନିରାପଦ ଦୂରତ୍ୱରେ ରହି ହୁଏ। ମାତ୍ର ଈର୍ଷା ମଣିଷକୁ ଏଭଳି କିଛି ସୁଯୋଗ ଦିଏନା। କ୍ରୋଧ ମଣିଷର ଜ୍ଞାନ, ବୁଦ୍ଧି ଓ ବିବେକ ହରଣ କରିନିଏ ବୋଲି କୁହାଯାଏ। କିନ୍ତୁ ଥରେ କ୍ରୋଧ ପ୍ରଶମିତ ହୋଇଗଲେ ଏ ସବୁ ଦିବ୍ୟଗୁଣଗୁଡିକ ପୁଣି ମଣିଷ ପାଖକୁ ଫେରିଆସେ। ଅନୁତାପର ଅଗ୍ନିରେ ଜଳି ମଣିଷ ପୁଣି ଶୁଦ୍ଧ ସୁବର୍ଣ୍ଣ ପରି ଉଜ୍ଜ୍ୱଳ ହୋଇଉଠେ। ମାତ୍ର ଅନ୍ୟପକ୍ଷରେ କାହାର ଈର୍ଷା ଦେଖିହୁଏନା। ଦେଖାଇ ହୁଏନା କି ସହଜରେ ପ୍ରଶମିତ କରାଯାଇ ପାରେନା। କୌଣସି ସୂଚନା ନ ଦେଇ ଏହା ମଣିଷକୁ ଏମିତି ଆକ୍ରାନ୍ତ କରେ ଯେ ଅତ୍ୟନ୍ତ ରହସ୍ୟମୟ ଭାବେ ମଣିଷର ମଣିଷତ୍ୱ ଅପହୃତ ହୋଇଯାଏ ଓ ସେ ପାଲଟିଯାଏ ଅସୁରଠୁ ଆହୁରି ଉଦଣ୍ଡ, ଆହୁରି ଇତର।

ଦୁଇ ବନ୍ଧୁ ଥିଲେ ଏକଦା ଅତି ଅନ୍ତରଙ୍ଗ। ଜଣେ କାଶିଲେ ଅନ୍ୟ ଜଣଙ୍କ ଛାତିରେ କଷ୍ଟ ହେଉଥିବା ଭଳି ଥିଲା ଦୁହିଙ୍କର ସମ୍ପର୍କ। ଦୁଇ ବନ୍ଧୁଙ୍କ ଘନିଷ୍ଠତା ପରିବ୍ୟାପ୍ତ ହେଉଥିଲା ଦୁହିଙ୍କ ପିଲା ପରିବାର ପର୍ଯ୍ୟନ୍ତ। ଦୁହିଙ୍କ ଅନାବିଳ ସମ୍ପର୍କର ଚର୍ଚ୍ଚା ହେଉଥିଲା ସେ ଅଞ୍ଚଳସାରା। ଅଥଚ ବର୍ତ୍ତମାନ ସେମାନଙ୍କ ଶତ୍ରୁତାର ଚର୍ଚ୍ଚା ହେଉଛି ଚାରିଆଡେ। ଘନିଷ୍ଠ ବନ୍ଧୁଦ୍ୱୟଙ୍କୁ ଘୋର ଶତ୍ରୁ ରୂପରେ ଛିଡା କରାଇଥିଲା କେବଳ ଈର୍ଷା। ଦୁଇବନ୍ଧୁ ବ୍ୟବସାୟରେ ଥିଲେ। ମାତ୍ର ଜଣଙ୍କ ଦୁର୍ଭାଗ୍ୟକୁ ବ୍ୟବସାୟ କ୍ଷତିରେ ଚାଲି ଚାଲି ବୁଡିବାକୁ ବସିଥିଲା ବେଳେ ଅନ୍ୟ ଜଣଙ୍କୁ ପ୍ରାପ୍ତ ହୋଇଥିଲା ଭାଗ୍ୟଲକ୍ଷ୍ମୀଙ୍କ ବରଦାନ। ସଫଳ ବ୍ୟବସାୟରୁ ଆର୍ଥିକ ସ୍ୱଚ୍ଛଳତା ଓ ପରେ ପରେ ସାମାଜିକ ପ୍ରତିଷ୍ଠା ଜଣକୁ ଏତେ ଉଚ୍ଚ କରିଦେଲା ଯେ ଅନ୍ୟ ଜଣେ ତାଙ୍କ ତୁଳନାରେ ନିଜକୁ ବାମନ ମନେକଲେ ଓ ନିଜକୁ ଏକ ପ୍ରତିକୂଳ ରାସ୍ତାରେ ଦୂରେଇ ନେଇ ପାଲଟିଗଲେ ଭୟଙ୍କର ଶତ୍ରୁ।

ଈର୍ଷାର ଆସୁରିକ ପ୍ରଭାବରେ ବନ୍ଧୁତା ଯେତେବେଳେ ବଳି ପଡିଯାଏ, ସେତେବେଳେ କେବଳ ବୟସ୍କମାନେ ନୁହନ୍ତି, କୋମଳ କିଶୋର କିଶୋରୀମାନେ ମଧ୍ୟ ନିଜେ ନିଜ ମଧ୍ୟରୁ ହଜିଯାଆନ୍ତି। ସେମାନଙ୍କ ଭିତରେ ସଚରାଚର ବିଦ୍ୟମାନ ଥିବା ସରଳ ନିଷ୍ପାପ ଆତ୍ମାକୁ ନିକାଳିଦେଇ ରକ୍ତମୁଖା ରାକ୍ଷସଟିଏ ସବାର ହୋଇଉଠେ ଓ ନ କରିବା କାମ କରିବା ପାଇଁ ପ୍ରେରିତ କରେ। ଈର୍ଷାର ଏମିତି ଏକ ବୀଭତ୍ସ ରୂପ ପ୍ରତ୍ୟକ୍ଷ କରିବାକୁ ପଡିଥିଲା କେଇବର୍ଷ ତଳେ, ଆମେରିକାର ଏକ ସମ୍ଭ୍ରାନ୍ତ ନଗରୀରେ। ଚଉଦ ବର୍ଷର ସ୍କୁଲ ଛାତ୍ରଟିଏ ତା'ର ଜଣେ ସହପାଠିନୀ ଓ ଛଅଜଣ ସହପାଠୀ, ଏମିତି ସାତ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲା। ହତ୍ୟାର କାରଣ ଥିଲା ବଡ ଅଦ୍ଭୁତ। ହତ୍ୟାକାରୀ ବାଳକଟି ତା'ର ସହପାଠିନୀର ପ୍ରେମାସ୍ପଦ ହେବାକୁ ଚେଷ୍ଟାକରି ବିଫଳ ହୋଇଥିଲା। ତା' ଆଖି ଆଗରେ ବାଳିକାଟି ଅନ୍ୟ ବାଳକମାନଙ୍କ ସହ ସମ୍ପର୍କ ଯୋଡୁଥିଲା ବେଳେ ଈର୍ଷାରେ ଜଳିଯାଉଥିଲା ତା' ହୃଦୟ। ସୁତରାଂ ସେଇ ବାଳିକାଟି ସହ ତା'ର ବାଳକ ବନ୍ଧୁମାନଙ୍କୁ ନିର୍ମମ ଭାବରେ ହତ୍ୟା କରି ଏ ଜ୍ୱଳନରୁ ମୁକ୍ତି ପାଇଥିଲା ସେ।

ସତରେ କାହାର ଜୀବନ ନେଇ, କାହାକୁ କ୍ଷତି ପହଞ୍ଚାଇ ଈର୍ଷାର ନିଆଁକୁ କ'ଣ ପ୍ରଶମିତ କରାଯାଇପାରେ ? ହୃଦୟର ଜ୍ୱଳନରୁ ମୁକ୍ତି ମିଳିପାରେ ? ଏ ପ୍ରସଙ୍ଗରେ ଆମ ରାଜ୍ୟର ଏକ ଲୋମଟାଙ୍କୁରା ଦୃଷ୍ଟାନ୍ତ କାହାରି ବିସ୍ମୃତିରେ ହଜିଯାଇ ନ ଥିବ ନିଶ୍ଚୟ। ପଶ୍ଚିମ ଓଡିଶାର ସେଇ ପାର୍ଶଲ ବୋମା ହତ୍ୟାକାଣ୍ଡର ଦୁର୍ଭାଗ୍ୟପୂର୍ଣ୍ଣ ଦୃଶ୍ୟପଟ କେତେ ଭୟଙ୍କର ନ ଥିଲା ସତେ! ଗୋଟିଏ ବେସରକାରୀ କଲେଜର ଅଧ୍ୟକ୍ଷ ହେବାରେ କି ଗୌରବ ଥାଏ ଯେ ଏ ପଦଟି ସରକାରୀ ନିର୍ଦ୍ଦେଶନାମା ବଳରେ ଜଣେ ସହକର୍ମୀ ଅଧ୍ୟାପିକାଙ୍କ ହାତକୁ ଚାଲିଯିବାରୁ ଈର୍ଷାରେ ରକ୍ତମୁଖା ହୋଇ ପଡିଥିଲେ ପୂର୍ବତନ ଅଧ୍ୟକ୍ଷ। ହାତରୁ ଅଧ୍ୟକ୍ଷ ପଦ ଚାଲିଯିବା ସହ ଆଖିରୁ ନିଦ ବି ଚାଲିଯାଇଥିଲା ତାଙ୍କର। ହୃଦୟରେ ହାହାକାର ସୃଷ୍ଟି ହୋଇଥିଲା। ଈର୍ଷାର ଭୟଙ୍କର ଜ୍ୱଳନରେ ମାନବୀୟ ବିବେକ ଜଳିପୋଡି ପାଉଁଶ ହୋଇ ଯାଇଥିଲା। ବୃତ୍ତିରେ ଶିକ୍ଷକ ହୋଇଥିଲେ ହେଁ ଈର୍ଷା ତାଙ୍କୁ ଅସଭ୍ୟ ଅଶିକ୍ଷିତଙ୍କଠାରୁ ଆହୁରି ଇତର ପର୍ଯ୍ୟାୟକୁ ନେଇଗଲା। ଅଧ୍ୟକ୍ଷା ମାଆଙ୍କୁ କ୍ଷତି ପହଞ୍ଚାଇବା ପାଇଁ ସେ ତାଙ୍କ ପୁଅ ବାହାଘରକୁ ମୃତ୍ୟୁ ଉପହାର ପାର୍ଶଲ କରି ପଠାଇଥିଲେ। ପରିଣାମ ହେଲା ଅତ୍ୟନ୍ତ ପ୍ରତ୍ୟାଶିତ। ଈର୍ଷାସମ୍ଭୂତ ହୃଦୟର ସେଇ ତୀବ୍ର ଜ୍ୱଳନ ପ୍ରଶମିତ ହେଲା କି ନାହିଁ ସେ ଜାଣିଥିବେ, ମାତ୍ର ଅକାଳରେ ଦୁଇ ଦୁଇଟି ଜୀବନ ଦୀପ ଲିଭିଗଲା। ସୀମନ୍ତରୁ ସଦ୍ୟ ସିନ୍ଦୂର ପୋଛାଗଲା, ଦୁଇ ଦୁଇଟି ପରିବାରର ସୁଖଶାନ୍ତି ଉଜୁଡିଗଲା ଓ ବହୁଦିନର ଲୁଚକାଳି ଖେଳ ପରେ ଜଗତଯାକର ଘୃଣା ସହ କାରାକକ୍ଷରେ ଜୀବନ ବିତିଲା।

ଜଣେ ହୋମିଓପ୍ୟାଥି ଡାକ୍ତରଙ୍କ ପାଖରେ ସବୁବେଳେ ରୋଗୀଙ୍କର ଭିଡ ଦେଖି ନିଜ କ୍ଲିନିକରେ କୁଆ ଉଡୁଥିବା ଅନ୍ୟ ଜଣେ ଡାକ୍ତରଙ୍କ ପ୍ରତିକ୍ରିୟା ଥିଲା ଏମିତି, ମୁଁ ଯଦି ତାଙ୍କ ଭଳି ରୋଗୀମାନଙ୍କୁ ଔଷଧରେ ଷ୍ଟେରଏଡ ଦେଉଥାନ୍ତି ମୋ କ୍ଲିନିକରେ ବି ରୋଗୀମାନେ ଧାଡି ବାନ୍ଧି ଅପେକ୍ଷା କରୁଥାନ୍ତେ। କିନ୍ତୁ ପ୍ରକୃତ ସତ୍ୟ ଥିଲା ଏହା ଯେ ପ୍ରଥମ ଡାକ୍ତରଙ୍କ ଔଷଧରେ ଷ୍ଟେରଏଡ ମିଶୁଥିଲା କି ନାହିଁ ତାହା ପରୀକ୍ଷା ସାପେକ୍ଷ ଥିଲାବେଳେ ଦ୍ୱିତୀୟ ଡାକ୍ତରଙ୍କ ଭାବନାରେ ଷ୍ଟେରଏଡଠାରୁ ଆହୁରି ବିଷାକ୍ତ ଈର୍ଷା ଭରି ରହିଥିଲା। ଏ କଥା ବିନା ପରୀକ୍ଷାରେ କୁହାଯାଇପାରିଥାନ୍ତା।

ପ୍ରକୃତରେ ଈର୍ଷା ଏକ ଅସୁର। ଅତ୍ୟନ୍ତ ଅଭିନବ ଏହାର ଆସୁରିକ ଆଚରଣ। ନିଜର ବାମନପଣକୁ ନେଇ ଏହା ଦୁଃଖ କରେନା, ମାତ୍ର ଡେଙ୍ଗା ଲୋକଟିଏ ଦେଖିଲେ ଏହାର ହୃଦୟ ହାହାକାର କରିଉଠେ। ନିଜେ ହସିପାରେନା ବୋଲି ମନ କଷ୍ଟ କରେନା। ମାତ୍ର ଅନ୍ୟ କାହାର ମନଖୋଲା ହସ ଦେଖିଲେ ଗୋପନରେ ଗୁମୁରି ଗୁମୁରି କାନ୍ଦେ। ନିଜ ପୁଅ ପରୀକ୍ଷାରେ ଫେଲ ହୋଇଗଲେ ଦୁଃଖ କରେନା, କିନ୍ତୁ ପଡିଶା ଘରର ପୁଅ ପାସ କରିଗଲେ ଦୁଃଖର ସୀମା ନ ଥାଏ।

ଉପସଂହାରରେ ରୋଚକ କାହାଣୀଟିଏ। ନିଜ ନିଜର କୁତ୍ସିତ ଚେହେରାକୁ ନେଇ ଅସନ୍ତୁଷ୍ଟ ରହୁଥିବା ଦଶ ଜଣ ଯୁବକ ସୁନ୍ଦର ରୂପ ପାଇଁ ଥରେ ଈଶ୍ୱରଙ୍କୁ ପ୍ରାର୍ଥନା କଲେ। ଏମିତି ଅସୁନ୍ଦର ରୂପ ନେଇ ହୀନ ଜୀବନ ଜିଇଁବା ଅପେକ୍ଷା ଆହାରନିଦ୍ରା ବର୍ଜିତ ତପସ୍ୟାରେ ମଗ୍ନ ରହି ମରିଯିବା ଶ୍ରେୟସ୍କର ବୋଲି ମନେ କଲେ। ଆରମ୍ଭ ହେଲା ସମୂହ ସାଧନା। ବହୁକାଳ ତପସ୍ୟା କଲା ପରେ ଶେଷରେ ଈଶ୍ୱର ଶୁଣିଲେ ଓ ସେମାନଙ୍କ ଆଗରେ ଆବିର୍ଭୂତ ହୋଇ ବର ଯାଚିଲେ। ଜଣ ଜଣ କରି ପ୍ରତ୍ୟେକଙ୍କୁ ସେମାନଙ୍କ କାମନା ସମ୍ପର୍କରେ ପୁଚ୍ଛାକଲେ ଈଶ୍ୱର। ସାତଜଣଙ୍କର ଥିଲା ସମାନ ପ୍ରାର୍ଥନା ସୁନ୍ଦର ରୂପ। ଆଶ୍ଚର୍ଯ୍ୟ ହେଲେ ବରଦାତା ଭଗବାନ। ଏ ସଂସାରରେ ବହୁ ପ୍ରକାର ଅପ୍ରାପ୍ତିର ବୋଝ ମୁଣ୍ଡାଇ ମଣିଷ ବଞ୍ଚୁଥିବାବେଳେ କେବଳ ସୁନ୍ଦର ରୂପଟିଏ ପାଇବାକୁ ସମସ୍ତଙ୍କର ଏ କୃଚ୍ଛ୍ର ସାଧନା। ଚକିତ ଈଶ୍ୱର ଜଣକ ପରେ ଜଣକୁ ତଥାସ୍ତୁ କହି ଚାଲିଥାନ୍ତି ଓ ଜଣକ ପରେ ଜଣେ ସୁଦର୍ଶନ ଯୁବକରେ ପରିଣତ ହେଉଥାନ୍ତି।

ଈଶ୍ୱର ଆଶାବାଦୀ ହୋଇଉଠିଲେ। ବାକି ତିନି ଜଣଙ୍କର କାମନା ନିଶ୍ଚୟ ଭିନ୍ନ କିଛି ହୋଇଥିବ। ଧନ, ଜ୍ଞାନ, ସମ୍ମାନ ବା ସେମିତି ଆଉ କିଛି। ମାତ୍ର ହାୟ, ଅଷ୍ଟମ ଓ ନବମ ଯୁବକ ମଧ୍ୟ ପେସ୍ କଲେ ସେଇ ଏକା ମାଗୁଣିର ପ୍ରାର୍ଥନା, ମୋତେ ସୁନ୍ଦର କରିଦିଅ ପ୍ରଭୁ। ଈଶ୍ୱର ଦୁଃଖରେ ହସିଲେ। ଶେଷ ଯୁବକଟି ଏମାନଙ୍କର ସୁନ୍ଦର ରୂପ ଦେଖି ସହିପାରିଲା ନାହିଁ। ତା'ର ପାଳି ପଡିଲା ମାତ୍ରେ ସେ କହିଲା ମୋ ନିଜ ପାଇଁ କିଛି ଲୋଡା ନାହିଁ ପ୍ରଭୁ। ଏବେ ଏବେ ସୁନ୍ଦର ରୂପର ଅଧିକାରୀ ହୋଇଥିବା ଏ ନଅଜଣ ଯାକ ତାଙ୍କ ପୂର୍ବ ରୂପକୁ ଫେରି ଆସନ୍ତୁ- ଏହା ହିଁ ମୋର କାମନା। ତଥାସ୍ତୁ କହି ଉଭେଇଯିବାକୁ ଈଶ୍ୱରଙ୍କୁ ତର ସହିଲା ନାହିଁ।

ଦ୍ରୁତଗତିରେ ବଦଳି ଚାଲିଛି ସମୟ। ତା'ଠୁ ଆହୁରି ଦ୍ରୁତଗତିରେ ବଦଳିଚାଲିଛି ମଣିଷର ଚରିତ୍ର। ଜଣଙ୍କ ଉପଲବ୍ଧିଠୁ ଅନ୍ୟ ଜଣଙ୍କ ଉପଲବ୍ଧି ଭିତରେ ଦଶମିନିଟର ବ୍ୟବଧାନକୁ ମଧ୍ୟ ମଣିଷ ଆଉ ବରଦାସ୍ତ କରିପାରୁ ନାହିଁ। ଅନ୍ୟର ସୁଖରେ ସୁଖୀ ହେବାର ସେଇ ସଂସ୍କାରସିଦ୍ଧ ବାଣୀ କେଉଁଦିନରୁ ତା'ର ରଙ୍ଗ ହରାଇ ବସିଲାଣି। ଏବେ ନିଜର ଶହେ ଦୁଃଖ ସହି ହେଉଛି ସିନା, ଅନ୍ୟର ସୁଖ ଦେଖି ଦାରୁଣ ଦୁଃଖରେ ଫାଟି ପଡୁଛି ହୃଦୟ। ଏପରିସ୍ଥଳେ ମଣିଷଙ୍କ ମେଳରେ ଅସୁର ନ ରହି କେଉଁ ଖୁସିରେ ଈଶ୍ୱର ରହନ୍ତେ ଯେ!

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର,
ଚକେଇସିହାଣି, ଭୁବନେଶ୍ୱର,
ଫୋନ-୮୮୯୫୬୨୪୧୦୫

# ଗୋଗୋଇଙ୍କ ଉତ୍ତରାଧିକାରୀ

ଭାରତର ସୁପ୍ରିମକୋର୍ଟରେ ୧,୫୮,୬୬୯ ମାମଲା ବିଚାର ଲାଗି ପଡ଼ିରହିଛି। ୨୭ ଜୁନ୍ ୨୦୧୯ରେ ପ୍ରକାଶିତ ଏକ ରିପୋର୍ଟରୁ ଏହା ଜଣାପଡ଼ିଛି। ମାମଲାଗୁଡ଼ିକର ସୁପରିଚାଳନା ଓ ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ନେବା ଲାଗି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ତାଙ୍କ ସହଯୋଗୀଙ୍କୁ ପରାମର୍ଶ ଦେଇଥାଆନ୍ତି। ବର୍ତ୍ତମାନର ସିଜେଆଇ ରଞ୍ଜନ ଗୋଗୋଇ ଆସନ୍ତା ୧୭ ନଭେମ୍ବରରେ ଅବସର ନେବାକୁ ଯାଉଛନ୍ତି। ଯିବା ପୂର୍ବରୁ ସେ ତାଙ୍କ ଉତ୍ତରାଧିକାରୀ ଭାବେ ଏସ୍. ଏ. ବୋବ୍‌ଡେଙ୍କ ନାମ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ପତ୍ରଲେଖି ସୁପାରିସ କରିଛନ୍ତି। ବୋବ୍‌ଡେ ଶୀର୍ଷ ଅଦାଲତର ଦ୍ୱିତୀୟ ସର୍ବବରିଷ୍ଠ ବିଚାରପତି ହୋଇଥିବାରୁ ସେ ସିଜେଆଇ ହେବା ନିଶ୍ଚିତ ହୋଇଯାଇଛି। ସବୁକିଛି ଠିକ୍ ରହିଲେ ୧୮ ନଭେମ୍ବରରେ ବୋବ୍‌ଡେ ଦେଶର ୪୭ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ନୂଆ ପ୍ରଧାନ ବିଚାରପତିଙ୍କ ନାମକୁ ଗୋଗୋଇ ସୁପାରିସ କରିବା ପରେ ବୋବ୍‌ଡେଙ୍କ ବିଷୟରେ ଅଧିକ ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ବ୍ୟକ୍ତିତ୍ୱ



ଏସ୍. ଏ. ବୋବ୍‌ଡେ

ବୋବ୍‌ଡେ ୨୪ ଏପ୍ରିଲ ୧୯୫୬ରେ ମହାରାଷ୍ଟ୍ର ନାଗପୁରର ଏକ ଆଇନଜୀବୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜେଜେବାପା ଥିଲେ ଓକିଲ। ପିତା ଅରବିନ୍ଦ ବୋବ୍‌ଡେ ୧୯୮୦ରେ ମହାରାଷ୍ଟ୍ରର ଆଡଭୋକେଟ ଜେନେରାଲ ଥିଲେ। ବଡ଼ ଭାଇ ବିନୋଦ ଅରବିନ୍ଦ ବୋବ୍‌ଡେ ସୁପ୍ରିମକୋର୍ଟରେ ସିନିୟର ଆଡଭୋକେଟ ତଥା ସମ୍ବିଧାନ ବିଶେଷଜ୍ଞ ରହିଥିଲେ। ପିଲାଟି ବେଳୁ ସେ ଆଇନ ପୁସ୍ତକ ସହ ମହକିଲମାନଙ୍କୁ ଦେଖି ଏହି ବୃତ୍ତି ପ୍ରତି ଆକୃଷ୍ଟ ହୋଇଥିଲେ। ନାଗପୁରର ଏସ୍ଏଫ୍ଏସ୍ କଲେଜରୁ ଡିଗ୍ରୀ ଅର୍ଜନ କରିବା ପରେ ୧୯୭୮ରେ ନାଗପୁର ବିଶ୍ୱବିଦ୍ୟାଳୟରେ ଆଇନ ବିଦ୍ୟା ପଢ଼ିଥିଲେ। ୧୩ ସେପ୍ଟେମ୍ବର ୧୯୭୮ରେ ସେ ବମ୍ବେ ହାଇକୋର୍ଟର ନାଗପୁର ବେଞ୍ଚରେ ଓକିଲାତି ଆରମ୍ଭ କରିଥିଲେ। ୧୯୯୮ରେ ବୋବ୍‌ଡେ ସୁପ୍ରିମକୋର୍ଟରେ ସିନିୟର ଆଡଭୋକେଟ ହୋଇଥିଲେ। ଆଇନ ବିଦ୍ୟାରେ ପାରଙ୍ଗମ ହେବା ପରେ ସେ ୨୯ ମାର୍ଚ୍ଚ ୨୦୦୦ରେ ବମ୍ବେ ହାଇକୋର୍ଟରେ ଅତିରିକ୍ତ ଜଜ୍ ଭାବେ ନିଯୁକ୍ତ ହୋଇଥିଲେ। ୧୬ ଅକ୍ଟୋବର ୨୦୧୨ରେ ବୋବ୍‌ଡେ ମଧ୍ୟପ୍ରଦେଶ ହାଇକୋର୍ଟରେ ମୁଖ୍ୟ ବିଚାରପତି ପଦବୀକୁ ଉନ୍ନୀତ ହୋଇଥିଲେ। ୧୨ ଏପ୍ରିଲ ୨୦୧୩ରେ ସେ ସୁପ୍ରିମକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ଶୀର୍ଷ ଅଦାଲତରେ ଦୀର୍ଘ ବର୍ଷ ଧରି ବିଚାର କଲା ବେଳେ ସେ ଅନେକ ଐତିହାସିକ ରାୟ ଦେଇଛନ୍ତି। ସେଥିମଧ୍ୟରୁ ଆଧାର ସଂକ୍ରାନ୍ତ ରାୟ ଯୁଗାନ୍ତକାରୀ ସାବ୍ୟସ୍ତ ହୋଇଛି। ଆଧାର ନ ଥିଲେ ନାଗରିକମାନେ ସରକାରୀ ଯୋଜନାର ସୁଫଳ ପାଇପାରିବେ ନାହିଁ ବୋଲି ଯେତେବେଳେ ସମଗ୍ର ଦେଶରେ ହୁରି ପଡ଼ିଥିଲା, ସେତେବେଳେ ବୋବ୍‌ଡେଙ୍କ ରାୟ ଆଧାରହୀନଙ୍କୁ ବଳ ଦେଇଥିଲା। ଆଧାର କାର୍ଡ଼ ନ ଥିଲେ ମଧ୍ୟ ସରକାରୀ ଯୋଜନା କିମ୍ବା ସବ୍‌ସିଡିରୁ କାହାରିକୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ସେ ରାୟ ଶୁଣାଇଥିଲେ। ରାମଜନ୍ମଭୂମି-ବାବ୍ରି ମସ୍‌ଜିଦ ମାମଲାର ବିଚାର ପାଇଁ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠର ମଧ୍ୟ ସେ ସଦସ୍ୟ ଥିଲେ। ଉଲ୍ଲେଖଯୋଗ୍ୟ, ଏହା ଉପରେ ବିଚାର ଶେଷ ହୋଇଥିଲେ ହେଁ ଆସନ୍ତା ମାସରେ ଏହାର ରାୟ ପ୍ରକାଶ ପାଇବ। ୨୦୧୬ରେ ସେ ଏକ ରାୟରେ ଜାତୀୟ ରାଜଧାନୀ ଅଞ୍ଚଳରେ ଅତ୍ୟଧିକ ପ୍ରଦୂଷଣ ହେଉଥିବାରୁ ସେଠାରେ ଆତସବାଜି ବିକ୍ରିକୁ ବନ୍ଦ କରି ଦେଇଥିଲେ। ତେବେ ନିକଟ ଅତୀତରେ ସୁପ୍ରିମକୋର୍ଟ ଇତିହାସରେ ସବୁଠାରୁ ବିବାଦୀୟ ଘଟଣା ଭାବେ ବିବେଚିତ ପ୍ରଧାନ ବିଚାରପତି ଗୋଗୋଇଙ୍କ ବିରୋଧରେ ଅଣାଯାଇଥିବା ଯୌନ ବ୍ୟଭିଚାର ମାମଲାରେ ବୋବ୍‌ଡେ ତାଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲେ। ଏହାକୁ ବିଚାରପତି ବନ୍ଧୁମାନେ ସ୍ୱାଗତ କରିଥିଲେ ହେଁ କୋର୍ଟ ବାହାରେ ଏହି ଘଟଣାକୁ ନେଇ ମୃଦୁ ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ଦିନକୁ ଦିନ ନ୍ୟାୟପାଳିକାର ଗୁରୁତ୍ୱ ବୃଦ୍ଧି ପାଉଥିବାରୁ ବୋବ୍‌ଡେଙ୍କ ଦାୟିତ୍ୱ ଗ୍ରହଣ ପରେ ତାଙ୍କ ନେତୃତ୍ୱ ଶୀର୍ଷ ଅଦାଲତର ବିଚାରପତିଙ୍କୁ ନୂଆ ଦିଶା ଦେଖାଇବ ବୋଲି ଆଶା କରାଯାଏ।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମଦ୍ୟପାନ ଦୂର କରିବା ପାଇଁ ଗୁଜରାଟର ଏକ ଗାଁ ଅଜବ ଉପାୟ ଆପଣାଇଛି। ଗାଁର ନାଁ ଖାଟିସିତାରା। ବନାସକାନ୍ଥା ଜିଲା ଅନ୍ତର୍ଗତ ଏହି ଆଦିବାସୀବହୁଳ ଗାଁରେ ଯଦି କୌଣସି ବ୍ୟକ୍ତି ମଦ ପିଇ ଧରାପଡ଼ନ୍ତି ତେବେ ଗାଁର ନିଷ୍ପତ୍ତିକ୍ରମେ ଲଗାଯାଇଥିବା ଜରିମାନା ତାଙ୍କ ନିଶା ଖସାଇଦେଉଛି। ମଦ୍ୟପାନ କରିଥିବା ବ୍ୟକ୍ତି ଗ୍ରାମବାସୀଙ୍କୁ ମାଂସ ତରକାରି ଭୋଜି ଦେଉଛନ୍ତି। ଏହାବାଦ ୨,୦୦୦ ଟଙ୍କା ଜରିମାନା ଗଣିବାକୁ ପଡୁଛି। ପୂର୍ବରୁ ୨୦୧୩-୧୪ରେ ମଦ୍ୟପାନ କଲେ ୨୦୦୦ ଓ ପାଟିତୁଣ୍ଡ କଲେ ୫୦୦୦ ଟଙ୍କା ଜରିମାନା ଦେବାକୁ ପଡୁଥିଲା। କିନ୍ତୁ ଏଥିରେ ମଦ୍ୟପଙ୍କ ସଂଖ୍ୟା କମିଲାନାହିଁ। ଏହାଦ୍ୱାରା ଗାଁରେ ହିଂସା ମଧ୍ୟ ବୃଦ୍ଧିପାଇଲା। ଏବେ ମଦ ପିଇଥିବା ବ୍ୟକ୍ତି ଧରାପଡିଲେ ତାଙ୍କୁ ଗାଁର ୭୦୦ରୁ ୮୦୦ ଲୋକଙ୍କୁ ମାଂସ ଭୋଜି ଦେବାକୁ ଯାଇ ୨୦ରୁ ୨୫ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହି ନୂଆ ନିୟମ ଲାଗୁ ହେବା ପରେ ଗାଁରେ କେହି ମଦ ପିଇବା ଏକପ୍ରକାର ବନ୍ଦ ହୋଇଯାଇଛି।

### ଚିରନ୍ତନୀ

''ଜାଗ ଜାଗ ଜୀବନର ସହଜ ସରଳ ପଥ ଲୋଡ଼ି
''ଜଟିଳ ଦୁଶ୍ଚିନ୍ତା ରାଜି ରହୁ ତବ ପଛେ ଆଜି ପଡି।
(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୦ ଅକ୍ଟୋବର ୧୯୯୪

- ମିଗ୍-୨୯ ଲଢୁଆ ବିମାନ କାରଖାନା ପ୍ରତିଷ୍ଠା ଏବଂ ମିଗ୍-୨୧ ଯୁଦ୍ଧବିମାନର ବିକାଶ ନିମନ୍ତେ ଭାରତ ଓ ରୁଷିଆ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ।
- ରୁଷିଆ ପ୍ରଧାନମନ୍ତ୍ରୀ ଭିକ୍ଟର ଚେର୍ନୋମିର୍ଦ୍ଦିନ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।

## ସୁଡୋକୁ

su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | A | | | | | | | | | 6 | E |
| | D | 3 | | 2 | | 7 | E | | | | B | 4 | 0 | |
| | | 7 | 5 | | | | C | 1 | | A | | | | 8 |
| | | 2 | | 1 | 6 | | 0 | | E | | | | | |
| | | 6 | | 0 | 8 | | | D | 9 | 2 | 3 | | A | |
| | | 5 | 6 | | D | 0 | 8 | | B | | 1 | C | 4 | |
| | 1 | | | | | | | A | 8 | | | D | | |
| | | 4 | | | | 2 | | 5 | | | C | | | |
| B | 9 | | | | | | 7 | | | D | | | | |
| | | | | | | B | D | | 5 | 3 | | 8 | | |
| | | 8 | | | | | 9 | | 3 | | | | | |
| | 0 | E | | | A | | | | D | | | | | |
| 7 | 5 | | 9 | | | 8 | | | | | | E | 1 | 4 |
| | | | | 3 | | 6 | 1 | 0 | 2 | B | | | | |
| | 3 | | | B | 7 | | 2 | | | 1 | | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 4 | 1 | 0 | B | D | 8 | C | 7 | 9 | 2 | 3 | A | 6 | 5 |
| 3 | D | C | A | 1 | 8 | 5 | 0 | 6 | 4 | 7 | E | 2 | B | 9 |
| B | 9 | 0 | 2 | 6 | C | 4 | 1 | 3 | A | D | 5 | E | 7 | 8 |
| 2 | 7 | 6 | 5 | 9 | 3 | D | A | E | 8 | 0 | B | 4 | 1 | C |
| 5 | A | 8 | 7 | 4 | E | 9 | B | 2 | 1 | 6 | C | 0 | 3 | D |
| 8 | 3 | 7 | 6 | 2 | 1 | C | 4 | A | E | 5 | D | B | 9 | 0 |
| 9 | E | D | 8 | 0 | 5 | 6 | 7 | 1 | 2 | B | 4 | 3 | C | A |
| A | 5 | 4 | B | C | 9 | E | 2 | 8 | 6 | 3 | 0 | 1 | D | 7 |
| 0 | C | 2 | E | D | A | 3 | 9 | B | 7 | 8 | 1 | 6 | 5 | 4 |
| 1 | 6 | B | 3 | 7 | 4 | 0 | 5 | D | C | A | 9 | 8 | 2 | E |
| 4 | 0 | 5 | 1 | A | B | 2 | 6 | 9 | D | C | 8 | 7 | E | 3 |
| 7 | B | 9 | 4 | 8 | 0 | 1 | D | 5 | 3 | E | 6 | C | A | 2 |
| C | 2 | E | 9 | 3 | 7 | B | 8 | 0 | 5 | 1 | A | D | 4 | 6 |
| D | 1 | A | C | E | 6 | 7 | 3 | 4 | 0 | 9 | 2 | 5 | 8 | B |
| 6 | 8 | 3 | D | 5 | 2 | A | E | C | B | 4 | 7 | 9 | 0 | 1 |

ଗତକାଲି ପ୍ରକାଶିତ ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚ ଶିକ୍ଷା କ୍ଷେତ୍ରରେ ଆମେ କେତେ ପଛୁଆ

ମହାଶୟ,

୨୦୨୦ ବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ବିଶ୍ୱର ଶ୍ରେଷ୍ଠ ୧୦୦ ବିଶ୍ୱବିଦ୍ୟାଳୟ ତାଲିକାରେ ଭାରତର ସ୍ଥାନ ନାହିଁ। ତେବେ ବିଶ୍ୱର ଶ୍ରେଷ୍ଠ ୨୦୦ ବିଶ୍ୱବିଦ୍ୟାଳୟ ତାଲିକାରେ ଭାରତର ମାତ୍ର ୩ଟି ସ୍ଥାନ ପାଇଛି। ଅଥଚ ଏହି ତାଲିକାରେ ଚାଇନାର ୧୯ଟି ବିଶ୍ୱବିଦ୍ୟାଳୟ ସ୍ଥାନିତ ହୋଇଛି। ବିଶ୍ୱର ୧୦ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ ଆମେରିକାର ୫ଟି, ଇଂଲଣ୍ଡର ୪ଟି ଓ ସ୍ୱିଜରଲାଣ୍ଡର ଗୋଟିଏ ସ୍ଥାନ ପାଇଛି। ଅନୁରୂପ ଭାବରେ ସର୍ବଭାରତୀୟ ସ୍ତରରେ ଓଡିଶାର ସ୍ଥିତି ଅତି ଖରାପ। ଦିନେ ଉତ୍କଳ ବିଶ୍ୱବିଦ୍ୟାଳୟ ଭାରତର ୧୦ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଉଥିଲା, ଏବେ ଦେଶର ୧୦୦ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏହାର ସ୍ଥାନ ନାହିଁ। ଭିତ୍ତିଭୂମିର ଅଭାବ ଓ ଅଧ୍ୟାପକ ମରୁଡି ଏହାର ମୁଖ୍ୟ କାରଣ ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ମନ୍ଦମତି ଶିକ୍ଷକ ଶିକ୍ଷାର ପ୍ରତିବନ୍ଧକ

ଦିନ ଥିଲା ଗାଁ ଲୋକଙ୍କ ତତ୍ତ୍ୱାବଧାନରେ ମାଟିକାନ୍ଥ ଓ ଛଣ ଛପର ଘରେ ବିଦ୍ୟାଳୟ ଚାଲୁଥିଲା। ଅତି ଅଳ୍ପ ପାରିଶ୍ରମିକ ପାଇ ମଧ୍ୟ ଶିକ୍ଷକମାନଙ୍କର ଉତ୍ସର୍ଗୀକୃତ ତଥା ନିଷ୍ପାପର ଶିକ୍ଷାଦାନରେ ବିଦ୍ୟାର୍ଥୀର ଭବିଷ୍ୟତ ଉଜ୍ଜ୍ୱଳ ହେଉଥିଲା। ସମୟକ୍ରମେ ଶିକ୍ଷାୟତନ ଓ ଶିକ୍ଷକର ବେତନ ଯେଉଁ ପରିମାଣରେ ଆକର୍ଷଣୀୟ ହେଲା ଶିକ୍ଷାଦାନର ମାନ ସେତିକି ତଳକୁ ଖସିଲା। ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଶିକ୍ଷାର ମାନକୁ ଅତି ଦୟନୀୟ ସ୍ଥିତିକୁ ନେଲା। ଅଣ୍ଡାଯୁକ୍ତ, ଦଣ୍ଡମୁକ୍ତ ତଥା ପରୀକ୍ଷା ଉଚ୍ଛେଦ ବ୍ୟବସ୍ଥା ଶିକ୍ଷାସ୍ତରକୁ ନିମ୍ନଗାମୀ କଲା। ଇତିମଧ୍ୟରେ ଅସାଧୁ ଶିକ୍ଷକଙ୍କ ବେଶ୍ ହାତ ଚିକ୍କଣ ହେଲା। ଗାଁ ଦୋକାନୀ ଓ ଗାଁ ଶିକ୍ଷକଙ୍କ ବନ୍ଧୁତା ନିବିଡ଼ ହେବା ଗ୍ରାମବାସୀ ଦେଖିଲେ। ସରକାରଙ୍କ ଚେତା ପଶିବାରୁ ମଧ୍ୟାହ୍ନଭୋଜନ ଦାୟିତ୍ୱ ସ୍ୱୟଂସହାୟକ ଗୋଷ୍ଠୀ ନେଲେ। ଚକିତ କଲାଭଳି ବିଗତ ବର୍ଷରେ ଗାଁର ଉକ୍ତ ଦୋକାନ ବନ୍ଦ ହୋଇଯାଇଛି। ମାତ୍ର ଅଣ୍ଡା ବିକା ରାଶନ ଦୋକାନରେ ଅଙ୍ଗନୱାଡି ବାଲାଙ୍କ ବାକି ଖାତା ଚାଲୁ ରହିଛି। ଏମାନେ ଏବେ ସରକାରୀ ଦଳ ଭୋଟ ବାକ୍ସ ଜଗୁଆଳ। କହିଲେ ବିପଦ।

ପ୍ରଭାତୀ ବଳ, ରାଜକନିକା, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ ସେହିପରି ଈର୍ଷା ଖାଇଯାଏ।
- ସେଣ୍ଟ୍ ଜନ୍ କ୍ରିଷୋଷ୍ଟୋମ୍



## ସଂକ୍ଷେପରେ

### ଲାଞ୍ଚ ନେବା ବେଳେ ଆକାଉଣ୍ଟାଣ୍ଟ ଗିରଫ

**ବୌଦ୍ଧ,୧୯।୧୦(ସ୍ୱ.ପ୍ର):** ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୌଦ୍ଧ କୋଷାଗାରର ଆକାଉଣ୍ଟାଣ୍ଟ ନାରାୟଣ ମଲିକଙ୍କୁ ଶନିବାର ଭିଜିଲାନ୍ସ ଗିରଫ କରିଛି। ଏ ସମ୍ପର୍କରେ ବୌଦ୍ଧ ଭିଜିଲାନ୍ସ ଇନ୍ସପେକ୍ଟର କ୍ରିଷ୍ଣା କୁମାରୀ ପ୍ରଧାନଙ୍କୁ ପଚାରିବାରୁ ଆକାଉଣ୍ଟାଣ୍ଟ ମଲିକ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଛନ୍ତି । ତାଙ୍କୁ ଗିରଫ କରାଯାଇଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଅବସରପ୍ରାପ୍ତ ପ୍ରଗତି ସହାୟକ ବ୍ରଜବିହାରୀ ମେହେର ଅବସର ପରେ ଛୁଟି ମଞ୍ଜୁର ବିଲ୍ ପାଇବା ପାଇଁ ବାରମ୍ବାର ବୌଦ୍ଧ କୋଷାଗାରକୁ ଧାଉଁଥିଲେ । କିନ୍ତୁ ତାଙ୍କର ବିଲ୍ ମଞ୍ଜୁର ହୋଇପାରୁ ନ ଥିଲା। ଏହି ବିଲ୍ ପାଶ କରିବାକୁ କୋଷାଗାରର ଆକାଉଣ୍ଟାଣ୍ଟ ମଲିକ ୫ ହଜାର ଟଙ୍କା ଲାଞ୍ଚ ଦେଲେ ବିଲ୍ ପାଶ କରାଯିବ ବୋଲି ମେହେରଙ୍କୁ କହିଥିଲେ। ଏ ନେଇ ମେହେର ବୌଦ୍ଧ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଶନିବାର ଅପରାହ୍ନ ୪ଟା ସମୟରେ କାର୍ଯ୍ୟାଳୟ ଗେଟ ସମ୍ମୁଖରେ ଆକାଉଣ୍ଟାଣ୍ଟ ମଲିକ ମେହେରଙ୍କ ଠାରୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଏହି ଘଟଣାରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜ କରାଯାଇଛି । ଏହି ଚଢାଉରେ ଇନ୍ସପେକ୍ଟର ପୋଲସ୍ରୀ ଛତ୍ରିଆ, ଏଏସଆଇ ସୁବୋଧ ମିଶ୍ର, କନ୍‌ଷ୍ଟେବଲ କେ. ରବିରାଓ ପ୍ରମୁଖ ସାମିଲ ହୋଇଥିଲେ ।

# କୋଟିପତି କିରାଣିଙ୍କ ଘରେ ଭିଜିଲାନ୍ସ ଚଢାଉ

**ଝାରସୁଗୁଡ଼ା ଅଫିସ/ଲଖନପୁର, ୧୯।୧୦(ଡି.ଏନ୍.ଏ.)**

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ
- ପୂର୍ବରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ

ଝାରସୁଗୁଡ଼ା ଜିଲା ପଞ୍ଚାୟତ କାର୍ଯ୍ୟାଳୟ(ଡିପିଓ)ରେ କାର୍ଯ୍ୟରତ କୋଟିପତି ମୁଖ୍ୟକିରାଣି ବେଣୁଧର ଛଞ୍ଚାଣ ଶନିବାର ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଛନ୍ତି। ଭିଜିଲାନ୍ସ ବିଭାଗର ୪ଟି ଦଳ ଗୋଟିଏ ଦିନରେ ଏକା ସାଙ୍ଗେ ଜିଲା ପଞ୍ଚାୟତ କାର୍ଯ୍ୟାଳୟ, ଝାରସୁଗୁଡ଼ା ବଢେଇମୁଣ୍ଡାସ୍ଥିତ ଶାନ୍ତିନଗରରେ ଥିବା ତାଙ୍କ ୩ ମହଲା ବିଶିଷ୍ଟ ବାସଭବନ, କୁଲାବିରା ବ୍ଲକ୍ ଅଇଁତାପଡା ଗ୍ରାମର ପୈତୃକ ବାସଭବନ, ସମ୍ବଲପୁର ଜିଲା ଗୋଡେସିଂହା ଗ୍ରାମ ଶ୍ୱଶୁର ଘରେ ରଡାଉ କରିଛନ୍ତି। ଶାନ୍ତିନଗର ୩ ମହଲା କୋଠାର ମୂଲ୍ୟ ୮୨ଲକ୍ଷ ଟଙ୍କା, ସେହି ଅଞ୍ଚଳରେ ଥିବା ଆଉ ୨ଟି କୋଠାର ମୂଲ୍ୟ ୮ଲକ୍ଷ ଟଙ୍କା, ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାର୍, ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଏଲ୍ଆଇସି ବଣ୍ଡ, ୧୦ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ରୁପା ଅଳଙ୍କାର ଆଦି ବିଭିନ୍ନ ଆସବାବ୍‌ପତ୍ର ରହିଛି । ଏସବୁର ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଝାରସୁଗୁଡ଼ା ଭିଜିଲାନ୍ସ ଡିଏସ୍‌ପି ଦିଲୀପ କୁମାର କର କହିଛନ୍ତି। ସମ୍ବଲପୁର ଭିଜିଲାନ୍ସ ବିଭାଗ ଏସ୍‌ପି ରବୀନ୍ଦ୍ର କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଡିଏସ୍‌ପି କର, ରାଉରକେଲା ଡିଏସ୍‌ପି ଦାଶରଥି ସେଠୀ, ଦେବଗଡ଼ ଡିଏସ୍‌ପି ପରମେଶ୍ୱର କିଷାନ, ଇନ୍ସପେକ୍ଟର ପି.କେ. ଆଇନ୍ଦ, ସୁଧାଂଶୁ ଶେଖର ପୂଜାରୀ, ରୀତାଞ୍ଜଳି ପ୍ରଧାନ, ପି.କେ. ମହାପାତ୍ର,ଏ.କେ. ପ୍ରଧାନ ପ୍ରମୁଖ ଅଧିକାରୀ ଓ କର୍ମଚାରୀ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଚଢାଉ କରିଥିଲେ। ଅନ୍ୟପକ୍ଷେ ମୁଖ୍ୟକିରାଣି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି , ବିଭିନ୍ନ ବ୍ୟାଙ୍କରୁ ଋଣନେଇ ସେ ଘର ନିର୍ମାଣ କରିଛନ୍ତି। ଏହାର ତଥ୍ୟସବୁ ସେ ଭିଜିଲାନ୍ସ ବିଭାଗ ନିକଟରେ ଦାଖଲ କରିଛନ୍ତି। କୌଣସି ବେଆଇନ୍ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିନାହାନ୍ତି। ସୂଚନାଯୋଗ୍ୟ, ମୁଖ୍ୟକିରାଣି ଛଞ୍ଚାଣ ଏହା ପୂର୍ବରୁ କିର୍ମିରା ବ୍ଲକ୍‌ରେ କିରାଣି ଭାବେ କାର୍ଯ୍ୟରତ ଥିଲେ। ୨୦୦୯ରେ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡି ଜେଲ୍ ଯାଇଥିଲେ।



ମୁଖ୍ୟ କିରାଣି ବେଣୁଧର ଛଞ୍ଚାଣଙ୍କ ବଢେଇମୁଣ୍ଡାସ୍ଥିତ ୩ ମହଲା ଅଟାଳିକା, କୋଟିପତି ମୁଖ୍ୟକିରାଣୀ ବେଣୁଧର ଛଞ୍ଚାଣ।

# ପୂର୍ବ ଶତ୍ରୁତାରୁ ଗୁଳିକାଣ୍ଡ: ଯୁବକ ମୃତ



ଟାୟାର ଜାଳି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ। ଇନ୍‌ସେଟ୍‌ରେ ମୃତ ଯୁବକ ଅର୍ଜୁନ ବଳିୟାରସିଂହ ।

**ଭାପୁର,୧୯।୧୦(ଡି.ଏନ.ଏ.)**

ନୟାଗଡ଼ ଜିଲା ଫତେଗଡ଼ ଥାନା ମଣିପୁର ଗ୍ରାମରେ ପୂର୍ବ ଶତ୍ରୁତାରୁ ଗୁଳିକାଣ୍ଡ ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅର୍ଜୁନ ବଳିୟାରସିଂହ (୩୨)। ଶୁକ୍ରବାର ରାତିରେ ଘଟିଥିବା ଏହି ଘଟଣାକୁ ନେଇ ଶନିବାର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତାରୋକୋ ସହ ଥାନା ଘେରାଉ କରିଥିଲେ। ପୋଲିସ ଉଚ୍ଚ ପଦାଧିକାରୀ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅର୍ଜୁନଙ୍କ ସ୍ତ୍ରୀ ରଶ୍ମିତା ବଳିୟାରସିଂହ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଅର୍ଜୁନ ଗାଁମୁଣ୍ଡ କାଚରାପାଟ ବନ୍ଧକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ଗ୍ରାମର ବାହାନ ଖଟେଇ, ଶଙ୍କର ଦଳେଇ, ତାପସ ଜେନା, ଅଶୋକ ଖଟେଇ, ଟୁଲୁ ଜେନା, ଜିତେନ୍ଦ୍ର ଦଳେଇ, ଧରମା ରାଉତରାୟ, ପ୍ରତାପ ଦଳେଇ ୪/୫ଟି ବାଇକ୍‌ରେ ଆସି ପ୍ରଥମେ ବୋମାମାଡ଼ କରିଥିଲେ। ପରେ ୨ ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ଅର୍ଜୁନଙ୍କୁ ଜୋରଜବରଦସ୍ତ ବାଇକ୍‌ରେ ନେଇ ପଳାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କ ମୃତଦେହ କଟକ ଜିଲା ବୈଦେଶ୍ୱର ଥାନା ମଧୁଆପଲ୍ଲୀ ଗ୍ରାମ ମୁଣ୍ଡରେ ଥିବା ଏକ ମଠ ନିକଟରୁ ମିଳିଥିଲା। ମୁଣ୍ଡରେ ଗୁଳି ବାଜିଥିବାରୁ ଉପରୋକ୍ତ ବ୍ୟକ୍ତିମାନେ ତାଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ପୂର୍ବ ଶତ୍ରୁତାରୁ ସେମାନେ ଏହି ହତ୍ୟାକାଣ୍ଡ ଭିଆଇଥିବା ରଶ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୭୮/୧୯) ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ଶନିବାର ଖବର ପ୍ରଚାରିତ ହେବା ପରିବାରବର୍ଗ ଓ ଗ୍ରାମବାସୀ ଫତେଗଡ଼ ଥାନା ସମ୍ମୁଖରେ ମୃତଦେହ ରଖି ଫତେଗଡ଼-କଣ୍ଟିଲୋ ରାସ୍ତା ଅବରୋଧ କରିଥିଲେ। ନୟାଗଡ଼ ଜିଲା ଅତିରିକ୍ତ ଏସ୍‌ପି ଦିଲୀପ କୁମାର ସାହାଣୀ, ଖଣ୍ଡପଡ଼ା ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି, ଫତେଗଡ଼ ଥାନା ଆଇଆଇସି ଗିରିଜା ନନ୍ଦନ ପଟ୍ଟନାୟକ, ଖଣ୍ଡପଡ଼ା ଥାନା ଆଇଆଇସି ବିମଳ ମଲ୍ଲିକଙ୍କ ସମେତ ୩ ପ୍ଲାଟୁନ ଫୋର୍ସ ପହଞ୍ଚି ଆଇନଶୃଙ୍ଖଳା ରକ୍ଷା କରିଥିଲେ। ଅତିରିକ୍ତ ଏସ୍‌ପି ସାହାଣୀ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା ପରେ ଅଭିଯୁକ୍ତମାନଙ୍କୁ ୩ ଦିନ ମଧ୍ୟରେ ଗିରଫ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଖୋର୍ଦ୍ଧା ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ଯୁବକଙ୍କ ଏକ ୪ ବର୍ଷର ଝିଅ ଓ ୩ ବର୍ଷର ପୁଅ ଅଛନ୍ତି।

# ଚଳନ୍ତା ଟ୍ରେନରେ ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

**ରାଉରକେଲା ଅଫିସ,୧୯।୧୦**

ଚଳନ୍ତା ଟ୍ରେନରେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଶନିବାର ରେଲୱେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନାମ ଗୌତମ ରାଉତ(୨୫)। ସେ ଢେଙ୍କାନାଳ ବାସିନ୍ଦା ବୋଲି ପୋଲିସ କହିଛି। ଏନେଇ ପୋଲିସ ଏକ ମାମଲା (ନଂ. ୧୪୭/୨୦୧୯) ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗୌତମ ଶନିବାର ରାତିରେ ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନର ସାଧାରଣ ବଗିରେ ଢେଙ୍କାନାଳରୁ ଉଠିଥିଲେ। ଏହି ବଗିରେ ବାଲୁଗାଁରୁ ଆସୁଥିବା ଜଣେ ମହିଳା ଯାତ୍ରୀ ବି ଥିଲେ। ମହିଳାଙ୍କୁ ଏକୁଟିଆ ପାଇ ଗୌତମ ତାଙ୍କ ସହ ସମ୍ପର୍କ ବଢ଼ାଇବାକୁ ଚାହିଁଥିଲେ। ଜୋର ଜବରଦସ୍ତ ତାଙ୍କ ସହ ଅଯଥା ଆଲୋଚନା କରି ହଇରାଣ କରିବାରେ ଲାଗିଥିଲେ। ଚଳନ୍ତା ଟ୍ରେନରେ ମହିଳା ଜଣଙ୍କ ନିଜକୁ ଅସୁରକ୍ଷିତ ମନେ କରି ପ୍ରତିରୋଧ କରିବାକୁ ମନରେ ସାହସ ଜୁଟାଇ ପାରି ନ ଥିଲେ। ଏହି ସୁଯୋଗରେ ଯୁବକ ଗୌତମ ତାଙ୍କ ସହ ଆଶାଳୀନ ବ୍ୟବହାର କରିଥିଲେ। ଟ୍ରେନ ରାଜଗାଙ୍ଗପୁର ନିକଟରେ ପହଞ୍ଚିବା ପରେ ମହିଳା ଜଣଙ୍କ ପାଟି କରି ନିଜ ଅସହାୟତା ପ୍ରକାଶ କରିଥିଲେ। ଫଳରେ ସେହି ବଗିର ଅନ୍ୟ ଯାତ୍ରୀମାନେ ଯୁବକଙ୍କୁ କାବୁ କରି ରାଉରକେଲା ପର୍ଯ୍ୟନ୍ତ ଆଣିଥିଲେ। ଶନିବାର ସକାଳେ ଟ୍ରେନ ରାଉରକେଲା ଷ୍ଟେଶନରେ ଅଟକିବା ପରେ ସମ୍ପୃକ୍ତ ଯୁବକଙ୍କୁ ରେଲୱେ ପୋଲିସକୁ ହସ୍ତାନ୍ତର କରାଯାଇଥିଲା।

## ଆଜି କ'ଣ କେଉଁଠି

**ଟିଟିଲାଗଡ**
- ଆନ୍ତଃଜିଲା ସ୍କୁଲ କରାଟେ ଚାମ୍ପିୟନଶିପ, ଗୋବିନ୍ଦ ବାଟିକା, ପୂର୍ବାହ୍ନ ୯.୩୦।

**ବେଲପାହାଡ**
- ଚିନ୍ତାମୁକ୍ତି ଶାନ୍ତି ଅନୁଭୂତି ଶିବିର ଉଦ୍‌ଘାଟନ, ବ୍ରହ୍ମାକୁମାରୀ ସେବାକେନ୍ଦ୍ର, ସନ୍ଧ୍ୟା ୬।୩୦।

**ଗୁଡଭେଲା**
- ଜିଲାସ୍ତରୀୟ କବି, କଳାକାର ମେଳା, ସୈନିକ ସ୍କୁଲ, ଚୁଖୁଡା, ଅପରାହ୍ନ ୨ଟା।

**ବଲାଙ୍ଗୀର**
- ମାହେଶ୍ୱରୀ ସଂଗଠନ ପକ୍ଷରୁ ପରିବେଶ ସଚେତନତା ସାଇକେଲ ରାଲି, ଭାରତୀୟ ଷ୍ଟେଟବ୍ୟାଙ୍କ ସମ୍ମୁଖ, ସକାଳ ୮।୩୦।

**ନୂଆପଡା**
- କର୍କଟ ରୋଗର ମାଗଣା ଚିକିତ୍ସା ଶିବିର, ଜିଲା ମୁଖ୍ୟ ଚିକିତ୍ସାଳୟ, ଅପରାହ୍ନ ୨ଟା।

**ଦେବଗଡ**
- ଗଣ ସଫେଇ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ଦେବଗଡ଼ ସହର, ସକାଳ ୭ଟା।
- ଫୁଟବଲ ମ୍ୟାଚ୍, କଣ୍ଡଳ ଗ୍ରାମ ପଡ଼ିଆ, ଅପରାହ୍ନ ୩ଟା, ମନୋରଞ୍ଜନ କାର୍ଯ୍ୟକ୍ରମ ପରଦା ଚଳଚ୍ଚିତ୍ର ଏବଂ ଅପେରା, ରାତି ୯ଟା।
- ୬୫ତମ ରାଜ୍ୟସ୍ତରୀୟ ସ୍କୁଲ କବାଡ଼ି ଚାମ୍ପିୟନଶିପ-୨୦୧୯ର ଚତୁର୍ଥ ଦିବସ ସମାରୋହ, ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ, ପୂର୍ବାହ୍ନ ୧୦ଟା।୩୦।

**ଲୋଇସିଂହା**
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ଯୋଗୀସର୍ଡା ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଲୋଇସିଂହା ନାଗରିକ କମିଟି ବୈଠକ, ବୁର୍ଡା ଡାକବଙ୍ଗଳା, ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ରାମାୟଣ ପାରାୟଣ କାର୍ଯ୍ୟକ୍ରମ, ଜହ୍ନାପଙ୍କ ବସଷ୍ଟାଣ୍ଡ, ପୂର୍ବାହ୍ନ ୧୦ଟା ।

**କେସିଙ୍ଗା**
- ଜନମଞ୍ଚ କାର୍ଯ୍ୟକ୍ରମ, କେସିଙ୍ଗା ଦୁର୍ଗାମଣ୍ଡପ, ସନ୍ଧ୍ୟା ୫ଟା।

**ରାଉରକେଲା**
- କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ ଲକ୍ଷ୍ମୀ ମେଳଣ ଉତ୍ସବ, ବୋଇତ ବନ୍ଦାଣ ପଡିଆ, ଦକ୍ଷିଣ ରାଉରକେଲା, ସନ୍ଧ୍ୟା,୬ଟା

**ସମ୍ବଲପୁର**
- ଜିଲାସ୍ତରୀୟ ସୁପରଲିଗ ଫୁଟବଲ ଟୁର୍ନାମେଣ୍ଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ସାଢ଼େ ୨ଟା ।
- ବିଶ୍ୱ ମାନବିକତା ଶୀର୍ଷକ ଆଲୋଚନା ଚକ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଧ୍ୟାପନ ପ୍ରକୋଷ୍ଠ-୧, ଅପରାହ୍ନ ୩ଟା ।
- ସ୍କୁଲ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ପୂର୍ବାହ୍ନ ୧୦ଟା ।
- ସଚେତନତା ରାଲି ଓ ସଭା, ଏନ୍ଏସ୍‌ସିବି କଲେଜ ପରିସର, ପୂର୍ବାହ୍ନ ୧୦ଟା ।

# ଜୁଆ ଆଡ୍ଡାରେ ଚଢ଼ାଉ: ୪ ଗିରଫ

**ରାଇରଙ୍ଗପୁର, ୧୯।୧୦ (ଡି.ଏନ୍.ଏ.):** ସ୍ଥାନୀୟ ସହରାଞ୍ଚଳ ବଡ଼ବଜାର ଦୈନିକ ପରିବା ମାର୍କେଟ୍ ପରିସରରେ ଶନିବାର ରାତି ପ୍ରାୟ ୮ଟାବେଳେ ସ୍ଥାନୀୟ ପୋଲିସ୍ ଜୁଆ ଆଡ୍ଡାରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଅଁଳା ଡୁବା ବସ୍ତି ଅଞ୍ଚଳର ଉତ୍ତମ ଦାସ, ଅଭିଷେକ ରାମ, ବଡ଼ବଜାର ମାର୍କେଟ ଅଞ୍ଚଳର ସୁମିତ୍ କୁମାର ସହା ଏବଂ ଜନୀ ଅଗ୍ରୱାଲ। ଘଟଣାସ୍ଥଳରୁ ପୋଲିସ ୯ ହଜାର ଟଙ୍କା ସହ ଜୁଆ ଖେଳ ତାସ ସାମଗ୍ରୀ ଜବତ କରିଛି। ଏହି ଚଢ଼ାଉରେ ସ୍ଥାନୀୟ ସହରାଞ୍ଚଳ ସବ୍‌ଇନ୍ସପେକ୍ଟର ପୂର୍ଣ୍ଣିମା ତିର୍କି, ସନ୍ତୋଷ କୁମାର ଖେସ୍ ସମେତ ପୋଲିସ କର୍ମଚାରୀ ସାମିଲ ଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ ୧୩୩/୧୯) ରୁଜୁ କରାଯାଇଛି।


**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.35/OMC Date : 19.10.2019

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. The Corporation has achieved an annual turnover of Rs. 4053 crores in the FY 2018-19. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.
The Corporation invites application from dynamic & competent professionals in different discipline as follows.

**VACANCY :-**

| Sl. No. | Name of the Post | Scale of Pay (in Rs.) | Total posts | Initial Basic Pay (in Rs.) | No. of Posts Reserved for ST | UR |
|---|---|---|---|---|---|---|
| GEOLOGY | | | | | | |
| 1 | General Manager (Geo.), E-7 grade | 1,27,100/- to 2,16,300/- | 01 | 1,38,800/- | - | 01 |
| 2 | Dy. General Manager (Geology), E-5 grade | 78,800/- to 2,09,200/- | 01 | 1,05,900/- | - | 01 |
| 3 | Manager (Geo.), E-3 grade | 67,700/- to 2,08,700/- | 02 | 78,500/- | 01 | 01 |
| 4 | Dy. Manager (Geo.), E-2 grade | 67,700/- to 2,08,700/- | 03 | 67,700/- | 01 | 02 |
| | Total | | 07 | | 02 | 05 |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates / Testimonials, experience certificate in support of their eligibility by **Speed Post /Courier** in a cover superscribed "APPLICATION FOR THE POST OF __________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 05.11.2019 positively.** Applications received after the last date due to delay in postal/courier or any other reason shall not be entertained and will be rejected.
The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)



**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.36/OMC Date : 19.10.2019

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. The Corporation has achieved an annual turnover of Rs. 4053 crores in the FY 2018-19. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.
The Corporation invites application from dynamic & competent professionals in different discipline as follows.

**VACANCY :-**

| Sl. No. | Name of the Post | Scale of Pay (in Rs.) | Total posts | Initial Basic Pay (in Rs.) | No. of Posts Reserved for SC | ST | SEBC | UR |
|---|---|---|---|---|---|---|---|---|
| MECHANICAL | | | | | | | | |
| 1 | Sr. Manager (Mech.), E-4 grade | 67,700/- to 2,08,700/- | 01 | 91,100/- | - | - | - | 01 |
| ELECTRICAL | | | | | | | | |
| 2 | Addl. General Manager (Elect.) | 1,23,100/- to 2,15,900/- | 01 | 1,23,100/- | - | - | - | 01 |
| 3 | Dy. General Manager (Elect), E-5 grade | 78,800/- to 2,09,200/- | 02 | 1,05,900/- | - | - | - | 02 |
| 4 | Sr. Manager (Elect.), E-4 grade | 67,700/- to 2,08,700/- | 02 | 91,100/- | - | 01 | 01 | - |
| 5 | Manager (Elect), E-3 grade | 67,700/- to 2,08,700/- | 02 | 78,500/- | 01 (W) | 01 (W) | - | - |
| SECURITY | | | | | | | | |
| 6 | Dy. General Manager (Security), E-5 grade | 78,800/- to 2,09,200/- | 01 | 1,05,900/- | - | - | 01 | - |
| 7 | Sr. Manager (Security), E-4 grade | 67,700/- to 2,08,700/- | 02 | 91,100/- | 01 | 01 | - | - |
| | Total | | 11 | | 02 | 03 | 02 | 04 |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates / Testimonials, experience certificate in support of their eligibility by **Speed Post /Courier** in a cover superscribed "APPLICATION FOR THE POST OF __________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 05.11.2019 positively.** Applications received after the last date due to delay in postal/courier or any other reason shall not be entertained and will be rejected.
The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)



ରିକଭରୀ ଅଫିସରଙ୍କ ଅଦାଲତ
ଋଣ ଅସୁଲି ପ୍ରାଧିକରଣ, କଟକ
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ-୧୪, ଓଡିଶା
**ସମ୍ପତ୍ତି ନିଲାମ ବିଜ୍ଞପ୍ତି**
ଆର୍.ପି.ନଂ. : ୫୪/୨୦୧୪/କଟକ (୨୦୧୧ର ଓଏ ନଂ. ୩୫୧ ରୁ ଉଦ୍ଧୃତ)
ସତ୍ୟମେବ ଜୟତେ

ୟୁକୋ ବ୍ୟାଙ୍କ, ବ୍ରଜରାଜ ନଗର, ଜିଲ୍ଲା: ଝାରସୁଗୁଡ଼ା — ସାର୍ଟିଫିକେଟ୍‌ଧାରୀ ବ୍ୟାଙ୍କ
ବନାମ
ମେସର୍ସ ମା ଦୁର୍ଗା ରାଇସ୍ ମିଲ୍ ଏବଂ ଅନ୍ୟମାନେ — ସାର୍ଟିଫିକେଟ୍ ଋଣଗ୍ରହୀତା

ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବ୍ୟାଙ୍କର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତାରିଖ ଓ ସମୟରେ, ଅନ୍‌ଲାଇନ୍ ଇ-ନିଲାମ ପଦ୍ଧତିରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ **"ଯେଉଁଠାରେ ଯେପରି ଅଛି"** ଭିତ୍ତିରେ କ୍ରୟ କରିବା ନିମନ୍ତେ ଇଚ୍ଛୁକ ନିଲାମଧାରୀଙ୍କ ପକ୍ଷରୁ ଜଉମୁଦଦିଆ ଲଫାପା / ଅନ୍‌ଲାଇନ୍ ମାଧ୍ୟମରେ ପ୍ରସ୍ତାବ ସହିତ ଅମାନତ ରାଶି **ତା୨୫.୧୧.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ଦାଖଲ କରିବା ପାଇଁ ଆହ୍ୱାନ କରାଯାଉଅଛି ।

**ସମ୍ପତ୍ତିର ବିବରଣୀ**

| ସମ୍ପତ୍ତିର ବିଶେଷ ବିବରଣୀ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ପ୍ରାରମ୍ଭିକ ବିଡ୍ ସହିତ ଅମାନତ ଜମା ଦାଖଲ କରିବାର ତାରିଖ ଏବଂ ସମୟ | ୧) ଅନ୍‌ଲାଇନ ନିଲାମର ତାରିଖ ଏବଂ ସମୟ ୨) ବିଡ୍ ବୃଦ୍ଧି ରାଶି |
|---|---|---|---|---|
| **ସମ୍ପତ୍ତିର ସାରଣୀ:** ଜିଲ୍ଲା: ଝାରସୁଗୁଡ଼ା, ତହସିଲ/ଏସ୍‌ଆରଓ: ଝାରସୁଗୁଡ଼ା, ମୌଜା: ବ୍ରଜରାଜ ନଗର ଟାଉନ୍, ୟୁନିଟ୍-୨, ଖାତା ନଂ.: ୪୭, ପ୍ଲଟ୍ ନଂ.: ୫୫୬୭, କ୍ଷେତ୍ର: ଏକର ୦.୧୦୩ ଡିସିମିଲ୍, ଚୌହଦୀ-ଉତ୍ତର: ଅରୁଣ କୁମାର ବିଶ୍ୱାଳ, ଦକ୍ଷିଣ: ପ୍ଲଟ୍ ନଂ. ୫୫୬୬, ପୂର୍ବ: ପ୍ଲଟ୍ ନଂ. ୫୫୮୯ ଏବଂ ପ୍ଲଟ୍ ନଂ. ୫୫୮୮, ପଶ୍ଚିମ: ପ୍ଲଟ୍ ନଂ. ୫୫୬୧ । | ଟ.୮,୩୬,୦୦୦.୦୦ (ଆଠ ଲକ୍ଷ ଛତିଶି ହଜାର ଟଙ୍କା ମାତ୍ର) | ଟ.୪୧,୮୦୦.୦୦ (ଏକଚାଳିଶି ହଜାର ଆଠ ଶହ ଟଙ୍କା ମାତ୍ର) | ୨୫.୧୧.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧) ୨୭.୧୧.୨୦୧୯ ମଧ୍ୟାହ୍ନ ୧୨ ଘଟିକାରୁ ଅପରାହ୍ନ ୧ ଘଟିକା ମଧ୍ୟରେ ଏବଂ ଆବଶ୍ୟକ ହେଲେ ୫ (ପାଞ୍ଚ) ମିନିଟ୍ ବର୍ଦ୍ଧିତ ସମୟ ସହିତ ୨) ଟ. ୫୦,୦୦୦/- ପଚାଶ ହଜାର ଟଙ୍କା ମାତ୍ର |

କଥିତ ସ୍ଥାବର ସମ୍ପତ୍ତିଗୁଡିକ ଋଣ ଅସୁଲି ଅଧିକାରୀ / ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରାଯିବ, ଯାହାର ଏକ ନକଲ **https://drt.auctiontiger.net** ଏବଂ **https://tenders.gov.in** କିମ୍ବା ତା୨୫.୧୧.୨୦୧୯ରିଖ ପର୍ଯ୍ୟନ୍ତ ଶାଖା ପ୍ରବନ୍ଧକ, ୟୁକୋ ବ୍ୟାଙ୍କ, ବ୍ରଜରାଜ ନଗର ଶାଖା, ଜିଲ୍ଲା: ଝାରସୁଗୁଡ଼ାଙ୍କ ଠାରେ ଯେ କୌଣସି କାର୍ଯ୍ୟ ଦିବସରେ ଉପଲବ୍ଧ ହେବ । ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ସହ ଅମାନତ ରାଶି **"THE RECOVERY OFFICER, Debts Recovery Tribunal, Cuttack"** ଙ୍କ ନାମରେ ଓ କଟକଠାରେ ଦେୟ ଦର୍ଶାଇ ପେ ଅର୍ଡର / ଡିମାଣ୍ଡ ଡ୍ରାଫ୍ଟ ଜରିଆରେ ଜମା କରିପାରିବେ କିମ୍ବା **"The Recovery Officer, DRT, Cuttack** ଙ୍କ ସପକ୍ଷରେ ଆର୍.ପି.ନଂ.: ୫୪/୨୦୧୪/କଟକ" ଆକାଉଣ୍ଟ ନଂ.: **10861705473**, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଟକ ମୁଖ୍ୟ ଶାଖା, ଶାଖା କୋଡ: **00059, IFSC Code: SBIN0000059** ସପକ୍ଷରେ **RTGS/NEFT** ମାଧ୍ୟମରେ ଟ୍ରାନ୍ସଫର କରିପାରିବେ । ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ସମ୍ପତ୍ତିଗୁଡ଼ିକର ତନଖି ଯେ କୌଣସି କାର୍ଯ୍ୟଦିବସରେ ତା୨୫.୧୧.୨୦୧୯ରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ କରିପାରିବେ ।

ନିମ୍ନଲିଖିତ କାଗଜାତ୍ ସହିତ ପ୍ରସ୍ତାବ ଗୁଡ଼ିକ ଅନ୍‌ଲାଇନ ଇ-ମେଲ ଆଇଡ଼ି: **ro2drtctak-dfs@nic.in** ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ ତା୨୫.୧୧.୨୦୧୯ରିଖ ୧୭.୦୦ ଘଟିକା ପୂର୍ବରୁ ଦାଖଲ ହେବା ଉଚିତ୍:- (କ) ସଠିକ୍ ଭାବେ ପୁରଣ କରାଯାଇଥିବା ଘୋଷଣାନାମା, (ଖ) ସଠିକ୍ ଭାବେ ପୁରଣ କରାଯାଇଥିବା ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, (ଗ) ଅମାନତ ଜମା ଦାଖଲ ପ୍ରମାଣ ପତ୍ର, (ଘ) ଗୋଟିଏ ଫଟୋଗ୍ରାଫ, (ଙ) ଠିକଣା ପ୍ରମାଣପତ୍ର, (ଚ) ବାସସ୍ଥାନ ପ୍ରମାଣପତ୍ର ଏବଂ (ଛ) ପାନ୍ କାର୍ଡର ଏକ ନକଲ ।

ସଂରକ୍ଷିତ ମୂଲ୍ୟଠାରୁ କମ୍ ଏବଂ ଅମାନତ ରାଶି ବିନା ଦିଆଯାଇଥିବା ପ୍ରସ୍ତାବକୁ ନାକଚ କରାଯିବ । ନିଲାମଧାରୀମାନଙ୍କୁ ଫଟୋ ପରିଚୟପତ୍ର, ଠିକଣା ପ୍ରମାଣ ପତ୍ର ଏବଂ ଗୋଟିଏ ଫଟୋ ଡାଉନ୍‌ଲୋଡ କରିବାକୁ ଅନୁରୋଧ ।

ମାନ୍ୟବର ଋଣ ଅସୁଲି ଅଧିକାରୀଙ୍କ ଦସ୍ତଖତ ଏବଂ ମୋହର ସହ କଟକଠାରେ ତା.୨୭.୦୮.୨୦୧୯ରିଖରେ ଆଦିଷ୍ଟ ।

ସ୍ୱା/- (ଆର.ପି. ପଟ୍ଟନାୟକ)
ଋଣ ଅସୁଲି ଅଧିକାରୀ



150 YEARS OF CELEBRATING THE MAHATMA
ODISHA KHADI & VILLAGE INDUSTRIES BOARD

**ଖଦି ବଜାର**

ଜାତୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା - ୨୦୧୯
ସ୍ଥାନ : ପ୍ରଦର୍ଶନୀ ପଡିଆ, ୟୁନିଟ୍ - ୩, ଭୁବନେଶ୍ୱର
ତାରିଖ : ୧୯ - ୨୮ ଅକ୍ଟୋବର ୨୦୧୯
ଅପରାହ୍ନ ୧ ଘଟିକା ରୁ ରାତ୍ର ୯.୩୦ ଘଟିକା



ବିଭିନ୍ନ ରାଜ୍ୟର ଖଦି ଓ ଗ୍ରାମୋଦ୍ୟୋଗ ସାମଗ୍ରୀ ସମ୍ଭାର

- ବିଭିନ୍ନ ରାଜ୍ୟର ହସ୍ତତନ୍ତ ଶାଢୀ ଓ ପ୍ରସାଧନ ସାମଗ୍ରୀ
- ଖଦି ଲୁଙ୍ଗି, ଗାମୁଛା, ପଞ୍ଜାବି, ସାର୍ଟ ଓ ଜ୍ୟାକେଟ୍
- ବାଉଁଶ, କଥା, ଝୋଟ, ମୃତ୍ତିକା, ବେତ, ଡୋକ୍ରା, ନଡା ଓ ଶିଙ୍ଗ ତିଆରି ସାମଗ୍ରୀ
- ଶୁଦ୍ଧ ଘଣା ସୋରିଷ ତେଲ, ମହୁ, କନ୍ଧମାଳ ହଳଦୀ ଓ ମସଲା



"ଅଳ୍ପ ବୟସରେ ଯଦି ଜଣେ ଉଦୀୟମାନ ଯୁବକ ମରିଗଲା, ତେବେ ଜାଣିବ ଯେ ସେ ଈଶ୍ୱରଙ୍କର ଅତି ପ୍ରିୟ ଥିଲା ଓ ଈଶ୍ୱରଙ୍କ ଡାକରାରେ ଚାଲିଗଲା।
- ମେନାଣ୍ଡର

## ସେଲ୍‌ଫି କର୍ନର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ବିଜୟ



ମଞ୍ଜିତ



ଦୟା



ଗଦାଧର



ଜିତୁ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ହାଇକୋର୍ଟଙ୍କ ଉପରେ ସମସ୍ତଙ୍କ ଅଧିକାର ଅଛି



ସମ୍ବଲପୁର ଜିଲା ଓକିଲ ସଂଘ ସଭା କକ୍ଷରେ ଶନିବାର ସିଏସି କର୍ମକର୍ତ୍ତା ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

- ହାଇକୋର୍ଟ ଓକିଲ ସଂଘର ଆଞ୍ଚଳିକ ମାନସିକତା ବିଭାଜନ ଆରମ୍ଭ କରିଛି
- ସିଏସି ଏକ ଡ୍ରାଫ୍ଟିଂ କମିଟି ଗଠନ କରିଛି
- ୨୧ରେ କାରଣଦର୍ଶାଅ ନୋଟିସ ପକ୍ଷ ରଖାଯିବ

**ସମ୍ବଲପୁର, ୧୯।୧୦ (ବ୍ୟୁରୋ)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ ଦୀର୍ଘ ଦିନ ହେବ ଚାଲି ଆସୁଛି । ଏହା ଏକ ଜନ ଆନ୍ଦୋଳନ। ଅନ୍ୟପକ୍ଷେ ଓଡ଼ିଶା ଉଚ୍ଚ ନ୍ୟାୟଳୟଙ୍କ ଉପରେ ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅଧିକାର ରହିଛି । ଏହା ଉପରେ କେବଳ ହାଇକୋର୍ଟ ଓକିଲ ସଂଘର ଏକଚାଟିଆ ଅଧିକାର ନାହିଁ। ହାଇକୋର୍ଟ ଓକିଲ ସଂଘର ଜନବିରୋଧୀ ଆଭିମୁଖ୍ୟ ଓ ଆଞ୍ଚଳିକ ମାନସିକତା ରାଜ୍ୟରେ ବିଭାଜନ ଆରମ୍ଭ କରିଛି। ଏଭଳି କାର୍ଯ୍ୟରୁ କ୍ଷାନ୍ତ ନ ହେଲେ ଭବିଷ୍ୟତରେ ରାଜ୍ୟର ଭୌଗୋଳିକ ବିଭାଜନ ଅପରିହାର୍ଯ୍ୟ ହୋଇ ପଡିବ। ଶନିବାର ସମ୍ବଲପୁର ଜିଲା ଓକିଲ ସଂଘ ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି (ସିଏସି) ଆବାହକ ଅଶୋକ ଦାଶ ଏହା କହିଛନ୍ତି ।

ଗତ ୧୫ ତାରିଖ ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କ ସମେତ ଅନ୍ୟ ୧୩ଜଣ ବିଚାରପତିଙ୍କୁ ନେଇ ଫୁଲ୍ କୋର୍ଟ ବସିଥିଲା । ହାଇକୋର୍ଟ ଲାଗି ଆନ୍ଦୋଳନ କରୁଥିବା ଓକିଲ ସଂଘ କର୍ମକର୍ତ୍ତାଙ୍କୁ କାରଣ ଦର୍ଶାଅ ନୋଟିସ ଜିଲା ଜଜ୍‌ଙ୍କ ଜରିଆରେ ଦିଆଯାଇଛି । ତେଣୁ ଚଳିତ ମାସ ୨୧ ତାରିଖରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିରେ ଥିବା ଓକିଲ ସଂଘ ଏକକାଳୀନ ହାଇକୋର୍ଟରେ କାରଣ ଦର୍ଶାଅ ନୋଟିସର ପକ୍ଷ ରଖିବ । ପଶ୍ଚିମ ଓଡ଼ିଶାର ଜଣେ ଆଇନଜୀବୀ ସମସ୍ତଙ୍କ ପକ୍ଷ ରଖିବେ । ଏହାକୁ ନେଇ ସିଏସି ଏକ ଡ୍ରାଫ୍ଟିଂ କମିଟି ଗଠନ କରିଛି । ଏଥିରେ ଜଗନ୍ନାଥ ହୋତା, ନିମାଇଁଚରଣ ନାୟକ, ଅମୂଲ୍ୟ ଶର୍ମା, ସୁରେଶ୍ୱର ମିଶ୍ର, ଦୁଷ୍ମନ୍ତ କୁମାର ନାୟକ, ରବୀନ୍ଦ୍ର ପଣ୍ଡା, ଦିଲୀପ ଗୁରୁ, ପ୍ରମୋଦ ଦାଶ ରହିଛନ୍ତି । ଅପରପକ୍ଷେ ଚଳିତ ବର୍ଷ ଓଡ଼ିଶା ହାଇକୋର୍ଟ କଲେଜିୟମ ହାଇକୋର୍ଟ ବିଚାରପତି ନିଯୁକ୍ତି ନିଷ୍ପତ୍ତିକୁ ଓଡ଼ିଶା ହାଇକୋର୍ଟ ଓକିଲ ସଂଘ ବିରୋଧ କରିବା ଅଭିସନ୍ଧି ମୂଳକ। ପୂର୍ବରୁ କେବଳ ଉପକୂଳ ଅଞ୍ଚଳର ପ୍ରାର୍ଥୀମାନଙ୍କୁ ବିଚାରପତି ନିଯୁକ୍ତି ଲାଗି ସୁପାରିସ କରାଯାଉଥିଲା । କିନ୍ତୁ ଚଳିତ ବର୍ଷ ପଶ୍ଚିମ ଓଡ଼ିଶାର ଯୋଗ୍ୟ ଓ ସଫଳ ଆଇନଜୀବୀଙ୍କୁ ବିଚାରପତି ଭାବେ ନିଯୁକ୍ତ କରାଯାଇଛି। ଏହାକୁ ନେଇ ହାଇକୋର୍ଟ ଓକିଲ ସଂଘ ଭୁଲ ମନୋଭାବ ପୋଷଣ କରୁଛି ବୋଲି ସେ କହିଛନ୍ତି ।

ସିଏସି ସାଧାରଣ ସମ୍ପାଦକ ବିଜିତେନ୍ଦ୍ର ପ୍ରଧାନ ଜରୁରୀ ବୈଠକରେ ଗୃହୀତ ହୋଇଥିବା ପ୍ରସ୍ତାବ ବିଷୟରେ ସୂଚନା ଦେଇଥିଲେ । ସେ କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାର ବାରମ୍ବାର ହାଇକୋର୍ଟଙ୍କୁ ମତ ରଖିବାକୁ ଅନୁରୋଧ କରିଛନ୍ତି । କିନ୍ତୁ ହାଇକୋର୍ଟ ଏ ପର୍ଯ୍ୟନ୍ତ ନିଜର ମତ ଦେଇ ନାହାନ୍ତି । ଅପର ପକ୍ଷେ ଆନ୍ଦୋଳନ କରୁଥିବା ପଶ୍ଚିମ ଓଡ଼ିଶାର ଓକିଲ ସଂଘ କର୍ମକର୍ତ୍ତାଙ୍କୁ କାରଣ ଦର୍ଶାଅ ନୋଟିସ ଦେବା ଠିକ୍ ନୁହେଁ । ବୌଦ୍ଧ ଜିଲା ଓକିଲ ସଂଘ ଉତ୍ତରାଞ୍ଚଳ ରାଜସ୍ୱ କମିଶନରରେ ଅନ୍ତର୍ଭୁକ୍ତ କରିବା ନେଇ ଆନ୍ଦୋଳନ କରୁଛନ୍ତି । ଏହାକୁ ନେଇ ସିଏସି ଆଗାମୀ ଦିନରେ ମହାବନ୍ଦ ଡାକରା ଦେବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀ ପୂର୍ବରୁ ସିଏସିର ଜରୁରୀ ବୈଠକରେ ରାଜଗାଙ୍ଗପୁର ସଂଘ ସଭାପତି ଏଲ.କେ. ବେହେରା, ସମ୍ପାଦକ ମନୋଜ କୁମାର ସାହୁ, ଦେବଗଡ଼ର ରଞ୍ଜିତ ଲୋଚନ ପ୍ରଧାନ, ତାରାକାନ୍ତ ଦାଶ, କନ୍ଧମାଳର ଦୁତିଆ ସାହୁ, କୈଳାସ ବାରିକ, ଝାରସୁଗୁଡ଼ାର ସନ୍ଦୀପ ଅଗସ୍ତି, ପଦ୍ମନାଭ ମାଲି, ଅତାବିରାର ରାକେଶ ପାଢ଼ୀ, ମୋହିତ କୁମାର ମହାପାତ୍ର, ବଣାଇର ଲିଙ୍ଗରାଜ ମିଶ୍ର, ପାର୍ଥସାରଥି ମିଶ୍ର, ପଦ୍ମପୁରର କିଶୋର କୁମାର ମେହେର, ଶାନ୍ତନୁ କୁମାର ତ୍ରିପାଠୀ, ସୋହେଲାର ଅଶୋକ କୁମାର ବାରିକ, ବିକାଶ ଚନ୍ଦ୍ର ଭୋଇ, ରେଢ଼ାଖୋଲର ଅଭୟ କୁମାର ବୀର, ଗଣେଶ୍ୱର ପ୍ରଧାନ, କୁଚିଣ୍ଡାର ଅଭୟ କୁମାର ନାୟକ, ଅସିତ ଗଙ୍ଗଦେବ, ବୌଦ୍ଧର ତାରିଣୀ ମହାପାତ୍ର, ଅଶୋକ କୁମାର ମିଶ୍ର, ସୁନ୍ଦରଗଡ଼ର ଦିଷ୍ମନ୍ତ କୁମାର ନାୟକ ପ୍ରମୁଖ ଆଲୋଚନାରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହୋଇ ନାହିଁ କି ହବ ନାହିଁ;**
**ପାଚିଲା ଆମ୍ବ ଲୋସିଡି ଗଲାଣି,**
**ଆଉ ମହାଜନ ନବ ନାହିଁ ।**

ଆମ୍ବ କଞ୍ଚା ଥିଲାବେଳେ ଆମ୍ବ ବଗିଚା ନିଲାମ ଦିଆଯାଏ। ସେତେବେଳେ ଆମ୍ବ ବଗିଚାର ମୂଲ୍ୟ ବେଶିଥାଏ। ପରନ୍ତୁ ଆମ୍ବ ପାଚିଗଲେ ଆଉ କେହି ସେ ବଗିଚା ପାଇଁ ନିଲାମ ଡାକିବାକୁ ଆସି ନ ଥାନ୍ତି। ଫଳସ୍ୱରୂପ ଆମ୍ବ ବଗିଚାର ନିଲାମ ଦର କମିଯାଇଥାଏ। ଅନ୍ୟ ଅର୍ଥରେ ଝିଅର ବୟସ ଗଡ଼ିଗଲେ ଯୌବନର ଆକର୍ଷଣ କମିଯାଏ। ପୂର୍ବ ସୌନ୍ଦର୍ଯ୍ୟ ଆଉ ରହେ ନାହିଁ। ଏପରିସ୍ଥଳେ ଆଉ କେହି ବାହାହେବାକୁ ରାଜି ହୁଅନ୍ତି ନାହିଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ହାତେ ବାହି କାଚ, ଗୋଡ଼ରେ ଝୁଣ୍ଟିଆ,**
**ଶୁଭୁଥାଏ ରୁଣଝୁଣ୍;**
**ଭାଉଜ ପରଷା ସୁଆଦ ଲାଗେ,**
**ଭାରିଯା ତ ଅବିଗୁଣ୍ଣୁ ।**

ଯେତେ ଅଳଙ୍କାରରେ ସଜ୍ଜିତ ହୋଇଥିଲେ ସୁଦ୍ଧା ଯଦି ନାରୀଠାରେ ସ୍ନେହ, ଆଦର, ସେବା ତଥା ପବିତ୍ରତା ଭଳି ବିଶେଷ ଗୁଣର ଅଭାବ ଥାଏ ତେବେ ସେ ସେତେ ଆଦରଣୀୟ ହୋଇପାରି ନ ଥାଏ। ଫଳସ୍ୱରୂପ ଏପରି ନାରୀଠାରୁ ସ୍ୱାମୀ ମୁହଁ ଫେରାଇନେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଓଡ଼ିଶାର ଦ୍ୱିତୀୟ ବିଜୟ

**କଟକ ଅଫିସ,୧୯।୧୦**

ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଏକ ମ୍ୟାଚ୍‌ରେ ଶନିବାର ଘରୋଇ ଓଡ଼ିଶା ଦଳ ୭୯ରନରେ ତ୍ରିପୁରାକୁ ପରାସ୍ତ କରିଛି। ଓଡ଼ିଶାର ଏହା ଦ୍ୱିତୀୟ ବିଜୟ। ପୂର୍ବାଞ୍ଚଳ ଗ୍ରୁପରେ ଓଡ଼ିଶା ୨ଟି ବିଜୟ ପଏଣ୍ଟ ସହ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ଆଶୀର୍ବାଦ ସ୍ୱାଇଁଙ୍କ ୮୩ରନ ବଳରେ ଓଡ଼ିଶା ପ୍ରଥମ ଇନିଂସରେ ୨୧୯ରନ କରିଥିଲା। ଜବାବରେ ତ୍ରିପୁରା ପ୍ରଥମ ଇନିଂସରେ ୧୧୨ରନରେ ଅଲଆଉଟ ହୋଇଥିଲା। ଓଡ଼ିଶା ଅଧିନାୟକ ଶ୍ରେଷ୍ଠ ସିଂ ପ୍ରଥମ ଇନିଂସରେ ୪ଟି ଉଇକେଟ ଦଖଲ କରିଥିଲେ। ୩ ଉଇକେଟ ବିନିମୟରେ ୮୫ରନ କରିଥିବା ବେଳେ ଓଡ଼ିଶା ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଆଶୀର୍ବାଦ ୩୭ରନରେ ଅପରାଜିତ ଥିଲେ। ତ୍ରିପୁରା ସମ୍ମୁଖରେ ୧୯୩ରନର ବିଜୟଲକ୍ଷ୍ୟ ରହିଥିବା ବେଳେ ଦଳ ୧୧୩ରନରେ ଅଲଆଉଟ ହୋଇଥିଲା। ଅଂଶୁମାନ ବେଜ ୪ଟି, ଅଧିନାୟକ ଶ୍ରେଷ୍ଠ ୩ଟି ଉଇକେଟ ଅକ୍ତିଆର କରିଥିଲେ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
ଆପଣଙ୍କ ସ୍ୱପ୍ନଗୁଡ଼ିକୁ ସାକାର କରନ୍ତୁ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
72899-99543
72899-48952
SCO-106, Second Floor, Vishal Tower, Cannaught Place, Delhi.

FINANCE
ସରକାରୀ ଜନକଲ୍ୟାଣ ଯୋଜନା ଅନ୍ତର୍ଗତ ଦ୍ୱାରା ମାର୍କସିଟ, ସମ୍ପତି, ଆଧାରକାର୍ଡ, ବ୍ୟବସାୟ ଓ BPL, ବ୍ୟକ୍ତିଗତ ଋଣ (1ରୁ 90 Lakh) ପର୍ଯ୍ୟନ୍ତ ମାତ୍ର ୧୩୫୦/- ଟଙ୍କାରେ ୪୮ ଘଣ୍ଟାରେ ପାଆନ୍ତୁ। ବାର୍ଷିକ 1% ସୁଧ 40% ଛାଡ
Ashoka Finance
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7900883466
8743042068

ଦୀପାବଳିର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
CAPITAL ONE FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9354297908
H.No. 12, Sohana Distt. Mohali

FINANCE
CASHBEN ଋଣ ନେଇ ଆସିଛି ସୁବର୍ଣ୍ଣ ସୁଯୋଗ
ଋଣ ପାଇବାର ସରଳ ରାସ୍ତା କେବଳ ପ୍ୟାନ୍ କାର୍ଡ ଦ୍ୱାରା ମାତ୍ର ୧% ସୁଧରେ ୨୦,୦୦୦-୨୦,୦୦,୦୦୦/- ପର୍ଯ୍ୟନ୍ତ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ
Plot No-14/524, Chandini Chowk, Kolkata
9614873540
8226890446

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

DIWALI DHAMAKA
NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ କମ୍ ସୁଧ ଅଧିକ ରିହାତୀ। ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9896736154
7988366521

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ASTROLOGY

BUSINESS

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଦୀପାବଳି ଧମାକା
କୁପନ୍ ବାହାରିଲେ 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ କିମ୍ବା ଋଣ ପାଇଁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ ଋଣର ସୁବିଧା ।
ସୁଧ 1% ବାର୍ଷିକ
ସବୁ ପ୍ରକାର ଋଣ ସୁବିଧା ପାଇଁ ଯୋଗାଯୋଗ କରନ୍ତୁ
ToofanFinance.in
7491845997
7079574972
New Ashok Nagar, East Delhi, Delhi

ଦୀପାବଳିର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9415512879
B-34/7 A Block Vijay Enclave, Bururi, New Delhi

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ







ସମ୍ବଲପୁର ପଧାନପାଲି ପାବନ ସରୋବରଠାରେ ଶନିବାର ଆୟୋଜିତ ଆଧାତ୍ମିକ ପ୍ରବଚନରେ ଯୋଗଦେଇଥିବା ଭକ୍ତମାନେ (ବାମ)। ପଧାନପାଲି ପାବନ ସରୋବରଠାରେ ଶନିବାର ଉଦ୍‌ଘାଟିତ ଶିଶୁ ଉଦ୍ୟାନରେ ପିଲାମାନେ ଖେଳୁଛନ୍ତି (ମଝି)। ତପସ୍ୱିନୀ ପ୍ରେକ୍ଷାଳୟଠାରେ ଶନିବାର ରାତିରେ ଆୟୋଜିତ ଆକାଶବାଣୀ ସଂଗୀତ ସମ୍ମିଳନରେ ହାଇଦ୍ରାବାଦର ପୂର୍ବାଗୁରୁ ଶର୍ମା ଗଜଲ ପରିବେଷଣ କରୁଛନ୍ତି ।

# ୨୨ରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ଚାଷୀ

**ବାମରା, ୧୯।୧୦ (ଡି.ଏନ.ଏ.)**

ଖରିଫ ଋତୁରେ ବାମରା ବ୍ଲକ ସମେତ ଜିଲାର ଅନ୍ୟାନ୍ୟ ବ୍ଲକ ଗୁଡିକରେ ମରୁଡି ପରିସ୍ଥିତି ଉପୁଜିଛି। ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ ମଧ୍ୟ କରାଯାଇଛି । ହେଲେ ଫସଲ ବୀମା ପ୍ରଦାନ ଦାବି ନେଇ ଲଗାତାର ଭାବରେ ଆନ୍ଦୋଳନ ସତ୍ତ୍ୱେ ବୀମା ରାଶି ପ୍ରଦାନ ପାଇଁ କୌଣସି ବାଟ ଫିଟୁ ନ ଥିବା ଚାଷୀ ସଂଗଠନ ଅଭିଯୋଗ କରିଛନ୍ତି।

## ଫସଲ ବୀମା ମିଳିଲାନି

ଆସନ୍ତା ୨୨ ତାରିଖରୁ ସମ୍ବଲପୁର ଜିଲା ଚାଷୀ ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିଶ୍ଚିତକାଳ ପର୍ଯ୍ୟନ୍ତ ଅନଶନରେ ବସିବା ପାଇଁ ଚାଷୀ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏ ନେଇ କୁଚିଣ୍ଡା ଉପଖଣ୍ଡସ୍ତରୀୟ ପ୍ରସ୍ତୁତି ବୈଠକ ବାମରା ବ୍ଲକ କେନ୍ଦୁପାନିଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି।



ବାମରା ବ୍ଲକ କେନ୍ଦୁପାନିଠାରେ ଶନିବାର ଅନୁଷ୍ଠିତ କୁଚିଣ୍ଡା ଉପଖଣ୍ଡସ୍ତରୀୟ ପ୍ରସ୍ତୁତି ବୈଠକରେ ଚାଷୀନେତାମାନେ।

କାର୍ଯ୍ୟକ୍ରମରେ କୃଷକ ନେତା ଆଲୋକ ପ୍ରଧାନ, ମୁରଲୀ ପୁରୋହିତ, କୁଶଧ୍ୱଜ ଚୌଧୁରୀ, ଯୋଗବିହାରୀ ପରିଡା, ଚୁଡାମଣି ପଟେଲ, ନବୀନ ପଟେଲ, ଅମୀୟ ପଟେଲ, ମହାବୀର ପ୍ରସାଦ ଖଣ୍ଡେଲୱାଲ, ସୌଦାମିନୀ ନାୟକ, କିରଣ ନାୟକ, ପୀତବାସ ପଟେଲ ଓ ଦିଲ୍ଲୀପ ଛାତ୍ରିଆଙ୍କ ସହିତ କୁଚିଣ୍ଡା ଉପଖଣ୍ଡର ପ୍ରାୟ ସମସ୍ତ ପଞ୍ଚାୟତରୁ ଚାଷୀନେତା ଯୋଗ ଦେଇଥିଲେ ।

# ଟ୍ରାଫିକ ନିୟମ ସଚେତନତା ଉପରେ ରାଲି

**ଧମା, ୧୯।୧୦ (ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ଧମା ପଞ୍ଚାୟତ ଅଫିସରେ ବିଜୁ ଯୁବବାହିନୀ ତରଫରୁ 'ରକ୍ଷକ' କାର୍ଯ୍ୟକ୍ରମ ମାଧ୍ୟମରେ ଟ୍ରାଫିକ ନିୟମ ସଚେତନତା ଉପରେ ଏକ ରାଲି ଓ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମାନେଶ୍ୱରୀ ବ୍ଲକ ବିଜେଡି ସଭାପତି ଗୋପିରଞ୍ଜନ ବେହେରା, ଧମା ଥାନା ସବ୍ ଇନ୍ସପେକ୍ଟର ସୁଧାଂଶ ପାତ୍ର, ସରପଞ୍ଚ ନରେଶ ସେଠ, ବିଜୁ ଯୁବ ବାହିନୀ ଜିଲା ସଂଯୋଜକ କବିର ଅଗସ୍ତିଆ ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତ ସଦସ୍ୟ ଓ ଜନସାଧାରଣଙ୍କୁ ହେଲମେଟ ପିନ୍ଧିବା, ଗାଡିର ଜରୁରୀ କାଗଜପତ୍ର ସାଙ୍ଗରେ ରଖିବା, ଗାଡି ଚଳାଇବା ବେଳେ ଫୋନ୍ ବ୍ୟବହାର ନ କରିବା ଇତ୍ୟାଦି ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସଚେତନତା ରାଲି ଧମା ଥାନା ସମ୍ମୁଖରୁ ବାହାରି ସ୍ଥାନୀୟ ଡାକ ବଙ୍ଗଳା ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜିକା ନାରାୟଣୀ ସ୍ୱାଇଁ, ପ୍ରୋଗ୍ରାମ ଅଫିସର ସସ୍ମିତା ପଡିହାରୀ, ଅକ୍ଷୟ ପାଢ଼ୀ, ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡଲି, ଧମା ସମିତିସଭ୍ୟ ରିଙ୍କୁ ସେଠ ପ୍ରମୁଖ ଯୋଗ ଦେଇଥିଲେ। ରାସ୍ତାରେ ହେଲମେଟ ପିନ୍ଧି ଯାଉଥିବା ଯାତ୍ରୀଙ୍କୁ ପେନ୍ ଓ ଚକଲେଟ ଦେଇ ଉତ୍ସାହିତ କରିବା ସହ ଅନ୍ୟମାନଙ୍କୁ ସଚେତନତା କରାଯାଇଥିଲା। ପ୍ରଶାନ୍ତ ବେହେରା, ଦେଓଗାଁର ଗୁଡୁ ବେହେରା, ବରଗାଁର ନଶିବ ଭୋଇ, ରଞ୍ଜନ ପାଣିଗ୍ରାହୀ, ଗିରିଗୋବର୍ଦ୍ଧନ ପଣ୍ଡା ପ୍ରମୁଖ ଯୋଗଦେଇ ଟ୍ରାଫିକ ନିୟମ ସଚେତନତା ପାଇଁ ସହଯୋଗ କରିଥିଲେ।




ଟ୍ରାଫିକ ନିୟମ ସଚେତନତା ଉପରେ ରାଲି ବାହାରିଛି।

# ଝାଡେଶ୍ୱରୀ କଲେଜ ଅଧାପକ, ଅଭିଭାବକ ବୈଠକ



ଝାଡେଶ୍ୱରୀ କଲେଜରେ ଶନିବାର ଅନୁଷ୍ଠିତ ବୈଠକରେ ଅଧାପକ ଓ ଅଭିଭାବକମାନେ।

**ଧମା, ୧୯।୧୦ (ଡି.ଏନ.ଏ.)**

ସ୍ଥାନୀୟ ମାଁ ଝାଡେଶ୍ୱରୀ କଲେଜରେ ଶନିବାର ଅଧାପକ ଓ ଅଭିଭାବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଅନୀଲ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଯୁକ୍ତ ୩ ପ୍ରଥମ ବର୍ଷର ଶତାଧିକ ଛାତ୍ରୀଛାତ୍ରଙ୍କ ଅଭିଭାବକ ଯୋଗ ଦେଇଥିଲେ। ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ଉପରେ ସର୍ବଶେଷ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଉପସ୍ଥାନ, ପରୀକ୍ଷା ପଦ୍ଧତି, ଶାନ୍ତି ଶୃଙ୍ଖଳା, କ୍ୟାରିୟର କାଉନସେଲିଂ ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ବୈଠକରେ ଯୁକ୍ତ ୨ ଅଧ୍ୟକ୍ଷ ଅଶୋକ ପୁରୋହିତ, ଅଧାପକ ରବୀନ୍ଦ୍ର ନାରାୟଣ ଠାକୁର, ବଳଦେବ ମହାକୁର, ସୁଦୀପ୍ତା ଦାଶ, ଅମ୍ରିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତଃ କଲେଜ ଫୁଟବଲ ଟୁର୍ନାମେଣ୍ଟ

**ଅତାବିରା, ୧୯।୧୦ (ଡି.ଏନ.ଏ)**

ଅତାବିରା ବ୍ଲକ ଲରମ୍ବା କଲେଜରେ ଚାଲିଥିବା ଆନ୍ତଃ କଲେଜ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ଦିବସ । ଦ୍ୱିତୀୟ ଦିବସ ଖେଳରେ ତୃତୀୟ ପର୍ଯ୍ୟାୟକୁ ପୁରୁଣାକଟକ, ଘସିଏନ, ବରପାଲି, ଗୋଡଭଗା, ଏଲଏନ କଲେଜ, ପିଜି କଲେଜ, ଜ୍ୟୋତି ବିହାର ବୁର୍ଲା, ଢୁଙ୍ଗୁରିପାଲି, ମୁରିବାହାଲ, ସିଣ୍ଡୋଲ ଉନ୍ନୀତ ହୋଇଛନ୍ତି । ଲରମ୍ବା କଲେଜ ଅଧ୍ୟକ୍ଷ ଡ. ନରେନ୍ଦ୍ର କୁମାର ବେହେରା, ଅଧାପକ ରତନ କୁମାର ଶର୍ମା, ଡ. ପ୍ରମୋଦ କୁମାର ଭୋଇ, ପବିତ୍ର ମାହାଣା, ସୁଶୀଲ ମହାକୁର, ପ୍ରମୋଦ ସେଟ, ଅବିନାଶ ସାହୁ, ରୋଜି କର୍ମୀ, ରଜତ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଅଶ୍ୱିନୀ ମେହେର, ନିରଞ୍ଜନ ମହାକୁର, ଶୁଭମ ପାତ୍ର, ପଞ୍ଚାନନ ପାତ୍ର, ଅନୀଲ ବାଗ ଖେଳ ପରିଚାଳନା କରିଥିଲେ ।


**DISTRICT MINERAL FOUNDATION, JAJPUR**
**Ph.: 06728-222227,**
**E-mail: dmfjajpur@gmail.com,**
**Website: www.jajpur.nic.in**

**Letter No.: DMF/ 522/ 2019** **Date: 19.10.19**

**WALK-IN INTERVIEW FOR SPECIALISTS/ DOCTORS**

Candidatures are invited for walk-in interview for appointment of Super Specialists/ Specialist/ Doctors in District Headquarter Hospital, Jajpur out of District Mineral Foundation Fund. The vacancy details and all other requisite qualification, experience is available in website **www.jajpur.nic.in**.

The date of walk-in interview: 30.10.2019

Venue: Collector's Conference Hall

**Sd./-**
**Collector & Managing Trustee**
**DMF, Jajpur**



**ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ**

**ଗାଡି ମାଲିକମାନଙ୍କ ପାଇଁ ବିଶେଷ ସୂଚନା**

ଏତଦ୍‌ଦ୍ୱାରା ସମସ୍ତ ରାଜ୍ୟ / ଆନ୍ତଃରାଜ୍ୟ ମାର୍ଗରେ ଚଳାଚଳ କରୁଥିବା ଯାତ୍ରିବାହି ବସ୍ ମାଲିକ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆନ୍ତଃରାଜ୍ୟ ମାର୍ଗ ମଧ୍ୟରେ ନିମ୍ନଲିଖିତ ଖାଲି ଥିବା ମାର୍ଗ ଗୁଡିକୁ ବିଜ୍ଞାପନ ମାଧ୍ୟମରେ ସ୍ଥାୟୀ ଅନୁମତି ପତ୍ର ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ତା ୨୯.୧୦.୨୦୧୯ ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ଟ୫୦୦ଙ୍କା ଆବେଦନ ଫିସ୍ ସହିତ ମୋଟରଯାନର ଆବଶ୍ୟକୀୟ କାଗଜପତ୍ର, ଅନ୍ୟୁନ ୯୯,୦୦୦ ଟଙ୍କାର ଶୋଧ କ୍ଷମତା ( Solvency) କିମ୍ବା ଜାତୀୟତା ବ୍ୟାଙ୍କର ଗ୍ୟାରେଂଟି, ସଚିବ, ରାଜ୍ୟ ପରିବହନ ପ୍ରାଧିକାରୀଙ୍କ ନାମରେ ଚଳବନ୍ଧକ (pledge) ସହିତ ଇଚ୍ଛୁକ ମାର୍ଗ ପାଇଁ ସ୍ଥାୟୀ ଅନୁମତି ପତ୍ର ଆବେଦନ କରି ପାରିବେ । ଆବେଦନକାରୀଙ୍କ ବସ୍‌ର କୌଣସି ସ୍ଥାୟୀ କିମ୍ବା ଅସ୍ଥାୟୀ ଅନୁମତି ପତ୍ର ନଥିବ । ଯଦି କୌଣସି ଦରଖାସ୍ତକାରୀଙ୍କ ବସ୍ ସମ୍ବନ୍ଧୀୟ ମୋଟରଯାନ ଟିକସ୍/ଜୋରିମାନା ବକେୟା କିମ୍ବା ମାଲି ମୋକଦ୍ଦମା ବିଚାରାଧିନ ଥିବାର ଜଣାପଡେ ତେବେ ତାଙ୍କର ଆବେଦନ ପତ୍ରକୁ ଖାରଜ କରାଯିବ । ଅଧିକ ତଥ୍ୟ ଏବଂ ମାର୍ଗ ଜାଣିବା ପାଇଁ ଆମର Website - www.orissatransport.nic.in ଏବଂ www.odishatransport.gov.in ଦେଖନ୍ତୁ।

ପ୍ରାପ୍ତ ଦରଖାସ୍ତଗୁଡିକୁ ତା୦୫.୧୧.୨୦୧୯ ଅପରାହ୍ନ ୦୩.୩୦ ଘଟିକା ସମୟରେ, ପରିବହନ ଆୟୁକ୍ତଙ୍କ ସଭାକକ୍ଷରେ ଶୁଣାଣୀ କରି ଫଇସଲା କରାଯିବାକୁ ଧାର୍ଯ୍ୟ କରାଯାଇଅଛି । ଅତଏବ୍ ଦରଖାସ୍ତକାରୀ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ଯାବତୀୟ କାଗଜାତ୍ ସହ STA ବୈଠକରେ ପକ୍ଷ ରଖିପାରିବେ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡିଶା, କଟକ

**INTERSTATE ROUTE**

| SL. NO. | ROUTE |
|---|---|
| 01. | BHADRAK TO RAIPUR, VIA. DEOGARH, BARGARH & BACK |
| 02. | DEOGARH TO SIMDEGA, VIA. ROURKELA, BIRAMITRAPUR & BACK |
| 03. | KEONJHAR TO CONTAI, VIA. JALESWAR & BACK |
| 04. | KEONJHAR TO CONTAI, VIA. JALESWAR & BACK |
| 05. | ANGUL TO HALDIA, VIA. JALESWAR & BACK |
| 06. | BHUBANESWAR TO NANDAKUMAR, VIA.LAXMANNATH, EGRA BAJKUL & BACK |
| 07. | KHARIAR TO RAIPUR, VIA.BHAWANIPATNA & BACK |
| 08. | BARIPADA TO DALTANGANJ, VIA. TIRING, TATA & BACK |
| 09. | JHARSUGUDA TO RAIPUR, VIA. SOHELA & BACK |
| 10. | BARIPADA TO BADJAMDA, VIA. RAIRANGPUR, TIRING & BACK |
| 11. | BARIPADA TO BANKURA, VIA.JAMSOLA & BACK |
| 12. | PADAMPUR TO BASANA & BACK |
| 13. | KHARIAR TO RAIPUR, VIA.KOMNA & BACK |
| 14. | BARIPADA TO BIHARSARIF, VIA.RANCHI, HAZARIBAG & BACK |
| 15. | BERHAMPUR TO BANAMALIPUR & BERHAMPUR TO NUAPADA & BACK |
| 16. | SUNAREDY TO BERHAMPUR, VIA.PATRAPUR, ICHHAPUR & BACK |
| 17. | ROURKELA TO RANCHI, VIA.BIRAMITRAPUR, GUMLA, SISAI & BACK |
| 18. | CHANDABALI TO DIGHA, VIA. JALESWAR & BACK |



**ଆଲ୍ଲାହାବାଦ ବ୍ୟାଙ୍କ**

**ଭୁବନେଶ୍ୱର ମୁଖ୍ୟ ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର- ୭୫୧୦୦୯
ଫୋନ୍ : (୦୬୭୪) - ୨୫୯୭୦୮୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୨୨.୧୧.୨୦୧୯ ରିଖ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୦.୧୧.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା**

| ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଋଣଗ୍ରହୀତା :ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ,** ଠିକଣା-୧ : ରୁମ୍ ନଂ.୪୦୫, ୪ର୍ଥ ମହଲା, ସେଣ୍ଟର ପଏଣ୍ଟ ବିଲ୍ଡିଂ, ୨୧, ହେମନ୍ତ ବସୁ ସରଣୀ, କୋଲକାତା-୭୦୦୦୦୧, ଠିକଣା-୨ : ବ୍ଲକଏସି-୧୪୮, ତଳ ମହଲା, ସଲ୍ଟ ଲେକ୍ ସିଟି, ସେକ୍ଟର-୧, କୋଲ୍‌କାତା-୭୦୦୦୬୪, **ନିର୍ଦ୍ଦେଶକ/ଜାମିନ୍‌ଦାରମାନେ: (୧)ଶ୍ରୀ ସୁନୀଲ୍ କୁମାର ଶାହ,** ପିତା-ଶ୍ରୀ ସୀତାରାମ ଶାହ, **(୨)ଶ୍ରୀମତୀ ରାକ୍ଷୀ ଶାହ,** ସ୍ୱା-ଶ୍ରୀ ସୁନୀଲ୍ କୁମାର ଶାହ,ଉଭୟଙ୍କ ଠିକଣା : ସା-୩୫୭, ଗ୍ରୀନ୍ ହୋମ୍ସ, ପୋଷ୍ଟ-ଓନ୍ନାପାଲାୟମ୍, ଥାନା-ଥଣ୍ଡାମୁଥୁର, କୋଏମ୍ବାଟୁର, ତାମିଲନାଡୁ-୬୪୧୧୦୮ | କ)୨୫.୦୬.୨୦୧୯, ଖ)୧୬.୧୦.୨୦୧୯ ଗ)୨୪.୦୬.୨୦୧୯ ରିଖ ସୁଦ୍ଧା ଟ.୩,୦୫,୩୩,୭୨୬/-+୨୪.୦୬.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ ନାମରେ ଥିବା ଜମି ଏବଂ ଗୃହ ଯାହାର (୧)ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୭୯, ପ୍ଲଟ ନଂ.-୯୮, ଏରିଆ-ଏକର୦.୩୭ ଡିସିମିଲି, (୨)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ-ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୦, ପ୍ଲଟ ନଂ.-୨୧, ଏରିଆ-ଏକର୦.୦୪ ଡିସିମିଲି, | କ) ଟ.୧,୪୪,୪୦,୦୦୦/- ଖ) ଟ.୧୪,୪୪,୦୦୦/- ଗ) ଟ.୨୫,୦୦୦/- |

ପ୍ଲଟ ନଂ.-୬୨, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.୬୩, ଏରିଆ-ଏକର୦.୧୬ ଡିସିମିଲି, ପ୍ଲଟ ନଂ.-୬୪, ଏରିଆ-ଏକର୦.୨୦ ଡିସିମିଲି, ପ୍ଲଟ ନଂ.-୬୫, ଏରିଆ-ଏକର୦.୦୩ ଡିସିମିଲି, ପ୍ଲଟ ନଂ.-୭୧/୪୩୦, ଏରିଆ-ଏକର୦.୦୨ ଡିସିମିଲି, ପ୍ଲଟ ନଂ.୬୫/୪୩୧, ଏରିଆ-ଏକର୦.୦୩ ଡିସିମିଲି, ପ୍ଲଟ ନଂ.-୬୨/୪୩୨, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.୨୧/୪୨୮, ଏରିଆ-ଏକର୦.୦୪ ଡିସିମିଲି, ପ୍ଲଟ ନଂ.-୨୧/୪୨୯, ଏରିଆ-ଏକର୦.୦୨ ଡିସିମିଲି, ପ୍ଲଟ ନଂ.-୬୬, ଏରିଆ-ଏକର୦.୦୮ ଡିସିମିଲି, ପ୍ଲଟ ନଂ.-୬୭, ଏରିଆ- ଏକର୦.୦୬ ଡିସିମିଲି, (୩)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୧, ପ୍ଲଟ ନଂ.-୫୯, ଏରିଆ-ଏକର୦.୦୬ ଡିସିମିଲି, ପ୍ଲଟ ନଂ.-୬୮, ଏରିଆ-ଏକର୦.୨୨ ଡିସିମିଲି, ପ୍ଲଟ ନଂ.-୮୮, ଏରିଆ-ଏକର୦.୬୪ ଡିସିମିଲି, ପ୍ଲଟ ନଂ.-୯୨, ଏରିଆ-ଏକର୦.୧୫ ଡିସିମିଲି, ପ୍ଲଟ ନଂ.-୯୩, ଏରିଆ-ଏକର୦.୨୫ ଡିସିମିଲି, ପ୍ଲଟ ନଂ.-୯୬, ଏରିଆ-ଏକର୦.୨୪ ଡିସିମିଲି, (୪) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୮୨, ପ୍ଲଟ ନଂ.-୮୫/୪୫୮, ଏରିଆ-ଏକର୦.୨୯ ଡିସିମିଲି, (୫)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୫, ପ୍ଲଟ ନଂ.-୭୩/୪୫୫, ଏରିଆ-ଏକର୦.୨୦ ଡିସିମିଲି, ପ୍ଲଟ ନଂ.-୧୨୦/୪୫୬, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.-୧୨୨/୪୫୭, ଏରିଆ- ଏକର୦.୩୪ ଡିସିମିଲି, (୬)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪, ପ୍ଲଟ ନଂ.-୮୭, ଏରିଆ-ଏକର୦.୫୦ ଡିସିମିଲି, ସମୁଦାୟ ଏରିଆ-ଏକର୪.୨୪ ଡିସିମିଲି।

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, **ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯** ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡେମୋନଷ୍ଟ୍ରେସନ ପ୍ରଦାନ କରିପାରିବେ । ସିଡ୍ୟୁଲ କମର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ ସପକ୍ଷରେ କ୍ର କରାଯାଇ ଭୁବନେଶ୍ୱର ଠାରେ ପୈଠ ଦର୍ଶାଯାଇଥିବା ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଉପର ଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର **ଆକାଉଣ୍ଟ ନଂ.-୫୦୧୪୦୯୮୦୧୮୮**, **IFSC Code: ALLA0212009**, ମାଧ୍ୟମରେ **RTGS/NEFT** ଦ୍ୱାରା ଅମାନତ ରାଶି ପୈଠ କରିପାରିବେ ।

୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।

**୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୨୨.୧୦.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।**

**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।**

**ସ୍ଥାନ-ଭୁବନେଶ୍ୱର, ତାରିଖ- ୧୯.୧୦.୨୦୧୯** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**



ଉପଦେଶାତ୍ମକ ଫିଲ୍ମ ଦେଖିବାକୁ ଭଲ ଲାଗେନି, ମୁଁ କେବଳ ଡକ୍ୟୁମେଣ୍ଟାରୀ ଫିଲ୍ମ ଦେଖେ।

-ସ୍ମୃତି ସାନନ୍, ବଲିଉଡ୍ ଅଭିନେତ୍ରୀ

# ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି ଅଷ୍ଟିଓପୋରୋସିସ୍

ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ ପ୍ରତିବର୍ଷ ଅକ୍ଟୋବର ୨୦ରେ ସରା ବିଶ୍ୱରେ ପାଳନ କରାଯାଉଛି। ଅଷ୍ଟିଓପୋରୋସିସ୍ ସମସ୍ୟା ନିରୂପଣ କରି ଚିକିତ୍ସା କରାଯାଇ ସେଥିରୁ କିପରି ମୁକ୍ତି ମିଳିବ ସେଥିପାଇଁ ଲୋକମାନଙ୍କୁଏହି ଦିବସରେ ସଚେତନ କରାଯାଉଛି। ଏହି ଦିବସର ଅୟମାରମ୍ଭ ହୋଇଥିଲା ଅକ୍ଟୋବର ୨୦, ୧୯୯୬ରେ। ଏହା ଇଂଲଣ୍ଡର ନ୍ୟାଶ୍ନାଲ ଅଷ୍ଟିଓପୋରୋସିସ୍ ସୋସାଇଟି ୟୁରୋପିଆନ୍ କମିଶନ ସହଯୋଗରେ ଆରମ୍ଭ ହୋଇଥିଲା। ୧୯୯୭ରୁ ଏହାକୁ ବିଶ୍ୱସ୍ତରରେ ଇଣ୍ଟରନ୍ୟାଶ୍ନାଲ ଅଷ୍ଟିଓପୋରୋସିସ୍ ଫାଉଣ୍ଡେଶନ ଦ୍ୱାରା ବିଭିନ୍ନ ସଂଗଠନ ମାଧ୍ୟମରେ ପ୍ରାୟ ୯୦ଟି ଦେଶରେ ପାଳନ କରାଯାଉଛି। ୧୯୯୮ ଓ୧୯୯୯ରେ ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ ବା ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସର ସହ ପ୍ରୟୋଜକ ରହିଥିଲା। ପ୍ରାଥମିକତା ଭିତ୍ତିରେ ଏହି ସମସ୍ୟାକୁ ଚିକିତ୍ସା କ୍ଷେତ୍ରରେ ଥିବା ବ୍ୟକ୍ତି, ଗଣମାଧ୍ୟମ, ନୀତି ନିର୍ଦ୍ଧାରକ, ପୀଡିତ ତଥା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଉକ୍ତ ଦିବସର ଲକ୍ଷ୍ୟ । ୧୯୯୯ରୁ ଏଯାବତ ଭିନ୍ନ ଭିନ୍ନ ସ୍ଲୋଗାନ୍ ନେଇ ଏହି ଦିବସ ପାଳନ କରାଯାଉଛି। ୨୦୧୯ରେ ସ୍ଲୋଗାନ୍ 'ଦ୍ୟାଟ୍‌ସ ଅଷ୍ଟିଓପୋରୋସିସ୍' ବୋଲି ରଖାଯାଇଛି। ବିଶ୍ୱରେ ପ୍ରାୟ ୮୦ ପ୍ରତିଶତ ମହିଳା କ୍ୟାଲସିୟମ ଓ ଭିଟାମିନ୍ ଡି'ଅଭାବର ଶିକାର ହେଉଛନ୍ତି। ଏହା ଅଷ୍ଟିଓପୋରୋସିସ ବା ଅସ୍ଥିଭଙ୍ଗୁରତାର ମୁଖ୍ୟ କାରଣ। ଏହା ବିଶ୍ୱରେ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ପୁରୁଷଙ୍କ ତୁଳନାରେ ୪ ଗୁଣ ଅଧିକ ମହିଳା ଏହାର ଶିକାର ହେଉଛନ୍ତି। ୫୦ ବର୍ଷ ବୟସ ପରେ ବିଶ୍ୱରେ ୩ ଜଣରେ ଜଣେ ମହିଳା ଓ ୫ଜଣରେ ଜଣେ ପୁରୁଷ ଏହି ସମସ୍ୟାରେ ପଡୁଛନ୍ତି। ୫୦ ବର୍ଷ ପରେ ମେରୁଦଣ୍ଡ ଓ ଅନ୍ୟ ଅସ୍ଥି ସବୁ ଫ୍ୟାକ୍‌ଚର ହେବାର ୫୪ ପ୍ରତିଶତ ଓ ୨୦ ପ୍ରତିଶତ ମୃତ୍ୟୁ ହେବାର ଆଶଙ୍କା ବୃଦ୍ଧିପାଇଥାଏ । ଋତୁସ୍ରାବ ଆରମ୍ଭ ହେବା ପେର ଅସ୍ଥି ଦୁର୍ବଳ ହେବା ଓ ଫ୍ୟାକ୍‌ଚର ହେବା ସମସ୍ୟା ଆସିଥାଏ। ଶାରୀରିକ ବିକାଶ ପ୍ରକ୍ରିୟା ଅବସ୍ଥାରେ ଯଦି ବାଳିକାମାନେ ଏଥିପ୍ରତି ଧ୍ୟାନ ଦିଅନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ। ନିୟମିତ ଭିଟାମିନ୍ ଡି' ଓ କ୍ୟାଲସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ଉଚିତ। ମୋଟାପ୍ପା କମାଇ ପତଳା ହେବା ପାଇଁ ଅନେକ ଡାଏଟ୍ କଣ୍ଟ୍ରୋଲ କରିଥାନ୍ତି। ଏଥିପାଇଁ ପ୍ରୋଟିନ୍ ନିଆଗଲେ ମଧ୍ୟ ଶରୀର ଆବଶ୍ୟକ ମାତ୍ରାର କ୍ୟାଲସିୟମ ପାଇପାରେନାହିଁ। ଏହା ମଧ୍ୟ ଅଷ୍ଟେଓପୋରୋସିସ୍‌ର ଏକ କାରଣ । ଭାରତରେ ୪୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ପ୍ରତି ଦୁଇ ଜଣ ମହିଳାରେ ଜଣେ ଅଷ୍ଟିଓପୋରୋସିସ୍‌ରେ ପୀଡିତ। ଯଦି ଆପଣଙ୍କ ବୟସ ୪୦ରୁ ବେଶି ଓ ରଜୋନିବୃତ୍ତ ଅବସ୍ଥାରେ ରହିଛନ୍ତି,ଗଣ୍ଠିରେ ଯନ୍ତ୍ରଣା ହେଉଛି , ଅସ୍ଥି ଦୁର୍ବଳ ଥିବା ଅନୁଭବ କରୁଛନ୍ତି ସେହି ଅବସ୍ଥା ଅଷ୍ଟିଓପୋରୋସିସ୍‌ର ଲକ୍ଷଣ। ଅଧିକ ଧୂମପାନ କରୁଥିବା ବ୍ୟକ୍ତି ମଧ୍ୟ ଏହି ସମସ୍ୟାରେ ପୀଡିତ ହେବାର ଆଶଙ୍କା ବେଶି।



ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ

# କରୱାଚୌଥ୍‌ର ଫଟୋ ଶେୟାର କଲେ ନିକ୍

**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ନିଜ ସ୍ୱାମୀ ନିକ୍ ଜୋନାସ୍‌ଙ୍କ ସହ ହିନ୍ଦୁ ରୀତିନୀତିରେ କରୱାଚୌଥ୍ ପାଳନ କରିଛନ୍ତି। ଏହି ଅଭୁଲା ମୁହୂର୍ତ୍ତର କେତେକ ଫଟୋ ନିକ୍ ଇନ୍‌ଷ୍ଟାଗ୍ରାମରେ ଶେୟାର କରି ପ୍ରିୟଙ୍କାଙ୍କୁ ଧୁମ୍ ପ୍ରଶଂସା କରିଛନ୍ତି। ଜଣେ ଭାରତୀୟ ହିନ୍ଦୁ ମହିଳା ପ୍ରିୟଙ୍କା ମୋର ପତ୍ନୀ ଅଟନ୍ତି ଓ ସେ ପ୍ରତିଟି କ୍ଷେତ୍ରରେ ଅତୁଳନୀୟ ବୋଲି ନିକ୍ ଉଲ୍ଲେଖ କରିଛନ୍ତି। ସେ ମୋତେ ଧର୍ମ ଓ ସଂସ୍କୃତି ବିଷୟରେ ଅନେକ କଥା ଶିଖାଇଛନ୍ତି। ସେ ମୋର ସବୁକିଛି ବୋଲି ଫଟୋ ପୋଷ୍ଟକରି ଲେଖିଛନ୍ତି ନିକ୍। ଏହାକୁ ନେଇ ପରିଣୀତି ଚୋପ୍ରା କମେଣ୍ଟ କରିଛନ୍ତି। ପ୍ରକାଶଥାଉ କି, ଗତବର୍ଷ ନିକ୍-ପ୍ରିୟଙ୍କାଙ୍କ ମଧ୍ୟରେ ବିବାହ ହୋଇଥିଲା। ବୟସରେ ନିକ୍ ପ୍ରିୟଙ୍କାଙ୍କଠାରୁ ଯଥେଷ୍ଟ ସାନ ହୋଇଥିଲେ ବି ଉଭୟଙ୍କ ଭଲପାଇବା ଏକ ଉଦାହରଣ ପାଲଟିଛି।



# ୩ ଭଉଣୀଙ୍କ ଜଣେ ସ୍ୱାମୀ ଏକାଠି ପାଳିଲେ କରୱାଚୌଥ୍

**ସତ୍‌ନା:** ଜଣେ ମହିଳା ନିଜର ସବୁ କିଛି ଅନ୍ୟ ସହ ବାଣ୍ଟିପାରନ୍ତି, ହେଲେ ନିଜ ସ୍ୱାମୀଙ୍କୁ କଦାପି ନୁହେଁ। ହେଲେ ମଧ୍ୟପ୍ରଦେଶର ସତ୍‌ନାଠାରେ ଦେଖିବାକୁ ମିଳିଛି କିଛି ନିଆରା। ଏଠାରେ ୩ ଭଉଣୀଙ୍କ ଜଣେ ସ୍ୱାମୀ। ଗୁରୁବାର ସମଗ୍ର ଦେଶରେ ହିନ୍ଦୁ ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି କର୍‌ୱାଚୌଥ୍ ବ୍ରତ ପାଳିଥିବାବେଳେ ଏହି ୩ ଭଉଣୀ ମଧ୍ୟ ଏକାଠି ଜଣେ ସ୍ୱାମୀଙ୍କ ପାଇଁ ଉପବାସ ରଖିଥିଲେ ଏବଂ ସନ୍ଧ୍ୟାରେ ଚନ୍ଦ୍ରଦର୍ଶନ ପରେ ସ୍ୱାମୀଙ୍କ ହାତରୁ ଜଳ ଗ୍ରହଣ କରି ବ୍ରତ ଭାଙ୍ଗିଥିଲେ। ଏଭଳି ଏକ ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଏହି ଫେଟୋରେ ୩ ମହିଳା ମିଶି ଏକ ଚାଲୁଣିରେ ଜଣେ ସ୍ୱାମୀଙ୍କୁ ଦର୍ଶନ କରୁଛନ୍ତି। ଏଥିରେ କୁହାଯାଇଛି ଯେ, ଏମାନେ ୩ଜଣ ନିଜର ଭଉଣୀ ଏବଂ ଜଣେ ବ୍ୟକ୍ତିଙ୍କୁ ହିଁ ବିବାହ କରିଛନ୍ତି। ଚିତ୍ରକୂଟସ୍ଥିତ କାଶୀରାମ କଲୋନୀରେ ରହୁଥିବା କ୍ରିଷ୍ଣା ୧୨ବର୍ଷ ତଳେ ତିନିଭଉଣୀ ରୀନା, ପିଙ୍କି ଓ ଶୋଭାଙ୍କୁ ବିବାହ କରିଥିଲେ। ସେବେଠାରୁ ଏମାନେ ସ୍ୱାମୀଙ୍କ ସହ ଏକାଠି ରହୁଥିବାବେଳେ ଏମାନଙ୍କ ୨ଟି ଲେଖାଏ ସନ୍ତାନ ମଧ୍ୟ ରହିଛନ୍ତି।



# ମୁହଁରୁ ଧରାପଡ଼ିବେ ଅପରାଧୀ

## କାର୍ଯ୍ୟକାରୀ ହେବ 'ଫେସ୍ ରିକଗ୍‌ନାଇଜ୍'

**ନୂଆଦିଲ୍ଲୀ:** ଦେଶରେ ବଢ଼ିଚାଲିଛି ଅପରାଧ। ଅପରାଧୀମାନେ ସୁରକ୍ଷା ବ୍ୟବସ୍ଥାର ଗଳାବାଟ ଦେଇ ଘଟାଇ ଚାଲିଛନ୍ତି ଆପରାଧିକ କାର୍ଯ୍ୟ। ଦେଶର ଆଭ୍ୟନ୍ତରୀଣ କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ଜରୁରୀ ହୋଇପଡ଼ିଥିବାବେଳେ ଏଥିରେ ଅଙ୍କୁଶ ଲଗାଇବାକୁ ଯୋଜନା କରୁଛନ୍ତି ସରକାର। ଏହାକୁ ଆହୁରି ସହଜ କରିବାକୁ ପ୍ରସ୍ତୁତ କରାଯାଉଛି ପୃଥିବୀର ସର୍ବବୃହତ୍ ଫେସ୍ ରିକଗ୍‌ନାଇଜ୍ ସିଷ୍ଟମ୍ (ମୁହଁକୁ ସ୍କାନ୍ କରି ଅପରାଧୀଙ୍କୁ ଧରିବା କୌଶଳ)। ଏହା ହେଉଛି ସାଟେଲାଇଟ୍ ଡାଟାବେସ୍ ବ୍ୟବସ୍ଥା। ଏହାକୁ ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳର ପୋଲିସ ସମେତ ଆଇନ ବିଭାଗ ସହିତ ଜଡ଼ିତ ବିଭାଗୀୟ ଅଧିକାରୀ ବ୍ୟବହାର କରିପାରିବେ। ଡାଟାବେସ୍‌ରେ ମହଜୁଦ୍ ହୋଇ ରହିଥିବା ଅପରାଧୀଙ୍କ ଫଟୋକୁ ସିସିଟିଭିରେ କ୍ୟାଦ୍ ଫୁଟେଜ୍ ସହ ମେଳ କରାଯିବ। ଏହାଦ୍ୱାରା ଅପରାଧୀମାନେ ସହଜରେ ଧରାପଡ଼ିବେ। ତା'ସାଙ୍ଗକୁ ଆପରାଧିକ କାର୍ଯ୍ୟକଳାପ ହ୍ରାସ ପାଇବ। ୨୦୧୮ରୁ ପଞ୍ଜାବ ଏବଂ ଆନ୍ଧ୍ରପ୍ରଦେଶ ସମେତ ଅନ୍ୟ କେତେକ ରାଜ୍ୟ ଏହାକୁ ଆପଣାଇ ସାରିଛନ୍ତି। ଚାଇନାରେ ଦୀର୍ଘବର୍ଷ ହେଲା ଏହି କୌଶଳ ପ୍ରୟୋଗ କରି ବିମାନବନ୍ଦର ସୁରକ୍ଷା, ଅପରାଧୀ ଧରପଗଡ଼, ଯାତାୟାତ ନିୟନ୍ତ୍ରଣ କରାଯାଉଛି। ନିକଟ ଅତୀତରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ସ୍ୱୟଂକ୍ରିୟ ବ୍ୟବସ୍ଥା ଏ ଦିଗରେ ବେଶ୍ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

ଏକ ରିପୋର୍ଟ ଅନୁଯାୟୀ, ଏହି ନେଟ୍‌ୱାର୍କ ପ୍ରସ୍ତୁତ କରିବା ଲାଗି ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ୧୭୨ ପୃଷ୍ଠା ବିଶିଷ୍ଟ ଲିଖିତ ଦସ୍ତାବିଜ ଦାଖଲ କରିସାରିଛି। ଏଥିରେ ଅପରାଧୀଙ୍କ ଫଟୋ, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ସମେତ ଅନ୍ୟ ଏଜେନ୍ସି ଦ୍ୱାରା ନିଆଯାଇଥିବା ଫଟୋ ବି ସାମିଲ କରାଯିବ। ଏହି ସିଷ୍ଟମ କାର୍ଯ୍ୟକାରୀ ହେଲେ ଅନେକ ଅପରାଧର ଅସମାହିତ ପ୍ରଶ୍ନ ଉପରୁ ପରଦା ଉଠିବ। ପ୍ରୋଜେକ୍ଟ ମାଧ୍ୟମରେ ଖବରକାଗଜରେ ପ୍ରକାଶିତ ଅପରାଧୀଙ୍କ ଫଟୋ, ସନ୍ଦିଗ୍ଧଙ୍କ ସ୍କେଚ୍ ଆଧାରରେ ପୋଲିସ ଅଭିଯୁକ୍ତଙ୍କ ନିକଟରେ ସହଜରେ ପହଞ୍ଚିପାରିବ। କେବଳ ଏତିକି ନୁହେଁ, ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଅଧିକାରୀମାନେ ମୋବାଇଲ ଆପ୍ ଦ୍ୱାରା ଡାଟାବେସ୍ ସହ ଯୋଡ଼ିହେବେ। ସିସିଟିଭିରେ ଧରାପଡ଼ି ପୋଲିସ ସ୍କାନରରେ ଥିବା ଅପରାଧୀଙ୍କୁ ସହଜରେ ଚିହ୍ନଟ କରାଯାଇପାରିବ।

ଏହାକୁ ପ୍ରସ୍ତୁତ କରିବାକୁ ଏନ୍‌ସିଆର୍‌ବି ପକ୍ଷରୁ କିଛିଦିନ ତଳେ କମ୍ପାନୀଙ୍କ ନିକଟରୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାର ଅନ୍ତିମ ତାରିଖ ୧୧ ଅକ୍ଟୋବର ଯାଏ ରହିଛି। ଏଥିପୂର୍ବରୁ ଦିଲ୍ଲୀ କାର୍ଯ୍ୟାଳୟରେ ଆୟୋଜିତ ଟେଣ୍ଡର ଆହ୍ୱାନ ସମ୍ପର୍କିତ ବୈଠକରେ ପାଖାପାଖି ୮୦ ଜଣ କମ୍ପାନୀର ପ୍ରତିନିଧି ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ରହିଥିଲେ ଏଚ୍‌ପିଆଇ, ଏକ୍ସଚେଞ୍ଚର ଭଳି ବିଦେଶୀ କମ୍ପାନୀ। ଅନ୍ୟପଟେ ଦେଶର ସୁରକ୍ଷା ପ୍ରସଙ୍ଗରେ ବିଦେଶୀ କମ୍ପାନୀର ସହଭାଗିତାକୁ ନେଇ ଏବେଠାରୁ ଅନେକେ ପ୍ରଶ୍ନ ଉଠାଇଲେଣି। ଇଣ୍ଟରନେଟ୍ ଫ୍ରିଡମ୍ ଫାଉଣ୍ଡେଶନର ଅପାର ଗୁପ୍ତା କହିଛନ୍ତି, ଦେଶରେ ଡାଟା ସୁରକ୍ଷା ସମ୍ପର୍କିତ ବିଧିବଦ୍ଧ ଆଇନ ନାହିଁ। 'ଫେସ୍ ରିକଗ୍‌ନାଇଜ୍' ସିଷ୍ଟମ କାର୍ଯ୍ୟକାରୀ ହେବା ପରେ ବି ଏ ସମ୍ପର୍କିତ ନିୟମ ଆସିବା ସମ୍ଭାବନା କମ୍। ଏହି ଯୋଜନା ସମ୍ପର୍କରେ ଭାବିବା ପୂର୍ବରୁ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇନାହିଁ।



# ନୂଆ ବହିରେ ଟ୍ରମ୍ପଙ୍କ ବ୍ୟକ୍ତିଗତ ଜୀବନର ତଥ୍ୟ

**ୱାଶିଂଟନ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ନିର୍ବାଚିତ ହେବା ପାଇଁ ପ୍ରଚାର ଅଭିଯାନରେ ବ୍ୟସ୍ତ ଥିବାବେଳେ ତାଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ଏକ ପୁସ୍ତକ ପ୍ରକାଶ ପାଇବାକୁ ଯାଉଛି। ଏଥିରେ ତାଙ୍କ ସମ୍ପର୍କରେ କେତେକ ଆପତ୍ତିଜନକ ତଥ୍ୟ ଉଲ୍ଲେଖ କରାଯାଇଛି। ଆସନ୍ତା ମଙ୍ଗଳବାର ପ୍ରକାଶ ପାଇବାକୁ ଯାଉଥିବା 'ଅଲ୍ ଦି ପ୍ରେସିଡେଣ୍ଟସ ଓମେନ୍: ଡୋନାଲ୍ଡ ଟ୍ରମ୍ପ ଆଣ୍ଡ ଦି ମେକିଙ୍ଗ୍ ଅଫ୍ ଏ ପ୍ରିଡେଟର' ପୁସ୍ତକର ରଚୟିତା ହେଉଛନ୍ତି ବେରି ଲେଭାଇନ୍ ଏବଂ ମୋନିକ୍ ଏଲ୍-ଫୈଜି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ୧୯୮୦ ଦଶକରେ ଟ୍ରମ୍ପଙ୍କୁ ୩୬ ବର୍ଷ ହୋଇଥିବାବେଳେ ସେ ଜଣେ ରିୟଲ ଇଷ୍ଟେଟ୍ ବ୍ୟବସାୟୀ ଥିଲେ। ସେତେବେଳେ ସେ ଇଭାନା(ପ୍ରଥମ ସ୍ତ୍ରୀ)ଙ୍କୁ ବିବାହ କରିସାରିଥିଲେ। ଏହାସତ୍ତ୍ୱେ ସେ ନ୍ୟୁୟର୍କର ଟାଇମ୍ସ ସ୍କୋୟାରସ୍ଥିତ ମାଫିଆଙ୍କ ଦ୍ୱାରା ପରିଚାଳିତ ଏକ ବେଶ୍ୟାଳୟରେ ଜଣେ ସ୍ୱଳ୍ପବୟସ୍କା ଝିଅ ଓ ଟ୍ରାଇ ନାମ୍ନୀ ଜଣେ ପର୍ନଷ୍ଟାରଙ୍କ ସହ ନିୟମିତ ଭାବେ ଶାରୀରିକ ସମ୍ପର୍କ ରଖିଥିଲେ। ୧୯୮୬ରେ ଉକ୍ତ ମାଫିଆ ଡନ୍‌ଙ୍କୁ ହତ୍ୟା କରାଯିବା ପରେ ସେହି ବେଶ୍ୟାଳୟ ବନ୍ଦ ହୋଇଯାଇଥିଲା ବୋଲି ଏଥିରେ କୁହାଯାଇଛି। ତେବେ ହ୍ୱାଇଟ୍ ହାଉସ୍ ପକ୍ଷରୁ ଏଭଳି ଆଲେଖ୍ୟକୁ ମିଥ୍ୟା ଅଭିହିତ କରି ନିନ୍ଦା କରାଯାଇଛି।



୧୯୮୨ରେ ପ୍ରଥମ ସ୍ତ୍ରୀ ଇଭାନାଙ୍କ ସହ ଡୋନାଲ୍ଡ ଟ୍ରମ୍ପ।

# ପୁଣି ପରଦାକୁ ଆସିବେ 'ବଧାଇ ହୋ' ଯୋଡ଼ି

**ମୁମ୍ବାଇ:** ଫିଲ୍ମ 'ବଧାଇ ହୋ' ସୁପରହିଟ୍ ହେବା ପରେ ଏବେ ପୁଣି ନୀନା ଗୁପ୍ତା, ଗଜରାଜ ରାଓ ଏବଂ ଆୟୁଷ୍ମାନ ଖୁରାନାଙ୍କୁ ବଡ଼ ପରଦାରେ ଏକାଠି ଦେଖିବାକୁ ମିଳିବ। ଫିଲ୍ମ 'ଶୁଭ ମଙ୍ଗଲ ଜ୍ୟାଦା ସାବଧାନ୍'ରେ ଏହି ତିନିଜଣ ପୁଣି ନଜରକୁ ଆସିବେ। ଫିଲ୍ମଟି ଆୟୁଷ୍ମାନଙ୍କ ହିଟ୍ ଫିଲ୍ମ 'ଶୁଭ ମଙ୍ଗଲ ସାବଧାନ'ର ସିକ୍ୱେଲ ହୋଇଥିବାବେଳେ ଭୂଷଣ କୁମାର ଏବଂ ଆନନ୍ଦ ଏଲ୍ ରାୟ ମିଳିତ ଭାବେ ଏହାର ପ୍ରଯୋଜନା କରୁଛନ୍ତି। ଫିଲ୍ମ 'ଶୁଭ ମଙ୍ଗଲ ଜ୍ୟାଦା ସାବଧାନ୍' ସମଲିଙ୍ଗୀ ସମ୍ପର୍କ ଉପରେ ଆଧାରିତ। ଏବେ ବାରାଣସୀରେ ଏହାର ଶୁଟିଂ ଚାଲିଛି। ଫିଲ୍ମକୁ ନେଇ ନୀନା କହିଛନ୍ତି, ନୂଆ ପିଢ଼ି ସହ କାମ କରିବାକୁ ବହୁତ ଭଲ ଲାଗୁଛି। ଆଜିକାଲିର ଫିଲ୍ମରେ ହିରୋ-ହିରୋଇନ୍‌ଙ୍କ ବ୍ୟତୀତ ଅନ୍ୟ ଚରିତ୍ରର ମଧ୍ୟ ଗୁରୁତ୍ୱ ରହୁଛି। ଏପରି କି ଲିଡ୍ ଆକ୍ଟରମାନେ ମଧ୍ୟ ଷ୍ଟାର୍ ଭଳି ବ୍ୟବହାର ନ କରି କଳାତ୍ମକ ଭାବନାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ରହୁଛନ୍ତି। ଫିଲ୍ମ 'ବଧାଇ ହୋ' ପରେ ନୀନା-ଗଜରାଜଙ୍କ ଯୋଡ଼ି ଖୁବ୍ ଲୋକପ୍ରିୟ ହୋଇଥିଲା। ଏବେ ପୁଣି ଏହି ଯୋଡ଼ି ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଇବ। ଏନେଇ ନୀନା କହିଛନ୍ତି, ୟଙ୍ଗଷ୍ଟାର୍ସଙ୍କ ଯୋଡ଼ି ଯଦି ସୁପରହିଟ୍ ହୋଇପାରୁଛି ତେବେ ଆମର କାହିଁକି ହୋଇପାରିବ ନାହିଁ। ଗଜରାଜଙ୍କ ସହ ଦ୍ୱିତୀୟ ଫିଲ୍ମରେ କାମ କରି ଖୁବ୍ ଆନନ୍ଦ ଲାଗୁଥିବା ନୀନା କହିଛନ୍ତି।



# କପି ରୋକିବାର ଅଭିନବ ତରିକା

## ପିଲାଙ୍କୁ କାର୍ଟୁନ ପିନ୍ଧାଇ ଅଡୁଆରେ କଲେଜ କର୍ତ୍ତୃପକ୍ଷ

**ବେଙ୍ଗାଲୁରୁ:** ପରୀକ୍ଷାରେ କପି ରୋକିବା ପାଇଁ କର୍ନାଟକର ଏକ ଘରୋଇ କଲେଜ କର୍ତ୍ତୃପକ୍ଷ ଅଭିନବ ତରିକା ଆପଣାଇଥିଲେ, ଯାହା ସେମାନଙ୍କୁ ଅଡୁଆରେ ପକାଇଛି। ପରୀକ୍ଷା ହଲ୍‌ରେ ଛାତ୍ରୀଛାତ୍ରଙ୍କୁ କାର୍ଟୁନ (କାର୍ଡବୋର୍ଡ ବକ୍ସ) ପିନ୍ଧିବା ଲାଗି ବାଧ୍ୟ କରାଯାଇଥିଲା। ଏହି ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ କଲେଜ କର୍ତ୍ତୃପକ୍ଷ ସମାଲୋଚିତ ହୋଇଛନ୍ତି। ହାଭେରିସ୍ଥିତ ଭଗତ ପ୍ରାକ୍ ବିଶ୍ୱବିଦ୍ୟାଳୟ କଲେଜରେ ଗତ ୧୬ ତାରିଖରେ ଏହି ଘଟଣା ଦେଖିବାକୁ ମିଳିଛି। ଖବର ପାଇବା ପରେ ରାଜ୍ୟ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ସମ୍ପୃକ୍ତ କଲେଜ ପରିଚାଳନା ବୋର୍ଡକୁ ନୋଟିସ ଜାରି କରି ଲିଖିତ ସ୍ପଷ୍ଟୀକରଣ ମାଗିଛନ୍ତି। କଲେଜ ପରିଚାଳନା ବୋର୍ଡର ସଦସ୍ୟ ସତୀଶ ହେରୁର୍ ହିଁ ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ପିଲାଙ୍କ କାର୍ଟୁନ ପିନ୍ଧା ଫଟୋକୁ ପୋଷ୍ଟ କରି ଆମ କଲେଜରେ ମଧ୍ୟବର୍ତ୍ତିକାଳୀନ ପରୀକ୍ଷା ଚାଲିଛି ବୋଲି ଲେଖିଥିଲେ। ଏହା ବହୁଳମାତ୍ରାରେ ଭାଇରାଲ ହୋଇଥିଲା। ଗତବର୍ଷ ବାରମ୍ବାର ଚେତାବନୀ ସତ୍ତ୍ୱେ ପିଲାମାନେ କପି କରିବାରୁ ଚଳିତବର୍ଷ କଲେଜ ପରିଚାଳନା ବୋର୍ଡ ଏଭଳି ଏକ ଅଭିନବ ଚିନ୍ତା କରିଥିଲା।





କମେଡ଼ି ସର୍କସ କରିବା ନୁହେଁ , ଅର୍ଥବ୍ୟବସ୍ଥାକୁ ସମ୍ଭାଳିବା ସରକାରଙ୍କ କାମ।

-ପ୍ରିୟଙ୍କା ଗାନ୍ଧୀ ଭଦ୍ରା,
କଂଗ୍ରେସ ସାଧାରଣ ସମ୍ପାଦକ



■ ମହାରାଷ୍ଟ୍ର, ହରିୟାଣାରେ ଭାଜପାର ବିଜୟ ନେଇ ଜନମତ ସର୍ଭେ

# ପ୍ରଚାରରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

ନୂଆଦିଲ୍ଲୀ,୧୯।୧୦

ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନ ଲାଗି ସୋମବାର ଭୋଟଗ୍ରହଣ ହେବାକୁ ଯାଉଥିଲାବେଳେ ଶନିବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ବିଭିନ୍ନ ଦଳର ତୁଙ୍ଗ ନେତାମାନେ ଜୋରଦାର ପ୍ରଚାର କରିଥିଲେ। ହରିୟାଣାରେ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁଚ୍ଛେଦ ୩୭୦ ଏବଂ କର୍ତାରପୁର କରିଡର ପ୍ରସଙ୍ଗକୁ ନେଇ ବିରୋଧୀ ଦଳ କଂଗ୍ରେସ ଉପରେ ଜୋରଦାର ବର୍ଷିଛନ୍ତି। ଏହି ସର୍ବପୁରାତନ ଦଳର ଭୁଲ୍ ନିଷ୍ପତ୍ତି ଦେଶକୁ ଧ୍ୱଂସମୁଖକୁ ଠେଲିଦେଇଥିବା ମୋଦି ଅଭିଯୋଗ କରିଥିଲେ। ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦ୍କର ଅନୁଚ୍ଛେଦ ୩୭୦କୁ ଅସ୍ଥାୟୀ ବ୍ୟବସ୍ଥା କହିଥିବାବେଳେ କଂଗ୍ରେସ ପାଇଁ ଏହା ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବଳବତ୍ତର ରହିଲା। କେନ୍ଦ୍ର ସରକାରଙ୍କ ଉଦାସୀନତା ପାଇଁ କଶ୍ମୀର ସ୍ଥିତି ଅଧିକରୁ ଅଧିକ ଖରାପ ହେବାରେ ଲାଗିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଅନ୍ୟପକ୍ଷରେ ଆର୍ଥିକ ମାନ୍ଦାବସ୍ଥା, ବେରୋଜଗାରି ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ଭାଜପା ଓ କେନ୍ଦ୍ର ସରକାରଙ୍କୁ ଜୋରଦାର ସମାଲୋଚନା କରିଥିଲେ।

ପ୍ରଚାରର ଶେଷ ଦିନରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ଜନମତ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି, ଯେଉଁଥିରେ ଭାଜପା ବିପୁଳ ବିଜୟ ହାସଲ କରିବ ବୋଲି ପୂର୍ବାନୁମାନ କରାଯାଇଛି। ଆଇଏଏନ୍ଏସ୍-ସିଭୋଟର ପକ୍ଷରୁ କରାଯାଇଥିବା ପ୍ରାକ୍ ନିର୍ବାଚନୀ ସର୍ଭେ ଅନୁଯାୟୀ ଭାଜପା ନେତୃତ୍ୱାଧୀନ ମେଣ୍ଟ ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ୧୮୨ରୁ ୨୦୬ ଆସନ ହାସଲ କରିବ। ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ଉପା ୭୨ରୁ ୯୮ ଆସନରେ ସୀମିତ ରହିବ ବୋଲି ଉକ୍ତ ସର୍ଭେରେ କୁହାଯାଇଛି। ମୁମ୍ବାଇରେ ଏନ୍‌ଡିଏକୁ ୩୦ରୁ ୩୪ ଆସନ ମିଳିବାକୁ ଥିଲାବେଳେ କୋଙ୍କଣ ଅଞ୍ଚଳରେ ୩୨ରୁ ୩୬, ମରାଠୱାଡାରେ ୨୩ରୁ ୨୭, ଉତ୍ତର ମହାରାଷ୍ଟ୍ରରେ ୧୯ରୁ ୨୩, ବିଦର୍ଭରେ ୩୭ରୁ ୪୧ ଏବଂ ପଶ୍ଚିମ ମହାରାଷ୍ଟ୍ରରେ ୪୧ରୁ ୪୫ ଆସନ ମିଳିବ ବୋଲି ସର୍ଭେରେ କୁହାଯାଇଛି। ଅନ୍ୟପକ୍ଷରେ ଉପାକୁ ମୁମ୍ବାଇ ଅଞ୍ଚଳରୁ ୦ରୁ ୬ ଆସନ ମିଳିବାକୁ ଥିଲାବେଳେ କୋଙ୍କଣରେ ୨ରୁ ୬, ମରାଠୱାଡାରେ ୧୮ରୁ ୨୨, ଉତ୍ତର ମହାରାଷ୍ଟ୍ର ଅଞ୍ଚଳରେ ୧୨ରୁ ୧୬, ବିଦର୍ଭରେ ୧୬ରୁ ୨୦ ଏବଂ ପଶ୍ଚିମ ମହାରାଷ୍ଟ୍ରରେ ୨୪ରୁ ୨୮ ଆସନ ମିଳିବା ସମ୍ଭାବନା ରହିଛି। ଏନ୍‌ଡିଏକୁ ୪୭.୩ ପ୍ରତିଶତ ଭୋଟ ମିଳିବାକୁ ଥିଲାବେଳେ ଉପାକୁ ୩୮.୫ ଏବଂ ଅନ୍ୟାନ୍ୟ ଦଳଙ୍କୁ ୧୪.୩ ପ୍ରତିଶତ ଭୋଟ ମିଳିବ ବୋଲି ସର୍ଭେ ରିପୋର୍ଟରେ ସୂଚନା ଦିଆଯାଇଛି।

ସେହିପରି ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭାରେ ଭାଜପାକୁ ୭୯ରୁ ୮୭ ଆସନ ମିଳିବା ସମ୍ଭାବନା ଥିଲାବେଳେ କଂଗ୍ରେସ ମାତ୍ର ୧ରୁ ୭ ମଧ୍ୟରେ ସୀମିତ ରହିବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ଭୋଟ ହାର ଅନୁଯାୟୀ ଭାଜପାକୁ ୪୭.୫ ପ୍ରତିଶତ ଭୋଟ ମିଳିବାକୁ ଥିଲାବେଳେ କଂଗ୍ରେସକୁ ୨୧.୪%, ଜନନାୟକ ଜନତା ପାର୍ଟି (ଜେଜେପି)କୁ ୯.୩ ପ୍ରତିଶତ ଓ ଅନ୍ୟାନ୍ୟ ଦଳଙ୍କୁ ୨୧.୪ ପ୍ରତିଶତ ଭୋଟ ମିଳିବ ବୋଲି ଆଇଏଏନ୍ଏସ୍-ସି ଭୋଟର ପକ୍ଷରୁ ପୂର୍ବାନୁମାନ କରାଯାଇଛି।



ସୋନିପତ୍‌ଠାରେ ଭାଜପା ପ୍ରାର୍ଥୀ କବିତା ଜୈନଙ୍କ ରୋଡ ଶୋ'ରେ ବଲିଉଡ କଳାକାର ଅଶ୍ରାନୀ ଓ ମହିମା ଚୌଧୁରୀ ଭାଗ ନେଇଛନ୍ତି।

ଉଭୟ ରାଜ୍ୟରେ ୨୧ ତାରିଖ ଗୋଟିଏ ପର୍ଯ୍ୟାୟରେ ଭୋଟଗ୍ରହଣ ହେଉଥିଲାବେଳେ ୨୪ ତାରିଖରେ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ୨୭ରେ ଶେଷ ହେବ। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାର ୨୯ ଆସନ ଅନୁସୂଚିତ ଜାତି ପାଇଁ ଓ ୨୫ ଆସନ ଅନୁସୂଚିତ ଜନଜାତି ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଛି। ମହାରାଷ୍ଟ୍ରରେ ମୋଟ ୮ କୋଟି ୯୫ ଲକ୍ଷ ୬୨ ହଜାର ୭୦୬ ଭୋଟର ସୋମବାର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ଥିଲାବେଳେ ଏଥିପାଇଁ ୧.୮ ଲକ୍ଷ ବାଲଟ ୟୁନିଟ, ୧.୨୮ ଲକ୍ଷ କଣ୍ଟ୍ରୋଲ ୟୁନିଟ ଓ ୧.୩୯ ଲକ୍ଷ ଭିଭିପିଏଟି ବ୍ୟବହାର କରାଯିବ। ବିଭିନ୍ନ ଦଳର ଦାବି ଫଳରେ ପ୍ରଥମ ଓ ଦ୍ୱିତୀୟ ମହଲାରେ ଥିବା ୫୦୦୦ରୁ ଊର୍ଦ୍ଧ୍ୱ ବୁଥ୍‌କୁ ତଳ ମହଲାକୁ ଅଣାଯାଇଛି। ମାଓବାଦୀ ପ୍ରବଣ ଗଡଚିରୋଲି, ଗୋଣ୍ଡିଆ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥର ମୋଟ ୯୫,୪୭୩ଟି ମତଦାନ କେନ୍ଦ୍ରରେ ଭୋଟ ନିଆଯିବ।

ହରିୟାଣାରେ ମୁଖ୍ୟତଃ ଭାଜପା, କଂଗ୍ରେସ ଓ ଇଣ୍ଡିଆନ ନ୍ୟାଶନାଲ ଲୋକ ଦଳ (ଆଇଏନ୍ଏଲ୍‌ଡି) ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ୧୧୬୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ୧.୮୩ କୋଟି ଭୋଟର ସୋମବାର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ।

■ ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କୁ ଝଟକା

## ବିଳମ୍ବିତ ହେବ ବ୍ରେକ୍‌ଜିଟ

ଲଣ୍ଡନ,୧୯।୧୦(ଏଏଫ୍‌ପି)



ବୋରିସ୍ ଜନ୍‌ସନ

ବ୍ରିଟେନ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କୁ ପୁଣିଥରେ ଝଟକା ଲାଗିଛି। ବ୍ରେକ୍‌ଜିଟ ଚୁକ୍ତିନାମା ସମ୍ପର୍କିତ ନିଷ୍ପତ୍ତି ବିଳମ୍ବ କରିବା ସପକ୍ଷରେ ଏମ୍‌ପିମାନେ ଭୋଟ ଦେଇଛନ୍ତି। ଅକ୍ଟୋବର ୩୧ରେ ବ୍ରିଟେନ ୟୁରୋପୀୟ ସଂଘ (ଇୟୁ)ରୁ ବାହାରିଯିବା ଲାଗି ଶେଷ ତାରିଖ ଧାର୍ଯ୍ୟ ହୋଇଥିଲାବେଳେ ଚୁକ୍ତିନାମାକୁ ଅନୁଧ୍ୟାନ କରିବା ଲାଗି ସମୟ ଆବଶ୍ୟକ ବୋଲି ଏମ୍‌ପିମାନେ ଯୁକ୍ତି ବାଢ଼ିଥିଲେ। ଚୁକ୍ତିନାମାରେ ସଂଶୋଧନକୁ ଆଇନ ପ୍ରଣେତାମାନେ ସମର୍ଥନ କରିଥିଲେ। ଫଳରେ ବ୍ରେକ୍‌ଜିଟ ସମୟସୀମା ଆସନ୍ତାବର୍ଷ ଜାନୁୟାରୀ ପର୍ଯ୍ୟନ୍ତ ବଢ଼ାଇବା ଲାଗି ଇୟୁକୁ ଅନୁରୋଧ କରିବାକୁ ପଡିବ। ଏମ୍‌ପିମାନେ ବିରୋଧରେ ଭୋଟଦେବା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ଜନ୍‌ସନ ଅକ୍ଟୋବର ୩୧ରେ ବ୍ରେକ୍‌ଜିଟ ଚୂଡ଼ାନ୍ତ କରିବା ନିଷ୍ପତ୍ତିରେ ଅଟଳ ରହିଛନ୍ତି। ବ୍ରେକ୍‌ଜିଟ ବିଳମ୍ବ ନେଇ ସେ ଇୟୁ ସହ ବୁଝାମଣା କରିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ପୂର୍ବତନ କଞ୍ଜରଭେଟିଭ୍ ମନ୍ତ୍ରୀ ଓଲିଭର ଲେଟ୍‌ୱିନ ଆଣିଥିବା ସଂଶୋଧନ ପ୍ରସ୍ତାବ ସପକ୍ଷରେ ୩୨୨ ସଦସ୍ୟଙ୍କ ମଧ୍ୟରୁ ୩୦୬ ଜଣ ଭୋଟ ଦେଇଥିଲେ। ବିଲ୍ ପାସ୍ ହୋଇଥିବାରୁ ବ୍ରେକ୍‌ଜିଟ ସମୟସୀମା ବଢ଼ାଇବା ଲାଗି ପ୍ରଧାନମନ୍ତ୍ରୀ ୟୁରୋପୀୟ ସଂଘକୁ ପତ୍ର ଲେଖିବା ଲାଗି ବାଧ୍ୟ। ଅଧିକ ବିଳମ୍ବ କରିବା ଉଭୟ ବ୍ରିଟେନ, ୟୁରୋପୀୟ ସଂଘ ଓ ଗଣତନ୍ତ୍ର ପାଇଁ ଖରାପ ବୋଲି ଜନ୍‌ସନ କହିଛନ୍ତି। ସରକାର ବ୍ରେକ୍‌ଜିଟ୍ ଡିଲ୍ ଉପରେ ମଙ୍ଗଳବାର ଭୋଟ ଲୋଡ଼ିବେ ବୋଲି ସେ କହିଛନ୍ତି।

## ନାଗାମାନଙ୍କ ସ୍ୱତନ୍ତ୍ର ସମ୍ବିଧାନ, ପତାକା ଦାବିକୁ କେନ୍ଦ୍ରର ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ,୧୯।୧୦

ନାଗାମାନଙ୍କ ଲାଗି ସ୍ୱତନ୍ତ୍ର ସମ୍ବିଧାନ ଓ ପତାକା ଦାବିକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଦେଇଛନ୍ତି। ଏନ୍ଏସ୍‌ସିଏନ୍-ଆଇଏମ୍ ପକ୍ଷରୁ ଏଥିପାଇଁ ଦାବି ହୋଇଆସୁଥିଲା। ବନ୍ଧୁକର ଛାୟାରେ ଉଗ୍ରବାଦୀ ସଂଗଠନ ସହ ଆଲୋଚନା ଗ୍ରହଣୀୟ ନୁହେଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଦେଇଛନ୍ତି। ଦୀର୍ଘ ଦଶନ୍ଧି ଧରି ଚାଲିଥିବା ଶାନ୍ତି ପ୍ରକ୍ରିୟା ଅବିଳମ୍ବେ ଶେଷ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ନାଗା ଆଲୋଚନାର ମଧ୍ୟସ୍ଥ ତଥା ନାଗାଲାଣ୍ଡ ରାଜ୍ୟପାଳ ଆର୍.ଏନ୍. ରବି କହିଛନ୍ତି। ଚିଠା ବୁଝାମଣାରେ ସରକାର ରାଜି ହୋଇଛନ୍ତି ଓ ଖୁବ୍‌ଶୀଘ୍ର ଚୂଡ଼ାନ୍ତ ରାଜିନାମା ସ୍ୱାକ୍ଷର ହେବ ବୋଲି ରାଜ୍ୟପାଳ କହିଛନ୍ତି।

ଏଭଳି ସମୟରେ ସମାଧାନ ପ୍ରକ୍ରିୟାକୁ ବିଳମ୍ବିତ କରିବା ଲାଗି ଏନ୍ଏସ୍‌ସିଏନ୍-ଆଇଏମ୍ ଟାଳଟୁଳ ମନୋଭାବ ପୋଷଣ କରିବା ଦୁର୍ଭାଗ୍ୟଜନକ। ବୁଝାମଣାକୁ ବିଳମ୍ବିତ କରିବା ଲାଗି ସେମାନେ ସ୍ୱତନ୍ତ୍ର ଜାତୀୟ ପତାକା ଓ ସମ୍ବିଧାନ କଥା କହୁଛନ୍ତି। ଏହା କେବେ ସମ୍ଭବ ନୁହେଁ, ଏକଥା ନାଗାମାନେ ଭଲଭାବେ ଜାଣନ୍ତି ବୋଲି ରାଜ୍ୟପାଳ ଏକ ବିବୃତିରେ କହିଛନ୍ତି। ସାରା ଦେଶ ପାଇଁ ଗୋଟିଏ ସମ୍ବିଧାନ ଓ ଗୋଟିଏ ପତାକା ଉପରେ ବିଶ୍ୱାସ କରନ୍ତି ବୋଲି ଶାସକ ଭାଜପା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଏକାଧିକ ଥର କହିସାରିଛନ୍ତି।

ଏନ୍ଏସ୍‌ସିଏନ୍-ଆଇଏମ୍‌ର କେତେକ ନେତାଙ୍କ ପ୍ରତିକୂଳ ମନୋଭାବ ସତ୍ତ୍ୱେ ଶୁକ୍ରବାର ରାଜ୍ୟପାଳ କୋହିମାରେ ନାଗା ସୋସାଇଟିର କେତେଜଣ ନେତାଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ୧୪ ନାଗା ଜନଜାତିର ନେତାଙ୍କ ସମେତ ଅଣନାଗା ନେତାମାନେ ମଧ୍ୟ ଯୋଗଦେଇଥିଲେ।

## ରୁଷିଆରେ ଡ୍ୟାମ୍ ଭୁଶୁଡ଼ି ୧୫ ମୃତ

ମସ୍କୋ,୧୯।୧୦(ଏଏଫ୍‌ପି): ରୁଷିଆର ସାଇବେରିଆ ସୁନାଖଣି ଅଞ୍ଚଳରେ ଶନିବାର ଏକ ଡ୍ୟାମ୍ ଭୁଶୁଡ଼ି ୧୫ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ଅନ୍ୟ ୧୩ ଜଣ ନିଖୋଜ ଅଛନ୍ତି। ସାଇବେରିଆର କ୍ରାସନୋୟାର୍ସ୍କଠାରେ ସେଇବା ନଦୀ ଡ୍ୟାମ୍ ଭୁଶୁଡ଼ି ଅନେକ କ୍ୟାବିନକୁ ଭସାଇନେଇଥିଲା। ଉକ୍ତ କ୍ୟାବିନଗୁଡ଼ିକରେ ଶ୍ରମିକମାନେ ରହୁଥିଲେ। ଭୋର ସମୟରେ ସେମାନେ ଶୋଇଥିଲାବେଳେ ବନ୍ୟାଜଳ ମାଡ଼ିଯାଇଥିଲା। ଉଦ୍ଧାର କାର୍ଯ୍ୟରେ ୩୦୦ କର୍ମଚାରୀ, ୬ ହେଲିକପ୍ଟର ଓ ୬ଟି ବୋଟ୍‌କୁ ନିୟୋଜିତ କରାଯାଇଛି। ଡ୍ୟାମ୍ ନିର୍ମାଣ ତ୍ରୁଟିପୂର୍ଣ୍ଣ ଥିବାରୁ ତାହା ଭୁଶୁଡ଼ି ପଡ଼ିଲା ବୋଲି କୁହାଯାଉଛି। କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇଦେବା ସହ ଡ୍ୟାମ୍ ଭୁଶୁଡିବାର କାରଣ ଅନୁଧ୍ୟାନ କରିବାକୁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ଶିବସେନାରେ ସଲ୍‌ମାନ୍‌ଙ୍କ ବଡିଗାର୍ଡ ଶେରା

ମୁମ୍ବାଇ, ୧୯।୧୦(ପି.ଟି.) : ବଲିଉଡ୍ ସୁପରଷ୍ଟାର ସଲ୍‌ମାନ୍ ଖାନ୍‌ଙ୍କ ଦୀର୍ଘଦିନର ବଡିଗାର୍ଡ ଗୁର୍‌ମିତ୍ ସିଂ ଓରଫ୍ ଶେରା ଶିବସେନାରେ ଯୋଗଦେଇଛନ୍ତି। ନିଜ ବାସଭବନ 'ମାତୋଶ୍ରୀ'ରେ ଦଳର ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ଯୁବସେନା ଅଧ୍ୟକ୍ଷ ଆଦିତ୍ୟ ଠାକ୍‌ରେ ତାଙ୍କୁ ସ୍ୱାଗତ କରିଛନ୍ତି। ୨୧ରେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଶେରାଙ୍କ ଶିବସେନାରେ ଯୋଗଦାନ ଶକ୍ତିବୃଦ୍ଧି କ୍ଷେତ୍ରରେ ସହଯୋଗ କରିବ ବୋଲି କୁହାଯାଇଛି।



## ଭାଜପା ପ୍ରାର୍ଥୀଙ୍କ ସହଯୋଗୀଠାରୁ ୧୮ ଲକ୍ଷ ଟଙ୍କା ଜବତ

ନାଗପୁର, ୧୯।୧୦ (ପି.ଟି.)

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ୨୧ରେ ହେବାକୁ ଥିବାବେଳେ ଭୋଟରଙ୍କୁ ଟଙ୍କା ବଣ୍ଟାଯିବା ଘଟଣା ସାମ୍ନାକୁ ଆସିଛି। ପୋଲିସ ଶୁକ୍ରବାର ରାତିରେ ପ୍ରାୟ ୧୮ ଲକ୍ଷ ଟଙ୍କା ଜବତ କରିଥିବାବେଳେ ଭାଜପା ମନ୍ତ୍ରୀ ତଥା ନିର୍ବାଚନ ଲଢୁଥିବା ପରିଣୟ ଫୁକେଙ୍କ ସହଯୋଗୀ ନୀତିନ ନୀଳକଣ୍ଠରାଓଙ୍କ ସମେତ ୪ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଭଣ୍ଡାରା ଜିଲା ସକୋଲି ନିର୍ବାଚନମଣ୍ଡଳୀରୁ ଫୁକେ ନିର୍ବାଚନ ଲଢୁଛନ୍ତି। ଭାଜପା ସମର୍ଥକମାନେ କାର୍‌ରେ ଆସି ଲଫାପାରେ ଏହି ଟଙ୍କା ଭୋଟରଙ୍କୁ ବାଣ୍ଟିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଟଙ୍କା ବଣ୍ଟାକୁ କଂଗ୍ରେସ ସମର୍ଥକମାନେ ବିରୋଧ କରିବାରୁ ଭାଜପା ସମର୍ଥକମାନେ ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ଏଥିରେ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସକୋଲା ପୋଲିସ କହିଛି। ନିର୍ବାଚନ ଅଧିକାରୀ ଓ ପୋଲିସ ଘଟଣାସ୍ଥଳକୁ ଯାଇ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିବା ଜଣାପଡ଼ିଛି। ସେଠାରୁ ପୋଲିସ ୧୦୦ଟି ଲାଲ୍‌ରଙ୍ଗର ଲଫାପା ସହ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୧୦୬ ଧଳା ଲଫାପା ସହ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଛି। ପ୍ରକାଶଥାଉ କି ଫୁକେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ପାଖଲୋକ ହୋଇଥିବାବେଳେ ପିଡବ୍ଲ୍ୟୁଡି, ଜଙ୍ଗଲ ଓ ଆଦିବାସୀ ବିକାଶ ମନ୍ତ୍ରୀ ଅଛନ୍ତି।

## କୋଠା ଭୁଶୁଡ଼ି ଜଣେ ମୃତ



ଫସିଛନ୍ତି ୭ ଜଣ

ବଡୋଦରା,୧୯।୧୦

ଗୁଜରାଟର ବଡୋଦରା ସହରରେ ଏକ ବହୁମହଲା କୋଠା ଭୁଶୁଡ଼ି ଜଣେ ପ୍ରାଣ ହରାଇଥିବାବେଳେ ଭଗ୍ନାବଶେଷ ତଳେ ୭ ଜଣ ଫସିରହିଥିବା ଆଶଙ୍କା କରାଯାଉଛି। ୫ ମହଲା ବିଲ୍ଡିଂ ଭାଙ୍ଗିବା କାର୍ଯ୍ୟରେ ଶ୍ରମିକମାନେ ନିୟୋଜିତ ଥିଲାବେଳେ ଶନିବାର ସନ୍ଧ୍ୟାରେ ତାହା ଭୁଶୁଡ଼ି ପଡ଼ିଥିଲା। ଭଗ୍ନାବଶେଷ ତଳୁ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିବାବେଳେ ହସ୍ପିଟାଲ ନେବା ବାଟରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଜଣଙ୍କୁ ଏସ୍ଏସ୍‌ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଲ୍ଡିଂ ଭାଙ୍ଗିବାରେ ଠିକାଦାର ଉପଯୁକ୍ତ ପଦ୍ଧତି ଆପଣାଇ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି।

## ଦୁର୍ଘଟଣାରେ କେନ୍ଦ୍ରମନ୍ତ୍ରୀ ଗୋୟଲଙ୍କ ପିଏସ୍ ମୃତ

ଶାହଜାହାନ୍‌ପୁର, ୧୯।୧୦(ପି.ଟି.) : କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସନ୍ତୋଷ ଗଙ୍ଗ୍ୱାରଙ୍କ ବ୍ୟକ୍ତିଗତ ସଚିବ ବ୍ରିଜେଶ କୁମାର ତିୱାରୀ (୪୪) ସଡ଼କ ଦୁର୍ଘଟଣାରେ ଶନିବାର ପ୍ରାଣ ହରାଇଛନ୍ତି। ତାଙ୍କ କାର୍ ଏକ ଟ୍ରକ୍ ସହ ଧକ୍କା ଖାଇବାରୁ ଏଭଳି ଘଟଣା ଘଟିଛି। ବ୍ରିଜେଶ ଫାରୁଖାବାଦ୍‌ରୁ ବରେଲୀ ଅଭିମୁଖେ ଆସୁଥିଲାବେଳେ ମଦ୍‌ନାପୁରଠାରେ ତାଙ୍କ ଗାଡ଼ି ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ତାଙ୍କ ମରଶରୀରକୁ ପୋଷ୍ଟମର୍ଟମ ଲାଗି ପଠାଯାଇଥିବା ଜଣାପଡ଼ିଛି।

## ଇଣ୍ଟରପୋଲ ଅଧିବେଶନ ଆୟୋଜନ କରିବ ଭାରତ

ନୂଆଦିଲ୍ଲୀ,୧୯।୧୦(ପି.ଟି.)

୨୦୨୨ରେ ଇଣ୍ଟରପୋଲ୍‌ର ୯୧ତମ ସାଧାରଣ ଅଧିବେଶନ ଭାରତ ଆୟୋଜନ କରିବ। ଅଗଷ୍ଟ ୩୦ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଇଣ୍ଟରପୋଲ୍ ମହାସଚିବ ଜୁରଗେନ୍ ଷ୍ଟକ୍‌ଙ୍କ ନିକଟରେ ଏନେଇ ପ୍ରସ୍ତାବ ରଖିଥିଲେ। ପ୍ରସ୍ତାବକୁ ଅନ୍ତର୍ଜାତୀୟ ପୋଲିସ ସଂସ୍ଥାର ସଦସ୍ୟ ରାଷ୍ଟ୍ରମାନେ ବିପୁଳ ସମର୍ଥନ ଜଣାଇଛନ୍ତି। ସିବିଆଇ ନିର୍ଦ୍ଦେଶକ ଋଷି କୁମାର ଶୁକ୍ଲା ମଧ୍ୟ ଚିଲିର ସାଣ୍ଟିଆଗୋଠାରେ ଅନୁଷ୍ଠିତ ୮୮ତମ ସାଧାରଣ ସଭାରେ ପ୍ରସ୍ତାବ ରଖିଥିଲେ। ତାଙ୍କ ସହ ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକ ଓ ମଧ୍ୟପ୍ରଦେଶ ପୋଲିସ ମୁଖ୍ୟ ଭି.କେ. ସିଂ ସାଧାରଣ ଅଧିବେଶନକୁ ଯାଇଥିଲେ। ପ୍ରସ୍ତାବ ଉପରେ ଇଣ୍ଟରପୋଲ୍‌ର ୧୯୦ଟି ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ଭୋଟ ହୋଇଥିଲା ଓ ସଂଖ୍ୟାଗରିଷ୍ଠ ଭୋଟରେ ଗୃହୀତ ହୋଇଥିଲା ବୋଲି ଏହାର ମୁଖପାତ୍ର ନୀତିନ ୱାକନ୍‌କର କହିଛନ୍ତି। ୨୦୨୨ରେ ଭାରତ ସ୍ୱାଧୀନତାର ୭୫ତମ ବାର୍ଷିକୀ ପାଳନ କରିବାକୁ ଯାଉଥିଲାବେଳେ ଇଣ୍ଟରପୋଲର ୯୧ତମ ଅଧିବେଶନ ଲାଗି ବିଭିନ୍ନ ଦେଶର ପୋଲିସ ଉଚ୍ଚ ପଦାଧିକାରୀମାନେ ଯୋଗଦେବେ। ୧୯୯୭ରେ ଭାରତ ଇଣ୍ଟରପୋଲ୍‌ର ସାଧାରଣ ଅଧିବେଶନ ଆୟୋଜନ କରିଥିଲା।

## ଦମ୍ପତିଙ୍କୁ ହତ୍ୟାକଲେ ମାଓବାଦୀ

ରାଞ୍ଚି,୧୯।୧୦(ଆଇଏଏନ୍ଏସ୍): ଝାଡ଼ଖଣ୍ଡର ଖୁଣ୍ଟି ଜିଲାରେ ଶନିବାର ସକାଳେ ମାଓବାଦୀମାନେ ଏକ ଦମ୍ପତିଙ୍କୁ ହତ୍ୟା କରିଛନ୍ତି। ଜିଲାର କାଇକୋ ଥାନା ଅନ୍ତର୍ଗତ ଆଡା ଗ୍ରାମରେ ଶୀତଲ ମୁଣ୍ଡା (୫୦) ଓ ତାଙ୍କ ସ୍ତ୍ରୀ ମାଦେ ମୁଣ୍ଡା (୪୫)ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଶୀତଲ ଗାଁର ଉପମୁଖିଆ ଓ ବୁଥ୍‌ସ୍ତରୀୟ ସଭାପତି ଥିଲେ। ତିନିଜଣ ମାଓବାଦୀ ତାଙ୍କ ଘରେ ପଶି ଆକ୍ରମଣ କରିଥିଲେ। ତେବେ ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ।

ଇତିହାସର ଆଇନାରେ

### ଅକ୍ଟୋବର ୨୦ର ପ୍ରମୁଖ ଘଟଣା

୧୯୯୧ ଅକ୍ଟୋବର ୨୦ରେ ଭାରତର ଉତ୍ତରକାଶୀ ଅଞ୍ଚଳରେ ଭୟଙ୍କର ଭୂକମ୍ପ ହେବାରୁ ପ୍ରାୟ ୧ ହଜାର ଲୋକ ପ୍ରାଣ ହରାଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୬.୮ ଥିଲା। ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବାବେଳେ ପ୍ରାୟ ୩ ଲକ୍ଷ ଲୋକ ଏହାଦ୍ୱାରା ପ୍ରଭାବିତ ହୋଇଥିଲେ।

୨୦୧୧ ଅକ୍ଟୋବର ୨୦ରେ ଲିବ୍ୟାର ଏକଚ୍ଛତ୍ରବାଦୀ ଶାସକ ମୁଆମାର ଗଦାଫିଙ୍କୁ ବିଦ୍ରୋହୀମାନେ ଧରିବାରେ ସଫଳ ହୋଇଥିଲେ। ଗୃହଯୁଦ୍ଧ ଚାଲିଥିବାବେଳେ ନ୍ୟାଶନାଲ ଟ୍ରାଞ୍ଜିଶନାଲ ଫୋର୍ସ ତାଙ୍କୁ ଏକ କଲଭର୍ଟ ମଧ୍ୟରୁ ଗିରଫ କରିବା ପରେ ପରେ ହତ୍ୟା କରିଥିଲେ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ସହ ଥଣ୍ଡା ଅନୁଭବ ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୪ | ୨୨.୪ |
| ଚାନ୍ଦବାଲି | ୩୩.୭ | ୨୪.୦ |
| କଟକ | ୩୨.୮ | ୨୨.୦ |
| ପାରାଦ୍ୱୀପ | ୩୨.୭ | ୨୫.୩ |
| ଭୁବନେଶ୍ୱର | ୩୩.୫ | ୨୩.୪ |
| ଗୋପାଳପୁର | ୩୫.୫ | ୨୪.୮ |
| ପୁରୀ | ୩୩.୪ | ୨୪.୮ |
| ଅନୁଗୋଳ | ୩୪.୧ | ୧୯.୦ |
| ବାରିପଦା | ୩୩.୨ | ୨୪.୦ |
| ଝାରସୁଗୁଡ଼ା | ୩୨.୪ | ୨୩.୦ |
| କେନ୍ଦୁଝର | ୩୨.୧ | ୨୧.୦ |
| ସମ୍ବଲପୁର | ୩୪.୦ | ୨୨.୪ |
| ସୁନ୍ଦରଗଡ଼ | ୨୮.୦ | ୧୫.୦ |
| ହୀରାକୁଦ | ୩୨.୯ | ୨୪.୦ |
| ତାଳଚେର | ୩୩.୭ | ୨୩.୩ |
| ଭବାନୀପାଟଣା | ୩୦.୮ | ୨୨.୫ |
| ବଲାଙ୍ଗୀର | ୩୪.୦ | ୨୩.୦ |
| କୋରାପୁଟ | ୨୯.୨ | ୧୬.୮ |
| ଫୁଲବାଣୀ | ୩୨.୨ | ୨୦.୦ |
| ଟିଟିଲାଗଡ଼ | ୩୩.୪ | ୨୦.୧ |
| ମାଲକାନଗିରି | ୩୨.୦ | -- |
| ସୋନପୁର | ୩୩.୮ | ୧୯.୮ |
| ଦାରିଙ୍ଗିବାଡ଼ି | -- | ୧୫.୫ |

ଡିଗ୍ରୀ ସେଲ୍‌ସିୟସ୍

## କମଲେଶ ହତ୍ୟାକାଣ୍ଡ: ୫ ଗିରଫ

ଲକ୍ଷ୍ନୌ,୧୯।୧୦



କମଲେଶ ତିୱାରୀ

■ ଏନ୍‌ଆଇଏ ତଦନ୍ତ ଲାଗି ପରିବାରର ଦାବି

■ ଆତଙ୍କବାଦୀଙ୍କ ସମ୍ପୃକ୍ତି ନାହିଁ: ଡିଜିପି

ଉତ୍ତରପ୍ରଦେଶର ହିନ୍ଦୁବାଦୀ ନେତା କମଲେଶ ତିୱାରୀ ହତ୍ୟା ମାମଲାରେ ୫ ଜଣଙ୍କୁ ଗିରଫ କରାଯାଇଛି। ଶୁକ୍ରବାର କମଲେଶଙ୍କୁ ତାଙ୍କ ଲକ୍ଷ୍ନୌ ଘରେ ହତ୍ୟା କରାଯାଇଥିଲା। କମଲେଶଙ୍କ ସ୍ତ୍ରୀ ଦେଇଥିବା ଏତଲା ଆଧାରରେ ଉତ୍ତରପ୍ରଦେଶର ବିଜନୁର ଜିଲାରୁ ୨ ଜଣ ଓ ଗୁଜରାଟର ସୁରଟରୁ ତିନିଜଣଙ୍କୁ ଗିରଫ କରାଯାଇଥିବା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଓ.ପି. ସିଂ ସୂଚନା ଦେଇଛନ୍ତି। ଫେରାର ଥିବା ଅନ୍ୟ ଦୁଇଜଣଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି। ଗୁଜରାଟରୁ ଗିରଫ ତିନିଜଣ ହେଲେ ମୌଲାନା ମହସିନ ଶେଖ୍, ରଶିଦ ଅହମଦ ପଠାନ ଓ ଫୈଜାନ। ସେହିପରି ୟୁପିରୁ ଗିରଫ ଦୁଇଜଣ ହେଲେ ମୌଲାନା ଅନୱର ଉଲ୍ ହକ୍ ଏବଂ ମୁଫ୍‌ତି ନଇମ୍ କଜ୍‌ମିନ। ରଶିଦ ଆକ୍ରମଣର ମାଷ୍ଟରମାଇଣ୍ଡ ବୋଲି ପୋଲିସ ବିଶ୍ୱାସ କରୁଛି। ହତ୍ୟାକାରୀ ମିଠା ପ୍ୟାକେଟ ନେଇ କମଲେଶଙ୍କ ଘରକୁ ଯାଇଥିଲେ। ଏହି ମିଠା ପ୍ୟାକେଟକୁ ଫୈଜାନ କିଣିଥିବା ଜଣାପଡିଛି। ତେବେ ଆକ୍ରମଣ ପଛରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ନ ଥିବା ଡିଜିପି କହିଛନ୍ତି। ୨୦୧୫ରେ କମଲେଶ ପ୍ରଫେଟ ମହମ୍ମଦଙ୍କ ବିରୋଧରେ ମାନହାନିକାରକ ମନ୍ତବ୍ୟ ଦେଇଥିଲେ। ଏହା ହତ୍ୟାକାଣ୍ଡର କାରଣ ହୋଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ମିଠା ପ୍ୟାକେଟ ସୁରଟର ବୋଲି ସିସିଟିଭି ଫୁଟେଜ୍‌ରୁ ଜଣାପଡିବା ପରେ ଉତ୍ତରପ୍ରଦେଶ ପୋଲିସ ଗୁଜରାଟ ପୋଲିସର ସହାୟତା ଲୋଡିଥିଲା।

ହିନ୍ଦୁ ସମାଜ ପାର୍ଟି ନେତା କମଲେଶଙ୍କ ହତ୍ୟାକାରୀମାନଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରତିଶ୍ରୁତି ଦେଇଥିବାବେଳେ ଘଟଣାର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା କରାଯିବା ଲାଗି ତାଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି। ସୁରକ୍ଷା କର୍ମୀ ଥାଇ କମଲେଶଙ୍କୁ ହତ୍ୟା କରାଯାଇଥିବାରୁ ଆମେ ପ୍ରଶାସନକୁ କିପରି ବିଶ୍ୱାସ କରିବୁ ବୋଲି ତାଙ୍କ ପୁଅ ସତ୍ୟମ ପ୍ରଶ୍ନ କରିଛନ୍ତି।



“ ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।

- ଗୋଲ୍ଡସ୍ମିଥ



## ସଂକ୍ଷେପରେ



### ଦୋକାନୀଙ୍କୁ ଆକ୍ରମଣ କରି ଲହୁଲୁହାଣ

**ସମ୍ବଲପୁର, ୧୯।୧୦ (ବ୍ୟୁରୋ)**- ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ରେମେଡଛକସ୍ଥିତ ଏକ ଦୋକାନର ମାଲିକଙ୍କୁ ଶନିବାର ସକାଳ ସାଢ଼େ ୧୦ଟାରେ ପ୍ରାୟ ୨୦ଜଣ ଯୁବକ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ସେ ହେଲେ ଆଶିଷ କୁମାର ଗୁପ୍ତା (୨୦)। ସମ୍ପୃକ୍ତ ଯୁବକମାନେ ହଠାତ୍ ଆଶିଷଙ୍କ ଦୋକାନ ଭିତରକୁ ପଶିଯିବାରୁ ସେ ବାହାରକୁ ଯିବାପାଇଁ ଅନୁରୋଧ କରିଥିଲେ। ହେଲେ ବିଦ୍ୟୁତ ବିଲ୍ ନେବାକୁ ଆସିଛୁ । ଶୀଘ୍ର ଦିଅ ବୋଲି ଆକ୍ରମଣକାରୀ ଆଶିଷଙ୍କୁ କହିଥିଲେ। ଏହାପରେ ଆଶିଷ ସେମାନଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ । ସେମାନେ କିନ୍ତୁ ୨୦ ହଜାର ଟଙ୍କା ଦେବାକୁ ବାଧ କରିଥିଲେ । ଏଥିରେ କଥାକଟା କଟି ହୋଇଥିଲା । ଶେଷରେ ସେମାନେ ଆଶିଷଙ୍କୁ ଆକ୍ରମଣ କରିଥିଲେ । ଏ ନେଇ ଅଇଁଠାପାଲି ଥାନାରେ ୩୫୦/୧୯ରେ ଏକ ମାମଲା ରୁଜୁ ହୋଇଛି ।

ଜିଏମ୍ ଜୁନିୟର କଲେଜର ୮ ଅଧ୍ୟାପକଙ୍କ ବଦଳି ପ୍ରସଙ୍ଗ

# ୭ ଦିନ ସମୟ ନେଲା ପ୍ରଶାସନ

**ସମ୍ବଲପୁର, ୧୯।୧୦ (ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ଜୁନିୟର କଲେଜର ୮ଜଣ ଅଧ୍ୟାପକଙ୍କ ବଦଳି ପ୍ରତିବାଦରେ ଛାତ୍ର ଆନ୍ଦୋଳନ ତେଜିବାରେ ଲାଗିଛି । ଶନିବାର ସକାଳ ୮ଟାରେ ଛାତ୍ରୀଛାତ୍ର ଜିଏମ୍ୟୁ ମୁଖ୍ୟ ଫାଟକରେ ତାଲା ମାରିବା ସହ ଫାଟକ ରାସ୍ତା ଅବରୋଧ କରିଥିଲେ। ଏହାପରେ ସେମାନେ ଅପରାହ୍ଣ ୧୧ଟାରୁ ୧୨ଟା ୧୫ ମିନିଟ ପର୍ଯ୍ୟନ୍ତ ଗଙ୍ଗାଧର ମେହେର କଲେଜ ଛକ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଘଟଣା ସ୍ଥଳରେ ଏଏସ୍‌ପି ପ୍ରଦୀପ୍ତ ମହାପାତ୍ର, ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତାଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ ଅଧ୍ୟାପକଙ୍କ ବଦଳି ସ୍ଥଗିତ ନ ହେବା ଯାଏ ସେମାନେ ଆନ୍ଦୋଳନରୁ ବିରତ ରହିବେ ନାହିଁ ବୋଲି ଚେତାବନୀ ଦେଇଥିଲେ । ଜିଲା ପ୍ରଶାସନର କୌଣସି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନ ଥିବାରୁ ଆନ୍ଦୋଳନକାରୀ ରାଲିରେ ସହର ପରିକ୍ରମା କରି ଜିଲାପାଳ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏକ ୧୦ ଜଣିଆ ଛାତ୍ର ପ୍ରତିନିଧି ଦଳ ପ୍ରତିନିଧି ଦଳ ରେଙ୍ଗାଲି ବିଧାୟକ ନାଉରି ନାୟକ, ପଶ୍ଚିମାଞ୍ଚଳ ଏକତା ମଞ୍ଚର ମାନସ ବକ୍ସି, ଭାଜପା ନେତା ସମୀର ରଞ୍ଜନ ବାବୁଙ୍କ ସହ ଅତିରିକ୍ତ ଜିଲାପାଳ (ଏଡିଏମ୍)ଲିଙ୍ଗରାଜ ପଣ୍ଡା, ଏସ୍‌ପି କନୱର ବିଶାଲ ସିଂ, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ଭେଟି ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଦୀର୍ଘ ୨ଘଣ୍ଟା ଧରି ଆଲୋଚନା ହେବା ପରେ ଜିଲା ପ୍ରଶାସନ ୭ଦିନ ଭିତରେ ଅଧ୍ୟାପକ ବଦଳି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛି।



ସମ୍ବଲପୁର ଗଙ୍ଗାଧର ମେହେର ଜୁନିୟର କଲେଜ ଛାତ୍ରୀଛାତ୍ରମାନେ ଫାଟକ ରାସ୍ତାରେ ବିକ୍ଷୋଭ କରୁଛନ୍ତି ।

- ଖାଲି ପଦ ପୂରଣ ପାଇଁ ଅଡି ବସିଛନ୍ତି ଛାତ୍ରୀଛାତ୍ର
- ଜିଏମ୍ୟୁ ମୁଖ୍ୟ ଫାଟକରେ ତାଲା ମାରି, ରାସ୍ତାରୋକ
- ମନାଇ ପାରିଲେନି ପୋଲିସ ଅଧିକାରୀ
- ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କଲେ
- ଏଡିଏମ୍, ଏସ୍‌ପିଙ୍କ ସହ ୧୦ ଜଣିଆ ପ୍ରତିନିଧି ଦଳ ଆଲୋଚନା କଲେ

# ଝୁକୋ ବ୍ୟାଙ୍କ ଖିଲାପି ଋଣଗ୍ରହୀତାଙ୍କ ଲାଗି ସ୍ୱତନ୍ତ୍ର ଯୋଜନା

**ସମ୍ବଲପୁର, ୧୯।୧୦ (ବ୍ୟୁରୋ)**

ଝୁକୋ ବ୍ୟାଙ୍କ ପକ୍ଷରୁ ଆସନ୍ତା ଦିପାବଳୀକୁ ଋଣମୁକ୍ତ ଦୀପାବଳି ଭାବେ ଘୋଷଣା କରାଯାଇଛି। ଏହି ଯୋଜନାରେ ସ୍ଥାୟୀ ସମ୍ପତ୍ତି ବନ୍ଧକ ବିହିନ ଆକାଉଣ୍ଟ ଗୁଡିକୁ ଅନ୍ତର୍ଭୁକ୍ତ କରାଯାଇଛି । ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ରିହାତି ସହ ବକେୟା ଋଣ ପରିଶୋଧ ତଥା ସାମାଜିକ କଳଙ୍କରୁ ମୁକ୍ତି ଉପହାର ସୀମିତ ସମୟ ମଧ୍ୟରେ ବ୍ୟାଙ୍କ ଆଣିଛି । ଏହି ଋଣ ଛାଡ ସୁବିଧା ବ୍ୟାଙ୍କ ଦ୍ୱାରା ପୂର୍ବରୁ ସ୍ଥିରିକୃତ ହୋଇଛି । ଏନେଇ ବିଭିନ୍ନ ଶାଖା ଗୁଡିକୁ ସୂଚନା ମଧ୍ୟ ଦିଆଯିବା ସହ ସମସ୍ତ ଋଣଧାରକଙ୍କୁ ମଧ୍ୟ ନୋଟିସ ପଠା ଯାଇଛି । ତେଣୁ ଦିପାବଳୀକୁ ଋଣଧାରକମାନେ ସୁବର୍ଣ୍ଣ ସୁଯୋଗ ଭାବେ ଋଣପରିଶୋଧ କରିବାକୁ ଶନିବାର ବ୍ୟାଙ୍କ ପକ୍ଷରୁ ପ୍ରେସ ବିବୃତ୍ତିରେ ସୂଚୀତ କରାଯାଉଛି ।


## BHUBANESWAR MUNICIPAL CORPORATION

**No.28985** **Dt.18/10/2019**

**NOTICE INVITING TENDERS (NIT)**

Bhubaneswar Municipal Corporation invites Percentage Rate Bids under National Competitive Bidding (NCB) through e-procurement in conformity with the terms & conditions laid down in the Detailed Tender Call Notice (DTCN) in Two bid system (Part I: General & Technical Bid and Part II: Financial Bid/Price Bid/BOQ) from eligible class of contractors fulfilling the minimum eligibility criteria for the following works.

| Sl. No. | Name of the work | Amount put to Tender (in Rs.) |
|---|---|---|
| 1. | Construction of 5 TPD capacity MCC for ward no-60 Near Lingaraj Station ROB | 5176763 |
| 2. | Construction of 5 TPD capacity MCC for ward no 54 & 67 near Lingaraj Station ROB | 5176763 |
| 3. | Construction of 5 TPD capacity MCC for ward no. 61, Kapilaprasad near Khanduala Basti | 5176763 |
| 4. | Construction of 5 TPD capacity MCC over Plot no. 456 Khata No.-740 Mouza Bhimpur near Petrol Pump back side Pokhariput in ward no. 62 & 63 | 5176763 |
| 5. | Construction of 5 TPD capacity MCC near Rajdhani College in ward no. 50 of BMC | 5176763 |

The Detailed Tender Call Notice (DTCN) may be downloaded from www.tendersorissa.gov.in or www.bmc.gov.in. The last date of submission of tenders is on **28.10.2018 till 5:00 pm.**

**By order,**
**Sd/-**
**Executive Engineer- Div-II**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**


# ବିକାଶରେ ବାଣିଜ୍ୟ ଆଲୋଚନାଚକ୍ର

**ସମ୍ବଲପୁର, ୧୯।୧୦ (ବ୍ୟୁରୋ)**

ଶାସନସ୍ଥିତ ବିକାଶ ସ୍କୁଲ ପରିସରରେ ତୃତୀୟ ସହଦୋୟ ବାଣିଜ୍ୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୧ଟି ସହଦୋୟ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ । ଡ. ଦିଲୀପ କୁମାର ପଣ୍ଡା ଓ ଡ. ପି.ସି. ତ୍ରିପାଠୀ ଏବଂ ସଞ୍ଜୀବ ଟିବ୍ରିୱାଲ ମୁଖ୍ୟ ବିଚାରକ ଭାବେ ଯୋଗ ଦେଇଥିଲେ । ବିକାଶ ଦ କନସେପ୍ଟ ସ୍କୁଲ ପ୍ରଥମ, ଝାରସୁଗୁଡା ଡିଏଭି ପବ୍ଲିକ ସ୍କୁଲ ଦ୍ୱିତୀୟ ଓ ଝାରସୁଗୁଡା ଅପର୍ଣ୍ଣା ୱାର୍ଲ୍ଡ ସ୍କୁଲ ଛାତ୍ରୀଛାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶେଷରେ ଅଧ୍ୟାପକ ରାକେଶ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।



ଶନିବାର ସମ୍ବଲପୁର ବିକାଶ ସ୍କୁଲ ପରିସରରେ ଆୟୋଜିତ ବାଣିଜ୍ୟ ଆଲୋଚନାଚକ୍ରରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର ।

ନାବାଳିକାଙ୍କ ମୃତଦେହ ଉଦ୍ଧାର ଘଟଣା

## ହତ୍ୟା, ବଳାତ୍କାର ମାମଲା ରୁଜୁ

**ନାକଟିଦେଉଳ, ୧୯।୧୦ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ଗଇଳମୁଣ୍ଡି ନିକଟସ୍ଥ କୁଲାଡିହା ଜଙ୍ଗଲରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କ ମୃତଦେହ ଉଦ୍ଧାର ଘଟଣା ଶନିବାର ଭିନ୍ନ ମୋଡ ନେଇଛି। କିସିଣ୍ଡା ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ଅଧିକ ପଚରାଉଚୁରା କରୁଛି। ଏମାନଙ୍କ ବିରୋଧରେ ହତ୍ୟା ଓ ବଳାତ୍କାର ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ୍ ଏବଂ ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ଦାସଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଛି। ଅପରପକ୍ଷରେ ପାରିପାର୍ଶ୍ୱିକ ପରିସ୍ଥିତିରୁ ବଳାତ୍କାର ପରେ ହତ୍ୟା କରାଯାଇଛି ବୋଲି ତଦନ୍ତକାରୀ ଅଫିସର ତଥା ରେଢ଼ାଖୋଲ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ପ୍ରକାଶ କରିଛନ୍ତି ।

# ଗୁରୁନାନକ ସ୍କୁଲରେ ବିଜ୍ଞାନ ଆଲୋଚନାଚକ୍ର

**ସମ୍ବଲପୁର, ୧୯।୧୦ (ବ୍ୟୁରୋ)**

ଗୁରୁନାନକ ପବ୍ଲିକ ସ୍କୁଲ ପରିସରରେ ଶନିବାର ସହଦୋୟ ଆନ୍ତଃ ସ୍କୁଲ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଟି ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ । ଡ. ଜ୍ଞାନରଞ୍ଜନ ବିଶ୍ୱାଳ, ଡ. ପି.କେ. ମିଶ୍ର ବିଚାରକ ଥିଲେ । ଚେରୁ ସାହୁ ଓ କ୍ରିଷ୍ଣାରାଣୀ ଚକ୍ର ପ୍ରଥମ, ଦର୍ଶନରାଜ ପଟ୍ଟନାୟକ ଓ ସିଦ୍ଧାନ୍ତ ସାହୁ ଦ୍ୱିତୀୟ, ଅର୍ଚ୍ଚିତା ମିଶ୍ର ଓ ଶିବମ୍ ଆର୍ଯ୍ୟନ ବାଗ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଚରଞ୍ଜିତ କୌର, ଭଗତ ସିଂ, ବେଣୁଧର ତ୍ରିପାଠୀ, ପରଭେଜ ଅଲ୍ଲି ଖାନ୍, ଆନନ୍ଦ ମିଶ୍ର ଅତିଥି ଭାବେ ଯୋଗଦେଥିଲେ। ସ୍କୁଲ ଅଧ୍ୟକ୍ଷ ଡ. ଆରଏନ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ କ୍ଷେତରାଜପୁର ବାଳିକା ବିଦ୍ୟାଳୟ ଅଧ୍ୟକ୍ଷ ସନ୍ତୋଷ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଡ. ଭୁପଲ ପଟେଲ, ପ୍ରିୟମ୍ବଦା ପଟ୍ଟନାୟକ, ଆଲଫାନ୍ ରାୟ, ନିରଜ ବେଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଗୁରୁନାନକ ସ୍କୁଲରେ ଆୟୋଜିତ ବିଜ୍ଞାନ ଆଲୋଚନାଚକ୍ରରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର ।

## ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ

**ଧମା, ୧୯।୧୦ (ଡି.ଏନ.ଏ.)**

ସମ୍ବଲପୁର ସଦର ରେଞ୍ଜ ଅଧୀନ ପାଞ୍ଚଫୁଟ ବିଟ୍‌ରେ ଫରେଷ୍ଟ ଗାର୍ଡ ଭାବେ କାମ କରୁଥିବା ଧମା ଚମାରପଡାର ଯାଦବ ମେହେର (୪୭)ଙ୍କ ଝାଡାବାନ୍ତିରେ ମୃତ୍ୟୁ ଘଟିଛି। ବୁର୍ଲାର ଏକ ଘରୋଇ ନର୍ସିଂହୋମ୍‌ରେ ସେ ଚିକିତ୍ସିତ ହେଉଥିଲେ।

## ବ୍ରିଜରୁ ପଡ଼ି ଯୁବକଙ୍କ ମୃତ୍ୟୁ

**କୋଲାବିରା, ୧୯।୧୦ (ଡି.ଏନ.ଏ.)**

ଝାରସୁଗୁଡା ଜିଲା କୋଲାବିରା ଥାନା କୁଲିହାମାଲ ପଞ୍ଚାୟତ ଅନ୍ତର୍ଗତ କୁସୁମଡିହି ଗ୍ରାମର ସୁରେନ୍ଦ୍ର ମାଝି (୪୦)ଙ୍କ ବିଜ୍‌ରୁ ପଡି ମୃତ୍ୟୁ ଘଟିଛି। ସମାସିଂହା-ବଡବାହାଲ ମଝିରେ ପ୍ରବାହିତ ବଡନାଳା ଉପରେ ଥିବା ବ୍ରିଜ୍ ଧାରରେ ସେ ବସିଥିଲାବେଳେ ଏଭଳି ଅଘଟଣ ଘଟିଛି। କୋଲାବିରା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି।

# ବ୍ରହ୍ମାକୁମାରୀ ଉର୍ମିଳା ଦେବୀଙ୍କ ପ୍ରବଚନ କାର୍ଯ୍ୟକ୍ରମ

**ବେଲପାହାଡ଼,୧୯।୧୦ (ଡ଼ି.ଏନ୍.ଏ)**

ବେଲପାହାଡ଼ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ସେବାକେନ୍ଦ୍ର ଉପବନଠାରେ ସୋମବାରରୁ ବୁଧବାର ପର୍ଯ୍ୟନ୍ତ ଚିନ୍ତାମୁକ୍ତି ଶାଦତୀ ଅନୁଭୂତି ଶିବିର ଆୟୋଜିତ ହେବ। ଉକ୍ତ ଶିବିରରେ ମାଉଣ୍ଟଆବୁର ରାଜଯୋଗିନୀ ତଥା ବରିଷ୍ଠ ପ୍ରଶିକ୍ଷିକା ବ୍ରହ୍ମାକୁମାରୀ ଉର୍ମିଳା ଦେବୀ ପ୍ରବଚନ ଦେବେ। ରବିବାର ସନ୍ଧ୍ୟାରେ ଶିବିର ଉଦ୍‌ଘାଟନ ହେବ। ସୋମବାର ନିଜସ୍ୱ ଅନୁଭୂତି ଓ ପରମ ସତ୍ୟକୁ ଚିହ୍ନିବା, ମଙ୍ଗଳବାର ଭାରତର ପ୍ରାଚୀନ ରାଜଯୋଗ ଓ ସମୟକୁ ଚିହ୍ନିବା ଏବଂ ବୁଧବାର ସମ୍ବନ୍ଧରେ ମଧୁରତା ଓ କର୍ମର ଗହନ ଗତି ବିଷୟକୁ ନେଇ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସ୍ଥାନୀୟ ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ପରିଚାଳିକା ଶିଖା ଭଉଣୀ ପ୍ରକାଶ କରିଛନ୍ତି।

# ସମସ୍ତଙ୍କ ପାଇଁ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ

**ସମ୍ବଲପୁର, ୧୯।୧୦ (ବ୍ୟୁରୋ)**

ବୁର୍ଲାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଭୁବନେଶ୍ୱରସ୍ଥିତ କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ଦ୍ୱାରା ଏଜୁକେସନ ଫର୍ ଅଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପରିଚାଳନା କମିଟି ସଭାପତି ପ୍ରଦୀପ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ସୁକାନ୍ତ ସାହୁ, ଶିକ୍ଷକ ମୀନକେତନ ସାହୁ, ସ୍କୁଲ ପରିଚାଳନା କମିଟି ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଦେଇଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇ ସମସ୍ତଙ୍କ ପାଇଁ ଶିକ୍ଷା କିଭଳି ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ଆଲୋଚନାରେ ଭାଗ ନେଇଥିଲେ । ମଣିଷ ଜୀବନରେ ଶିକ୍ଷାର ଉପାଦେୟତା କ'ଣ ରହିଛି, ଶିକ୍ଷା କାହିଁକି ଦରକାର, ଯେଉଁମାନେ ଶିକ୍ଷାଦାନରୁ ବଞ୍ଚିତ ରହୁଛନ୍ତି ସେମାନେ କିଭଳି ଭାବରେ ଶିକ୍ଷାଦାନ ପାଇପାରିବେ ସେ ନେଇ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର କିସ୍ କୋ-ଅର୍ଡିନେଟର ଆକାଶ ବିଶ୍ୱକର୍ମା ସଂଯୋଜନା କରିଥିଲେ।



ବୁର୍ଲାରେ ଆୟୋଜିତ ଏଜୁକେସନ ଫର୍ ଅଲ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।


## ଜିଲ୍ଲା ସଂସ୍କୃତି ପରିଷଦ, କଟକ

### ବାଲିଯାତ୍ରା 2019 ନିମନ୍ତେ ପ୍ରାରମ୍ଭିକ ପଞ୍ଜୀକରଣ ଓ ତତ୍ ପରବର୍ତ୍ତୀ ଆବଣ୍ଟନ ନିମନ୍ତେ ନିୟମାବଳୀ

ଐତିହାସିକ ବାଲିଯାତ୍ରା, କଟକ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ତା12.11.2019ରିଖଠାରୁ ତା19.11.2019 ପର୍ଯ୍ୟନ୍ତ ଗଡ଼ଗଡ଼ିଆ ଘାଟ ନିକଟବର୍ତ୍ତୀ ତଳ ଓ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି କ୍ରମରେ ଜିଲ୍ଲା ପ୍ରଶାସନ କଟକଙ୍କ ନିଷ୍ପତ୍ତି କ୍ରମେ ଆସନ୍ତା ବାଲିଯାତ୍ରା 2019 ନିମନ୍ତେ ବିଭିନ୍ନ ପ୍ରକାର ବ୍ୟବସାୟୀ / ଅନୁଷ୍ଠାନ/ସଂଘ/ ଉଠା ଦୋକାନୀମାନଙ୍କୁ ପ୍ରଥମେ ପଞ୍ଜୀକରଣ କରାଯିବାର ଅଛି। ଏଥିନିମନ୍ତେ ନିମ୍ନଲିଖିତ ସୂଚୀ ଅନୁଯାୟୀ ପଞ୍ଜୀକରଣ ରାଶି (ଫେରସ୍ତ ଯୋଗ୍ୟ ନୁହେଁ) ସେମାନଙ୍କ ଠାରୁ ଆଦାୟ କରାଯିବ ଏବଂ ତତ୍‌ପରେ ଯୋଗ୍ୟତା ଏବଂ ଆବେଦନ ଅନୁଯାୟୀ ସ୍ଥାନ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯିବ।

**ପଞ୍ଜୀକରଣ ସାରଣୀ:**

**1. ପଞ୍ଜୀକରଣ ରାଶି ସୂଚୀ:** **ଆବଶ୍ୟକ ଜମାରାଶି**

(କ)- ପୃଷ୍ଠପୋଷକ (Sponsor) ଟ1000.00
(ଖ)- ବ୍ୟବସାୟୀ ଟ.200.00
(ଗ)- ବ୍ୟବସାୟିକ ଅନୁଷ୍ଠାନ ଟ1000.00
(ଘ)- ରେଜିଷ୍ଟର୍ଡ ଡେକୋରେଟର୍ ସଂଘ ଟ10000.00
(ଙ)- ବ୍ୟକ୍ତିଗତ ଡେକୋରେଟର୍ ଟ1000.00
(ଚ)- ଦୋଳି ଟ1000.00
(ଛ)-ଉଠାବେପାରୀ ଟ500.00 (ପଞ୍ଜୀକରଣ ଏବଂ ବ୍ୟବସାୟ ନିମନ୍ତେ ଅନୁମତି ପ୍ରଦାନ)

**ଆବଣ୍ଟନ ସାରଣୀ**

**2. ବ୍ୟବସାୟୀ/ ଅନୁଷ୍ଠାନମାନଙ୍କ ପାଇଁ ଆବଣ୍ଟିତ ହେବାକୁ ଥିବା ସ୍ଥାନ ନିମନ୍ତେ ଦେୟ ସୂଚୀ:**
1000 ବର୍ଗଫୁଟ ପର୍ଯ୍ୟନ୍ତ ଆବଣ୍ଟନ ପାଇଁ ଧାର୍ଯ୍ୟ ମୂଳ ରାଶି ଟ30/- ପ୍ରତି ବର୍ଗଫୁଟ ଓ ତା' ଠାରୁ ଅଧିକ ସ୍ଥାନ ଆବଣ୍ଟନ ନିମନ୍ତେ ପ୍ରତି 1000 ବର୍ଗଫୁଟ ପାଇଁ ଧାର୍ଯ୍ୟ ମୂଳ ରାଶିର (30/- ଟଙ୍କା)ର ପାଞ୍ଚ ପ୍ରତିଶତ ବୃଦ୍ଧି କରାଯିବ। ଏତଦ୍‌ବ୍ୟତୀତ ଆବଣ୍ଟନକାରୀଙ୍କୁ ବିଭିନ୍ନ ବିଭାଗର ସେବା ପାଇଁ ଧାର୍ଯ୍ୟ ଦେୟ ପଇଠ କରିବାକୁ ପଡ଼ିବ।

**3.** (କ) ବ୍ୟବସାୟୀମାନଙ୍କ ପାଇଁ ସର୍ବାଧିକ 1000 ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନ ଆବଣ୍ଟନ କରାଯାଇପାରେ।
(ଖ) ଅନୁଷ୍ଠାନମାନଙ୍କୁ ସର୍ବାଧିକ 2000 ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନ ଆବଣ୍ଟନ କରାଯାଇପାରେ।
(ଗ) ଯେଉଁ ବ୍ୟବସାୟୀ ଓ ଅନୁଷ୍ଠାନମାନଙ୍କୁ ଗତବର୍ଷ ବାଲିଯାତ୍ରାରେ ସ୍ଥାନ ଆବଣ୍ଟନ କରାଯାଇଥିଲା ସେମାନଙ୍କର ଦରଖାସ୍ତ ଅଗ୍ରାଧିକାର ଭିତ୍ତିରେ ବିବେଚନା କରାଯିବ। ସେମାନେ (କ) ଓ (ଖ)ରେ ବର୍ଣ୍ଣିତ ନିର୍ଦ୍ଧାରିତ ସ୍ଥାନରୁ ଗତବର୍ଷ କମ୍ ସ୍ଥାନ ପାଇଥିଲେ ସେତିକି ହିଁ ସ୍ଥାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।
(ଘ) (କ) ଓ (ଖ)ରେ ସୂଚିତ ସ୍ଥାନଠାରୁ ଅଧିକ ସ୍ଥାନ ପାଇଁ ଇଚ୍ଛୁକ ବ୍ୟବସାୟୀ ଓ ଅନୁଷ୍ଠାନ, ପୃଷ୍ଠପୋଷକ (Sponsor) ଭାବେ ଆବଶ୍ୟକତା ଅନୁଯାୟୀ ସ୍ଥାନ ପାଇପାରିବେ।
(ଙ) ବାଲିଯାତ୍ରାରେ ପୃଷ୍ଠପୋଷକ ଭାବେ ଭାଗ ନେଉଥିବା ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କୁ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯିବ। ବିଭିନ୍ନ ମିଡ଼ିଆ ମାଧ୍ୟମରେ ସେମାନଙ୍କ ସହଯୋଗିତା ବିଷୟରେ ଆନୁଷ୍ଠାନିକ ଭାବେ ପ୍ରଚାର କରାଯିବ ଏବଂ ଏତଦ୍‌ବ୍ୟତୀତ ସେମାନେ ପୃଷ୍ଠପୋଷକ ଭାବେ ପ୍ରଦାନ କରୁଥିବା ଅର୍ଥ ରାଶିର ଏକଦଶମାଂଶ (10%) ସ୍ଥାନ ଆକାରରେ ବିନା ମୂଲ୍ୟରେ ପାଇପାରିବେ।

**4. ଦୋଳି ପାଇଁ ଦେୟ**
ଯନ୍ତ୍ରଚାଳିତ ଦୋଳି ପାଇଁ ଦୈନିକ ଟଙ୍କା 8000/- ଓ ହସ୍ତଚାଳିତ ଦୋଳି ପାଇଁ ଦୈନିକ ଟ1000/- ଲେଖାଏଁ ଆଦାୟ କରାଯିବ।

**୫. ପଞ୍ଜୀକରଣ ଓ ଆବଣ୍ଟନ ନିମନ୍ତେ ନିର୍ଦ୍ଧାରିତ ସ୍ଥାନ ଓ ତାରିଖ**

| କାର୍ଯ୍ୟକ୍ରମ | ସମୟ ଦିବା 10.30 ଠାରୁ ଅପରାହ୍ଣ 5.30 ପର୍ଯ୍ୟନ୍ତ | ସ୍ଥାନ |
|---|---|---|
| 1. ବାଲିଯାତ୍ରା ସଂକ୍ରାନ୍ତୀୟ ତଥ୍ୟ ଅନୁଷ୍ଠାନ ଏବଂ ପୃଷ୍ଠପୋଷକମାନଙ୍କ (Sponsor) ପାଇଁ ପରିବେଷଣ | ତା21.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ବାଲିଯାତ୍ରା ପରିଚାଳନା ପ୍ରକୋଷ୍ଠ, ଦ୍ୱିତୀୟ ମହଲା, କଲେକ୍ଟୋରେଟ୍, କଟକ |
| 2. ବାଲିଯାତ୍ରା ସଂକ୍ରାନ୍ତୀୟ ତଥ୍ୟ ବ୍ୟକ୍ତିବିଶେଷଙ୍କ ପାଇଁ ପରିବେଷଣ | ତା21.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ, କଟକ |
| 3. ବାଲିଯାତ୍ରା ସ୍ଥାନ ପାଇଁ ଗତବର୍ଷ ଭାଗନେଇଥିବା ଅନୁଷ୍ଠାନ ଏବଂ ଚଳିତ ବର୍ଷର ପୃଷ୍ଠପୋଷକମାନଙ୍କର ପଞ୍ଜୀକରଣ ଓ ସ୍ଥାନ ଆବଣ୍ଟନ | ତା23.10.2019ରିଖଠାରୁ 28.10.2019 ପର୍ଯ୍ୟନ୍ତ | ବାଲିଯାତ୍ରା ପରିଚାଳନା ପ୍ରକୋଷ୍ଠ, ଦ୍ୱିତୀୟ ମହଲା, କଲେକ୍ଟୋରେଟ୍ କଟକ |
| 4. ବାଲିଯାତ୍ରା ସ୍ଥାନ ପାଇଁ ପଞ୍ଜୀକରଣ ଓ ଆବଣ୍ଟନ (ଉଠାଦୋକାନୀ ବ୍ୟତୀତ) କେବଳ ଗତବର୍ଷ ଭାଗ ନେଇଥିବା ବ୍ୟବସାୟୀମାନଙ୍କ ପାଇଁ | ତା23.10.2019ରିଖଠାରୁ 28.10.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |
| 5. ବାଲିଯାତ୍ରା ସ୍ଥାନ ପାଇଁ ପଞ୍ଜୀକରଣ ଓ ଆବଣ୍ଟନ (ଉଠା ଦୋକାନୀ ବ୍ୟତୀତ) ନୂତନ ଭାବେ ଭାଗ ନେବାକୁ ଚାହୁଁଥିବା ବ୍ୟବସାୟୀ ଏବଂ ଅନୁଷ୍ଠାନ ପାଇଁ | ତା29.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |
| 6. ଉଠା ଦୋକାନୀ ପଞ୍ଜୀକରଣ ଓ ଅନୁମତି ପତ୍ର ପ୍ରଦାନ | ତା01.11.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |

**ବିଶେଷ ଦ୍ରଷ୍ଟବ୍ୟ**

- ଅପ୍ରାଧିକୃତ ଭାବେ ବାଲିଯାତ୍ରା ପଡ଼ିଆରେ କୌଣସି ବ୍ୟବସାୟୀଙ୍କୁ ବ୍ୟବସାୟ କରିବା ପାଇଁ ସୁଯୋଗ ଦିଆଯିବ ନାହିଁ ଏବଂ ଏହା ଆଇନ ଅନୁଯାୟୀ ଦଣ୍ଡନୀୟ ହେବ।
- ସ୍ଥାନ ଆବଣ୍ଟନ ସଂକ୍ରାନ୍ତୀୟ ସମସ୍ତ ବିଷୟରେ ଜିଲ୍ଲା ଆବଣ୍ଟନ ସବ୍ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ମାନ୍ୟ ହେବ।

**ସ୍ୱା./- ଜିଲ୍ଲାପାଳଙ୍କ ଆଦେଶକ୍ରମେ**
**ସବ୍‌କଲେକ୍ଟର ସଦର ତଥା ନୋଡାଲ ଅଫିସର ବାଲିଯାତ୍ରା 2019, କଟକ**



ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

## ସଂକ୍ଷେପରେ

### ଛଟ୍ ପୂଜା ପ୍ରସ୍ତୁତି ବୈଠକ

ବେଲପାହାଡ଼,୧୯।୧୦ (ଡ଼ି.ଏନ୍.ଏ) ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗୁମାଡ଼େରାରେ ପ୍ରତିବର୍ଷ ବିହାରୀ ସମାଜ ପକ୍ଷରୁ ଛଟ୍ ପୂଜାକୁ ଗଭୀର ଆସ୍ଥା ଓ ବିଶ୍ୱାସର ସହିତ ପାଳନ କରାଯାଇଥାଏ। ଗୌରୀଶଙ୍କର ମନ୍ଦିରରେ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମିଟିର ସମସ୍ତ ସଦସ୍ୟ ଯୋଗ ଦେଇ ପୂଜା ଆୟୋଜନ ବ୍ୟବସ୍ଥାକୁ ନେଇ ଆଲୋଚନା କରିଥିଲେ। ଏଥିସହିତ କମିଟି ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଚଳିତ ବର୍ଷ କମିଟିରେ ସୁଧୀର ସିଂ ସଭାପତି, ଶ୍ରୀରାମ ଦୁବେ ଉପସଭାପତି, ମୁନୁ ପ୍ରସାଦ ସମ୍ପାଦକ, ଆନନ୍ଦ ଦୁବେ ସହସମ୍ପାଦକ, ଅମନ ମହାରାଜ କୋଷାଧ୍ୟକ୍ଷ, ନୁନୁ ଝା ସହକୋଷାଧ୍ୟକ୍ଷ ଓ ସୁରେଶ ସିଂ ସଙ୍ଗଠକ ଭାବରେ ମନୋନୀତ ହୋଇଛନ୍ତି। ଆସନ୍ତା ୩୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଛଟ୍ ପୂଜା ପାଳନ ହେବ । ଏହି ଅବସରରେ ଗୁମାଡ଼େରା ବଡ଼ କଁଟା ନିକଟରେ ପୂଜା ମଣ୍ଡପ ଓ ସୂର୍ଯ୍ୟ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି । ସୂଚନାଯୋଗ୍ୟ, ପ୍ରତିବର୍ଷ ଶ୍ରଦ୍ଧାଳୁ ଜଳାଶୟରେ ଅସ୍ତଗାମୀ ସୂର୍ଯ୍ୟ ଓ ଉଦୀତ ସୂର୍ଯ୍ୟଙ୍କୁ ପ୍ରଥମ ଓ ଦ୍ୱିତୀୟ ଅର୍ଘ୍ୟ ଅର୍ପଣ କରନ୍ତି। ଏହାପରେ ପୂଜା ମଣ୍ଡପକୁ ଆସି ସୂର୍ଯ୍ୟ ଦେବତାଙ୍କ ନିକଟରେ ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି ।

### ପଦ୍ମପୁରରୁ ଭବାନୀପାଟଣାକୁ ହାଇଟେକ ବସ୍

ପଦ୍ମପୁର, ୧୯।୧୦ (ଡି.ଏନ.ଏ) ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଆନୁକୂଲ୍ୟରେ ପଦ୍ମପୁରରୁ ଭବାନୀପାଟଣାକୁ ହାଇଟେକ ବସ ସେବା ଆରମ୍ଭ ହୋଇଛି । ଏହି ବସ୍ ସକାଳ ସାଢ଼େ ୫ଟାରୁ ପଦ୍ମପୁରରୁ ବାହାରି ପାଟଣାଗଡ, ବଲାଙ୍ଗୀର, ଦେଓଗାଁ ଦେଇ ୧୧ଟା ୧୩ ମିନିଟରେ ଭବାନୀପାଟଣାରେ ପହଞ୍ଚିବ ଏବଂ ସାଢ଼େ ୧୧ଟାରେ ଭବାନୀପାଟଣା ଛାଡି ଅପରାହ୍ନ ୪ଟା ୧୪ ମିନିଟରେ ପଦ୍ମପୁରରେ ପହଞ୍ଚିବ ବୋଲି ବିଭାଗୀୟ ଅଧିକାରୀ ଶାନ୍ତନୁ କୁମାର ମିଶ୍ର ଜଣାଇଛନ୍ତି । ପଦ୍ମପୁରଠାରୁ ଭବାନୀପାଟଣାକୁ ବସ୍ ଯାତାୟାତ କରିବା ଦ୍ୱାରା ଯାତ୍ରୀମାନଙ୍କୁ ବିଶେଷ ସୁବିଧା ହେବ ।

### ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ

ପୁରୁଣାକଟକ,୧୯।୧୦(ଡି.ଏନ.ଏ) ବୌଦ୍ଧ ଥାନା ଅନ୍ତର୍ଗତ ମହିବାହାଲ ଗ୍ରାମର କୁଶଧର ପ୍ରଧାନ (୩୩) ଗତ ୮ ତାରିଖରେ ବାଇକ ଯୋଗେ କାନପୁର ଗ୍ରାମରୁ ଫେରୁଥିବା ବେଳେ ତିଲେଶ୍ୱର ପଞ୍ଚାୟତ ବ୍ରାହ୍ମଣ ଗାଁ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ । ସେ ବୌଦ୍ଧ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଶନିବାର ତାଙ୍କର ମୃତ୍ୟୁ ହୋଇଛି ।

## ଦିନକ ପରେ ବିଜେପୁର ଉପନିର୍ବାଚନ

# ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ

ବରଗଡ଼ ଅଫିସ, ୧୯।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର ସରିଯାଇଛି। ଏହି ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ଶୃଙ୍ଖଳିତ ଭାବେ ସମ୍ପାଦନ କରିବାକୁ ବରଗଡ଼ ଜିଲା ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏ ସଂକ୍ରାନ୍ତରେ ଶନିବାର ବରଗଡ଼ ଜିଲାପାଳଙ୍କ ଅଫିସ୍ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି ।

ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୮୫ଟି ବୁଥରେ ୨୧ ତାରିଖ ସୋମବାର ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ବିଜେପୁର, ଗାଇସିଲେଟ ଏବଂ ବରପାଲି (ଅଂଶ)ବ୍ଲକ ତଥା ବିଜେପୁର ଓ ବରପାଲି ଏନଏସି ରେ ମୋଟ ୨୪୩ଟି ସ୍ଥାନରେ ୨୮୫ଟି ବୁଥ୍ କରାଯାଇଛି। ସେଥିମଧ୍ୟରୁ ୨୦୫ ଟି କୋଠାରେ ଗୋଟିଏ ଲେଖାଏଁ ମତଦାନ କେନ୍ଦ୍ର ହୋଇଥିବା ବେଳେ ୩ଟି କୋଠାରେ ଏକାଧିକ ମତଦାନ କେନ୍ଦ୍ର ହୋଇଛି । ଏହି ସମସ୍ତ ବୁଥ ମଧ୍ୟରୁ ୬ଟି ଅତି ସମ୍ବେଦନଶୀଳ ଏବଂ ୧୨୯ଟି ସମ୍ବେଦନଶୀଳ ବୁଥ ଚିହ୍ନଟ ହୋଇଛି। ଏହି ବୁଥଗୁଡ଼ିକ ସକାଶେ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା କରାଯାଇଛି। ୨୮ଟି ବୁଥରେ ୱେବ କାଷ୍ଟିଙ୍ଗ, ୧୪ଟିରେ ସିସିଟିଭି, ୧୬ଟିରେ ଭିଡ଼ିଓଗ୍ରାଫି ବ୍ୟବସ୍ଥା ହୋଇଥିବା ବେଳେ ୭୭ଟି ବୁଥ୍‌ରେ ମାଇକ୍ରୋ ଅବଜରଭର ବ୍ୟବସ୍ଥା କରାଯାଇଛି। ଏହି ନିର୍ବାଚନରେ ମୋଟ ୨ ଲକ୍ଷ ୩୨ ହଜାର ୨୬୪ ଜଣ ଭୋଟର ମତଦାନ କରିବେ। ସେଥି ମଧ୍ୟରୁ ୧ ଲକ୍ଷ ୨୦ ହଜାର ୧୩୫ ପୁରୁଷ, ୧ଲକ୍ଷ ୧୨ ହଜାର ୧୧୪ ଜଣ ମହିଳା ଏବଂ ୧୫ ଜଣ ଅନ୍ୟାନ୍ୟ ଭୋଟର ଅଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ମୋଟ ୨୭୫୦ ଜଣ ଦିବ୍ୟାଙ୍ଗ ଭୋଟର ରହିଥିବା ବେଳେ ସେମାନଙ୍କ ସୁବିଧା ପାଇଁ ୨୮୫ଟି ହ୍ୱିଲଚେୟାର ରଖାଯାଇଛି। ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରତି ବୁଥରେ ଦୁଇଜଣ ଲେଖାଏଁ ମୋଟ ୫୭୦ ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ୨୩୨୧ ଜଣଙ୍କୁ ବାହନ ପାସ୍ ପ୍ରଦାନ କରାଯିବା ସହ ୧୪୮ଟି ଡ଼ମି ବ୍ରେଲି ବ୍ୟାଲେଟ ପେପର ବ୍ୟବସ୍ଥା କରାଯାଇଛି। ପ୍ରତି ବୁଥ ପାଇଁ ୫ଜଣ ନିର୍ବାଚନ ଅଧିକାରୀ ଭାବେ ୧୪୨୫ ଜଣ ଅଧିକାରୀଙ୍କ ଆବଶ୍ୟକତା ରହିଥିବା ବେଳେ ୧୮୦୫ ଜଣଙ୍କୁ ନିୟୋଜିତ କରାଯାଇଛି। ଏହି ସମସ୍ତ ଅଧିକାରୀଙ୍କୁ ୨୩ ଜଣ ମାଷ୍ଟର ଟ୍ରେନର ତିନୋଟି ପର୍ଯ୍ୟାୟରେ ତାଲିମ ପ୍ରଦାନ କରିଛନ୍ତି। ସମସ୍ତ ବୁଥ ଅଧିକାରୀ ଶନିବାର ସନ୍ଧ୍ୟା ସୁଦ୍ଧା ନିଜ ନିଜ ବୁଥକୁ ପହଞ୍ଚି ସାରିଛନ୍ତି। ମୋଟ ବୁଥ ମଧ୍ୟରୁ ପ୍ରତି ବ୍ଲକରେ ଦୁଇଟି ଲେଖାଏ ମୋଟ ୬ଟି ମଡ଼େଲ ବୁଥ ସ୍ଥାପନ କରାଯାଇଛି। ଗୋଟିଏ ମଧ ପିଙ୍କ ବୁଥ ହୋଇ ନ ଥିବା ଜଣାପଡ଼ିଛି। ଏହି ନିର୍ବାଚନ ପାଇଁ ଏମ ୩ ଟାଇପର ଇଭିଏମ ବ୍ୟବହାର ହେଉଛି। ୨୮୫ ବୁଥ ପାଇଁ ଆବଶ୍ୟକତା ରହିଥିବା ଇଭିଏମ, ଭିଭିପାଟ, ପୋଲିଂ ୟୁନିଟ ତଥା କଣ୍ଟ୍ରୋଲ ୟୁନିଟ ୩୭୧ଟି ଲେଖାଏଁ ଉପଲବ୍ଧ ଅଛି । ନିର୍ବାଚନ ପରିଚାଳନା ପାଇଁ ମୋଟ ୪୪୧ଟି ଗାଡ଼ି ବ୍ୟବସ୍ଥା କରାଯାଇଛି। ସେହିପରି ବରଗଡ଼ ଏସପି ପଦ୍ମିନୀ ସାହୁ ମଧ ଏକ ଖବରଦାତା ସମ୍ମିଳନୀରେ ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମୋଟ ୩୩ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ତିନି କମ୍ପାନୀ ସିଆରପିଏଫ ମୁତୟନ ହୋଇଛନ୍ତି। ରାଜ୍ୟ ଏବଂ ଆନ୍ତଃରାଜ୍ୟ ପ୍ରବେଶ ପଥ ସବୁକୁ ସିଲ କରାଯାଇ ଯାନବାହନ ତନଖି କରାଯାଉଛି। ଗାଇସିଲେଟ ବ୍ଲକର ଯୁବାଖୋଲ, ପରମାନପୁର, ଛିନ୍ଦ୍ରାପାଲି, ସାଇ ଡୁଙ୍ଗୁରିପାଲି ଏବଂ କଟାଜୁରା ଗାଁରେ ଥିବା ମତଦାନ କେନ୍ଦ୍ର ସବୁ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଆସୁଥିବାରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୫୦୦ ରୁ ଅଧିକ ଲୋକଙ୍କ ନାଁରେ ୧୦୭ ନୋଟିସ ଜାରି କରାଯାଇଛି। ଶନିବାର ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ସରିଯାଇଥିବା ବେଳେ ନିର୍ବାଚନ ମଣ୍ଡଳୀ ବାହାରୁ ଆସିଥିବା ବ୍ୟକ୍ତିମାନଙ୍କୁ ଅଞ୍ଚଳ ଛାଡ଼ିଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସପି ସାହୁ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ନିର୍ବାଚନ ସମ୍ପର୍କରେ ସୂଚନା ଦେଉଛନ୍ତି।

## ଶିଶୁ ମହୋତ୍ସବ ସୁରଭିରେ ୧୨୩ ଛାତ୍ରୀଛାତ୍ର

ଜହ୍ନାପଙ୍କ, ୧୯।୧୦ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ସରକାରୀ ବିଦ୍ୟାଳୟ ପରିସରରେ ଶନିବାର ନାରାୟଣନଗର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଉଦଘାଟନି ଉତ୍ସବରେ ବୌଦ୍ଧ ଏବିଇଓ କମଳାକାନ୍ତ ଦଳବେହେରା ମୁଖ୍ୟଅତିଥି, ପୂର୍ବତନ ପ୍ରଧାନଶିକ୍ଷକ କୃପାସିନ୍ଧୁ ପାତ୍ର ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଚାନ୍ଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ନାରାୟଣନଗର କ୍ଲଷ୍ଟର କେନ୍ଦ୍ରାଧୀନ ୧୨ଟି ସ୍କୁଲର ୧୨୩ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ଗୀତ, ନାଚ, ଚିତ୍ରାଙ୍କନ, କୁଇଜ, ରଚନା ପ୍ରତିଯୋଗିତା କରାଯାଇଥିଲା। ସବୁ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବାକୁ ସିଆରସିସି ସନ୍ତୋଷ କୁମାର ଶତପଥି ସୂଚନା ଦେଇଥିଲେ । ଅପରାହ୍ନରେ ଉଦଯାପିତ ଉତ୍ସବରେ ପ୍ରାକ୍ତନ ସିଆରସିସି ଲଳିତ ମୋହନ ବିଶ୍ୱାଳ ଯୋଗଦେଇ ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ମାଧ୍ୟମ ହେଉଛି ସୁରଭି ବୋଲି କହିଥିଲେ। ସିଆରସିସି ସନ୍ତୋଷ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ହିମାଂଶୁ ଶେଖର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଚାନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କ୍ଲଷ୍ଟରର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ। ସେହିପରି ତେଲିବନ୍ଧ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ତେଲିବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ସିଆରସିସି ରାଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରଧାନଶିକ୍ଷକ ଶିବ ପ୍ରଧାନ ଓ ସନତ ପ୍ରଧାନ ସହଯୋଗ କରିଥିଲେ ।

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT: SAMBALPUR (ODISHA),
PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in
CIN : U40101OR1995SGC003963
OHPC
ISO : 9001, 14001, 18001 Certified
CAD-483

No. HHEP /C & P – 1 / 7288 Date: 17.10.2019

NOTICE INVITING TENDER No. HHEP-55/2019

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers /authorized dealers / channel partners / reputed suppliers for supply of the following material as mentioned below.

| Sl. No. | Description | Cost of tender paper (non-refundable) in Rs. | EMD (Refundable) in Rs. |
|---|---|---|---|
| 1 | 2 | 3 | 4 |
| 1 | Supply of different type of hardware and electrical materials for Burla Power House | Rs. 4,720/- (Rs. 4,000/- + GST @18%) | Rs. 5,350/- |

Period of sale of tender : Dt. 22.10.2019 to 05.11.2019 upto 05:00 PM
Last date & time for submission of tender : Dt. 06.11.2019 upto 01:00 PM
Due date & Time for opening of Technical bid : Dt. 06.11.2019 at 03:30 PM
Date & Time of opening of price bid will be intimated later to the technically qualified bidders.
For details and further correspondence / corrigendum, please visit our website www.ohpcltd.com.

Sd/-
C & P Head, HHEP, Burla

04007/11/0028/1920

## ବନ୍ଦହେଲା ସମଲେଶ୍ୱରୀ ଖୋଲାମୁହଁ ଖଣି

# ଉଜୁଡ଼ିବ ବ୍ରଜରାଜନଗର ଅର୍ଥନୀତି ବ୍ୟବସ୍ଥା

ବ୍ରଜରାଜନଗର, ୧୯।୧୦ (ଡି.ଏନ.ଏ)

ବ୍ରଜରାଜନଗର ଅଞ୍ଚଳରେ ଭାରତ ସରକାରଙ୍କ ବୃହତ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହାନଦୀ କୋଇଲା କମ୍ପାନୀର ସମଲେଶ୍ୱରୀ ଖୋଲା ମୁହଁ ଖଣି ଚଳିତ ମାସ ୧୫ ତାରିଖରୁ ବନ୍ଦ ରହିଛି । ଫଳରେ ରୋଡ୍‌ସେଲ୍ କୋଇଲା ୪ ଦିନ ହେବ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି । ଏଣୁ ରୋଡ୍‌ସେଲ୍ କୋଇଲା ଉପରେ ନିର୍ଭର କରି ଚଳୁଥିବା ଟ୍ରକ୍ ଗୁଡିକ ଛିଡା ହୋଇ ରହିଛି। ବ୍ରଜରାଜନଗର ଟ୍ରକ୍ ଆସୋସିଏଶନ ଅଧୀନରେ କାର୍ଯ୍ୟ କରୁଥିବା ଶହ ଶହ ଗାଡି ମାଲିକ, ଡ୍ରାଇଭର, ହେଲପର, ସୁପରଭାଇଜର, ୟୁନିୟନର କର୍ମକର୍ତ୍ତାଙ୍କ ପରିବାର ଏବେ ଆର୍ଥିକ ଅନାଟନ ଦେଇ ଭୋକ ଉପାସରେ ରହିବେ । ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ଗାଡି ଆଣି ପରିବାର ପ୍ରତିପୋଷଣ କରିବାର ଲକ୍ଷ୍ୟ ରଖିଥିବା ଗାଡି ମାଲିକମାନେ ଏବେ ଚିନ୍ତାରେ । କାରଣ ବ୍ରଜରାଜନଗର ବଜାର ନିର୍ଭର କରୁଥିଲା ଟ୍ରକ ଚଳାଚଳ ଉପରେ । ଆଗକୁ ଦୀପାବଳୀ ଓ ଛଟପୂଜା ଭଳି ବଡପର୍ବ ଥିବା ବେଳେ କୋଇଲା ବନ୍ଦ ହେବା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ସମଲେଶ୍ୱରୀ ଖୋଲାମୁହଁ ଖଣି ପାଇଁ ଜାଗା ନ ଥିବା ପ୍ରେଜେକ୍ଟ ମ୍ୟାନେଜର ପ୍ରକାଶ କରିଛନ୍ତି । ପରିବେଶ, ଜଙ୍ଗଲ ବିଭାଗରୁ ଅନୁମତି ଆସିନାହିଁ । ତେଣୁ ପର୍ଯ୍ୟାପ୍ତ ପରିମାଣର କୋଇଲା ଉତ୍ପାଦନ ହୋଇ ପାରୁନାହିଁ । ଏସବୁ ସମସ୍ୟା ଉପରେ କୋଲ୍ ମନ୍ତ୍ରଣାଳୟକୁ ଲେଖା ଯାଇଛି । ପର୍ଯ୍ୟାୟକ୍ରମେ ଅନୁମତି ମିଳିଲେ ପୁନର୍ବାର କୋଇଲା ଉତ୍ପାଦନ ଆରମ୍ଭ କରାଯିବ । ଦୈନିକ ଶହେ ଟ୍ରକ୍ ରୋଡ୍‌ସେଲ୍ ବାବଦରେ ଦେବାପାଇଁ ପଚାରିବାରେ ହେଡ ଅଫିସ ଅନୁମତି ଦେଲେ ରୋଡ୍‌ସେଲ୍‌କୁ ଶହେ ଟ୍ରକ୍ କୋଇଲା ଦେବାରେ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ମ୍ୟାନେଜର ପି.କେ. ଦଳାଇ ପ୍ରକାଶ କରିଛନ୍ତି । ବ୍ରଜରାଜନଗର ସହରର ଅର୍ଥନୈତିକ ବ୍ୟବସ୍ଥାକୁ ଆଖି ଆଗରେ ରଖି କୋଇଲା କମ୍ପାନୀ ତରଫରୁ ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଓଡ଼ିଶା ସରକାର
## ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

File No.COL/JAJ/VIIL–40/2018/418 /LA(Civil) dated:14.08.2019

No.XXIV-34 :- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩(RFCTLAR & R Act,୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ସାଦକପୁର, ଥାନା-କୋରେଇ, ନଂ-୫୦, ତହସିଲ-ବ୍ୟାସନଗର, ଜିଲ୍ଲା-ଯାଜପୁରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି। ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩(RFCTLAR & R Act,୨୦୧୩)ର ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୫୨୭/ ତା୦୧।୦୯।୨୦୧୮ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ସାଦକପୁର, ଥାନା-କୋରେଇ, ନଂ.୫୦, ତହସିଲ-ବ୍ୟାସନଗର, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.jajpur.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳପଥ, ଚଣ୍ଡୀଖୋଲ, ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

**ଜିଲ୍ଲା:ଯାଜପୁର (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ:ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସାଦକପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨.୭୪୦ | ଏ.୦.୪୬୫ | ଏଥି ସହିତ ସଂଲଗ୍ନ ଅଛି |

**ତଫସିଲ-ଖ**

**ଜିଲ୍ଲା:ଯାଜପୁର (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) ତହସିଲ:ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ.୦୧।୧୧।୧୮**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./-ଜିଲ୍ଲାପାଳ, ଯାଜପୁର**

**ବ୍ୟକ୍ତିଗତ ଜମିର ତଫସିଲ**

**ପ୍ରକଳ୍ପର ନାମ:ଭଦ୍ରକ-ନିର୍ଗୁଣ୍ଡି ପର୍ଯ୍ୟନ୍ତ ୩ୟ ରେଳପଥ, ଗ୍ରାମ:ସାଧକପୁର, ଥାନା-କୋରେଇ, ଜିଲ୍ଲା:ଯାଜପୁର, ତହସିଲ-ବ୍ୟାସନଗର, ଥାନ ନଂ.୫୦**

| ଖାତା ନଂ | ପ୍ଲଟ୍ ନଂ. | କିସମ | ଖାତା ରୟତଙ୍କ ନାମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଅଧିଗ୍ରହଣ ରକବା (ଏକରରେ) | ଆଂଶିକ/ ସମ୍ପୂର୍ଣ୍ଣ |
|---|---|---|---|---|---|---|
| ୨୯୮/୫୫ | ୯୭୭ | ସାରଦ-୨ | ଗୋଲାମ ବସ୍ତଗିରି ଖାଁ, ରବୁଲ ଖାଁ, ଓହିଦ ଖାଁ, ପି:ଗୋଲମ୍ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୨୧୦ | ୦.୦୬୩ | ଆଂଶିକ |
| ୧୪୧ | ୯୭୮ | ସାରଦ-୨ | ତୋରଫ ଖାଁ, ପି:ଲତିଫ ଖାଁ, ସଉବତ୍ ଖାଁ, ହକିମତ୍ ଖାଁ, ପି:ନୁର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୧୧୦ | ୦.୦୧୯ | ଆଂଶିକ |
| ୨୦ | ୯୭୯ | ସାରଦ-୨ | ଅସଗର ଖାଁ, ପି:ଆକବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୧୦ | ୦.୦୧୦ | ସମ୍ପୂର୍ଣ୍ଣ |
| ୨୭୪ | ୯୮୦ | ସାରଦ-୨ | ହନିଫ ଖାଁ, ଆବତ୍ ଖାଁ, ହାସିମ ଖାଁ, ପି:ନଜିର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୩୩୦ | ୦.୦୭୭ | ଆଂଶିକ |
| ୨୮୩ | ୧୦୨୯ | ସାରଦ-୨ | ହସନ୍ ଖାଁ, ପି:ଡୋମନ ଖାଁ, ସଖାବତ୍ ଖାଁ, ପି-ଦିଲବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୧୦୦ | ୦.୦୨୫ | ଆଂଶିକ |
| ୨୯୮/୭୫ | ୧୦୩୧ | ସାରଦ-୨ | ଅବଦୁଲ ମହେମୁଦ୍ ଖାଁ, ପି:ଅବଦୁଲ ସତାର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୩୮୦ | ୦.୦୪୨ | ଆଂଶିକ |
| ୨୪୨ | ୧୦୩୩ | ସାରଦ-୨ | ସେକ୍ ଅବଦୁଲ ସମଦ୍, ପି:ସେକ୍ ହୟାତି, ଜାତି:ମୁସଲମାନ, ବା:ନିଜଗାଁ | ୦.୧୭୦ | ୦.୦୪୨ | ଆଂଶିକ |
| ୨୩୦ | ୧୦୩୫ | ସାରଦ-୨ | ଲତିଫ ଖାଁ, ପି:ସୁଲତାନ ଖାଁ, ସୋବନ୍ ଖାଁ, ପି:ରହେମାନ ଖାଁ, କବାଲି ଖାଁ, ପି-ଅମିର ଖାଁ, ବସିର୍ ଖାଁ, ଗୋଲାପ ଖାଁ, ପି:ହବିପ୍ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୪୦ | ୦.୦୧୦ | ଆଂଶିକ |
| ୨୩୦ | ୧୦୩୭ | ସାରଦ-୨ | ଲତିଫ ଖାଁ, ପି:ସୁଲତାନ ଖାଁ, ସୋବନ୍ ଖାଁ, ପି:ରହେମାନ ଖାଁ, କବାଲି ଖାଁ, ପି-ଅମିର ଖାଁ, ବସିର୍ ଖାଁ, ଗୋଲାପ ଖାଁ, ପି:ହବିପ୍ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୪୦ | ୦.୦୪୦ | ସମ୍ପୂର୍ଣ୍ଣ |
| ୧୦୫ | ୧୦୩୮ | ସାରଦ-୨ | ଜଏନୁଲା ଆବେଦିନ ଖାଁ, ପି:ସାବତ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୮୬୦ | ୦.୦୩୫ | ଆଂଶିକ |
| ୨୮୩ | ୧୦୩୯ | ସାରଦ-୨ | ହାସାନ ଖାଁ, ପି:ଡୋମନ ଖାଁ, ସଖାବତ୍ ଖାଁ, ପି-ଦିଲବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୩୩୦ | ୦.୦୪୬ | ଆଂଶିକ |
| ୨୮୩ | ୧୦୩୦ | ସାରଦ-୨ | ହସନ୍ ଖାଁ, ପି:ଡୋମନ ଖାଁ, ସତ୍ୟାବତ ଖାଁ, ପି-ଦିଲବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୧୧୦ | ୦.୦୨୧ | ଆଂଶିକ |
| ୧୨୯ | ୧୦୪୦ | ସାରଦ-୨ | ସେକ୍ ତଜ୍‌ମୁଲ, ପି:ଏସକେ ସୋବାନ, କରିମନ୍ ନିଶା ବିବି, ସ୍ୱା:ସେକ୍ ସୋବାନ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୫୦ | ୦.୦୩୫ | ଆଂଶିକ |
| | | | | ମୋଟ | ୦.୪୬୫ | |

24163/14/0007/1920

# 'ସୁରଭି'ରେ ପ୍ରତିଭା ଦେଖାଉଛନ୍ତି ଛାତ୍ରୀଛାତ୍ର

ସମ୍ବଲପୁର, ୧୯।୧୦ (ବ୍ୟୁରୋ)





କାଇଁଶିର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

କାଇଁଶିର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ-୨୦୧୯ ଶନିବାର ନିର୍ଗୁନପଡା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଧନପତି ମହାପାତ୍ର ମୁଖ୍ୟଅତିଥି, ସାମାଜିକ କର୍ମୀ ବିପିନ ଗଡନାୟକ ମୁଖ୍ୟବକ୍ତା ଓ ଓଡିଶା ବିକାଶ ଦକ୍ଷତା ସଭ୍ୟ ଏସ. ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ନିର୍ଗୁପଡା ସ୍କୁଲ ପ୍ରଧାନ ଶିକ୍ଷକ ବବ୍ରୁବାହାନ ଭୋଇଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାଇଁଶିର ସିଆରସିସି ମନିଷ ବେହୁରୀ, ପ୍ରତିଭା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ 'ମିନା ପାଠ ପଢ଼ିବ' ଶୀର୍ଷକ ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ଆଦିବାସୀ ଓ ପଛୁଆ ଗାଁର ଶିକ୍ଷା କିପରି ଆଗେଇ ନାହିଁ ପ୍ରଭୃତି ବିଷୟ ଉପସ୍ଥାପନ କରାଯାଇଥିଲା । ବକ୍ତୃତାରେ ରିମ୍‌ଝିମ୍ ପ୍ରଧାନ, ରଚନାରେ ଅଞ୍ଜଳି ଠାକୁର, କୁଇଜ୍‌ରେ ଅନୁରାଧା ଓରାମ, ସୃଜନଶୀଳ ଲିଖନରେ ବୁଦ୍ଧିମତୀ ବେରୁହା, ଗୀତରେ ନଳିନୀ ଧନୱାର, ଶ୍ରୁତଲିଖନରେ ଅନିଷା ଓରାମ ଶ୍ରେଷ୍ଠ ସ୍ଥାନ ହାସଲ କରିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ଭୀମ ଓରାମ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ମୋତିଲାଲ ନଳ କାର୍ଯ୍ୟକ୍ରମର ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ।

**ରେଢାଖୋଲ,୧(ଡି.ଏନ.ଏ.)**

ରେଢାଖୋଲ ବ୍ଲକ ଭରତାପୁରସରକାରୀ ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଛି। ଭରତାପୁର ଉଚ୍ଚ ବିଦ୍ୟାଳୟର ପ୍ରଦାନ ଶିକ୍ଷକ ଆଶିଷ ରଞ୍ଜନ ଦାସ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିବାକର ସ୍ୱାଇଁ, ପ୍ରଶାନ୍ତ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ସୁଭଦ୍ରା ପ୍ରଧାନ, ଭଗବତୀ ଉର୍ମା, ସୌଦାମିନୀ ସ୍ୱାଇଁ, ଆଶିଷ ସାହୁ, ରୋଜାଲିନ ପ୍ରଧାନ, ସୁରୁବାଲି ବିଭାର, ସ୍ୱାଧୀନ ପ୍ରଧାନ, ଚିନ୍ମୟ ସାହୁ, ଶିବାନୀ ପ୍ରଧାନ ପ୍ରମୁଖ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ ଭତରା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ବାଲ୍ୟ ବିବାହ ନିରାକରଣ ଉପରେ ଏକ ସଚେତନତାଧର୍ମୀ ନାଟକ ପରିବେଷଣ କରିଥିଲେ। ଆଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ ନାରାୟଣ ପାଢୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭତରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁଶାନ୍ତ କଅଁର, ଅମୂଲ୍ୟ ବିଶ୍ୱାଳ, ମାଧବୀ ମାଝି, ହାଡିବନ୍ଧୁ ସାହୁ, ରମେଶଚନ୍ଦ୍ର ପ୍ରଧାନ ଶେଷଦେବ ନାଏକ, ଶ୍ରୀବଲ୍ଲଭ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

**କୁଚିଣ୍ଡା,(ଡି.ଏନ.ଏ.)**

ଅର୍ଡାବାହାଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ **କୁଚିଣ୍ଡା** କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସରୋଜ କୁମାର କର୍ସେଲ ସଭାପତିତ୍ୱ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଳମଣୀ ସାହୁ ମୁଖ୍ୟ ଅତିଥି ଥିଲେ। ଚିତ୍ରାଙ୍କନ, କୁଇଜ, କ୍ରିଏଟିଭ ଲିଖନ, ଲଘୁସଂଗୀତ, ଓଡିଆ ହସ୍ତାକ୍ଷର, କୁଇଜ, କ୍ରିଏଟିଭ ଲିଖନ, ତର୍କସଭା, ଲଘୁ ସଂଗୀତ ଆଦି ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅର୍ଡାବାହାଲର ସିଆରସିସି ପ୍ରଦୀପ୍ତ କୁମାର ନାଏକ ପରିଚାଳନା କରିଥିଲେ ।



# ଟେକ୍ ବେସ୍ଡ ଷ୍ଟାର୍ଟଅପ୍

**ବର୍ତ୍ତମାନ ଟେକ୍ନୋଲୋଜି ବିନା କିଛି ବି କାର୍ଯ୍ୟର ପରିକଳ୍ପନା ଯେପରି ଅସମ୍ଭବ ମନେ ହେଉଛି । ତେଣୁ ଟେକ୍ନୋଲୋଜି ବେସ୍ଡ ଷ୍ଟାର୍ଟଅପ୍‌କୁ ନେଇ କ୍ୟାରିୟର ଗଢ଼ିବା ପ୍ରତି ଯୁବପିଢ଼ି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି...**







ସର୍ବଦା କିଛି ଭିନ୍ନ କରିବାକୁ ଆଗ୍ରହୀ ଆଜିର ଯୁବପିଢ଼ି। ଯେଉଁଥିପାଇଁ ବର୍ତ୍ତମାନ ଜବ୍ ବଦଳରେ ଅନେକେ ବିଭିନ୍ନ ଷ୍ଟାର୍ଟଅପ୍ ବିଜ୍‌ନେସ୍‌କୁ ନିଜର କ୍ୟାରିୟର ଅପ୍ସନ ଭାବେ ବାଛୁଥିବା ଦେଖିବାକୁ ମିଳୁଛି। ତେବେ ଏସବୁ ବିଜ୍‌ନେସର ଅଭିବୃଦ୍ଧି ନିମନ୍ତେ ଯାହା ସବୁଠୁ ଅଧିକ ଆବଶ୍ୟକ, ତାହା ହେଉଛି ଟେକ୍ନୋଲୋଜି । ତେଣୁ ଟେକ୍ନୋଲୋଜି ବିଶେଷ କରି ଡିଜିଟାଲ ଟେକ୍ନୋଲୋଜିର ବହୁଳ ବ୍ୟବହାରକୁ ଦୃଷ୍ଟିରେ ରଖି ଧୀରେ ଧୀରେ ଟେକ୍ନୋଲୋଜି ସମ୍ବନ୍ଧିତ ବା ଟେକ୍ ବେସ୍ଡ ଷ୍ଟାର୍ଟଅପ୍‌ର ଡିମାଣ୍ଡ ବଢ଼ିବାରେ ଲାଗିଛି। ଗତ ପାଞ୍ଚବର୍ଷ ଭିତରେ ଏହା ଆରମ୍ଭ ହୋଇ ଧୀରେ ଧୀରେ ଦ୍ରୁତ ଗତିରେ ବଢ଼ୁଛି। ଆମେରିକା, ୟୁରୋପ ଭଳି ଉନ୍ନତ ଦେଶଗୁଡ଼ିକରେ ଏଭଳି ଷ୍ଟାର୍ଟଅପ୍ ସର୍ବାଧିକ ଦେଖିବାକୁ ମିଳୁଛି। ଯଦିଓ ଆମ ଦେଶରେ ବର୍ତ୍ତମାନ ସୁଦ୍ଧା ଏହା ଏତେମାତ୍ରାରେ ଆଦୃତ ହୋଇ ନାହିଁ ତଥାପି ଏଥିପ୍ରତି ଯୁବପିଢ଼ିଙ୍କର ବଢ଼ୁଥିବା ଆଗ୍ରହ ଯୋଗୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱରେ ପହଞ୍ଚିଲାଣି। ଆସନ୍ତୁ ଜାଣିବା ସବୁଠୁ ଭଲ ଟେକ୍ନୋଲୋଜି ବେସ୍ଡ ଷ୍ଟାର୍ଟଅପ୍‌ଗୁଡ଼ିକ ବିଷୟରେ...

**ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ:** ଟେକ୍ ବେସ୍ଡ ଷ୍ଟାର୍ଟଅପ୍ କହିଲେ ସବୁଠୁ ଅଧିକ ଡିମାଣ୍ଡରେ ଅଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ। କାରଣ ସମଗ୍ର ପୃଥିବୀରେ ବର୍ତ୍ତମାନ ପ୍ରାୟ ୬୩ ଭାଗ ଲୋକ ଆର୍ଟିଫିସିଆଲ ଟେକ୍ନୋଲୋଜିର ବ୍ୟବହାର କରୁଛନ୍ତି। ଏହା ଡିଜିଟାଲ ମାର୍କେଟିଂ, କଷ୍ଟୋମର ସର୍ଭିସ୍ ପ୍ଲାଟଫର୍ମ, ଡିଜିଟାଲ ଆଡ୍, ସ୍ମାର୍ଟଫୋନ୍ ଆଦିରେ ବହୁଳ ଭାବେ ବ୍ୟବହାର କରାଯାଉଛି। ଆମ ଦେଶରେ ଇ- କମର୍ସ ସେକ୍ଟରରେ ଏହା ସବୁଠୁ ଅଧିକ ବ୍ୟବହାର କରାଯାଉଛି। ଆଇଟି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିବାକୁ ଚାହୁଁଥିବା ଅନେକ ଛାତ୍ରୀଛାତ୍ର ଏଥିପ୍ରତି ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି।

**କ୍ଲାଉଡ୍ କମ୍ପ୍ୟୁଟିଂ:** ଗ୍ଲୋବାଲ ଇଣ୍ଡଷ୍ଟ୍ରି ଆନାଲିସିସ୍ ରିପୋର୍ଟ ମୁତାବକ ୨୦୨୦ ସୁଦ୍ଧା ସମଗ୍ର ଦୁନିଆରେ କ୍ଲାଉଡ୍ କମ୍ପ୍ୟୁଟିଂର ମାର୍କେଟ୍ ପ୍ରାୟ ୩୨୭ ବିଲିୟନ୍ ଡଲାର ଟପିଯିବ। ଏଥିରେ ଇଣ୍ଟରନେଟ୍ ବ୍ୟବହାର କରାଯାଇ ଇନ୍‌ଫ୍ରାଷ୍ଟ୍ରକ୍ଚର, ପ୍ଲାଟଫର୍ମ, ଆପ୍ଲିକେଶନ୍, ଷ୍ଟୋରେଜ୍ ସ୍ପେଶ୍ ଭଳି ବିଭିନ୍ନ ପ୍ରକାରର କାର୍ଯ୍ୟ କରାଯାଇଥାଏ। କ୍ଲାଉଡ୍ ଡିଷ୍ଟ୍ରିବ୍ୟୁଟେଡ୍ କମ୍ପ୍ୟୁଟିଂ ଟେକ୍ନୋଲୋଜି ଦ୍ୱାରା ବ୍ୟବହୃତ । ସର୍ବଦା ବିଜ୍‌ନେସ୍ ଆକ୍ଟିଭିଟି ସହ ଯୋଡିହୋଇ ରହୁଥିବାରୁ ଏଥିରେ ଷ୍ଟାର୍ଟଅପ୍ ଲାଗି ଅନେକେ ଆଗ୍ରହୀ ହେଉଛନ୍ତି।

**ଭଏସ୍ ରେକଗ୍‌ନାଇଜ୍ ଟେକ୍ନୋଲୋଜି:** ଗୁଗଲ୍, ଆପଲ୍ ଭଳି ବଡ଼ ବଡ଼ ଟେକ୍ନୋଲୋଜି ସେକ୍ଟର ହେଉ କିମ୍ବା ଆମାଜନ ଭଳି ବଡ ଇ-ଶପିଂ ବ୍ରାଣ୍ଡରେ ବର୍ତ୍ତମାନ ଭଏସ୍ ରେକଗ୍‌ନାଇଜ୍ ଟେକ୍ନୋଲୋଜି ବହୁତ ବ୍ୟବହାର ହେଉଛି। ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ଏହି ଟେକ୍ନୋଲୋଜି ଏବଂ ଏହା ସହ ଜଡ଼ିତ ଅନ୍ୟ ପ୍ରଡକ୍ଟର ବ୍ୟବହୃତାଙ୍କ ସଂଖ୍ୟା ବର୍ତ୍ତମାନ ୨୦ ପ୍ରତିଶତ। ହେଲେ ଏହି ସେକ୍ଟରର ଅନ୍ୟାନ୍ୟ ସର୍ଭେ ରିପୋର୍ଟ ଅନୁଯାୟୀ ୨୦୨୫ ମସିହା ସୁଦ୍ଧା ଏହି ଟେକ୍ନୋଲୋଜି ବ୍ୟବହୃତାଙ୍କ ସଂଖ୍ୟା ପ୍ରାୟ ୫୫ ପ୍ରତିଶତରୁ ଅଧିକ ହୋଇଯିବ। ବର୍ତ୍ତମାନ ଆମେରିକାରେ ଏହାର ବ୍ୟବହାର ସର୍ବାଧିକ। ଯେଉଁମାନେ ଏଥିରେ ଷ୍ଟାର୍ଟଅପ୍ କରିବା ଲାଗି ଚାହାନ୍ତି ସେମାନଙ୍କ ଲାଗି ହେଲ୍‌ଥ କେୟାର, ଫାର୍ମା, ମାନୁଫ୍ୟାକ୍ଚରିଂ, ଫିଲ୍ଡ ସର୍ଭିସ୍, ସଫ୍ଟୱେର ଏବଂ ମୋବାଇଲ ଆପ୍ ମେକିଂ ଆଦି ଦିଗ ବେଷ୍ଟ ଅପ୍ସନ।

**ବିଗ୍ ଡାଟା:** ଆଗାମୀ ଦିନରେ ବିଗ୍ ଡାଟା ବିଜ୍‌ନେସ୍ ଗ୍ରୋଥ୍ ନିର୍ଦ୍ଧାରିତ କରିବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଟୁଲ୍ ଭାବେ କାମ କରିବ। ବର୍ତ୍ତମାନ ସମଗ୍ର ପୃଥିବୀରେ ମାତ୍ର ୪୩ ଭାଗ କମ୍ପାନୀ ଏହାର ମାତ୍ର ୮-୧୦ ପ୍ରତିଶତ ବ୍ୟବହାର କରିପାରୁଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଏକ୍ସପର୍ଟଙ୍କ ଅଭାବ। ତେଣୁ ବିଗ୍ ଡାଟା ଆନାଲିସିସ୍‌ରେ ଷ୍ଟାର୍ଟଅପ୍ କଲେ ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ।



## ୟୁ|ଥ୍|କ୍ଲବ

# ଲକ୍ଷ୍ୟ ସମାଜ ସେବା

ଅସହାୟଙ୍କୁ ସାହାଯ୍ୟ କରିବାଠାରୁ ଆରମ୍ଭକରି ସହରର ବିଭିନ୍ନ ସମସ୍ୟା ସମାଧାନ କରିବା, ପରିବେଶ ସୁରକ୍ଷା ପର୍ଯ୍ୟନ୍ତ ବିଭିନ୍ନ ସମାଜଧର୍ମୀ କାର୍ଯ୍ୟକରି ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି ସେମାନେ। କୌଣସି ରାଜନୈତିକ ଦଳ ସହ ସଂଶ୍ଳିଷ୍ଟ ନ ରହି ଦୀର୍ଘ ୩୪ ବର୍ଷ ଧରି ନିଜ ପ୍ରଚେଷ୍ଟାରେ ଜନସେବା କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ସେଥିଲାଗି ଜିଲାର ଅନେକ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ମିଳିଛି ଅନେକ ସମ୍ବର୍ଦ୍ଧନା ଓ ମାନପତ୍ର । ସେମାନେ ହେଉଛନ୍ତି ଯାଜପୁର ଜିଲାରେ ଥିବା ଶହୀଦ ଭଗତ୍ ସିଂ ଯୁବକ ସଂଘର ସଦସ୍ୟମାନେ। ୧୯୮୫ ମସିହାରେ ରାଜେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ୫୦ଜଣ ଯୁବସଭ୍ୟଙ୍କୁ ଏକାଠିକରି ଜନ୍ମଲାଭ କରିଥିଲା ଏହି ଯୁବ ସଂଘ। ବର୍ତ୍ତମାନ ଏହାର ସଦସ୍ୟ ସଂଖ୍ୟା ୭୦ରୁ ଊର୍ଦ୍ଧ୍ୱ। ଏଥିରେ ଉପଦେଷ୍ଟା ଭାବେ ବରିଷ୍ଠ ନାଗରିକମାନଙ୍କୁ ପ୍ରାଧାନ୍ୟ ଦିଆଯାଉଛି । ରକ୍ତଦାନ ଶିବିର, ବୃକ୍ଷରୋପଣ, ରୋଗୀମାନଙ୍କୁ ସେବା ଯୋଗାଇବା, ଅବହେଳିତ ଲୋକମାନଙ୍କୁ ସାହାଯ୍ୟ କରିବା, ଟ୍ରେନ୍ ଦୁର୍ଘଟଣାରେ ଆହତ ହୋଇଥିବା ଲୋକମାନଙ୍କୁ ଡାକ୍ତରଖାନାରେ ଚିକିତ୍ସା କରିବା, ରାସ୍ତା ଉପରୁ ମଲା ଗୋରୁଙ୍କୁ ଉଠାଇବା, ସହରକୁ ସ୍ୱଚ୍ଛ ରଖିବା, ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ସଫାସୁତରା ରଖିବା ଓ ସେମାନଙ୍କର ଜନ୍ମଦିବସ ପାଳନ କରିବା ଆଦି ବହୁ ଜନହିତକର କାର୍ଯ୍ୟ କରିବାରେ ଏହି ସଂଗଠନର ଭୂମିକା ସମଗ୍ର ଜିଲାରେ ଅତୁଳନୀୟ । ନିରାଶ୍ରୟ ଲୋକ ମରିଗଲେ ସେମାନଙ୍କର ଅନ୍ତିମ କ୍ରିୟା କରିବା ପାଇଁ ଏହି ସଂଗଠନ କାର୍ଯ୍ୟ କରୁଛି । ବିଶ୍ୱ ଧଳାବାଡ଼ି ଦିବସ, ବିଶ୍ୱ ଭିନ୍ନକ୍ଷମ ଦିବସ, ଯକ୍ଷ୍ମା ଦିବସ ଆଦି ପାଳିବା ସହ ସଚେତନତା ସୃଷ୍ଟି କରିବା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରି କଳାସଂସ୍କୃତିକୁ ବଞ୍ଚାଇ ରଖିବାରେ ବି ଏହି ସଂଘ କାର୍ଯ୍ୟ କରିଆସୁଛି। ଏହା ବ୍ୟତୀତ ଭାଷା ଆନ୍ଦୋଳନ ୬୦୦ ଦିନ କରି ଓଡ଼ିଆ ଭାଷାକୁ ସରକାରୀ ଭାଷାରେ ପରିଣତ କରିବା ପାଇଁ ଆନ୍ଦୋଳନ ଜାରି ରଖି ରେକର୍ଡ ସୃଷ୍ଟି କରିଥିଲା । ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମ୍ପର୍କରେ ଏହି ଅନୁଷ୍ଠାନର ସଦସ୍ୟମାନେ ଆମରଣ ଅନଶନ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସବ୍-ଡିଭିଜନାଲରେ ପରିଣତ କରିବା ପାଇଁ ଏବେ ସୁଦ୍ଧା ଆନ୍ଦୋଳନ ଜାରି ରଖିଛି । ଆଗାମୀ ଦିନରେ ଯାଜପୁର ରୋଡ୍ ସମେତ କୋରେଇ ନିର୍ବାଚନମଣ୍ଡଳୀ ଓ ପ୍ରତ୍ୟେକ ଜିଲାର ବିଭିନ୍ନ ଅଞ୍ଚଳରେ ମଦ ବିରୋଧୀ ଆନ୍ଦୋଳନ କରିବା ସହ ସ୍ୱଚ୍ଛ ଭାରତ ଗଠନ ଉଦ୍ଦେଶ୍ୟରେ ଜନସଚେତନତା ସୃଷ୍ଟିକରିବା ହାତକୁ ନେଇଛି । ଏହି ସଂଗଠନ ସରକାରଙ୍କ ପ୍ରୋତ୍ସାହନ ଉପରେ ନିର୍ଭର ନ କରି ସଭ୍ୟମାନେ ନିଜ ନିଜ ମଧ୍ୟରେ ଚାନ୍ଦା କରି ସେବା କାର୍ଯ୍ୟ କରିଥାନ୍ତି । ସଂଘ ତରଫରୁ ଶହୀଦ ଭଗତ୍ ସିଂ ଫାଶୀ ଦିବସ ପାଳନ କରାଯାଇ ଶହୀଦ ଭଗତ୍ ସିଂଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଏହି ସଂଗଠନ ଯୁବସମାଜକୁ ବାର୍ତ୍ତାଦେଇଛି । ଉକ୍ତ ସଂଗଠନକୁ ବ୍ୟାସ ଗୌରବ ସମ୍ମାନ, ରୋଟାରି କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧନା ସହ ୨୮ଟି ଅନୁଷ୍ଠାନ ପକ୍ଷରୁ ପୁରସ୍କାର ମିଳିଛି । ସଂଘର ଏଭଳି ସମାଜଧର୍ମୀ କାର୍ଯ୍ୟରେ ସଭାପତି ରାଜେନ୍ଦ୍ର ବିଶ୍ୱାଳ, ଉପସଭାପତି କଳିଙ୍ଗ ପହି, ସାଧାରଣ ସମ୍ପାଦକ ହେମନ୍ତ ଧୀର, ସହସମ୍ପାଦକ ଅକ୍ଷୟ ନାୟକ, ସଂଗ୍ରାମ ଜେନା ପ୍ରମୁଖଙ୍କ ଭୂମିକା ଅତୁଳନୀୟ।

**-ଅଭିମନ୍ୟୁ ମିଶ୍ର**



ଶହୀଦ ଭଗତ୍ ସିଂ ଯୁବକ ସଂଘର ସଦସ୍ୟମାନେ।

## ଏ ସପ୍ତାହର ପ୍ରଶ୍ନ

୧– ଇଣ୍ଟରନ୍ୟାଶନାଲ୍ ଡେ' ଅଫ୍ ଡିଜାଷ୍ଟର ରିସ୍କ ରିଡକ୍ସନ୍ ପ୍ରତିବର୍ଷ .........ତାରିଖରେ ପାଳନ କରାଯାଏ ?

୨– ନାରୀ ସଶକ୍ତୀକରଣ ଲକ୍ଷ୍ୟରେ..........ରାଜ୍ୟରେ କନ୍ୟାଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ?

୩– 'ହାଓ ଟୁ ଆଭଏଡ୍ ଏ କ୍ଲାଇମେଟ୍ ଡିଜାଷ୍ଟର' ପୁସ୍ତକର ଲେଖକ...... ?

୪– ସର୍ବାଧିକ ବାର୍ଲି ଉତ୍ପାଦନକାରୀ ଦେଶ......... ?

୫– ନାଟୋର ଫୁଲ୍‌ଫର୍ମ........... ?

## ଗତ ଥରର ଉତ୍ତର

୧ କୁଳଦୀପ୍ ସିଂ ଧତ୍ୱାଲିଆ

୨ ଅନୁ ପଦ୍ମନାଭନ

୩ ଶିର୍ଷୋ ବନ୍ଦୋପାଧ୍ୟାୟ।

୪ ଜମ୍ମୁ–କାଶ୍ମୀରର ଚେନାବ ନଦୀ

୫ ଅଲ୍ ଇଣ୍ଡିଆ ରେଡିଓ

## ଉତ୍ତର ଦାତା



ଅନ୍ୱେଷା ମିଶ୍ର
ଭୁବନେଶ୍ୱର



କ୍ଷୀରୋଦ ସାହୁ
କେନ୍ଦୁଝର



ନରେଶ କୁମାର କର
ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଜା|ଣ|ନ୍ତୁ|ଦୁ|ନି|ଆ

# ପୁରୁଣା ହେଲେ ବି ନୂଆ ଟ୍ରେଣ୍ଡ୍

**ଆସନ୍ତୁ ଜାଣନ୍ତୁ ବର୍ତ୍ତମାନ ସମୟରେ ବେଶ୍ ଆଦୃତ ହୋଇଥିବା କିଛି ବିୟୁଟି ଟ୍ରେଣ୍ଡ୍ସ ସମ୍ପର୍କରେ, ଯାହାକି ବାସ୍ତବରେ ନୂଆ ନୁହେଁ ବରଂ ଏହାର ଚଳଣି କେଉଁ ଐତିହାସିକ କାଳରୁ ରହି ଆସିଛି...**

**ଆଇଲାଇନର୍:** ସାଧାରଣତଃ ମଣିଷର ଆଖି ହିଁ ପ୍ରଥମେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ତେଣୁ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ ବ୍ୟବହାର କରାଯାଇଥାଏ। ଯେମିତିକି ଆଇଲାଇନର। ଗ୍ରାହକଙ୍କ ଚାହିଦାକୁ



ଆଖିଆଗରେ ରଖି ବର୍ତ୍ତମାନ ଅନେକ ନାମୀ ଦାମୀ କମ୍ପାନୀ ଲିକ୍ୱିଡ୍, ପେନ୍‌ସିଲ୍, ବ୍ରେଚ୍ ଉଭୟ ନର୍ମାଲ ଏବଂ ୱାଟର ତଥା ସ୍ମଜ୍ ପ୍ରୁଫ୍ ଆଇଲାଇନ୍ ପ୍ରସ୍ତୁତ କରୁଛନ୍ତି। ତେବେ ଆଶ୍ଚର୍ଯ୍ୟ ଲାଗିଲେ ବି ସତ ଯେ, ଏହି ଆଇଲାଇନର୍ ବ୍ୟବହାର ପ୍ରାଚୀନ ଇଜିପ୍ଟ ସଭ୍ୟତା(ଖ୍ରୀଷ୍ଟପୂର୍ବ ୧୦,୦୦୦)ରୁ ରହିଆସିଛି। ସେ ସମୟରେ ଏହା କେବଳ ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ପରିବେଶ ଏବଂ ସୂର୍ଯ୍ୟ କିରଣରୁ ଚକ୍ଷୁକୁ ସୁରକ୍ଷା ଦେବା ଲାଗି ବ୍ୟବହାର କରାଯାଉଥିଲା। ହେଲେ ସେଥିରେ ବ୍ୟବହୃତ ଲେଡ୍ ବା ସୀସା ଚକ୍ଷୁ ପାଇଁ କ୍ଷତିକାରକ ହୋଇଥିବାରୁ ବର୍ତ୍ତମାନ ସମ୍ପୂର୍ଣ୍ଣ ଲେଡ୍ ଫ୍ରି ଆଇ ଲାଇନର୍ ପ୍ରସ୍ତୁତ କରାଯାଉଛି।

**ଲିପ୍‌ଷ୍ଟିକ୍:** ଆଇଲାଇନର ଭଳି ଲିପ୍‌ଷ୍ଟିକ୍ ମଧ୍ୟ ପ୍ରାଚୀନ ଇଜିପ୍ଟ ସମୟରୁ ରହିଛି। ସେତେବେଳେ ଏହା ବିଭିନ୍ନ ଗଛର ଫୁଲ, ଫଳ ସହିତ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ପ୍ରସ୍ତୁତ କରାଯାଉଥିଲା। ହେଲେ ସେଥିରେ କିଛି ବିଷାକ୍ତ ଉପାଦାନ ରହୁଥିବାରୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଥିଲା। ଲିପ୍‌ଷ୍ଟିକ୍ ୧୬ ଶତାବ୍ଦୀରେ ରାଣୀ ଏଲିଜାବେଥ୍-୧ଙ୍କ ସମୟରେ ବେଶି ଆଦୃତ ହୋଇଥିଲା ଏବଂ ଅଭିନେତ୍ରୀ ଅଭିନେତାମାନେ ବ୍ୟବହାର ଆରମ୍ଭ କରିଦେଇଥିଲେ। ସେବେଠୁ ଦିନକୁ ଦିନ ଏହାର କ୍ୱାଲିଟିରେ ପରିବର୍ତ୍ତନ କରାଯିବା ସହ ସୁରକ୍ଷିତ ଭାବେ ପ୍ରସ୍ତୁତ କରାଯାଉଛି ଏବଂ ବ୍ୟବହାର ମଧ୍ୟ ବହୁମାତ୍ରାରେ ବଢ଼ି ବଢ଼ି ଚାଲିଛି।

**ବ୍ଲସ୍:** ଗାଲକୁ ହାଇଲାଇଟ୍ କରିବା ସହ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ବର୍ତ୍ତମାନ ଅଧିକାଂଶ ବ୍ଲସ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଏହି ବ୍ଲସ୍‌ର ବ୍ୟବହାର ପ୍ରାଚୀନ କାଳ(ଇଜିପ୍ଟ, ଗ୍ରୀସ୍)ରୁ ରହି ଆସିଛି। ୧୭ ଏବଂ ୧୮ ଶତାବ୍ଦୀ ବେଳକୁ ଏହାର ଲୋକପ୍ରିୟତା ବେଶି ବଢ଼ିଥିଲା। ସେ ସମୟରେ ବିଭିନ୍ନ କୋଳି ଏବଂ ବିଟ୍‌କୁ ବାଟି ଏହା ପ୍ରସ୍ତୁତ କରାଯାଉଥିଲା।

**ଫ୍ଲାୱାର କ୍ରାଉନ୍:** ବର୍ତ୍ତମାନ ଫ୍ଲାୱାର ଟିଆରା ବା କ୍ରାଉନ୍ ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ପାଲଟିଛି। ପ୍ଲାଷ୍ଟିକ୍, ଉଲେନ୍, କ୍ଲଥ୍, ଭେଲ୍‌ଭେଟ୍‌ରେ ପ୍ରସ୍ତୁତ କଲରଫୁଲ୍ ଆର୍ଟିଫିସିଆଲ୍ ଫ୍ଲାୱାର କ୍ରାଉନ୍ ମାର୍କେଟ୍‌ରେ ଉପଲବ୍ଧ । ହେଲେ ଲାଟେଷ୍ଟ କୁହାଯାଉଥିବା ଏହି ଫ୍ୟାଶନ୍ ଆସେସୋରି ବାସ୍ତବରେ ନୂଆ ନୁହେଁ, ବରଂ ଏହା କାହିଁ କେଉଁ ପୁରାତନ କାଳରୁ ବ୍ୟବହାର କରାଯାଉଛି।

**କର୍ଲ:** ଷ୍ଟାଇଲିସ୍ ଲୁକ୍ ପାଇଁ ବିଭିନ୍ନ ପ୍ରକାର ହେୟାର ଷ୍ଟାଇଲ୍ କରିବା ମଧ୍ୟ ଆଜିକାଲି ଏକ ଫ୍ୟାଶନ୍‌ରେ ପରିଣତ ହୋଇଗଲାଣି।



ବିଶେଷ କରି ହେୟାର କର୍ଲ କରିବାକୁ ଉଭୟ ଯୁବତୀ ଏବଂ ଯୁବକ ପସନ୍ଦ କରୁଛନ୍ତି। ଏଥିପାଇଁ କେବଳ ବିୟୁଟିପାର୍ଲର ଯିବାକୁ ପଡୁନାହିଁ ବରଂ ଘରେ ମଧ୍ୟ କର୍ଲ ମେଶିନ୍ ରଖି ହେୟାର ଷ୍ଟାଇଲ୍ କରିବା ସହଜ ହୋଇଗଲାଣି। ହେଲେ ଜାଣନ୍ତି କି ଏହି ହେୟାର କର୍ଲ କରିବା ବହୁ ପ୍ରାଚୀନ କାଳରେ ଗ୍ରୀସ୍‌ରେ ମଧ୍ୟ ଥିଲା ବୋଲି ସେ ସମୟର ମୂର୍ତ୍ତିରେ ଥିବା କର୍ଲ ହେୟାରରୁ ଜଣାପଡ଼େ। ୧୭ ଶତାବ୍ଦୀ ବେଳକୁ ୟୁରୋପ୍‌ରେ କିଙ୍ଗ୍ ଲୁଇସ୍ ୧୪ଙ୍କ ସମୟରେ କର୍ଲ ହେୟାର ୱିଗ୍ ମୁଣ୍ଡକୁ ଅଧିକ ଭଲ୍ୟୁମ ଦେବା ସହ ଆକର୍ଷଣୀୟ କରିବା ଲାଗି ବ୍ୟବହାର କରାଯାଉଥିଲା।



ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ।
– ସ୍ୱାମୀ ବିବେକାନନ୍ଦ



# ହାତୀ ଆକ୍ରମଣରେ ଯୁବକଙ୍କ ଜୀବନ ଗଲା

କପ୍ତିପଦା,୧୯।୧୦(ଡି.ଏନ.ଏ.)

ଗୋରୁ ଚରାଇବାକୁ ଗାଁ ପାଖ ଜଙ୍ଗଲକୁ ଯାଇଥିବା ବେଳେ ହାତୀ ହାବୁଡରେ ପଡି ପାଣ୍ଡୁ ସିଂ(୩୨) ନାମକ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ଅନ୍ୟ ୩ ଜଣ ସେଠାରୁ ଦୌଡି ପଳାଇ ଆସି ଜୀବନ ରକ୍ଷା କରିଛନ୍ତି। ମୃତ ଯୁବକଙ୍କ ଘର ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଲାବଣ୍ୟଦେଈପୁର ପଞ୍ଚାୟତ କାନକୁମୁରା ଗ୍ରାମରେ। କପ୍ତିପଦା ପୋଲିସ ସମେତ ରେଞ୍ଜର ମହେଶ୍ୱର ସିଂ, ଫରେଷ୍ଟର ଶୋଭାକର ସିଂହ, ଶରତ ଫରେଷ୍ଟର ଭାଗ୍ୟଶ୍ରୀ ଦାସ, ଫରେଷ୍ଟ ଗାର୍ଡ ଜୟନ୍ତୀ ପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ହାତୀ ଉପଦ୍ରବ ଜନିତ ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଓ ଚାପା ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଦେବା ସକାଶେ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ସୂତ୍ରରୁ ଜଣାଯାଇଛି ଯେ, ପାଣ୍ଡୁ ସିଂ ୩ ଜଣ ସାଙ୍ଗଙ୍କ ସହ ମିଶି ଶୁକ୍ରବାର ସକାଳେ ଗୋରୁ ଚରାଇବା ଲାଗି ଜଙ୍ଗଲକୁ ଯାଇଥିଲେ। ଅପରାହ୍ନରେ ଏକ ହାତୀ ପାଣ୍ଡୁଙ୍କୁ ଆକ୍ରମଣ କରି ଶୁଣ୍ଢରେ ଟେକି କଚାଡି ଦେବା ସହ ଦଳି ଦେଇଥିଲା। ଅନ୍ୟମାନେ ଏହା ଦେଖି କୌଣସି ପ୍ରକାରେ ସେଠାରୁ ପଳାଇ ଆସିଥିଲେ। ସେମାନେ ଆସି ଜଣାଇବା ପରେ ଗ୍ରାମବାସୀ ଓ ପରିବାର ଲୋକେ ଜଙ୍ଗଲ ମଧ୍ୟରେ ମୃତଦେହ ପାଇ ପୋଲିସ ଓ ବନ ବିଭାଗକୁ ଖବର ଦେଇଥିଲେ। ପାଣ୍ଡୁଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ୫ ଛୋଟ ପିଲା ଅସହାୟ ହୋଇ ପଡିଛନ୍ତି। ଏହି ଅସହାୟ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ସମିତି ସଭ୍ୟ କାଇରା ସିଂ ବାନ୍ଦିଆ, ମାଝି ହାଡାମ ଜୟ ମୁର୍ମୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

# ପାଚେରି ଭୁଶୁଡ଼ି ୨ ଶ୍ରମିକ ମୃତ

## ୭ ଲକ୍ଷ କ୍ଷତିପୂରଣ ଦେଲେ ଘର ମାଲିକ

ବଅଁରପାଳ, ୧୯।୧୦ (ଡି.ଏନ୍.ଏ.)

ଘରୋଇ ପାଇପ୍ କାମ କରୁଥିବା ବେଳେ ଶନିବାର ଏକ ପାଚେରି ଭୁଶୁଡ଼ି ୨ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଘଟଣା ଘଟିଛି ଅନୁଗୋଳ ଜିଲା ବଅଁରପାଳ ଥାନା ଗଣେଶ ବଜାରରେ। ଖବରପାଇ ଦୁଇ ମୃତ ଶ୍ରମିକଙ୍କ ପରିବାର ବର୍ଗ କ୍ଷତିପୂରଣ ଦାବିରେ ଦୀର୍ଘ ସମୟ ଧରି ମୃତଦେହ ଅଟକ ରଖିଥିଲେ। ତେବେ ପୋଲିସର ବୁଝାଶୁଝା ଓ ଘର ମାଲିକ ୭ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା।



ଭୁଶୁଡ଼ି ପଡ଼ିଥିବା ପାଚେରି ।

ପ୍ରକାଶ ଯେ, ଗଣେଶ ବଜାର ଯାତ୍ରା ପଡ଼ିଆ ନିକଟରେ ରହୁଥିବା ଗୋପୀ ସାହୁଙ୍କ ଘରେ ୩ ଜଣ ଶ୍ରମିକ ଓ ଜଣେ ମିସ୍ତ୍ରି ପାଇପ୍ କାମ କରୁଥିଲେ। ଏହି ସମୟରେ ସେଠାରେ ଥିବା ଏକ ୩୦ ମିଟର ଲମ୍ବର ପୁରୁଣା ପାଚେରି ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ଶ୍ରମିକ ସ୍ଥାନୀୟ ବୃନ୍ଦାବନପୁର ଗ୍ରାମର ଦୀପକ ପରିଡ଼ା(୩୪) ଓ ଢେଙ୍କାନାଳ ଜିଲା ଗୋବିନ୍ଦପୁର ଗ୍ରାମର ତପନ ନାୟକ(୩୨)ଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ଓ ଅଗ୍ନିଶମ ସଂସ୍ଥାର କର୍ମଚାରୀମାନେ ପହଞ୍ଚି ପାଚେରି ତଳୁ ଦୁଇ ମୃତଦେହ ଉଦ୍ଧାର କରିଥିଲେ। ତେବେ କ୍ଷତିପୂରଣ ଦାବିରେ ୨ ମୃତକଙ୍କ ପରିବାର ଲୋକେ ଦୀର୍ଘ ସମୟ ଧରି ମୃତଦେହ ଅଟକ ରଖିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ପହଞ୍ଚିଥିବା ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଓ ବଅଁରପାଳ ଥାନା ଅଧିକାରୀ ସୁନୀଲ କୁମାର କର ବୁଝାଶୁଝା କରିବା ସହ ଘର ମାଲିକ ଗୋପୀ ସାହୁ କ୍ଷତିପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରିବା ପରେ ସେମାନେ ଶବ ଛାଡ଼ିଥିଲେ। ଏ ସମ୍ପର୍କରେ ଅନୁଗୋଳ ଏସ୍‌ଡିପିଓ ସାହୁ କହିଛନ୍ତି, କ୍ଷତିପୂରଣ ବାବଦକୁ ଘର ମାଲିକ ୭ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ପୋଲିସ ନଂ. ୨୩୯/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

# ମାଛ ବନିଶୀରେ ଫସିଲା କୁମ୍ଭୀର



ଲୋକମାନଙ୍କ ଦ୍ୱାରା ଉଦ୍ଧାର ହୋଇଥିବା କୁମ୍ଭୀର ।

ଯାଜପୁର ଟାଉନ,୧୯।୧୦(ଡିଏନଏ)

ମାଛ ଧରିବା ସମୟରେ ବନିଶୀରେ ଫସିଗଲା କୁମ୍ଭୀର। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ସଦର ଥାନା ଖରସ୍ରୋତା ନଦୀ ରାଜଘାଟଠାରେ। ଶନିବାର ସକାଳୁ ସ୍ଥାନୀୟ କେତେଜଣ ଲୋକ ରାଜଘାଟ ନିକଟରେ ବନିଶୀରେ ମାଛ ଧରୁଥିଲେ। ଏହି ସମୟରେ ଗଣେଶ ଦାସଙ୍କ ବନିଶୀରେ ଏକ କୁମ୍ଭୀର ଲାଗିଯାଇଥିଲା। ଏହାକୁ ଦେଖି ସମସ୍ତେ ଭୟଭୀତ ହୋଇଯାଇଥିଲେ। ଏହାପରେ ଉକ୍ତ କୁମ୍ଭୀରକୁ ପ୍ରକାଶ ପରିଡ଼ା ନାମକ ବ୍ୟକ୍ତି ପାଣିରୁ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଗାଡ଼ିଆରେ ଛାଡ଼ି ଦେବା ସହ ଯାଜପୁରରୋଡ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ଜାଲ ସାହାଯ୍ୟରେ କୁମ୍ଭୀରକୁ ଗାଡ଼ିଆରୁ ଉଦ୍ଧାର କରି ନେଇଥିଲେ। କୁମ୍ଭୀରଟିକୁ ଭିତରକନିକା ପଠାଯିବା ପାଇଁ ବ୍ୟବସ୍ଥା କରାଯାଉଥିବା ଫରେଷ୍ଟର ଦଉହରି ଦାସ ପ୍ରକାଶ କରିଛନ୍ତି। ଉକ୍ତ କୁମ୍ଭୀରର ଲମ୍ବ ୩ ଫୁଟ ହୋଇଥିବାବେଳେ ତାହ ଏକ ଛୁଆ କୁମ୍ଭୀର ବୋଲି ଜଣାପଡ଼ିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଷଣ୍ଢ ବୋଝେଇ ଟ୍ରକ ଜବତ: ୧୨ ଗିରଫ

## ଶ୍ୱାସରୁଦ୍ଧ ହୋଇ ୪ ମୃତ , ୨୯ ଉଦ୍ଧାର

ରାଜନଗର,୧୯।୧୦(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ରାଜନଗର ଅଞ୍ଚଳରୁ ଅନ୍ୟତ୍ର ଚାଲାଣ ହେଉଥିବା ୩୩ ଷଣ୍ଢ ଓ ବଳଦ ବୋଝେଇ ଟ୍ରକକୁ ପୋଲିସ ଶନିବାର ଭୋର ସମୟରେ ଜବତ କରିଛି। ଟ୍ରକ ଭିତରେ ୪ଟି ଷଣ୍ଢ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା ବେଳେ ୨୯ ଷଣ୍ଢ ଓ ବଳଦକୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ମୁମୂର୍ଷୁ ଅବସ୍ଥାରେ ଥିବା ୪ଟି ଷଣ୍ଢ ଓ ବଳଦଙ୍କୁ ଚିକିତ୍ସା କରାଯାଉଛି। ଏହି ଘଟଣାରେ ସଂପୃକ୍ତ ଥିବା ଭଦ୍ରକ ଓ ଯାଜପୁର ଅଞ୍ଚଳର ୧୨ଜଣ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ରାଜନଗର ଥାନାରେ କେସ ନଂ ୨୦୦/୨୦୧୯ରେ ମାମଲା ରୁଜୁ ହୋଇଛି।

ଶୁକ୍ରବାର ବିଳମ୍ବିତ ରାତିରେ ଭଦ୍ରକ ଓ ଯାଜପୁର ଅଞ୍ଚଳର ୧୨ଜଣ ଯୁବକ ଏକ ଟ୍ରକ ଆଣି ରାଜନଗର ବ୍ଲକର ଘଡିଆମାଳ ଓ ଈଶ୍ୱରପୁର ଅଞ୍ଚଳରୁ ସ୍ଥାନୀୟ ଦଲାଲଙ୍କ ସହାୟତାରେ ଷଣ୍ଢ ଓ ବଳଦ ବୋଝେଇ କରିଥିଲେ। ଏ ସମ୍ପର୍କରେ ବଜରଙ୍ଗ ଦଳର ସଦସ୍ୟମାନେ ଖବର ପାଇବା ପରେ ରାଜନଗର ପୋଲିସର ସହାୟତା ନେଇଥିଲେ। ଟ୍ରକ ନେଇ ଆସିଥିବା ଯୁବକମାନେ ସାଙ୍ଗରେ ବନ୍ଧୁକ ଆଣିଥିବା ପୋଲିସକୁ ଖବର ମିଳିଥିଲା। ପରେ କେନ୍ଦ୍ରାପଡା ଏସପିଙ୍କ ନିର୍ଦ୍ଦେଶକ୍ରମେ ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଓ ରାଜନଗର ଥାନା ଆଇଆଇସି ତପନ କୁମାର ନାୟକଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ରାଜନଗର ହଂସୁଆ ସେତୁ ନିକଟରେ ଜଗି ରହିଥିଲେ। ରାତି ପ୍ରାୟ ୩ଟା ୩୦ରେ ଏକ ବୋଲେରୋ ଗାଡିରେ ଚୋରା ଚାଲାଣରେ ସଂପୃକ୍ତ ଯୁବକମାନେ ଆଗେ ଆଗେ ଯାଉଥିବା ବେଳେ ପଛରେ ଷଣ୍ଢ ବୋଝେଇ ଟ୍ରକ ଆସୁଥିଲା। ତେବେ ପୋଲିସ ପ୍ରଥମେ ବୋଲେରୋ ଚାରିପଟେ ଘେରି ଯାଇ ଯୁବକ ମାନଙ୍କୁ କାବୁ କରିଥିଲା। ଏହି ଗାଡିରୁ ଭଦ୍ରକ ଜିଲାର ଏସ.କେ. ସଲିମ, ମିଲ ମଲିକ, ଏସ.କେ. ଅମିର, ଏସକେ ମୌସିମ, ତାଜ ଉଦ୍ଦିନ ଖାନ, ଏସକେ ନିଜାମୁଦ୍ଦିନ, ଏସକେ ମିନହାଜ କାଦିର, ରାଜ ଉଦ୍ଦିନ ସାହା, ଏସକେ କାସିମ, ଏସକେ ନସିମୁଦ୍ଦିନ, ଏସକେ ଗୁଟି ଓ ଯାଜପୁର ଜିଲାର ଅଫସର ଖାନଙ୍କୁ ପୋଲିସ ଗିରଫ କରିଥିଲା। ଏହା ଜାଣି ପାରି ଷଣ୍ଢ ବୋଝେଇ ଟ୍ରକ ଚାଳକ ଓ ହେଲପର ଗାଡି ବୁଲାଇ କିଛି ବାଟ ପଳାଇ ଯାଇଥିଲେ। ପରେ ହଂସିଣା ସେତୁ ଉପରେ ଟ୍ରକ ଛାଡି ପଳାଇ ଯିବାରୁ ପୋଲିସ ତାହା ଜବତ କରିଥିଲା। ମୃତ ୪ଟି ଷଣ୍ଢର ବ୍ୟବଚ୍ଛେଦ କରାଯିବା ପରେ ପୋତି ଦିଆଯାଇଛି।

# ଅଣ୍ଡା ତରକାରିରେ ଝିଟିପିଟି, ୨୦ ଛାତ୍ରୀଛାତ୍ର ଅସୁସ୍ଥ

ବରୀ/ ରତ୍ନଗିରି, ୧୯।୧୦ (ସ୍ୱ.ପ୍ର/ଡିଏନଏ)– ବରୀ ବ୍ଲକ ଫୁଲପୁର ପ୍ରାଥମିକ ବିଦ୍ୟାଳୟରେ ଶନିବାର ଝିଟିପିଟି ପଡ଼ିଥିବା ମଧ୍ୟାହ୍ନଭୋଜନ ଖାଇ ୨୦ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି। ସେମାନଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏବିଇଓ ବାଙ୍କବିହାରୀ ପଣ୍ଡା, ସିଆରସିସି ଅମିତାଭ ଜେନା ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିଲା। ବିଦ୍ୟାଳୟରେ ଶନିବାର ପିଲାଙ୍କ ପାଇଁ ଅଣ୍ଡା ତରକାରି ରନ୍ଧା ହୋଇଥିଲା। ଉକ୍ତ ତରକାରି ଖାଇବା ପରେ ପ୍ରଥମେ ୫ମ ଶ୍ରେଣୀ ଛାତ୍ର ଜିତେନ୍ଦ୍ର ମଲ୍ଲିକ୍ ବାନ୍ତିକରି ତଳେ ପଡ଼ି ଯାଇଥିଲେ। ପରେ ପୂର୍ଣ୍ଣିମା ମଲ୍ଲିକ, ଜୀବନ ମଲ୍ଲିକ, ପେଚି ମଲ୍ଲିକ, ହାପି ମଲ୍ଲିକ୍, ପ୍ରଜ୍ଞା ପରମିତା, ସଂଗ୍ରାମ ମଲ୍ଲିକ ପ୍ରମୁଖ ଅନ୍ୟ ଛାତ୍ରୀଛାତ୍ର ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ସହ ମଧ୍ୟାହ୍ନଭୋଜନ ପାଇଁ ରନ୍ଧା ହୋଇଥିବା ଖାଦ୍ୟ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଅଣ୍ଡା ତରକାରିରେ ଏକ ଝିଟିପିଟି ପଡ଼ିଥିବା ଦେଖିବାକୁ ମିଳିଥିଲା। ୧ଘଣ୍ଟା ପରେ ଛାତ୍ରୀଛାତ୍ରମାନେ ସୁସ୍ଥ ଅବସ୍ଥାକୁ ଫେରିଥିଲେ। ସୂଚନା ଥାଉକି, ଏହି ସ୍କୁଲର ଗୃହ ଦୀର୍ଘଦିନ ଧରି ଭଗ୍ନ ଅବସ୍ଥାରେ ପଡ଼ିରହିଛି। ନିକଟରେ ଥିବା ଏକ ଅଙ୍ଗନୱାଡି କେନ୍ଦ୍ରରେ ପ୍ରାଥମିକ ବିଦ୍ୟାଳୟ ଚାଲିଛି। ଏଠାରେ ଦୁଇ ଜଣ ପାଚିକା, ସହପାଚିକା ନିଯୁକ୍ତି ପାଇଥିଲେ ହେଁ ରୋଷେଇ କରିବାକୁ ବିଦ୍ୟାଳୟକୁ ଆସି ନ ଥାନ୍ତି। ଏକ ପରିତ୍ୟକ୍ତ ସ୍ଥାନରେ ପାଚିକାଙ୍କ ଝିଅ ରୋଷେଇ କରିଥାନ୍ତି ବୋଲି ଜଣାପଡ଼ିଛି। ପ୍ରଧାନଶିକ୍ଷକଙ୍କ ଖାମଖିଆଲ ମନୋଭାବ ଯୋଗୁ ତରକାରୀରେ ଝିଟିପିଟି ପଡ଼ିଯାଇଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ଅତିରିକ୍ତ ଶିକ୍ଷାମଣ୍ଡଳ ଅଧିକାରୀଙ୍କୁ ପଚାରିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. : AIIMS/BBSR/Engg./ 523 /2019-20 Dated 19th Oct 2019

NOTICE INVITING E-TENDER

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Provision of Modular Nursing Stations at Hospital Complex, AIIMS, Bhubaneswar"** *(NIT No. : AIIMS/BBSR/Engg./ 021 /2019-20)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
Executive Engineer (Civil)
AIIMS, Bhubaneswar



OFFICE OF THE MUNICIPAL COUNCIL, ANANDAPUR

NOTICE INVITING EXPRESSION OF INTEREST

No.: 3037 Dated, the 16th October, 2019

Executive Officer, Anandapur Municipality invites Expression of Interest (EoI) in sealed cover from Firms/Architect registered with Government having 3 Yrs. experience in preparation of Plan, Design, Detailed Estimates, Rate Analysis, DPR (if required) for construction of Smart Park, Model Crematorium and other Project (if necessary), so as to reach the undersigned on or before **Dt.25.10.2019 upto 1.30 P.M.** The Firms/Architects must quote the rate towards consultancy fee as per norm of the Government. The proposals will be opened on **25.10.2019 at 3.00 P.M.** in presence of the applicants or their authorized representatives.

**FEATURES OF SMART PARK:** The smart park shall have gardens and vegetation, air purifying plants, low-pressure rotating water sprinklers, paved walking paths, seating areas, parking facilities, ramps for disabled friendly, open air gyms, yoga and aerobic platform, child friendly equipments, energy efficient LED lights, free wi-fi, drinking water, toilets and first aid centre etc.

**FEATURES OF MODEL CREMATORIUM:** The developed crematoriums will have facilities like office cum care taker room, wood store, locker room, running water supply, vehicle access, bathing, wash & changing rooms, store room for keeping required ritual materials, sitting space with chair, music system with speakers, proper sanitation, waste disposal arrangements, landscaping with greenery, LED lighting of the entire area etc.

**CONDITIONS:**

1. No proposal will be entertained beyond the stipulated period. 2. The Firm/Architect will submit their proposal in the tender box kept in the office chamber of the undersigned. 3. The successful firm/architects can send their proposal by Regd. Post/ Speed Post in time at their own risk. 4. The successful firm/architects will ensure the technical sanction of the plan, design, estimate etc. from the competent authority. 5. Payment of consultancy fee is subject to availablility of funds under the scheme.

**The firm/architects should submit the following documents along with their proposal.**

a. Experience certificate having completed the similar nature of works under any Development Authority or ULBs of the State. b. Valid Registration Certificate and GST Certificate. c. Copy of valid Income Tax return with PAN Card.

**The authority reserves the right to reject any or all proposals without assigning any reason thereof.**

Sd./- Executive Officer, Anandapur Municipality



OFFICE OF THE REVENUE DIVISIONAL COMMISSIONER
Southern Division, Odisha, Berhampur

No.: 358/Niz. Date: 15.10.19
V-5/2018/RTI

QUOTATION / TENDER CALL NOTICE

Sealed tenders / quotations are invited from the Original Equipment Manufacturers (OEM) / GeM Registered Firms/ Authorised Dealers/Suppliers having valid GSTIN/PAN/ Authorisation Certificate for procurement and installation of a **High Definition 1080P60VC System - CISCO SX20.**

The quotation must reach to the undersigned by Speed Post/ Registered Post/Drop Box kept in this office within 15 days of the publication of the notice. The quoted price should include GST, delivery and installation charges.

The date of opening of sealed tenders on 28.10.2019 at 4.00 P.M. in the Office Chamber of the Secretary to RDC, SD, Berhampur in presence of Technical Member and authorised representatives of the tenderers, if any.

The undersigned reserves the right to accept/cancel/reject all or any of the quotation without assigning any reason thereof.

This may be downloaded from the website **www.ganjam.nic.in**.

By order of the RDC, SD
Sd./- Under Secretary



ODISHA POWER TRANSMISSION CORPORATION LIMITED.
(A Government of Odisha Undertaking )
OFFICE OF THE DEPUTY GENERAL MANAGER (ELECT.)
E.H.T.(O&M) DIVISION , JODA, P.O.-Boneikala.
DIST :- Keonjhar PIN:- 758038 (ODISHA ), PHONE :- 7328829375
E-mail :- ehtm.div.jod @optcl.co.in, CIN :- U40102OR2004SGC007553

No.497 TENDER CALL NOTICE NO.- 7/19-20 Date:18.10.2019

Sealed tenders are invited by the undersigned from the eligible reputed travel agencies/ vehicle owners for supply of Diesel run Hired vehicle NON AC Bolero 09 SEATED on pool basis & for AGM GRID SS Joda & Grid s/s Barbil & Bolani on pool basis under EHT(O&M) Division JODA. Cost of tender paper is Rs. 2240/, EMD is Rs 3200/-. Sale of tender documents is from Dt:-23.10.2019 to Dt:-5.11.2019(during office hours). Last date of submission of tender is Dt: 6.11.2019 upto 01:00PM. Date of opening of tender is Dt:- 6.11.2019 at 3:00PM. For details visit our website www.optcl.co.in. Corrigendum if any will be published in the website only.

Sd./-Dy. General Manager (Elect)
EHT(O&M) Division, Joda



OFFICE OF THE COLLECTOR AND DISTRICTMAGISTRATE, BOLANGIR
(ST & SC Development Section)

CORRIGENDUM

No.: 2242/X-DEV-01/2019/SSD Date: 19.10.2019

Refer this office Tender Notice No. 2173/SSd Dt. 03.10.2019 published on 05.10.2019 in daily Newspaper Odisha Bhaskara (Bhubaneswar edition), Dharitri (Sambalpur edition) & Samaj (Sambalpur edition) inviting interest of intending bidders for supply of amenities like Mattress, Woollen Blanket, Single Cotton Bedsheet, LLI Mosquito Net, Ceiling Fan, Wall Mounting Fan, Inverter and Generator; following changes/addition/alternation are effected on date of filing, opening of tender papers and tender documents.

1. Last date for filling of tender papers : 8th November, 2019.
2. The terms & conditions of the tender, specification of items, procedure of filing of tender papers are revised and hoisted in our district website along with this corrigendum notice supersedes the tender paper earlier hoisted in the website vide Notice No. 2173/SSD Dt.03.10.2019.

**N.B.:** Intending bidders should download the revised tender papers from our district website **www.balangir.nic.in**.

Sd./- District Welfare Officer, Balangir



DISTRICT PROJECT OFFICE
SAMAGRA SHIKSHA, ANGUL
E-mail : dpcangulssa.opepa@nic.in
ssaangul@rediffmail.com, Phone : 06764-232412
Fax : 06764-233808

Letter No.3165/MED Date:18.10.19
File No.XIV/04/2019-20
ଶିକ୍ଷା ଅଧିକାର
ସମଗ୍ର ଶିକ୍ଷା, ଅନୁଗୋଳ

TENDER CALL NOTICE

Sealed tender / quotations in plain paper are invited from the authorized registered firms/ suppliers having PAN Card, GST Registration Number for Printing 2000 copies of Phone Directory for all schools and field functionaries of the district. The Tender details like tender paper cost, procedure and detail terms and conditions for the purpose is available in websites i.e. www.angul.nic.in and www.opepa.in. The last date of submission of tender documents is 26.10.2019 at by 1.30 PM and submitted tender documents will be opened on the same day at 3.00 PM.

The authority reserves the right to accept or reject any or all application / whole process without assigning any reason thereof.

Sd./- District Project Coordinator
Samagra Shiksha, Angul



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
OFFICE OF THE GENERAL MANAGER (ELECT.) E.H.T. (O&M) CIRCLE, JAJPUR ROAD
PHONE/FAX - (06726) 220965 (OFF), E-mail: ehtm.cle.jjp@optcl.co.in
CIN: U40104OR2004SGC007553

No.: Tech/ET-01(19-20)/1193 Dated: 17.10.2019

e-TENDER CALL NOTICE NO.- 01/2019-20

Sealed tenders are invited from registered manufactuter/authorized dealer having valid GST registration certificate, PAN Card and Authorized Dealership Certificates (if applicable) for supply of different type of fire extinguisher for Grid Sub-Station, Bhadrak under EHT (O&M) Division, Bhadrak & different Grid Substation under EHT (O&M) Division, Baripada. Cost of tender paper Rs.6,720/- (including GST @ 12%), EMD = 1% of quoted price. Sale of tender documents from dated 22.10.2019 to dated 11.11.2019 (upto 12.30 hrs.). Last date of submission of tender dated 11.11.2019 upto 15.00 hrs. Due date of opening of tender dated 13.11.2019 at 11.30 hrs., for details visit our website **www.optcl.co.in** and **www.tenderwizard.com/OPTCL**.

Corrigendum if any will be published in the OPTCL website only.

Sd./- General Manager (Elect.), EHT (O&M) Circle, Jajpur Road



See Career Appointment on every Wednesday & Saturday



ODISHA LIFT IRRIGATION CORPORATION LIMITED
(A Government of Odisha Undertaking)
OFFICE OF THE EXECUTIVE ENGINEER, L. I. DIVISION, SUNDARGARH
e-mail I.D - eeolicsngh@gmail.com.
ଜାତୀୟ ଇଲେକ୍ଟ୍ରୋନିକ ମାଧ୍ୟମ ଦ୍ୱାରା ସଂଗ୍ରହ ପ୍ରତିଯୋଗିତା ମୂଳକ ନିଲାମ No. CAD-487
NATIONAL COMPETITIVE BIDDING THROUGH e-Procurement
Identification No. EEOLICSNGH-04/2019-20 Dt. 19/10/2019

| | | | |
|---|---|---|---|
| 01 | Name of work | : | i) Revival of 4 nos. of defunct projects in different block of Sundargarh Dist. |
| 02 | Estimated cost | : | Rs.10.55 lakhs to Rs.11.34 lakhs |
| 03 | Period of completion | : | 90 days |
| 04 | Date & Time of availability of bid document in the portal | : | From 10.30 Hrs. of 04.11.2019 to 17.00 Hrs. of 11.11.2019 |
| 05 | Last date/time of submission of bids in office | : | 17.00 Hrs. of 13.11.2019 |
| 06 | Date & Time of opening of bids | : | 11.00 Hrs. of 14.11.2019 |
| 07 | Name and Address of the officer inviting bid | : | Executive Engineer, L.I. Division, Sundargarh |

Further details can be seen from the web site www.tendersorissa.gov.in

32138/11/0002/1920
Sd/- Executive Engineer,
L.I.Division, Sundargarh



OFFICE OF THE PANCHAYAT SAMITI JAIPATNA, KALAHANDI

BID IDENTIFICATION NO: JAIPATNA BLOCK, KLD/ 01 / 2019-20

NO. 1822 Dt. 19.10.2019

The BDO JAIPATNA on behalf of Governor of Odisha invites Percentage Rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the State Governments and Contractors of equivalent Grades/ Class Registered with Central Government/ MES/ Railways, to be eventually drawn up in PWD P-1 Agreement form, for execution of Buildings i.e. civil works. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement. The bidders may submit bids for the following work.

TABLE-1

| Sl. No. | Name of the Work | Approximate Value of work (In Rs.) | Period of comple-tion | Class of contractor | EMD Bid security @ 1% | Cost of Bid docu-ment |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of New Block Office Building at JAIPATNA BLOCK GP- JAIPATNA, Jaipatna Block | 33,69,616.00 | Four Calendar Months | C & B | 34,000.00 | 6000.00 |

1. Bid documents consisting of plans, specification, the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours every day except on Sunday & Public holidays till last date of sale and receipt of tender paper. The Bid documents will also be available in the district website http://kalahandi.nic.in from 21.10.2019, 11 AM to 31.10.2019 5 PM.

Sd./- Block Development Officer, Jaipatna



THE ODISHA STATE POLICE HOUSING & WELFARE CORPORATION LTD.
(A Government of Odisha Undertaking)
JANAPATH, BHOINAGAR, BHUBANESWAR – 22. No. CAD-485
Ph: 0674-2541545, 2542921, Fax: 0674-2541543, Email: ophwc.od@nic.in, Website: www.ophwc.nic.in
e-procurement notice No.-22/SE/12/OPHWC/2019-20.

INVITATION FOR BIDS (IFB)

| | | | |
|---|---|---|---|
| 1. | The **Superintending Engineer** (OSPH&WC), Odisha, Bhubaneswar invites **Percentage** rate bids in **single cover** system in **ONLINE MODE** only, for works as detailed below:- | | |
| 2. | Nature of work | : | Building Works |
| 3. | No. of Works | : | 03 Nos. |
| 4. | Value of Tender | : | Rs.40,00,000.00 to Rs.49,00,000.00 |
| 5. | Bid Cost | : | Rs. 7,080.00 (To be paid online) |
| 6. | Class of Contractor | : | 'B' class to 'A' class |
| 7. | Availability of Bid Documents in the website | : | Dt.23.10.2019 to Dt.02.11.2019 up to 5:00 P.M. |
| 8. | Last date /time of Receipt of Bids in the Portal | : | Dt.02.11.2019 up to 5:00P.M |
| 9. | Date of Opening Bid | : | Dt.04.11.2019 at 11:30 A.M. |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

Sd/-Superintending Engineer (OSPH&WC), Odisha

12025/11/0032/1920 N.B. - The quoted rate should be all inclusive but excluding G.S.T.as applicable Under works contract.



Government of Odisha
PANCHAYATI RAJ & DRINKING WATER DEPARTMENT

SHORT TENDER CALL NOTICE

No.: 17-OM-02-2515/19/18384/PR&DW Date: 17.10.19

No.: i-38: Sealed Tender Call Notice in plain paper, accompanied with EMD of Rs. 2000/- (Rupees two thousand) only in shape of Bank Draft in favour of the Deputy Secretary to Government, Panchayati Raj & Drinking Water Department, Government of Odisha, Bhubaneswar at any Nationalised Bank are invited by the undersigned from the intending Manufacturers/Dealers/Firms/Suppliers/for supply of Miscellaneous Office Stationery, Furniture's, Computer Consumables, furniture's, Electical goods and paper items and other Miscellaneous office stationeries for official use in Panchaayati Raj Department from time to time for the year 2019.20.

2. The intending firms/suppliers may collect the list of articles along with the terms and conditions for supply of the same, from Panchayati Raj Department on any working day, during office hour from 10.00 A.M. to 05.30 P.M. before submitting their tender papers. The firms should be located at Bhubaneswar having valid TIN/SRIN/GST number and IT Clearance Certificate, which may also be frunished laong with the tender.
3. The firms applying for the same should preferably have experience of supplying of the above articles to any Department of Government of Odisha/Government of India/Public Sector undertaking under the State Govt. or Govt. of India and should not have been debarred by them (In support of this necessary orders/certificates shall be enclosed).
4. The price quoted by the firm and period of supply shall remain valid for a period of one year as need base order from time to time.
5. The tender should reach the undersigned by 30.10.2019 on or before 01.00 P.M. which will be opened on the same day at 03.30 P.M. in the Conference Hall of PR&DW Department chaired by Addl. Secretary to Govt. in presence of the tenderers or their authorised agents. If this day is declared later as holiday, the tenders will be received and opened on the next working day as per the scheduled time.
6. The sealed tender must be super scribed on the top of cover as "Tender for supply of Computer Consumables and Miscellaneous Office Stationeries.
7. The EMD of successful tenderers will be converted as security deposit to be reserved with this Department for a period of one year from the date of finalisation of vendors/suppliers i.e. the date of purchase committee meeting. In case of failure to supply the required articles in time or to maintain quality of the items, the EMD will be forfeited.
8. The undersigned reserves the rights to accept or reject any or all tenders at any stage without assinging any reason thereof.

19001/11/0007/1920 Sd./- Under Secretary to Government



## ଗାଡି ଧକ୍କାରେ ଫିସିଂ କ୍ୟାଟ୍ ମୃତ

କୋଣାର୍କ, ୧୯।୧୦(ଡି.ଏନ୍.ଏ.)-ପିପିଲି-କୋଣାର୍କ ରାଜ୍ୟ ରାଜପଥର ଦଶବାଟିଆ ଛକ ନିକଟରେ ଶନିବାର ସକାଳେ ଗାଡି ଧକ୍କାରେ ଏକ ଫିସିଂ କ୍ୟାଟ୍‌ର ମୃତ୍ୟୁ ଘଟିଛି। ଚେହେରାରୁ ଏହା ଏକ ବାଘଛୁଆ ବୋଲି ସ୍ଥାନୀୟ ଲୋକେ କହୁଥିବାବେଳେ କୋଣାର୍କ ରେଞ୍ଜ ଅଫିସର ଆଦିତ୍ୟ ନାରାୟଣ ମିଶ୍ର ଫଟୋ ଦେଖି ଏହା ଏକ ଫିସିଂ କ୍ୟାଟ୍ ବୋଲି କହିଥିଲେ। ତେବେ ସ୍ଥାନୀୟ ଲୋକେ ତାଙ୍କୁ ଏସମ୍ପର୍କରେ ଖବର ଦେଇଥିଲେ ବି ସେ ଘଟଣାସ୍ଥଳକୁ ନ ଯାଇ ଏହା ଏକ ଗୁଜବ ବୋଲି କହି ଏଡାଇ ଯାଇଥିଲେ। ରେଞ୍ଜ ଅଫିସରଙ୍କର ଏପରି କାର୍ଯ୍ୟଧାରାକୁ ସ୍ଥାନୀୟ ଲୋକେ ନାପସନ୍ଦ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି।

# SUNDAY classifieds




## BRIDE WANTED

ଆଇସିଆଇସିଆଇ ବ୍ୟାଙ୍କ ମ୍ୟାନେଜର ବି.ଟେକ୍, ବୟସ ୨୮, ୫ଫୁଟ ୮ଇଞ୍ଚ, କରଣ, ଘର-ପାରଳାଖେମୁଣ୍ଡି, ଶିକ୍ଷିତ ଘରୋଇ, ଚାକିରିଆ କିମ୍ବା ବିନା ଚାକିରିଆ କନ୍ୟାପାତ୍ରୀ ଦରକାର। ଉପଯୁକ୍ତଙ୍କ ପାଇଁ ପ୍ରତିବନ୍ଧକ ନାହିଁ। ମୋ: ୮୭୬୩୫୭୬୫୭୦ ଓ ୭୮୯୪୨୩୫୨୪୧ । Bharat Matrimony ID: Y978508. D-14845

ପୁଅର ବାହାଘର ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁ ଜାତିର କନ୍ୟାପାତ୍ରୀ ପାଇଁ 7978736177. D-68206

Son age 29 B.Tech NIT, MBA IIM Lucknow working in MNC Company, Pune. Caste Brahmin 7008986003. D-14791

Son age 30 B.Tech, M.Tech, IIT Kharagpur. Company at Bangalore 55 package (Caste-no-bar) 8144589551. D-14792

**Now Matrimonial ads. only on Wednesday & Sunday Book 1 Get 1 FREE**

ବୟସ ୪୭ବର୍ଷ 5'3"/M.Sc., Railwayରେ clerk ମାସିକ ଆୟ-42,000/-, ଛାଡ଼ପତ୍ର ହୋଇଥିବା ବିଧୁର, ଅବିବାହିତ ବ୍ୟକ୍ତି ସଂପର୍କ କରନ୍ତୁ। 6261597187. D-68132

Bhubaneswar based Brahmin divorcee Groom 33,B.tech 5'9" working German solicit Brahmin suitable fresh/ divorcee bride. 9348455079. D-14775

ଦିଲ୍ଲୀରେ ଭାରତ ସଞ୍ଚାର ନିଗମ ଲିମିଟେଡ୍‌ରେ କାର୍ଯ୍ୟରତ ୫୦ ବର୍ଷୀୟ ଅବିବାହିତ ଇଞ୍ଜିନିୟରଙ୍କ ପାଇଁ ପାତ୍ରୀ ଆବଶ୍ୟକ। ଉକ୍ତ ଇଞ୍ଜିନିୟରଙ୍କ ସହିତ ତାଙ୍କର ବୟସାଧିକ ମା' ରହୁଛନ୍ତି। ପ୍ରକାଶ ଥାଉକି ନିକଟ ଭବିଷ୍ୟତରେ ଇଞ୍ଜିନିୟର ସ୍ୱେଚ୍ଛାକୃତ ଅବସର ନେବାର ଯୋଜନା ଅଛି। ଯୋଗାଯୋଗ: ୯୪୩୭୩୦୨୮୩୫, ୯୪୩୯୦୫୦୬୮୯ ଧ-୧୪୮୫୭

Urgent bride requirement for Gudia groom. Occupation: Entrepreneur, DOB: 1984, Height: 5'7". Contact: 8338897404. D-14784

## GROOM WANTED

Divorcee bride lecturer 30, JE 36 (caste-no-bar). Contact: 7873374269. D-67089

ବୟସ34 Government JEE divorcee ନିଃସନ୍ତାନ Karana ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର 9658674636. D-67912

Teli girl BE required Engineer/ PO/ Doctor/ Class 1. 9861950024. D-14786

ସୁନ୍ଦର ଗୋପାଳଝିଅ 1994, 5'2" BA ପାଇଁ ଚାକିରିଆ/ ବ୍ୟବସାୟୀ ପାତ୍ର ଆବଶ୍ୟକ। "ସୁନାସଂସାର" 9937512659. D-14849

Brahmin girl M.Sc required BE/ PO/ Doctor/ Class 1. 8280969714. D-14787

Girl age 27 MBBS PG in Surgery MKCG Medical College (Caste-no-bar). 6372748613. D-14793

## automobile

### SALE

Commando bike 2years 3000km good conditions. 9090090045, 7077034138. D-14824

### HIRE

Required 10/12 wheelers Hyva on trip basis. 9861657726. D-66981

## real estate

### SALE

**Gharabari boundary plot Infocity-2 near 200ft. road side. Direct owner-8144391451.** D-68403

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-14319

4000sqft. Sahidnagar, 8500 sqft. near AMRI Hospital for sale. 7978388025, 9439177563. D-14850

**Gated plotting project near Sum Hospital and Janla Infovally square. 7008818121.** D-66796

2BHK simplex 26,00,000/- finishing Hanspal, Gharabari plot Atala, Bhingarpur-8249125856. D-67088

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14726

New two bedroom flat with parking space at Sundarapada for sale. Price Rs. 29Lakhs. Contact-9938810414. D-68018

Plot for sale at Sailashree Vihar per sqft. 4000/-. Contact: 7008492713. D-67090

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14725

**ପାତ୍ରପଡ଼ା NH ନିକଟରେ Yellowzone ଘରବାରି plot 1600sqft 44,00,000/ ତୁରନ୍ତ ଘର କରନ୍ତୁ। 9861709689.** D-66797

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

**Mouza Krushnasaranpur-Ph(IV) Sqft. 450/, 1200 ବର୍ଗଫୁଟକୁ 5,40,000/-ରେ କିଣନ୍ତୁ। A.K. Swain-9337028135.** D-68402

Simplex @ 30Lakhs available at Anantpur, Nakhara (Back side of East College) Contact: 9937858998. D-14822

**2400Sqft. GA plot sale at Bharatpur (Sum Hospital) Bhubaneswar, Contact- Deepak-9937329999 (Broker Excuse).** D-68017

4BHK duplex with Gated Community at Balianta (land1400 & construction- 2200@ 55,00,000/- 2600@ 65,00,000/-) Mplanets: 9938219397, 9861022055. D-14782

**ଭୁବନେଶ୍ୱର ପଟିଆ ବିଗ୍‌ବଜାର, ରଘୁନାଥପୁର Royal Lagoon, Patia station, ଫୁଲନଖରା ନିକଟରେ Simplex, Duplex, 1, 2, 3BHK flat ମିଳୁଛି। 9658122456, 8327785834.** D-68406

1BHK flat at Nirupama Apartment, Nayapalli, Bhubaneswar, Rs.27Lac, Contact: 9628433336. D-14846

3BHK bunglow for sale at Bhubaneswar, Keshura Chhaka, Puri bypass, amount 2.8crore. Ph: 9938805705, 8249652436. D-14797

ନିଜସ୍ୱ ସ୍ଥିତିବାନ ବାସୋପଯୋଗୀ 60' ପିଚୁରାସ୍ତାକୁ ଲାଗି ହଂସପାଳ 9937816565, 9937568585. D-68133

30'road BDA Yellowzone 2nos. gharabari boundary plot near SUM Hospital, Kalinga Nagar DAV School (size-2024) sqft.1950/- 9437240766, 9937044887. D-68405

**3800 Sqft. GA plot immediately sale at Surya Nagar, Bhubaneswar, Contact Deepak: 9937329999 (Broker excuse).** D-68019

Core completed 2BHK flat for sale at Jagannath Nagar, Jharapada, Bhubaneswar. Contact: 9124721060. D-67504

1500sqft. gharabari plots with 30ft. road 8k.m from airport 2 k.m before OEC/ Xavier University, Bhubaneswar for sale. 9937162220. D-66197

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68142

Residential and commercial plot in front of Krupajal Engineering College close to BBSR-Puri NH for sale. Gharabari converted. For details contact: 7381452871. D-68143

Independent duplex house for sale at Gadakana, corner plot, 2200sqft. plinth over 2400sqft. plot. Contact: 7326049403. D-14851

ଭୁବନେଶ୍ୱର ଗ୍ୟାରେଜ ଛକ ନିକଟରେ ଫ୍ଲାଟ୍ ବିକ୍ରିହେବ। Possession, Registration immediate 9178660666. D-14854

## PURCHASE

Required urgently duplexes simplexes flats from direct owners Bhubaneswar, 7978736177. D-68205

## construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14823

## to-let

3800 sqft double storeyed independent building 6rooms with attached washrooms in Gajapati Nagar Govt./ Corporate offices preferred. Contact: 8658644420. D-14853

Ground floor 3BHK for rent at Adimata Colony adjacent to Sainik School/ East Coast Railway. M: 9438664151, 7008985016. D-14855

For rent Office, Coaching, Hostel, Clinic, Storage 1000-11000sqft Rs.35/ sqft at Satyanagar. 9439100485, 7327886058. D-14848

For office IRC Village close to Indradhanu Market, 1850sqft., ground floor. Contact: 9437015201, BBSR. D-67241

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Approximately 1500sqft commercial space available at Ashoknagar Bhubaneswar near Rajmahal square suitable for Office/ Bank/ Restaurant/ Guest house. Contact-9437557600/ 9437411582. D-67503

1,60,000sqft vacant land with compound wall to-let for godown stock yard and ware housing purpose at Totapada, Adjacent to NH-16 near Khurdha Contact: 9937033933, 8328835823. D-60953

## packers & movers

India's No.1 Packers-Leo Packers & Movers since 1975, Nationwide Network-9438133699. D-14664

## healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Full body herbal massage with refreshment expert therapist. 7381239385, 06742540855. D-68138

Experience full body massage with us (expert). Call: 7377048581, 06742597822. D-68139

Herbal full body massage by smart / expert therapist. Contact: 8338067247. D-68140

Summer special mesmerizing offer expert therapeutic refreshing massage appointment. 9668374480. D-68141

## business

SCARYHOUSE (The original copywrite holders-Hyderabad)- opportunity to be local partner to manage on sharing with an investment of approximately Rs.20laks. Contact- Srinivas: 09949999433/ darkridesindia@gmail.com D-14856

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## astrology

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14633

### ଜନ୍ମଦିନ ଶୁଭେଚ୍ଛା



**ଦିକ୍ଷିତା କାନୁନ୍‌ଗୋ (ରିଧି)**

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ତାରିଣୀଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।

**ଶୁଭେଚ୍ଛାସହ:**

କେଜେ, ମା', ଅଜା, ଆଈ, ବାପା, ମାମା, ମାଉସୀ, ମଉସା, ମାମୁ, ଅପା ପିଇସା, ଦାଦା, ବନ୍ଧୁ ଓ ପରିବାରବର୍ଗ।

ଧ-୬୫୯୦୯

### ୬ଷ୍ଠ ଜନ୍ମବାର୍ଷିକୀ



**ଆଦ୍ୟାଶା ପାତ୍ର (ପୁଚୁ)**

ସତ୍ୟନଗର ହାଉସିଂବୋର୍ଡ କଲୋନି, ଭୁବନେଶ୍ୱର

ଆଜି ତୋର ୬ଷ୍ଠ ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଙ୍କଜରେ କୋଟି କୋଟି ପ୍ରଣାମ। ତୋର ସଫଳ ଜୀବନ ପାଇଁ ଶୁଭକାମନା କରିବା ସହ ତୋ' ଚଲାପଥକୁ କୁସୁମିତ କରନ୍ତୁ। ତୋର ସୁଖ ସମୃଦ୍ଧି ସହ ଦୀର୍ଘାୟୁ କାମନା କରୁଛୁ।

**ଶୁଭେଚ୍ଛା ସହ**

ବାପା, ମା', ଜେଜେବାପା, ଜେଜେମା', ଦାଦା, ଖୁଡ଼ୀ, ପିଉସା, ପିଉସୀ, ସାଇ, ଆୟାନ, ପ୍ରେମ୍, ବନ୍ଧୁ ଓ ପରିବାରବର୍ଗ।

ଧ-୧୪୮୪୩

### ଅଧ୍ୟକ୍ଷାଙ୍କ ଡକ୍ଟରେଟ୍ ଲାଭ



ସୋନପୁର-ସୁବର୍ଣ୍ଣପୁରସ୍ଥିତ ବିଜୁ ପଟ୍ଟନାୟକ କନିଷ୍ଠ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ କିରଣବାଳା ଦାସ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଶିକ୍ଷାରେ ଡକ୍ଟରେଟ୍ (ପିଏଚ୍.ଡି.) ପାଇଛନ୍ତି। ଡକ୍ଟର (ଶ୍ରୀମତୀ) ଦାସ ବହୁଦିନ ଧରି ଅବସରପ୍ରାପ୍ତ ବରିଷ୍ଠ ପ୍ରାଧାପକ ଡଃ ଦୁର୍ଗାଚରଣ ରଣା ଏବଂ ଅବସରପ୍ରାପ୍ତ ପ୍ରଫେସର (ଡଃ) ସୁବାସଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "PSYCHO-SOCIAL VARIABLE OF LEARNER ACHIEVEMENT" ଶୀର୍ଷକରେ ସୁବର୍ଣ୍ଣପୁର ଜିଲ୍ଲାର ମାଧ୍ୟମିକ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଉପରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭ ଏନ୍.ସି.ଇ.ଆର୍.ଟି. ନୂଆଦିଲ୍ଲୀର ପ୍ରଫେସର (ଡଃ) ଆମ୍ବାଦତ୍ତ ତିୱାରୀ ଏବଂ ପଶ୍ଚିମବଙ୍ଗର ପ୍ରଫେସର (ଡଃ) ମୀତା ବାନାର୍ଜୀଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଡଃ(ଶ୍ରୀମତୀ) କିରଣବାଳା ଦାସ ସଂପ୍ରତି ବିଜୁ ପଟ୍ଟନାୟକ କନିଷ୍ଠ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଭାବରେ କାର୍ଯ୍ୟରତା। ଡଃ ଦାସ ଶିକ୍ଷା ବିଭାଗର ଜଣେ ସଫଳ ଅଧ୍ୟାପିକା ତଥା ଶିକ୍ଷା ବିଭାଗର ଅବସରପ୍ରାପ୍ତ ବରିଷ୍ଠ ପ୍ରାଧାପକ ଡଃ ଜ୍ୟୋତିରଞ୍ଜନ ବହିଦାରଙ୍କ ଧର୍ମପତ୍ନୀ।

ଧ-୧୪୮୪୭

### ମନେ ପଡ଼ନ୍ତି

**୭ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରତ୍ନମଞ୍ଜରୀ ଦାସ**

**ଲବଣିଖିଆ ଛକ, ପୁରୀ**

ସପ୍ତମ ଶ୍ରାଦ୍ଧ ଦିବସ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଶୁଭେଚ୍ଛା ସହ:**

ବନ୍ଧୁ ଓ ପରିବାରବର୍ଗ।

ଧ-୧୪୮୪୪

# ୪ ବର୍ଷ ଶିଶୁକନ୍ୟାଙ୍କୁ ହତ୍ୟା

**ବାମରା, ୧୯।୧୦ (ଡି.ଏନ.ଏ.):** ସମ୍ବଲପୁର ଜିଲା ବାମରା ବ୍ଲକରୁ ୫ କି.ମି. ଦୂର ପଡୋଶୀ ସୁନ୍ଦରଗଡ଼ ଜିଲା କୁଲଟା ପଞ୍ଚାୟତ ଘୁମଡା ଗାଁରେ ଜଣେ ୪ ବର୍ଷର ଶିଶୁ କନ୍ୟାଙ୍କୁ ଶନିବାର ତଣ୍ଟିଚିପି ହତ୍ୟା କରାଯାଇଥିବା ତାଙ୍କ ଘର ଲୋକେ ଅଭିଯୋଗ କରିଛନ୍ତି। ମୃତ ଶିଶୁକନ୍ୟା ଜଣକ ହେଲେ ଗ୍ରାମର ଇନ୍ଦ୍ରମଣି ସାଙ୍କ ଝିଅ। ଶିଶୁଟିର ଦେହରେ ସିନ୍ଦୂର ଓ ରକ୍ତ ଶୋଷିବା ଚିହ୍ନ ଥିବା କାରଣରୁ ଏହା ଗୁଣିଗାରେଡି ଜନିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଧରୁଆଡିହି ପୋଲିସକୁ ଏ ନେଇ ତୁରନ୍ତ ଅବଗତ କରାଯାଇଥିଲା । ହେଲେ ପୋଲିସ ୪ଘଣ୍ଟା ବିଳମ୍ବରେ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଶିଶୁକନ୍ୟାଟି ସକାଳେ ଅଙ୍ଗନୱାଡି ଯାଇ ଦିନ ୧୨ଟାରେ ଘରକୁ ଫେରିଥିଲେ। ଏହାପରେ ପଡୋଶୀ ସନ୍ଧ୍ୟା ନାଗଙ୍କ ଘର ବାହାରେ ଅନ୍ୟ ପିଲାମାନଙ୍କ ସହ ସେ ଖେଳୁଥିଲେ । ଦିନ ୨ଟା ପର୍ଯ୍ୟନ୍ତ ଝିଅ ଘରକୁ ନ ଫେରିବାରୁ ମାଆ ହୀରାବତୀ ତାଙ୍କୁ ଖୋଜା ଖୋଜି କରିଥିଲେ। ହେଲେ ବହୁ ସମୟ ଧରି ଝିଅ ନ ମିଳିବା ଯୋଗୁ ବିଚଳିତ ହୋଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ସନ୍ଧ୍ୟାଙ୍କ ଉପରେ ସନ୍ଦେହ କରି ଗ୍ରାମବାସୀ ତାଙ୍କ ଘରେ ପଶି ଖୋଜାଖୋଜି କରିବାରୁ ଶିଶୁକନ୍ୟାଟି ଏକ ବାକ୍ସ ଭିତରେ ଅଚେତ ଅବସ୍ଥାରେ ପଡିଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ଗୋବିନ୍ଦପୁର ଡାକ୍ତରଖାନାକୁ ନିଆଯାଇଥିଲା । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋବିନ୍ଦପୁର ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ କରିଥିଲା। ଅନ୍ୟପକ୍ଷରେ ଘୁମୁଡା ଗ୍ରାମରେ ସାନ୍ଧ୍ୟା ଓ ନବୀନା ସା ନାମ୍ନୀ ମହିଳା ମିଶି ଶିଶୁକନ୍ୟାଟିକୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ସେମାନେ ଉଭୟ ମହିଳାଙ୍କୁ ଗାଁ ମଝିରେ ନିହୁକ ପିଟିଥିଲେ। ଉଭୟ ମହିଳା ଗତ କିଛି ଦିନ ହେବ ଗାଁରେ ଛୁଆ ଚୋର ଗୁଜବ ପ୍ରଚାର କରିଥିଲେ।

## ଶ୍ରୀମନ୍ଦିରରେ ହେଲା ଦିବା ପହୁଡ଼

# ଦିନରେ ୨ ଘଣ୍ଟା ୧୦ ମିନିଟ୍ ଶୋଇଲେ ଠାକୁର

ପୁରୀ ଅଫିସ, ୧୯।୧୦

ଶ୍ରୀମନ୍ଦିରରେ ଶନିବାର ନିର୍ଘଣ୍ଟ ସମୟରେ ନୀତି ଅନୁଷ୍ଠିତ ହୋଇ ଠାକୁରଙ୍କ ଦିବା ପହୁଡ଼ ସମ୍ପନ୍ନ ହୋଇଛି। ଅପରାହ୍ନ ୩ଟା ୩୫ରେ ପହୁଡ଼ ହୋଇ ୫ଟା ୪୫ରେ ଦ୍ୱାର ଫିଟା ଯାଇଥିଲା। ଫଳରେ ମହାପ୍ରଭୁ ଦିନରେ ୨ ଘଣ୍ଟା ୧୦ ମିନିଟ୍ ଶୋଇଥିଲେ। ଏହି ସମୟରେ ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିରରେ ଠାକୁରଙ୍କ ଦିବା ପହୁଡ଼ ନୀତି ରହିଛି। କିନ୍ତୁ କୌଣସି କାରଣକୁ ନେଇ ଯଦି ନୀତି କାନ୍ତି ବିଳମ୍ବ ହୁଏ କିମ୍ବା ଭକ୍ତଙ୍କ ଅଧିକ ଗହଳି ଥାଏ ତେବେ ଦିବା ପହୁଡ଼ ହୋଇ ନ ଥାଏ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କାର୍ତ୍ତିକ ମାସ ବାଳ ଧୂପ ନୀତି ଲାଗି ହୋଇଥିବା ସ୍ୱତନ୍ତ୍ର ନୀତି ନିର୍ଘଣ୍ଟରେ ଦିବା ପହୁଡ଼ କରାଯିବା ଲାଗି ଧାର୍ଯ୍ୟ କରାଯାଇଛି। ଅପରାହ୍ନ ୩ଟାରୁ ୫ଟା ଦିବା ପହୁଡ଼ ଲାଗି ସ୍ଥିର ହୋଇଥିଲେ ମଧ୍ୟ ଭକ୍ତଙ୍କ ଗହଳି ଯୋଗୁ ଏହା ସମ୍ଭବ ହେଉ ନ ଥିଲା। କିନ୍ତୁ ଶନିବାର ନୀତିକାନ୍ତି ନିର୍ଘଣ୍ଟ ଅନୁସାରେ ଚାଲିଥିବାରୁ ଭକ୍ତମାନେ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ। ଫଳରେ ଗହଳି ଜଣାପଡି ନ ଥିଲା। ତେଣୁ ଦିବା ପହୁଡ଼ କରାଯାଇଥିବା ଶ୍ରୀମନ୍ଦିରର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ସୂଚନାଥାଉ କି, ଶନିବାର ଭୋର ୪ଟା ୧୦ରେ ଦ୍ୱାର ଫିଟା ଯାଇଥିବାବେଳେ ମଧ୍ୟାହ୍ନ ୧୨ଟା ୨୫ରେ ଭୋଗମଣ୍ଡପ ବଢ଼ିଥିଲା। ସାଢେ ଗୋଟାଏରେ ମଧ୍ୟାହ୍ନ ଧୂପ ସରିଥିବା ବେଳେ ଅପରାହ୍ନ ୩ଟାରେ ଦ୍ୱିତୀୟ ଭୋଗ ମଣ୍ଡପ ବଢ଼ିଥିଲା। ଏହାପରେ ୩ଟା ୩୫ରେ ଦିବା ପହୁଡ଼ ହୋଇଥିଲା।

# ସୁପ୍ରିମକୋର୍ଟ ବିଚାରପତିଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



କୋଣାର୍କରେ ଜଷ୍ଟିସ୍ ନୁଥଲାପତି ଭେଙ୍କଟ ରମନ୍ନାଙ୍କ ସହ ଅନ୍ୟମାନେ।

କୋଣାର୍କ, ୧୯।୧୦(ଡି.ଏନ୍.ଏ.)

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ନୁଥଲାପତି ଭେଙ୍କଟ ରମନ୍ନା ଶନିବାର ସପରିବାର କୋଣାର୍କ ଗସ୍ତରେ ଆସି ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପୁରୀ ଜିଲା ଜଜ୍ ବିଦ୍ୟୁତ୍ ମିଶ୍ର, ଜିଲାପାଳ ବଲୱନ୍ତ ସିଂହ, ଏସ୍‌ପି ଉମାଶଙ୍କର ଦାଶ, ଏଡିଏମ୍ ପ୍ରଦୀପ କୁମାର ସାହୁ ପ୍ରମୁଖ ଫୁଲତୋଡା ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଜଷ୍ଟିସ୍ ରମନ୍ନା ସୂର୍ଯ୍ୟମନ୍ଦିରର କାରୁକାର୍ଯ୍ୟ ବୁଲି ଦେଖିବା ସହ ଇଣ୍ଡିଆନ ଅଏଲ ଫାଉଣ୍ଡେଶନ ଦ୍ୱାରା ନିର୍ମିତ ସୂର୍ଯ୍ୟମନ୍ଦିର ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିଲେ। ଜଷ୍ଟିସ୍ ରମନ୍ନାଙ୍କୁ କୋଣାର୍କ ସଂଗ୍ରହାଳୟ ଅଧିକାରୀ ପ୍ରତାପ କୁମାର ନାୟକ ସୂର୍ଯ୍ୟମନ୍ଦିରର ଐତିହ୍ୟ ସଂସ୍କୃତି ଓ ଇତିହାସ ସମ୍ବନ୍ଧରେ ବିଷଦ ଭାବରେ ଅବଗତ କରାଇଥିଲେ। କୋଣାର୍କ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ କୋଣାର୍କ ମନ୍ଦିର ଚକ୍ରର ପ୍ରତିକୃତି ପ୍ରଦାନ କରାଯାଇଥିଲା।

# ୨୨'ରେ ସବୁ ବିଭାଗୀୟ ସଚିବଙ୍କ ବୈଠକ

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

ଭାରତ ସରକାରଙ୍କ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ପ୍ରକାଶ ହେଉଥିବା ଗୁପ୍ତ ଚରିତ୍ର ପଞ୍ଜିକା(ସିସିଆର୍) ଢାଞ୍ଚାରେ ରାଜ୍ୟ ସରକାରଙ୍କ ପ୍ରଥମ ଶ୍ରେଣୀ କର୍ମଚାରୀ ସିସିଆର ପ୍ରସ୍ତୁତି ଓ ପ୍ରକାଶ ନେଇ ଚିନ୍ତା କରାଯାଉଛି। ଏସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଚଳିତ ମାସ ୨୨(ମଙ୍ଗଳବାର) ଲୋକ ସେବା ଭବନରେ ଅନୁଷ୍ଠିତ ହେବାକୁ ଯାଉଛି। ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ଡକାଯାଇଥିବା ଏହି ବୈଠକରେ ସମସ୍ତ ବିଭାଗ ସଚିବ ଏବଂ ସ୍ୱତନ୍ତ୍ର ସଚିବମାନେ ଯୋଗ ଦେବେ। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଏହାର ଅଧ୍ୟକ୍ଷତା କରିବେ। ସେହିପରି ଉନ୍ନୟନ କମିଶନର ସୁରେଶ ମହାପାତ୍ର ମଧ୍ୟ ଏହି ବୈଠକରେ ଯୋଗ ଦେବେ।

ଏତଦ୍ ବ୍ୟତୀତ ନିକଟରେ ସହକାରୀ ଉପବିଭାଗ ଅଧିକାରୀ(ଏଏସ୍‌ଓ)ଙ୍କ କାର୍ଯ୍ୟଶୈଳୀ ଓ ପରିସର ବୃଦ୍ଧି ସଂକ୍ରାନ୍ତରେ ମଧ୍ୟ ବୈଠକରେ ଆଲୋଚନା କରାଯିବ। ସେହିପରି ଗତ ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟର ଆର୍ଥିକ ସ୍ଥିତି କିପରି ରହିଛି। ରାଜସ୍ୱ ଆଦାୟର ପରିମାଣ ବଢିଛି ନା କମିଛି, ସେ ନେଇ ସଚିବସ୍ତରୀୟ ବୈଠକରେ ଆଲୋଚନା ହେବ। ପୂର୍ବବୈଠକରେ ନିଆଯାଇଥିବା ନିଷ୍ପତ୍ତି କେତେଦୂର କାର୍ଯ୍ୟକାରୀ କରାଯାଇଛି। ତାହାର ସମୀକ୍ଷା ମଧ୍ୟ କରାଯିବ। ତୃଣମୂଳସ୍ତରରେ 'ମୋ ସରକାର'ଯୋଜନା କାର୍ଯ୍ୟକାରିତା ଉପରେ ମଧ୍ୟ ଗୁରୁତ୍ୱ ଯିବ। ଆଗାମୀ ଦିନରେ ବିଭିନ୍ନ ସଚିବଙ୍କ କ୍ଷେତ୍ର ପରିଦର୍ଶନ ନେଇ ଆଲୋଚନା କରାଯିବାର କାର୍ଯ୍ୟସୂଚୀ ରହିଥିବା ସୂତ୍ରରୁ ପ୍ରକାଶ।

## ସଂକ୍ଷେପରେ

### ପୁଞ୍ଜି ପ୍ରବାହକୁ ପ୍ରଭାବିତ କରିବ ବାଣିଜ୍ୟ ଯୁଦ୍ଧ: ସୀତାରାମନ୍

**ନୂଆଦିଲ୍ଲୀ,୧୯-୧୦:** ବିଭିନ୍ନ ଦେଶ ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ଏବଂ ସଂରକ୍ଷଣବାଦ ବିଶ୍ୱ ସ୍ତରରେ ଅନିଶ୍ଚିତତା ସୃଷ୍ଟି କରୁଛି। ଏହା ଦ୍ୱାରା ସାମଗ୍ରୀ ପୁଞ୍ଜି ଏବଂ ସେବା କ୍ଷେତ୍ରରେ ଅର୍ଥର ପ୍ରବାହ ପ୍ରଭାବିତ ହେଉଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ବିଶ୍ୱସ୍ତରରେ ମାନ୍ଦାବସ୍ଥା ବିରୋଧରେ ଲଢେଇ ପାଇଁ ଠିକ୍ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ। ବିଶ୍ୱ ସ୍ତରରେ ଅଭିବୃଦ୍ଧି ଲାଗି ବହୁପାକ୍ଷୀକ ଯୋଜନା ସହ ଅଗ୍ରସର ହେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ଏକ ପ୍ଲାନେରୀ ସେସନରେ ଯୋଗଦେଇ ସେ କହିଛନ୍ତି, ବାଣିଜ୍ୟ କ୍ଷେତ୍ରରେ ସମନ୍ୱୟ, ଭୌଗୋଳିକ ଅନିଶ୍ଚିତତା, ଉଚ୍ଚ ସ୍ତରର ଋଣ ଭଳି ପ୍ରସଙ୍ଗ କ୍ଷେତ୍ରରେ ବିଶ୍ୱସ୍ତରରେ ଏକ ଦୃଢ ସହଯୋଗ ମନୋଭାବର ଆବଶ୍ୟକତା ରହିଛି। ମାନ୍ଦାବସ୍ଥା ବିଶ୍ୱକୁ ସଙ୍କଟ ସ୍ଥିତିକୁ ନେବା ଯାଏ ଅପେକ୍ଷା ନ କରିବାକୁ ସେ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛନ୍ତି। ବିଶ୍ୱସ୍ତରରେ ଅଭିବୃଦ୍ଧିକୁ ଫେରାଇ ଆଣିବା ଲାଗି ଜି-୨୦ ଦେଶ ସମୂହ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

### କର୍ପୋରେଟ ଟିକସ ହ୍ରାସକୁ ଆଇଏମ୍ଏଫ୍‌ର ସମର୍ଥନ

**ୱାଶିଂଟନ,୧୯-୧୦:** ଘରୋଇ ବଜାର ଲାଗି କର୍ପୋରେଟ ଟିକସ ହ୍ରାସ ଦିଗରେ ଭାରତ ସରକାର ନିକଟରେ ନେଇଥିବା ନିଷ୍ପତ୍ତିକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଶୁକ୍ରବାର ସମର୍ଥନ ଜଣାଇଛି। ନିବେଶ ବଢାଇବା ଦିଗରେ ଏହା ସହାୟତା କରିବ। ବିତ୍ତୀୟ ଧାରାକୁ ସଙ୍ଗଠିତ କରିବା ଏବଂ ଦୀର୍ଘମିଆଦୀ ସ୍ଥିରତା ଉପରେ ଏହା ଗୁରୁତ୍ୱାରୋପ କରିଛି। ବିତ୍ତୀୟ ପ୍ରସଙ୍ଗକୁ ନେଇ ଭାରତ ସତର୍କ ରହିବା ଆବଶ୍ୟକ। ନିବେଶ ଉପରେ ସକାରାତ୍ମକ ପ୍ରଭାବ ରହୁଥିବାରୁ କର୍ପୋରେଟ ଟିକସ ହ୍ରାସକୁ ସମର୍ଥନ ଜଣାଉଛୁ ବୋଲି ଆଇଏମ୍ଏଫ୍ ଏସିଆ ପାସିଫିକ ନିର୍ଦ୍ଦେଶକ ଚାଙ୍ଗୟଙ୍ଗ ରେ କହିଛନ୍ତି।

> ମାନୁଫାକ୍ଚରିଂ କ୍ଷେତ୍ରରେ ଆମେ ଚାଇନାଠାରୁ ବହୁତ ପଛୁଆ। ବାଂଲାଦେଶ ମଧ୍ୟ ଆମଠାରୁ ବହୁ ଆଗରେ ରହିଛି।
> – ଅଭିଜିତ ବାନାର୍ଜୀ, ନୋବେଲ ବିଜେତା ଅର୍ଥନୀତିଜ୍ଞ





> ସାରା ବିଶ୍ୱ ମାନ୍ଦାବସ୍ଥା ସହ ଜୁଝୁଥିବା ବେଳେ ଭାରତ ଏଭଳି ସ୍ଥିତିରେ ଏବେ ମଧ୍ୟ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ମାନ୍ୟତା ବଜାୟ ରଖିଛି।
> – ପ୍ରକାଶ ଜାଭଡେକର, କେନ୍ଦ୍ର ପରିବେଶ ମନ୍ତ୍ରୀ

# ଚାହିଦା ବୃଦ୍ଧି ଲାଗି ସରକାର ନେବେ ଅଧିକ ପଦକ୍ଷେପ

**ନୂଆଦିଲ୍ଲୀ,୧୯-୧୦**

- ଆୟକରରେ ପରିବର୍ତ୍ତନ ଆସିବ
- ବ୍ୟାଙ୍କ ବ୍ୟବସ୍ଥା ଦ୍ୱାରା ନଗଦ ଯୋଗାଣକୁ ଗୁରୁତ୍ୱ
- ଭିତ୍ତିଭୂମି କ୍ଷେତ୍ର ପାଇଁ ଯୋଜନା



ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଛି। ଚାହିଦା ପ୍ରଭାବିତ ସ୍ଥିତିରେ ରହିଛି। ଏହାକୁ ବଢାଇବା ଦିଗରେ ସରକାର ଅଧିକ ପଦକ୍ଷେପ ନେବେ। ଏ ନେଇ ଯୋଜନା ରହିଥିବା ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ସୂଚନା ଦେଇଛନ୍ତି। ବ୍ୟାଙ୍କଗୁଡିକ ଦ୍ୱାରା ଅର୍ଥ ବ୍ୟବସ୍ଥାକୁ ଅଧିକ ନଗଦ ଯୋଗାଣ ଏବଂ ବ୍ୟକ୍ତିଗତ ଟିକସ କ୍ଷେତ୍ରରେ ସରଳୀକରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ସୁବ୍ରମଣ୍ୟନ କହିଛନ୍ତି।

ସରକାରଙ୍କ ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇ ସେ କହିଛନ୍ତି ଯେ, ନିବେଶ ଆକୃଷ୍ଟ କରିବା ଲାଗି ସରକାର କର୍ପୋରେଟ ଟିକସ ହ୍ରାସ କରିଛନ୍ତି। ନିବେଶକୁ ସହାୟତା କରିବା ଲାଗି ଖାଉଟି ଚାହିଦା ବଢାଇବା ପାଇଁ ବିଭିନ୍ନ ଦିଗ ଉପରେ ବିଚାର କରାଯାଉଛି। ସ୍ୱଳ୍ପ ମିଆଦୀ ଭିତ୍ତିରେ ଚାହିଦା ବଢାଇବା ଲାଗି ଯୋଜନା ଗ୍ରହଣ କରାଯାଇଛି। ଏହି ଆଧାରରେ ଉଭୟ ଚାହିଦା ଏବଂ ନିବେଶ ବଢିବା ନେଇ ଆଶାବାଦୀ ରହିଥିବା ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ସେ ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ ଟିକସ ତଥା ସମ୍ପୂର୍ଣ୍ଣ ଟିକସ ପ୍ରଶାସନକୁ ସରଳୀକରଣ କରିବାକୁ ଧ୍ୟାନରେ ରଖାଯାଇଛି। ୬ ଦଶନ୍ଧି ପୁରୁଣା ବିଭିନ୍ନ ଟିକସ ଆଇନରେ ପରିବର୍ତ୍ତନ ଆଣିବା ଲାଗି ଟାସ୍କଫୋର୍ସ ଦେଇଥିବା ରିପୋର୍ଟକୁ ବିଚାର କରାଯାଉଥିବା ସେ ମତ ଦେଇଛନ୍ତି।

ଗତ ମାସରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କର୍ପୋରେଟ ଟିକସକୁ ୩୦ରୁ ୨୫%କୁ କମାଇଛନ୍ତି। ନୂଆ ମାନୁଫାକ୍ଚରିଂ କମ୍ପାନୀଗୁଡିକ ଲାଗି ଏହା ୧୫% ରହିଛି। ଏଭଳି ପଦକ୍ଷେପ ସରକାର ନେଇଥିବା ବେଳେ ମଧ୍ୟବିତ୍ତ ଲୋକଙ୍କ ନିକଟକୁ କିଭଳି ଅଧିକ ନଗଦ ଅର୍ଥ ଆସିବ ସେ ଦିଗରେ ମଧ୍ୟ ବିଚାର କରାଯାଉଛି। ଫେବୃୟାରୀରେ ନୂଆ ବଜେଟ ଆସିବା ଆଗରୁ ଆୟକରରେ ଏକ ବଡ ଧରଣର ହ୍ରାସ ହୋଇପାରେ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଭିତ୍ତିଭୂମି ପ୍ୟାକେଜ, ନୂଆ ଋଣ କାର୍ଯ୍ୟକ୍ରମ ଦ୍ୱାରା ଘରୋଇ ବଜାରର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଯାଉଥିବା ଜଣାପଡ଼ିଛି।

# ହୋମ୍ ଟାଉନରେ ଦିୱାଲି ଅଫର

**ଭୁବନେଶ୍ୱର,୧୯-୧୦(ବ୍ୟୁରୋ)**

ଫ୍ୟୁଚର ଗ୍ରୁପର ହୋମ୍ ସେଗ୍‌ମେଣ୍ଟ ଲାଇଫ ଷ୍ଟାଇଲ ଷ୍ଟୋର 'ହୋମ୍ ଟାଉନ' ପକ୍ଷରୁ ଦିୱାଲି ପାଇଁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ସ୍ଥାନୀୟ ସତ୍ୟନଗର ସ୍ଥିତ ଷ୍ଟୋରରେ ଏହି ଅଫର ଚଳିତ ମାସ ୩୧ ଯାଏ ଉପଲବ୍ଧ ହେବ। ୩୨,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଗ୍ରାହକମାନେ ହୋମ୍‌ୱେର ବର୍ଗରେ ଡେକର, ଫର୍ନିସ, କିଚେନ ୱେର ଭଳି ପ୍ରଡକ୍ଟ ଲାଭ କରିପାରିବେ। ଏହାବାଦ୍ ଫର୍ନିସିଂ ଏବଂ ଫର୍ନିଚର ବର୍ଗରେ ଲିଭିଂ, ବେଡ୍‌ରୁମ୍, ମ୍ୟାଟ୍ରେସ୍, ଡାଇନିଂ ସହ ଅଫିସ ଫର୍ନିଚର, ମଡ୍ୟୁଲାର କିଚେନ, ଡିଜାଇନ ଏବଂ ବିଲ୍ଟ ଭଳି ପ୍ରଡକ୍ଟ ରହିଛି। ଗ୍ରାହକମାନେ ପ୍ରମୋଶନାଲ ଅଫରରେ ୬୦% ପର୍ଯ୍ୟନ୍ତ ରିହାତି ପାଇବେ। ହୋମୱେର ପ୍ରଡକ୍ଟ କ୍ରୟରେ ନିଶ୍ଚିତ ଉପହାର ରହିଛି। ବଜାଜ ଫାଇନାନ୍ସରେ ଆକର୍ଷଣୀୟ ସ୍କିମ ପ୍ରଦାନ କରାଯାଉଛି। ୦% ଇଣ୍ଟରେଷ୍ଟ ଏବଂ ୦% ଡାଉନପେମେଣ୍ଟରେ ଗ୍ରାହକ ଷ୍ଟୋରରୁ ସାମଗ୍ରୀ କିଣି ପାରିବେ। ହୋମୱେର ବର୍ଗରେ ୭,୫୦୦ ଟଙ୍କାର ସାମଗ୍ରୀ କିଣିଲେ ୨୫୦ ଟଙ୍କା ଭାଉଚର ମିଳୁଥିବା ଷ୍ଟୋର ପକ୍ଷରୁ କୁହାଯାଇଛି।

୧ ଲକ୍ଷ ଟଙ୍କାର କ୍ରୟ ଉପରେ ୧୦ ହଜାର ଟଙ୍କାର ଭାଉଚର କିମ୍ବା ୪୩ ଇଞ୍ଚ କର୍‌ୟୋ ଏଲ୍‌ଇଡି ଟିଭି ମାତ୍ର ୬,୯୯୯ ଟଙ୍କାରେ ମିଳିବ। ମଡ୍ୟୁଲାର କିଚେନ କ୍ଷେତ୍ରରେ ୧.୫ ରୁ ୧.୯୯ ଲକ୍ଷ ଟଙ୍କାର କ୍ରୟରେ ୧ ଗ୍ରାମ ଗୋଲ୍ଡ କଏନ ଏବଂ ନିର୍ଦ୍ଦିଷ୍ଟ ମୂଲ୍ୟର ସାମଗ୍ରୀ କ୍ରୟରେ ୫ ଗ୍ରାମ ପର୍ଯ୍ୟନ୍ତ ଗୋଲ୍ଡ କଏନ ଲାଭ କରିବାର ସୁଯୋଗ ରହିଛି। ପ୍ୟାନେଲ ଟେଲିଭିଜନ, ହବ୍ସ ଏବଂ ଚିମନୀ କ୍ଷେତ୍ରରେ ୫୦% ପର୍ଯ୍ୟନ୍ତ ଓ ରେଫ୍ରିଜରେଟର, ୱାଶିଂ ମେଶିନ ଉପରେ ୩୦% ପର୍ଯ୍ୟନ୍ତ ରିହାତି ରହିଛି। ଏସ୍‌ବିଆଇ ପକ୍ଷରୁ କ୍ରେଡିଟ କାର୍ଡ ଉପରେ ୫% କ୍ୟାଶବ୍ୟାକ ସୁବିଧା ରହିଛି। ପାର୍ବଣ ସମୟରେ ଗ୍ରାହକ ଚାହିଦାକୁ ଧ୍ୟାନରେ ରଖି ନୂଆ ନୂଆ ଅଫର ଯୋଡାଯାଇଥିବା ପ୍ରାକ୍ସିସ ହୋମ ରିଟେଲ ଲିମିଟେଡ( ହୋମ୍‌ଟାଉନ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବିରାଜ ଦିଦ୍‌ୱାନିଆ କହିଛନ୍ତି। ପାର୍ବଣରେ ଗ୍ରାହକଙ୍କୁ ନୂଆ କଲେକ୍ସନ ଏବଂ ସର୍ବୋତ୍ତମ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ ପ୍ରୟାସ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି।




# ଖିମ୍‌ଜୀ ପକ୍ଷରୁ ଧନ୍‌ତେରାସ ଅଫର

**ଭୁବନେଶ୍ୱର,୧୯-୧୦**

ଧନତେରାସ ଏବଂ ଦୀପାବଳି ଅବସରରେ ପ୍ରମୁଖ ଜୁଏଲେରି ଚେନ୍ ଖିମଜୀ ପକ୍ଷରୁ ଧନ୍‌ତେରାସ ଅଫର ଘୋଷଣା କରାଯାଇଛି। ଏହି ସମୟରେ ଷ୍ଟୋରରୁ କ୍ରୟ ଉପରେ ସୁନାଗହଣାର ମୋଟ ମୂଲ୍ୟରେ ୫.୪% ଫ୍ଲାଟ ରିହାତି ରହିଛି। ଏହାବାଦ ହୀରା ଉପରେ ଫ୍ଲାଟ ୨୦% ରିହାତି ଏବଂ ରୁପା ଗହଣାର ଗଢାମୂଲ୍ୟ ଉପରେ ଫ୍ଲାଟ ୫୦% ରିହାତି ରହିଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି। ଷ୍ଟୋର ପକ୍ଷରୁ ରହିଥିବା ୯୯୯ ସ୍କିମରେ ଗୋଲ୍ଡ ଏବଂ ସିଲଭର କଏନ ସହ ବାଏ ବ୍ୟାକ୍ ଗ୍ୟାରେଣ୍ଟି ରହିଛି। ଏହି ସମୟରେ ଷ୍ଟୋରରୁ କ୍ରୟ କରି ବିଭିନ୍ନ ଅଫରର ଲାଭ ନେବାକୁ ଖିମ୍‌ଜୀ ପକ୍ଷରୁ ସୂଚନା ରହିଛି। ଧନ୍‌ତେରାସରେ ସୁନା କିଣିଲେ ଶୁଭ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏହାକୁ ଧ୍ୟାନରେ ରଖି ଷ୍ଟୋରରେ ବିଭିନ୍ନ ଅଫର ଗ୍ରାହକଙ୍କ ଲାଗି ପ୍ରଦାନ କରାଯାଉଛି। ସୁନାଦର ଏବେ ଉଚ୍ଚରେ ରହିଥିବାରୁ ବଜାରରେ ସ୍ଥିତି ପ୍ରଭାବିତ ରହିଛି। ଏହି ସମୟରେ ଗ୍ରାହକଙ୍କୁ କ୍ରୟର ଉନ୍ନତ ଅଭିଜ୍ଞତା ପ୍ରଦାନ ଲାଗି ପଦକ୍ଷେପ ନିଆଯାଇଥିବା ଷ୍ଟୋର ପକ୍ଷରୁ କୁହାଯାଇଛି।




# ଏସ୍‌ବିଆଇ କାର୍ଡ ପେ ଶୁଭାରମ୍ଭ

**ନୂଆଦିଲ୍ଲୀ,୧୯-୧୦**

ଏସ୍‌ବିଆଇ କାର୍ଡ ପକ୍ଷରୁ ଏସ୍‌ବିଆଇ କାର୍ଡ ପେ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ମୋବାଇଲ ଫୋନ ବ୍ୟବହାର ଦ୍ୱାରା ତ୍ୱରିତ, ସହଜ ଏବଂ ସୁରକ୍ଷିତ କାର୍ଡ ପେମେଣ୍ଟ ଲାଗି ଏଭଳି ଏକ ସୁବିଧା କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଛି। ଏହା ହୋଷ୍ଟ କାର୍ଡ ଏମୁଲେଶନ ପ୍ରଯୁକ୍ତିଭିତ୍ତିକ ଏକ ପେମେଣ୍ଟ ସୁବିଧା।



# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No RDM-LAA-MBJ-0015-2018/ 15344** **R&DM, Dated 28 MAY 2019**

**No. XXI-71:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧)ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ହଳଦୀପାଳ, ଥାନା-ମୋରଡା, ନଂ.୪୮, ତହସିଲ-ମୋରଡା, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚିତ୍ରଡ଼ା ମାଇନର ଓ ଗଣ୍ଡଗୁହାଳି ସବ-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩(RFCTLAR & R Act, 2013) ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୧୮୫୨୮, ତା୨୩।୦୫।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଛି ଯେ, ମୌଜା-ହଳଦୀପାଳ, ଥାନା-ମୋରଡା, ନଂ.୪୮, ଜିଲ୍ଲା-ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**ଜିଲ୍ଲା:ମୟୂରଭଞ୍ଜ** **(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)** **ତହସିଲ:ମୋରଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହଳଦୀପାଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ହେକ୍ଟର ୨୩.୧୪ | ହେକ୍ଟର ୪.୭୯ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**ଜିଲ୍ଲା:ମୟୂରଭଞ୍ଜ** **(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)** **ତହସିଲ:ମୋରଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ-୦୨।୦୮।୨୦୧୮।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂଅର୍ଜନ ମାମଲା ସଂଖ୍ୟା- ୮୩/୨୦୧୭
ଏ.୪.୭୯ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଚିତ୍ରଡ଼ା ମାଇନର ଓ ଗଣ୍ଡଗୁହାଳି ସବ୍-ମାଇନର ନିମନ୍ତେ**
**ମୌଜା-ହଳଦୀପାଳ, ଥାନା- ମୋରଡ଼ା, ନଂ-୪୮, ତହସିଲ-ମୋରଡ଼ା, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ସ୍ୱତ୍ୱ | ପ୍ଲଟ୍ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨୪ | ୨୬୫ | ୦.୨୮ | ୦.୦୨ | ଶାରଦ ଜଳ ଦୋଫସଲି ଦୁଇ | କହ୍ନେଇ ମହନ୍ତ, ପି:ପତି ମହାନ୍ତ, ଜା:କୁଡୁମି, ବା: ନିଜଗାଁ |
| ୩୦ | ୫୬୩/୧୨୪୫ | ୦.୫୯ | ୦.୦୬ | ଶାରଦ ଜଳ ଏକ | କାଳିଚରଣ ଦାସ, ମାୟାଧର ଦାସ, ପି:ରାଧାଶ୍ୟାମ ଦାସ, ବିକାଶ ଚନ୍ଦ୍ର ଦାସ, ପି:ଦୁର୍ଗାଚରଣ ଦାସ, ଜା:ସାଗର ପେଷା, ବା: ନିଜଗାଁ |
| ୪୧ | ୫୯୩ | ୦.୨୨ | ୦.୦୬ | ଶାରଦ ଜଳ ଦୋଫସିଲ ଏକ | କ୍ଷେତ୍ର ମୋହନ ମହାନ୍ତ, ପତ୍ନି: ପଡ଼ି ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୨୬୬ | ୦.୧୯ | ୦.୦୯ | ଶାରଦ ଜଳ ଦୋଫସଲି ଦୁଇ | |
| | ୨୬୯ | ୦.୧୨ | ୦.୦୮ | ଶାରଦ ଜଳ ଦୁଇ | |
| ୪୩ | ୯୫୬ | ୦.୬୩ | ୦.୨୮ | ଶାରଦ ଜଳ ଦୋଫସଲି ଏକ | କ୍ଷେତ୍ରମୋହନ ବେହେରା, ପି:ଗଣେଶ୍ୱର ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୫୨ | ୫୬୧/୧୧୮୦ | ୦.୬୨ | ୦.୦୬ | ଶାରଦ ଜଳ ଦୋଫସିଲ ଏକ | ଗେହ୍ଲାମଣି ଦାସ, ସ୍ୱା:ପୁରୁସ୍ତମ ଦାସ, ଜା:ବୈଷ୍ଣବ, ବା:ନିଜଗାଁ |
| ୮୪ | ୫୬୬/୧୨୮୮ | ୦.୧୮ | ୦.୧୦ | ଶାରଦ ଜଳ ଦୋଫସିଲ ଏକ | ଯୁଧିଷ୍ଠିର ସେନାପତି, ପି:ଶମ୍ଭୁନାଥ ସେନାପତି, ଜା:ଗୋଲା, ବା: ନିଜଗାଁ |
| ୮୬ | ୪୬୧/୧୨୮୩ | ୦.୧୫ | ୦.୦୩ | ଶାରଦ ଜଳ ଏକ | ଜ୍ୟୋତି ପ୍ରକାଶ ବେହେରା, ପି:ରମାକାନ୍ତ ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୯୫ | ୬୧୬ | ୦.୫୬ | ୦.୧୦ | ଶାରଦ ଜଳ ଦୋଫସିଲ ଏକ | ତ୍ରିଲୋଚନ ସିଂ ବାବୁ, ଅନନ୍ତ ସିଂ ବାବୁ, ଗିରିଶ ସିଂ ବାବୁ, ପ୍ରବିର କୁମାର ସିଂ ବାବୁ, ପ୍ରମିଳା ସିଂ ବାବୁ, ନିର୍ମଳା ସିଂ ବାବୁ, ପି:ଭାଗବତ ସିଂ ବାବୁ, ଜା:କ୍ଷତ୍ରିୟ, ବା:ଚିତ୍ରଡା |
| ୧୦୧ | ୬୨୧ | ୦.୦୫ | ୦.୦୫ | ଶାରଦ ଜଳ ଦୋଫସିଲ ଏକ | ଦାଶରଥି ମହାନ୍ତ, ପି:ମହେଶ୍ୱର ମହାନ୍ତ, ଜା:କୁଡୁମି, ବା:ଶିରିଷାପାଳ |
| ୧୦୨ | ୬୨୦ | ୦.୨୨ | ୦.୧୪ | ଶାରଦ ଜଳ | ଦାଶରଥି ମହାନ୍ତ, ଭାଗୀରଥି ମହାନ୍ତ, ପି:ମହେଶ୍ୱର ମହାନ୍ତ, ଯୋଗେଶ୍ୱର ମହାନ୍ତ, ପି:ମକରା ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | | | | ଦୋଫସିଲ ଏକ | |
| | ୬୨୨ | ୦.୦୫ | ୦.୦୫ | ଶାରଦ ଜଳ ଦୋଫସିଲ ଏକ | |
| | ୮୦୦ | ୦.୩୮ | ୦.୦୩ | ଘରବାରୀ | |
| | ୮୨୦ | ୦.୧୮ | ୦.୦୬ | ଶାରଦ ଏକ | |
| ୧୦୭ | ୮୦୧ | ୦.୦୮ | ୦.୦୧ | ଘରବାରୀ | ଦିବାକର ସେଠୀ, ଶ୍ରୀହରି ସେଠୀ, ପି:ଶଙ୍କର ସେଠୀ, ଗୋଲାପ ସେଠୀ, ସ୍ୱା:ବୁଧିଆ ସେଠୀ, ଗିରିଶ ସେଠୀ, ଗୌର ସେଠୀ, କୁନି ସେଠୀ, ପି:ବୁଧୁଆ ସେଠୀ, ସହଦେବ ସେଠୀ, ସଦାଶିବ ସେଠୀ, ପି:ଜଗନ୍ନାଥ ସେଠୀ, ଜା:ଧୋବା, ବା:ନିଜଗାଁ |
| | ୮୦୧/୧୧୯୧ | ୦.୧୧ | ୦.୦୨ | ଶାରଦ ଦୁଇ | |
| | ୮୦୧/୧୧୯୨ | ୦.୧୪ | ୦.୦୨ | ଶାରଦ ଦୁଇ | |
| | ୬୬୬/୧୧୯୮ | ୦.୦୪ | ୦.୦୪ | ନାଳ | |
| ୧୩୪ | ୨୯୪ | ୧.୪୬ | ୦.୧୦ | ଶାରଦ ଜଳ ଦୁଇ | ନିଶାକର ମହାନ୍ତ, ପି:ଦଶରଥ ମହାନ୍ତ, ଜା: କୁଡୁମି, ବା: ନିଜଗାଁ |
| | ୮୦୪ | ୦.୩୨ | ୦.୦୫ | ଘରବାରୀ | |
| | ୬୬୬/୧୨୧୩ | ୦.୦୩ | ୦.୦୩ | ନାଳ | |
| ୧୩୫ | ୨୬୮ | ୦.୧୦ | ୦.୦୮ | ଶାରଦ ଜଳ ଦୋଫସଲି ଦୁଇ | ନେତ୍ର ମୋହନ ମହାନ୍ତ, ପି:ପତି ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୧୨ | ୦.୧୮ | ୦.୦୧ | ଶାରଦ ଏକ | |
| | ୮୧୬ | ୦.୦୯ | ୦.୦୧ | ଶାରଦ ଏକ | |
| ୧୫୧ | ୫୪୩ | ୦.୬୩ | ୦.୧୪ | ଶାରଦ ଜଳ ଦୋଫସଲି ଏକ | ପ୍ରଚଣ୍ଡ ବେହେରା, ପି:ଗିରି ବେହେରା, ଜା: କୁମ୍ଭାର, ବା:ନିଜଗାଁ |
| ୧୫୫ | ୨୫୩ | ୦.୧୬ | ୦.୦୧ | ଶାରଦ ଜଳ ଦୋଫସଲି ଦୁଇ | ପ୍ରାଣବନ୍ଧୁ ମଣ୍ଡଳ, ପି: ନରେନ୍ଦ୍ର ମଣ୍ଡଳ, ଜା:ଗୋଲା, ବା:ନିଜଗାଁ |
| ୧୫୯ | ୫୪୪ | ୦.୩୪ | ୦.୦୫ | ଶାରଦ ଜଳ ଦୋଫସଲି ଏକ | ପୂର୍ଣ୍ଣଚନ୍ଦ୍ର ବେହେରା, ଦାଶରଥି ବେହେରା, ଭାଗିରଥି ବେହେରା, ପି:ଦୁବାଇ ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୧୬୪ | ୫୫୩ | ୦.୩୨ | ୦.୦୫ | ଶାରଦ ଜଳ ଦୋଫସଲି ଦୁଇ | ପୁରୁଷ୍ଣମ ବେହେରା, କାଳି ଚରଣ ବେହେରା, ପି:ଭେଲୁ ବେହେରା, ଜା: ଲକ୍ଷ୍ମୀନାରାୟଣ ଗୋଲା, ବା:ନିଜଗାଁ |
| | ୬୧୬ | ୦.୨୮ | ୦.୧୨ | ଶାରଦ ଜଳ ଦୋଫସଲି ଏକ | |
| | ୮୧୯ | ୦.୧୧ | ୦.୦୫ | ଶାରଦ ଏକ | |
| | ୮୨୧ | ୦.୩୧ | ୦.୦୧ | ଶାରଦ ଏକ | |
| ୧୬୦ | ୪୩୫/୧୧୮୬ | ୦.୦୩ | ୦.୦୩ | ନାଳ | |
| | ୫୬୮/୧୨୬୭ | ୦.୫୨ | ୦.୧୦ | ଶାରଦ ଜଳ ଦୋଫସଲି ଏକ | ବନବାସୀ ବେହେରା, ଆଶା ବେହେରା, ପ୍ରତିଭା ବେହେରା, ସରସ୍ୱତୀ ବେହେରା, ପି:ତ୍ରିଲୋଚନ ବେହେରା, ଜା: କୁମ୍ଭାର, ବା:ନିଜଗାଁ |
| ୧୬୩ | ୬୨୩ | ୦.୦୭ | ୦.୦୭ | ଶାରଦ ଜଳ ଦୋଫସଲି ଏକ | ବଳରାମ ମହାନ୍ତ, କୁଞ୍ଜ ମହାନ୍ତ, ମଞ୍ଜ ମହାନ୍ତ, ପି:ମଦନା ମହାନ୍ତ, ଶୁକ ମହାନ୍ତ, ସ୍ୱା-ମଦନା ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮୧ | ୬୧୩ | ୦.୫୨ | ୦.୦୬ | ଶାରଦ ଜଳ ଦୋଫସଲି ଏକ | ବାୟା ମାଝୀ, ପି:ମଦନ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୯୧ | ୫୭୬ | ୦.୨୩ | ୦.୦୬ | ଶାରଦ ଜଳ ଦୋଫସଲି ଏକ | ବିପିନ ବେହେରା, ଚକ୍ରଧର ବେହେରା, ସମ୍ଭୁନାଥ ବେହେରା, ପି:ବିକଳ ବେହେରା, ଜା: କୁମ୍ଭାର, ବା:ନିଜଗାଁ |
| ୧୯୮ | ୫୯୨ | ୦.୨୪ | ୦.୦୬ | ଶାରଦ ଜଳ ଦୋଫସଲି ଏକ | ବୁଧୁ ମହାନ୍ତ, ପି:ପତି ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୧୬ | ୦.୦୭ | ୦.୦୨ | ଶାରଦ ଏକ | |
| | ୮୧୮ | ୦.୦୫ | ୦.୦୨ | ଶାରଦ ଏକ | |
| ୨୦୨ | ୪୬୩ | ୦.୩୫ | ୦.୦୪ | ଶାରଦ ଜଳ ଏକ | ବୃନ୍ଦାବନ ବେହେରା, ଅନାଦି ବେହେରା, ଅନନ୍ତ ବେହେରା,, ପି: ମହେଶ୍ୱର ବେହେରା, ପୂର୍ଣ୍ଣ ବେହେରା, ପି:ସୁଫଳ ବେହେରା, ଗଦାଧର ବେହେରା, ଧ୍ରୁସାସନ ବେହେରା, ସାନନ୍ଦ ବେହେରା, ପି: ବିକଳ ବେହେରା, ଚନ୍ଦୁ ବେହେରା, ପି:ବଲେଇ ବେହେରା, ବାଶୁ ବେହେରା, ପି:ସମ୍ଭୁ ବେହେରା, ପୁଟି ବେହେରା, ପି:ଇଶିରା ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୨୦୬ | ୨୫୩/୧୨୨୬ | ୦.୦୬ | ୦.୦୨ | ଶାରଦ ଜଳ ଦୋଫସଲି ଦୁଇ | ଭାଗିରଥି ମହାନ୍ତ, ପି:ଲକ୍ଷ୍ମଣ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୨୦୯ | ୪୬୨ | ୦.୧୯ | ୦.୦୪ | ଶାରଦ ଜଳ ଏକ | ଭୁଣ୍ଡା ମାଝୀ, ଦୁର୍ଗା ଚରଣ ମାଝୀ, ପି:ନାଲୁ ମାଝୀ, ଜା:ସାନ୍ତାଳ, ବା:ଭଲୁକିଚୁଆ |
| | ୪୩୫/୧୨୧୭ | ୦.୦୨ | ୦.୦୨ | ନାଳ | |
| ୨୧୫ | ୪୩୯ | ୦.୧୯ | ୦.୦୪ | ଶାରଦ ଜଳ ଏକ | ମହନ ମାଝୀ, ପି:ଭୁଟୁ ମାଝୀ, ଜା:ସାନ୍ତାଳ, ବା:ଭାଲିକିଚୁଆ |
| | ୬୧୫ | ୦.୪୧ | ୦.୦୪ | ଶାରଦ ଜଳ ଦୋଫସଲି ଏକ | |
| ୨୨୧ | ୪୩୫/୧୨୨୪ | ୦.୦୩ | ୦.୦୩ | ନାଳ | ମାୟାଧର ବେହେରା, ସତ୍ୟାନନ୍ଦ ବେହେରା, ଶତିଷ ବେହେରା, ସର୍ବେଶ୍ୱର ବେହେରା, ଗଗନ ବେହେରା, ଝାଡେଶ୍ୱର ବେହେରା, ଯଶୁ ବେହେରା, ନୁର ବେହେରା, ରେସିମି ବେହେରା, ପି:ଅର୍ଜୁନ ବେହେରା, ସାରଦା ବେହେରା, ସ୍ୱା:ଅର୍ଜୁନ ବେହେରା, ଜା-କୁମ୍ଭାର, ବା:ଚିତ୍ରଡା |
| ୨୨୨ | ୬୧୯ | ୦.୦୮ | ୦.୦୧ | ଶାରଦ ଜଳ ଦୋଫସଲି ଏକ | ମାଳତୀ ସେନାପତି, ସ୍ୱା:ସମ୍ଭୁ ସେନାପତି, ଜା:ଗୋଲା, ବା:ନିଜଗାଁ |
| ୨୨୬ | ୪୯୯ | ୦.୨୩ | ୦.୦୪ | ଶାରଦ ଜଳ ଏକ | ରଘୁନାଥ ସାହୁ, ପି:ହରି ସାହୁ, ଜା:ଗୁଡ଼ିଆ, ବା:ଶିର୍ଷାପାଳ |
| ୨୩୧ | ୭୩୬ | ୦.୦୬ | ୦.୦୧ | ଡାହି ଦୁଇ | ରମାକାନ୍ତ ବେହେରା, ପି:ପୁରୁସ୍ତମ ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୨୩୯ | ୬୬୬/୧୨୧୨ | ୦.୦୭ | ୦.୦୭ | ନାଳ | ରାଧା ଗୋବିନ୍ଦ ଟିପିରିଆ, ବିଜୟ ଗୋବିନ୍ଦ ଟିପିରିଆ, ଅଜୟ ଗୋବିନ୍ଦ ଟିପିରିଆ, ଆନନ୍ଦ ଚନ୍ଦ୍ର ଟିପିରିଆ, ପି:ରାସ ବିହାରୀ ଟିପିରିଆ, ଜା:ପୁରାଣ, ବା:କୋହି ସାମିଲ ପାଇବଣି |
| ୨୪୧ | ୫୯୧ | ୦.୬୭ | ୦.୦୮ | ଶାରଦ ଜଳ ଦୋଫସଲି ଏକ | ହାଡିବନ୍ଧୁ ମଣ୍ଡଳ, ଦୀନବନ୍ଧୁ ମଣ୍ଡଳ, ପ୍ରାଣବନ୍ଧୁ ମଣ୍ଡଳ, ପି:ନରେନ୍ଦ୍ର ମଣ୍ଡଳ, ରୂପଶ୍ରୀ ମଣ୍ଡଳ, ଜଶଶ୍ରୀ ମଣ୍ଡଳ, ପି:କୃପାସିନ୍ଧୁ ମଣ୍ଡଳ, ବେନିମଣି ମଣ୍ଡଳ, ସ୍ୱା-କୃପାସିନ୍ଧୁ ମଣ୍ଡଳ, ଜା: ଗୋଲା, ବା: ନିଜଗାଁ |
| | ୬୨୫ | ୦.୩୮ | ୦.୧୮ | ଶାରଦ ଜଳ ଦୋଫସଲି ଏକ | |
| ୨୫୦ | ୫୦୦ | ୦.୧୨ | ୦.୦୬ | ଶାରଦ ଜଳ ଏକ | ଲକ୍ଷ୍ମୀ ସେନାପତି, ସ୍ୱା-କାଳି ଚରଣ ସେନାପତି, ବ୍ରହ୍ମାନନ୍ଦ ସେନାପତି, ବିଷ୍ଣୁ ଚରଣ ସେନାପତି, ମହେଶ୍ୱର ସେନାପତି ବିଦ୍ୟାଧର ସେନାପତି, ପି:କାଳି ଚରଣ ସେନାପତି, ଜା:ଗୋଲା, ବା: ନିଜଗାଁ |
| ୨୫୯ | ୫୦୧ | ୦.୧୧ | ୦.୧୧ | ଶାରଦ ଜଳ ଏକ | ସନ୍ତୋଷ କୁମାର ମହାନ୍ତ, ଶରତ କୁମାର ମହାନ୍ତ, ପ୍ରଦିପ କୁମାର ମହାନ୍ତ, ପି:ସୁର୍ଯ୍ୟୋଧନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୨୬୬ | ୫୭୪ | ୦.୫୨ | ୦.୦୯ | ଶାରଦ ଜଳ ଦୋଫସଲି ଏକ | ଶରଦୁ ମହାନ୍ତ, ସହଦେବ ମହାନ୍ତ, ପି:ଛକୁ ମହାନ୍ତ, ଟୁପୁ ମହାନ୍ତ, ସ୍ୱା-ନକୁଳ ମହାନ୍ତ, ବିକଳ ମହାନ୍ତ, ବିଶୁ ମହାନ୍ତ, ପି:ନକୁଳ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୨୮୧ | ୪୬୬ | ୦.୩୦ | ୦.୦୮ | ଶାରଦ ଜଳ ଏକ | ସୂର୍ଯ୍ୟୀ ମଣି ବେହେରା, ଗେହ୍ଲି ବେହେରା, ବାସନ୍ତି ବେହେରା, କେଶ ବେହେରା, ସଇତ ବେହେରା, ମୌନାବତୀ ବେହେରା, ପି:ପ୍ରହ୍ଲାଦ ବେହେରା, ଚନ୍ଦନୀ ବେହେରା, ସ୍ୱା-ପ୍ରହ୍ଲାଦ ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| | ୪୬୭ | ୦.୧୨ | ୦.୦୪ | ଶାରଦ ଜଳ ଏକ | |
| ୨୯୦ | ୪୩୬/୧୧୭୫ | ୦.୨୩ | ୦.୦୫ | ଶାରଦ ଜଳ ଏକ | ଶୁଶାନ୍ତ କୁମାର ସେନାପତି, ପି:ଭିମ ଚରଣ ସେନାପତି, ଜା: ଗୋଲା, ବା:ନିଜଗାଁ |
| ୨୯୯ | ୨୬୩ | ୦.୨୮ | ୦.୦୬ | ଶାରଦ ଜଳ ଦୋଫସଲି ଦୁଇ | ହେମେନ୍ଦ୍ର ମହାନ୍ତ, ଗିରୀଧାରି ମହାନ୍ତ, ବଂଶିଧର ମହାନ୍ତ, ପି:ରେଙ୍ଗା ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୨୬୪ | ୦.୩୫ | ୦.୦୮ | ଶାରଦ ଜଳ ଦୋଫସଲି ଦୁଇ | |
| | ୫୬୭ | ୧.୮୫ | ୦.୧୧ | ଶାରଦ ଜଳ ଦୋଫସଲି ଏକ | |
| ୩୦୦/୮ | ୫୯୫ | ୦.୧୬ | ୦.୦୮ | ଶାରଦ ଜଳ ଦୋଫସଲି ଏକ | ବଳରାମ ସେନାପତି, ରାଜେନ୍ଦ୍ର ସେନାପତି, ପିତାମ୍ବର ସେନାପତି, ପି:ଭାଗବତ ସେନାପତି, ବା:ଅସ୍ତିଆ, ଜା:ଗୋଲା |
| ୩୦୦/୯ | ୫୯୪ | ୦.୨୫ | ୦.୦୬ | ଶାରଦ ଜଳ ଦୋଫସଲି ଏକ | ପରମାନନ୍ଦ ସେନାପତି, ପି:ଶମ୍ଭୁନାଥ ସେନାପତି, ଜା:ଗୋଲା, ବା:ନିଜଗାଁ |
| ୩୦୦/୨୦ | ୫୫୪/୧୩୨୧ | ୦.୩୨ | ୦.୦୪ | ଶାରଦ ଜଳ ଦୋଫସଲି ଦୁଇ | ଅଞ୍ଜନା ବେହେରା, ସ୍ୱା:କବି ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୩୦୦/୨୫ | ୨୯୪/୧୨୧୧ | ୦.୧୬ | ୦.୦୮ | ଶାରଦ ଜଳ ଦୁଇ | ତ୍ରିଲୋଚନ ମହାନ୍ତ, ପି:ନିଶାକର ମହାନ୍ତ, ଜା:କୁଡୁମି, କ୍ଷତ୍ରିୟ, ବା:ନିଜଗାଁ |
| ୩୦୦/୫୫ | ୫୭୫ | ୦.୩୯ | ୦.୦୮ | ଶାରଦ ଜଳ ଦୋଫସଲି ଏକ | ହାଡିବନ୍ଧୁ ମଣ୍ଡଳ, ଦିନବନ୍ଧୁ ମଣ୍ଡଳ, ପ୍ରାଣବନ୍ଧୁ ମଣ୍ଡଳ, ପି:ନରେନ୍ଦ୍ର ମଣ୍ଡଳ, ବେଣୀମତି ମଣ୍ଡଳ, ସ୍ୱା-କୃପାସିନ୍ଧୁ ମଣ୍ଡଳ, ଜା:ଗୋଲା, ବା:ନିଜଗାଁ |
| ୩୦୦/୬୬ | ୪୮୮/୧୩୫୬ | ୦.୫୦ | ୦.୦୬ | ଶାରଦ ଜଳ ଏକ | ଶଙ୍କର୍ଷଣ ବେହେରା, ପି:ଚନ୍ଦ୍ରମୋହନ ବେହେରା, ଜା:କୁମ୍ଭାର, ବା: ନିଜଗାଁ |
| ୩୦୦/୧୨୯ | ୫୯୫/୧୩୯୩ | ୦.୧୬ | ୦.୦୯ | ଶାରଦ ଜଳ ଦୋଫସଲି ଏକ | ଉଗ୍ରେସ ମହାନ୍ତ, ପି:ଡେମ୍ପୁ ମହାନ୍ତ, ଜା:କୁଡୁମି, ବା:ଚିତ୍ରଡା |
| ୩୦୦/୧୫୫ | ୪୩୭/୧୪୧୩ | ୦.୨୦ | ୦.୦୬ | ଶାରଦ ଜଳ ଏକ | ସନ୍ତୋଷ ମହାନ୍ତ, ପି:ଶତୃଘ୍ନ ମହାନ୍ତ, ଜା:କୁଡୁମି, ବା:ଚିତ୍ରଡା |
| ୩୦୦/୨୧୩ | ୪୪୦ | ୦.୩୬ | ୦.୦୬ | ଶାରଦ ଜଳ ଏକ | ଭରତ ଚନ୍ଦ୍ର ଦାସ, ପି: ଆନନ୍ଦ ଚନ୍ଦ୍ର ଦାସ, ଜା:ବୈଷ୍ଣବ, ବା:ଖୁଣ୍ଟାପାଳ |
| ୩୦୦/୨୨୧ | ୪୮୭ | ୦.୬୮ | ୦.୦୩ | ଶାରଦ ଜଳ ଏକ | ହାଡିବନ୍ଧୁ ବେହେରା, ପି:ରୁଦ୍ର ବେହେରା, ଜା:କୁମ୍ଭାର, ବା:ନଜଗାଁ |
| ୩୦୦/୨୮୦ | ୩୭୦ | ୦.୪୪ | ୦.୧୨ | ଶାରଦ ଜଳ ଏକ | ଗୋପାଳ ବେହେରା, ପି:ସରଦୁ ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ୩୦୦/୨୮୩ | ୫୬୦ | ୧.୨୨ | ୦.୦୬ | ଶାରଦ ଜଳ ଦୋଫସଲି ଏକ | ଗୀତା ଦାସ, ପି:ପୂର୍ଣ୍ଣଚନ୍ଦ୍ର ଦାସ, ଜା:ଶୁଣ୍ଡି, ବା:ଚିତ୍ରଡା |
| ୩୦୦/୨୮୮ | ୪୯୮/୧୩୮୦ | ୦.୨୫ | ୦.୦୪ | ଶାରଦ ଜଳ ଏକ | ଭୁବନଚନ୍ଦ୍ର ବେହେରା, ପି:ରମାକାନ୍ତ ବେହେରା, ଜା:କୁମ୍ଭାର, ବା:ସମାଇଡିହି |
| ୩୦୦/୩୧୯ | ୪୩୮ | ୦.୧୦ | ୦.୦୩ | ଶାରଦ ଜଳ ଏକ | ବାରିସ ବାସ୍କେ, ପି:ଗୋପାଳ ବାସ୍କେ, ଜା:ସାନ୍ତାଳ, ବା:ନିଜଗାଁ |
| ୩୦୦/୩୨୨ | ୬୧୮ | ୦.୨୪ | ୦.୧୨ | ଶାରଦ ଜଳ ଦୋଫସଲି ଏକ | ଅଭିରାମ ବେହେରା, ପି:ଶରଦୁ ବେହେରା, ଜା:କୁମ୍ଭାର, ବା:ନିଜଗାଁ |
| ମୋଟ | ୭୭ ପ୍ଲଟ୍‌ରୁ | ଏ.୨୩.୧୪ ହେ.ମି. | ଏ.୪.୭୯ ହେ.ମି. | | |

24001/14/0247/1920

> ବହିଷ୍କୃତ ଉଇକେଟକିପର-ବ୍ୟାଟ୍ସମ୍ୟାନ ସର୍ଫରାଜ ଅହମ୍ମଦ ଯଦି ସମ୍ପୂର୍ଣ୍ଣ ରୂପେ ଫର୍ମକୁ ଫେରନ୍ତି, ତେବେ ସେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରିବେ ।
> —ୱାସିମ ଖାଁ, ପାକିସ୍ତାନ କ୍ରିକେଟ ବୋର୍ଡ ସିଇଓ



> ଆସନ୍ତା ବର୍ଷ ଚାଇନାରେ ହେବାକୁଥିବା ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ନିଖତ ଜରିନ ଏବଂ ଏମସି ମେରିକମ୍‌ଙ୍କ ମଧ୍ୟରୁ କିଏ ଫିଟ୍ ତାହା ନିରୂପଣ କରିବାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ।
> —କିରେନ ରିଜିଜୁ, କ୍ରୀଡ଼ା ମନ୍ତ୍ରୀ



## ସଂକ୍ଷେପରେ

### ଚେଲସି ଏଫ୍‌ସିର ଭାରତ ଆମ୍ବାସାଡର ଅର୍ଜୁନ କପୁର

**ନୂଆଦିଲ୍ଲୀ,୧୯।୧୦:** ବଲିଉଡ ଷ୍ଟାର ଅର୍ଜୁନ କପୁରଙ୍କୁ ଇଂଲିଶ ପ୍ରିମିୟର ଲିଗ୍ କ୍ଲବ ଚେଲସି ଏଫ୍‌ସି ଦଳର ଭାରତ ପାଇଁ ଆମ୍ବାସାଡର ନିଯୁକ୍ତ କରାଯାଇଛି। ଏ ନେଇ ଅର୍ଜୁନ ଇନ୍‌ଷ୍ଟାଗ୍ରାମରେ ଫଟୋ ପୋଷ୍ଟ କରି ସୂଚନା ଦେଇଛନ୍ତି। ଫଟୋରେ ଅର୍ଜୁନଙ୍କ ସହ ରହିଛନ୍ତି ଚେଲସି ଏଫ୍‌ସି ମ୍ୟାନେଜର ଫ୍ରାଙ୍କ ଲାମ୍ପାର୍ଡ। ଏହାର କ୍ୟାପଶନରେ ସେ ଲେଖିଛନ୍ତି, ଭାରତ ପାଇଁ କ୍ଲବର ଅଫିସିଆଲ ବ୍ରାଣ୍ଡ ଆମ୍ବାସାଡର। ୟୁନାଇଟେଡ୍ କିଙ୍ଗଡମର କୋଭାମଠାରେ ଚାଲିଥିବା ଚେଲସି ଦଳର ଟ୍ରେନିଂ ସେସନ୍‌ବେଳେ ଏ ନେଇ ଘୋଷଣା ହୋଇଛି। ଆମ୍ବାସାଡର ଭାବେ ଅର୍ଜୁନ ଏକ ଡିଜିଟାଲ ଟକ୍ ଶୋରେ ଭାଗନେବେ, ଯେଉଁଥିରେ ସେ ଦଳର ପ୍ରଶଂସକଙ୍କ ସହ ଆଲୋଚନା କରିବେ।

### ସେମିଫାଇନାଲରେ ହାରିଲେ ପ୍ରମୋଦ

**ଭୁବନେଶ୍ୱର, ୧୯।୧୦(କ୍ରୀଡ଼ା ପ୍ରତିନିଧି):** ଡେନମାର୍କର କୋପେନହେଗେନଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲରେ ପରାଜିତ ହୋଇଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ସିଙ୍ଗଲ୍ସ ସେମିରେ ସେ ନିଜ ଡବଲ୍ସ ପାର୍ଟନର ମନୋଜ ସରକାରଙ୍କଠାରୁ ୧୫-୨୧, ୧୬-୨୧ ପଏଣ୍ଟରେ ହାରି ଯାଇଥିଲେ। ସେହିପରି ପ୍ରମୋଦ ଓ ମନୋଜ ଯୋଡ଼ି ଡବଲ୍ସ ସେମିଫାଇନାଲରେ ଅନ୍ୟତମ ଭାରତୀୟ ଯୋଡ଼ି ବିକ୍ରମ କୁମାର ଓ ସୁହାଶ ଲି'ଙ୍କଠାରୁ ୨୦-୨୨ ଓ ୧୫-୨୧ ପଏଣ୍ଟରେ ପରାଜିତ ହୋଇଥିଲେ। ତେବେ ଉଭୟ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିବାରୁ ପ୍ରମୋଦ ଟୁର୍ନାମେଣ୍ଟରେ ୨ଟି ବ୍ରୋଞ୍ଜ ପଦକ ପାଇବେ।

### ଆଜିଠୁ ବିଜୟ ହଜାରେ ନକ୍‌ଆଉଟ୍

**ବେଙ୍ଗାଲୁରୁ,୧୯।୧୦(ପିଟି):** ଲମ୍ବା ଲିଗ୍ ପର୍ଯ୍ୟାୟ ପରେ ରବିବାରଠାରୁ ଚଳିତ ବିଜୟ ହଜାରେ ଟ୍ରଫିର ନକ୍‌ଆଉଟ୍ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଛି। ଦିଲ୍ଲୀ ତା'ର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଗୁଜରାଟକୁ ଭେଟିବ। ତେବେ ଦୁଇ ଦଳ ମଧ୍ୟରେ ଦିଲ୍ଲୀ ଅପେକ୍ଷାକୃତ ଶକ୍ତିଶାଳୀ ମନେ ହେଉଛି। ଦଳରେ ଅଭିଜ୍ଞ ଓପନର ଶିଖର ଧାୱନ ଓ ପେସର ନବଦୀପ ସାଇନିଙ୍କ ଭଳି ଖେଳାଳି ରହିଛନ୍ତି। ପ୍ରତିପକ୍ଷ ଗୁଜରାଟ ଦଳକୁ ଜିତାଇବା ପାଇଁ ଅଧିନାୟକ ପାର୍ଥିବ ପଟେଲ ଓ ପ୍ରିୟଙ୍କ ପାଞ୍ଚାଲଙ୍କୁ ଉନ୍ନତ ପ୍ରଦର୍ଶନ କରିବାକୁ ପଡ଼ିବ। ରବିବାର ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ଓ ପୁଡୁଚେରୀ ପରସ୍ପରକୁ ଭେଟିବେ। କର୍ଣ୍ଣାଟକ ଦଳର ଅଧିନାୟକ ମନୀଷ ପାଣ୍ଡେ ଗତ ୮ ମ୍ୟାଚ୍‌ରେ ୫୦୫ କରିଛନ୍ତି। ବିନୟ କୁମାରଙ୍କ ଭଳି ଅଭିଜ୍ଞ ଅଲରାଉଣ୍ଡର ରହିଥିଲେ ମଧ ଦଳ ପୁଡୁଚେରୀକୁ ଦୁର୍ବଳ ମନେ କରିବା ଭଳି ଭୁଲ କରିବ ନାହିଁ। ୨୧ରେ ଦୁଇଟି କ୍ୱାର୍ଟର ଫାଇନାଲ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଓ ଛତିଶଗଡ଼ ଏବଂ ଅନ୍ୟ ଏକ ମ୍ୟାଚ୍‌ରେ ତାମିଲନାଡୁ ଓ ପଞ୍ଜାବ ପରସ୍ପରକୁ ଭେଟିବେ।

# ଅନ୍ତିମ ଟେଷ୍ଟ: ରୋହିତଙ୍କ ଶତକ

**ରାଞ୍ଚି,୧୯।୧୦(ପି.ଟି.)**

### ବର୍ଷା, ଖରାପ ଆଲୋକ ଯୋଗୁ ଖେଳ ବାଧାପ୍ରାପ୍ତ

ସ୍ଥାନୀୟ ଝାଡଖଣ୍ଡ ଷ୍ଟେଟ୍ କ୍ରିକେଟ ଆସୋସିଏଶନ ଷ୍ଟାଡିୟମ କମ୍ପ୍ଲେକ୍ସରେ ଶନିବାରଠାରୁ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଆରମ୍ଭ ହୋଇଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତାରକା ଓପନର ରୋହିତ ଶର୍ମାଙ୍କ ଶତକ ସହାୟତାରେ ଭାରତ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୫୮ ଓଭରରେ ୩ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରିଛି। ଖରାପ ଆଲୋକ ଓ ବର୍ଷା କାରଣରୁ ପ୍ରଥମ ଦିନର ଖେଳ ଶୀଘ୍ର ଶେଷ ହୋଇଥିଲା। ପାଖାପାଇ ୩୦ ଓଭର ଖେଳ ସମ୍ଭବ ହୋଇପାରି ନ ଥିଲା। ଚା' ପାନ ବିରତି ପରେ ୬ ଓଭର ଖେଳ ସମ୍ଭବ ହୋଇପାରି ଥିଲା। ସମ୍ପୂର୍ଣ୍ଣ ଖେଳ ହୋଇପାରି ନ ଥିବାରୁ ରବିବାର ୩୦ ମିନିଟ୍ ଆଗରୁ ଖେଳ ଆରମ୍ଭ ହେବ। ପ୍ରଥମ ସେସନରେ ଦକ୍ଷିଣ ଆଫ୍ରିକା ବୋଲରଙ୍କ ପ୍ରଭାବ ଦେଖିବାକୁ ମିଳିଥିଲା। ତେବେ ପରେ ରୋହିତ ଓ ରାହାନେ ଭ୍ରମଣକାରୀ ବୋଲରଙ୍କ ସଫଳ ମୁକାବିଲା କରିଥିଲେ।

ଷ୍ଟମ୍ପ ଅପସାରଣ ବେଳକୁ ରୋହିତ ୧୧୭ ରନର ଶତକୀୟ ପାଳି ଓ ଉପ- ଅଧିନାୟକ ଅଜିଙ୍କ୍ୟ ରାହାନେ ୮୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି। ଇନିଂସ ଆରମ୍ଭରୁ ଭାରତ ଝଟ୍‌କା ଖାଇଥିଲା। ଇନ୍‌ଫର୍ମ ଓପନର ମୟଙ୍କ ଅଗ୍ରୱାଲ ମାତ୍ର ୧୦ ରନ କରିଥିବା ବେଳେ ଦ୍ରୁତ ବୋଲର କାଗିସୋ ରାବାଡାଙ୍କ ବଲ୍‌ରେ ତୃତୀୟ ସ୍ଲିପ୍‌ରେ ଡିନ୍ ଏଲଗାରଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ଖାତା ଖୋଲିବା ପୂର୍ବରୁ ରାବାଡ଼ାଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ପ୍ରଥମେ ଅମ୍ପାୟର ଆବେଦନ ଖାରଜ କରିଥିଲେ। ଫଳରେ ପୂଜାରାଙ୍କୁ ଆଉଟ୍ କରିବା ପାଇଁ ଦକ୍ଷିଣ ଆଫ୍ରିକାକୁ ରିଭ୍ୟୁ ନେବାକୁ ପଡିଥିଲା। ଶେଷରେ ପୂଜାରା ପ୍ୟାଭିଲିୟନ ଫେରିଥିଲେ। ଦ୍ୱିତୀୟ ଟେଷ୍ଟରେ ୨୫୪ ରନର ଅପରାଜିତ ଦ୍ୱିଶତକୀୟ ପାଳି ଖେଳିଥିବା ଅଧିନାୟକ ବିରାଟ କୋହଲି ଏଥର ବିଫଳ ହୋଇଥିଲେ। ସେ ୧୨ ରନ କରିଥିବା ବେଳେ ଲାଇନ ମିସ୍ କରି ଅନରିଚ ନୋର୍ଜଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏଥି ସହିତ ନୋର୍ଜ କ୍ୟାରିୟର ପ୍ରଥମ ଟେଷ୍ଟ ଉଇକେଟ ହାସଲ କରିଥିଲେ। କୋହଲି ରିଭ୍ୟୁ ନେଇଥିଲେ ମଧ୍ୟ କୌଣସି ଲାଭ ହୋଇ ନ ଥିଲା। ମାତ୍ର ୩୯ ରନରେ ୩ ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଏହାପରେ ରୋହିତ ଓ ରାହାନେ ଦୃଢ଼ ବ୍ୟାଟିଂ କରି ସ୍ଥିତି ସମ୍ଭାଳିଥିଲେ। ଚତୁର୍ଥ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୨୫୬ଟି ବଲ୍ ଖେଳି ଅପରାଜିତ ୧୮୫ ରନକରି ଥିଲେ। ରୋହିତ ୧୬୪ଟି ବଲ୍‌ର ସମ୍ମୁଖୀନ ହୋଇ ୧୪ ଚୌକା ଓ ୪ ଛକା ସହ ଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ଏଥି ସହିତ ରୋହିତ ସିରିଜରେ ତୃତୀୟ ଓ କ୍ୟାରିୟର ଷଷ୍ଠ ଶତକ ହାସଲ କରିଛନ୍ତି। ସ୍ପିନର ଡେନ୍ ପିଟଙ୍କୁ ଏକ ସୁନ୍ଦର ଛକା ମାରି ରୋହିତ ଶତକ ହାସଲ କରିଥିଲେ। ସେହିପରି ରାହାନେ ୧୩୫ଟି ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୧ ଛକା ସହ ଶତକର ନିକଟତର ହେବା ସହ ଅପରାଜିତ ରହିଛନ୍ତି। ସେ କ୍ୟାରିୟରର ୨୧ତମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଛନ୍ତି। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ରାବାଡ଼ା ୨ ଓ ନୋର୍ଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ଦ୍ୱିପାକ୍ଷିକ ଟେଷ୍ଟ ସିରିଜରେ ସର୍ବାଧିକ ଛକା

ରୋହିତ୍ ଶର୍ମାଙ୍କ ନାମରେ ଆଉ ଏକ ରେକର୍ଡ ଯୋଡ଼ି ହୋଇଛି। କୌଣସି ଦ୍ୱିପାକ୍ଷିକ ଟେଷ୍ଟ ସିରିଜରେ ସର୍ବାଧିକ ଛକା ମାରିବାର ରେକର୍ଡର ଅଧିକାରୀ ରୋହିତ୍ ହୋଇଛନ୍ତି। ଏଠାରେ ଶନିବାରଠାରୁ ଆରମ୍ଭ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୩ୟ ଟେଷ୍ଟ ଅବସରରେ ସେ ଏହି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହି ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ୍ ହରାଇ ୨୨୪ ରନ କରିଛି। 'ହିଟ୍ ମ୍ୟାନ' ଭାବେ ପରିଚିତ ରୋହିତ୍ ମ୍ୟାଚ୍‌ରେ ୧୧୭ ରନର ଶତକୀୟ ଇନିଂସ ଖେଳି ଅପରାଜିତ ରହିଛନ୍ତି, ଯେଉଁଥିରେ ୧୪ ଚୌକା ଓ ୪ ଛକା ସାମିଲ ରହିଛି। ମୋଟ୍ ଉପରେ ସେ ଏହି ସିରିଜରେ ବର୍ତ୍ତମାନ ସୁଦ୍ଧା ୧୬ ଛକା ମାରିଛନ୍ତି। ଏଥିସହ ଗୋଟିଏ ଦ୍ୱିପାକ୍ଷିକ ଟେଷ୍ଟ ସିରିଜରେ ସର୍ବାଧିକ ଛକା ମାରିବାରେ ରୋହିତ୍ ୱେଷ୍ଟଇଣ୍ଡିଜର ସିମରନ ହେଟ୍‌ମେରଙ୍କୁ ପଛରେ ପକାଇ ଦେଇଛନ୍ତି। ପୂର୍ବରୁ ସିମରନ ୨୦୧୮-୧୯ ସିଜନରେ ବାଂଲାଦେଶ ବିପକ୍ଷ ସିରିଜରେ ୧୫ ଛକା ମାରି ଏହି ରେକର୍ଡର ଅଧିକାରୀ ହୋଇଥିଲେ। ସେହିଭଳି ଗୋଟିଏ ସିରିଜରେ ୩ କିମ୍ବା ଏହାଠାରୁ ଅଧିକ ଶତକ ହାସଲ କରିବାରେ ରୋହିତ୍ ୨ୟ ଭାରତୀୟ ଓପନର୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ସୁନୀଲ ଗାଭାସ୍କର ୩ଟି ଭିନ୍ନ ଭିନ୍ନ ସିରିଜରେ ତିନିଥର ଏହି ସଫଳତା ପାଇଥିଲେ।



ଶତକ ହାସଲ ପରେ ରୋହିତ ଶର୍ମା

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ- ୫୮ ଓଭରରେ ୨୨୪/୩ (ରୋହିତ- ୧୧୭*, ରାହାନେ- ୮୩*, ରାବାଡ଼ା-/୫୪,ନାର୍ଜ-/୫୦)।

୩୦ ବର୍ଷୀୟ ଝାଡଖଣ୍ଡ ବାମହାତୀ ସ୍ପିନର ଶାହାବାଜ ନଦିମଙ୍କୁ ଅନ୍ତିମ ଏକାଦଶରେ ସ୍ଥାନ ମିଳିଛି ଓ ସେ ଟେଷ୍ଟ ପଦାର୍ପଣ କରିଛନ୍ତି। କୁଲଦୀପ ଯାଦବ କାନ୍ଧରେ ଦେଖାଦେଇଥିବା ଆଘାତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡିଥିଲେ। ଫଳରେ ନଦିମଙ୍କୁ ଖେଳିବା ପାଇଁ ଟିମ୍ ମ୍ୟାନେଜମେଣ୍ଟ ସୁଯୋଗ ଦେଇଛି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ଦଳରେ ୫ଟି ପରିବର୍ତ୍ତନ କରାଯାଇଛି। ଦକ୍ଷିଣ ଆଫ୍ରିକା ପାଇଁ ହେନେରିଚ କ୍ଲାସେନ ଓ ସ୍ପିନର ଜର୍ଜ ଲିଣ୍ଡେ ପଦାର୍ପଣ କରିଛନ୍ତି। ସିରିଜର ପ୍ରଥମ ଦୁଇଟି ଟେଷ୍ଟ ଜିତି ଭାରତ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଏଥିସହିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିନପ୍‌ରେ ଭାରତ ୨୦୦ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିଛି। ନ୍ୟୁଜିଲାଣ୍ଡ ୪୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି।

### ବାଂଲାଦେଶ ଟି୨୦ ସିରିଜ୍
## ବିରାଟ କୋହଲିଙ୍କୁ ଦିଆଯାଇପାରେ ବିଶ୍ରାମ



**ନୂଆଦିଲ୍ଲୀ,୧୯।୧୦(ପି.ଟି.):** ଆସନ୍ତା ନଭେମ୍ବର ୩ ତାରିଖରୁ ବାଂଲାଦେଶ ଓ ଭାରତ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଖେଳାଯିବ। ଏହି ସିରିଜ୍ ଲାଗି ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇପାରେ। ଗତବର୍ଷ ଅକ୍ଟୋବରଠାରୁ ଭାରତୀୟ ଦଳ ଏପର୍ଯ୍ୟନ୍ତ ୫୬ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛି। ଏଥିରୁ କୋହଲି ୪୮ ମ୍ୟାଚ୍‌ରେ ଅଂଶଗ୍ରହଣ କରିଛନ୍ତି। କାମର ବୋଝ ହ୍ରାସ କରିବା ଲାଗି କୋହଲିଙ୍କୁ ବିଶ୍ରାମ ଦିଆଯିବାର ସମ୍ଭାବନା ରହିଛି। କିନ୍ତୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ୩ୟ ଟେଷ୍ଟ ଶେଷ ହେବା ପରେ ଚୟନକର୍ତ୍ତାମାନେ ଏ ସମ୍ପର୍କରେ କୋହଲିଙ୍କ ସହ କଥା ହେବେ। ଟିମ୍ ଇଣ୍ଡିଆ ଅଧିନାୟକ କେଉଁଭଳି ଅନୁଭବ କରୁଛନ୍ତି, ତାହା ଉପରେ ଏହା ନିର୍ଭର କରେ। ନିଜ ଶରୀରକୁ ସେ ଆମଠୁ ଭଲ ଜାଣିଛନ୍ତି। ଯଦି ଦରକାର ସେ ଚୟନକର୍ତ୍ତାଙ୍କୁ ବିଶ୍ରାମ ପାଇଁ କହିପାରିବେ ବୋଲି ଚୟନ କମିଟି ନିକଟତର ସୂତ୍ରରୁ ଜଣାପଡ଼ିଛି। ବାଂଲାଦେଶ ବିପକ୍ଷ ସିରିଜ୍ ଲାଗି ଆସନ୍ତା ୨୪ ତାରିଖରେ ଭାରତୀୟ ଦଳ ଘୋଷଣା ହେବ। ଦିଲ୍ଲୀରେ ପ୍ରଥମ ଟି୨୦ ଖେଳାଯିବ। ପରବର୍ତ୍ତୀ ଦୁଇଟି ଟି୨୦ ମ୍ୟାଚ୍ ନଭେମ୍ବର ୭ ଓ ୧୦ ତାରିଖରେ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ଏହାପରେ ଦୁଇଟିକିଆ ଟେଷ୍ଟ ସିରିଜ୍ ଖେଳାଯିବ, ଯାହାକି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ।

# ରାଜ୍ୟସ୍ତରୀୟ ସାଇକ୍ଲିଂ ଚାମ୍ପିୟନଶିପ୍

**ଭଣ୍ଡାରିପୋଖରୀ, ୧୯।୧୦ (ସ୍ୱ.ପ୍ର.):** ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ଦ୍ୱାରା ପରିଚାଳିତ ଭଦ୍ରକ ଜିଲା ସାଇକ୍ଲିଂ ଆସୋସିଏଶନ ପକ୍ଷରୁ ବାରିକପୁରଠାରେ ଦୁଇଦିନିଆ ୩୮ତମ ରାଜ୍ୟସ୍ତରୀୟ ସାଇକ୍ଲିଂ ଉଦ୍‌ଘାଟିତ ହୋଇଛି। ଜିଲା ଆସୋସିଏସନର ସମ୍ପାଦକ ମନୋରଞ୍ଜନ ବାରିକଙ୍କ ସଂଯୋଜନାରେ ଆୟୋଜିତ ପ୍ରତିଯୋଗିତାକୁ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସାଇକ୍ଲିଂ ସଂଘର ସଭାପତି ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ମିନତି ମହାପାତ୍ର, ଜିଲା ଆସୋସିଏଶନର ସଭାପତି ପ୍ରଣିତକାନ୍ତ ସାମଲ, ରାଜ୍ୟ ସଂଘର ସମ୍ପାଦକ ବିଜୟ ରାଉତ, ସମାଜସେବୀ ମଦନ ମୋହନ ପଣ୍ଡା, ରଘୁ ପଣ୍ଡା, ଅମୂଲ୍ୟ ନାୟକ, ସୁଧାକର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୧୧ଟି ଜିଲାରୁ ୭୦ ସାଇକ୍ଲିଷ୍ଟ ଭାଗ ନେଇଛନ୍ତି। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ୫ କି.ମି. ବିଶିଷ୍ଟ ବାରିକପୁର ବଜାରଠାରୁ ଅଭିଲ ଛକ ପର୍ଯ୍ୟନ୍ତ ଆର୍ଡି ରାସ୍ତାକୁ ଟ୍ରାକ୍ ଭାବେ ବ୍ୟବହୃତ କରାଯାଇଥିଲା। କୃତୀ ସାଇକ୍ଲିଷ୍ଟମାନଙ୍କୁ ରାଜସ୍ଥାନରେ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ସୁଯୋଗ ଦିଆଯିବ ବୋଲି ଜିଲା ସଂଘ ଅର୍ଗାନାଇଜିଂ ସେକ୍ରେଟେରୀ ବାରିକ ସୂଚନା ଦେଇଛନ୍ତି। ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ସୁଶୀଲ କୁମାର ଦାସ, ଶରତ ଦାସ, ନୃସିଂହ ସାହୁ, ସବ୍ୟସାଚୀ ଦାସ, ଦେବାଶିଷ ମହାପାତ୍ର, ଦିଲୀପ ନାଟିଆ, ସୁଶାନ୍ତ ବେହେରା, ସସ୍ମିତ ମହାନ୍ତି, ନିରଞ୍ଜନ ବାରିକ, ଅଜିତ ଶତପଥୀ ଓ ସୁଶାନ୍ତ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।



ଜଣେ ପ୍ରତିଯୋଗୀଙ୍କୁ ଉତ୍ସାହିତ କରାଯାଉଛି।

# ନଦୀମ ଭାରତର ୨୯୬ତମ ଟେଷ୍ଟ ଖେଳାଳି

**ରାଞ୍ଚି, ୧୯।୧୦**

ଝାଡ଼ଖଣ୍ଡର ବାମହାତୀ ସ୍ପିନର ଶାହବାଜ ନଦୀମ ଟେଷ୍ଟ ଖେଳିବାରେ ଭାରତର ୨୯୬ତମ ଖେଳାଳି ହୋଇଛନ୍ତି। ଶନିବାରଠାରୁ ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏଠାରେ ଆରମ୍ଭ ହୋଇଥିବା ୩ୟ ଟେଷ୍ଟରେ କୁଲଦୀପ ଯାଦବଙ୍କ ବଦଳରେ ୩୦ ବର୍ଷୀୟ ନଦୀମଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିଥିଲା। ଫଳରେ ଘରୋଇ କ୍ରିକେଟ୍‌ରେ ଦୀର୍ଘ ୧୫ ବର୍ଷର ସଂଘର୍ଷ ସହିତ ୧୧୦ ପ୍ରଥମ ଶ୍ରେଣୀ ଓ ୧୦୬ ଲିଷ୍ଟ-ଏ ମ୍ୟାଚ୍ ଖେଳିସାରିବା ପରେ ନଦୀମ ଟେଷ୍ଟ ପଦାର୍ପଣ କରିବାର ସୁଯୋଗ ପାଇଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ନଦୀମଙ୍କ ନାମରେ ୪୨୪ ଉଇକେଟ୍ ସହ ଗୋଟିଏ ଶତକ ଓ ୭ଟି ଅର୍ଦ୍ଧଶତକ ରହିଛି। ୨୦୧୫-୧୬ ଓ ୨୦୧୬-୧୭ ରଣଜୀ ଟ୍ରଫି ସିଜନରେ ସେ ୫୦ରୁ ଊର୍ଦ୍ଧ୍ୱ ଉଇକେଟ୍ ଅକ୍ତିଆର କରିଥିଲେ। ସେହିଭଳି ଲିଷ୍ଟ-ଏ'ରେ ମଧ ପ୍ରଭାବୀ ବୋଲିଂ କରି ସେ ୧୪୫ ଉଇକେଟ୍ ନେଇଛନ୍ତି। ୨୦୧୮-୧୯ ବିଜୟ ହଜାରେ ଟ୍ରଫିରେ ରାଜସ୍ଥାନ ବିପକ୍ଷ ମ୍ୟାଚ୍‌ରେ ୧୦ ରନରେ ୮ ଉଇକେଟ୍ ଅକ୍ତିଆର କରି ୨୧ ବର୍ଷର ଏକ ରେକର୍ଡ ଭଙ୍ଗ କରିଥିଲେ। ଗତ ଅକ୍ଟୋବରରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ସିରିଜ ଖେଳି ସେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।



କୋହଲିଙ୍କଠାରୁ ଟେଷ୍ଟ କ୍ୟାପ୍ ଗ୍ରହଣ କରୁଛନ୍ତି ଶାହବାଜ ନଦୀମ।

# ଏଟିକେ-ବ୍ଲାଷ୍ଟର୍ସ ଉଦ୍‌ଘାଟନୀ ମୁକାବିଲା

**କୋଚି, ୧୯।୧୦ (ପି.ଟି.)**

ଭାରତୀୟ ଫୁଟ୍‌ବଲରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ଷଷ୍ଠ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଉଦ୍‌ଘାଟନୀ ମୁକାବିଲାରେ କେରଳ ବ୍ଲାଷ୍ଟର୍ସକୁ ଭେଟିବ କୋଲକାତା ବେସଡ୍ ଫୁଟ୍‌ବଲ କ୍ଲବ ଏଟିକେ। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ସନ୍ଧ୍ୟା ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ଚଳିତ ସଂସ୍କରଣରେ ମୋଟ୍ ୧୦ ଦଳ ଅଂଶଗ୍ରହଣ କରୁଥିବାବେଳେ ଏଥିରେ ୨ଟି ନୂଆ ଫ୍ରାଞ୍ଚାଇଜ ସ୍ଥାନ ପାଇଛନ୍ତି। ଦିଲ୍ଲୀ ଡାଇନାମୋସ ପରିବର୍ତ୍ତନ ହୋଇ ଓଡ଼ିଶା ଏଫ୍‌ସି ହୋଇଛି। ସେହିଭଳି ଏଫ୍‌ସି ପୁଣେ ସିଟି ସ୍ଥାନ ନେଇଛି ହାଇଦ୍ରାବାଦ ଏଫ୍‌ସି। ଓଡ଼ିଶା ଏଫସି କମ୍ ସମୟ ମଧ୍ୟରେ ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ଦଳ ଗଠନ କରିପାରିଛନ୍ତି । ଆଇଏସ୍‌ଏଲ୍‌ର ଚଳିତ ସଂସ୍କରଣରେ ପ୍ରତ୍ୟେକ ଦିନ କେବଳ ଗୋଟିଏ ମ୍ୟାଚ୍ ଖେଳାଯିବ ଏବଂ ପ୍ରତି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ରୁ ଆରମ୍ଭ ହେବ। ମ୍ୟାଚ୍‌ଗୁଡ଼ିକ ଷ୍ଟାର ସ୍ପୋର୍ଟ୍ସ ଓ ହଟ୍‌ଷ୍ଟାରରେ ସିଧା ପ୍ରସାରିତ ହେବ। ପ୍ରତ୍ୟେକ ଦଳ ଲିଗ୍ ପର୍ଯ୍ୟାୟରେ ପରସ୍ପର ବିପକ୍ଷରେ ୨ଟି ହିସାବରେ ମୋଟ୍ ୧୮ଟି ଲେଖାଏ ମ୍ୟାଚ୍ ଖେଳିବେ। ଯେଉଁଥିରେ ଗୋଟିଏ ମ୍ୟାଚ୍ ଘରୋଇ ପଡ଼ିଆରେ ଏବଂ ଅନ୍ୟଟି ବାହାରେ ଖେଳାଯିବ। ଲିଗ୍ ପର୍ଯ୍ୟାୟର ଶ୍ରେଷ୍ଠ-୪ ଦଳ ସେମିଫାଇନାଲରେ ପ୍ରବେଶ କରିବେ ବୋଲି ଜଣାପଡ଼ିଛି। ଆଇଏସ୍‌ଏଲ୍ ସିଜନ-୬ ଫେବୃୟାରୀରେ ଶେଷ ହେବ।

ଗତସଂସ୍କରଣରେବେଙ୍ଗାଲୁରୁଏଫ୍‌ସି ଚାମ୍ପିୟନ ହୋଇଥିବାବେଳେ ଏଫ୍‌ସି ଗୋଆ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା।



କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଅଭ୍ୟାସରତ ଓଡ଼ିଶା ଏଫ୍‌ସି ଦଳର ଖେଳାଳିମାନେ।

**ଆଇଏସ୍‌ଏଲ୍-୬ ଆଜିଠାରୁ**

### ସିଜନ-୬ରେ ଭାଗନେବାକୁ ଥିବା ଦଳ

୧- ବେଙ୍ଗାଲୁରୁ ଏଫ୍‌ସି
୨- ଏଫ୍‌ସି ଗୋଆ
୩- ଏଟିକେ
୪- ଚେନ୍ନାଇନ ଏଫ୍‌ସି
୫- ନର୍ଥଇଷ୍ଟ ୟୁନାଇଟେଡ୍
୬- ମୁମ୍ବାଇ ସିଟି ଏଫ୍‌ସି
୭- କେରଳ ବ୍ଲାଷ୍ଟର୍ସ
୮- ଜାମସେଦପୁର ଏଫ୍‌ସି
୯- ଓଡ଼ିଶା ଏଫ୍‌ସି
୧୦- ହାଇଦ୍ରାବାଦ ଏଫ୍‌ସି

### ସଂକ୍ଷେପରେ ଆଇଏସ୍‌ଏଲ୍ ତଥ୍ୟ

- ମୋଟ ମ୍ୟାଚ: ୩୭୩
- ମୋଟ ଗୋଲ: ୯୫୬
- ସର୍ବାଧିକ ଗୋଲ ଦେଇଥିବା ଦଳ: ଏଫସି ଗୋଆ (୧୫୪)
- ଆଇଏସଏଲ ଏପର୍ଯ୍ୟନ୍ତ ଭାରତ ସମେତ ୬୭ ଦେଶର ୫୮୮ ଜଣ ଖେଳାଳି ବିଭିନ୍ନ ଦଳ ପକ୍ଷରୁ ଖେଳିସାରିଛନ୍ତି।
- ପାଞ୍ଚ ବର୍ଷ ମଧ୍ୟରେ ପଡିଆରେ ଦର୍ଶକଙ୍କ ସଂଖ୍ୟା ୭୦ ଲକ୍ଷ ୫୬ ହଜାର ୮୨୫ ରେ ପହଞ୍ଚିଛି।

# ପଡ଼ିଆରେ ବିବାହ ନିବେଦନ

**ଆଡିଲେଡ୍,୧୯।୧୦:** ଚଳିତ ମହିଳା ବିଗ୍ ବାଶ ଲିଗ୍ ରେ ଶନିବାର ମେଲବୋର୍ନ ରେନେଗାଡେସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍ ଜିତିବା ପରେ ଆଡିଲେଡ୍ ଷ୍ଟ୍ରାଇକର୍ସ ଲେଗ୍ ସ୍ପିନର ଆମ୍‌ଣ୍ଡା ଜାଡେ ୱେଲିଂଟନ ଦଳୀୟ ଖେଳାଳିଙ୍କ ସହ ଫଟୋ ନେଉଥିବାବେଳେ ତାଙ୍କୁ ବଡ଼ ଉପହାର ମିଳିଥିଲା। ୨୩ ବର୍ଷୀୟ ପୁରୁଷ ବନ୍ଧୁ ଟେଲର ମ୍ୟାକେଞ୍ଜି ପଡ଼ିଆରେ ଆମଣ୍ଡାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ପ୍ରାୟ ବଲ ଭଳି ଦେଖାଯାଉଥିବା ରିଙ୍ଗ୍ ପିନ୍ଧାଇଥିଲେ। ଆମେ ପଡ଼ିଆରେ ଟିମ ଫଟୋ ନେଉଥିବାବେଳେ ମୁଁ ତାଙ୍କୁ ପଡ଼ିଆରେ ଦେଖିଲି। ମୁଁ ଜାଣି ନ ଥିଲି କ'ଣ ଘଟୁଛି। କିନ୍ତୁ ମୁଁ ଏବେ ବହୁତ ଖୁସି ବୋଲି ୨୨ ବର୍ଷୀୟା ଆମଣ୍ଡା କହିଛନ୍ତି। ସେ ୨୦୧୬ରେ ଅଷ୍ଟ୍ରେଲିଆ ପାଇଁ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିଥିଲେ। ଏପର୍ଯ୍ୟନ୍ତ ୮ ଟି୨୦, ୧୨ ଦିନିକିଆ ଓ ଗୋଟିଏ ଟେଷ୍ଟ ଖେଳିସାରିଛନ୍ତି। ମେଲବୋର୍ନ ରେନେଗାଡେସ ବିପକ୍ଷ ମ୍ୟାଚ୍‌ରେ ସେ ୪ ଓଭର ବୋଲିଂ କରି ୨୮ ରନ୍ ଦେଇ ଉଇକେଟ ଶୂନ୍ୟ ରହିଥିଲେ। ଆଡିଲେଡ ଦଳ ୬ ଉଇକେଟରେ ମ୍ୟାଚ୍ ଜିତି ନେଇଥିଲା। ବିଜୟୀ ଦଳ ପାଇଁ ସୋଫି ଡେଭିନ ୭୨ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ।



# ମୁମ୍ବାଇ ଇଣ୍ଡିଆନ୍ସରୁ ପପୁଙ୍କୁ ଡାକରା

କଟକ ଅଫିସ,୧୯।୧୦

ଓଡ଼ିଶା ସିନିୟର କ୍ରିକେଟ ଦଳର ବାମହାତୀ ଅର୍ଥୋଡକ୍ସ ପପୁ ରାୟଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ଦଳରୁ ଡାକରା ଆସିଛି। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ସର୍ବାଧିକ ଟାଇଟଲ ବିଜୟୀ ଦଳ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଆସନ୍ତା ୨୩ ଓ ୨୪ ତାରିଖରେ ଦୁଇଟି ଅଭ୍ୟାସ ମ୍ୟାଚ୍ ମୁମ୍ବାଇରେ ଖେଳାଯିବ। ଏଥିରେ ପପୁ ଅଂଶ ଗ୍ରହଣ କରିବେ। ଶୁକ୍ରବାର ପପୁଙ୍କୁ ମୁମ୍ବାଇ ଇଣ୍ଡିଆନ୍ସର ଜଣେ ଅଧିକାରୀ ଫୋନ ଯୋଗେ କଥା ହେବା ସହ ଅଭ୍ୟାସ ମ୍ୟାଚ୍‌ରେ ଯୋଗଦେବାକୁ ଆମନ୍ତ୍ରଣ କରିଛନ୍ତି। ଅଭ୍ୟାସ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କଲେ ପପୁ ରାଜ୍ୟର ୩ୟ ଖେଳାଳି ଭାବେ ଆଇପିଏଲରେ ଭାଗ ନେବାର ଗୌରବ ହାସଲ କରିବେ। ଏହା ପୂର୍ବରୁ ବିପ୍ଳବ ସାମନ୍ତରାୟ ଡେକାନ ଚାର୍ଜର୍ସ, ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଓ ହଳଧର ଦାସ ଡେକାନ୍ ଚାର୍ଜର୍ସ ଦଳରୁ ଆଇପିଏଲରେ ଦେଖିବାକୁ ମିଳିଛନ୍ତି। ଏବେ ରାଜ୍ୟ ସିନିୟର ଦଳର ଅଲରାଉଣ୍ଡର ଅଭିଷେକ ରାଉତ ମଧ୍ୟ ଆଇପିଏଲ ଖେଳିଛନ୍ତି। ହେଲେ ସେ ମହାରାଷ୍ଟ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବେଳେ ଆଇପିଏଲରେ ସୁଯୋଗ ପାଇଥିଲେ। ଅଭ୍ୟାସ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି ବୋଲି ପପୁ ନିଜ ପ୍ରତିକ୍ରିୟାରେ କହିଛନ୍ତି। ବାମହାତୀ ସ୍ପିନର ପପୁଙ୍କ ଘର ଯାଜପୁରରେ। ଗତ ୨୦୧୮-୧୯ରେ ସେ ରାଜ୍ୟ ପକ୍ଷରୁ ରଣଜୀ ସିଜନରେ ପଦାର୍ପଣ କରିଥିଲେ। ପଦାର୍ପଣ ସିରିଜରେ ତାଙ୍କ ପ୍ରଦର୍ଶନ ଉତ୍କୃଷ୍ଟ ରହିଥିଲା। ସେହିବର୍ଷ ଦେଓଧର ଟ୍ରଫିରେ ପପୁଙ୍କୁ ଇଣ୍ଡିଆ-ସି ପକ୍ଷରୁ ଖେଳିବାର ସୁଯୋଗ ମିଳିଥିଲା। ୨ଟି ମ୍ୟାଚ୍ ଖେଳି ମୋଟ ୬ଟି ଉଇକେଟ ଦଖଲ କରିଥିଲେ ପପୁ। ଏହାଛଡ଼ା ଇଂଲଣ୍ଡ ବିପକ୍ଷରେ ବୋର୍ଡ ସଭାପତି ଏକାଦଶ ଦଳରେ ମଧ୍ୟ ପପୁ ପ୍ରତିନିଧିତ୍ୱ କରିଛନ୍ତି। ରାଜ୍ୟ ସିନିୟର ଦଳରେ ଏବେ ସେ ଜଣେ ନିୟମିତ ଖେଳାଳି ତଥା ଭରସାଯୋଗ୍ୟ ସ୍ପିନ ବୋଲର। ଗତ ବିଜୟ ହଜାରେ ଟ୍ରଫିରେ ୭ଟି ମ୍ୟାଚ୍ ଖେଳି ପପୁ ୭ଟି ଉଇକେଟ ଦଖଲ କରିଥିଲେ।


ପପୁ ରାୟ

# ଓଡ଼ିଶା ବାଳକ ଦଳ ବିଜୟୀ

**କଟକ ଅଫିସ, ୧୯।୧୦:** ବିହାରର ପାଟନାଠାରେ ଚାଲିଥିବା ୭୦ତମ ଜାତୀୟ ଜୁନିୟର ବାସ୍କେଟବଲ ଚାମ୍ପିୟନଶିପରେ ଶନିବାର ଓଡ଼ିଶା ବାଳକ ଦଳ ବିଜୟୀ ହୋଇଛି। ଓଡ଼ିଶା ୬୭-୪୮ ପଏଣ୍ଟରେ ଜମ୍ମୁ-କଶ୍ମୀରକୁ ପରାସ୍ତ କରିଛି। ଅମିତ ସାମଲ ଓଡ଼ିଶା ପାଇଁ ସର୍ବାଧିକ ପଏଣ୍ଟ ସଂଗ୍ରହ କରିଥିଲେ। ବାଳିକା ବର୍ଗର ମ୍ୟାଚ୍‌ରେ ଓଡ଼ିଶା ୩୨-୬୫ ପଏଣ୍ଟରେ ଛତିଶଗଡ଼ ଠାରୁ ପରାସ୍ତ ହୋଇଛି। ରବିବାର ବାଳକ ଦଳ ଛତିଶଗଡ଼କୁ ଓ ବାଳିକା ଦଳ ତେଲେଙ୍ଗାନାକୁ ଭେଟିବ।

## ସୁଲତାନ ଅଫ୍ ଜୋହର କପ୍

# ଭାରତ ରନର୍ସ ଅପ୍

**ଜୋହର ବାହରୁ (ମାଲେସିଆ), ୧୯।୧୦:** ଭାରତୀୟ ଜୁନିୟର ପୁରୁଷ ହକି ଦଳ ଏଠାରେ ଅନୁଷ୍ଠିତ ୯ମ ସୁଲ୍‌ତାନ ଅଫ୍ ଜୋହର କପ୍ ଟୁର୍ନାମେଣ୍ଟର ଫାଇନାଲରେ ହାରିଯାଇଛି। ଗ୍ରେଟ୍ ବ୍ରିଟେନ ୨-୧ ଗୋଲରେ ବିଜୟ ଲାଭ କରି ଚାମ୍ପିୟନ ହୋଇଛି। ଶନିବାର ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ତରଫରୁ ଏକମାତ୍ର ଗୋଲ ଗୁରସାହିବଜିତ୍ ସିଂ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ କୌଣସି ଦଳ ଗୋଲ ଦେବାରେ ସଫଳ ହୋଇ ନ ଥିଲେ। ୪୯ତମ ମିନିଟ୍‌ରେ ଭାରତକୁ ମ୍ୟାଚରେ ଏହାର ୭ମ ପେନାଲ୍ଟିକର୍ନର ମିଳିଥିଲା। ମନଦୀପଙ୍କ ଚମତ୍କାର ଡ୍ରାଗ୍ ଫ୍ଲିକ୍ ଯୋଗୁ ଗୁରସାହିବଜିତ୍ ଏହାକୁ ଗୋଲରେ ପରିଣତ କରି ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାର ଏକ ମିନିଟ ବ୍ୟବଧାନରେ ଗ୍ରେଟ ବ୍ରିଟେନ ଦଳକୁ ସେମାନଙ୍କର ପ୍ରଥମ ପେନାଲଟି କର୍ନର ମିଳିଥିଲା। ପ୍ରଥମାବସ୍ଥାରେ ସଞ୍ଜୟ ଯଦିଓ ଶଟ୍‌କୁ ଲାଇନରେ ଅଟକାଇ ଦେଇଥିଲେ, କିନ୍ତୁ ଷ୍ଟୁଆର୍ଟ ରଶ୍‌ମେରେ ବଲ୍‌କୁ ଟାଣି ଆଣି ଗୋଲ ସ୍କୋର କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ପରେ ଭାରତ ମିଡ୍‌ଫିଲ୍ଡରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ମାତ୍ର ଗ୍ରେଟ୍ ବ୍ରିଟେନ ଏହାର ଶେଷ ଉଦ୍ୟମରେ ପ୍ରତିଆକ୍ରମଣ କରି ଚାପ ସୃଷ୍ଟି କରିଥିଲା। ଦଳ ୩ଥର ଗୋଲ ଦେବାକୁ ଉଦ୍ୟମ କରି ବିଫଳ ହୋଇଥିଲା। ଶେଷ ମୁହୂର୍ତ୍ତରେ ରଶମେରେ ପୁଣି ଗୋଲ ଦେବାରେ ସଫଳ ହୋଇଥିଲେ ଏବଂ ତାଙ୍କ ଦଳକୁ ୨-୧ରେ ବିଜୟୀ କରାଇଥିଲେ।



## ଗଲ୍ଫର ମ୍ୟାଟ୍ ଏଭେରି ୩ ମାସ ବାସନ୍ଦ

**ନ୍ୟୁୟର୍କ,୧୯।୧୦:** ଆମେରିକୀୟ ଷ୍ଟାର ଗଲ୍ଫର ମ୍ୟାଟ୍ ଏଭେରି ଡ୍ରଗ୍ ପଲିସି ଉଲ୍ଲଂଘନ କରି ୩ ମାସ ବାସନ୍ଦ ହୋଇଛନ୍ତି। ଦୁଇଥର ପିଜିଏ ଟୁର ବିଜେତା ୩୫ ବର୍ଷୀୟ ଏଭେରି କାନାବିସ୍ ନାମକ ଏକ ଔଷଧ ସେବନ କରି ସେ ଆଚରଣବିଧି ଉଲ୍ଲଂଘନ କରିଛନ୍ତି ଓ ଏଥିପାଇଁ ତାଙ୍କୁ ବାସନ୍ଦ କରାଯାଇଛି ବୋଲି ପିଜିଏ ଟୁର ପକ୍ଷରୁ କୁହାଯାଇଛି। ସେ ୨୦୨୦ ଜାନୁୟାରୀ ୭ ତାରିଖରେ ପ୍ରତ୍ୟାବର୍ତ୍ତନ କରିପାରିବେ ବୋଲି କୁହାଯାଇଛି। ମାନସିକ ସ୍ୱାସ୍ଥ କାରଣରୁ ଏହି ଔଷଧ ସେବନ କରିଛି ବୋଲି ଏଭେରି ସ୍ୱୀକାର କରିଛନ୍ତି। ଗତ ୩୦ ବର୍ଷ ହେବ ଚିକିତ୍ସା କରିଆସୁଥିବା ଡାକ୍ତର ତାଙ୍କୁ ଏହି ଔଷଧ ସେବନ କରିବାକୁ ପରାମର୍ଶ ଦେଇଥିଲେ। ଏହି ବାସନ୍ଦାଦେଶକୁ ସ୍ୱୀକାର କରଛନ୍ତି ବୋଲି ବୋଲି ସେ କହିଛନ୍ତି। ଏଭେରୀଙ୍କ ହୋମ୍ ଟାଉନ୍ ଫ୍ଲୋରିଡ଼ାରେ କାନାବିସ୍ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


TRUE VALUE
MARUTI SUZUKI
THE MEGA CAR FESTIVAL
CELERIO ₹3,00,000/- ରୁ ଆରମ୍ଭ
WAGONR ₹2,50,000/- ରୁ ଆରମ୍ଭ
SWIFT ₹3,50,000/- ରୁ ଆରମ୍ଭ
ଏହାହିଁ ହେଉଛି ଠିକ ସୁଯୋଗ ଭଲ ଦାମରେ ଗୋଟିଏ ବଢ଼ିଆ କାର ବାଛିବା ।
ଏହି ସପ୍ତାହ ଶେଷରେ ନିଜର ନିକଟତମ True Value ସୋରୁମକୁ ଯାଆନ୍ତୁ ଏବଂ ବଢ଼ିଆ pre-owned କାର ଗୁଡିକ ମଧ୍ୟରୁ ବଡ ସିଲେକ୍ସନ ରୁ ନିଜର ପସନ୍ଦର କାରକୁ ବାଛି ନିଅନ୍ତୁ ।
VENUE: NEAREST TRUE VALUE SHOWROOM
DATE: 19TH - 21ST OCTOBER, 2019
ଆପ୍ ଡାଉନଲୋଡ୍ କରନ୍ତୁ
App Store
Google play
ଦୟାକରି True Value ଆପ୍ ଏବଂ ୱେବସାଇଟରେ ଆମ ଗାଡ଼ିଗୁଡ଼ିକର ସମ୍ପୂର୍ଣ୍ଣ ରେଞ୍ଜ୍ ମଧ୍ୟରୁ ବାଛନ୍ତୁ।
TRUE VALUE ସାର୍ଟିଫାଏଡ ଗାଡ଼ିଗୁଡ଼ିକ
ସରଳ ପେପରୱାର୍କ
ଗାଡ଼ିର ଯାଞ୍ଚ ପରୀକ୍ଷା ଇତିହାସ
1 ବର୍ଷ ପର୍ଯ୍ୟନ୍ତର ୱାରେଣ୍ଟି ଆଉ 3ଟି ସର୍ଭିସ୍ ମାଗଣା
For enquiry, SMS TRUE to 53636 | Call at 1800 102 1800 | Visit www.marutisuzukitruevalue.com
TRUE VALUE CERTIFIED
All new True Value at: SAMBALPUR/JHARSUGUDA/BARGARH/BOLANGIR: Odyssey Motors, Ph: 7873411550, 6370700832.


MARK OF QUALITY & TRUST
P.C. CHANDRA MORE THAN GOLD GROUP
More Than 22 Karat Purity Gold At 22 Karat Price
DHANTERAS Dhanvarsha
18th-27th Oct 2019**
ଅଫର୍ ଚାଲୁ ରହିବା ସମୟରେ ଶୋରୁମ୍ ସବୁଦିନ ଖୋଲା ରହିବ।
CALCUTTA'S LEADING JEWELLER SINCE 1939
P. C. CHANDRA JEWELLERS®
A jewel of jewels
₹8 Crore*** ମୂଲ୍ୟର ସୁନିଶ୍ଚିତ ଉପହାର
10% Discount ହୀରା ଓ ମୂଲ୍ୟବାନ ପଥର ଉପରେ
₹2,000 Off* 10 ଗ୍ରାମ ସୁନା ଗହଣାର ଗଢ଼ା ମଜୁରି ଉପରେ
ସୁନିଶ୍ଚିତ Gold Coin ₹1 Lakh ଏବଂ ତଦୂର୍ଦ୍ଧ୍ୱ ପ୍ରତ୍ୟେକ କ୍ରୟ ଉପରେ
ପୁରୁଣା ସୁନା ଗହଣା ବଦଳର ସୁବିଧା ମିଳିବ
ସର୍ତ୍ତାବଳୀ ପ୍ରଯୁଜ୍ୟ। *ଏହି ଅଫର୍ କେବଳ ଭୁବନେଶ୍ୱର ଶୋରୁମ୍‌ରେ ବୈଧ। ଏହି ଅଫର୍ 18 ଓ 22 କେରାଟ ସ୍ୱର୍ଣ୍ଣ ଅଳଙ୍କାର ଏବଂ ଡାୟମଣ୍ଡ ଅଳଙ୍କାରର ଗଢ଼ା ମଜୁରି ଉପରେ ମିଳିବ। ଆମାଜିଆ (ଆମର 10 କେରାଟ ସ୍ୱର୍ଣ୍ଣ ଅଳଙ୍କାର ସଂଗ୍ରହ) ଏବଂ ରିହି (ଆମର ରୌପ୍ୟ ଅଳଙ୍କାର ସଂଗ୍ରହ) ସାମଗ୍ରୀ ଗୁଡ଼ିକରର ଗଢ଼ା ମଜୁରି ଉପରେ 25% ଡିସ୍କାଉଣ୍ଟ ପାଇବେ। ସାରା ଦେଶରେ ଆମର ଅନ୍ୟାନ୍ୟ ଶୋରୁମ୍ ଗୁଡ଼ିକରେ ଭିନ୍ନ ଭିନ୍ନ ଅଫର୍ ସମୟ ରହିଛି। ***ସାରା ଦେଶରେ ଥିବା ଆମର ସମସ୍ତ ଶୋରୁମ୍‌ର ଉପହାର ଓ ପୁରସ୍କାରର କ୍ରମବର୍ଦ୍ଧିତ ମୋଟ ମୂଲ୍ୟ ହେଉଛି 8 Crore ଟଙ୍କା। ଧନତେରସ ଧନବର୍ଷା ଅଫର୍ ସାଙ୍ଗରେ ଅନ୍ୟ କୌଣସି ଅଫର୍ ଯୁକ୍ତ ହେବ ନାହିଁ।
+918010700400 (Except Sunday)
pcchandraindia.com | amazon | | Google Play
Follow us on /pcchandrajewellersindia
BHUBANESWAR SHOWROOM: Shop No. 1A, Narula Market Complex, Sriya Square Kharvela Nagar Janpath, Bhubaneswar-751 001 | Ph: (0674) 2380887/888/9556705600
49 SHOWROOMS ACROSS INDIA: Kolkata and other West Bengal showrooms | Delhi | Bengaluru | Bhubaneswar Agartala | Jamshedpur | Noida | Mumbai | Ranchi



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

## ସଂକ୍ଷେପରେ

### ସୁରଭି: ୨ଶହ ଛାତ୍ରୀଛାତ୍ର ଭାଗ ନେଲେ

ଅତାବିରା/ଭେଡେନ,୧୯।୧୦ (ଡି.ଏନ.ଏ): ଭେଡେନ ବ୍ଲକ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଗଣ୍ଡିଆପାଲି ପ୍ରୋଜେକ୍ଟ ୟୁଜି, ୟୁପି ସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ମରାହପାଲି ସିଆରସିସି ସୂର୍ଯ୍ୟନାରାୟଣ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । କଦଳୀପାଲି, ଗଣ୍ଡିଆପାଲି, ରିଜେହିପାଲି, ପଣ୍ଡକିପାଲି, ଧରେଇଟିକ୍ରା, ଭେଜିପାଲି ଆଦି ୧୦ଟି ସ୍କୁଲର ୨ଶହ ଛାତ୍ରୀଛାତ୍ର ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସୁବାଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅର୍ଜୁଣ୍ଡା ସରପଞ୍ଚ ଚିତ୍ରରେଖା ତନସନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗୀତ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା, ତର୍କ ସୃଜନଶୀଳ ଲେଖନ ପ୍ରତିଯୋଗିତା ହୋଇଥିଲା। ଶିକ୍ଷକ ଭବାନୀଶଙ୍କର ଦୋରା ବନ୍ଦନା ଗାନ କରିଥିଲେ । ଶିକ୍ଷକ ବୁଲୁ ଶତପଥି, ସାଧୁରାମ ଭୋଏ, ସୁନୀଲ ଭିତିରିଆଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ପ୍ରଶାନ୍ତ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

■ ରାଜ୍ୟ ଲୋକାୟୁକ୍ତ ଆଇନ ସଚେତନତା କର୍ମଶାଳା

# ଦୁର୍ନୀତି ରୋକିବାକୁ ସଚେତନତା ଦରକାର

ବୌଦ୍ଧ,୧୯।୧୦(ସ୍ୱ.ପ୍ର)




ଲୋକାୟୁକ୍ତ ଆଇନ ସଚେତନତା କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣର ମିଳିତ ସହଯୋଗରେ ବୌଦ୍ଧ ସହରର ଟାଉନ ହଲଠାରେ ରାଜ୍ୟ ଲୋକାୟୁକ୍ତ ଆଇନ ସଚେତନତା କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଛି । ବୌଦ୍ଧ ଜିଲା ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅରବିନ୍ଦ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଲୋକାୟୁକ୍ତ ସଦସ୍ୟ ଅବସରପ୍ରାପ୍ତ ବିଚାରପତି ବିଜୟ କୁମାର ନାୟକ ମୁଖ୍ୟଅତିଥି, ସଦସ୍ୟ ଦେବବ୍ରତ ସ୍ୱାଇଁ, ଲୋକାୟୁକ୍ତ ସଚିବ ମାନସ ରଞ୍ଜନ ତ୍ରିପାଠୀ, ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଆରକ୍ଷୀ ଅଧୀକ୍ଷକ ଭି. ରଘୁନାଥ ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବୌଦ୍ଧ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଉଦ୍‌ଘାଟନୀ ସଙ୍ଗୀତ ଗାନ କରିଥିଲେ । ଜିଲା ଦୌରାଜଜ ଗୁରୁ ଅତିଥି ପରିଚୟ ପ୍ରଦାନ କରିବା ସହ ଲୋକାୟୁକ୍ତ ଆଇନ ଦ୍ୱାରା ଦୁର୍ନୀତି ଓ ଭ୍ରଷ୍ଟାଚାର ରୋକାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଅବସରପ୍ରାପ୍ତ ବିଚାରପତି ନାଏକ ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ପ୍ରତିରୋଧ କରିବା ପାଇଁ ସମସ୍ତେ ସଚେତନ ହେବା ଦରକାର ବୋଲି କହିଥିଲେ। ଏହି ଆଇନ କାର୍ଯ୍ୟରତ ସରକାରୀ ଓ ବେସରକାରୀ କର୍ମଚାରୀଙ୍କ ସମେତ ନିର୍ବାଚିତ ପ୍ରତିନିଧି ଏପରିକି ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ ପରିସର ଭୁକ୍ତ ଅଟନ୍ତି । ସେମାନଙ୍କ ବିରୋଧରେ ଯଦି ପ୍ରମାଣଯୁକ୍ତ ଦୁର୍ନୀତି ଅଭିଯୋଗ ରହିଥାଏ, ତେବେ ସାଧାରଣ ଲୋକ ମଧ୍ୟ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଯେ କେହି ସୂଚନା ଆଇନ ବଳରେ ମାଗିଥିବା ତଥ୍ୟ ଲୋକାୟୁକ୍ତଙ୍କ ନିକଟରେ ନେଇ ଅଭିଯୋଗ କଲେ ମଧ୍ୟ ଏହା ଦ୍ୱାରା ଲୋକାୟୁକ୍ତ ପକ୍ଷରୁ ତଦନ୍ତ କରାଯିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେମାନେ କହିଥିଲେ । ଅଭିଯୋଗକାରୀ ଯଦି ମିଥ୍ୟା ତଥ୍ୟ ଦେଇ ଅଭିଯୋଗ କରନ୍ତି, ତେବେ ତାଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ କରିବା ନିୟମ ରହିଛି । ଏହି ଆଇନ ଭ୍ରଷ୍ଟାଚାର, ଦୁର୍ନୀତି ହଟାଇବା ଦିଗରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କର୍ମଶାଳା ପରେ ଲୋକାୟୁକ୍ତ ସଦସ୍ୟ ଅବସରପ୍ରାପ୍ତ ଜଷ୍ଟିସ ବିଜୟ କୁମାର ନାଏକ ଏକ ଖବରଦାତା ସମ୍ମିଳନୀ କରି ଏହି ଆଇନର ଦିଗ, କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ଶେଷରେ ଏହି ଆଇନ ନେଇ ବ୍ୟାପକ ଜନ ସଚେତନତା ହେବା ଦରକାର ବୋଲି ସେ ସୂଚନା ଦେଇଥିଲେ । ଏହି କର୍ମଶାଳାରେ ପ୍ରସିକ୍ୟୁସନ ମେମ୍ବର ଗଜେନ୍ଦ୍ର ମହାପାତ୍ର ଓ ତ୍ରିଲୋଚନ ପ୍ରଧାନ, ବୌଦ୍ଧ ଡିଏଫଓ ଯୋଶୋବନ୍ତ ସେଠୀ, ବରିଷ୍ଠ ନାଗରିକ, ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

# ବୁଥ୍‌କୁ ଗଲେ ପୋଲିଂ ପାର୍ଟି

ପଦ୍ମପୁର, ୧୯।୧୦ (ଡି.ଏନ.ଏ)

ବିଜେପୁର ଉପନିର୍ବାଚନ ପାଇଁ ଶନିବାର ପ୍ରଚାର ଶେଷ ହୋଇଛି। ଆସନ୍ତା ୨୧ ତାରିଖରେ ଏହି ନିର୍ବାଚନ ମଣ୍ଡଳୀରେ ଭୋଟ୍ ଗ୍ରହଣ ହେବ । ଏଥିପାଇଁ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଶନିବାର ପୋଲିଂ ପାର୍ଟିଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ପୋଲିଂ ପାର୍ଟିଗୁଡିକ ନିର୍ବାଚନ ପାଇଁ ଆବଶ୍ୟକ ସାମଗ୍ରୀ ନେଇ ବିଜେପୁର ଅଭିମୁଖେ ଯାତ୍ରା କରିଛନ୍ତି । ସୂଚନାଯୋଗ୍ୟ, ଗତ ସାଧାରଣ ନିର୍ବାଚନରେ ବିଜେପୁର ବିଧାନସଭା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିପୁଳ ଭୋଟ୍‌ରେ ବିଜୟୀ ହୋଇଥିଲେ । ସେ ଏହି ଆସନରୁ ଇସ୍ତଫା ଦେବା ପରେ ଏଠାରେ ଉପନିର୍ବାଚନ ହେଉଛି । ଏହି ନିର୍ବାଚନମଣ୍ଡଳୀର ୨୮୫ଟି ବୁଥରେ ୧ ଲକ୍ଷ ୧୯ ହଜାର ପୁରୁଷ ଓ ୧ ଲକ୍ଷ ୧୨ ହଜାରରୁ ଉର୍ଦ୍ଧ୍ୱ ମହିଳା ଭୋଟର ନିଜର ମତ ସାବ୍ୟସ୍ତ କରିବେ ।




ପୋଲିଂ ପାର୍ଟି ଗୁଡିକ ଭୋଟ ଗ୍ରହଣ କେନ୍ଦ୍ର ଅଭିମୁଖେ ଯାଉଛନ୍ତି ।



ଧାଙ୍ଗେର ହାଇସ୍କୁଲର ଛାତ୍ରୀଛାତ୍ର ବୃକ୍ଷରୋପଣ କରୁଛନ୍ତି ।

# ଧାଙ୍ଗେର ପୋଖରୀ ହିଡ଼ରେ ବୃକ୍ଷରୋପଣ

ବରଗଡ଼ ଅଫିସ, ୧୯।୧୦

ବରଗଡ଼ ବ୍ଲକ ଅନ୍ତର୍ଗତ ଧାଙ୍ଗେର ହାଇସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀଶିକ୍ଷକଙ୍କ ମିଳିତ ଉଦ୍ୟମରେ ଶନିବାର ସ୍ଥାନୀୟ ଶିବମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରକୁ ଲାଗି ରହିଥିବା ପୋଖରୀ ହିଡ଼ରେ ବଟ ଓ ପିପ୍ପଳ ବୃକ୍ଷରୋପଣ କରାଯାଇଛି । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରମୋଦ ପ୍ରଧାନଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ମିତା ପ୍ରଧାନ, ଗୀତାଞ୍ଜଳି ଦୋରା, ଲବ ସାହୁ, ମୀନିକେତନ ବାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷକ ସନ୍ତୋଷ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାଷୀଙ୍କ ଜୈବିକ ଚାଷକ୍ଷେତ୍ର ପରିଦର୍ଶନ

ପଦ୍ମପୁର, ୧୯।୧୦ (ଡି.ଏନ.ଏ)

ଝାରସୁଗୁଡା ଜିଲା ଝାରସୁଗୁଡା ଓ ଲଖନପୁରର ଚାଷୀମାନେ ପଦ୍ମପୁର ଉପଖଣ୍ଡ ସାରସମାଲ ଗ୍ରାମରେ ଜୈବିକ ପଦ୍ଧତିରେ ଦେଶୀ ଔଷଧୀୟ ଓ ବାସ୍ନାଯୁକ୍ତ ଧାନଚାଷ କ୍ଷେତ୍ର ପରିଦର୍ଶନ କରିଛନ୍ତି । ଆଞ୍ଚଳିକ ଜନ କଲ୍ୟାଣ ଅନୁଷ୍ଠାନ ପକ୍ଷରୁ ଝାରସୁଗୁଡା କୃଷି ନିର୍ଦ୍ଦେଶକ, ସହକାରୀ କୃଷି ଅଧିକାରୀଙ୍କ ସମେତ ୧୦ଜଣ ମହିଳା ଓ ୫୦ଜଣ ପୁରୁଷ ଚାଷୀ ପଦ୍ମପୁରରେ ପହଞ୍ଚିବା ପରେ ରାଜବୋଡାସମ୍ବର ଅଞ୍ଚଳରେ କାର୍ଯ୍ୟରତ ବିମଳ କୃଷି ଉତ୍ପାଦକ ଗୋଷ୍ଠୀ ଓ ତ୍ରିରଙ୍ଗା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା । ପରେ କୃଷି ଅଧିକାରୀ ଓ ଚାଷୀମାନେ ଅଶୋକ ସାହୁଙ୍କ ଜୈବିକ ପଦ୍ଧତିରେ ଚାଷ କରିଥିବା କଳାବତୀ, କଳା ମଲ୍ଲିଫୁଲ, କଳାକୃଷ୍ଣ, ଆସାମଚୂଡ଼ି, ମାସୁରୀ, ନଘରା, ହରିତମୁଖୀ, ଆକୁଳ, ବୁରୋମାଲ, ଝିଲ୍ଲି, ବଗରାଝିଲ୍ଲି ଆଦି ୧୩ ପ୍ରଜାତିର ଔଷଧୀୟ ଓ ବାସ୍ନାଯୁକ୍ତ ଦେଶୀ ଧାନଚାଷ ଦେଖିଥିଲେ ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ




ଅରେଇଗୁଡ଼ି କ୍ଲଷ୍ଟରସୁରଭି କାର୍ଯ୍ୟକ୍ରମ ।

ଭେଡ଼େନ, ୧୯।୧୦(ଡି.ଏନ.ଏ)

ଭେଡ଼େନ ବ୍ଲକ ଅନ୍ତର୍ଗତ ଅରେଇଗୁଡ଼ି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ହାତିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ସିଆରସିସି ଧନପତି ବାଗଙ୍କ ସଂଯୋଜନାରେ ତଥା ହାତିପାଲି ସ୍କୁଲ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ଠାକୁରଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ମଣି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗୀତ, ନୃତ୍ୟ, ପ୍ରବନ୍ଧ, କୁଇଜ, ସୃଜନଶିଳ ଲେଖନ, ହସ୍ତାକ୍ଷର, ତର୍କ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀ ବ୍ଲକ ସ୍ତରୀୟ ସୁରଭି ପାଇଁ ମନୋନିତ ହୋଇଛନ୍ତି। ଶିକ୍ଷକ ଜଜମାନି ହାତି, ରୋହିତ ନାଏକ, ନେତ୍ରାନନ୍ଦ ପାଣ୍ଡେ, ରଜନୀ ପଧାନ,ବିବେକା ଦାଶ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏଥିରେ ହାତିପାଲି ଗ୍ରାମବାସୀ ସହଯୋଗ କରିଥିଲେ।


**DISTRICT MINERAL FOUNDATION, JAJPUR**
**Ph.: 06728-222227,**
**E-mail: dmfjajpur@gmail.com,**
**Website: www.jajpur.nic.in**

**Letter No.: DMF/ 522/ 2019** **Date: 19.10.19**

**WALK-IN INTERVIEW FOR SPECIALISTS/ DOCTORS**

Candidatures are invited for walk-in interview for appointment of Super Specialists/ Specialist/ Doctors in District Headquarter Hospital, Jajpur out of District Mineral Foundation Fund. The vacancy details and all other requisite qualification, experience is available in website **www.jajpur.nic.in**.

The date of walk-in interview: 30.10.2019

Venue: Collector's Conference Hall

**Sd./-**
**Collector & Managing Trustee**
**DMF, Jajpur**



**ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ**

**ଗାଡି ମାଲିକମାନଙ୍କ ପାଇଁ ବିଶେଷ ସୂଚନା**

ଏତଦ୍‌ଦ୍ୱାରା ସମସ୍ତ ରାଜ୍ୟ / ଆନ୍ତଃରାଜ୍ୟ ମାର୍ଗରେ ଚଳାଚଳ କରୁଥିବା ଯାତ୍ରିବାହି ବସ୍ ମାଲିକ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆନ୍ତଃରାଜ୍ୟ ମାର୍ଗ ମଧ୍ୟରେ ନିମ୍ନଲିଖିତ ଖାଲି ଥିବା ମାର୍ଗ ଗୁଡିକୁ ବିଜ୍ଞାପନ ମାଧ୍ୟମରେ ସ୍ଥାୟୀ ଅନୁମତି ପତ୍ର ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ତା ୨୯.୧୦.୨୦୧୯ ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ଟ୫୦୦ଙ୍କା ଆବେଦନ ଫିସ୍ ସହିତ ମୋଟରଯାନର ଆବଶ୍ୟକୀୟ କାଗଜପତ୍ର, ଅନ୍ୟୁନ ୯୯,୦୦୦ ଟଙ୍କାର ଶୋଧ କ୍ଷମତା ( Solvency) କିମ୍ବା ଜାତୀୟତା ବ୍ୟାଙ୍କର ଗ୍ୟାରେଂଟି, ସଚିବ, ରାଜ୍ୟ ପରିବହନ ପ୍ରାଧିକାରୀଙ୍କ ନାମରେ ଚଳବନ୍ଧକ (pledge) ସହିତ ଇଚ୍ଛୁକ ମାର୍ଗ ପାଇଁ ସ୍ଥାୟୀ ଅନୁମତି ପତ୍ର ଆବେଦନ କରି ପାରିବେ । ଆବେଦନକାରୀଙ୍କ ବସ୍‌ର କୌଣସି ସ୍ଥାୟୀ କିମ୍ବା ଅସ୍ଥାୟୀ ଅନୁମତି ପତ୍ର ନଥିବ । ଯଦି କୌଣସି ଦରଖାସ୍ତକାରୀଙ୍କ ବସ୍ ସମ୍ବନ୍ଧୀୟ ମୋଟରଯାନ ଟିକସ୍/ଜୋରିମାନା ବକେୟା କିମ୍ବା ମାଲି ମୋକଦ୍ଦମା ବିଚାରଧିନ ଥିବାର ଜଣାପଡେ ତେବେ ତାଙ୍କର ଆବେଦନ ପତ୍ରକୁ ଖାରଜ କରାଯିବ । ଅଧିକ ତଥ୍ୟ ଏବଂ ମାର୍ଗ ଜାଣିବା ପାଇଁ ଆମର Website - www.orissatransport.nic.in ଏବଂ www.odishatransport.gov.in ଦେଖନ୍ତୁ । ପ୍ରାପ୍ତ ଦରଖାସ୍ତଗୁଡିକୁ ତା୦୫.୧୧.୨୦୧୯ ଅପରାହ୍ନ ୦୩.୩୦ ଘଟିକା ସମୟରେ, ପରିବହନ ଆୟୁକ୍ତଙ୍କ ସଭାକକ୍ଷରେ ଶୁଣାଣୀ କରି ଫଇସଲା କରାଯିବାକୁ ଧାର୍ଯ୍ୟ କରାଯାଇଅଛି । ଅତଏବ୍ ଦରଖାସ୍ତକାରୀ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ଯାବତୀୟ କାଗଜାତ୍ ସହ STA ବୈଠକରେ ପକ୍ଷ ରଖିପାରିବେ ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡିଶା, କଟକ

**INTERSTATE ROUTE**

| SL. NO. | ROUTE |
|---|---|
| 01. | BHADRAK TO RAIPUR, VIA. DEOGARH, BARGARH & BACK |
| 02. | DEOGARH TO SIMDEGA, VIA. ROURKELA, BIRAMITRAPUR & BACK |
| 03. | KEONJHAR TO CONTAI, VIA. JALESWAR & BACK |
| 04. | KEONJHAR TO CONTAI, VIA. JALESWAR & BACK |
| 05. | ANGUL TO HALDIA, VIA. JALESWAR & BACK |
| 06. | BHUBANESWAR TO NANDAKUMAR, VIA.LAXMANNATH, EGRA BAJKUL & BACK |
| 07. | KHARIAR TO RAIPUR, VIA.BHAWANIPATNA & BACK |
| 08. | BARIPADA TO DALTANGANJ, VIA. TIRING, TATA & BACK |
| 09. | JHARSUGUDA TO RAIPUR, VIA. SOHELA & BACK |
| 10. | BARIPADA TO BADJAMDA, VIA. RAIRANGPUR, TIRING & BACK |
| 11. | BARIPADA TO BANKURA, VIA.JAMSOLA & BACK |
| 12. | PADAMPUR TO BASANA & BACK |
| 13. | KHARIAR TO RAIPUR, VIA.KOMNA & BACK |
| 14. | BARIPADA TO BIHARSARIF, VIA.RANCHI, HAZARIBAG & BACK |
| 15. | BERHAMPUR TO BANAMALIPUR & BERHAMPUR TO NUAPADA & BACK |
| 16. | SUNAREDY TO BERHAMPUR, VIA.PATRAPUR, ICHHAPUR & BACK |
| 17. | ROURKELA TO RANCHI, VIA.BIRAMITRAPUR, GUMLA, SISAI & BACK |
| 18. | CHANDABALI TO DIGHA, VIA. JALESWAR & BACK |



**ଆଲ୍ଲାହାବାଦ ବ୍ୟାଙ୍କ**

**ଭୁବନେଶ୍ୱର ମୁଖ୍ୟ ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର- ୭୫୧୦୦୯
ଫୋନ୍ : (୦୬୭୪) - ୨୫୯୭୦୮୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡ଼ିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡ଼ିକର ସମ୍ପତ୍ତିଗୁଡ଼ିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡ଼ିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡ଼ିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୨୨.୧୧.୨୦୧୯ ରିଖ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୦.୧୧.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା**

| ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଋଣଗ୍ରହୀତା :ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ,** ଠିକଣା-୧ : ରୁମ୍ ନଂ.୪୦୫, ୪ର୍ଥ ମହଲା, ସେଣ୍ଟର ପଏଣ୍ଟ ବିଲ୍ଡିଂ, ୨୧, ହେମନ୍ତ ବସୁ ସରଣୀ, କୋଲ୍‌କାତା-୭୦୦୦୦୧, ଠିକଣା-୨ : ବ୍ଲକ ଏସି-୧୪୮, ତଳ ମହଲା, ସଲ୍ଟ ଲେକ୍ ସିଟି, ସେକ୍ଟର-୧, କୋଲ୍‌କାତା-୭୦୦୦୬୪, **ନିର୍ଦ୍ଦେଶକ/ଜାମିନ୍‌ଦାରମାନେ: (୧)ଶ୍ରୀ ସୁନୀଲ୍ କୁମାର ଶାହ,** ପିତା-ଶ୍ରୀ ସୀତାରାମ ଶାହ, **(୨)ଶ୍ରୀମତୀ ରାକ୍ଷୀ ଶାହ,** ସ୍ୱା-ଶ୍ରୀ ସୁନୀଲ କୁମାର ଶାହ,ଉଭୟଙ୍କ ଠିକଣା : ସା-୩୫୭, ଗ୍ରୀନ୍ ହୋମ୍ସ, ପୋଷ୍ଟ-ଓନ୍ନାପାଲାୟମ୍, ଥାନା-ଥଣ୍ଡାମୁଥୁର, କୋଏମ୍ବାଟୁର, ତାମିଲନାଡୁ-୬୪୧୧୦୮ | କ)୨୫.୦୬.୨୦୧୯, ଖ)୧୬.୧୦.୨୦୧୯ ଗ)୨୪.୦୬.୨୦୧୯ ରିଖ ସୁଦ୍ଧା ଟ.୩,୦୫,୩୩,୭୨୬/-+୨୪.୦୬.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ** ନାମରେ ଥିବା ଜମି ଏବଂ ଗୃହ ଯାହାର (୧)ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୭୯, ପ୍ଲଟ ନଂ.-୯୮, ଏରିଆ-ଏକର୦.୩୭ ଡିସିମିଲି, (୨)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ-ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୦, ପ୍ଲଟ ନଂ.-୨୧, ଏରିଆ-ଏକର୦.୦୪ ଡିସିମିଲି, | କ) ଟ.୧,୪୪,୪୦,୦୦୦/- ଖ) ଟ.୧୪,୪୪,୦୦୦/- ଗ) ଟ.୨୫,୦୦୦/- |

ପ୍ଲଟ ନଂ.-୬୨, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.୬୩, ଏରିଆ-ଏକର୦.୧୬ ଡିସିମିଲି, ପ୍ଲଟ ନଂ.-୬୪, ଏରିଆ-ଏକର୦.୨୦ ଡିସିମିଲି, ପ୍ଲଟ ନଂ.-୬୫, ଏରିଆ-ଏକର୦.୦୩ ଡିସିମିଲି, ପ୍ଲଟ ନଂ.-୭୧/୪୩୦, ଏରିଆ-ଏକର୦.୦୨ ଡିସିମିଲି, ପ୍ଲଟ ନଂ.୬୫/୪୩୧, ଏରିଆ-ଏକର୦.୦୩ ଡିସିମିଲି, ପ୍ଲଟ ନଂ.-୬୨/୪୩୨, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.୨୧/୪୨୮, ଏରିଆ-ଏକର୦.୦୪ ଡିସିମିଲି, ପ୍ଲଟ ନଂ.-୨୧/୪୨୯, ଏରିଆ-ଏକର୦.୦୨ ଡିସିମିଲି, ପ୍ଲଟ ନଂ.-୬୬, ଏରିଆ-ଏକର୦.୦୮ ଡିସିମିଲି, ପ୍ଲଟ ନଂ.-୬୭, ଏରିଆ- ଏକର୦.୦୬ ଡିସିମିଲି, (୩)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୧, ପ୍ଲଟ ନଂ.-୫୯, ଏରିଆ-ଏକର୦.୦୬ ଡିସିମିଲି, ପ୍ଲଟ ନଂ.-୬୮, ଏରିଆ-ଏକର୦.୨୨ ଡିସିମିଲି, ପ୍ଲଟ ନଂ.-୮୮, ଏରିଆ-ଏକର୦.୬୪ ଡିସିମିଲି, ପ୍ଲଟ ନଂ.-୯୨, ଏରିଆ-ଏକର୦.୧୫ ଡିସିମିଲି, ପ୍ଲଟ ନଂ.-୯୩, ଏରିଆ-ଏକର୦.୨୫ ଡିସିମିଲି, ପ୍ଲଟ ନଂ.-୯୬, ଏରିଆ-ଏକର୦.୨୪ ଡିସିମିଲି, (୪) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୮୨, ପ୍ଲଟ ନଂ.-୮୫/୪୫୮, ଏରିଆ-ଏକର୦.୨୯ ଡିସିମିଲି, (୫)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୫, ପ୍ଲଟ ନଂ.-୭୩/୪୫୫, ଏରିଆ-ଏକର୦.୨୦ ଡିସିମିଲି, ପ୍ଲଟ ନଂ.-୧୨୦/୪୫୬, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.-୧୨୨/୪୫୭, ଏରିଆ- ଏକର୦.୩୪ ଡିସିମିଲି, (୬)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪, ପ୍ଲଟ ନଂ.-୮୭, ଏରିଆ-ଏକର୦.୫୦ ଡିସିମିଲି, ସମୁଦାୟ ଏରିଆ-ଏକର୪.୨୪ ଡିସିମିଲି ।

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, **ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯** ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡେମୋନଷ୍ଟ୍ରେସନ ପ୍ରଦାନ କରିପାରିବେ । ସିଡ୍ୟୁଲ କମର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ ସପକ୍ଷରେ ଡ୍ର କରାଯାଇ ଭୁବନେଶ୍ୱର ଠାରେ ପୈଠ ଦର୍ଶାଯାଇଥିବା ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଉପର ଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର **ଆକାଉଣ୍ଟ ନଂ.-୫୦୧୪୦୯୮୦୧୮୮, IFSC Code: ALLA0212009,** ମାଧ୍ୟମରେ **RTGS/NEFT** ଦ୍ୱାରା ଅମାନତ ରାଶି ପୈଠ କରିପାରିବେ ।

୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।

**୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୨୨.୧୦.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।**

**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।**

**ସ୍ଥାନ-ଭୁବନେଶ୍ୱର, ତାରିଖ- ୧୯.୧୦.୨୦୧୯** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**



ସନ୍ତୋଷ ପ୍ରୟାସରେ ଥାଏ, ପ୍ରାପ୍ତିରେ ନୁହେଁ, ପୂର୍ଣ୍ଣ ପ୍ରୟାସରେ ହିଁ ସଂପୂର୍ଣ୍ଣ ବିଜୟ ମିଳେ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ



### ଜ୍ଞାନବିଜ୍ଞାନ ମେଳାରେ ୧୧୧ପ୍ରକଳ୍ପ

**ବିନିକା,୧୯।୧୦(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସି ଅଧୀନ ଶ୍ରୀଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର ବିନିକାରେ ୨୩ତମ ଆନ୍ତଃ ବିଦ୍ୟାଳୟ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାକେନ୍ଦ୍ର ସଭାପତି ବାଂଛାନିଧି ପାତ୍ର ମେଳାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ୧୧୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । କନିଷ୍ଠ ବର୍ଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ୭୩ ଓ ବରିଷ୍ଠ ବିଭାଗରେ ୩୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜ୍ଞାନବିଜ୍ଞାନ ମେଳାର ବିଚାରକଭାବେ ବିଜ୍ଞାନ ଶିକ୍ଷୟିତ୍ରୀ ରିଙ୍କି ମେହେର, ଚୁମକୀ ମାଝି, ସସ୍ମିତା ସାହୁ ଓ ବିଜ୍ଞାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ମେହେର ଦାୟିତ୍ୱ ତୁଲାଇଥିଲେ। ମେଳାର ଉଦ୍‌ଯାପନୀ ସମାରୋହରେ ଶିକ୍ଷାକେନ୍ଦ୍ର ସମ୍ପାଦକ ଅଜିତ୍ କୁମାର ସାମନ୍ତରା, ଅଧକ୍ଷ ଅଗସ୍ତି ଚରଣ ଦାଶ, ଶିକ୍ଷାବିତ୍ ଗୋପାଳ ଦାଶ ପ୍ରମୁଖ ଯୋଗଦେଇ ବିଜ୍ଞାନର ଉପଦେୟତା ବିଷୟରେ ସୂଚନା ଦେଇଥିଲେ । ଶିକ୍ଷକ ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୨କିମି ଖଟିଆରେ ବୁହାହେଲେ ଗର୍ଭବତୀ

**ଅମରପାଲି, ୧୯।୧୦ (ଡି.ଏନ.ଏ)**

**ଆମ୍ବୁଲାନ୍ସରେ ପୁତ୍ର ସନ୍ତାନ ଜନ୍ମଦେଲେ**



ଗର୍ଭବତୀଙ୍କୁ ତାଙ୍କ ସମ୍ପର୍କୀୟମାନେ ଖଟିଆରେ ବୋହି କରି ଆଣୁଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତ ଅନ୍ତର୍ଗତ ମଶିଣାପାଲିରୁ ଠେଙ୍ଗୋ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇ ପଡିଛି। ଚଳିତ ବର୍ଷର ଲଗାଣ ବର୍ଷା ଓ ବନ୍ୟା ପରେ ଏହି ରାସ୍ତାରେ ଯାନବାହନ ଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି। ଏହିକ୍ରମରେ ଶନିବାର ମଶିଣାପାଲି ଗାଁର ଲଳିତା ଭୋଇ ନାମକ ଜଣେ ଗର୍ଭବତୀ ମହିଳା ପ୍ରସବ ବେଦନାରେ ଛଟପଟ ହେଉଥିବା ବେଳେ ୧୦୮ଆମ୍ବୁଲାନ୍ସ ଗାଁକୁ ଯାଇ ପାରି ନ ଥିଲା। ଗାଁଠାରୁ ଦୁଇକିମି ଦୂର ଠେଙ୍ଗୋଡ୍ୟାମ ପାଖରେ ଅଟକି ରହିଥିଲା। ଆଶାଦିଦି କଲ୍ୟାଣୀ ପଣ୍ଡା ଓ ପରିବାର ଲୋକେ ଗାଁର କେତେକଙ୍କ ସହାୟତାରେ ରାତି ପ୍ରାୟ ୧୦ଟାରେ ୨କିମି ରାସ୍ତା ଖଟିଆରେ ବୋହି ତାଙ୍କୁ ଆମ୍ବୁଲାନ୍ସ ପାଖକୁ ଆଣିଥିଲେ। ତେବେ ଆମ୍ବୁଲାନ୍ସ କିଛିବାଟ ଯିବା ପରେ ମହିଳା ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପରେ ତାଙ୍କୁ ସୋନପୁର ଜିଲା ଡାକ୍ତରଖାନାକୁ ନିଆଯାଇଛି।

### ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ମୁରାସୁର ରାଜ

# ଦାରୁଣଙ୍କୁ ଯୁଦ୍ଧକ୍ଷେତ୍ରକୁ ପ୍ରେରଣ

**ଅମରପାଲି, ୧୯।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀରେ ହେଉଥିବା ୩୭ତମ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ରାଜର ଶନିବାର ଥିଲା ସପ୍ତମ ରଜନୀ । ଏହା ଦେଖିବାକୁ ଯାତ୍ରାରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ସବୁ ଦିନପରି ସନ୍ଧ୍ୟାରେ ମହାରାଜ ମୁରାସୁର ନିଜ ରଥରେ ଏକ ଶୋଭାଯାତ୍ରାରେ ବସ୍ତି ପରିକ୍ରମା କରିଥିଲେ। ଏହି ସମୟରେ ବିଭିନ୍ନ ସ୍ଥାନରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସଚେତନ କରାଇବା ସହିତ ଭୁଲ କାମ ପାଇଁ ଦଣ୍ଡିତ କରୁଥିଲେ । ରାତ୍ରି ୮ଟାରେ ମୁକ୍ତାକାଶ ରଙ୍ଗ ମଞ୍ଚରେ ନିଜ ପାତ୍ରମନ୍ତ୍ରୀଙ୍କ ସହିତ ପହଞ୍ଚିଥିଲେ ମୁରାସୁର। ମୁକ୍ତାକାଶ ରଙ୍ଗ ମଞ୍ଚରେ ଆରମ୍ଭ ହୋଇଥିଲା ନାଟ୍ୟାଭିନୟ । ଏହିକ୍ରମରେ ଶେଷ ନୃସିଂହଙ୍କୁ ବିଷ ପ୍ରଦାନ କରି ହତ୍ୟା କରିବାର ଯୋଜନା କରୁଥିଲେ ମୁରାସୁର। ସେ ଏଥିରେ ବିଫଳ ହୋଇ ମର୍ମାହତ ହୋଇ ପଡିଛନ୍ତି। ମୁରାସୁରର ବଂଶଜଙ୍କୁ ଶିକ୍ଷା ପ୍ରଦାନ କରୁଥିବା ଶେଷ ନୃସିଂହ ଯୁଦ୍ଧଶିକ୍ଷା ଛଳରେ ସମସ୍ତଙ୍କୁ ହତ୍ୟା କରିଛନ୍ତି। ଏହି ଖବର ପ୍ରାପ୍ତିପରେ ମୁରାସୁର ମର୍ମାହତ ହୋଇପଡିଛନ୍ତି। ଶେଷରେ ଦାରୁଣଙ୍କୁ ଯୁଦ୍ଧକ୍ଷେତ୍ରକୁ ପ୍ରେରଣ କରାଯାଇଛି। ଶନିବାର ସାଂସ୍କୃତିକ ମଞ୍ଚରେ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଏବଂ ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ ।



ପାତ୍ର, ମନ୍ତ୍ରୀଙ୍କ ସହ ଦରବାରରେ ମୁରାସୁର।

# ବିଜୁ ଯୁବବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ଉଲୁଣ୍ଡା, ୧୯।୧୦(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଲସ୍ତଲା ବିଜୁ ଯୁବ ବାହିନୀ ତରଫରୁ ସଡକ ସୁରକ୍ଷା ଓ ଗାଡି ଚାଳନା ନିୟମ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବବାହିନୀ ସମ୍ପାଦକ ମମିତା କର୍ଣ୍ଣଙ୍କ ଅଧକ୍ଷତାକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ଦୀପାଞ୍ଜଳି ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଗାଡି ଚଳାଇବା ବେଳେ ହେଲମେଟ ବ୍ୟବାହାର କରିବା, ମଦ୍ୟପାନ ନ କରିବା, ମୋବାଇଲ ବ୍ୟବାହାର ନକରିବା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା।

ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ବିଜୁ ଯୁବ ବାହିନୀର ଭାଗରଥୀ ମହାକୁର, ପିଙ୍କୁ କର୍ଣ୍ଣ, ସୁଷମା ନାଏକ, ଯଶୋଦା ଦେହେରୀ, ରାଜୁ କର୍ଣ୍ଣ, ରଘୁନାଥ ତ୍ରିପାଠୀ, ପ୍ରଧାନଶିକ୍ଷକ ହିମାଦ୍ରୀ ନାଏକ, ଶିକ୍ଷକ ଅମ୍ବରୀଶ ପଧାନ, ଅକ୍ଷୟ ହରିପାଲ, ଜ୍ୟୋସ୍ନାରାଣୀ ରଣା, ଅଙ୍ଗନୱାଡି କର୍ମୀ, କୁନ୍ତୀ କର୍ଣ୍ଣ, ପ୍ରମୁଖ ସାମିଲ ହୋଇଥିଲେ।




ସଡକ ସୁରକ୍ଷା ପାଇଁ ଉଲୁଣ୍ଡାରେ ବିଜୁ ଯୁବ ବାହିନୀ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ସଙ୍କୁଳସ୍ତରୀୟ ଶିଶୁ ବାଟିକା କର୍ମଶାଳା

**ବିନିକା,୧୯।୧୦(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅନ୍ତର୍ଗତ ବାଗଡିଆ ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ଶିଶୁ ବାଟିକା କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଙ୍କୁଳ ଅନ୍ତର୍ଗତ ୮ଟି ବିଦ୍ୟାଳୟ ଶିଶୁ ବାଟିକା ବିଭାଗରେ ଥିବା ୩୪ଜଣ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ । କର୍ମଶାଳାରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ରାଜକୁମାର ମହାକୁର ଏବଂ ସମ୍ମାନୀତ ଅତିଥି ଭାବେ ବାଗଡିଆ ସରସ୍ୱତୀ ଶିଶୁ ମନ୍ଦିରର ପୂର୍ବତନ ପରିଚାଳନା କମିଟି ସଭାପତି ଉଦ୍ଧବ ପଧାନ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗଙ୍ଗାଧର ନାଏକ ଓ ସଙ୍କୁଳ ସଂଯୋଜକ ମହେନ୍ଦ୍ର ନାଏକ। ମଞ୍ଚ ପରିଚାଳନା କରିଥିଲେ ଇଛାପୁର ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଯୁବରାଜ କୁଦାଇ।

### ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ରେଡ୍‌ରୋଜ୍ ସୋନପୁର ଚାମ୍ପିୟନ

**ଅମରପାଲି, ୧୯।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପଣ୍ଡିଆପାଲି ଖେଳ ପଡିଆରେ ଚାଲିଥିବା ୧୦ମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଇଲେଭେନ ଷ୍ଟାର ସୋନପୁରକୁ ହରାଇ ରେଡରୋଜ ସୋନପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଫର୍ମାଟ ଭିତ୍ତିକ ହୋଇଥିଲା। ରେଡରୋଜ ସୋନପୁର ଟସ ଜିଣି ପ୍ରଥମ ଫର୍ମାଟରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୧୫ ରନ କରିଥିଲା। ଦଳର ବଣ୍ଟି ବାଗ ୫୨ ରନ କରିଥିବା ବେଳେ ବିପକ୍ଷ ଆକାଶ ପାତ୍ର ୪ଟି ଉଇକେଟ ନେଇଥିଲେ। ଯବାବରେ ଇଲେଭେନ ଷ୍ଟାର ସୋନପୁର ୧୧.୨ ଓଭରରେ ସିଲୁଙ୍କ ୧୮ରନ ସହାୟତାରେ ସମସ୍ତ ଉଇକେଟ ହରାଇ ମାତ୍ର ୪୪ ରନ କରିଥିଲା। ବିପକ୍ଷ ବିକ୍ରମ ୩ଟି ଓ ବଣ୍ଟି ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ରେଡରୋଜ ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ୮୯ ରନ କରିଥିଲା। ଦଳର ମନୋଜ ବଡଚାଟ ୩୦ ରନ କରିଥିଲେ। ବିପକ୍ଷ ଉମାଶଙ୍କର ହୋତା ୩ଟି ଓ ଆକାଶ ପାତ୍ର ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଇଲେଭେନ ଷ୍ଟାର ନିର୍ଦ୍ଧାରିତ ୮ ଓଭରରେ ଆକାଶ ସାହୁଙ୍କ ୨୪ ରନ ସତ୍ତ୍ୱେ ୯ ଉଇକେଟ ହରାଇ ୮୦ ରନ କରି ପରାସ୍ତ ହୋଇଥିଲା। ରେଡରୋଜର କେକେ ଓ ବିକ୍ରମ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ରେଡରୋଜ ସୋନପୁର ଚାମ୍ପିୟନ ହୋଇଥିଲା। ଖେଳକୁ ପ୍ରଫୁଲ୍ଲ ବେହେରା ଓ ବିକାଶ ଭୋଇ ପରିଚାଳନା କରିଥିବା ବେଳେ ସୁବ୍ରତ ବେହେରା ଓ ଡୁଲେଶ୍ୱର ପଧାନ ସ୍କୋରିଂ ଏବଂ ଶିବଶଙ୍କର ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ସାହୁ, କ୍ରୀଡାବିତ ମିନକେତନ ମହାକୁର, ନାଏବ ସରପଞ୍ଚ ଦୀନବନ୍ଧୁ ପଧାନ, ଭାଗିରଥି ବେହେରା ସଞ୍ଜୀବ ସାହୁ ଓ ଶହୀଦଙ୍କ ପିତା ବୈକୁଣ୍ଠ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ରେଡରୋଜ ସୋନପୁରର ମନୋଜ ବଡଚାଟଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ, ବଣ୍ଟିଙ୍କୁ ମ୍ୟାନ ଅଫ୍ ଦି ସିରିଜ, ହରିଙ୍କୁ ଏମର୍ଜିଙ୍ଗ ପ୍ଲେୟାର, ବିକ୍ରମଙ୍କୁ ଶ୍ରେଷ୍ଠ ବୋଲର, ଇଲେଭେନଷ୍ଟାର ସୋନପୁରର ବିକାଶଙ୍କୁ ଶ୍ରେଷ୍ଠ ଫିଲଡର୍ ଓ ବୀରମହାରାଜପୁର ଦଳର ବିଷ୍ଣୁଙ୍କୁ ଶ୍ରେଷ୍ଠ ସିକ୍ସର ଭାବେ ପୁରସ୍କୃତ କରାଯାଇଥିଲା । ଚାମ୍ପିୟନ ରେଡରୋଜ ସୋନପୁର ଦଳକୁ ନଗଦ ୧୧ ହଜାର ୧୧୧ ଟଙ୍କା ସହିତ ଟ୍ରଫି ଓ ରନର୍ସଅପ୍ ଇଲେଭେନ ଷ୍ଟାର ଦଳକୁ ନଗଦ ୬ ହଜାର ୬୬୬ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ।



ଟ୍ରଫି ସହ ଚାମ୍ପିୟନ ରେଡରୋଜ ସୋନପୁର ଦଳ।

# ହାତୀ ଦଳିଦେଲେ ଧାନ ଫସଲ

**ଉଲୁଣ୍ଡା, ୧୯।୧୦(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ବିଳମ୍ବିତ ରାତ୍ରୀରେ ହାତୀ ପଲ ଆସି କ୍ଷେମାଲୋଏ ଗ୍ରାମର ଜଗ ସେଠଙ୍କ ୧ ଏକର, ଶିବ ବାଗଙ୍କ ଅଧ ଏକର, ବିଁଶି ସାହୁଙ୍କ ଅଧଏକର, ମୁକ୍ତୁ ବାଗଙ୍କ ଅଧଏକର ଓ ପବିତ୍ର ପାତ୍ରଙ୍କ ପ୍ରାୟ ଅଧ ଏକର ଧାନ ଖାଇବା ସହିତ ଦଳି ଚକଟି ନଷ୍ଟ କରଦେଇଛନ୍ତି। ପଣ୍ଡକିଟାଲର ବହୁ ଚାଷୀଙ୍କ ଫସଲ କ୍ଷତି ହୋଇଛି। ଫସଲ ନଷ୍ଟ କରିଦେଉଥିବାରୁ ମୂଳଧନ ଫେରିବା ନେଇ ଚାଷୀମନରେ ଆଶଙ୍କା ଦେଖାଦେଲାଣି। ବନ ବିଭାଗ ହାତୀ ଘଉଡାଇବା ପାଇଁ ତତ୍ପରତା ଦେଖାଉ ନ ଥିବା ଯୋଗୁ ସେମାନେ ଗାଁ ମୁହାଁ ହୋଇ ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି।

ରେଞ୍ଜର ଶିବପ୍ରସାଦ ନାଏକଙ୍କୁ ପଚାରିବାରୁ ହାତୀ ଘଉଡାଇବା ପାଇଁ ଚେଷ୍ଟା ଚାଲିଛି ବୋଲି କହିଛନ୍ତି। ବନବିଭାଗ ପକ୍ଷରୁ ହାତୀ ଘଉଡାଇବା ପାଇଁ ହାତୀ ଉପଦ୍ରୁତ ଗ୍ରାମରେ କମିଟିମାନ ଗଠନ କରି ଉଚ ଶବ୍ଦଯୁକ୍ତ ବାଣ ଯୋଗାଇଦେଲେ ଘଉଡାଇବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଛି।


**BHUBANESWAR MUNICIPAL CORPORATION**

**No.28985** **Dt.18/10/2019**

**NOTICE INVITING TENDERS (NIT)**

Bhubaneswar Municipal Corporation invites Percentage Rate Bids under National Competitive Bidding (NCB) through e-procurement in conformity with the terms & conditions laid down in the Detailed Tender Call Notice (DTCN) in Two bid system (Part I: General & Technical Bid and Part II: Financial Bid/Price Bid/BOQ) from eligible class of contractors fulfilling the minimum eligibility criteria for the following works.

| Sl. No. | Name of the work | Amount put to Tender (in Rs.) |
|---|---|---|
| 1. | Construction of 5 TPD capacity MCC for ward no-60 Near Lingaraj Station ROB | 5176763 |
| 2. | Construction of 5 TPD capacity MCC for ward no 54 & 67 near Lingaraj Station ROB | 5176763 |
| 3. | Construction of 5 TPD capacity MCC for ward no. 61, Kapilaprasad near Khandual Basti | 5176763 |
| 4. | Construction of 5 TPD capacity MCC over Plot no. 456 Khata No.-740 Mouza Bhimpur near Petrol Pump back side Pokhariput in ward no. 62 & 63 | 5176763 |
| 5. | Construction of 5 TPD capacity MCC near Rajdhani College in ward no. 50 of BMC | 5176763 |

The Detailed Tender Call Notice (DTCN) may be downloaded from www.tendersorissa.gov.in or www.bmc.gov.in. The last date of submission of tenders is on **28.10.2018 till 5:00 pm.**

**By order,**
**Sd/-**
**Executive Engineer- Div-II**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**



# ଜିଲ୍ଲା ସଂସ୍କୃତି ପରିଷଦ, କଟକ

## ବାଲିଯାତ୍ରା 2019 ନିମନ୍ତେ ପ୍ରାରମ୍ଭିକ ପଞ୍ଜୀକରଣ ଓ ତତ୍ ପରବର୍ତ୍ତୀ ଆବଣ୍ଟନ ନିମନ୍ତେ ନିୟମାବଳୀ

ଐତିହାସିକ ବାଲିଯାତ୍ରା, କଟକ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ତା12.11.2019ରିଖଠାରୁ ତା19.11.2019 ପର୍ଯ୍ୟନ୍ତ ଗଡ଼ଗଡ଼ିଆ ଘାଟ ନିକଟବର୍ତ୍ତୀ ତଳ ଓ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି କ୍ରମରେ ଜିଲ୍ଲା ପ୍ରଶାସନ କଟକଙ୍କ ନିଷ୍ପତ୍ତି କ୍ରମେ ଆସନ୍ତା ବାଲିଯାତ୍ରା 2019 ନିମନ୍ତେ ବିଭିନ୍ନ ପ୍ରକାର ବ୍ୟବସାୟୀ / ଅନୁଷ୍ଠାନ/ସଂଘ/ ଉଠା ଦୋକାନୀମାନଙ୍କୁ ପ୍ରଥମେ ପଞ୍ଜୀକରଣ କରାଯିବାର ଅଛି। ଏଥିନିମନ୍ତେ ନିମ୍ନଲିଖିତ ସୂଚୀ ଅନୁଯାୟୀ ପଞ୍ଜୀକରଣ ରାଶି (ଫେରସ୍ତ ଯୋଗ୍ୟ ନୁହେଁ) ସେମାନଙ୍କ ଠାରୁ ଆଦାୟ କରାଯିବ ଏବଂ ତତ୍‌ପରେ ଯୋଗ୍ୟତା ଏବଂ ଆବେଦନ ଅନୁଯାୟୀ ସ୍ଥାନ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯିବ।

**ପଞ୍ଜୀକରଣ ସାରଣୀ:**

1. **ପଞ୍ଜୀକରଣ ରାଶି ସୂଚୀ:** **ଆବଶ୍ୟକ ଜମାରାଶି**
   (କ)– ପୃଷ୍ଠପୋଷକ (Sponsor) ଟ1000.00
   (ଖ)– ବ୍ୟବସାୟୀ ଟ.200.00
   (ଗ)– ବ୍ୟବସାୟିକ ଅନୁଷ୍ଠାନ ଟ1000.00
   (ଘ)– ରେଜିଷ୍ଟର୍ଡ ଡେକୋରେଟର୍ ସଂଘ ଟ10000.00
   (ଙ)– ବ୍ୟକ୍ତିଗତ ଡେକୋରେଟର୍ ଟ1000.00
   (ଚ)– ଦୋଳି ଟ1000.00
   (ଛ)–ଉଠାବେପାରୀ ଟ500.00 (ପଞ୍ଜୀକରଣ ଏବଂ ବ୍ୟବସାୟ ନିମନ୍ତେ ଅନୁମତି ପ୍ରଦାନ)

   **ଆବଣ୍ଟନ ସାରଣୀ**

2. **ବ୍ୟବସାୟୀ/ ଅନୁଷ୍ଠାନମାନଙ୍କ ପାଇଁ ଆବଣ୍ଟିତ ହେବାକୁ ଥିବା ସ୍ଥାନ ନିମନ୍ତେ ଦେୟ ସୂଚୀ:**
   1000 ବର୍ଗଫୁଟ ପର୍ଯ୍ୟନ୍ତ ଆବଣ୍ଟନ ପାଇଁ ଧାର୍ଯ୍ୟ ମୂଳ ରାଶି ଟ30/– ପ୍ରତି ବର୍ଗଫୁଟ ଓ ତା' ଠାରୁ ଅଧିକ ସ୍ଥାନ ଆବଣ୍ଟନ ନିମନ୍ତେ ପ୍ରତି 1000 ବର୍ଗଫୁଟ ପାଇଁ ଧାର୍ଯ୍ୟ ମୂଳ ରାଶିର (30/– ଟଙ୍କା)ର ପାଞ୍ଚ ପ୍ରତିଶତ ବୃଦ୍ଧି କରାଯିବ। ଏତଦ୍‌ବ୍ୟତୀତ ଆବଣ୍ଟନକାରୀଙ୍କୁ ବିଭିନ୍ନ ବିଭାଗର ସେବା ପାଇଁ ଧାର୍ଯ୍ୟ ଦେୟ ପଇଠ କରିବାକୁ ପଡ଼ିବ।
3. (କ) ବ୍ୟବସାୟୀମାନଙ୍କ ପାଇଁ ସର୍ବାଧିକ 1000 ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନ ଆବଣ୍ଟନ କରାଯାଇପାରେ।
   (ଖ) ଅନୁଷ୍ଠାନମାନଙ୍କୁ ସର୍ବାଧିକ 2000 ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନ ଆବଣ୍ଟନ କରାଯାଇପାରେ।
   (ଗ) ଯେଉଁ ବ୍ୟବସାୟୀ ଓ ଅନୁଷ୍ଠାନମାନଙ୍କୁ ଗତବର୍ଷ ବାଲିଯାତ୍ରାରେ ସ୍ଥାନ ଆବଣ୍ଟନ କରାଯାଇଥିଲା ସେମାନଙ୍କର ଦରଖାସ୍ତ ଅଗ୍ରାଧିକାର ଭିତ୍ତିରେ ବିବେଚନା କରାଯିବ। ସେମାନେ (କ) ଓ (ଖ)ରେ ବର୍ଣ୍ଣିତ ନିର୍ଦ୍ଧାରିତ ସ୍ଥାନରୁ ଗତବର୍ଷ କମ୍ ସ୍ଥାନ ପାଇଥିଲେ ସେତିକି ହିଁ ସ୍ଥାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।
   (ଘ) (କ) ଓ (ଖ)ରେ ସୂଚିତ ସ୍ଥାନଠାରୁ ଅଧିକ ସ୍ଥାନ ପାଇଁ ଇଚ୍ଛୁକ ବ୍ୟବସାୟୀ ଓ ଅନୁଷ୍ଠାନ, ପୃଷ୍ଠପୋଷକ (Sponsor) ଭାବେ ଆବଶ୍ୟକତା ଅନୁଯାୟୀ ସ୍ଥାନ ପାଇପାରିବେ।
   (ଙ) ବାଲିଯାତ୍ରାରେ ପୃଷ୍ଠପୋଷକ ଭାବେ ଭାଗ ନେଉଥିବା ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କୁ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯିବ। ବିଭିନ୍ନ ମିଡ଼ିଆ ମାଧ୍ୟମରେ ସେମାନଙ୍କ ସହଯୋଗିତା ବିଷୟରେ ଆନୁଷ୍ଠାନିକ ଭାବେ ପ୍ରଚାର କରାଯିବ ଏବଂ ଏତଦ୍‌ବ୍ୟତୀତ ସେମାନେ ପୃଷ୍ଠପୋଷକ ଭାବେ ପ୍ରଦାନ କରୁଥିବା ଅର୍ଥ ରାଶିର ଏକଦଶମାଂଶ (10%) ସ୍ଥାନ ଆକାରରେ ବିନା ମୂଲ୍ୟରେ ପାଇପାରିବେ।
4. **ଦୋଳି ପାଇଁ ଦେୟ**
   ଯନ୍ତ୍ରଚାଳିତ ଦୋଳି ପାଇଁ ଦୈନିକ ଟଙ୍କା 8000/– ଓ ହସ୍ତଚାଳିତ ଦୋଳି ପାଇଁ ଦୈନିକ ଟ1000/– ଲେଖାଏଁ ଆଦାୟ କରାଯିବ।
5. **ପଞ୍ଜୀକରଣ ଓ ଆବଣ୍ଟନ ନିମନ୍ତେ ନିର୍ଦ୍ଧାରିତ ସ୍ଥାନ ଓ ତାରିଖ**

| କାର୍ଯ୍ୟକ୍ରମ | ସମୟ ଦିବା 10.30 ଠାରୁ ଅପରାହ୍ନ 5.30 ପର୍ଯ୍ୟନ୍ତ | ସ୍ଥାନ |
|---|---|---|
| 1. ବାଲିଯାତ୍ରା ସଂକ୍ରାନ୍ତୀୟ ତଥ୍ୟ ଅନୁଷ୍ଠାନ ଏବଂ ପୃଷ୍ଠପୋଷକମାନଙ୍କ (Sponsor) ପାଇଁ ପରିବେଷଣ | ତା21.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ବାଲିଯାତ୍ରା ପରିଚାଳନା ପ୍ରକୋଷ୍ଠ, ଦ୍ୱିତୀୟ ମହଲା, କଲେକ୍ଟୋରେଟ୍, କଟକ |
| 2. ବାଲିଯାତ୍ରା ସଂକ୍ରାନ୍ତୀୟ ତଥ୍ୟ ବ୍ୟକ୍ତିବିଶେଷଙ୍କ ପାଇଁ ପରିବେଷଣ | ତା21.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ, କଟକ |
| 3. ବାଲିଯାତ୍ରା ସ୍ଥାନ ପାଇଁ ଗତବର୍ଷ ଭାଗନେଇଥିବା ଅନୁଷ୍ଠାନ ଏବଂ ଚଳିତ ବର୍ଷର ପୃଷ୍ଠପୋଷକମାନଙ୍କର ପଞ୍ଜୀକରଣ ଓ ସ୍ଥାନ ଆବଣ୍ଟନ | ତା23.10.2019ରିଖଠାରୁ 28.10.2019 ପର୍ଯ୍ୟନ୍ତ | ବାଲିଯାତ୍ରା ପରିଚାଳନା ପ୍ରକୋଷ୍ଠ, ଦ୍ୱିତୀୟ ମହଲା, କଲେକ୍ଟୋରେଟ୍ କଟକ |
| 4. ବାଲିଯାତ୍ରା ସ୍ଥାନ ପାଇଁ ପଞ୍ଜୀକରଣ ଓ ଆବଣ୍ଟନ (ଉଠାଦୋକାନୀ ବ୍ୟତୀତ) କେବଳ ଗତବର୍ଷ ଭାଗ ନେଇଥିବା ବ୍ୟବସାୟୀମାନଙ୍କ ପାଇଁ | ତା23.10.2019ରିଖଠାରୁ 28.10.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |
| 5. ବାଲିଯାତ୍ରା ସ୍ଥାନ ପାଇଁ ପଞ୍ଜୀକରଣ ଓ ଆବଣ୍ଟନ (ଉଠା ଦୋକାନୀ ବ୍ୟତୀତ) ନୂତନ ଭାବେ ଭାଗ ନେବାକୁ ଚାହୁଁଥିବା ବ୍ୟବସାୟୀ ଏବଂ ଅନୁଷ୍ଠାନ ପାଇଁ | ତା29.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |
| 6. ଉଠା ଦୋକାନୀ ପଞ୍ଜୀକରଣ ଓ ଅନୁମତି ପତ୍ର ପ୍ରଦାନ | ତା01.11.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |

**ବିଶେଷ ଦ୍ରଷ୍ଟବ୍ୟ**

- ଅପ୍ରାଧିକୃତ ଭାବେ ବାଲିଯାତ୍ରା ପଡ଼ିଆରେ କୌଣସି ବ୍ୟବସାୟୀଙ୍କୁ ବ୍ୟବସାୟ କରିବା ପାଇଁ ସୁଯୋଗ ଦିଆଯିବ ନାହିଁ ଏବଂ ଏହା ଆଇନ ଅନୁଯାୟୀ ଦଣ୍ଡନୀୟ ହେବ।
- ସ୍ଥାନ ଆବଣ୍ଟନ ସଂକ୍ରାନ୍ତୀୟ ସମସ୍ତ ବିଷୟରେ ଜିଲ୍ଲା ଆବଣ୍ଟନ ସବ୍ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ମାନ୍ୟ ହେବ।

**ସ୍ୱା./- ଜିଲ୍ଲାପାଳଙ୍କ ଆଦେଶକ୍ରମେ**
**ସବ୍‌କଲେକ୍ଟର ସଦର ତଥା ନୋଡାଲ ଅଫିସର ବାଲିଯାତ୍ରା 2019, କଟକ**



ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

## ସଂକ୍ଷେପରେ

### ଦୁର୍ଘଟଣାରେ ଗୁରୁତରଙ୍କ ମୃତ୍ୟୁ

ପୁରୁଣାକଟକ,୧୯।୧୦(ଡି.ଏନ.ଏ) ବୌଦ୍ଧ ଥାନା ଅନ୍ତର୍ଗତ ରାମଗଡ ପଞ୍ଚାୟତ ମହିବାହାଲ ଗ୍ରାମର କୁଶଧର ପ୍ରଧାନ (୩୩) ଗତ ୮ ତାରିଖରେ ବାଇକ ଯୋଗେ ପିତାମ୍ବରପୁର ପଞ୍ଚାୟତ କାନପୁର ଗ୍ରାମକୁ କୌଣସି କାର୍ଯ୍ୟରେ ଯାଇ ଫେରୁଥିବା ବେଳେ ତିଲେଶ୍ୱର ପଞ୍ଚାୟତ ବ୍ରାହ୍ମଣ ଗାଁ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ । ତାଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିବାରୁ ପରିବାର ଲୋକେ ତାଙ୍କୁ ବୌଦ୍ଧ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ୧୨ ଦିନ ଚିକିତ୍ସିତ ହେବା ପରେ ଶନିବାର ତାଙ୍କର ମୃତ୍ୟୁ ହୋଇଛି । ମୃତଦେହ ବ୍ୟବଛେଦ ପରେ ନିଜ ଗାଁ ମହିବାହାଲ ଗ୍ରାମରେ ସତ୍କାର କରାଯାଇଛି ।

### ପଦ୍ମପୁରରୁ ଭବାନୀପାଟଣାକୁ ହାଇଟେକ ବସ୍

ପଦ୍ମପୁର, ୧୯।୧୦ (ଡି.ଏନ.ଏ) ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଆନୁକୂଲ୍ୟରେ ପଦ୍ମପୁରରୁ ଭବାନୀପାଟଣାକୁ ହାଇଟେକ ବସ ସେବା ଆରମ୍ଭ ହୋଇଛି । ଏହି ବସ୍ ସକାଳ ସାଢ଼େ ୫ଟାରୁ ପଦ୍ମପୁରରୁ ବାହାରି ପାଟଣାଗଡ, ବଲାଙ୍ଗୀର, ଦେଓଗାଁ ଦେଇ ୧୧ଟା ୧୩ ମିନିଟରେ ଭବାନୀପାଟଣାରେ ପହଞ୍ଚିବ ଏବଂ ସାଢ଼େ ୧୧ଟାରେ ଭବାନୀପାଟଣା ଛାଡି ଅପରାହ୍ନ ୪ଟା ୧୪ ମିନିଟରେ ପଦ୍ମପୁରରେ ପହଞ୍ଚିବ ବୋଲି ବିଭାଗୀୟ ଅଧିକାରୀ ଶାନ୍ତନୁ କୁମାର ମିଶ୍ର ଜଣାଇଛନ୍ତି । ପଦ୍ମପୁରଠାରୁ ଭବାନୀପାଟଣାକୁ ବସ୍ ଯାତାୟାତ କରିବା ଦ୍ୱାରା ଯାତ୍ରୀମାନଙ୍କୁ ବିଶେଷ ସୁବିଧା ହେବ । ଉକ୍ତ ରୁଟରେ କୌଣସି ବସ୍ ନ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ ।

### ଡିଜିଟାଲ ବ୍ୟାଙ୍କ ସେବା ସଚେତନତା ଶିବିର

କନ୍ଧମାଳ/ପଲସାଗୋରା, ୧୯।୧୦ (ଡି.ଏନ.ଏ): କନ୍ଧମାଳ ବ୍ଲକ ଅନ୍ତର୍ଗତ ବଡଛପାପାଲି ଡାକଘର ଅଧୀନ ମଲ୍ଲିକୁଦ ଗ୍ରାମରେ ଡାକବିଭାଗ, ନାବାର୍ଡ ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ (ଆଇପିପିବି) ପକ୍ଷରୁ ଏକ ବୃତ୍ତୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଚେତନତା ଶିବିରରେ ଫୁଲବାଣୀ ଡାକମଣ୍ଡଳ ଅଧୀକ୍ଷକ ଅଜିତ କୁମାର ଦାସ ଉଭୟ ଡାକ ବିଭାଗ ଓ ଆଇପିପିବିର ସେବା ସମ୍ପର୍କରେ ସୂଚନା ଦେଇଥିଲେ । ପୋଷ୍ଟାଲ ବ୍ୟାଙ୍କର ଶାଖା ପ୍ରବନ୍ଧକ ଦେବୀ ପ୍ରସାଦ ନରସିଂହ ପାତ୍ର ଯୋଗଦେଇ ଡିଜିଟାଲର ଦେଣନେଣ ବିଭିନ୍ନ ଦିଗ ଉପରେ ବୁଝାଇଥିଲେ । ବ୍ୟାଙ୍କର କ୍ଷେତ୍ରୀୟ ଅଧିକାରୀ ଯୁଗଳ କୃଷ୍ଣ ପ୍ରଧାନ ଡାକ ବ୍ୟାଙ୍କର ସମସ୍ତ ସେବା ସମ୍ବନ୍ଧରେ ଅବଗତ କରାଇଥିଲେ। ବୌଦ୍ଧ ଡାକ ନିରୀକ୍ଷକ ମୁକେଶ କୁମାର ସାହୁ ଡାକ ବିଭାଗର ସମାଜ ମଙ୍ଗଳ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ । ଶିବିରକୁ ବରଗାଁ ସରପଞ୍ଚ ପ୍ରତିନିଧି ମୁରଲି ସେଠୀ ଉଦଘାଟନ କରିଥିବା ବେଳେ ବୌଦ୍ଧ ଡାକ ନିରୀକ୍ଷକ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିବିରରେ ବଡଛପାପାଲି ଶାଖା ଡାକପାଳ ରମାକାନ୍ତ ଖଟୁଆ, ବରଗାଁ ଡାକପାଳ ଅଭିଷେକ ମିଶ୍ର, ହେମନ୍ତ ରଣା, ସୁରକି କର୍ଣ୍ଣ, ସୁମିତ ମିଶ୍ର, ଆକାଶ ରଣା ଏବଂ ସୁଜିତ କୁମାର ମିଶ୍ର ଉପସ୍ଥିତ ଥିଲେ ।

### ଅଖିଳ ଭାରତୀୟ ସନ୍ଥ ସମ୍ମିଳନୀ

ମନମୁଣ୍ଡା, ୧୯।୧୦ (ଡି.ଏନ.ଏ) ମନମୁଣ୍ଡାଠାରୁ ୮କିମି ଦୂର ଦାମପାଲି-ସିଂହପାଲି ସ୍ଥିତ ଭାଲୁପାବଲି ସିଦ୍ଧେଶ୍ୱର ମନ୍ଦିର ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଶନିବାର ଅଖିଳ ଭାରତୀୟ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାବା ମୁନସିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅଖିଳ ଭାରତୀୟ ସନ୍ଥ ସମ୍ମିଳନୀ ସମ୍ପାଦକ ସତ୍ୟାନନ୍ଦ ବ୍ରହ୍ମଚାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୌଦ୍ଧ ଜିଲା ଚାଷୀ କ୍ଷେତ୍ରର ସଭାପତି ଜଗାବାବା, କାଳିଚରଣ ବାବା, ଟ୍ରଷ୍ଟି ଗୁରୁଚରଣ ସାହୁ ଯୋଗ ଦେଇଥିଲେ । ସାଧୁସନ୍ଥ ମାନେ ହିନ୍ଦୁ ଧର୍ମର ସୁରକ୍ଷା, ନୀତିନିୟମ ଉପରେ ଉଦବୋଧନ ଦେଇଥିଲେ ଏବଂ ଜୀବହତ୍ୟା ନ କରିବାକୁ ବୁଝାଇଥିଲେ ।

## ଦିନକ ପରେ ବିଜେପୁର ଉପନିର୍ବାଚନ

# ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ

**ବରଗଡ଼ ଅଫିସ, ୧୯।୧୦**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ଶନିବାର ସନ୍ଧ୍ୟାରେ ପ୍ରଚାର ସରିଯାଇଛି। ଏହି ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ଶୃଙ୍ଖଳିତ ଭାବେ ସମ୍ପାଦନ କରିବାକୁ ବରଗଡ଼ ଜିଲା ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏ ସଂକ୍ରାନ୍ତରେ ଶନିବାର ବରଗଡ଼ ଜିଲାପାଳଙ୍କ ଅଫିସ୍ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି ।

ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୨୮୫ଟି ବୁଥରେ ୨୧ ତାରିଖ ସୋମବାର ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ବିଜେପୁର, ଗାଇସିଲେଟ ଏବଂ ବରପାଲି (ଅଂଶ)ବ୍ଲକ ତଥା ବିଜେପୁର ଓ ବରପାଲି ଏନଏସି ରେ ମୋଟ ୨୪୩ଟି ସ୍ଥାନରେ ୨୮୫ଟି ବୁଥ୍ କରାଯାଇଛି। ସେଥିମଧ୍ୟରୁ ୨୦୫ ଟି କୋଠାରେ ଗୋଟିଏ ଲେଖାଏଁ ମତଦାନ କେନ୍ଦ୍ର ହୋଇଥିବା ବେଳେ ୩ଟି କୋଠାରେ ଏକାଧିକ ମତଦାନ କେନ୍ଦ୍ର ହୋଇଛି । ଏହି ସମସ୍ତ ବୁଥ ମଧ୍ୟରୁ ୬ଟି ଅତି ସମ୍ବେଦନଶୀଳ ଏବଂ ୧୨୯ଟି ସମ୍ବେଦନଶୀଳ ବୁଥ ଚିହ୍ନଟ ହୋଇଛି। ଏହି ବୁଥଗୁଡ଼ିକ ସକାଶେ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା କରାଯାଇଛି।



ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ନିର୍ବାଚନ ସମ୍ପର୍କରେ ସୂଚନା ଦେଉଛନ୍ତି।

୨୮ଟି ବୁଥରେ ୱେବ କାଷ୍ଟିଙ୍ଗ, ୧୪ଟିରେ ସିସିଟିଭି, ୧୬ଟିରେ ଭିଡ଼ିଓଗ୍ରାଫି ବ୍ୟବସ୍ଥା ହୋଇଥିବା ବେଳେ ୭୭ଟି ବୁଥ୍‌ରେ ମାଇକ୍ରୋ ଅବଜରଭର ବ୍ୟବସ୍ଥା କରାଯାଇଛି। ଏହି ନିର୍ବାଚନରେ ମୋଟ ୨ ଲକ୍ଷ ୩୨ ହଜାର ୨୬୪ ଜଣ ଭୋଟର ମତଦାନ କରିବେ। ସେଥି ମଧ୍ୟରୁ ୧ ଲକ୍ଷ ୨୦ ହଜାର ୧୩୫ ପୁରୁଷ, ୧ଲକ୍ଷ ୧୨ ହଜାର ୧୧୪ ଜଣ ମହିଳା ଏବଂ ୧୫ ଜଣ ଅନ୍ୟାନ୍ୟ ଭୋଟର ଅଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ମୋଟ ୨୭୫୦ ଜଣ ଦିବ୍ୟାଙ୍ଗ ଭୋଟର ରହିଥିବା ବେଳେ ସେମାନଙ୍କ ସୁବିଧା ପାଇଁ ୨୮୫ଟି ହୁଇଲଚେୟାର ରଖାଯାଇଛି। ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରତି ବୁଥରେ ଦୁଇଜଣ ଲେଖାଏଁ ମୋଟ ୫୭୦ ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ୨୩୨୧ ଜଣଙ୍କୁ ବାହନ ପାସ୍ ପ୍ରଦାନ କରାଯିବା ସହ ୧୪୮ଟି ଡ଼ମି ବ୍ରେଲି ବ୍ୟାଲେଟ ପେପର ବ୍ୟବସ୍ଥା କରାଯାଇଛି। ପ୍ରତି ବୁଥ ପାଇଁ ୫ଜଣ ନିର୍ବାଚନ ଅଧିକାରୀ ଭାବେ ୧୪୨୫ ଜଣ ଅଧିକାରୀଙ୍କ ଆବଶ୍ୟକତା ରହିଥିବା ବେଳେ ୧୮୦୫ ଜଣଙ୍କୁ ନିୟୋଜିତ କରାଯାଇଛି। ଏହି ସମସ୍ତ ଅଧିକାରୀଙ୍କୁ ୨୩ ଜଣ ମାଷ୍ଟର ଟ୍ରେନର ତିନୋଟି ପର୍ଯ୍ୟାୟରେ ତାଲିମ ପ୍ରଦାନ କରିଛନ୍ତି। ସମସ୍ତ ବୁଥ ଅଧିକାରୀ ଶନିବାର ସନ୍ଧ୍ୟା ସୁଦ୍ଧା ନିଜ ନିଜ ବୁଥକୁ ପହଞ୍ଚି ସାରିଛନ୍ତି। ମୋଟ ବୁଥ ମଧ୍ୟରୁ ପ୍ରତି ବ୍ଲକରେ ଦୁଇଟି ଲେଖାଏ ମୋଟ ୬ଟି ମଡ଼େଲ ବୁଥ ସ୍ଥାପନ କରାଯାଇଛି। ଗୋଟିଏ ମଧ୍ୟ ପିଙ୍କ ବୁଥ ହୋଇ ନ ଥିବା ଜଣାପଡ଼ିଛି। ଏହି ନିର୍ବାଚନ ପାଇଁ ଏମ ୩ ଟାଇପର ଇଭିଏମ ବ୍ୟବହାର ହେଉଛି। ୨୮୫ ବୁଥ ପାଇଁ ଆବଶ୍ୟକତା ରହିଥିବା ଇଭିଏମ, ଭିଭିପାଟ, ପୋଲିଂ ୟୁନିଟ ତଥା କଣ୍ଟ୍ରୋଲ ୟୁନିଟ ୩୭୧ଟି ଲେଖାଏଁ ଉପଲବ୍ଧ ଅଛି । ନିର୍ବାଚନ ପରିଚାଳନା ପାଇଁ ମୋଟ ୪୪୧ଟି ଗାଡ଼ି ବ୍ୟବସ୍ଥା କରାଯାଇଛି। ସେହିପରି ବରଗଡ଼ ଏସପି ପଦ୍ମିନୀ ସାହୁ ମଧ୍ୟ ଏକ ଖବରଦାତା ସମ୍ମିଳନୀରେ ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମୋଟ ୩୩ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ତିନି କମ୍ପାନୀ ସିଆରପିଏଫ ମୁତୟନ ହୋଇଛନ୍ତି। ରାଜ୍ୟ ଏବଂ ଆନ୍ତଃରାଜ୍ୟ ପ୍ରବେଶ ପଥ ସବୁକୁ ସିଲ କରାଯାଇ ଯାନବାହନ ତନଖି କରାଯାଉଛି। ଗାଇସିଲେଟ ବ୍ଲକର ଯୁବାଖୋଲ, ପରମାନପୁର, ଛିଦ୍ରାପାଲି, ସାଇ ଡୁଙ୍ଗୁରିପାଲି ଏବଂ କଟାଜୁରା ଗାଁରେ ଥିବା ମତଦାନ କେନ୍ଦ୍ର ସବୁ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଆସୁଥିବାରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୫୦୦ ରୁ ଅଧିକ ଲୋକଙ୍କ ନାଁରେ ୧୦୭ ନୋଟିସ ଜାରି କରାଯାଇଛି। ଶନିବାର ସନ୍ଧ୍ୟାରେ ନିର୍ବାଚନ ପ୍ରଚାର ସରିଯାଇଥିବା ବେଳେ ନିର୍ବାଚନ ମଣ୍ଡଳୀ ବାହାରୁ ଆସିଥିବା ବ୍ୟକ୍ତିମାନଙ୍କୁ ଅଞ୍ଚଳ ଛାଡ଼ିଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସପି ସାହୁ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଶିଶୁ ମହୋତ୍ସବ ସୁରଭିରେ ୧୨୩ ଛାତ୍ରୀଛାତ୍ର

**ଜହ୍ନାପଙ୍କ, ୧୯।୧୦ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ଜହ୍ନାପଙ୍କ ସରକାରୀ ବିଦ୍ୟାଳୟ ପରିସରରେ ଶନିବାର ନାରାୟଣନଗର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଉଦଘାଟନି ଉତ୍ସବରେ ବୌଦ୍ଧ ଏବିଇଓ କମଳାକାନ୍ତ ଦଳବେହେରା ମୁଖ୍ୟଅତିଥି, ପୂର୍ବତନ ପ୍ରଧାନଶିକ୍ଷକ କୃପାସିନ୍ଧୁ ପାତ୍ର ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଚାନ୍ଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ନାରାୟଣନଗର କ୍ଲଷ୍ଟର କେନ୍ଦ୍ରାଧୀନ ୧୨ଟି ସ୍କୁଲର ୧୨୩ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେଇ ଗୀତ, ନାଚ, ଚିତ୍ରାଙ୍କନ, କୁଇଜ, ରଚନା ପ୍ରତିଯୋଗିତା କରାଯାଇଥିଲା। ସବୁ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବାକୁ ସିଆରସିସି ସନ୍ତୋଷ କୁମାର ଶତପଥି ସୂଚନା ଦେଇଥିଲେ । ଅପରାହ୍ନରେ ଉଦଯାପିତ ଉତ୍ସବରେ ପ୍ରାକ୍ତନ ସିଆରସିସି ଲଳିତ ମୋହନ ବିଶ୍ୱାଳ ଯୋଗଦେଇ ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ମାଧ୍ୟମ ହେଉଛି ସୁରଭି ବୋଲି କହିଥିଲେ। ସିଆରସିସି ସନ୍ତୋଷ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ହିମାଂଶୁ ଶେଖର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଚାନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କ୍ଲଷ୍ଟରର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ। ସେହିପରି ତେଲିବନ୍ଧ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ତେଲିବନ୍ଧ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ସିଆରସିସି ରାଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରଧାନଶିକ୍ଷକ ଶିବ ପ୍ରଧାନ ଓ ସନତ ପ୍ରଧାନ ସହଯୋଗ କରିଥିଲେ ।

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in
CIN : U40101OR1995SGC003963
OHPC ISO : 9001, 14001, 18001 Certified
CAD-483

No. HHEP /C & P – 1 / 7288 Date: 17.10.2019

**NOTICE INVITING TENDER No. HHEP-55/2019**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers /authorized dealers / channel partners / reputed suppliers for supply of the following material as mentioned below.

| Sl. No. | Description | Cost of tender paper (non-refundable) in Rs. | EMD (Refundable) in Rs. |
|---|---|---|---|
| 1 | 2 | 3 | 4 |
| 1 | Supply of different type of hardware and electrical materials for Burla Power House | Rs. 4,720/- (Rs. 4,000/- + GST @18%) | Rs. 5,350/- |

Period of sale of tender : Dt. 22.10.2019 to 05.11.2019 upto 05:00 PM
Last date & time for submission of tender : Dt. 06.11.2019 upto 01:00 PM
Due date & Time for opening of Technical bid : Dt. 06.11.2019 at 03:30 PM
Date & Time of opening of price bid will be intimated later to the technically qualified bidders.
For details and further correspondence / corrigendum, please visit our website www.ohpcltd.com.

Sd/-
C & P Head, HHEP, Burla

04007/11/0028/1920

# ପର୍ବତାରୋହୀ ଲିପିକା ସେଠଙ୍କୁ ସମ୍ବର୍ଦ୍ଧନା

**ଭେଡ଼େନ, ୧୯।୧୦(ଡି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଡ଼ାଲବ ଗ୍ରାମର ପର୍ବତାରୋହିଣୀ ଲିପିକା ସେଠ ୟୁରୋପ ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଲବ୍ରୁସ ଆରୋହଣ କରି ଏହି ବ୍ଲକ ପାଇଁ ଗୌରବ ଆଣିଦେଇଛନ୍ତି। ଏହି କ୍ରମରେ ଶନିବାର ଅପରାହ୍ନରେ ଭେଡ଼େନ ବ୍ଲକ ଅଫିସ ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାରେ ପର୍ବତାରୋହିଣୀ ଲିପିକାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଡ଼ିଓ ମୁରଲୀଧର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟଅତିଥି ଭାବେ ଲିପିକାଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ନିର୍ବାହି ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ରେଶମ ନିର୍ବାହୀ ଅଧିକାରୀ ତରଣୀସେନ ଜେନା, ବିଡ଼ିଓ ନାୟକ କବିତା ମାଧ୍ୟମରେ ଏବଂ ଉପନ୍ନ ଭୋଇ ବକ୍ତବ୍ୟ ମାଧ୍ୟମରେ ଲିପିକାଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ଶେଷରେ ବ୍ଲକ ପଞ୍ଚାୟତ ଅଧିକାରୀ ସନ୍ତୋଷ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।



ଭେଡ଼େନ ବ୍ଲକ ଅଫିସ ସଭାଗୃହରେ ଲିପିକା ସେଠଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ଧାନ ଫସଲରେ ରୋଗପୋକ, ଚାଷୀ ଚିନ୍ତିତ

**ଜାମଚିକ୍ରା, ୧୯।୧୦ (ଡି.ଏନ.ଏ)**

ଅତାବିରା ବ୍ଲକର ବିଭିନ୍ନ ଗ୍ରାମରେ ଧାନ ଫସଲରେ ଚକଡା ପୋକ ଲାଗିଥିବାର ଅଭିଯୋଗ ହୋଇଛି । ଚକଡା ପୋକ ଯୋଗୁ ଚାଷୀ ମୁଣ୍ଡରେ ଚକଡ ପଡିଛି। ଏହାର ପ୍ରତିକାର ଦିଗରେ କୃଷି ବିଭାଗ ତରଫରୁ ଯେଉଁ କୀଟଶନକ ଔଷଧ ରିହାତି ଦରରେ ଯୋଗାଇ ଦିଆଯାଉଛି ସେ କୀଟନାଶକ ଠିକ ଭାବରେ କାମ କରୁ ନ ଥିବା ଅଭିଯୋଗ ହେଉଛି । ଏହି ପୋକ ଧାନ ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଉଛନ୍ତି। ସ୍ଥାନୀୟ ଅଞ୍ଚଳର ଚାଷୀମାନେ ସ୍ଥାନୀୟ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, ସମବାୟ ସମିତି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣି ଧାନ ଚାଷ କରିଛନ୍ତି । ଚକଡା ପୋକ ଯୋଗୁଁ ଧାନ ଫସଲ କ୍ଷତିଗ୍ରସ୍ତ ହେବାରୁ ଚାଷୀ ମୁଣ୍ଡରେ ଏକରକମ ଚଡକ ପଡିଛି। ଚାଷୀ କିପରି ତାର ପରିବାରକୁ ବର୍ଷକର ଆହାର ଯୋଗାଇବ ଓ ଋଣ ପରିଶୋଧ କରିବ ସେଥିନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବା ନିମନ୍ତେ ଦଶରଥ ଭୋଇ, ମାନସ ପଧାନ, ଶଶି ପଧାନ ପ୍ରମୁଖ ଦୃଢ଼ ଦାବି କରିଛନ୍ତି । ଏ ନେଇ କୃଷି କର୍ମଚାରୀ କିଶୋର କୁମାର ଦାସ କହନ୍ତି, ଆମେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛୁ ଏବଂ ରିହାତି ଦରରେ କୀଟନାଶକ ମଧ୍ୟ ଦେଉଛୁ ।

# ଆନ୍ତଃ କଲେଜ ଫୁଟବଲ ଟୁର୍ନାମେଣ୍ଟ



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଫୁଲବଲ ଖେଳାଳି ।

**ଅତାବିରା, ୧୯।୧୦ (ଡି.ଏନ.ଏ)**

ଅତାବିରା ବ୍ଲକ ଲରମ୍ଭା କଲେଜରେ ଚାଲିଥିବା ଆନ୍ତଃ କଲେଜ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ଦିବସ । ଦ୍ୱିତୀୟ ଦିବସ ଖେଳରେ ତୃତୀୟ ପର୍ଯ୍ୟାୟକୁ ପୁରୁଣାକଟକ, ଘସିଏନ, ବରପାଲି, ଗୋଡଭଗା, ଏଲଏନ କଲେଜ, ପିଜି କଲେଜ, ଜ୍ୟୋତି ବିହାର ବୁର୍ଲା, ଡୁଙ୍ଗୁରିପାଲି, ମୁରିବାହାଲ, ସିଣ୍ଡୋଳ ଉନ୍ନୀତ ହୋଇଛନ୍ତି । ଲରମ୍ଭା କଲେଜ ଅଧ୍ୟକ୍ଷ ଡ. ନରେନ୍ଦ୍ର କୁମାର ବେହେରା, ଅଧ୍ୟାପକ ରତନ କୁମାର ଶର୍ମା, ଡ. ପ୍ରମୋଦ କୁମାର ଭୋଇ, ପବିତ୍ର ମାହାଣା, ସୁଶୀଲ ମହାକୁର, ପ୍ରମୋଦ ସେଟ, ଅବିନାଶ ସାହୁ, ରୋଜି କର୍ମୀ, ରଜତ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଅଶ୍ୱିନୀ ମେହେର, ନିରଞ୍ଜନ ମହାକୁର, ଶୁଭମ ପାତ୍ର, ପଞ୍ଚାନନ ପାତ୍ର, ଅନୀଲ ବାଗ ଖେଳ ପରିଚାଳନା କରିଥିଲେ ।

## ଓଡ଼ିଶା ସରକାର
## ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

File No.COL/JAJ/VIIL–40/2018/418 /LA(Civil) dated:14.08.2019

No.XXIV-34 :- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩(RFCTLAR & R Act,୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ସାଦକପୁର, ଥାନା-କୋରେଇ, ନଂ-୫୦, ତହସିଲ-ବ୍ୟାସନଗର, ଜିଲ୍ଲା-ଯାଜପୁରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି। ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩(RFCTLAR & R Act,୨୦୧୩)ର ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୫୨୭/ ତା୦୧।୦୯।୨୦୧୮ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ସାଦକପୁର, ଥାନା-କୋରେଇ, ନଂ.୫୦, ତହସିଲ-ବ୍ୟାସନଗର, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.jajpur.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳପଥ, ଚଣ୍ଡୀଖୋଲ, ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

**ଜିଲ୍ଲା:ଯାଜପୁର (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ:ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସାଦକପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨.୭୪୦ | ଏ.୦.୪୬୫ | ଏଥି ସହିତ ସଂଲଗ୍ନ ଅଛି |

**ତଫସିଲ-ଖ**

**ଜିଲ୍ଲା:ଯାଜପୁର (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) ତହସିଲ:ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ.୦୧।୧୧।୧୮**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./-ଜିଲ୍ଲାପାଳ, ଯାଜପୁର**

**ବ୍ୟକ୍ତିଗତ ଜମିର ତଫସିଲ**

**ପ୍ରକଳ୍ପର ନାମ:ଭଦ୍ରକ-ନିର୍ଗୁଣ୍ଡି ପର୍ଯ୍ୟନ୍ତ ୩ୟ ରେଳପଥ, ଗ୍ରାମ:ସାଧକପୁର, ଥାନା-କୋରେଇ, ଜିଲ୍ଲା:ଯାଜପୁର, ତହସିଲ-ବ୍ୟାସନଗର, ଥାନ ନଂ.୫୦**

| ଖାତା ନଂ | ପ୍ଲଟ୍ ନଂ. | କିସମ | ଖାତା ରୟତଙ୍କ ନାମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଅଧିଗ୍ରହଣ ରକବା (ଏକରରେ) | ଆଂଶିକ/ ସମ୍ପୂର୍ଣ୍ଣ |
|---|---|---|---|---|---|---|
| ୨୯୮/୫୫ | ୯୭୭ | ସାରଦ-୨ | ଗୋଲାମ ବସ୍ତଗିରି ଖାଁ, ରବୁଲ ଖାଁ, ଓହିଦ ଖାଁ, ପି:ଗୋଲମ୍ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୨୧୦ | ୦.୦୬୩ | ଆଂଶିକ |
| ୧୪୧ | ୯୭୮ | ସାରଦ-୨ | ତୋରଫ ଖାଁ, ପି:ଲତିଫ ଖାଁ, ସଉବତ୍ ଖାଁ, ହକିମତ୍ ଖାଁ, ପି:ନୁର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୧୧୦ | ୦.୦୧୯ | ଆଂଶିକ |
| ୨୦ | ୯୭୯ | ସାରଦ-୨ | ଅସଗର ଖାଁ, ପି:ଆକବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୧୦ | ୦.୦୧୦ | ସମ୍ପୂର୍ଣ୍ଣ |
| ୨୭୪ | ୯୮୦ | ସାରଦ-୨ | ହନିଫ ଖାଁ, ଆବଦ୍ ଖାଁ, ହାସିମ ଖାଁ, ପି:ନଜିର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୩୩୦ | ୦.୦୭୭ | ଆଂଶିକ |
| ୨୮୩ | ୧୦୨୯ | ସାରଦ-୨ | ହସନ୍ ଖାଁ, ପି:ଡୋମନ ଖାଁ, ସଖାବତ୍ ଖାଁ, ପି-ଦିଲବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୧୦୦ | ୦.୦୨୫ | ଆଂଶିକ |
| ୨୯୮/୭୫ | ୧୦୩୧ | ସାରଦ-୨ | ଅବଦୁଲ ମହେମୁଦ୍ ଖାଁ, ପି:ଅବଦୁଲ ସତାର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୩୮୦ | ୦.୦୪୨ | ଆଂଶିକ |
| ୨୪୨ | ୧୦୩୩ | ସାରଦ-୨ | ସେକ୍ ଅବଦୁଲ ସମଦ୍, ପି:ସେକ୍ ହୟାତି, ଜାତି:ମୁସଲମାନ, ବା:ନିଜଗାଁ | ୦.୧୭୦ | ୦.୦୪୨ | ଆଂଶିକ |
| ୨୩୦ | ୧୦୩୫ | ସାରଦ-୨ | ଲତିଫ ଖାଁ, ପି:ସୁଲତାନ ଖାଁ, ସୋବନ୍ ଖାଁ, ପି:ରହେମାନ ଖାଁ, କବାଲି ଖାଁ, ପି-ଅମିର ଖାଁ, ବସିର୍ ଖାଁ, ଗୋଲାପ ଖାଁ, ପି:ହବିପ୍ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୪୦ | ୦.୦୧୦ | ଆଂଶିକ |
| ୨୩୦ | ୧୦୩୭ | ସାରଦ-୨ | ଲତିଫ ଖାଁ, ପି:ସୁଲତାନ ଖାଁ, ସୋବନ୍ ଖାଁ, ପି:ରହେମାନ ଖାଁ, କବାଲି ଖାଁ, ପି-ଅମିର ଖାଁ, ବସିର୍ ଖାଁ, ଗୋଲାପ ଖାଁ, ପି:ହବିପ୍ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୪୦ | ୦.୦୪୦ | ସମ୍ପୂର୍ଣ୍ଣ |
| ୧୦୫ | ୧୦୩୮ | ସାରଦ-୨ | ଜଏନୁଲା ଆବେଦିନ ଖାଁ, ପି:ସାବତ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୮୬୦ | ୦.୦୩୫ | ଆଂଶିକ |
| ୨୮୩ | ୧୦୩୯ | ସାରଦ-୨ | ହାସାନ ଖାଁ, ପି:ଡୋମନ ଖାଁ, ସଖାବତ୍ ଖାଁ, ପି-ଦିଲବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୩୩୦ | ୦.୦୪୬ | ଆଂଶିକ |
| ୨୮୩ | ୧୦୩୦ | ସାରଦ-୨ | ହସନ୍ ଖାଁ, ପି:ଡୋମନ ଖାଁ, ସତ୍ୟାବତ ଖାଁ, ପି-ଦିଲବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୧୧୦ | ୦.୦୨୧ | ଆଂଶିକ |
| ୧୨୯ | ୧୦୪୦ | ସାରଦ-୨ | ସେକ୍ ତଜ୍ଝୁଲ, ପି:ଏସକେ ସୋବାନ, କରିମନ୍ ନିଶା ବିବି, ସ୍ୱା:ସେକ୍ ସୋବାନ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୫୦ | ୦.୦୩୫ | ଆଂଶିକ |
| | | | | ମୋଟ | ୦.୪୬୫ | |

24163/14/0007/1920



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ଛଟ୍ ପୂଜା ପ୍ରସ୍ତୁତି ବୈଠକ

**ବେଲପାହାଡ଼,୧୯।୧୦ (ଡ଼ି.ଏନ୍.ଏ)-** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗୁମାଡ଼େରାରେ ପ୍ରତିବର୍ଷ ବିହାରୀ ସମାଜ ପକ୍ଷରୁ ଛଟ୍ ପୂଜାକୁ ଗଭୀର ଆସ୍ଥା ଓ ବିଶ୍ୱାସର ସହିତ ପାଳନ କରାଯାଇଥାଏ। ଗୌରୀଶଙ୍କର ମନ୍ଦିରରେ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମିଟିର ସମସ୍ତ ସଦସ୍ୟ ଯୋଗ ଦେଇ ପୂଜା ଆୟୋଜନ ବ୍ୟବସ୍ଥାକୁ ନେଇ ଆଲୋଚନା କରିଥିଲେ। ଏଥିସହିତ କମିଟି ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଚଳିତ ବର୍ଷ କମିଟିରେ ସୁଧୀର ସିଂ ସଭାପତି, ଶ୍ରୀରାମ ଦୁବେ ଉପସଭାପତି, ମୁନ୍ନୁ ପ୍ରସାଦ ସମ୍ପାଦକ, ଆନନ୍ଦ ଦୁବେ ସହସମ୍ପାଦକ, ଅମନ ମହାରାଜ କୋଷାଧ୍ୟକ୍ଷ, ନୁନୁ ଝା ସହକୋଷାଧ୍ୟକ୍ଷ ଓ ସୁରେଶ ସିଂ ସଙ୍ଗଠକ ଭାବରେ ମନୋନୀତ ହୋଇଛନ୍ତି। ଆସନ୍ତା ୩୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଛଟ୍ ପୂଜା ପାଳନ ହେବ। ଏହି ଅବସରରେ ଗୁମାଡ଼େରା ବଡ଼ କଁଟା ନିକଟରେ ପୂଜା ମଣ୍ଡପ ଓ ସୂର୍ଯ୍ୟ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି।

### ପିଇଓ କାର୍ଯ୍ୟରୁ ନିଲମ୍ବିତ

**ଲେଫ୍ରିପଡା,୧୯।୧୦(ଡି.ଏନ.ଏ) :** ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ବଡବଙ୍ଗା ପଞ୍ଚାୟତର ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସଞ୍ଜୟ କୁମାର ଚୌଧୁରୀ ସୁନ୍ଦରଗଡ ଜିଲାପାଳଙ୍କ ଆଦେଶ ନଂ.୨୫୨୩/୧୭/୧୦/୨୦୧୯ ଅନୁଯାୟୀ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ କାର୍ଯ୍ୟନିର୍ବାହୀ ଅଧିକାରୀ ବର୍ତ୍ତମାନ ଲେଫ୍ରିପଡା ବ୍ଲକ୍‌ର ରାଜବାହାଲ ପଞ୍ଚାୟତରେ କାର୍ଯ୍ୟରତ ରହିଥିବାବେଳେ ପୂର୍ବରୁ ବଡବଙ୍ଗା ପଞ୍ଚାୟତରେ କାର୍ଯ୍ୟ କରୁଥିଲେ। ବଡ଼ବଙ୍ଗା ପଞ୍ଚାୟତରେ କାର୍ଯ୍ୟକରୁଥିବା ସମୟରେ ବିଭିନ୍ନ ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା ଏବଂ ଜାଲିଆତି କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଲେଫ୍ରିପଡା ବ୍ଲକ ଉନ୍ନୟନ ଅଧିକାରୀ ପଲ୍ଲବୀରାଣୀ ରାଜ୍ ବଡବଙ୍ଗା ପଞ୍ଚାୟତରେ ତଦନ୍ତ କରିଥିଲେ। ପଞ୍ଚାୟତର କ୍ୟାଶ୍‌ବୁକ୍, ପାସ୍‌ବୁକ୍ ସମେତ ବିଭିନ୍ନ ଦଲିଲ ଜବତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ପାଇ ଜିଲାପାଳ ପିଇଓଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡିଛି।

# ଆନ୍ତଃ ଜିଲା ବାଇକ୍ ଚୋରି ର୍‌ୟାକେଟ ଠାବ

**ନୂଆପଡ଼ା ଅଫିସ, ୧୯।୧୦**

ଓଡ଼ିଶା- ଛତିଶଗଡ ସୀମାନ୍ତ ଅଞ୍ଚଳରେ ଚୋରି ରାହାଜାନୀ ଦିନକୁ ଦିନ ବୃଦ୍ଧିପାଉଥିବାବେଳେ ଜିଲା ପୋଲିସ ବିଶେଷ ଦୃଷ୍ଟି ଦେଉଛି। ଶନିବାର ସ୍ଥାନୀୟ ଜୋଙ୍କ ଥାନା ପୋଲିସ ଏକ ଆନ୍ତଃ ଜିଲା ବାଇକ ଚୋରି ର୍‌ୟାକେଟ ଠାବ କରିବାରେ ସଫଳ ହୋଇଛି। ଜୋଙ୍କ ପୋଲିସ ୮ଟି ବାଇକକୁ ଜବତ କରିଥିବା ବେଳେ ଜଣେ ଚୋରକୁ ଗିରଫ କରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଚଟୁଅନକା ଗାଁର ବିନୁ ଅଦା(୨୧)। ତାଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଜିଲା ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି।

ସମ୍ମିଳନୀରେ ଏଏସ୍‌ପି ସୁନୀଲ କୁମାର ଆଚାର୍ଯ୍ୟ କହିଛନ୍ତି ଯେ, ଗତ କିଛି ମାସ ହେଲା ଖରିଆରରୋଡ ସହରରେ ବହୁ ବାଇକ ଚୋରି ହୋଇଥିଲା। ଏହାକୁ ନେଇ ଜୋଙ୍କ ଆଇଆଇସି ଯୁଗଳ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସନ୍ଦିଗ୍ଧ ଯୁବକଙ୍କୁ ଜେରା କରି ବହୁ ତଥ୍ୟ ସଂଗ୍ରହ କରିଥିଲା। ବିନୁଙ୍କଠାରୁ ମୋଟ ୮ଟି ଚୋରି ବାଇକକୁ ବିଭିନ୍ନ ସ୍ଥାନରୁ ପୋଲିସ ଜବତ କରିଥିଲେ। ସେଥିରୁ ଓଡି ୨୬ ୮୨୮୫, ସିଜି ୦୬ ଜିଏଚ ୩୫୨୩, ଓଡି ୧୭ ଏଲ ୫୭୬୯ ଓ ସିଜି ୦୪ ଏଲକ୍ୟୁ ୭୪୨୬ ପ୍ରମୁଖ ୪ ଟି ବାଇକ ଚୋରି ହୋଇଥିବା ଜୋଙ୍କ ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟ ୪ଟି ବାଇକ ମାଲିକଙ୍କ ଠିକଣା ଜଣାପଡିନାହିଁ। କଣ୍ଟାବାଞ୍ଜି ଅଞ୍ଚଳର ଏକ ଚୋରି ର୍‌ୟାକେଟ ଗ୍ୟାଙ୍ଗ ଖରିଆରରୋଡ, ଉଦ୍ୟାନବନ୍ଧ, କୋମନା, ଖଡିଆଳ, ସିନାପାଲି ଅଞ୍ଚଳରେ ବାଇକ ଚୋରି କରୁଛନ୍ତି। ସେହି ବାଇକକୁ ଚୋରମାନେ କମ ଦରରେ ବିକ୍ରି କରିଛନ୍ତି। ଏହି ଗ୍ୟାଙ୍ଗରେ ୮ ଜଣ ସଦସ୍ୟ ରହିଛନ୍ତି। ସେଥିରୁ ଜଣଙ୍କୁ ପୋଲିସ ଗିରଫ କରି ଜଣେ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇଛି। ଅନ୍ୟ ୬ ଜଣଙ୍କୁ ଗିରଫ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଥିବା ସମ୍ମିଳନୀରେ କୁହାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ପ୍ରଶାନ୍ତ ପଟ୍ଟନାୟକ, ଜୋଙ୍କ ଥାନାଧିକାରୀ ଯୁଗଳ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।





ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସହ ପୋଲିସ ଅଧିକାରୀ। ଜବତ ବାଇକ୍।

- ୮ ବାଇକ ଜବତ, ଜଣେ ଗିରଫ
- ଜୋଙ୍କ ଥାନା ପୋଲିସକୁ ସଫଳତା

# ଜିଲାସ୍ତରୀୟ ଶୌଣ୍ଡିକ ସମାଜର ସମାବେଶ

**କେସିଙ୍ଗା, ୧୯।୧୦ (ଡି.ଏନ.ଏ.)**

କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ କଲ୍ୟାଣ ମଣ୍ଡପ ପରିସରରେ ଖୁସିରାମ ସାହୁଙ୍କ ସଭାପତିତ୍ୱରେ ଜିଲାସ୍ତରୀୟ ଉତ୍କଳ ହୈହୟ କ୍ଷତ୍ରିୟ ଶୌଣ୍ଡିକ ସମାଜ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଅତିଥିମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ସର୍ବଭାରତୀୟ କାର୍ଯ୍ୟକାରୀ ସଭାପତି ପ୍ରତାପ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ସୁବର୍ଣ୍ଣଗ୍ରାହୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମାବେଶରେ ସମାଜର ଉନ୍ନତି ସହ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଓ ଆର୍ଥିକ, ସଂଗଠନ ଗଠନ, ମହିଳା ସଶକ୍ତୀକରଣ, ନିଶା ନିବାରଣ ବିଷୟରେ ଆଲୋଚନା କରାଯାଇଥିଲା। ଏପରି କି ଗରୀବ ଶ୍ରେଣୀ ପରିବାର ଛାତ୍ରୀଛାତ୍ରମାନଙ୍କୁ ପାଠ ପଢାରେ ସହଯୋଗ କରିବାକୁ ସମାବେଶରେ କୁହାଯାଇଥିଲା। ଏଥିରେ ବଲାଙ୍ଗୀର, ସମ୍ବଲପୁର, ସୋନପୁର, ନୂଆପଡ଼ା, ବରଗଡ଼, ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି ଆଦି ଜିଲାର ଶୌଣ୍ଡିକ ସମାଜର ସଭାପତି, ସମ୍ପାଦକ ଯୋଗଦେଇ ମତପ୍ରକାଶ କରିଥିଲେ। ନର୍ଲା ବ୍ଲକ ଶୌଣ୍ଡିକ ସମାଜର ସମ୍ପାଦକ କଲ୍ୟାଣ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ। ଟିକେଲାଲ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ତୁଷାର କାନ୍ତ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ଜିଲାସ୍ତରୀୟ ଶୌଣ୍ଡିକ ସମାଜର ସମାବେଶରେ ଉପସ୍ଥିତ ଥିବା ଅତିଥିବୃନ୍ଦ।

# ଦୂତୀ, ଅମିୟ, ଜଉନା ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୧୯।୧୦ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ, ଅମିୟ ମଲିକ ଏବଂ ଜଉନା ମୁର୍ମୁଙ୍କୁ ଶନିବାର କିଟ୍ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ ରାଞ୍ଚିଠାରେ ଅନୁଷ୍ଠିତ ୫୯ତମ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପରେ ଏହି ତିନି ଖେଳାଳି ସ୍ୱର୍ଣ୍ଣପଦକ ହାସଲ କରି ରାଜ୍ୟର ଗୌରବ ବଢ଼ାଇଥିଲେ। ଦୂତୀ ଚାନ୍ଦ ମହିଳା ୧୦୦ ଓ ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଅମିୟ ପୁରୁଷ ୧୦୦ ମିଟର ଏବଂ ଜଉନା ୪୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଦୂତୀ ୧୦୦ ମିଟର ସେମିଫାଇନାଲରେ ୧୧.୨୨ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଏହି ତିନି ଖେଳାଳିଙ୍କୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅନ୍ୟ କର୍ମକର୍ତ୍ତା ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




ସମ୍ବର୍ଦ୍ଧିତ ହେବା ଅବସରରେ ଦୂତୀ ଚାନ୍ଦ, ଜଉନା ମୁର୍ମୁ ଓ ଅମିୟ ମଲିକ।

## ସିନାପାଲି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# କୃତୀ ଛାତ୍ରୀଛାତ୍ର ପୁରସ୍କୃତ

**ସିନାପାଲି,୧୯।୧୦ (ଡି.ଏନ୍.ଏ.)**

ସିନାପାଲି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ସିନାପାଲି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ସରପଞ୍ଚ ସତ୍ୟବାନ ମେହେର, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଯୋଗେନ୍ଦ୍ର ମାଝି, ପ୍ରଧାନ ଶିକ୍ଷକ ହୃଦାନନ୍ଦ ମାଝି ଏବଂ ମୁଖ୍ୟବକ୍ତା ଭାବରେ ସିନାପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟବାନ ମେହେର ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଅଣାଯାଇ ପାରିବ ବୋଲି କହିଥିଲେ। ଏହି ଅବସରରେ ସିନାପାଲି କ୍ଲଷ୍ଟରର ୧୩ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ନିଜ ଶ୍ରେଷ୍ଠତା ପ୍ରଦର୍ଶନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସିନାପାଲି ଗୋଷ୍ଠ ଶିକ୍ଷା ଅଧିକାରୀ ଜଗଦୀଶ ଖମାରୀ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆର୍‌ସିସି ପ୍ରସନ୍ନ କୁମାର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

# ପର୍ବତାରୋହୀ ଲିପିକା ସେଠଙ୍କୁ ସମ୍ବର୍ଦ୍ଧନା

**ଭେଡ଼େନ, ୧୯।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଡ଼ାଲବ ଗ୍ରାମର ପର୍ବତାରୋହିଣୀ ଲିପିକା ସେଠ ୟୁରୋପ ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଲବ୍ରୃସ ଆରୋହଣ କରି ଏହି ବ୍ଲକ ପାଇଁ ଗୌରବ ଆଣିଦେଇଛନ୍ତି। ଏହି କ୍ରମରେ ଶନିବାର ଅପରାହ୍ନରେ ଭେଡ଼େନ ବ୍ଲକ ଅଫିସ ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାରେ ପର୍ବତାରୋହିଣୀ ଲିପିକାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଡ଼ିଓ ମୁରଲୀଧର ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟଅତିଥି ଭାବେ ଲିପିକାଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ଉପାଧକ୍ଷା ସୁପ୍ରଭା ପ୍ରଧାନ, ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ନିର୍ବାହି ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ରେଶମ ନିର୍ବାହୀ ଅଧିକାରୀ ତରଣୀସେନ ଜେନା, ବିଡ଼ିଓ ନାୟକ କବିତା ମାଧମରେ ଏବଂ ଉପନ୍ନ ଭୋଇ ବକ୍ତବ୍ୟ ମାଧମରେ ଲିପିକାଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ। ଶେଷରେ ବ୍ଲକ ପଞ୍ଚାୟତ ଅଧିକାରୀ ସନ୍ତୋଷ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।



ଭେଡ଼େନ ବ୍ଲକ ଅଫିସ ସଭାଗୃହରେ ଲିପିକା ସେଠଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।


**DISTRICT MINERAL FOUNDATION, JAJPUR**
**Ph.: 06728-222227,**
**E-mail: dmfjajpur@gmail.com,**
**Website: www.jajpur.nic.in**

**Letter No.: DMF/ 522/ 2019** **Date: 19.10.19**

**WALK-IN INTERVIEW FOR SPECIALISTS/ DOCTORS**

Candidates are invited for walk-in interview for appointment of Super Specialists/ Specialist/ Doctors in District Headquarter Hospital, Jajpur out of District Mineral Foundation Fund. The vacancy details and all other requisite qualification, experience is available in website **www.jajpur.nic.in**.

The date of walk-in interview: 30.10.2019
Venue: Collector's Conference Hall

**Sd./-**
**Collector & Managing Trustee**
**DMF, Jajpur**



**ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ**

**ଗାଡି ମାଲିକମାନଙ୍କ ପାଇଁ ବିଶେଷ ସୂଚନା**

ଏତଦ୍‌ଦ୍ୱାରା ସମସ୍ତ ରାଜ୍ୟ / ଆନ୍ତଃରାଜ୍ୟ ମାର୍ଗରେ ଚଳାଚଳ କରୁଥିବା ଯାତ୍ରିବାହି ବସ୍ ମାଲିକ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆନ୍ତଃରାଜ୍ୟ ମାର୍ଗ ମଧରେ ନିମ୍ନଲିଖିତ ଖାଲି ଥିବା ମାର୍ଗ ଗୁଡିକୁ ବିଜ୍ଞାପନ ମାଧ୍ୟମରେ ସ୍ଥାୟୀ ଅନୁମତି ପତ୍ର ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ତା ୨୯.୧୦.୨୦୧୯ ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ଟ୫୦୦ଙ୍କା ଆବେଦନ ଫିସ୍ ସହିତ ମୋଟରଯାନର ଆବଶ୍ୟକୀୟ କାଗଜପତ୍ର, ଅନ୍ୟୁନ ୯୯,୦୦୦ ଟଙ୍କାର ଶୋଧ କ୍ଷମତା ( Solvency) କିମ୍ବା ଜାତୀୟତା ବ୍ୟାଙ୍କର ଗ୍ୟାରେଂଟି, ସଚିବ, ରାଜ୍ୟ ପରିବହନ ପ୍ରାଧିକାରୀଙ୍କ ନାମରେ ଚଳବନ୍ଧକ (pledge) ସହିତ ଇଚ୍ଛୁକ ମାର୍ଗ ପାଇଁ ସ୍ଥାୟୀ ଅନୁମତି ପତ୍ର ଆବେଦନ କରି ପାରିବେ। ଆବେଦନକାରୀଙ୍କ ବସ୍‌ର କୌଣସି ସ୍ଥାୟୀ କିମ୍ବା ଅସ୍ଥାୟୀ ଅନୁମତି ପତ୍ର ନଥିବ। ଯଦି କୌଣସି ଦରଖାସ୍ତକାରୀଙ୍କ ବସ୍ ସମ୍ବନ୍ଧୀୟ ମୋଟରଯାନ ଟିକସ୍/ଜୋରିମାନା ବକେୟା କିମ୍ବା ମାଲି ମୋକଦ୍ଦମା ବିଚାରଧିନ ଥିବାର ଜଣାପଡେ ତେବେ ତାଙ୍କର ଆବେଦନ ପତ୍ରକୁ ଖାରଜ କରାଯିବ। ଅଧିକ ତଥ୍ୟ ଏବଂ ମାର୍ଗ ଜାଣିବା ପାଇଁ ଆମର Website - www.orissatransport.nic.in ଏବଂ www.odishatransport.gov.in ଦେଖନ୍ତୁ।

ପ୍ରାପ୍ତ ଦରଖାସ୍ତଗୁଡିକୁ ତା୦୫.୧୧.୨୦୧୯ ଅପରାହ୍ନ ୦୩.୩୦ ଘଟିକା ସମୟରେ, ପରିବହନ ଆୟୁକ୍ତଙ୍କ ସଭାକକ୍ଷରେ ଶୁଣାଣୀ କରି ଫଇସଲା କରାଯିବାକୁ ଧାର୍ଯ୍ୟ କରାଯାଇଅଛି। ଅତଏବ୍ ଦରଖାସ୍ତକାରୀ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ଯାବତୀୟ କାଗଜାତ୍ ସହ STA ବୈଠକରେ ପକ୍ଷ ରଖିପାରିବେ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡିଶା, କଟକ

**INTERSTATE ROUTE**

| SL. NO. | ROUTE |
|---|---|
| 01. | BHADRAK TO RAIPUR, VIA. DEOGARH, BARGARH & BACK |
| 02. | DEOGARH TO SIMDEGA, VIA. ROURKELA, BIRAMITRAPUR & BACK |
| 03. | KEONJHAR TO CONTAI, VIA. JALESWAR & BACK |
| 04. | KEONJHAR TO CONTAI, VIA. JALESWAR & BACK |
| 05. | ANGUL TO HALDIA, VIA. JALESWAR & BACK |
| 06. | BHUBANESWAR TO NANDAKUMAR, VIA.LAXMANNATH, EGRA BAJKUL & BACK |
| 07. | KHARIAR TO RAIPUR, VIA.BHAWANIPATNA & BACK |
| 08. | BARIPADA TO DALTANGANJ, VIA. TIRING, TATA & BACK |
| 09. | JHARSUGUDA TO RAIPUR, VIA. SOHELA & BACK |
| 10. | BARIPADA TO BADJAMDA, VIA. RAIRANGPUR, TIRING & BACK |
| 11. | BARIPADA TO BANKURA, VIA.JAMSOLA & BACK |
| 12. | PADAMPUR TO BASANA & BACK |
| 13. | KHARIAR TO RAIPUR, VIA.KOMNA & BACK |
| 14. | BARIPADA TO BIHARSARIF, VIA.RANCHI, HAZARIBAG & BACK |
| 15. | BERHAMPUR TO BANAMALIPUR & BERHAMPUR TO NUAPADA & BACK |
| 16. | SUNAREDY TO BERHAMPUR, VIA.PATRAPUR, ICHHAPUR & BACK |
| 17. | ROURKELA TO RANCHI, VIA.BIRAMITRAPUR, GUMLA, SISAI & BACK |
| 18. | CHANDABALI TO DIGHA, VIA. JALESWAR & BACK |



**ଆଲ୍ଲାହାବାଦ ବ୍ୟାଙ୍କ**

**ଭୁବନେଶ୍ୱର ମୁଖ୍ୟ ଶାଖା**
**୧୫୯, ବାପୁଜୀ ନଗର, ଭୁବନେଶ୍ୱର- ୭୫୧୦୦୯**
**ଫୋନ୍ : (୦୬୭୪) - ୨୫୯୭୦୮୭**

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି। ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି। ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: ତା ୨୨.୧୧.୨୦୧୯ ରିଖ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୦.୧୧.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା**

| ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଋଣଗ୍ରହୀତା :ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ,** ଠିକଣା-୧ : ରୁମ୍ ନଂ.୪୦୫, ୪ର୍ଥ ମହଲା, ସେଣ୍ଟର ପଏଣ୍ଟ ବିଲ୍ଡିଂ, ୨୧, ହେମନ୍ତ ବସୁ ସରଣୀ, କୋଲ୍‌କାତା-୭୦୦୦୦୧, ଠିକଣା-୨ : ବ୍ଲକ ଏସି-୧୪୮, ତଳ ମହଲା, ସଲ୍ଟ ଲେକ୍ ସିଟି, ସେକ୍ଟର-୧, କୋଲ୍‌କାତା-୭୦୦୦୬୪, **ନିର୍ଦ୍ଦେଶକ/ଜାମିନ୍‌ଦାରମାନେ: (୧)ଶ୍ରୀ ସୁନୀଲ୍ କୁମାର ଶାହ,** ପିତା-ଶ୍ରୀ ସୀତାରାମ ଶାହ, **(୨)ଶ୍ରୀମତୀ ରାକ୍ଷୀ ଶାହ,** ସ୍ୱା-ଶ୍ରୀ ସୁନୀଲ କୁମାର ଶାହ,ଉଭୟଙ୍କ ଠିକଣା : ସା-୩୫୭, ଗ୍ରୀନ୍ ହୋମ୍ସ, ପୋଷ୍ଟ-ଓନ୍ନାପାଲାୟମ୍, ଥାନା-ଥଣ୍ଡାମୁଥୁର, କୋଏମ୍ବାଟୁର, ତାମିଲ୍‌ନାଡୁ-୬୪୧୧୦୮ | କ)୨୫.୦୬.୨୦୧୯, ଖ)୧୬.୧୦.୨୦୧୯ ଗ)୨୪.୦୬.୨୦୧୯ ରିଖ ସୁଦ୍ଧା ଟ.୩,୦୫,୩୩,୭୨୬/-+୨୪.୦୬.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ** ନାମରେ ଥିବା ଜମି ଏବଂ ଗୃହ ଯାହାର (୧)ଜିଲ୍ଲା-ଯାଜପୁର, ସବ୍‌ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୭୯, ପ୍ଲଟ ନଂ.-୯୮, ଏରିଆ-ଏକର୦.୩୭ ଡିସିମିଲି, (୨)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୦, ପ୍ଲଟ ନଂ.-୨୧, ଏରିଆ-ଏକର୦.୦୪ ଡିସିମିଲି, | କ) ଟ.୧,୪୪,୪୦,୦୦୦/- ଖ) ଟ.୧୪,୪୪,୦୦୦/- ଗ) ଟ.୨୫,୦୦୦/- |

ପ୍ଲଟ ନଂ.-୬୨, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.୬୩, ଏରିଆ-ଏକର୦.୧୬ ଡିସିମିଲି, ପ୍ଲଟ ନଂ.-୬୪, ଏରିଆ-ଏକର୦.୨୦ ଡିସିମିଲି, ପ୍ଲଟ ନଂ.-୬୫, ଏରିଆ-ଏକର୦.୦୩ ଡିସିମିଲି, ପ୍ଲଟ ନଂ.-୭୧/୪୩୦, ଏରିଆ-ଏକର୦.୦୨ ଡିସିମିଲି, ପ୍ଲଟ ନଂ.୬୫/୪୩୧, ଏରିଆ-ଏକର୦.୦୩ ଡିସିମିଲି, ପ୍ଲଟ ନଂ.-୬୨/୪୩୨, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.୨୧/୪୨୮, ଏରିଆ-ଏକର୦.୦୪ ଡିସିମିଲି, ପ୍ଲଟ ନଂ.-୨୧/୪୨୯, ଏରିଆ-ଏକର୦.୦୨ ଡିସିମିଲି, ପ୍ଲଟ ନଂ.-୬୬, ଏରିଆ-ଏକର୦.୦୮ ଡିସିମିଲି, ପ୍ଲଟ ନଂ.-୬୭, ଏରିଆ- ଏକର୦.୦୬ ଡିସିମିଲି, (୩)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୧, ପ୍ଲଟ ନଂ.-୫୯, ଏରିଆ-ଏକର୦.୦୬ ଡିସିମିଲି, ପ୍ଲଟ ନଂ.-୬୮, ଏରିଆ-ଏକର୦.୨୨ ଡିସିମିଲି, ପ୍ଲଟ ନଂ.-୮୮, ଏରିଆ-ଏକର୦.୬୪ ଡିସିମିଲି, ପ୍ଲଟ ନଂ.-୯୨, ଏରିଆ-ଏକର୦.୧୫ ଡିସିମିଲି, ପ୍ଲଟ ନଂ.-୯୩, ଏରିଆ-ଏକର୦.୨୫ ଡିସିମିଲି, ପ୍ଲଟ ନଂ.-୯୬, ଏରିଆ-ଏକର୦.୨୪ ଡିସିମିଲି, (୪) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୮୨, ପ୍ଲଟ ନଂ.-୮୫/୪୫୮, ଏରିଆ-ଏକର୦.୨୯ ଡିସିମିଲି, (୫)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୫, ପ୍ଲଟ ନଂ.-୭୩/୪୫୫, ଏରିଆ-ଏକର୦.୨୦ ଡିସିମିଲି, ପ୍ଲଟ ନଂ.-୧୨୦/୪୫୬, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.-୧୨୨/୪୫୭, ଏରିଆ- ଏକର୦.୩୪ ଡିସିମିଲି, (୬)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪, ପ୍ଲଟ ନଂ.-୮୭, ଏରିଆ-ଏକର୦.୫୦ ଡିସିମିଲି, ସମୁଦାୟ ଏରିଆ-ଏକର୪.୨୪ ଡିସିମିଲି।

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯ ଦ୍ୱାରା ପ୍ରଦାନ କରାଯିବ। ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡ଼େମୋନଷ୍ଟ୍ରେସନ ପ୍ରଦାନ କରିପାରିବେ। ସିଡ୍ୟୁଲ କମର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ ସପକ୍ଷରେ କ୍ର କରାଯାଇ ଭୁବନେଶ୍ୱର ଠାରେ ପୈଠ ଦର୍ଶାଯାଇଥିବା ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଉପର ଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର ଆକାଉଣ୍ଟ ନଂ.-୫୦୧୪୦୯୮୦୧୮୮, IFSC Code: ALLA0212009, ମାଧ୍ୟମରେ RTGS/NEFT ଦ୍ୱାରା ଅମାନତ ରାଶି ପୈଠ କରିପାରିବେ।

୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ।

**୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ। ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୨୨.୧୦.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ।**

**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ।**

**ସ୍ଥାନ-ଭୁବନେଶ୍ୱର, ତାରିଖ- ୧୯.୧୦.୨୦୧୯** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ

## ସଂକ୍ଷେପରେ

### ଛଟ୍ ପୂଜା ପ୍ରସ୍ତୁତି ବୈଠକ

ବେଲପାହାଡ଼,୧୯।୧୦ (ଡ଼ି.ଏନ୍.ଏ)- ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗୁମାଡ଼େରାରେ ପ୍ରତିବର୍ଷ ବିହାରୀ ସମାଜ ପକ୍ଷରୁ ଛଟ୍ ପୂଜାକୁ ଗଭୀର ଆସ୍ଥା ଓ ବିଶ୍ୱାସର ସହିତ ପାଳନ କରାଯାଇଥାଏ। ଗୌରୀଶଙ୍କର ମନ୍ଦିରରେ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମିଟିର ସମସ୍ତ ସଦସ୍ୟ ଯୋଗ ଦେଇ ପୂଜା ଆୟୋଜନ ବ୍ୟବସ୍ଥାକୁ ନେଇ ଆଲୋଚନା କରିଥିଲେ। ଏଥିସହିତ କମିଟି ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଚଳିତ ବର୍ଷ କମିଟିରେ ସୁଧୀର ସିଂ ସଭାପତି, ଶ୍ରୀରାମ ଦୁବେ ଉପସଭାପତି, ମୁନ୍ନୁ ପ୍ରସାଦ ସମ୍ପାଦକ, ଆନନ୍ଦ ଦୁବେ ସହସମ୍ପାଦକ, ଅମନ ମହାରାଜ କୋଷାଧ୍ୟକ୍ଷ, ନୁନୁ ଝା ସହକୋଷାଧ୍ୟକ୍ଷ ଓ ସୁରେଶ ସିଂ ସଙ୍ଗଠକ ଭାବରେ ମନୋନୀତ ହୋଇଛନ୍ତି। ଆସନ୍ତା ୩୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଛଟ୍ ପୂଜା ପାଳନ ହେବ। ଏହି ଅବସରରେ ଗୁମାଡ଼େରା ବଡ଼ କଁଟା ନିକଟରେ ପୂଜା ମଣ୍ଡପ ଓ ସୂର୍ଯ୍ୟ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି।

# ଆନ୍ତଃ ଜିଲା ବାଇକ୍ ଚୋରି ର୍ୟାକେଟ ଠାବ

ନୂଆପଡ଼ା ଅଫିସ, ୧୯।୧୦



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସହ ପୋଲିସ ଅଧିକାରୀ।



ଜବତ ବାଇକ୍।

- ୮ ବାଇକ ଜବତ, ଜଣେ ଗିରଫ
- ଜୋଙ୍କ ଥାନା ପୋଲିସକୁ ସଫଳତା

ଓଡ଼ିଶା- ଛତିଶଗଡ ସୀମାନ୍ତ ଅଞ୍ଚଳରେ ଚୋରି ରାହାଜାନୀ ଦିନକୁ ଦିନ ବୃଦ୍ଧିପାଉଥିବାବେଳେ ଜିଲା ପୋଲିସ ବିଶେଷ ଦୃଷ୍ଟି ଦେଉଛି । ଶନିବାର ସ୍ଥାନୀୟ ଜୋଙ୍କ ଥାନା ପୋଲିସ ଏକ ଆନ୍ତଃ ଜିଲା ବାଇକ ଚୋରି ର୍ୟାକେଟ ଠାବ କରିବାରେ ସଫଳ ହୋଇଛି। ଜୋଙ୍କ ପୋଲିସ ୮ଟି ବାଇକକୁ ଜବତ କରିଥିବା ବେଳେ ଜଣେ ଚୋରକୁ ଗିରଫ କରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଚଟୁଅନକା ଗାଁର ବିନୁ ଅଦା(୨୧)। ତାଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଜିଲା ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି।

ସମ୍ମିଳନୀରେ ଏଏସ୍‌ପି ସୁନୀଲ କୁମାର ଆଚାର୍ଯ୍ୟ କହିଛନ୍ତି ଯେ, ଗତ କିଛି ମାସ ହେଲା ଖରିଆରରୋଡ ସହରରେ ବହୁ ବାଇକ ଚୋରି ହୋଇଥିଲା। ଏହାକୁ ନେଇ ଜୋଙ୍କ ଆଇଆଇସି ଯୁଗଲ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସନ୍ଦିଗ୍ଧ ଯୁବକଙ୍କୁ ଜେରା କରି ବହୁ ତଥ୍ୟ ସଂଗ୍ରହ କରିଥିଲା। ବିନୁଙ୍କଠାରୁ ମୋଟ ୮ଟି ଚୋରି ବାଇକକୁ ବିଭିନ୍ନ ସ୍ଥାନରୁ ପୋଲିସ ଜବତ କରିଥିଲେ। ସେଥିରୁ ଓଡି ୨୬ ୮୨୮୫, ସିଜି ୦୬ ଜିଏଚ ୩୫୨୩, ଓଡି ୧୭ ଏଲ ୫୭୬୯ ଓ ସିଜି ୦୪ ଏଲକ୍ୟୁ ୭୪୨୬ ପ୍ରମୁଖ ୪ ଟି ବାଇକ ଚୋରି ହୋଇଥିବା ଜୋଙ୍କ ଥାନାରେ ଅଭିଯୋଗ ହୋଇଥିଲା । ଅନ୍ୟ ୪ଟି ବାଇକ ମାଲିକଙ୍କ ଠିକଣା ଜଣାପଡିନାହିଁ। କଣ୍ଟାବାଞ୍ଜି ଅଞ୍ଚଳର ଏକ ଚୋରି ର୍ୟାକେଟ ଗ୍ୟାଙ୍ଗ ଖରିଆରରୋଡ, ଉଦ୍ୟାନବନ୍ଧ, କୋମନା, ଖଡିଆଳ, ସିନାପାଲି ଅଞ୍ଚଳରେ ବାଇକ ଚୋରି କରୁଛନ୍ତି। ସେହି ବାଇକକୁ ଚୋରମାନେ କମ ଦରରେ ବିକ୍ରି କରିଛନ୍ତି। ଏହି ଗ୍ୟାଙ୍ଗରେ ୮ ଜଣ ସଦସ୍ୟ ରହିଛନ୍ତି। ସେଥିରୁ ଜଣଙ୍କୁ ପୋଲିସ ଗିରଫ କରି ଜଣେ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇଛି। ଅନ୍ୟ ୬ ଜଣଙ୍କୁ ଗିରଫ କରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଥିବା ସମ୍ମିଳନୀରେ କୁହାଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ପ୍ରଶାନ୍ତ ପଟ୍ଟନାୟକ, ଜୋଙ୍କ ଥାନାଧିକାରୀ ଯୁଗଳ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଶୌଣ୍ଡିକ ସମାଜର ସମାବେଶ

କେସିଙ୍ଗା, ୧୯।୧୦ (ଡି.ଏନ.ଏ.)

କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ କଲ୍ୟାଣ ମଣ୍ଡପ ପରିସରରେ ଖୁସିରାମ ସାହୁଙ୍କ ସଭାପତିତ୍ୱରେ ଜିଲାସ୍ତରୀୟ ଉତ୍କଳ ହୈହୟ କ୍ଷତ୍ରିୟ ଶୌଣ୍ଡିକ ସମାଜ ସମାବେଶ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଅତିଥିମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ସର୍ବଭାରତୀୟ କାର୍ଯ୍ୟକାରୀ ସଭାପତି ପ୍ରତାପ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ସୁବର୍ଣ୍ଣଗ୍ରାହୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା କରିଥିଲେ। ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମାବେଶରେ ସମାଜର ଉନ୍ନତି ସହ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଓ ଆର୍ଥିକ, ସଂଗଠନ ଗଠନ, ମହିଳା ସଶକ୍ତୀକରଣ, ନିଶା ନିବାରଣ ବିଷୟରେ ଆଲୋଚନା କରାଯାଇଥିଲା। ଏପରି କି ଗରୀବ ଶ୍ରେଣୀ ପରିବାର ଛାତ୍ରୀଛାତ୍ରମାନଙ୍କୁ ପାଠ ପଢାରେ ସହଯୋଗ କରିବାକୁ ସମାବେଶରେ କୁହାଯାଇଥିଲା। ଏଥିରେ ବଲାଙ୍ଗୀର, ସମ୍ବଲପୁର, ସୋନପୁର, ନୂଆପଡ଼ା, ବରଗଡ଼, ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି ଆଦି ଜିଲାର ଶୌଣ୍ଡିକ ସମାଜର ସଭାପତି, ସମ୍ପାଦକ ଯୋଗଦେଇ ମତପ୍ରକାଶ କରିଥିଲେ। ନର୍ଲା ବ୍ଲକ ଶୌଣ୍ଡିକ ସମାଜର ସମ୍ପାଦକ କଲ୍ୟାଣ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ। ଟିକେଲାଲ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ତୁଷାର କାନ୍ତ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ଜିଲାସ୍ତରୀୟ ଶୌଣ୍ଡିକ ସମାଜର ସମାବେଶରେ ଉପସ୍ଥିତ ଥିବା ଅତିଥିବୃନ୍ଦ।

# ଆମପାଣି ବୁଢ଼ାରଜା ଦେବଙ୍କ ବାର୍ଷିକ ଦଶରା

କୋକସରା,୧୯।୧୦ (ଡି.ଏନ୍.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ସୀମାନ୍ତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦ ଦେଶରେ ଥିବା ଆମପାଣି ବୁଢାରଜା ଦେବଙ୍କ ବାର୍ଷିକ ଦଶରା ଶନିବାର ସମ୍ପନ୍ନ ହୋଇଯାଇଛି। ଶନିବାର ବୁଢାରଜାଙ୍କ ପୀଠରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପୂର୍ବ ବିଧି ଅନୁସାରେ ଶନିବାର ଅପରାହ୍ନ ୧ଟାରେ ଲାଠି ଯାତ୍ରା ପୂଜକଙ୍କ ଘରୁ ଏକ ଶୋଭାଯାତ୍ରାରେ ବାହାରି ଥିଲା। ଏଥିରେ ବିଭିନ୍ନ ଗ୍ରାମରୁ ୨୦ରୁ ଊର୍ଦ୍ଧ୍ୱ ଦେବଦେବୀଙ୍କ ଲାଠି, କାଳିଶି ସହ ଭବାନୀପାଟଣାର ଲୋକନୃତ୍ୟ ବାଦ୍ୟ ସାମିଲ ହୋଇଥିଲା। ବିଶେଷ କରି ନାଗରା ଓ ଘଣ୍ଟ ବାଦ୍ୟର ତାଳେ ତାଳେ ଦେବଦେବୀମାନେ ନାଚି ଯାଉଥିବା ଦୃଶ୍ୟ ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ଶୋଭାଯାତ୍ରା ମନ୍ଦିର ନିକଟରେ ପହଞ୍ଚିବା ପରେ ଦେବଦେବୀଙ୍କୁ ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ଏହି ଅବସରରେ ଆମପାଣି ଥାନା ସମ୍ମୁଖରେ ବାଲି ଗଜା ଅର୍ପଣ କରାଯାଇଥିଲା। ବୁଢାରଜାଙ୍କ ପୂଜାସ୍ଥଳରେ ବାଲି ଗଜା ସ୍ଥାପନ କରି ପୂଜକ ଫକୀରମୋହନ ପୂଝାରି ପୂଜାର୍ଚ୍ଚନା କରିଥିଲେ। ପରେ ବୁଢାରଜାଙ୍କ ବାର୍ଷିକ ମଣ୍ଡେଇ ଯାତ୍ରା ହୋଇଥିଲା। ଏଥିରେ ସମସ୍ତ ଦେବଦେବୀ ସାମିଲ ହୋଇ ବଜାର ପଡ଼ିଆ ପରିକ୍ରମା କରିଥିଲେ। ମଣ୍ଡେଇ ଯାତ୍ରା ସମାପନ ପରେ ପୁଣି ଦେବଦେବୀ ବୁଢାରଜାଙ୍କ ପୀଠକୁ ଆସିଥିଲେ।



ଆମପାଣି ବୁଢାରଜା ଦେବଙ୍କ ବାର୍ଷିକ ଦଶରା ଅବସରରେ ବାହାରିଥିବା ଲାଠି ଯାତ୍ରା।

ଏହି ଅବସରରେ ଲାଖବିନ୍ଧା କାର୍ଯ୍ୟକ୍ରମ ହୋଇଥିଲା। ପରେ ଜେନାବୁଢା ପୀଠରେ ଶତାଧିକ ଭକ୍ତ ପଶୁ, ପକ୍ଷୀ ବଳି ପକାଇଥିଲେ। ଏନେଇ ପୀଠ ରକ୍ତ ରଞ୍ଜିତ ହୋଇଉଠିଥିଲା। ସନ୍ଧ୍ୟାରେ ବୁଢାରଜା ସାଂସ୍କୃତିକ ମଞ୍ଚରେ ସାଂସ୍କୃତି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ଓ ଜିଲା ବାହାରୁ ସାଂସ୍କୃତିକ ଦଳ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ପରେ ରାତିରେ ଘୁମୁରା ଓ ନାଟକ ପ୍ରତିଯୋଗିତା ହୋଇଥିଲା। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଧର୍ମଗଡ଼ ଏସ୍‌ଡିପିଓ ଲକ୍ଷ୍ମୀକାନ୍ତ ପଣ୍ଡା, ଆମପାଣି ଆଇଆଇସି ପୁଷ୍ପାଞ୍ଜଳି ନେଗିଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା। କମିଟି ସଭାପତି ରୁତୁରାଜ ମାଝି, ଉପସଭାପତି ତ୍ରିନାଥ ପ୍ରସନ୍ନ ରାୟ, ଡମ୍ବରୁଧର ପୁଝାରୀ, ସହସମ୍ପାଦକ ରହସ୍ୟ ନାଏକ, କୋଷାଧ୍ୟକ୍ଷ ଗଙ୍ଗାଧର ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିଲେ। ତିଳୋତ୍ତମା ନାଏକ, କୁମୁଦ ଚନ୍ଦ୍ର ପୂଝାରୀ, ଦୁର୍ଯ୍ୟୋଧନ ମାଝି, କେଶରୀ ମାଝି, ଧନୁର୍ଯ୍ୟ ମାଝି ଓ ଦୀନବନ୍ଧୁ ମାଝି ପ୍ରମୁଖଙ୍କ ସହ କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।

### ସିନାପାଲି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# କୃତୀ ଛାତ୍ରୀଛାତ୍ର ପୁରସ୍କୃତ

ସିନାପାଲି,୧୯।୧୦ (ଡି.ଏନ୍.ଏ.)

ସିନାପାଲି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ସିନାପାଲି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ସରପଞ୍ଚ ସତ୍ୟବାନ ମେହେର, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ଯୋଗେନ୍ଦ୍ର ମାଝି, ପ୍ରଧାନ ଶିକ୍ଷକ ହୃଦାନନ୍ଦ ମାଝି ଏବଂ ମୁଖ୍ୟବକ୍ତା ଭାବରେ ସିନାପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସତ୍ୟବାନ ମେହେର ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଅଣାଯାଇ ପାରିବ ବୋଲି କହିଥିଲେ । ଏହି ଅବସରରେ ସିନାପାଲି କ୍ଲଷ୍ଟରର ୧୩ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ନିଜ ଶ୍ରେଷ୍ଠତା ପ୍ରଦର୍ଶନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସିନାପାଲି ଗୋଷ୍ଠ ଶିକ୍ଷା ଅଧିକାରୀ ଜଗଦୀଶ ଖମାରୀ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିଆର୍‌ସିସି ପ୍ରସନ୍ନ କୁମାର ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

# ଖଡ଼ିଆଳରେ ମା' ଗଜଲକ୍ଷ୍ମୀଙ୍କ ପୂଜା

ଖଡିଆଳ, ୧୯।୧୦ (ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ୧୦ ନମ୍ବର ୱାର୍ଡରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ମା' ଗଜଲକ୍ଷ୍ମୀଙ୍କ ଦର୍ଶନ ଲାଗି ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ପ୍ରତିବର୍ଷ ମା' ଗଜଲକ୍ଷ୍ମୀଙ୍କ ପୂଜା ଲକ୍ଷ୍ମୀଛକରେ ହେଉଥିବା ବେଳେ ଚଳିତ ବର୍ଷ ଇଣ୍ଡେନ ଗ୍ୟାସ ଗୋଦାମ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ପୂଜକ ଭାବେ ପ୍ରଦୀପ କୁମାର ମିଶ୍ର, ଶିବ ପ୍ରସାଦ ଝା ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ପୂଜା ୭ ଦିନ ଧରି ଚାଲିଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାରେ ଭକ୍ତମାନଙ୍କୁ ଅନ୍ନ ଭୋଗ, କାକରା ପିଠା, ଚୁଡା ଭୋଗ, ମିଠା ଭୋଗ ବଣ୍ଟନ କରାଯାଇଥିଲା। ମା'ଙ୍କ ପୂଜା ମଣ୍ଡପକୁ ବିଭିନ୍ନ ରଙ୍ଗର ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଏପରି କି ସୁନ୍ଦର ଡିଜିଟାଲ ଲାଇଟଗୁଡିକରେ ପୂଜା ମଣ୍ଡପ ଝଲସି ଉଠିଥିଲା। ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟ ପ୍ରତିମାନେ ୧୦୮ ପଦ୍ମ ଫୁଲ ମାଲ୍ୟ ପ୍ରତ୍ୟେହ ଅର୍ପଣ କରାଯାଇଥିଲା। ପୂଜକ ଧୁପ, ଦୀପ, ପୁଷ୍ପ, କର୍ପୁର ଦେଇ ସକାଳ ଓ ସନ୍ଧ୍ୟାରେ ମା'ଙ୍କୁ ଆଳତି କରିଥିଲେ। ପୂଜାରେ କର୍ତ୍ତା ଭାବେ ଉତ୍ତମ ମହାଉତି ଓ ତାଙ୍କ ସ୍ତ୍ରୀ ଶିବାନୀ ମହାଉତି ଦାୟିତ୍ୱ ତୁଲାଇଥିଲେ। ପୂଜାରେ କମିଟି ସଭାପତି ତଥା ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଉପସଭାପତି ଶୈଳେନ୍ଦ୍ର ମୋହନ ପାଣିଗ୍ରାହୀ, ସମ୍ପାଦକ ପ୍ରଦୀପ୍ତ ମାହାଣା, କୋଷାଧ୍ୟକ୍ଷ ନିର୍ମଳ ଦଣ୍ଡସେନା, ସଦସ୍ୟ ସୁନୀଲ କୁମାର ନାଗ, ଚନ୍ଦନ ସାହୁ, ଆଶିଷ ପଣ୍ଡା, ଆଶୁତୋଷ ଯୋଶୀ, ରୂପେଶ ଅଗ୍ରୱାଲ, ଦୁର୍ବାରଞ୍ଜନ ଖମାରୀ, ମନୋରଞ୍ଜନ ଦଣ୍ଡସେନା ପ୍ରମୁଖ ନେତୃତ୍ୱ ନେଇଥିଲେ।


## DISTRICT MINERAL FOUNDATION, JAJPUR

Ph.: 06728-222227,
E-mail: dmfjajpur@gmail.com,
Website: www.jajpur.nic.in

Letter No.: DMF/ 522/ 2019 Date: 19.10.19

**WALK-IN INTERVIEW FOR SPECIALISTS/ DOCTORS**

Candidatures are invited for walk-in interview for appointment of Super Specialists/ Specialist/ Doctors in District Headquarter Hospital, Jajpur out of District Mineral Foundation Fund. The vacancy details and all other requisite qualification, experience is available in website **www.jajpur.nic.in**.

The date of walk-in interview: 30.10.2019
Venue: Collector's Conference Hall

**Sd./-**
**Collector & Managing Trustee**
**DMF, Jajpur**



## ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ଗାଡି ମାଲିକମାନଙ୍କ ପାଇଁ ବିଶେଷ ସୂଚନା

ଏତଦ୍‌ଦ୍ୱାରା ସମସ୍ତ ରାଜ୍ୟ / ଆନ୍ତଃରାଜ୍ୟ ମାର୍ଗରେ ଚଳାଚଳ କରୁଥିବା ଯାତ୍ରିବାହି ବସ୍ ମାଲିକ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆନ୍ତଃରାଜ୍ୟ ମାର୍ଗ ମଧରେ ନିମ୍ନଲିଖିତ ଖାଲି ଥିବା ମାର୍ଗ ଗୁଡିକୁ ବିଜ୍ଞାପନ ମାଧମରେ ସ୍ଥାୟୀ ଅନୁମତି ପତ୍ର ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ତା ୨୯.୧୦.୨୦୧୯ ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ଟ୫୦୦ଙ୍କା ଆବେଦନ ଫିସ୍ ସହିତ ମୋଟରଯାନର ଆବଶ୍ୟକୀୟ କାଗଜପତ୍ର, ଅନ୍ୟୁନ ୯୯,୦୦୦ ଟଙ୍କାର ଶୋଧ କ୍ଷମତା ( Solvency) କିମ୍ବା ଜାତୀୟତା ବ୍ୟାଙ୍କର ଗ୍ୟାରେଂଟି, ସଚିବ, ରାଜ୍ୟ ପରିବହନ ପ୍ରାଧିକାରୀଙ୍କ ନାମରେ ଚଳବନ୍ଧକ (pledge) ସହିତ ଇଚ୍ଛୁକ ମାର୍ଗ ପାଇଁ ସ୍ଥାୟୀ ଅନୁମତି ପତ୍ର ଆବେଦନ କରି ପାରିବେ । ଆବେଦନକାରୀଙ୍କ ବସ୍‌ର କୌଣସି ସ୍ଥାୟୀ କିମ୍ବା ଅସ୍ଥାୟୀ ଅନୁମତି ପତ୍ର ନଥିବ । ଯଦି କୌଣସି ଦରଖାସ୍ତକାରୀଙ୍କ ବସ୍ ସମ୍ବନ୍ଧୀୟ ମୋଟରଯାନ ଟିକସ୍/ଜୋରିମାନା ବକେୟା କିମ୍ବା ମାଲି ମୋକଦ୍ଦମା ବିଚାରଧିନ ଥିବାର ଜଣାପଡେ ତେବେ ତାଙ୍କର ଆବେଦନ ପତ୍ରକୁ ଖାରଜ କରାଯିବ । ଅଧିକ ତଥ୍ୟ ଏବଂ ମାର୍ଗ ଜାଣିବା ପାଇଁ ଆମର Website - www.orissatransport.nic.in ଏବଂ www.odishatransport.gov.in ଦେଖନ୍ତୁ। ପ୍ରାପ୍ତ ଦରଖାସ୍ତଗୁଡିକୁ ତା୦୫.୧୧.୨୦୧୯ ଅପରାହ୍ନ ୦୩.୩୦ ଘଟିକା ସମୟରେ, ପରିବହନ ଆୟୁକ୍ତଙ୍କ ସଭାକକ୍ଷରେ ଶୁଣାଣୀ କରି ଫଇସଲା କରାଯିବାକୁ ଧାର୍ଯ୍ୟ କରାଯାଇଅଛି । ଅତଏବ୍ ଦରଖାସ୍ତକାରୀ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ଯାବତୀୟ କାଗଜାତ୍ ସହ STA ବୈଠକରେ ପକ୍ଷ ରଖିପାରିବେ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡିଶା, କଟକ

**INTERSTATE ROUTE**

| SL. NO. | ROUTE |
|---|---|
| 01. | BHADRAK TO RAIPUR, VIA. DEOGARH, BARGARH & BACK |
| 02. | DEOGARH TO SIMDEGA, VIA. ROURKELA, BIRAMITRAPUR & BACK |
| 03. | KEONJHAR TO CONTAI, VIA. JALESWAR & BACK |
| 04. | KEONJHAR TO CONTAI, VIA. JALESWAR & BACK |
| 05. | ANGUL TO HALDIA, VIA. JALESWAR & BACK |
| 06. | BHUBANESWAR TO NANDAKUMAR, VIA.LAXMANNATH, EGRA BAJKUL & BACK |
| 07. | KHARIAR TO RAIPUR, VIA.BHAWANIPATNA & BACK |
| 08. | BARIPADA TO DALTANGANJ, VIA. TIRING, TATA & BACK |
| 09. | JHARSUGUDA TO RAIPUR, VIA. SOHELA & BACK |
| 10. | BARIPADA TO BADJAMDA, VIA. RAIRANGPUR, TIRING & BACK |
| 11. | BARIPADA TO BANKURA, VIA.JAMSOLA & BACK |
| 12. | PADAMPUR TO BASANA & BACK |
| 13. | KHARIAR TO RAIPUR, VIA.KOMNA & BACK |
| 14. | BARIPADA TO BIHARSARIF, VIA.RANCHI, HAZARIBAG & BACK |
| 15. | BERHAMPUR TO BANAMALIPUR & BERHAMPUR TO NUAPADA & BACK |
| 16. | SUNAREDY TO BERHAMPUR, VIA.PATRAPUR, ICHHAPUR & BACK |
| 17. | ROURKELA TO RANCHI, VIA.BIRAMITRAPUR, GUMLA, SISAI & BACK |
| 18. | CHANDABALI TO DIGHA, VIA. JALESWAR & BACK |



## ଆଲ୍ଲାହାବାଦ ବ୍ୟାଙ୍କ

**ଭୁବନେଶ୍ୱର ମୁଖ୍ୟ ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର- ୭୫୧୦୦୯
ଫୋନ୍ : (୦୬୭୪) - ୨୫୯୭୦୮୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୨୨.୧୧.୨୦୧୯ ରିଖ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୦.୧୧.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା**

| ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଋଣଗ୍ରହୀତା :ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ,** ଠିକଣା-୧ : ରୁମ୍ ନଂ.୪୦୫, ୪ର୍ଥ ମହଲା, ସେଣ୍ଟର ପଏଣ୍ଟ ବିଲ୍ଡିଂ, ୨୧, ହେମନ୍ତ ବସୁ ସରଣୀ, କୋଲ୍‌କାତା-୭୦୦୦୦୧, ଠିକଣା-୨ : ବ୍ଲକ ଏସି-୧୪୮, ତଳ ମହଲା, ସଲ୍ଟ ଲେକ୍ ସିଟି, ସେକ୍ଟର-୧, କୋଲ୍‌କାତା-୭୦୦୦୬୪, **ନିର୍ଦ୍ଦେଶକ/ଜାମିନ୍‌ଦାରମାନେ: (୧)ଶ୍ରୀ ସୁନୀଲ୍ କୁମାର ଶାହ,** ପିତା-ଶ୍ରୀ ସୀତାରାମ ଶାହ, **(୨)ଶ୍ରୀମତୀ ରାକ୍ଷୀ ଶାହ,** ସ୍ୱା-ଶ୍ରୀ ସୁନୀଲ୍ କୁମାର ଶାହ,ଉଭୟଙ୍କ ଠିକଣା : ସା-୩୫୭, ଗ୍ରୀନ୍ ହୋମ୍ସ, ପୋଷ୍ଟ-ଓନ୍ନାପାଲାୟମ୍, ଥାନା-ଥଣ୍ଡାମୁଥୁର୍, କୋଏମ୍ବାଟୁର୍, ତାମିଲ୍‌ନାଡୁ-୬୪୧୧୦୮ | କ)୨୫.୦୬.୨୦୧୯, ଖ)୧୬.୧୦.୨୦୧୯ ଗ)୨୪.୦୬.୨୦୧୯ ରିଖ ସୁଦ୍ଧା ଟ.୩,୦୫,୩୩,୭୨୬/-+୨୪.୦୬.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ ନାମରେ ଥିବା ଜମି ଏବଂ ଗୃହ ଯାହାର (୧)ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୭୯, ପ୍ଲଟ ନଂ.-୯୮, ଏରିଆ-ଏକର୦.୩୭ ଡିସିମିଲି, (୨)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୦, ପ୍ଲଟ ନଂ.-୨୧, ଏରିଆ-ଏକର୦.୦୪ ଡିସିମିଲି, | କ) ଟ.୧,୪୪,୪୦,୦୦୦/- ଖ) ଟ.୧୪,୪୪,୦୦୦/- ଗ) ଟ.୨୫,୦୦୦/- |

ପ୍ଲଟ ନଂ.-୬୨, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.୬୩, ଏରିଆ-ଏକର୦.୧୬ ଡିସିମିଲି, ପ୍ଲଟ ନଂ.-୬୪, ଏରିଆ-ଏକର୦.୨୦ ଡିସିମିଲି, ପ୍ଲଟ ନଂ.-୬୫, ଏରିଆ-ଏକର୦.୦୩ ଡିସିମିଲି, ପ୍ଲଟ ନଂ.-୭୧/୪୩୦, ଏରିଆ-ଏକର୦.୦୨ ଡିସିମିଲି, ପ୍ଲଟ ନଂ.୬୫/୪୩୧, ଏରିଆ-ଏକର୦.୦୩ ଡିସିମିଲି, ପ୍ଲଟ ନଂ.-୬୨/୪୩୨, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.୨୧/୪୨୮, ଏରିଆ-ଏକର୦.୦୪ ଡିସିମିଲି, ପ୍ଲଟ ନଂ.-୨୧/୪୨୯, ଏରିଆ-ଏକର୦.୦୨ ଡିସିମିଲି, ପ୍ଲଟ ନଂ.-୬୬, ଏରିଆ-ଏକର୦.୦୮ ଡିସିମିଲି, ପ୍ଲଟ ନଂ.-୬୭, ଏରିଆ- ଏକର୦.୦୬ ଡିସିମିଲି, (୩)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୧, ପ୍ଲଟ ନଂ.-୫୯, ଏରିଆ-ଏକର୦.୦୬ ଡିସିମିଲି, ପ୍ଲଟ ନଂ.-୬୮, ଏରିଆ-ଏକର୦.୨୨ ଡିସିମିଲି, ପ୍ଲଟ ନଂ.-୮୮, ଏରିଆ-ଏକର୦.୬୪ ଡିସିମିଲି, ପ୍ଲଟ ନଂ.-୯୨, ଏରିଆ-ଏକର୦.୧୫ ଡିସିମିଲି, ପ୍ଲଟ ନଂ.-୯୩, ଏରିଆ-ଏକର୦.୨୫ ଡିସିମିଲି, ପ୍ଲଟ ନଂ.-୯୬, ଏରିଆ-ଏକର୦.୨୪ ଡିସିମିଲି, (୪) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୮୨, ପ୍ଲଟ ନଂ.-୮୫/୪୫୮, ଏରିଆ-ଏକର୦.୨୯ ଡିସିମିଲି, (୫)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୫, ପ୍ଲଟ ନଂ.-୭୩/୪୫୫, ଏରିଆ-ଏକର୦.୨୦ ଡିସିମିଲି, ପ୍ଲଟ ନଂ.-୧୨୦/୪୫୬, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.-୧୨୨/୪୫୭, ଏରିଆ- ଏକର୦.୩୪ ଡିସିମିଲି, (୬)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪, ପ୍ଲଟ ନଂ.-୮୭, ଏରିଆ-ଏକର୦.୫୦ ଡିସିମିଲି, ସମୁଦାୟ ଏରିଆ-ଏକର୪.୨୪ ଡିସିମିଲି।

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, **ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯** ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡ଼େମୋନଷ୍ଟ୍ରେସନ ପ୍ରଦାନ କରିପାରିବେ । ସିଡ୍ୟୁଲ କମର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ ସପକ୍ଷରେ କ୍ର କରାଯାଇ ଭୁବନେଶ୍ୱର ଠାରେ ପୈଠ ଦର୍ଶାଯାଇଥିବା ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଉପର ଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର **ଆକାଉଣ୍ଟ ନଂ.-୫୦୧୪୦୯୮୦୧୮୮, IFSC Code: ALLA0212009,** ମାଧ୍ୟମରେ **RTGS/NEFT** ଦ୍ୱାରା ଅମାନତ ରାଶି ପୈଠ କରିପାରିବେ ।

୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।

**୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୨୨.୧୦.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।**

**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।**

ସ୍ଥାନ-ଭୁବନେଶ୍ୱର, ତାରିଖ- ୧୯.୧୦.୨୦୧୯ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସଂକ୍ଷେପରେ

### ସଙ୍କୁଳସ୍ତରୀୟ ଶିଶୁ ବାଟିକା କର୍ମଶାଳା

ବିନିକା,୧୯।୧୦(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅନ୍ତର୍ଗତ ବାଗଡିଆ ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ଶିଶୁ ବାଟିକା କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଙ୍କୁଳ ଅନ୍ତର୍ଗତ ୮ଟି ବିଦ୍ୟାଳୟ ଶିଶୁ ବାଟିକା ବିଭାଗରେ ଥିବା ୩୪ଜଣ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ । କର୍ମଶାଳାରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ରାଜକୁମାର ମହାକୁର ଏବଂ ସମ୍ମାନୀତ ଅତିଥି ଭାବେ ବାଗଡିଆ ସରସ୍ୱତୀ ଶିଶୁ ମନ୍ଦିରର ପୂର୍ବତନ ପରିଚାଳନା କମିଟି ସଭାପତି ଉଦ୍ଧବ ପଧାନ ଯୋଗଦେଇ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଗଙ୍ଗାଧର ନାଏକ ଓ ସଙ୍କୁଳ ସଂଯୋଜକ ମହେନ୍ଦ୍ର ନାଏକ ।

### କଲେଜ ପ୍ରତିଷ୍ଠାତାଙ୍କ ବିୟୋଗରେ ଶୋଭାସଭା

କଣ୍ଟାବାଞ୍ଜି, ୧୯।୧୦(ଡି.ଏନ.ଏ.): କଣ୍ଟାବାଞ୍ଜି ମୁକୁନ୍ଦିଲାଲ ଅଗ୍ରୱାଲ ମହିଳା (କନିଷ୍ଠ) ମହାବିଦ୍ୟାଳୟ ଓ ଡିଗ୍ରୀ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠାତା ସଭ୍ୟ ଦୀନେଶ ଗୋହିଲଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଉପସ୍ଥିତି ଅଧାପକ, ଛାତ୍ରୀଛାତ୍ର ସ୍ୱର୍ଗତ ଗୋହିଲଙ୍କ ବହୁମୁଖୀ ପ୍ରତିଭାର ଅବତାରଣା କରିଥିଲେ।ଏହି ଅବସରରେ କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷା ରଞ୍ଜିତା ଗୁରୁ, ଡିଗ୍ରୀ କଲେଜ ଅଧକ୍ଷ ରାଜେନ୍ଦ୍ର କୁମାର ପୁରୋହିତଙ୍କ ସହିତ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, କଲେଜ ପ୍ରତିଷ୍ଠାତା ଗୋହିଲଙ୍କର ଗୁଜୁରାଟର ରାଜକୋଟଠାରେ ପରଲୋକ ହୋଇଯାଇଛି।

### ମୁରସୁଣ୍ଡି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଦୁର୍ନୀତି

# ତଦନ୍ତ କରାଯିବ କହିଲେ ପିଇଓ

ଲୋଇସିଂହା, ୧୯।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମୁରସୁଣ୍ଡି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଶୁକ୍ରବାର ମୁରସୁଣ୍ଡି ଗ୍ରାମରେ ପଲ୍ଲିସଭା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ନିରଞ୍ଜନ ମିଶ୍ରଙ୍କ ନିକଟରେ ଏହାର ଦୃଢ ପ୍ରତିବାଦ କରିଛନ୍ତି ଗ୍ରାମବାସୀ । କଥା ଲୋଇସିଂହା ଥାନା ପର୍ଯ୍ୟନ୍ତ ଯାଇଛି। ଏହାକୁ ନେଇ ଶନିବାର ଉଭୟ ପକ୍ଷକୁ ନେଇ ଥାନାରେ ଆଲୋଚନା ହୋଇଥିଲା । ପିଇଓ ମିଶ୍ର ସୋମବାର ଯୋଗ୍ୟ ହିତାଧିକାରୀ ଅଭିଯୋଗର ତଦନ୍ତ କରାଯିବ ବୋଲି ଥାନାରେ କଥା ଦେଇଛନ୍ତି।

ଅଭିଯୋଗ ମତେ, ମୁରସୁଣ୍ଡି ପଞ୍ଚାୟତ ପକ୍ଷରୁ ଏସଇସିସି ତାଲିକା କ୍ରମିକ ନମ୍ବର ଅନୁଯାୟୀ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ଯୋଗାଇ ଦିଆଯାଉନାହିଁ। ଅନିୟମିତତା କରି ମନ ମୁତାବକ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। ଏପରିକି ନିହ ନଖୋଲି ଓ ପ୍ଲିନ୍ଥ ପର୍ଯ୍ୟନ୍ତ ଘର କରି ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ବିଲ୍ ଦିଆଯାଉଛି । ଅନ୍ୟର ଘରକୁ ଦେଖାଇ ବିଲ୍ କରି ଟଙ୍କା ଆତ୍ମସାତ କରାଯାଉଥିବା ନେଇ ଅଭିଯୋଗ ହୋଇଛି । ଏ ନେଇ ଗତ ୧୧ ତାରିଖ ଗ୍ରାମର ୱାର୍ଡ ସଭ୍ୟା ଜୟୋବତୀ ପଧାନ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଜିଲାପାଳ ଅଭିଯୋଗ ପାଇ ଉପଜିଲାପାଳଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସପ୍ତାହରେ ପରେ ମଧ୍ୟ ଉପଜିଲାପଳ ଘଟଣାର ତଦନ୍ତ କରି ନ ଥିଲେ । ଶୁକ୍ରବାର ପଞ୍ଚାୟତ ପକ୍ଷରୁ ଗାଁରେ ପଲ୍ଲିସଭା ରଖାଯାଇଥିଲା । ଏଥିରେ ପିଇଓ ମିଶ୍ର ଉପସ୍ଥିତ ଥିଲେ । ଗ୍ରାମର ନାରଦ ସାହୁ ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଗୋଟିଏ ଇନ୍ଦିରା ଆବାସ ଘର ପାଇ ନିର୍ମାଣ କରିଛନ୍ତି। ନାରଦଙ୍କ ଘରକୁ ଦେଖାଇ ଅନ୍ୟ ଜଣେ ବ୍ୟକ୍ତି ୨ଟି କିସ୍ତିରେ ୫୫ ହଜାର ଟଙ୍କା ଉଠାଇ ନେଇଛନ୍ତି। ସେହିପରି ଗ୍ରାମର ଏକ ପରିବାରର ବାପ ଓ ପୁଅ ଅଲଗା ଅଲାଗ ଘର ପାଇଛନ୍ତି। ହେଲେ ସେଥିରୁ ଗୋଟିଏ ଘର କାମ ଚାଲିଛି । ଛାତ ପଡି ନାହିଁ, ସ୍ଲାପ ପର୍ଯ୍ୟନ୍ତ କାମ ହୋଇଛି । ହେଲେ ପଞ୍ଚାୟତ ପକ୍ଷରୁ ତାଙ୍କୁ ଉଭୟ ଘର ସମ୍ପୂର୍ଣ୍ଣ ବିଲ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି । ସେହିପରି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତି ପୂର୍ବରୁ ଏକ ଘର ପାଇଥିଲେ । ତାହା ଅସମ୍ପୂର୍ଣ୍ଣ ଭାବେ ପଡି ରହିଛି । ଅପରପକ୍ଷେ ତାଙ୍କ ପୁଅ ଜଣେ ସରକାରୀ କର୍ମଚାରୀ । କେଉଁ ପରିସ୍ଥିତରେ ସରକାରୀ କର୍ମଚାରୀଙ୍କ ବାପଙ୍କୁ ପୁଣି ପ୍ରଧାନମନ୍ତ୍ରୀ ଘର ଦିଆଯାଇଛି ବୋଲି ଗ୍ରାମବାସୀ ପ୍ରଶ୍ନ କରଥିଲେ । ସେହିପରି ଗ୍ରାମର ଅନ୍ୟ ଦୁଇଜଣଙ୍କ ପୁଅମାନେ ସରକାରୀ ଚାକିରିଆ । ସେହି ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଦିଆଯିବାକୁ ନେଇ ପଲ୍ଲୀସଭାରେ ଆପତ୍ତି ଉଠିଥିଲା । ବିରୋଧ ଯୋଗୁ ପଲ୍ଲିସଭା ବନ୍ଦ ହୋଇଯାଇଥିଲା । ଏହାପରେ ପିଇଓ ମିଶ୍ର ଲୋଇସିଂହା ଥାନାକୁ ଆସି ରେଜିଷ୍ଟର ଖାତା ଛଡାଇ ନେଇଥିବା ରିପୋର୍ଟ କରିଥିଲେ। ଏହି ଘଟଣାରେ ପୋଲିସ ପକ୍ଷରୁ ଜଣେ ଯୁବକଙ୍କୁ ପଚରାଉଚରା ପାଇଁ ଥାନାରେ ଅଟକ ରଖିଥିଲେ । ଏହାର ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଲୋଇସିଂହା ଥାନାକୁ ଆସି ଜିଲାପାଳଙ୍କୁ କରିଥିବା ଅଭିଯୋଗ ପତ୍ର ଦେଖାଇ ଓ ଏହାର ତଦନ୍ତ ଦାବ କରିଥିଲେ ।



ଯୁବକ ଅଟକ ପ୍ରତିବାଦ ଓ ଆବସ ଦୁର୍ନୀତି ତଦନ୍ତ ଦାବିରେ ମହିଳାଙ୍କ ଥାନା ଘେରାଉ ।

# ୨କିମି ଖଟିଆରେ ବୁହା ହେଲେ ଗର୍ଭବତୀ

ଅମରପାଲି, ୧୯।୧୦ (ଡି.ଏନ.ଏ)

ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ପଞ୍ଚାୟତ ଅନ୍ତର୍ଗତ ମଶିଣାପାଲିରୁ ଠେଙ୍ଗୋ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇ ପଡିଛି। ଚଳିତ ବର୍ଷର ଲଗାଣ ବର୍ଷା ଓ ବନ୍ୟା ପରେ ଏହି ରାସ୍ତାରେ ଯାନବାହନ ଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି। ଏହିକ୍ରମରେ ଶନିବାର ମଶିଣାପାଲି ଗାଁର ଲଳିତା ଭୋଇ ନାମକ ଜଣେ ଗର୍ଭବତୀ ମହିଳା ପ୍ରସବ ବେଦନାରେ ଛଟପଟ ହେଉଥିବା ବେଳେ ୧୦୮ଆମ୍ବୁଲାନ୍ସ ଗାଁକୁ ଯାଇ ପାରି ନ ଥିଲା। ଗାଁଠାରୁ ଦୁଇକିମି ଦୂର ଠେଙ୍ଗୋଡ୍ୟାମ ପାଖରେ ଅଟକି ରହିଥିଲା। ଆଶାଦିଦି କଲ୍ୟାଣୀ ପଣ୍ଡା ଓ ପରିବାର ଲୋକେ ଗାଁର କେତେକଙ୍କ ସହାୟତାରେ ରାତି ପ୍ରାୟ ୧୦ଟାରେ ୨କିମି ରାସ୍ତା ଖଟିଆରେ ବୋହି ତାଙ୍କୁ ଆମ୍ବୁଲାନ୍ସ ପାଖକୁ ଆଣିଥିଲେ। ତେବେ ଆମ୍ବୁଲାନ୍ସ କିଛିବାଟ ଯିବା ପରେ ମହିଳା ଜଣକ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପରେ ତାଙ୍କୁ ସୋନପୁର ଜିଲା ଡାକ୍ତରଖାନାକୁ ନିଆଯାଇଛି।


## BHUBANESWAR MUNICIPAL CORPORATION

No.28985 Dt.18/10/2019

**NOTICE INVITING TENDERS (NIT)**

Bhubaneswar Municipal Corporation invites Percentage Rate Bids under National Competitive Bidding (NCB) through e-procurement in conformity with the terms & conditions laid down in the Detailed Tender Call Notice (DTCN) in Two bid system (Part I: General & Technical Bid and Part II: Financial Bid/Price Bid/BOQ) from eligible class of contractors fulfilling the minimum eligibility criteria for the following works.

| Sl. No. | Name of the work | Amount put to Tender (in Rs.) |
|---|---|---|
| 1. | Construction of 5 TPD capacity MCC for ward no-60 Near Lingaraj Station ROB | 5176763 |
| 2. | Construction of 5 TPD capacity MCC for ward no 54 & 67 near Lingaraj Station ROB | 5176763 |
| 3. | Construction of 5 TPD capacity MCC for ward no. 61, Kapilaprasad near Khanduala Basti | 5176763 |
| 4. | Construction of 5 TPD capacity MCC over Plot no. 456 Khata No.-740 Mouza Bhimpur near Petrol Pump back side Pokhariput in ward no. 62 & 63 | 5176763 |
| 5. | Construction of 5 TPD capacity MCC near Rajdhani College in ward no. 50 of BMC | 5176763 |

The Detailed Tender Call Notice (DTCN) may be downloaded from www.tendersorissa.gov.in or www.bmc.gov.in. The last date of submission of tenders is on **28.10.2018 till 5:00 pm.**

By order,
Sd/-
Executive Engineer- Div-II
Bhubaneswar Municipal Corporation

Progress Through Partnership for a Better Bhubaneswar


### ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ନିଗମ ଅଧ୍ୟକ୍ଷାଙ୍କ ହରିଶଙ୍କର ଗସ୍ତ

# ବୁଲି ଦେଖିଲେ ଝରଣା କୂଳ, ପାରିପାର୍ଶ୍ୱିକ ସ୍ଥିତି

ଖପ୍ରାଖୋଲ, ୧୯।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରକୁ ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଶନିବାର ଗସ୍ତ କରିଥିଲେ । ଗସ୍ତ ଅବସରରେ ରାଜ୍ୟ ପର୍ଯ୍ୟଟନ ନିଗମ ପରିଚାଳନା ନିର୍ଦ୍ଦେଶକ, ଯୁଗ୍ମ ସଚିବ, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ସହକାରୀ ନିର୍ବାହୀ ଯନ୍ତ୍ରୀ, ଜିଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର କୁମାର ଦଲେଇ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ହରିଶଙ୍କର ଝରଣା କୂଳ, ଗନ୍ଧମାର୍ଦ୍ଦନ ପାହାଡ ତଳି ମନ୍ଦିର, ରାଜ୍ୟ ପର୍ଯ୍ୟଟନ ନିଗମ ତରଫରୁ ନିର୍ମିତ ବିଭିନ୍ନ କାର୍ଯ୍ୟ ବୁଲି ଦେଖିଥିଲେ। ଏହି ଗସ୍ତ ଅବସରରେ ଖପ୍ରାଖୋଲ ବିଡିଓ ତରଣୀ ସୁନା, ହରିଶଙ୍କର ଜଙ୍ଗଲ ବିଭାଗ ରେଞ୍ଜ ଅଧିକାରୀ ଶ୍ରୀବସ୍ତ କୁମୁରା ପ୍ରମୁଖ ଉପସ୍ଥିତ ଥିଲେ । ହରିଶଙ୍କରରେ ପର୍ଯ୍ୟଟନ ବିଭାଗ ତରଫରୁ ୪ବର୍ଷ ତଳେ ୩ କୋଟି ୫୪ ଲକ୍ଷ ଟଙ୍କା ବ୍ୟୟ ବରାଦରେ ବିଭିନ୍ନ ଉନ୍ନୟନମୂଳକ କାମ ହୋଇଥିଲେ ବି ଅନେକ ପ୍ରକଳ୍ପ କାମକୁ ଆସୁନି । ଏ ନେଇ ଗତ ୧୬ ତାରିଖ ଧରିତ୍ରୀରେ କାମରେ ଆସୁନି ହରିଶଙ୍କର ଶିଶୁ ଉଦ୍ୟାନ, ମାଡି ଯାଇଛି ଘାସ ଲତା ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା । ଖବର ପ୍ରସାରଣର ୪ ଦିନ ପରେ ଓଡିଶା ରାଜ୍ୟ ପର୍ଯ୍ୟଟନ ନିଗମ ଅଧ୍ୟକ୍ଷା, ପରିଚାଳନା ନିର୍ଦ୍ଦେଶକ ସମେତ ଅଧିକାରୀମାନେ ପରିଦର୍ଶନ କରିବା ପର୍ଯ୍ୟଟନସ୍ଥଳୀର ଉନ୍ନତିରେ ସହାୟକ ହୋଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

**ନିଗମ ପକ୍ଷରୁ ଚାଲିଥିବା କାମର କଲେ ଅନୁଧ୍ୟାନ**



ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ହରିଶଙ୍କର କ୍ଷେତ୍ର ପରିଦର୍ଶନ କରି ପୀଠର ଉନ୍ନତି ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

### ବିଜୁ ଯୁବ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ଉଲୁଣ୍ଡା, ୧୯।୧୦(ଡି.ଏନ.ଏ)

ଉଲୁଣ୍ଡା ବ୍ଲକ ଲସ୍ତଲା ବିଜୁ ଯୁବ ବାହିନୀ ତରଫରୁ ସଡକ ସୁରକ୍ଷା ଓ ଗାଡି ଚାଳନା ନିୟମ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବବାହିନୀ ସମ୍ପାଦକ ମମିତା କର୍ଣ୍ଣଙ୍କ ଅଧକ୍ଷତାକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ଦୀପାଞ୍ଜଳି ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଗାଡି ଚଳାଇବା ବେଳେ ହେଲମେଟ ବ୍ୟବାହାର କରିବା, ମଦ୍ୟପାନ ନ କରିବା, ମୋବାଇଲ ବ୍ୟବାହାର ନକରିବା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ବିଜୁ ଯୁବ ବାହିନୀର ଭାଗରଥୀ ମହାକୁର, ପିଙ୍କୁ କର୍ଣ୍ଣ, ସୁଷମା ନାଏକ, ଯଶୋଦା ଦେହେରୀ, ରାଜୁ କର୍ଣ୍ଣ, ରଘୁନାଥ ତ୍ରିପାଠୀ, ପ୍ରଧାନଶିକ୍ଷକ ହିମାଦ୍ରୀ ନାଏକ, ଶିକ୍ଷକ ଅମ୍ବରୀଶ ପଧାନ, ଅକ୍ଷୟ ହରିପାଲ, ଜ୍ୟୋସ୍ନାରାଣୀ ରଣା, ଅଙ୍ଗନୱାଡି କର୍ମୀ, କୁନ୍ତୀ କର୍ଣ୍ଣ, ପ୍ରମୁଖ ସାମିଲ ହୋଇଥିଲେ।



### ଜ୍ଞାନବିଜ୍ଞାନ ମେଳରେ ୧୧୧ପ୍ରକଳ୍ପ

ବିନିକା,୧୯।୧୦(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସି ଅଧୀନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବିନିକାରେ ୨୩ତମ ଆନ୍ତଃ ବିଦ୍ୟାଳୟ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସଭାପତି ବାଞ୍ଛାନିଧି ପାତ୍ର ମେଳାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ୧୧୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । କନିଷ୍ଠ ବର୍ଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ୭୩ ଓ ବରିଷ୍ଠ ବିଭାଗରେ ୩୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜ୍ଞାନବିଜ୍ଞାନ ମେଳାର ବିଚାରକଭାବେ ବିଜ୍ଞାନ ଶିକ୍ଷୟିତ୍ରୀ ରିଙ୍କି ମେହେର, ଚୁମକୀ ମାଝି, ସସ୍ମିତା ସାହୁ ଓ ବିଜ୍ଞାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ମେହେର ଦାୟିତ୍ୱ ତୁଲାଇଥିଲେ। ମେଳାର ଉଦ୍‌ଯାପନୀ ସମାରୋହରେ ଶିକ୍ଷାକେନ୍ଦ୍ର ସମ୍ପାଦକ ଅଜିତ୍ କୁମାର ସାମନ୍ତରା, ଅଧକ୍ଷ ଅଗସ୍ତି ଚରଣ ଦାଶ, ଶିକ୍ଷାବିତ୍ ଗୋପାଳ ଦାଶ ପ୍ରମୁଖ ଯୋଗଦେଇ ବିଜ୍ଞାନର ଉପଦେୟତା ବିଷୟରେ ସୂଚନା ଦେଇଥିଲେ । ଶିକ୍ଷକ ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ରେଡରୋଜ ସୋନପୁର ଚାମ୍ପିୟନ

ଅମରପାଲି, ୧୯।୧୦ (ଡି.ଏନ.ଏ.)

ବୀରମହାରାଜପୁର ବ୍ଲକ ପଣ୍ଡିଆପାଲି ଖେଳ ପଡିଆରେ ଚାଲିଥିବା ୧୦ମ ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଇଲେଭେନ ଷ୍ଟାର ସୋନପୁରକୁ ହରାଇ ରେଡରୋଜ ସୋନପୁର ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଫର୍ମାଟ ଭିତ୍ତିକ ହୋଇଥିଲା। ରେଡରୋଜ ସୋନପୁର ଟସ ଜିଣି ପ୍ରଥମ ଫର୍ମାଟରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୧୫ ରନ କରିଥିଲା। ଦଳର ବଣ୍ଟି ବାଗ ୫୨ ରନ କରିଥିବା ବେଳେ ବିପକ୍ଷ ଆକାଶ ପାତ୍ର ୪ଟି ଉଇକେଟ ନେଇଥିଲେ। ଯବାବରେ ଇଲେଭେନ ଷ୍ଟାର ସୋନପୁର ୧୧.୨ ଓଭରରେ ସିଲୁଙ୍କ ୧୮ରନ ସହାୟତାରେ ସମସ୍ତ ଉଇକେଟ ହରାଇ ମାତ୍ର ୪୪ ରନ କରିଥିଲା। ବିପକ୍ଷ ବିକ୍ରମ ୩ଟି ଓ ବଣ୍ଟି ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ରେଡରୋଜ ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ୮୯ ରନ କରିଥିଲା। ଦଳର ମନୋଜ ବଡଚାଟ ୩୦ ରନ କରିଥିଲେ। ବିପକ୍ଷ ଉମାଶଙ୍କର ହୋତା ୩ଟି ଓ ଆକାଶ ପାତ୍ର ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଇଲେଭେନ ଷ୍ଟାର ନିର୍ଦ୍ଧାରିତ ୮ ଓଭରରେ ଆକାଶ ସାହୁଙ୍କ ୨୪ ରନ ସତ୍ତ୍ୱେ ୯ ଉଇକେଟ ହରାଇ ୮୦ ରନ କରି ପରାସ୍ତ ହୋଇଥିଲା। ରେଡରୋଜର କେକେ ଓ ବିକ୍ରମ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ରେଡରୋଜ ସୋନପୁର ଚାମ୍ପିୟନ ହୋଇଥିଲା। ଖେଳକୁ ପ୍ରଫୁଲ୍ଲ ବେହେରା ଓ ବିକାଶ ଭୋଇ ପରିଚାଳନା କରିଥିବା ବେଳେ ସୁବ୍ରତ ବେହେରା ଓ ଢୁଲେଶ୍ୱର ପଧାନ ସ୍କୋରିଂ ଏବଂ ଶିବଶଙ୍କର ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ସାହୁ, କ୍ରୀଡାବିତ ମିନକେତନ ମହାକୁର, ନାଏବ ସରପଞ୍ଚ ଦୀନବନ୍ଧୁ ପଧାନ, ଭାଗିରଥି ବେହେରା ସଞ୍ଜୀବ ସାହୁ ଓ ଶହୀଦଙ୍କ ପିତା ବୈକୁଣ୍ଠ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ରେଡରୋଜ ସୋନପୁରର ମନୋଜ ବଡଚାଟଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ, ବଣ୍ଟିଙ୍କୁ ମ୍ୟାନ ଅଫ୍ ଦି ସିରିଜ, ହରିଙ୍କୁ ଏମର୍ଜିଙ୍ଗ ପ୍ଲେୟାର, ବିକ୍ରମଙ୍କୁ ଶ୍ରେଷ୍ଠ ବୋଲର, ଇଲେଭେନଷ୍ଟାର ସୋନପୁରର ବିକାଶଙ୍କୁ ଶ୍ରେଷ୍ଠ ଫିଲଡର୍ ଓ ବୀରମହାରାଜପୁର ଦଳର ବିଷ୍ଣୁଙ୍କୁ ଶ୍ରେଷ୍ଠ ସିକ୍ସର ଭାବେ ପୁରସ୍କୃତ କରାଯାଇଥିଲା । ଚାମ୍ପିୟନ ରେଡରୋଜ ସୋନପୁର ଦଳକୁ ନଗଦ ୧୧ ହଜାର ୧୧୧ ଟଙ୍କା ସହିତ ଟ୍ରଫି ଓ ରନର୍ସଅପ୍ ଇଲେଭେନ ଷ୍ଟାର ଦଳକୁ ନଗଦ ୬ ହଜାର ୬୬୬ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ।



ଟ୍ରଫି ସହ ଚାମ୍ପିୟନ ରେଡରୋଜ ସୋନପୁର ଦଳ।


## ଜିଲ୍ଲା ସଂସ୍କୃତି ପରିଷଦ, କଟକ

### ବାଲିଯାତ୍ରା 2019 ନିମନ୍ତେ ପ୍ରାରମ୍ଭିକ ପଞ୍ଜୀକରଣ ଓ ତତ୍ ପରବର୍ତ୍ତୀ ଆବଣ୍ଟନ ନିମନ୍ତେ ନିୟମାବଳୀ

ଐତିହାସିକ ବାଲିଯାତ୍ରା, କଟକ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ତା12.11.2019ରିଖଠାରୁ ତା19.11.2019 ପର୍ଯ୍ୟନ୍ତ ଗଡ଼ଗଡ଼ିଆ ଘାଟ ନିକଟବର୍ତ୍ତୀ ତଳ ଓ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି କ୍ରମରେ ଜିଲ୍ଲା ପ୍ରଶାସନ କଟକଙ୍କ ନିଷ୍ପତ୍ତି କ୍ରମେ ଆସନ୍ତା ବାଲିଯାତ୍ରା 2019 ନିମନ୍ତେ ବିଭିନ୍ନ ପ୍ରକାର ବ୍ୟବସାୟୀ / ଅନୁଷ୍ଠାନ/ସଂଘ/ ଉଠା ଦୋକାନୀମାନଙ୍କୁ ପ୍ରଥମେ ପଞ୍ଜୀକରଣ କରାଯିବାର ଅଛି। ଏଥିନିମନ୍ତେ ନିମ୍ନଲିଖିତ ସୂଚୀ ଅନୁଯାୟୀ ପଞ୍ଜୀକରଣ ରାଶି (ଫେରସ୍ତ ଯୋଗ୍ୟ ନୁହେଁ) ସେମାନଙ୍କ ଠାରୁ ଆଦାୟ କରାଯିବ ଏବଂ ତତ୍‌ପରେ ଯୋଗ୍ୟତା ଏବଂ ଆବେଦନ ଅନୁଯାୟୀ ସ୍ଥାନ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯିବ।

**ପଞ୍ଜୀକରଣ ସାରଣୀ:**

1. **ପଞ୍ଜୀକରଣ ରାଶି ସୂଚୀ:** **ଆବଶ୍ୟକ ଜମାରାଶି**
   (କ)- ପୃଷ୍ଠପୋଷକ (Sponsor) ଟ1000.00
   (ଖ)- ବ୍ୟବସାୟୀ ଟ.200.00
   (ଗ)- ବ୍ୟବସାୟିକ ଅନୁଷ୍ଠାନ ଟ1000.00
   (ଘ)- ରେଜିଷ୍ଟର୍ଡ ଡେକୋରେଟର୍ ସଂଘ ଟ10000.00
   (ଙ)- ବ୍ୟକ୍ତିଗତ ଡେକୋରେଟର୍ ଟ1000.00
   (ଚ)- ଦୋଳି ଟ1000.00
   (ଛ)-ଉଠାବେପାରୀ ଟ500.00 (ପଞ୍ଜୀକରଣ ଏବଂ ବ୍ୟବସାୟ ନିମନ୍ତେ ଅନୁମତି ପ୍ରଦାନ)

   **ଆବଣ୍ଟନ ସାରଣୀ**
2. **ବ୍ୟବସାୟୀ/ ଅନୁଷ୍ଠାନମାନଙ୍କ ପାଇଁ ଆବଣ୍ଟିତ ହେବାକୁ ଥିବା ସ୍ଥାନ ନିମନ୍ତେ ଦେୟ ସୂଚୀ:**
   1000 ବର୍ଗଫୁଟ ପର୍ଯ୍ୟନ୍ତ ଆବଣ୍ଟନ ପାଇଁ ଧାର୍ଯ୍ୟ ମୂଳ ରାଶି ଟ30/- ପ୍ରତି ବର୍ଗଫୁଟ ଓ ତା' ଠାରୁ ଅଧିକ ସ୍ଥାନ ଆବଣ୍ଟନ ନିମନ୍ତେ ପ୍ରତି 1000 ବର୍ଗଫୁଟ ପାଇଁ ଧାର୍ଯ୍ୟ ମୂଳ ରାଶିର (30/- ଟଙ୍କା)ର ପାଞ୍ଚ ପ୍ରତିଶତ ବୃଦ୍ଧି କରାଯିବ। ଏତଦ୍‌ବ୍ୟତୀତ ଆବଣ୍ଟନକାରୀଙ୍କୁ ବିଭିନ୍ନ ବିଭାଗର ସେବା ପାଇଁ ଧାର୍ଯ୍ୟ ଦେୟ ପଇଠ କରିବାକୁ ପଡ଼ିବ।
3. (କ) ବ୍ୟବସାୟୀମାନଙ୍କ ପାଇଁ ସର୍ବାଧିକ 1000 ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନ ଆବଣ୍ଟନ କରାଯାଇପାରେ।
   (ଖ) ଅନୁଷ୍ଠାନମାନଙ୍କୁ ସର୍ବାଧିକ 2000 ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନ ଆବଣ୍ଟନ କରାଯାଇପାରେ।
   (ଗ) ଯେଉଁ ବ୍ୟବସାୟୀ ଓ ଅନୁଷ୍ଠାନମାନଙ୍କୁ ଗତବର୍ଷ ବାଲିଯାତ୍ରାରେ ସ୍ଥାନ ଆବଣ୍ଟନ କରାଯାଇଥିଲା ସେମାନଙ୍କର ଦରଖାସ୍ତ ଅଗ୍ରାଧିକାର ଭିତ୍ତିରେ ବିବେଚନା କରାଯିବ। ସେମାନେ (କ) ଓ (ଖ)ରେ ବର୍ଣ୍ଣିତ ନିର୍ଦ୍ଧାରିତ ସ୍ଥାନରୁ ଗତବର୍ଷ କମ୍ ସ୍ଥାନ ପାଇଥିଲେ ସେତିକି ହିଁ ସ୍ଥାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।
   (ଘ) (କ) ଓ (ଖ)ରେ ସୂଚିତ ସ୍ଥାନଠାରୁ ଅଧିକ ସ୍ଥାନ ପାଇଁ ଇଚ୍ଛୁକ ବ୍ୟବସାୟୀ ଓ ଅନୁଷ୍ଠାନ, ପୃଷ୍ଠପୋଷକ (Sponsor) ଭାବେ ଆବଶ୍ୟକତା ଅନୁଯାୟୀ ସ୍ଥାନ ପାଇପାରିବେ।
   (ଙ) ବାଲିଯାତ୍ରାରେ ପୃଷ୍ଠପୋଷକ ଭାବେ ଭାଗ ନେଉଥିବା ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କୁ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯିବ। ବିଭିନ୍ନ ମିଡ଼ିଆ ମାଧ୍ୟମରେ ସେମାନଙ୍କ ସହଯୋଗିତା ବିଷୟରେ ଆନୁଷ୍ଠାନିକ ଭାବେ ପ୍ରଚାର କରାଯିବ ଏବଂ ଏତଦ୍‌ବ୍ୟତୀତ ସେମାନେ ପୃଷ୍ଠପୋଷକ ଭାବେ ପ୍ରଦାନ କରୁଥିବା ଅର୍ଥ ରାଶିର ଏକଦଶମାଂଶ (10%) ସ୍ଥାନ ଆକାରରେ ବିନା ମୂଲ୍ୟରେ ପାଇପାରିବେ।
4. **ଦୋଳି ପାଇଁ ଦେୟ**
   ଯନ୍ତ୍ରଚାଳିତ ଦୋଳି ପାଇଁ ଦୈନିକ ଟଙ୍କା 4000/- ଓ ହସ୍ତଚାଳିତ ଦୋଳି ପାଇଁ ଦୈନିକ ଟ1000/- ଲେଖାଏଁ ଆଦାୟ କରାଯିବ।

**୫. ପଞ୍ଜୀକରଣ ଓ ଆବଣ୍ଟନ ନିମନ୍ତେ ନିର୍ଦ୍ଧାରିତ ସ୍ଥାନ ଓ ତାରିଖ**

| କାର୍ଯ୍ୟକ୍ରମ | ସମୟ ଦିବା 10.30 ଠାରୁ ଅପରାହ୍ନ 5.30 ପର୍ଯ୍ୟନ୍ତ | ସ୍ଥାନ |
|---|---|---|
| 1. ବାଲିଯାତ୍ରା ସଂକ୍ରାନ୍ତୀୟ ତଥ୍ୟ ଅନୁଷ୍ଠାନ ଏବଂ ପୃଷ୍ଠପୋଷକମାନଙ୍କ (Sponsor) ପାଇଁ ପରିବେଷଣ | ତା21.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ବାଲିଯାତ୍ରା ପରିଚାଳନା ପ୍ରକୋଷ୍ଠ, ଦ୍ୱିତୀୟ ମହଲା, କଲେକ୍ଟୋରେଟ୍, କଟକ |
| 2. ବାଲିଯାତ୍ରା ସଂକ୍ରାନ୍ତୀୟ ତଥ୍ୟ ବ୍ୟକ୍ତିବିଶେଷଙ୍କ ପାଇଁ ପରିବେଷଣ | ତା21.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ, କଟକ |
| 3. ବାଲିଯାତ୍ରା ସ୍ଥାନ ପାଇଁ ଗତବର୍ଷ ଭାଗନେଇଥିବା ଅନୁଷ୍ଠାନ ଏବଂ ଚଳିତ ବର୍ଷର ପୃଷ୍ଠପୋଷକମାନଙ୍କର ପଞ୍ଜୀକରଣ ଓ ସ୍ଥାନ ଆବଣ୍ଟନ | ତା23.10.2019ରିଖଠାରୁ 28.10.2019 ପର୍ଯ୍ୟନ୍ତ | ବାଲିଯାତ୍ରା ପରିଚାଳନା ପ୍ରକୋଷ୍ଠ, ଦ୍ୱିତୀୟ ମହଲା, କଲେକ୍ଟୋରେଟ୍ କଟକ |
| 4. ବାଲିଯାତ୍ରା ସ୍ଥାନ ପାଇଁ ପଞ୍ଜୀକରଣ ଓ ଆବଣ୍ଟନ (ଉଠାଦୋକାନୀ ବ୍ୟତୀତ) କେବଳ ଗତବର୍ଷ ଭାଗ ନେଇଥିବା ବ୍ୟବସାୟୀମାନଙ୍କ ପାଇଁ | ତା23.10.2019ରିଖଠାରୁ 28.10.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |
| 5. ବାଲିଯାତ୍ରା ସ୍ଥାନ ପାଇଁ ପଞ୍ଜୀକରଣ ଓ ଆବଣ୍ଟନ (ଉଠା ଦୋକାନୀ ବ୍ୟତୀତ) ନୂତନ ଭାବେ ଭାଗ ନେବାକୁ ଚାହୁଁଥିବା ବ୍ୟବସାୟୀ ଏବଂ ଅନୁଷ୍ଠାନ ପାଇଁ | ତା29.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |
| 6. ଉଠା ଦୋକାନୀ ପଞ୍ଜୀକରଣ ଓ ଅନୁମତି ପତ୍ର ପ୍ରଦାନ | ତା01.11.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |

**ବିଶେଷ ଦ୍ରଷ୍ଟବ୍ୟ**

- ଅପ୍ରାଧିକୃତ ଭାବେ ବାଲିଯାତ୍ରା ପଡ଼ିଆରେ କୌଣସି ବ୍ୟବସାୟୀଙ୍କୁ ବ୍ୟବସାୟ କରିବା ପାଇଁ ସୁଯୋଗ ଦିଆଯିବ ନାହିଁ ଏବଂ ଏହା ଆଇନ ଅନୁଯାୟୀ ଦଣ୍ଡନୀୟ ହେବ।
- ସ୍ଥାନ ଆବଣ୍ଟନ ସଂକ୍ରାନ୍ତୀୟ ସମସ୍ତ ବିଷୟରେ ଜିଲ୍ଲା ଆବଣ୍ଟନ ସବ୍ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ମାନ୍ୟ ହେବ।

ସ୍ୱା./- ଜିଲ୍ଲାପାଳଙ୍କ ଆଦେଶକ୍ରମେ
ସବ୍‌କଲେକ୍ଟର ସଦର ତଥା ନୋଡାଲ ଅଫିସର ବାଲିଯାତ୍ରା 2019, କଟକ



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।

- ଗୋଲ୍ଡସ୍ମିଥ



## ସଂକ୍ଷେପରେ



### ରାମେଶ୍ୱର ମନ୍ଦିରରୁ ଚୋରି

**ପଲମ,୧୯।୧୦ (ଡି.ଏନ୍.ଏ.)-** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭିମକେଲା ପଞ୍ଚାୟତସ୍ଥିତ ଭିମକେଲା ରାମେଶ୍ୱର ମନ୍ଦିରରୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ, ମନ୍ଦିର ପୂଜକ ଚିନ୍ତାମଣି ଥାନାପତି ପ୍ରତିଦିନ ଭଳି ଶୁକ୍ରବାର ସକାଳେ ମନ୍ଦିରକୁ ପୂଜା କରିବାକୁ ଆସିଥିଲେ। ହେଲେ ସେ ମନ୍ଦିର ତାଲା ଭଙ୍ଗାହୋଇ ମହାପ୍ରଭୁଙ୍କ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ମନ୍ଦିର କମିଟି ସଭାପତି ଜପରାମ ଗଉଡ ଏବଂ ସଭ୍ୟମାନଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ପରେ କମିଟି କର୍ମକର୍ତ୍ତା ମନ୍ଦିରରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ପରେ ନର୍ଲା ଥାନାରେ ପହଞ୍ଚି ଘଟଣା ସଂକ୍ରାନ୍ତରେ ଲିଖିତ ଅଭିଯୋଗ ଦେଇଥିଲେ। ଚୋରି ସାମଗ୍ରୀର ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ଅଧିକ

### ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

**ପଲମ,୧୯।୧୦ (ଡି.ଏନ୍.ଏ.)-** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରାରୋଡ ପଞ୍ଚାୟତସ୍ଥିତ ରୁପ୍ରାରୋଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରୁପ୍ରାରୋଡ ମହିଳାମଣ୍ଡଳ ସଭାନେତ୍ରୀ ମଞ୍ଜୁ ଅଗ୍ରୱାଲ ଯୋଗଦେଇ ମା' ଦୁର୍ଗାଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦାଶରଥି ପଣ୍ଡା ଯୋଗଦେଇ ଶିଶୁମାନଙ୍କ ପ୍ରଗତିରେ ମା'ଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁ ବାଟିକା ପ୍ରମୁଖ ବିମଳ ନାଏକ ମାତୃ କର୍ମଶାଳାର ଆଭିମୁଖ୍ୟ ସହ ବିଭିନ୍ନ ମାର୍ଗ ଦର୍ଶନ କରିଥିଲେ। ଏଥିରେ ଶିଶୁ ପ୍ରାରମ୍ଭ ଓ ବୋଧ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଅଭିଭାବିକା ଯୋଗ ଦେଇଥିଲେ। ଶିଶୁ ବାଟିକା ଗୁରୁମା ଜୟଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅବ୍ୟବସ୍ଥା

# ଶିଡ଼ି ପାହାଚରେ ପଡ଼ିଛି ନାଲିଫିତା ବନ୍ଧା ଫାଇଲ

■ ଅଧିକାରୀଙ୍କ ପଡୁନି ଦୃଷ୍ଟି, ଫାଇଲର ସୁରକ୍ଷାକୁ ନେଇ ପ୍ରଶ୍ନ

**ଭବାନୀପାଟଣା,୧୯।୧୦ (ସ୍ୱ.ପ୍ର.)**

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ଜିଲାର ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ। ଜିଲାରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଫାଇଲ ଏଠାରେ ରହିଥାଏ। ହେଲେ କଳାହାଣ୍ଡି ଜିଲା ଭବାନୀପାଟଣାରେ ଥିବା ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ଏପରି ଅବ୍ୟବସ୍ଥା ରହିଛି ଯାହାକୁ ଦେଖିଲେ ବିଶ୍ୱାସ କରି ହେବ ନାହିଁ। ଏଠାରେ ଗୁରୁତ୍ୱପୂର୍ଣ୍ଣ ଫାଇଲଗୁଡ଼ିକ ଶଡି ପାହାଚରେ ଫିଙ୍ଗା ଫୋପଡା ଅବସ୍ଥାରେ ପଡି ରହିଛି। ଫଳରେ ଫାଇଲଗୁଡ଼ିକ ନଷ୍ଟ ହେବାର ଆଶଙ୍କା ରହିଛି। ଏପରି କି ଶିଡି ଉପରେ ଏପରି ଭାବେ ଫାଇଲଗୁଡ଼ିକ ଗଦା ହୋଇ ରହିଛି ଯେ, ଉପରକୁ ଯିବାକୁ ରାସ୍ତା ମଧ୍ୟ ନାହିଁ। କାର୍ଯ୍ୟାଳୟରେ ଅନେକ କୋଠରୀ ରହିଛି। ହେଲେ ଫାଇଲଗୁଡ଼ିକ କୋଠାରି କିମ୍ବା







ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ବାମ)। ଶିଡିରେ ଫାଇଲଗୁଡ଼ିକ ରଖାଯାଇଛି।

ଆଲମିରାରେ ରଖା ନ ଯାଇ ସଡି ପାହାଚରେ ରହିବା ଘଟଣା ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। ସାଧାରଣତଃ ଗୁରୁତ୍ୱପୂର୍ଣ୍ଣ ଫାଇଲଗୁଡ଼ିକୁ ଅଧିକାରୀଙ୍କ ନଜରରେ ରଖାଯିବା କଥା। ହେଲେ ଏଥିପ୍ରତି ବିଭାଗୀୟ ଅଧିକାରୀ ମଧ୍ୟ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଏହାର ସୁରକ୍ଷାକୁ ନେଇ ସନ୍ଦେହ ଉପୁଜିଛି। ଏ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ(ପିଡିଡିଆରଡିଏ) ଜ୍ଞାନ ରଞ୍ଜନ ଭଞ୍ଜଦେଓଙ୍କୁ ପଚାରିବାରୁ ସେଗୁଡ଼ିକ ପୁରୁଣା ଫାଇଲ। କୋଠରି ଅଭାବରୁ ଶିଡି ପାହାଚରେ ରଖାଯାଇଛି। ନୂତନ କୋଠା ନିର୍ମାଣ ହେଲେ ଫାଇଲଗୁଡ଼ିକୁ ରଖାଯିବ ବୋଲି କହିଥିଲେ।

**ରିପୋର୍ଟ- ଉତ୍ତମ କୁମାର ଦାଶ**

# କଳାହାଣ୍ଡି ଜିଲା: ଗୋରୁଙ୍କୁ ଚର୍ମବିଣ୍ଡି ରୋଗ

**ଭବାନୀପାଟଣା,୧୯।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଗାଈଗୋରୁଙ୍କୁ ଚର୍ମବିଣ୍ଡି ରୋଗ ଆକ୍ରାନ୍ତ କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। ଧର୍ମଗଡ ବ୍ଲକ ଗଡିଆଯୋରରେ ୨୮ ଗାଈଗୋରୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। କୋକସରା ବ୍ଲକ ଓ ଅନ୍ୟ ବ୍ଲକକୁ ଏହା ବ୍ୟାପିବାରେ ଲାଗିଛି। ପ୍ରାଣୀ ସଂପଦ ବିଭାଗ ପକ୍ଷରୁ ଗାଈଗୋରୁଙ୍କ ରକ୍ତ ନମୁନା ଫୁଲନଖରା ଗବେଷଣା କେନ୍ଦ୍ରକୁ ପଠାଯାଇଛି। ସୂଚନା ମୁତାବକ, ଧର୍ମଗଡ ବ୍ଲକର ଗଡିଆଯୋର ଗ୍ରାମରେ ସମ୍ବାରୁ ନାଏକ, ଅଙ୍କିତ ସୁନାନୀ, ଗମ୍ଭୀର ପରି, ଭୁଜବଳ ପରି, କ୍ଷୀରସିନ୍ଧୁ ପରି, ପି. ପରି, ଯୋଗେଶ୍ୱର ଗୋପାଳ, ମନହର ଗୋପାଳ, ଦାମୋଦର ନାଏକ, ଦେବେନ୍ଦ୍ର ଗୋପାଳ, ନରେନ୍ଦ୍ର ପରି, ଡୁଳାରାମ ଗୋପାଳ, ପ୍ରଦୀପ ନାଏକ, କୁମାର ଗୋପାଳ ସମେତ ବହୁ ଚାଷୀଙ୍କ ପ୍ରାୟ ୨୮ରୁ ଅଧିକ ଗାଈଗୋରୁ ଚର୍ମବିଣ୍ଡା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗ ଗାଁରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିବା



ଗୋରୁର ଚିକିତ୍ସା କରାଯାଉଛି।

ବେଳେ ଗାଁଈଗୋରୁଙ୍କ ରକ୍ତ ନମୁନା ଓ ବର୍ମ ନମୁନା ଫୁଲନଖରା ରାଜ୍ୟ ଗବେଷନାଗାରକୁ ପଠା ଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଜିଲାର କୋକସରା ବ୍ଲକର କିଛି ଅଞ୍ଚଳ ଓ ପଡୋଶୀ ବ୍ଲକକୁ ଏହି ରୋଗ ବ୍ୟାପିବାରେ ଲାଗିଛି। ଛତିଶଗଡ ଅଞ୍ଚଳରୁ ଗାଈଗୋରୁଙ୍କ ଦେହରେ ଏହି ଚର୍ମରୋଗ ଆସିଥିବା ପ୍ରାଣୀ ଚିକିତ୍ସା ବିଭାଗ ସନ୍ଦେହ କରୁଛି। ଗୋଟିଏ ପଟେ ଚାଷୀମାନେ କପା ଓ ଧାନରେ ରୋଗପୋକ ବ୍ୟାପିବା ନେଇ ଚିନ୍ତାରେ ପଡିଥିବା ବେଳେ ବର୍ତ୍ତମାନ ଗାଈଗୋରୁଙ୍କୁ ଏହି ରୋଗ ବ୍ୟାପିବା ନେଇ ଅଧିକ ଚିନ୍ତା ବଢାଇ ଦେଇଛି। ପ୍ରାଣୀ ବିଭାଗ ପକ୍ଷରୁ ତୁରନ୍ତ ରାଜ୍ୟସ୍ତରୀୟ ଟିମ ଏହି ଗାଁକୁ ପରିଦର୍ଶନ କରି ପ୍ରତିଷେଧକ ବ୍ୟବସ୍ଥା କରା ନ ଗଲେ ଏହି ରୋଗ ଆହୁରି ବ୍ୟାପିବ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ଏହି ଘଟଣା ନେଇ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ କୁମାର ମିଶ୍ରଙ୍କୁ ପଚାରିବାରୁ ଚର୍ମବିଣ୍ଡା ରୋଗ ବ୍ୟାପିବା ଜଣାପଡ଼ିବା ପରେ ଗଡିଆଯୋର ଗ୍ରାମରେ ଚିକିତ୍ସା ଆରମ୍ଭ ହୋଇଛି। ଗାଈଗୋରୁଙ୍କ ଚର୍ମ ଓ ରକ୍ତ ନମୁନା ଅଧିକ ବିଶ୍ଳେଷଣ ପାଇଁ ରାଜ୍ୟ ଗବେଷଣାଗାରକୁ ପଠାଯାଇଛି ବୋଲି କହିଥିଲେ।

# ଚିଟୈଗୁଡ଼ାରେ ବୁଢ଼ାରଜାଙ୍କ ପୂଜା

**ଜୁନାଗଡ,୧୯।୧୦ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଟୈଗୁଡ଼ା ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଶନିବାର ବୁଢାରଜାଙ୍କ ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ପ୍ରଥମ ଥର ହୋଇଥିବା ଏହି ପୂଜାରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପୂଜାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଚିଟୈଗୁଡାରେ ବୁଢାରଜା ମନ୍ଦିର ନିର୍ମାଣ କରିବା ପାଇଁ ଗତ ବର୍ଷ ସ୍ଥାନୀୟ ସରପଞ୍ଚ ସୁଧିରା ମେହେର ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ବିଧାୟକ ମିଶ୍ରଙ୍କ ଉଦ୍ୟମରେ ଆମ ଗାଁ ଆମ ବିକାଶ ଯୋଜନାରେ ବୁଢାରଜାଙ୍କ ମନ୍ଦିର ନିର୍ମାଣ ପାଇଁ ୨ଲକ୍ଷ ଟଙ୍କା ଅନୁମୋଦନ ହୋଇଥିଲା। ଉକ୍ତ ଟଙ୍କାରେ ଏହି ମନ୍ଦିର ନିର୍ମାଣ ହୋଇଛି। ବୁଢାରଜାଙ୍କ ପୂଜା ଉପଲକ୍ଷେ ଶ୍ରଦ୍ଧାଳୁମାନେ ପଶୁ ବଳି ଦେଇଥିଲେ।


**BHUBANESWAR MUNICIPAL CORPORATION**

**No.28985** **Dt.18/10/2019**

**NOTICE INVITING TENDERS (NIT)**

Bhubaneswar Municipal Corporation invites Percentage Rate Bids under National Competitive Bidding (NCB) through e-procurement in conformity with the terms & conditions laid down in the Detailed Tender Call Notice (DTCN) in Two bid system (Part I: General & Technical Bid and Part II: Financial Bid/Price Bid/BOQ) from eligible class of contractors fulfilling the minimum eligibility criteria for the following works.

| Sl. No. | Name of the work | Amount put to Tender (in Rs.) |
|---|---|---|
| 1. | Construction of 5 TPD capacity MCC for ward no-60 Near Lingaraj Station ROB | 5176763 |
| 2. | Construction of 5 TPD capacity MCC for ward no 54 & 67 near Lingaraj Station ROB | 5176763 |
| 3. | Construction of 5 TPD capacity MCC for ward no. 61, Kapilaprasad near Khanduala Basti | 5176763 |
| 4. | Construction of 5 TPD capacity MCC over Plot no. 456 Khata No.-740 Mouza Bhimpur near Petrol Pump back side Pokhariput in ward no. 62 & 63 | 5176763 |
| 5. | Construction of 5 TPD capacity MCC near Rajdhani College in ward no. 50 of BMC | 5176763 |

The Detailed Tender Call Notice (DTCN) may be downloaded from www.tendersorissa.gov.in or www.bmc.gov.in. The last date of submission of tenders is on **28.10.2018 till 5:00 pm.**

**By order,**
**Sd/-**
**Executive Engineer- Div-II**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**



# ଜିଲ୍ଲା ସଂସ୍କୃତି ପରିଷଦ, କଟକ

## ବାଲିଯାତ୍ରା 2019 ନିମନ୍ତେ ପ୍ରାରମ୍ଭିକ ପଞ୍ଜୀକରଣ ଓ ତତ୍ ପରବର୍ତ୍ତୀ ଆବଣ୍ଟନ ନିମନ୍ତେ ନିୟମାବଳୀ

ଐତିହାସିକ ବାଲିଯାତ୍ରା, କଟକ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ତା12.11.2019ରିଖଠାରୁ ତା19.11.2019 ପର୍ଯ୍ୟନ୍ତ ଗଡ଼ଗଡ଼ିଆ ଘାଟ ନିକଟବର୍ତ୍ତୀ ତଳ ଓ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି କ୍ରମରେ ଜିଲ୍ଲା ପ୍ରଶାସନ କଟକଙ୍କ ନିଷ୍ପତ୍ତି କ୍ରମେ ଆସନ୍ତା ବାଲିଯାତ୍ରା 2019 ନିମନ୍ତେ ବିଭିନ୍ନ ପ୍ରକାର ବ୍ୟବସାୟୀ / ଅନୁଷ୍ଠାନ/ସଂଘ/ ଉଠା ଦୋକାନୀମାନଙ୍କୁ ପ୍ରଥମେ ପଞ୍ଜୀକରଣ କରାଯିବାର ଅଛି। ଏଥିନିମନ୍ତେ ନିମ୍ନଲିଖିତ ସୂଚୀ ଅନୁଯାୟୀ ପଞ୍ଜୀକରଣ ରାଶି (ଫେରସ୍ତ ଯୋଗ୍ୟ ନୁହେଁ) ସେମାନଙ୍କ ଠାରୁ ଆଦାୟ କରାଯିବ ଏବଂ ତତ୍‌ପରେ ଯୋଗ୍ୟତା ଏବଂ ଆବେଦନ ଅନୁଯାୟୀ ସ୍ଥାନ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯିବ।

**ପଞ୍ଜୀକରଣ ସାରଣୀ:**

| 1. ପଞ୍ଜୀକରଣ ରାଶି ସୂଚୀ: | ଆବଶ୍ୟକ ଜମାରାଶି |
|---|---|
| (କ)- ପୃଷ୍ଠପୋଷକ (Sponsor) | ଟ1000.00 |
| (ଖ)- ବ୍ୟବସାୟୀ | ଟ.200.00 |
| (ଗ)- ବ୍ୟବସାୟିକ ଅନୁଷ୍ଠାନ | ଟ1000.00 |
| (ଘ)- ରେଜିଷ୍ଟର୍ଡ ଡେକୋରେଟର୍ ସଂଘ | ଟ10000.00 |
| (ଙ)- ବ୍ୟକ୍ତିଗତ ଡେକୋରେଟର୍ | ଟ1000.00 |
| (ଚ)- ଦୋଳି | ଟ1000.00 |
| (ଛ)-ଉଠାବେପାରୀ | ଟ500.00 (ପଞ୍ଜୀକରଣ ଏବଂ ବ୍ୟବସାୟ ନିମନ୍ତେ ଅନୁମତି ପ୍ରଦାନ) |

**ଆବଣ୍ଟନ ସାରଣୀ**

**2. ବ୍ୟବସାୟୀ/ ଅନୁଷ୍ଠାନମାନଙ୍କ ପାଇଁ ଆବଣ୍ଟିତ ହେବାକୁ ଥିବା ସ୍ଥାନ ନିମନ୍ତେ ଦେୟ ସୂଚୀ:**

1000 ବର୍ଗଫୁଟ ପର୍ଯ୍ୟନ୍ତ ଆବଣ୍ଟନ ପାଇଁ ଧାର୍ଯ୍ୟ ମୂଳ ରାଶି ଟ30/- ପ୍ରତି ବର୍ଗଫୁଟ ଓ ତା' ଠାରୁ ଅଧିକ ସ୍ଥାନ ଆବଣ୍ଟନ ନିମନ୍ତେ ପ୍ରତି 1000 ବର୍ଗଫୁଟ ପାଇଁ ଧାର୍ଯ୍ୟ ମୂଳ ରାଶିର (30/- ଟଙ୍କା)ର ପାଞ୍ଚ ପ୍ରତିଶତ ବୃଦ୍ଧି କରାଯିବ। ଏତଦ୍‌ବ୍ୟତୀତ ଆବଣ୍ଟନକାରୀଙ୍କୁ ବିଭିନ୍ନ ବିଭାଗର ସେବା ପାଇଁ ଧାର୍ଯ୍ୟ ଦେୟ ପଇଠ କରିବାକୁ ପଡ଼ିବ।

**3.** (କ) ବ୍ୟବସାୟୀମାନଙ୍କ ପାଇଁ ସର୍ବାଧିକ 1000 ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନ ଆବଣ୍ଟନ କରାଯାଇପାରେ।

(ଖ) ଅନୁଷ୍ଠାନମାନଙ୍କୁ ସର୍ବାଧିକ 2000 ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନ ଆବଣ୍ଟନ କରାଯାଇପାରେ।

(ଗ) ଯେଉଁ ବ୍ୟବସାୟୀ ଓ ଅନୁଷ୍ଠାନମାନଙ୍କୁ ଗତବର୍ଷ ବାଲିଯାତ୍ରାରେ ସ୍ଥାନ ଆବଣ୍ଟନ କରାଯାଇଥିଲା ସେମାନଙ୍କର ଦରଖାସ୍ତ ଅଗ୍ରାଧିକାର ଭିତ୍ତିରେ ବିବେଚନା କରାଯିବ। ସେମାନେ (କ) ଓ (ଖ)ରେ ବର୍ଣ୍ଣିତ ନିର୍ଦ୍ଧାରିତ ସ୍ଥାନରୁ ଗତବର୍ଷ କମ୍ ସ୍ଥାନ ପାଇଥିଲେ ସେତିକି ହିଁ ସ୍ଥାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।

(ଘ) (କ) ଓ (ଖ)ରେ ସୂଚିତ ସ୍ଥାନଠାରୁ ଅଧିକ ସ୍ଥାନ ପାଇଁ ଇଚ୍ଛୁକ ବ୍ୟବସାୟୀ ଓ ଅନୁଷ୍ଠାନ, ପୃଷ୍ଠପୋଷକ (Sponsor) ଭାବେ ଆବଶ୍ୟକତା ଅନୁଯାୟୀ ସ୍ଥାନ ପାଇପାରିବେ।

(ଙ) ବାଲିଯାତ୍ରାରେ ପୃଷ୍ଠପୋଷକ ଭାବେ ଭାଗ ନେଉଥିବା ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କୁ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯିବ। ବିଭିନ୍ନ ମିଡ଼ିଆ ମାଧ୍ୟମରେ ସେମାନଙ୍କ ସହଯୋଗିତା ବିଷୟରେ ଆନୁଷ୍ଠାନିକ ଭାବେ ପ୍ରଚାର କରାଯିବ ଏବଂ ଏତଦ୍‌ବ୍ୟତୀତ ସେମାନେ ପୃଷ୍ଠପୋଷକ ଭାବେ ପ୍ରଦାନ କରୁଥିବା ଅର୍ଥ ରାଶିର ଏକଦଶମାଂଶ (10%) ସ୍ଥାନ ଆକାରରେ ବିନା ମୂଲ୍ୟରେ ପାଇପାରିବେ।

**4. ଦୋଳି ପାଇଁ ଦେୟ**

ଯନ୍ତ୍ରଚାଳିତ ଦୋଳି ପାଇଁ ଦୈନିକ ଟଙ୍କା ୫000/- ଓ ହସ୍ତଚାଳିତ ଦୋଳି ପାଇଁ ଦୈନିକ ଟ1000/- ଲେଖାଏଁ ଆଦାୟ କରାଯିବ।

**୫. ପଞ୍ଜୀକରଣ ଓ ଆବଣ୍ଟନ ନିମନ୍ତେ ନିର୍ଦ୍ଧାରିତ ସ୍ଥାନ ଓ ତାରିଖ**

| କାର୍ଯ୍ୟକ୍ରମ | ସମୟ ଦିବା 10.30 ଠାରୁ ଅପରାହ୍ଣ 5.30 ପର୍ଯ୍ୟନ୍ତ | ସ୍ଥାନ |
|---|---|---|
| 1. ବାଲିଯାତ୍ରା ସଂକ୍ରାନ୍ତୀୟ ତଥ୍ୟ ଅନୁଷ୍ଠାନ ଏବଂ ପୃଷ୍ଠପୋଷକମାନଙ୍କ (Sponsor) ପାଇଁ ପରିବେଷଣ | ତା21.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ବାଲିଯାତ୍ରା ପରିଚାଳନା ପ୍ରକୋଷ୍ଠ, ଦ୍ୱିତୀୟ ମହଲା, କଲେକ୍ଟୋରେଟ୍, କଟକ |
| 2. ବାଲିଯାତ୍ରା ସଂକ୍ରାନ୍ତୀୟ ତଥ୍ୟ ବ୍ୟକ୍ତିବିଶେଷଙ୍କ ପାଇଁ ପରିବେଷଣ | ତା21.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ, କଟକ |
| 3. ବାଲିଯାତ୍ରା ସ୍ଥାନ ପାଇଁ ଗତବର୍ଷ ଭାଗନେଇଥିବା ଅନୁଷ୍ଠାନ ଏବଂ ଚଳିତ ବର୍ଷର ପୃଷ୍ଠପୋଷକମାନଙ୍କର ପଞ୍ଜୀକରଣ ଓ ସ୍ଥାନ ଆବଣ୍ଟନ | ତା23.10.2019ରିଖଠାରୁ 28.10.2019 ପର୍ଯ୍ୟନ୍ତ | ବାଲିଯାତ୍ରା ପରିଚାଳନା ପ୍ରକୋଷ୍ଠ, ଦ୍ୱିତୀୟ ମହଲା, କଲେକ୍ଟୋରେଟ୍ କଟକ |
| 4. ବାଲିଯାତ୍ରା ସ୍ଥାନ ପାଇଁ ପଞ୍ଜୀକରଣ ଓ ଆବଣ୍ଟନ (ଉଠାଦୋକାନୀ ବ୍ୟତୀତ) କେବଳ ଗତବର୍ଷ ଭାଗ ନେଇଥିବା ବ୍ୟବସାୟୀମାନଙ୍କ ପାଇଁ | ତା23.10.2019ରିଖଠାରୁ 28.10.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |
| 5. ବାଲିଯାତ୍ରା ସ୍ଥାନ ପାଇଁ ପଞ୍ଜୀକରଣ ଓ ଆବଣ୍ଟନ (ଉଠା ଦୋକାନୀ ବ୍ୟତୀତ) ନୂତନ ଭାବେ ଭାଗ ନେବାକୁ ଚାହୁଁଥିବା ବ୍ୟବସାୟୀ ଏବଂ ଅନୁଷ୍ଠାନ ପାଇଁ | ତା29.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |
| 6. ଉଠା ଦୋକାନୀ ପଞ୍ଜୀକରଣ ଓ ଅନୁମତି ପତ୍ର ପ୍ରଦାନ | ତା01.11.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |

**ବିଶେଷ ଦ୍ରଷ୍ଟବ୍ୟ**

- ଅପ୍ରାଧିକୃତ ଭାବେ ବାଲିଯାତ୍ରା ପଡ଼ିଆରେ କୌଣସି ବ୍ୟବସାୟୀଙ୍କୁ ବ୍ୟବସାୟ କରିବା ପାଇଁ ସୁଯୋଗ ଦିଆଯିବ ନାହିଁ ଏବଂ ଏହା ଆଇନ ଅନୁଯାୟୀ ଦଣ୍ଡନୀୟ ହେବ।
- ସ୍ଥାନ ଆବଣ୍ଟନ ସଂକ୍ରାନ୍ତୀୟ ସମସ୍ତ ବିଷୟରେ ଜିଲ୍ଲା ଆବଣ୍ଟନ ସବ୍ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ମାନ୍ୟ ହେବ।

**ସ୍ୱା./- ଜିଲ୍ଲାପାଳଙ୍କ ଆଦେଶକ୍ରମେ**

**ସବ୍‌କଲେକ୍ଟର ସଦର ତଥା ନୋଡାଲ ଅଫିସର ବାଲିଯାତ୍ରା 2019, କଟକ**


# ବ୍ରାହ୍ମଣୀଗୁଡ଼ା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ସିନାପାଲି,୧୯।୧୦ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅଧୀନ ବ୍ରାହ୍ମଣୀଗଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ମାଁ ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରାହ୍ମଣୀଗୁଡ଼ା କ୍ଲଷ୍ଟର ସିଆର୍‌ସିସି ଖଗେଶ୍ୱର ନାଗ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପୀତବାସ



ବ୍ରାହ୍ମଣୀଗୁଡ଼ା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ମାଝି, ୱାର୍ଡ ସଭ୍ୟା କସ୍ତୁରା ବଞ୍ଜାରା, ଶିକ୍ଷକ ଭୋଳାନାଥ ଧାକଡ, ପୂର୍ବତନ ସିଆର୍‌ସିସି କିଶୋର କୁମାର ସାହୁ, କଳା ଶିକ୍ଷକ ଧନେଶ୍ୱର ରାଉତ, ବରିଷ୍ଠ ବ୍ୟକ୍ତି ନୃପରାଜ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁରଭୀ କାର୍ଯ୍ୟକ୍ରମ ଏକ ପ୍ରମୁଖ ମାଧ୍ୟମ ବୋଲି କରିଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ, ବକ୍ତୃତା, ପ୍ରବନ୍ଧ ଲିଖନ, କୁଇଜ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ସଂଗୀତ, ହସ୍ତାକ୍ଷର ଲିଖନ, ଶ୍ରୁତଲିଖନ, ଚିତ୍ରକଳା ଓ ଶିଳ୍ପକଳା ଆଦି ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବ୍ରହ୍ମାକୁମାରୀ ଉର୍ମିଳା ଦେବୀଙ୍କ ପ୍ରବଚନ କାର୍ଯ୍ୟକ୍ରମ

**ବେଲପାହାଡ଼,୧୯।୧୦ (ଡି.ଏନ୍.ଏ)**

ବେଲପାହାଡ଼ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ସେବାକେନ୍ଦ୍ର ଉପବନଠାରେ ସୋମବାରରୁ ବୁଧବାର ପର୍ଯ୍ୟନ୍ତ ଚିନ୍ତାମୁକ୍ତି ଶାଦତୀ ଅନୁଭୂତି ଶିବିର ଆୟୋଜିତ ହେବ। ଉକ୍ତ ଶିବିରରେ ମାଉଣ୍ଟଆବୁର ରାଜଯୋଗିନୀ ତଥା ବରିଷ୍ଠ ପ୍ରଶିକ୍ଷିକା ବ୍ରହ୍ମାକୁମାରୀ ଉର୍ମିଳା ଦେବୀ ପ୍ରବଚନ ଦେବେ। ରବିବାର ସନ୍ଧ୍ୟାରେ ଶିବିର ଉଦ୍‌ଘାଟନ ହେବ। ସୋମବାର ନିଜସ୍ୱ ଅନୁଭୂତି ଓ ପରମ ସତ୍ୟକୁ ଚିହ୍ନିବା, ମଙ୍ଗଳବାର ଭାରତର ପ୍ରାଚୀନ ରାଜଯୋଗ ଓ ସମୟକୁ ଚିହ୍ନିବା ଏବଂ ବୁଧବାର ସମ୍ବନ୍ଧରେ ମଧୁରତା ଓ କର୍ମର ଗହନ ଗତି ବିଷୟକୁ ନେଇ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସ୍ଥାନୀୟ ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ପରିଚାଳିକା ଶିଖା ଭଉଣୀ ପ୍ରକାଶ କରିଛନ୍ତି।

ଅଜନାରେ ରୋଗ୍‌ରେ ପୀଡ଼ିତ ପୀତାମ୍ବର

# ଚିକିତ୍ସା ସାହାଯ୍ ଆଶ୍‌ରେ ଗରିବ୍ ମା'ବାପ

**କୋକସରା, ୧୯।୧୦ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଁଚେତ୍ ମୁଟୁରାବାହାଲ ଗାଁର ବିରଞ୍ଚି ନାଗଙ୍କର ପୁଓ ପୀତାମ୍ବର(୯)। ସେ ଜନମୁ ଠିକ୍‌ଠାକ୍ ଥିଲାବେଲେ ଦୁଇ ବଛର ଉତାରୁ ସେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପଡ଼ଲେ। ଦିନୁ ଦିନ୍‌କେ ରୋଗ୍ ପରଭାବରେ ସେ ଠିଆ ହେଇ କି ଚାଲବୁଲ କରି ନାଇଁପାରଲେ। ଗରିବ୍ ମା'ବାପ୍ ଆସର ପାସର ଡାକ୍ତରଖାନାରେ ଚିକିଛା କଲେ। ହେଲେ ଟଁକା ପଏସା ଅଭାବୁ ପୁଓର ଉଚ ଚିକିଛା ରେଇ ନାଇଁ ପାରବାର।

ସୂଚନା ଅନ୍‌ସାରେ ଲଡୁଗାଁ ପଁଚେତ୍ ମୁଟୁରାବାହାଲ ଗାଁର ବିରଞ୍ଚି ନାଗଙ୍କର ପରିବାର କହେଲେ



ଦିବ୍ୟାଙ୍ଗ ପୀତାମ୍ବର।

ମାଏକିନା ଆର ଦୁଇ ପୁଓକେ ନେଇ ସଁସାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ବିରଞ୍ଚି କୁଲିମଜୁରି କରି କୁଟୁମ ପୁଷୁଛନ୍। ପରିବାରରେ ଅଭାବ ଅନାଟନ ସବୁବେଲେ ଲାଗି ରହୁଛେ। ଏନ୍‌ତାଥି ସେ ପୁଓର ଉଚ ଚିକିଛା କରେଇ ନାଇଁପାରବାର। ପୀତାମ୍ବରକଁର ଉଚ ଚିକିଛା କରାଗଲେ ହୁଏତ ସେ ଫେନ୍‌ଘାଏ ନିଜର ଗୁଡ଼େ ଠିଆ ହେଇ ଚାଲବୁଲ, ଖେଲାବୁଲା କରିପାରତେ। ହେଲେ ଗରିବ୍ ମା'ବାପ୍ ପୁଓର ଉଚ ଚିକିଛା କରାବାକେ ସକ୍ଷମ ନୁହଁନ୍, ହରମେଶା ସେମାନେ ନିଜର ଭାଏଗ୍‌କେ ଗାଲି ଦେଉଛନ୍। ଇଆଡ଼େ ପୀତାମ୍ବରକଁର ଗଧାମଖା, ଖିଆପିଆ, ଝାଡ଼ାଝପଟ ସବୁପରକାର ସେବାଯତନ ମା' କରୁଛନ୍। ପୀତାମ୍ବର ସରକାରୀ ଯୋଜନାରେ ମାସିକ ୫ ଶହ ଟଁକା ଭିନ୍ନକ୍ଷମ ଭତା ପାଉଛନ୍ ସତ୍, ହେଲେ ତାକର ଘରର ଅବସ୍ତା ନାଇଁ କହେବାର ଭଲ। ପୀତାମ୍ବରକଁର ବାପା ଆବାସ ଯୋଜନାରେ ଘର ଖଁଡ଼େ ପାଏବାର ଆଶ୍‌ରେ ଥାନୀଅ ସରପଁଚ୍‌ନୁ ବିଧାୟକ ତକ୍ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇଆଡ଼େ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍‌ଦୁଖି, ଭିନ୍ନକ୍ଷମମାନକୁ ଅନେକ ଯୋଜନାରେ ସାମିଲ କରି ସାହାଯ୍ ଯୁଗେଇ ଦେଉଛନ୍। ହେଲେ ପୀତାମ୍ବର ଆର ତାକର ପରିବାର ଆଏଜ୍ ବି ଅନେକ ସରକାରୀ ସୁବିଧାରୁ ବଁଚିତ୍ ହେଇ ରହିଛନ୍। ଇ ବାବ୍‌ଦେ କୋକସରା ବିଡିଓ ବସନ୍ତ କୁମାର ସେଠୀଙ୍କୁ ପଚରାଲାରୁ ମୋର ପାସେ ଖବର ନାଇଁଥାଇ। ପୀତାମ୍ବରକଁର ଚିକିଛା ଲାଗି ବେବସ୍ତା କରାଯିବା ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ କଳାହାଣ୍ଡି ସିଡିଏମଓ ବନଲତା ଦେବୀଙ୍କୁ ପଚରାଲାରୁ କୋକସରା ମେଡିକାଲ ଅଫିସରଙ୍କୁ ଘଟନାର ତଦଁତ୍ ଲାଗି ପଠାମି। ପୀତମ୍ବରଙ୍କୁ ରାଷ୍ଟ୍ରୀୟ ବାଲ୍ୟ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରି ଚିକିଛା ସୁବିଧା ଯୁଗେଇ ଦେବାର ବେବସ୍ତା କରାଯିବା ବଲି ସେ କହିଥିଲେ।



"ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ସଟ୍ଟା ଚଢ଼ାଉ, ଜଣେ ଗିରଫ

ଲୋଇସିଂହା,୧୯।୧୦(ଡି.ଏନ.ଏ.): ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଗ୍ରାମରେ ସଟ୍ଟା ଖେଳ ଚାଲିଥିବାବେଳେ ପୋଲିସ ଚଢାଉ କରି ଶନିବାର ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଗୋପଳ କଲେତା। ରବିବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଲଲିତା ଲାକ୍ରା ପ୍ରକାଶ କରିଛନ୍ତି। ପୋଲିସ ସୂଚନାମତେ, ସନ୍ଧ୍ୟାରେ ଲୋଇସିଂହା ପୋଲିସ ବୁର୍ଡା ଗ୍ରାମର ହରିଜନ ପଡାରେ ସଟ୍ଟା ଖେଳ ଚାଲୁଥିବାବେଳେ ଚଢାଉ କରିଥିଲା। ସେଠାରେ ଗୋପଳ କଲେତଙ୍କଠାରୁ ସଟ୍ଟା ପଟେ, ୧୪ଶହ ଟଙ୍କା, ଏକ ମୋଇବାଲ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା । ସେହିପରି ଗ୍ରାମର ହାଇସ୍କୁଲ ଖେଳ ପଡିଆରେ ସଟ୍ଟା ଲେଖା ଚାଲିଥିବାବେଳେ ପୋଲିସ ଚଢାଉ କରାଯାଇଥିଲା । ଘଟଣାସ୍ଥଳରୁ ସଚ୍ଚି ଭୋଇ ଫେରାର ହୋଇଯାଇଥିଲେ । ଏଏସଆଇ ଆନନ୍ଦ କୁମାର ନାଏକଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଛି ।

### ଆଞ୍ଚଳିକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଖପ୍ରାଖୋଲ, ୧୯।୧୦ (ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଚାଉଲବାଂଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆଞ୍ଚଳିକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସିଆରସିସି ଶାନ୍ତନୁ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ମହରାପଦର ସରପଞ୍ଚ ନଳିନୀ ମେହେର, ସମ୍ମାନିତ ଅତିଥି ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ମଞ୍ଜୁଲତା ନିଆଲ, ପ୍ରଧାନ ଶିକ୍ଷକ ସୁରୁଲାଲା ବାଗ, ନମିତା ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାଚ, ଗୀତ, ବକ୍ତୃତା, ଓଡିଆ ହସ୍ତାକ୍ଷର ଓ ଶ୍ରୁତ ଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ,ତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ ଆଦି ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆଗାମୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେଇ ପାରିବେ। ଅନ୍ୟମାନଙ୍କ ମଧ୍ୟରେ ବିଚାରକଭାବେ ଚେତନିକା ସିଂ, ପୂର୍ଣ୍ଣଚନ୍ଦ୍ର ଭୋଇ, ଜଗନ୍ନାଥ ପାଣ୍ଡେ, ଚନ୍ଦ୍ରକାନ୍ତ ଧରୁଆ, ଦୀପା ମହାଲିଙ୍ଗ, ସମୀର ନାଗ, ବିକ୍ରମ ମେହେର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ଧରମ ସିଂ ଧରୁଆ ମଞ୍ଚ ପରିଚାଳନା କରିଥିଲେ।

# ବଲାଙ୍ଗୀର ପୁସ୍ତକ ମେଳା ଉଦ୍‌ଯାପିତ

## ନିରାମୟ ସମାଜ ଗଠନରେ ଭାଗବତ ଟୁଙ୍ଗିର ଭୂମିକା ଅନନ୍ୟ

ବଲାଙ୍ଗୀର ଅଫିସ, ୧୯।୧୦

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଅନୁଷ୍ଠିତ ପ୍ରଥମ ଜିଲାସ୍ତରୀୟ ପୁସ୍ତକ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ନିରାମୟ ସମାଜ ଗଠନରେ ଭାଗବତ ଟୁଙ୍ଗୀର ଭୂମିକା ଅନନ୍ୟ ଆଲୋଚନା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ପୁସ୍ତକ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ସାରସ୍ୱତ ସଭାରେ ଜିଲାପାଳ ଅରିନ୍ଦମ ଡାକୁଆ ଅଧ୍ୟକ୍ଷତା କରିଥିଲେ। ବରେଣ୍ୟ ଅତିଥିଭାବେ ମହିଳା, ଶିଶୁବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ଯୋଗଦାନ କରି ସମାଜରେ ଆଧ୍ୟାତ୍ମିକତାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ବିଶିଷ୍ଟ ଐତିହାସିକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ନନ୍ଦ ତାଙ୍କ ବକ୍ତବ୍ୟରେ ନିରାମୟ ସମାଜର ରୂପ ରେଖ ଓ ଭାଗବତ ଟୁଙ୍ଗୀର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ରସରାଜ ଅଚ୍ୟୁତ ପୁରୋହିତ ସଭା ସଞ୍ଚାଳନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ସ୍ୱାଗତ ବକ୍ତବ୍ୟ ଓ ଶେଷରେ ଧନ୍ୟବାଦ ଦେଇଥିଲେ।



ଆନ୍ତର୍ଜାତିକ କ୍ରୀଡା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଆନନ୍ଦିନୀ ଦର୍ଜିଙ୍କୁ ମନ୍ତ୍ରୀ ଟୁକୁନି ସାହୁ ସମ୍ମାନିତ କରୁଛନ୍ତି ।

ଆନ୍ତର୍ଜାତିକ କ୍ରୀଡା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଆଥଲେଟ ଆନନ୍ଦିନୀ ଦର୍ଜି ଏବଂ ସାରସ୍ୱତ ସାଧକ ନରସିଂହ ପ୍ରସାଦ ଗରୁ ବରିଷ୍ଠ ନାଗରିକ ସମ୍ମାନପ୍ରାପ୍ତ ହୋଇଥିଲେ। ଏହି ଅବସରରେ ସେମାନଙ୍କୁ ସମ୍ମାନୀତ କରାଯାଇଥିଲା। ସଭା ପରେ ଅନୁଷ୍ଠିତ ହୋଇଥିଲା ହାସ୍ୟ କବି ସମ୍ମିଳନୀ। ଶ୍ରୋତାମାନେ ରସରାଜ ଅଚ୍ୟୁତ ପରୋହିତ, ହାସ୍ୟକବି ନିତିଶ କୁମାର ଆଚାର୍ଯ୍ୟ, ହରିଲାଲ ସାହୁ, ମୁନୀରାମ କୁମ୍ଭାର, ମନୋରଞ୍ଜନ ଲୁହା, ଅର୍ଜୁନ କୁମାର ସାହୁ ଏବଂ ରାଜେଶ ଦଣ୍ଡସେନାଙ୍କ କବିତାରେ ବିମୁଗ୍ଧ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ପୁସ୍ତକ ମେଳାରେ ଯୋଗ ଦେଇଥିବା ପ୍ରକାଶ ତଥା ପୁସ୍ତକ ବିକ୍ରେତା, ପ୍ରତ୍ୟହ ସାଂସ୍କୃତିକ ବିଚିତ୍ରାରେ ଭାଗ ନେଇଥିବା ସାଂସ୍କୃତିକ ଦଳମାନଙ୍କୁ ସମ୍ମାନିତ କରାଯାଇଥିଲା ।

## ଫଟୋରେ ଖବର




ବଲାଙ୍ଗୀର ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ବୁକ୍ ଷ୍ଟଲରେ ପାଠକଙ୍କ ଭିଡ ।



ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ସଭାରେ ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ।
(ଫଟୋ: ସୁନୀଲ)




ଆୟୋଜିତ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ତୁଷୁରା କଳାକାରଙ୍କ ଗୁଡକା ନାଚ ପରିବେଷଣ ।

### ହାତୀ ଦଳିଦେଲେ ଫସଲ

ଉଲୁଣ୍ଡା, ୧୯।୧୦(ଡି.ଏନ.ଏ.)

ଉଲୁଣ୍ଡା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ବିଳମ୍ବିତ ରାତ୍ରୀରେ ହାତୀ ପଲ ଆସି କ୍ଷେମାଲୋଏ ଗ୍ରାମର ଜଗ ସେଠଙ୍କ ୧ ଏକର, ଶିବ ବାଗଙ୍କ ଅଧ ଏକର, ବିଁଶି ସାହୁଙ୍କ ଅଧଏକର, ମୁକ୍ରୁ ବାଗଙ୍କ ଅଧଏକର ଓ ପବିତ୍ର ପାତ୍ରଙ୍କ ପ୍ରାୟ ଅଧ ଏକର ଧାନ ଖାଇବା ସହିତ ଦଳି ଚକଟି ନଷ୍ଟ କରଦେଇଥିବା ଜଣା ପଡିଛି।

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT: SAMBALPUR (ODISHA),
PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in
CIN : U40101OR1995SGC003963
OHPC ISO : 9001, 14001, 18001 Certified
CAD-483

No. HHEP /C & P – 1 / 7288 Date: 17.10.2019

**NOTICE INVITING TENDER No. HHEP-55/2019**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers /authorized dealers / channel partners / reputed suppliers for supply of the following material as mentioned below.

| Sl. No. | Description | Cost of tender paper (non-refundable) in Rs. | EMD (Refundable) in Rs. |
|---|---|---|---|
| 1 | 2 | 3 | 4 |
| 1 | Supply of different type of hardware and electrical materials for Burla Power House | Rs. 4,720/- (Rs. 4,000/- + GST @18%) | Rs. 5,350/- |

Period of sale of tender : Dt. 22.10.2019 to 05.11.2019 upto 05:00 PM
Last date & time for submission of tender : Dt. 06.11.2019 upto 01:00 PM
Due date & Time for opening of Technical bid : Dt. 06.11.2019 at 03:30 PM
Date & Time of opening of price bid will be intimated later to the technically qualified bidders.
For details and further correspondence / corrigendum, please visit our website www.ohpcltd.com.

Sd/-
C & P Head, HHEP, Burla

04007/11/0028/1920

ଏକତାରା କଳାକେନ୍ଦ୍ରରେ ନୂଆଁଖାଇ ଭେଟ୍‌ଘାଟ୍

# ଏକତା ଡୋରିରେ ବାନ୍ଧିରଖେ ନୂଆଁଖାଇ

ଟିଟିଲାଗଡ, ୧୯।୧୦ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡର ଏକତାରା କଳାକେନ୍ଦ୍ରର ନୂଆଁଖାଇ ଭେଟ୍‌ଘାଟ ଶିରଭଟା ଛକରେ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆୟୋଜିତ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଗୋବର୍ଦ୍ଧନ ନାଗ, ସମ୍ମାନୀତ ଅତିଥି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ନୂଆଁଖାଇ ସମସ୍ତଙ୍କୁ ଏକତାର ଡୋରିରେ ବାନ୍ଧି ରଖିଥାଏ ବୋଲି ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗଗନ ବାଗ ଓ କିଶୋରୀ ମହାନନ୍ଦ ପରିବେଷଣ କରିଥିଲେ । ଏହାପରେ ତୁଷରାର ଗୁଡକା ନାଚ, ଜ୍ୟୋତି ଗ୍ରୁପ, ଯୋଗେନ୍ଦ୍ର ପଟ୍ଟନାୟକ ଗ୍ରୁପ ଏବଂ ମଣ୍ଟୁ ବିଭାର ଗ୍ରୁପ ସମ୍ବଲପୁରୀ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା । ସମ୍ପାଦକ ଅରୁଣ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରାମଗୋପାଳ ମହତୋ, ଜୟନ୍ତ ଟାକ୍ରି, ହିମାଂଶୁ ନାଗ, ଅରୁଣ ତାଣ୍ଡି, ଅନୀଲ ତାଣ୍ଡି, ବିରୁନ ସୁନା, ଅନ୍ୱେଷା ନାଗ, ସଞ୍ଜୀବ ବିଶ୍ୱାଳ, ଅଶୋକ କୁମାର ନାଗଙ୍କ ସମେତ ଅନୁଷ୍ଠାନର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ଓଡ଼ିଶା ସରକାର
## ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

File No.COL/JAJ/VIIL–40/2018/418 /LA(Civil) dated:14.08.2019

No.XXIV-34 :- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩(RFCTLAR & R Act,୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ସାଦକପୁର, ଥାନା-କୋରେଇ, ନଂ-୫୦, ତହସିଲ-ବ୍ୟାସନଗର, ଜିଲ୍ଲା-ଯାଜପୁରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି। ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩(RFCTLAR & R Act,୨୦୧୩)ର ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୫୨୭/ ତା୦୧।୦୯।୨୦୧୮ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ସାଦକପୁର, ଥାନା-କୋରେଇ, ନଂ.୫୦, ତହସିଲ-ବ୍ୟାସନଗର, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.jajpur.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳପଥ, ଚଣ୍ଡୀଖୋଲ, ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

ଜିଲ୍ଲା:ଯାଜପୁର (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ:ବ୍ୟାସନଗର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସାଦକପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨.୭୪୦ | ଏ.୦.୪୬୫ | ଏଥି ସହିତ ସଂଲଗ୍ନ ଅଛି |

**ତଫସିଲ-ଖ**

ଜିଲ୍ଲା:ଯାଜପୁର (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) ତହସିଲ:ବ୍ୟାସନଗର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ.୦୧।୧୧।୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-ଜିଲ୍ଲାପାଳ, ଯାଜପୁର

**ବ୍ୟକ୍ତିଗତ ଜମିର ତଫସିଲ**

ପ୍ରକଳ୍ପର ନାମ:ଭଦ୍ରକ-ନିର୍ଗୁଣ୍ଡି ପର୍ଯ୍ୟନ୍ତ ୩ୟ ରେଳପଥ, ଗ୍ରାମ:ସାଧକପୁର, ଥାନା-କୋରେଇ, ଜିଲ୍ଲା:ଯାଜପୁର, ତହସିଲ-ବ୍ୟାସନଗର, ଥାନ ନଂ.୫୦

| ଖାତା ନଂ | ପ୍ଲଟ୍ ନଂ. | କିସମ | ଖାତା ରୟତଙ୍କ ନାମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଅଧିଗ୍ରହଣ ରକବା (ଏକରରେ) | ଆଂଶିକ/ ସମ୍ପୂର୍ଣ୍ଣ |
|---|---|---|---|---|---|---|
| ୨୯୮/୫୫ | ୯୭୭ | ସାରଦ-୨ | ଗୋଲାମ ବସ୍ତଗିରି ଖାଁ, ରବୁଲ ଖାଁ, ଓହିଦ ଖାଁ, ପି:ଗୋଲମ୍ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୨୧୦ | ୦.୦୬୩ | ଆଂଶିକ |
| ୧୪୧ | ୯୭୮ | ସାରଦ-୨ | ତୋରଫ ଖାଁ, ପି:ଲତିଫ ଖାଁ, ସଉବତ୍ ଖାଁ, ହକିମତ୍ ଖାଁ, ପି:ନୁର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୧୧୦ | ୦.୦୧୯ | ଆଂଶିକ |
| ୨୦ | ୯୭୯ | ସାରଦ-୨ | ଅସଗର ଖାଁ, ପି:ଆକବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୧୦ | ୦.୦୧୦ | ସମ୍ପୂର୍ଣ୍ଣ |
| ୨୭୪ | ୯୮୦ | ସାରଦ-୨ | ହନିଫ ଖାଁ, ଆବତ୍ ଖାଁ, ହାସିମ ଖାଁ, ପି:ନଜିର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୩୩୦ | ୦.୦୭୭ | ଆଂଶିକ |
| ୨୮୩ | ୧୦୨୯ | ସାରଦ-୨ | ହସନ୍ ଖାଁ, ପି:ଡୋମନ ଖାଁ, ସଖାବତ୍ ଖାଁ, ପି-ଦିଲବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୧୦୦ | ୦.୦୨୫ | ଆଂଶିକ |
| ୨୯୮/୭୫ | ୧୦୩୧ | ସାରଦ-୨ | ଅବଦୁଲ ମହେମୁଦ୍ ଖାଁ, ପି:ଅବଦୁଲ ସତାର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୩୮୦ | ୦.୦୪୨ | ଆଂଶିକ |
| ୨୪୨ | ୧୦୩୩ | ସାରଦ-୨ | ସେକ୍ ଅବଦୁଲ ସମଦ୍, ପି:ସେକ୍ ହୟାତି, ଜାତି:ମୁସଲମାନ, ବା:ନିଜଗାଁ | ୦.୧୭୦ | ୦.୦୪୨ | ଆଂଶିକ |
| ୨୩୦ | ୧୦୩୫ | ସାରଦ-୨ | ଲତିଫ ଖାଁ, ପି:ସୁଲତାନ ଖାଁ, ସୋବନ୍ ଖାଁ, ପି:ରହେମାନ ଖାଁ, କବାଲି ଖାଁ, ପି-ଅମିର ଖାଁ, ବସିର୍ ଖାଁ, ଗୋଲାପ ଖାଁ, ପି:ହବିପ୍ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୪୦ | ୦.୦୧୦ | ଆଂଶିକ |
| ୨୩୦ | ୧୦୩୭ | ସାରଦ-୨ | ଲତିଫ ଖାଁ, ପି:ସୁଲତାନ ଖାଁ, ସୋବନ୍ ଖାଁ, ପି:ରହେମାନ ଖାଁ, କବାଲି ଖାଁ, ପି-ଅମିର ଖାଁ, ବସିର୍ ଖାଁ, ଗୋଲାପ ଖାଁ, ପି:ହବିପ୍ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୪୦ | ୦.୦୪୦ | ସମ୍ପୂର୍ଣ୍ଣ |
| ୧୦୫ | ୧୦୩୮ | ସାରଦ-୨ | ଜଏନୁଲା ଆବେଦିନ ଖାଁ, ପି:ସାବତ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୮୬୦ | ୦.୦୩୫ | ଆଂଶିକ |
| ୨୮୩ | ୧୦୩୯ | ସାରଦ-୨ | ହାସାନ ଖାଁ, ପି:ଡୋମନ ଖାଁ, ସଖାବତ୍ ଖାଁ, ପି-ଦିଲବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୩୩୦ | ୦.୦୪୬ | ଆଂଶିକ |
| ୨୮୩ | ୧୦୩୦ | ସାରଦ-୨ | ହସନ୍ ଖାଁ, ପି:ଡୋମନ ଖାଁ, ସତ୍ୟାବତ ଖାଁ, ପି-ଦିଲବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୧୧୦ | ୦.୦୨୧ | ଆଂଶିକ |
| ୧୨୯ | ୧୦୪୦ | ସାରଦ-୨ | ସେକ୍ ତଜ୍‌ମୁଲ, ପି:ଏସକେ ସୋବାନ, କରିମନ୍ ନିଶା ବିବି, ସ୍ୱା:ସେକ୍ ସୋବାନ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୫୦ | ୦.୦୩୫ | ଆଂଶିକ |
| | | | | ମୋଟ | ୦.୪୬୫ | |

24163/14/0007/1920

# ଶିଶୁ ମହୋତ୍ସବ ସୁରଭି: ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର



ଲାଠୋର ଠାରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ଯୋଗାଦେଇ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ।



ସଇଁତଳା ବ୍ଲକ ଟିକ୍ରାପଡା ପଞ୍ଚାୟତ ଅଧୀନ କୁଡାସିଂହା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କ୍ଲଷ୍ଟର ସ୍ତରୀୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା ।

ଗୁଡଭେଲା,୧୯।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଶିକ୍ଷା ବିଭାଗ ଅଧୀନ ଜାମୁଟ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ପରିଚାଳନା କମିଟି ସଭାପତି ମାଧୁରୀ ମୁଦୁଲିଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷା, ସଂସ୍କୃତି ଓ ଖେଳ ବିଭାଗର ବ୍ଲକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶିଶୁ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସିଆରସିସି କୈଳାସ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଚିତ୍ରାଙ୍କନ, ବକ୍ତୃତା, ସାଧାରଣଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଦୋଳଗୋବିନ୍ଦ ସାହୁ ମଞ୍ଚ ପରିଚାଳନ କରିଥିବା ବେଳେ ସଞ୍ଜୀବ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶହେଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତି ପ୍ରତିଯୋଗୀମାନେ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଆୟୋଜକଙ୍କଠାରୁ ପ୍ରକାଶ ।

### ଅଂଶଗ୍ରହଣ କଲେ ଶହେ ପ୍ରତିଯୋଗୀ

ଲାଠୋର (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶନିବାର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲାଠୋରଠାରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୁଞ୍ଜ ବିହାରୀ ସରାପଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନିକେତନ ବରିହା, ସମ୍ମାନିତ ଅତିଥି ପୂର୍ବତନ ସିଆରସିସି ସଚ୍ଚିକାନ୍ତ ପାଣିଗ୍ରାହୀ, ଜାମଟୁଆଁ ସିଆରସିସି ମୁକୁନ୍ଦଲାଲ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ବିଭୁଷିନୀ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା, ବରିଷ୍ଠ ଶିକ୍ଷକ ସର୍ବେଶ୍ୱର ମିଶ୍ର ଏବଂ ନାରାୟଣ କିଷାନ ଯୋଗଦେଇ ସୁରଭି କାର୍ଯ୍ୟକ୍ରମର ଅଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଲାଠୋର କ୍ଲଷ୍ଟରର ୧୨ଟି ବିଦ୍ୟାଳୟର ବରିଷ୍ଠ ଓ କନିଷ୍ଠ ବିଭାଗରୁ ମୋଟ ୧୦୦ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବିଭାଗ ପ୍ରବନ୍ଧ ପ୍ରତିଯୋଗିତାରେ ସାନଗୁର୍ଜିଭଟା ପ୍ରାଥମିକ ବିଦ୍ୟାଳୟର ଛାତ୍ର ରାହୁଲ ତାଣ୍ଡି, ଚିତ୍ରାଙ୍କନରେ ରେବତୀ ଧରୁଆ, ସୃଜନଶିଳ ଲିଖନରେ ରାହୁଲ ତାଣ୍ଡି, ବକ୍ତୃତାରେ ମୀରା ଭୋଇ, ଚିତ୍ରାଙ୍କନରେ ରେବତୀ ଧରୁଆ, ବିତର୍କରେ ଶ୍ରୀଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟର କଲ୍ୟାଣି ତାଣ୍ଡି, ସଙ୍ଗୀତରେ ଦୀପାଞ୍ଜଳି ରଣା, କୁଇଜରେ ନୋଡାଲ ପ୍ରକଳ୍ପ ବିଦ୍ୟାଳୟର ଅଞ୍ଜଳି ନାଗ ଓ ସାସ୍କୃତିକ କାର୍ଯ୍ୟକ୍ରମରେ ଶ୍ରୀଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେହିପରି କନିଷ୍ଠ ବିଭାଗରେ ବକ୍ତୃତାରେ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କଲ୍ୟାଣୀ ମେହେର, ଚିତ୍ରାଙ୍କନରେ ଜୟନ୍ତି କୁମ୍ଭାର, କୁଇଜରେ କଲ୍ୟାଣୀ ମେହେର, ସୃଜନଶୀଳ ଲିଖନରେ ସାନଗୁର୍ଜିଭଟା ବିଦ୍ୟାଳୟର ରଶ୍ମିତା ନାଗ, ସଙ୍ଗୀତରେ ନୀଳାମ୍ବର କୁମ୍ଭାର, ହସ୍ତାକ୍ଷରରେ ରଶ୍ମିତା ନାଗ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ କ୍ଲଷ୍ଟରସ୍ତରୀୟ ସମସ୍ତ ବିଦ୍ୟାଳୟର ସମସ୍ତ ଗାଇଡ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ। ମଞ୍ଚ ପରିଚାଳନା ଶିକ୍ଷକ କାହ୍ନା ମେହେର କରିଥିବା ବେଳେ ଧନ୍ୟବାଦ ଦେଇଥିଲେ କୋଦଣ୍ଡ ନାଏକ।

### ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ଉଦ୍ୟମ ଆବଶ୍ୟକ

ଟିକ୍ରାପଡା, (ଡି.ଏନ.ଏ.)

ସଇଁତଳା ବ୍ଲକ ଟିକ୍ରାପଡା ପଞ୍ଚାୟତ ଅଧିନ କୁଡାସିଂହା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଟିକ୍ରାପଡା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ୱାର୍ଡସଭ୍ୟ ବେଦସର୍ବା ଦେଓ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପୂର୍ବତନ ସରପଞ୍ଚ ଟଙ୍କଧର ଧରୁଆ, କ୍ରୀଡାବିତ୍ ସୁଶାନ୍ତ ବେହେରା ଅତିଥିଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ପ୍ରାଣବନ୍ଧୁ ଦେଓ ସଭାରେ ଅଧ୍ୟକ୍ଷତା କରିଥିଲେ। ସିଆରସିସି ଶୋଭାକର ପାଢୀ ସଭା ସଂଯୋଜନା କରିଥିଲେ । ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । କ୍ଲଷ୍ଟର ଅନ୍ତର୍ଗତ ୧୦ଟି ବିଦ୍ୟାଳୟର ୧୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ, ଗୀତ, ପ୍ରବନ୍ଧ, ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଧନେଶ୍ୱର ମାଝି ଅତିଥି ପରିଚୟ ଓ ନବିନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

ମଦ୍ୟପାନ ଯେକୌଣସି ଦୁଷ୍କର୍ମ ପାଇଁ ପଥ ପରିଷ୍କାର କରିଦିଏ।
- ଫ୍ରାନ୍ସିସ୍ କ୍ୱାର୍ଲସ



## ସଂକ୍ଷେପରେ

### ଛଟ୍ ପୂଜା ପ୍ରସ୍ତୁତି ବୈଠକ

ବେଲପାହାଡ଼,୧୯।୧୦ (ଡ଼ି.ଏନ୍.ଏ) ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗୁମାଡ଼େରାରେ ପ୍ରତିବର୍ଷ ବିହାରୀ ସମାଜ ପକ୍ଷରୁ ଛଟ୍ ପୂଜାକୁ ଗଭୀର ଆସ୍ଥା ଓ ବିଶ୍ୱାସର ସହିତ ପାଳନ କରାଯାଇଥାଏ। ଗୌରୀଶଙ୍କର ମନ୍ଦିରରେ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମିଟିର ସମସ୍ତ ସଦସ୍ୟ ଯୋଗ ଦେଇ ପୂଜା ଆୟୋଜନ ବ୍ୟବସ୍ଥାକୁ ନେଇ ଆଲୋଚନା କରିଥିଲେ। ଏଥିସହିତ କମିଟି ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଚଳିତ ବର୍ଷ କମିଟିରେ ସୁଧୀର ସିଂ ସଭାପତି, ଶ୍ରୀରାମ ଦୁବେ ଉପସଭାପତି, ମୁନୁ ପ୍ରସାଦ ସମ୍ପାଦକ, ଆନନ୍ଦ ଦୁବେ ସହସମ୍ପାଦକ, ଅମନ ମହାରାଜ କୋଷାଧ୍ୟକ୍ଷ, ନୁନୁ ଝା ସହକୋଷାଧ୍ୟକ୍ଷ ଓ ସୁରେଶ ସିଂ ସଙ୍ଗଠକ ଭାବରେ ମନୋନୀତ ହୋଇଛନ୍ତି। ଆସନ୍ତା ୩୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଛଟ୍ ପୂଜା ପାଳନ ହେବ। ଏହି ଅବସରରେ ଗୁମାଡ଼େରା ବଡ଼ କଁଟା ନିକଟରେ ପୂଜା ମଣ୍ଡପ ଓ ସୂର୍ଯ୍ୟ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ଶ୍ରଦ୍ଧାଳୁ ଜଳାଶୟରେ ଅସ୍ତଗାମୀ ସୂର୍ଯ୍ୟ ଓ ଉଦୀତ ସୂର୍ଯ୍ୟଙ୍କୁ ପ୍ରଥମ ଓ ଦ୍ୱିତୀୟ ଅର୍ଘ୍ୟ ଅର୍ପଣ କରନ୍ତି। ଏହାପରେ ପୂଜା ମଣ୍ଡପକୁ ଆସି ସୂର୍ଯ୍ୟ ଦେବତାଙ୍କ ନିକଟରେ ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି।

### ବ୍ରହ୍ମାକୁମାରୀ ଉର୍ମିଳା ଦେବୀଙ୍କ ପ୍ରବଚନ କାର୍ଯ୍ୟକ୍ରମ

ବେଲପାହାଡ଼,୧୯।୧୦ (ଡ଼ି.ଏନ୍.ଏ) ବେଲପାହାଡ଼ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ସେବାକେନ୍ଦ୍ର ଉପବନଠାରେ ସୋମବାରରୁ ବୁଧବାର ପର୍ଯ୍ୟନ୍ତ ଚିନ୍ତାମୁକ୍ତି ଶାଦତୀ ଅନୁଭୂତି ଶିବିର ଆୟୋଜିତ ହେବ। ଉକ୍ତ ଶିବିରରେ ମାଉଣ୍ଟଆବୁର ରାଜଯୋଗିନୀ ତଥା ବରିଷ୍ଠ ପ୍ରଶିକ୍ଷିକା ବ୍ରହ୍ମାକୁମାରୀ ଉର୍ମିଳା ଦେବୀ ପ୍ରବଚନ ଦେବେ। ରବିବାର ସନ୍ଧ୍ୟାରେ ଶିବିର ଉଦ୍‌ଘାଟନ ହେବ। ସୋମବାର ନିଜସ୍ୱ ଅନୁଭୂତି ଓ ପରମ ସତ୍ୟକୁ ଚିହ୍ନିବା, ମଙ୍ଗଳବାର ଭାରତର ପ୍ରାଚୀନ ରାଜଯୋଗ ଓ ସମୟକୁ ଚିହ୍ନିବା ଏବଂ ବୁଧବାର ସମ୍ବନ୍ଧରେ ମଧୁରତା ଓ କର୍ମର ଗହନ ଗତି ବିଷୟକୁ ନେଇ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସ୍ଥାନୀୟ ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ପରିଚାଳିକା ଶିଖା ଭଉଣୀ ପ୍ରକାଶ କରିଛନ୍ତି।

### ବ୍ରିଜରୁ ପଡି ଯୁବକଙ୍କ ମୃତ୍ୟୁ

କୋଲାବିରା,୧୯।୧୦(ଡି.ଏନ.ଏ.) ଝାରସୁଗୁଡା ଜିଲା କୋଲାବିରା ଥାନା କୁଲିହାମାଲ ପଞ୍ଚାୟତ ଅନ୍ତର୍ଗତ କୁସୁମଡିହି ଗ୍ରାମର ସୁରେନ୍ଦ୍ର ମାଝି (୪୦)ଙ୍କ ବିଜ୍‌ରୁ ପଡି ମୃତ୍ୟୁ ଘଟିଛି। ସମାସିଂହା-ବଡବାହାଲ ମଝିରେ ପ୍ରବାହିତ ବଡନାଳା ଉପରେ ଥିବା ବ୍ରିଜ୍ ଧାରରେ ସେ ବସିଥିଲାବେଳେ ଏଭଳି ଅଘଟଣ ଘଟିଛି। କୋଲାବିରା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି।

### ଜିଏମ୍ ଜୁନିୟର କଲେଜର ୮ ଅଧାପକଙ୍କ ବଦଳି ପ୍ରସଙ୍ଗ

# ୭ ଦିନ ସମୟ ନେଲା ପ୍ରଶାସନ

**ସମ୍ବଲପୁର, ୧୯।୧୦ (ବ୍ୟୁରୋ)**


ଶନିବାର ସମ୍ବଲପୁର ଗଙ୍ଗାଧର ମେହେର ଜୁନିୟର କଲେଜ ଛାତ୍ରୀଛାତ୍ରମାନେ ଫାଟକ ରାସ୍ତାରେ ବିକ୍ଷୋଭ କରୁଛନ୍ତି ।

- ଖାଲି ପଦ ପୂରଣ ପାଇଁ ଅଡି ବସିଛନ୍ତି ଛାତ୍ରୀଛାତ୍ର
- ଜିଏମ୍‌ୟୁ ମୁଖ୍ୟ ଫାଟକରେ ତାଲା ମାରି, ରାସ୍ତାରୋକା
- ମନାଇ ପାରିଲେନି ପୋଲିସ ଅଧିକାରୀ
- ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କଲେ
- ଏଡିଏମ୍, ଏସପିଙ୍କ ସହ ୧୦ ଜଣିଆ ପ୍ରତିନିଧି ଦଳ ଆଲୋଚନା କଲେ

ସମ୍ବଲପୁର ଗଙ୍ଗାଧର ମେହେର ଜୁନିୟର କଲେଜର ୮ଜଣ ଅଧ୍ୟାପକଙ୍କ ବଦଳି ପ୍ରତିବାଦରେ ଛାତ୍ର ଆନ୍ଦୋଳନ ତେଜିବାରେ ଲାଗିଛି । ଶନିବାର ସକାଳ ୮ଟାରେ ଛାତ୍ରୀଛାତ୍ର ଜିଏମ୍‌ୟୁ ମୁଖ୍ୟ ଫାଟକରେ ତାଲା ମାରିବା ସହ ଫାଟକ ରାସ୍ତା ଅବରୋଧ କରିଥିଲେ । ଏହାପରେ ସେମାନେ ଅପରାହ୍ନ ୧୧ଟାରୁ ୧୨ଟା ୧୫ ମିନିଟ ପର୍ଯ୍ୟନ୍ତ ଗଙ୍ଗାଧର ମେହେର କଲେଜ ଛକ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଘଟଣା ସ୍ଥଳରେ ଏଏସ୍‌ପି ପ୍ରଦୀପ୍ତ ମହାପାତ୍ର, ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତାଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । କିନ୍ତୁ ଅଧ୍ୟାପକଙ୍କ ବଦଳି ସ୍ଥଗିତ ନ ହେବା ଯାଏ ସେମାନେ ଆନ୍ଦୋଳନରୁ ବିରତ ରହିବେ ନାହିଁ ବୋଲି ଚେତାବନୀ ଦେଇଥିଲେ । ଜିଲା ପ୍ରଶାସନର କୌଣସି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନ ଥିବାରୁ ଆନ୍ଦୋଳନକାରୀ ରାଲିରେ ସହର ପରିକ୍ରମା କରି ଜିଲାପାଳ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏକ ୧୦ ଜଣିଆ ଛାତ୍ର ପ୍ରତିନିଧି ଦଳ ପ୍ରତିନିଧି ଦଳ ରେଙ୍ଗାଲି ବିଧାୟକ ନାଉରି ନାୟକ, ପଶ୍ଚିମାଞ୍ଚଳ ଏକତା ମଞ୍ଚର ମାନସ ବକ୍ସି, ଭାଜପା ନେତା ସମୀର ରଞ୍ଜନ ବାବୁଙ୍କ ସହ ଅତିରିକ୍ତ ଜିଲାପାଳ (ଏଡିଏମ୍)ଲିଙ୍ଗରାଜ ପଣ୍ଡା, ଏସ୍‌ପି କନୱର ବିଶାଲ ସିଂ, ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ଭେଟି ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଦୀର୍ଘ ୨ଘଣ୍ଟା ଧରି ଆଲୋଚନା ହେବା ପରେ ଜିଲା ପ୍ରଶାସନ ୭ଦିନ ଭିତରେ ଅଧ୍ୟାପକ ବଦଳି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି

### ବନ୍ଦହେଲା ସମଲେଶ୍ୱରୀ ଖୋଲାମୁହଁ ଖଣି

# ଉଜୁଡିବ ବ୍ରଜରାଜନଗର ଅର୍ଥନୀତି ବ୍ୟବସ୍ଥା

**ବ୍ରଜରାଜନଗର, ୧୯।୧୦ (ଡି.ଏନ.ଏ)**

ବ୍ରଜରାଜନଗର ଅଞ୍ଚଳରେ ଭାରତ ସରକାରଙ୍କ ବୃହତ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହାନଦୀ କୋଇଲା କମ୍ପାନୀର ସମଲେଶ୍ୱରୀ ଖୋଲା ମୁହଁ ଖଣି ଚଳିତ ମାସ ୧୫ ତାରିଖରୁ ବନ୍ଦ ରହିଛି । ଫଳରେ ରୋଡ୍‌ସେଲ୍ କୋଇଲା ୪ ଦିନ ହେବ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି । ଏଣୁ ରୋଡ୍‌ସେଲ୍ କୋଇଲା ଉପରେ ନିର୍ଭର କରି ଚଳୁଥିବା ଟ୍ରକ୍ ଗୁଡିକ ଛିଡା ହୋଇ ରହିଛି। ବ୍ରଜରାଜନଗର ଟ୍ରକ୍ ଆସୋସିଏଶନ ଅଧୀନରେ କାର୍ଯ୍ୟ କରୁଥିବା ଶହ ଶହ ଗାଡି ମାଲିକ, ଡ୍ରାଇଭର, ହେଲପର, ସୁପରଭାଇଜର, ୟୁନିୟନର କର୍ମକର୍ତ୍ତାଙ୍କ ପରିବାର ଏବେ ଆର୍ଥିକ ଅନାଟନ ଦେଇ ଭୋକ ଉପାସରେ ରହିବେ । ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ଗାଡି ଆଣି ପରିବାର ପ୍ରତିପୋଷଣ କରିବାର ଲକ୍ଷ୍ୟ ରଖିଥିବା ଗାଡି ମାଲିକମାନେ ଏବେ ଚିନ୍ତାରେ । କାରଣ ବ୍ରଜରାଜନଗର ବଜାର ନିର୍ଭର କରୁଥିଲା ଟ୍ରକ ଚଳାଚଳ ଉପରେ । ଆଗକୁ ଦୀପାବଳୀ ଓ ଛଟପୂଜା ଭଳି ବଡପର୍ବ ଥିବା ବେଳେ କୋଇଲା ବନ୍ଦ ହେବା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ସମଲେଶ୍ୱରୀ ଖୋଲାମୁହଁ ଖଣି ପାଇଁ ଜାଗା ନ ଥିବା ପ୍ରେଜେକ୍ଟ ମ୍ୟାନେଜର ପ୍ରକାଶ କରିଛନ୍ତି । ପରିବେଶ, ଜଙ୍ଗଲ ବିଭାଗରୁ ଅନୁମତି ଆସିନାହିଁ । ତେଣୁ ପର୍ଯ୍ୟାପ୍ତ ପରିମାଣର କୋଇଲା ଉତ୍ପାଦନ ହୋଇ ପାରୁନାହିଁ । ଏସବୁ ସମସ୍ୟା ଉପରେ କୋଲ୍ ମନ୍ତ୍ରଣାଳୟକୁ ଲେଖା ଯାଇଛି । ପର୍ଯ୍ୟାୟକ୍ରମେ ଅନୁମତି ମିଳିଲେ ପୁନର୍ବାର କୋଇଲା ଉତ୍ପାଦନ ଆରମ୍ଭ କରାଯିବ । ଦୈନିକ ଶହେ ଟ୍ରକ୍ ରୋଡ୍‌ସେଲ୍ ବାବଦରେ ଦେବାପାଇଁ ପଚାରିବାରେ ହେଡ ଅଫିସ ଅନୁମତି ଦେଲେ ରୋଡ୍‌ସେଲ୍‌କୁ ଶହେ ଟ୍ରକ୍ କୋଇଲା ଦେବାରେ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ମ୍ୟାନେଜର ପି.କେ. ଦଳାଇ ପ୍ରକାଶ କରିଛନ୍ତି । ବ୍ରଜରାଜନଗର ସହରର ଅର୍ଥନୈତିକ ବ୍ୟବସ୍ଥାକୁ ଆଖି ଆଗରେ ରଖି କୋଇଲା କମ୍ପାନୀ ତରଫରୁ ସମସ୍ୟା ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୋକାନୀଙ୍କୁ ଆକ୍ରମଣ କରି ଲହୁଲୁହାଣ

**ସମ୍ବଲପୁର, ୧୯।୧୦ (ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ଥାନା ଅନ୍ତର୍ଗତ ରେମେଡଛକସ୍ଥିତ ଏକ ଦୋକାନର ମାଲିକଙ୍କୁ ଶନିବାର ସକାଳ ସାଢ଼େ ୧୦ଟାରେ ପ୍ରାୟ ୨୦ଜଣ ଯୁବକ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି। ସେ ହେଲେ ଆଶିଷ କୁମାର ଗୁପ୍ତା (୨୦)। ସମ୍ପୃକ୍ତ ଯୁବକମାନେ ହଠାତ୍ ଆଶିଷଙ୍କ ଦୋକାନ ଭିତରକୁ ପଶିଯିବାରୁ ସେ ବାହାରକୁ ଯିବାପାଇଁ ଅନୁରୋଧ କରିଥିଲେ। ହେଲେ ବିଦ୍ୟୁତ ବିଲ୍ ନେବାକୁ ଆସିଛୁ। ଶୀଘ୍ର ଦିଅ ବୋଲି ଆକ୍ରମଣକାରୀ ଆଶିଷଙ୍କୁ କହିଥିଲେ । ଏହାପରେ ଆଶିଷ ସେମାନଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ । ସେମାନେ କିନ୍ତୁ ୨୦ ହଜାର ଟଙ୍କା ଦେବାକୁ ବାଧ କରିଥିଲେ । ଏଥିରେ କଥାକଟା କଟି ହୋଇଥିଲା । ଶେଷରେ ସେମାନେ ଆଶିଷଙ୍କୁ ଆକ୍ରମଣ କରିଥିଲେ । ଅଇଁଠାପାଲି ଥାନାରେ ୩୫୦/୧୯ରେ ଏକ ମାମଲା ରୁଜୁ ହୋଇଛି ।

# ୨୨ରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ଚାଷୀ

**ବାମରା, ୧୯।୧୦ (ଡି.ଏନ.ଏ.)**

**ଫସଲ ବୀମା ମିଳିଲାନି**

ଖରିଫ ଋତୁରେ ବାମରା ବ୍ଲକ ସମେତ ଜିଲାର ଅନ୍ୟାନ୍ୟ ବ୍ଲକ ଗୁଡିକରେ ମରୁଡି ପରିସ୍ଥିତି ଉପୁଜିଛି। ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ ମଧ୍ୟ କରାଯାଇଛି । ହେଲେ ଫସଲ ବୀମା ପ୍ରଦାନ ଦାବି ନେଇ ଲଗାତାର ଭାବରେ ଆନ୍ଦୋଳନ ସତ୍ତ୍ୱେ ବୀମା ରାଶି ପ୍ରଦାନ ପାଇଁ କୌଣସି ବାଟ ଫିଟୁ ନ ଥିବା ଚାଷୀ ସଂଗଠନ ଅଭିଯୋଗ କରିଛନ୍ତି । ଆସନ୍ତା ୨୨ ତାରିଖରୁ ସମ୍ବଲପୁର ଜିଲା ଚାଷୀ ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିଶ୍ଚିତକାଳ ପର୍ଯ୍ୟନ୍ତ ଅନଶନରେ ବସିବା ପାଇଁ ଚାଷୀ ସଂଗଠନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏ ନେଇ କୁଚିଣ୍ଡା ଉପଖଣ୍ଡସ୍ତରୀୟ ପ୍ରସ୍ତୁତି ବୈଠକ ବାମରା ବ୍ଲକ କେନ୍ଦୁପାନିଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କୃଷକ ନେତା ଆଲୋକ ପ୍ରଧାନ, ମୁରଲୀ ପୁରୋହିତ, କୁଶଧ୍ୱଜ ଚୌଧୁରୀ, ଯୋଗବିହାରୀ ପରିଡା, ଚୁଡାମଣି ପଟେଲ, ନବୀନ ପଟେଲ, ଅମୀୟ ପଟେଲ, ମହାବୀର ପ୍ରସାଦ ଖଣ୍ଡେଲୱାଲ, ସୌଦାମିନୀ ନାୟକ, କିରଣ ନାୟକ, ପୀତବାସ ପଟେଲ ଓ ଦିଲ୍ଲୀପ ଛାତ୍ରିଆଙ୍କ ସହିତ କୁଚିଣ୍ଡା ଉପଖଣ୍ଡର ପ୍ରାୟ ସମସ୍ତ ପଞ୍ଚାୟତରୁ ଚାଷୀନେତା ଯୋଗ ଦେଇଥିଲେ ।

### ଜଙ୍ଗଲରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର ଘଟଣା

# ହତ୍ୟା, ବଳାତ୍କାର ମାମଲା ରୁଜୁ

**ନାକଟିଦେଉଳ, ୧୯।୧୦ (ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ଗଇଳମୁଣ୍ଡି ନିକଟସ୍ଥ କୁଲାଡିହା ଜଙ୍ଗଲରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କ ମୃତଦେହ ଉଦ୍ଧାର ଘଟଣା ଶନିବାର ଭିନ୍ନ ମୋଡ ନେଇଛି। କିସିଣ୍ଡା ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ଅଧିକ ପଚରାଉଚୁରା କରୁଛି। ଏମାନଙ୍କ ବିରୋଧରେ ହତ୍ୟା ଓ ବଳାତ୍କାର ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ୍ ଏବଂ ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ଦାସଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଛି । ଅପରପକ୍ଷରେ ପାରିପାର୍ଶ୍ୱିକ ପରିସ୍ଥିତିରୁ ବଳାତ୍କାର ପରେ ହତ୍ୟା କରାଯାଇଛି ବୋଲି ତଦନ୍ତକାରୀ ଅଫିସର ତଥା ରେଢ଼ାଖୋଲ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ପ୍ରକାଶ କରିଛନ୍ତି ।

**DISTRICT MINERAL FOUNDATION, JAJPUR**
**Ph.: 06728-222227,**
**E-mail: dmfjajpur@gmail.com,**
**Website: www.jajpur.nic.in**

**Letter No.: DMF/ 522/ 2019** **Date: 19.10.19**

**WALK-IN INTERVIEW FOR SPECIALISTS/ DOCTORS**

Candidatures are invited for walk-in interview for appointment of Super Specialists/ Specialist/ Doctors in District Headquarter Hospital, Jajpur out of District Mineral Foundation Fund. The vacancy details and all other requisite qualification, experience is available in website **www.jajpur.nic.in**.

The date of walk-in interview: 30.10.2019

Venue: Collector's Conference Hall

**Sd./-**
**Collector & Managing Trustee**
**DMF, Jajpur**

**ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ**

**ଗାଡି ମାଲିକମାନଙ୍କ ପାଇଁ ବିଶେଷ ସୂଚନା**

ଏତଦ୍ଦ୍ୱାରା ସମସ୍ତ ରାଜ୍ୟ / ଆନ୍ତଃରାଜ୍ୟ ମାର୍ଗରେ ଚଳାଚଳ କରୁଥିବା ଯାତ୍ରିବାହି ବସ୍ ମାଲିକ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆନ୍ତଃରାଜ୍ୟ ମାର୍ଗ ମଧ୍ୟରେ ନିମ୍ନଲିଖିତ ଖାଲି ଥିବା ମାର୍ଗ ଗୁଡିକୁ ବିଜ୍ଞାପନ ମାଧ୍ୟମରେ ସ୍ଥାୟୀ ଅନୁମତି ପତ୍ର ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ତା ୨୯.୧୦.୨୦୧୯ ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ଟ୫୦୦ଙ୍କା ଆବେଦନ ଫିସ୍ ସହିତ ମୋଟରଯାନର ଆବଶ୍ୟକୀୟ କାଗଜପତ୍ର, ଅନ୍ୟୁନ ୯୯,୦୦୦ ଟଙ୍କାର ଶୋଧ କ୍ଷମତା ( Solvency) କିମ୍ବା ଜାତୀୟତା ବ୍ୟାଙ୍କର ଗ୍ୟାରେଂଟି, ସଚିବ, ରାଜ୍ୟ ପରିବହନ ପ୍ରାଧିକାରୀଙ୍କ ନାମରେ ଚଳବନ୍ଧକ (pledge) ସହିତ ଇଚ୍ଛୁକ ମାର୍ଗ ପାଇଁ ସ୍ଥାୟୀ ଅନୁମତି ପତ୍ର ଆବେଦନ କରି ପାରିବେ । ଆବେଦନକାରୀଙ୍କ ବସ୍‌ର କୌଣସି ସ୍ଥାୟୀ କିମ୍ବା ଅସ୍ଥାୟୀ ଅନୁମତି ପତ୍ର ନଥିବ । ଯଦି କୌଣସି ଦରଖାସ୍ତକାରୀଙ୍କ ବସ୍ ସମ୍ବନ୍ଧୀୟ ମୋଟରଯାନ ଟିକସ୍/ଜୋରିମାନା ବକେୟା କିମ୍ବା ମାଲି ମୋକଦ୍ଦମା ବିଚାରାଧିନ ଥିବାର ଜଣାପଡେ ତେବେ ତାଙ୍କର ଆବେଦନ ପତ୍ରକୁ ଖାରଜ କରାଯିବ । ଅଧିକ ତଥ୍ୟ ଏବଂ ମାର୍ଗ ଜାଣିବା ପାଇଁ ଆମର Website - www.orissatransport.nic.in ଏବଂ www.odishatransport.gov.in ଦେଖନ୍ତୁ । ପ୍ରାପ୍ତ ଦରଖାସ୍ତଗୁଡିକୁ ତା୦୫.୧୧.୨୦୧୯ ଅପରାହ୍ନ ୦୩.୩୦ ଘଟିକା ସମୟରେ, ପରିବହନ ଆୟୁକ୍ତଙ୍କ ସଭାକକ୍ଷରେ ଶୁଣାଣୀ କରି ଫଇସଲା କରାଯିବାକୁ ଧାର୍ଯ୍ୟ କରାଯାଇଅଛି । ଅତଏବ୍ ଦରଖାସ୍ତକାରୀ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ଯାବତୀୟ କାଗଜାତ୍ ସହ STA ବୈଠକରେ ପକ୍ଷ ରଖିପାରିବେ ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡିଶା, କଟକ

**INTERSTATE ROUTE**

| SL. NO. | ROUTE |
|---|---|
| 01. | BHADRAK TO RAIPUR, VIA. DEOGARH, BARGARH & BACK |
| 02. | DEOGARH TO SIMDEGA, VIA. ROURKELA, BIRAMITRAPUR & BACK |
| 03. | KEONJHAR TO CONTAI, VIA. JALESWAR & BACK |
| 04. | KEONJHAR TO CONTAI, VIA. JALESWAR & BACK |
| 05. | ANGUL TO HALDIA, VIA. JALESWAR & BACK |
| 06. | BHUBANESWAR TO NANDAKUMAR, VIA.LAXMANNATH, EGRA BAJKUL & BACK |
| 07. | KHARIAR TO RAIPUR, VIA.BHAWANIPATNA & BACK |
| 08. | BARIPADA TO DALTANGANJ, VIA. TIRING, TATA & BACK |
| 09. | JHARSUGUDA TO RAIPUR, VIA. SOHELA & BACK |
| 10. | BARIPADA TO BADJAMDA, VIA. RAIRANGPUR, TIRING & BACK |
| 11. | BARIPADA TO BANKURA, VIA.JAMSOLA & BACK |
| 12. | PADAMPUR TO BASANA & BACK |
| 13. | KHARIAR TO RAIPUR, VIA.KOMNA & BACK |
| 14. | BARIPADA TO BIHARSARIF, VIA.RANCHI, HAZARIBAG & BACK |
| 15. | BERHAMPUR TO BANAMALIPUR & BERHAMPUR TO NUAPADA & BACK |
| 16. | SUNAREDY TO BERHAMPUR, VIA.PATRAPUR, ICHHAPUR & BACK |
| 17. | ROURKELA TO RANCHI, VIA.BIRAMITRAPUR, GUMLA, SISAI & BACK |
| 18. | CHANDABALI TO DIGHA, VIA. JALESWAR & BACK |

**ଆଲ୍ଲାହାବାଦ ବ୍ୟାଙ୍କ**

**ଭୁବନେଶ୍ୱର ମୁଖ୍ୟ ଶାଖା**
୧୫୯, ବାପୁଜୀ ନଗର, ଭୁବନେଶ୍ୱର- ୭୫୧୦୦୯
ଫୋନ୍ : (୦୬୭୪) - ୨୫୯୭୦୮୭

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୨୨.୧୧.୨୦୧୯ ରିଖ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୦.୧୧.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା**

| ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଋଣଗ୍ରହୀତା :ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ,** ଠିକଣା-୧ : ରୁମ୍ ନଂ.୪୦୫, ୪ର୍ଥ ମହଲା, ସେଣ୍ଟର ପଏଣ୍ଟ ବିଲ୍ଡିଂ, ୨୧, ହେମନ୍ତ ବସୁ ସରଣୀ, କୋଲ୍‌କାତା-୭୦୦୦୦୧, ଠିକଣା-୨ : ବ୍ଲକ ଏସି-୧୪୮, ତଳ ମହଲା, ସଲ୍ଟ ଲେକ୍ ସିଟି, ସେକ୍ଟର-୧, କୋଲ୍‌କାତା-୭୦୦୦୬୪, **ନିର୍ଦ୍ଦେଶକ/ଜାମିନ୍‌ଦାରମାନେ: (୧)ଶ୍ରୀ ସୁନୀଲ୍ କୁମାର ଶାହ,** ପିତା-ଶ୍ରୀ ସୀତାରାମ ଶାହ, **(୨)ଶ୍ରୀମତୀ ରାକ୍ଷୀ ଶାହ,** ସ୍ୱା-ଶ୍ରୀ ସୁନୀଲ୍ କୁମାର ଶାହ,ଉଭୟଙ୍କ ଠିକଣା: ସା-୩୫୭, ଗ୍ରୀନ୍ ହୋମ୍ସ, ପୋଷ୍ଟ-ଓନ୍ନାପାଲାୟମ୍, ଥାନା-ଥଣ୍ଡାମୁଥୁର୍, କୋଏମ୍ବାଟୁର୍, ତାମିଲ୍‌ନାଡୁ-୬୪୧୧୦୮ | କ)୨୫.୦୬.୨୦୧୯, ଖ)୧୬.୧୦.୨୦୧୯ ଗ)୨୪.୦୬.୨୦୧୯ ରିଖ ସୁଦ୍ଧା ଟ.୩,୦୫,୩୩,୭୨୬/-+୨୪.୦୬.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | **ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ** ନାମରେ ଥିବା ଜମି ଏବଂ ଗୃହ ଯାହାର (୧)ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୭୯, ପ୍ଲଟ ନଂ.-୯୮, ଏରିଆ-ଏକର୦.୩୭ ଡିସିମିଲି, (୨)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ-ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୦, ପ୍ଲଟ ନଂ.-୨୧, ଏରିଆ-ଏକର୦.୦୪ ଡିସିମିଲି, | କ) ଟ.୧,୪୪,୪୦,୦୦୦/- ଖ) ଟ.୧୪,୪୪,୦୦୦/- ଗ) ଟ.୨୫,୦୦୦/- |

ପ୍ଲଟ ନଂ.-୬୨, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.୬୩, ଏରିଆ-ଏକର୦.୧୬ ଡିସିମିଲି, ପ୍ଲଟ ନଂ.-୬୪, ଏରିଆ-ଏକର୦.୨୦ ଡିସିମିଲି, ପ୍ଲଟ ନଂ.-୬୫, ଏରିଆ-ଏକର୦.୦୩ ଡିସିମିଲି, ପ୍ଲଟ ନଂ.-୭୧/୪୩୦, ଏରିଆ-ଏକର୦.୦୨ ଡିସିମିଲି, ପ୍ଲଟ ନଂ.୬୫/୪୩୧, ଏରିଆ-ଏକର୦.୦୩ ଡିସିମିଲି, ପ୍ଲଟ ନଂ.-୬୨/୪୩୨, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.୨୧/୪୨୮, ଏରିଆ-ଏକର୦.୦୪ ଡିସିମିଲି, ପ୍ଲଟ ନଂ.-୨୧/୪୨୯, ଏରିଆ-ଏକର୦.୦୨ ଡିସିମିଲି, ପ୍ଲଟ ନଂ.-୬୬, ଏରିଆ-ଏକର୦.୦୮ ଡିସିମିଲି, ପ୍ଲଟ ନଂ.-୬୭, ଏରିଆ- ଏକର୦.୦୬ ଡିସିମିଲି, (୩)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୧, ପ୍ଲଟ ନଂ.-୫୯, ଏରିଆ-ଏକର୦.୦୬ ଡିସିମିଲି, ପ୍ଲଟ ନଂ.-୬୮, ଏରିଆ-ଏକର୦.୨୨ ଡିସିମିଲି, ପ୍ଲଟ ନଂ.-୮୮, ଏରିଆ-ଏକର୦.୬୪ ଡିସିମିଲି, ପ୍ଲଟ ନଂ.-୯୨, ଏରିଆ-ଏକର୦.୧୫ ଡିସିମିଲି, ପ୍ଲଟ ନଂ.-୯୩, ଏରିଆ-ଏକର୦.୨୫ ଡିସିମିଲି, ପ୍ଲଟ ନଂ.-୯୬, ଏରିଆ-ଏକର୦.୨୪ ଡିସିମିଲି, (୪) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୮୨, ପ୍ଲଟ ନଂ.-୮୫/୪୫୮, ଏରିଆ-ଏକର୦.୨୯ ଡିସିମିଲି, (୫)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୫, ପ୍ଲଟ ନଂ.-୭୩/୪୫୫, ଏରିଆ-ଏକର୦.୨୦ ଡିସିମିଲି, ପ୍ଲଟ ନଂ.-୧୨୦/୪୫୬, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.-୧୨୨/୪୫୭, ଏରିଆ- ଏକର୦.୩୪ ଡିସିମିଲି, (୬)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪, ପ୍ଲଟ ନଂ.-୮୭, ଏରିଆ-ଏକର୦.୫୦ ଡିସିମିଲି, ସମୁଦାୟ ଏରିଆ-ଏକର୪.୨୪ ଡିସିମିଲି ।

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, **ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯** ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡ୍ରେମୋନଷ୍ଟ୍ରେସନ ପ୍ରଦାନ କରିପାରିବେ । ସିଡ୍ୟୁଲ କମର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ ସପକ୍ଷରେ କ୍ର କରାଯାଇ ଭୁବନେଶ୍ୱର ଠାରେ ପେଠ ଦର୍ଶାଯାଇଥିବା ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଉପର ଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର **ଆକାଉଣ୍ଟ ନଂ.-୫୦୧୪୦୯୮୦୧୮୮, IFSC Code: ALLA0212009,** ମାଧ୍ୟମରେ **RTGS/NEFT** ଦ୍ୱାରା ଅମାନତ ରାଶି ପେଠ କରିପାରିବେ ।

୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।

**୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୨୨.୧୦.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।**

**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।**

**ସ୍ଥାନ-ଭୁବନେଶ୍ୱର, ତାରିଖ- ୧୯.୧୦.୨୦୧୯** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**



“କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



# ମା’କୋଳରୁ ଶିଶୁପୁତ୍ରକୁ ଛଡ଼ାଇ ନେଲେ ମାନସିକ ବାଧିତ ମହିଳା

- ଦାଣ୍ଡିଆପାଲି ଅଞ୍ଚଳରେ ଅଭାବନୀୟ ଘଟଣା
- ସ୍ଥାନୀୟ ଲୋକଙ୍କ ସହାୟତାରେ ଶିଶୁପୁତ୍ର ଉଦ୍ଧାର

**ରାଉରକେଲା ଅଫିସ,୧୯।୧୦**

ଷ୍ଟିଲ ସିଟି ରାଉରକେଲାରେ ଦିନକୁ ଦିନ ମାନସିକ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କୁ ନେଇ ଚିନ୍ତା ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତ ଶୁକ୍ରବାର ସନ୍ଧ୍ୟାରେ ବେଦବ୍ୟାସ ନିକଟ ଦାଣ୍ଡିଆପାଲି ଅଞ୍ଚଳରେ ଏକ ଅଭାବନୀୟ ଘଟିଛି। ପିଙ୍କି ବିଶ୍ୱାଳ ନାମ୍ନୀ ଜଣେ ମହିଳାଙ୍କ ୩ ବର୍ଷର ଶିଶୁପୁତ୍ରକୁ ଜଣେ ମାନସିକ ବାଧିତ ମହିଳା ହଠାତ୍ ଉଠାଇ ନେଇଥିଲେ। ସହଜରେ ସେ ଶିଶୁଟିକୁ ଛାଡିବାକୁ ରାଜି ନ ଥିଲେ । ହେଲେ ସ୍ଥାନୀୟ ଲୋକେ ଶିଶୁକୁ ତାଙ୍କ ପାଖରୁ ଛଡାଇ ଆଣିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସଂପୃକ୍ତ ମହିଳା ପାଟିତୁଣ୍ଡ କରିବା ସହ ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ । ସାମାଜିକ ଅନୁଷ୍ଠାନ ‘ଆଖି’ର ସ୍ୱେଚ୍ଛାସେବୀମାନେ ସେଠାରେ ପହଞ୍ଚି ସଂପୃକ୍ତ ମହିଳାଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ସେହି



ଧରାପଡ଼ିଥିବା ମାନସିକ ବାଧିତ ମହିଳା।

ମହିଳା ଜଣେ ମାନସିକ ରୋଗୀ । ଗତ କିଛିଦିନ ହେବ ସେ ଦାଣ୍ଡିଆପାଲି ଅଞ୍ଚଳରେ ବୁଲାବୁଲି କରୁଥିଲେ। ଦୋକାନକୁ ପଥର ଫିଙ୍ଗି କାଚ ଭାଙ୍ଗିବା, ଜଳଖିଆ ଠେଲାକୁ ଫିଙ୍ଗାଫୋପଡା କରିବା ତାଙ୍କ ନିତିଦିନିଆ କାମ ପାଲଟିଥିଲା । ତେବେ ଶୁକ୍ରବାର ସନ୍ଧ୍ୟାରେ ବ୍ରାହ୍ମଣୀତରଙ୍ଗ ପୋଲିସ ସହାୟତାରେ ଆଖିର କର୍ମକର୍ତ୍ତାମାନେ ତାଙ୍କୁ ଆଣି ଶାନ୍ତି ଭବନରେ ଛାଡିଛନ୍ତି। ତେବେ ସେଠି ମାନସିକ ବାଧିତଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସଂପୃକ୍ତ ମହିଳାଙ୍କୁ କେଉଁଠି ଥଇଥାନ କରାଯିବ, କିଏ ଚିକିତ୍ସା କରିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଖିର ଅଧ୍ୟକ୍ଷ ଅବିନାଶ ଶୁକ୍ଳା କହିଛନ୍ତି, ସହରରେ ଏମିତି ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କ ପାଇଁ ଷ୍ଟିଲ ସିଟିରେ କୌଣସି ବ୍ୟବସ୍ଥା ନାହିଁ। ଯଥାଶୀଘ୍ର ସେପରି ରୋଗୀଙ୍କ ପାଇଁ ଚିକିତ୍ସା ସହିତ ଥଇଥାନର ବ୍ୟବସ୍ଥା କରିବାକୁ ଅନୁଷ୍ଠାନର ସଭାପତି ସିଲୁ ଦାସ, ନିର୍ମଳ ପାଲ, ଦେବକୀ ମିଶ୍ର, ଜିତୁ ପ୍ରଧାନ, ଦୀପକ ସାହୁ, ଗୌତମ ପ୍ରଧାନ, ଅମିତ ଗୁପ୍ତା, ବରଦା ମିଶ୍ର, ବିଶ୍ୱଜିତ୍ ରାଉତ, ନୀହାରିକା ଆଚାର୍ଯ୍ୟ, ଶିବ ଅଚାର୍ଯ୍ୟ ଓ ହିମାଂଶୁ ସାମଲ ପ୍ରମୁଖ ଦାବି କରିଛନ୍ତି ।



ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ଓଡ଼ିଶା ଧର୍ମ ପ୍ରଚାର ସଂପାଦକ ଶାନ୍ତନୁ କୁସୁମ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

# ବାଂଲା ଅନୁପ୍ରବେଶକାରୀଙ୍କୁ ନେଇ ଚିନ୍ତା

- ସେମାନଙ୍କୁ ଚିହ୍ନଟ କରି ବିଦା କରିବା ପାଇଁ ଦାବି
- ପାନପୋଷ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ରାଉରକେଲା ଅଫିସ,୧୯।୧୦**

ଦେଶର ବିଭିନ୍ନ ପ୍ରାନ୍ତରେ ବାଂଲା ଅନୁପ୍ରବେଶକାରୀଙ୍କୁ ନେଇ ଚିନ୍ତା ବଢୁଛି । ଷ୍ଟିଲ ସିଟିରେ ସେମାନଙ୍କ ସଂଖ୍ୟା ନେଇ ଏବେ ପ୍ରଶ୍ନ ଉଠିଛି। ପାନପୋଷ ଉପଖଣ୍ଡ ସହ ଜିଲାର ଅନ୍ୟ କେତେକ ଅଞ୍ଚଳରେ ବେଆଇନ ଭାବେ ବସବାସ କରୁଥିବା ଏହି ଅନୁପ୍ରବେଶକାରୀଙ୍କୁ ନେଇ ବିବାଦ ସୃଷ୍ଟି ହୋଇଛି। ଇତିମଧ୍ୟରେ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନଆଇଏ)ର ମହାନିର୍ଦ୍ଦେଶକ ଓଡିଶାରେ ୧୨୫ ବାଂଲା ଆତଙ୍କବାଦୀ ସକ୍ରିୟ ରହିଥିବା ନେଇ ରିପୋର୍ଟ ପ୍ରଦାନ କରିଛନ୍ତି। ଏହାକୁ ନେଇ ଚିନ୍ତା ବଢ଼ିଛି। ଏହି ଆଧାରରେ ରାଉରକେଲାରେ କେତେ ବାଂଲା ଅନୁପ୍ରବେଶକାରୀ ରହିଛନ୍ତି ଓ ସେମାନଙ୍କ ମଧ୍ୟରେ ସନ୍ଦିଗ୍ଧ ଆତଙ୍କବାଦୀ ଅଛନ୍ତି ନା ନାହିଁ ସେନେଇ ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ଓଡିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ ସନ୍ଦେହ ବ୍ୟକ୍ତ କରିଛନ୍ତି। ଏନେଇ କୁସୁମ ଶନିବାର ପାନପୋଷ ଉପଜିଲାପାଳ ବିଶ୍ୱଜିତ୍ ମହାପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି, ଷ୍ଟିଲ ସିଟି ସମେତ ଅନ୍ୟ କେତେକ ଅଞ୍ଚଳରେ ଘରବାଡି କରି ରହୁଥିବା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ହଟା ଯାଉ। କାରଣ ଅତୀତରେ ଏହି ସହରରେ ସିମି ଅତାଙ୍କବାଦୀ ଆଡ୍ଡା କରି ଧରାପଡିବା ଘଟଣା କାହାକୁ ଅଛପା ନାହିଁ। ସହରର ଏକାଧିକ ସ୍ଥାନରେ ବେଆଇନ ଭାବେ ବସବାସ କରୁଥିବା ବାଂଲା ଅନୁପ୍ରବେଶକାରୀ କେଉଁ ପରିସ୍ଥିତିରେ ଏଠାକୁ ଆସିଲେ ଓ କାହା ସହାୟତାରେ ବସବାସ କଲେ ସେନେଇ ତଦନ୍ତ ହେବା ଅବଶ୍ୟକ। ବେଆଇନ ଭାବେ ଆଧାର କାର୍ଡ ଠାରୁ ନେଇ ଭୋଟର ପରିଚୟପତ୍ର ହାତେଇ ପାରିଥିବା ଅନୁପ୍ରବେଶକାରୀ ଏବେ ସହରବାସୀଙ୍କ ପାଇଁ ବଡ ବିପଦ ସୃଷ୍ଟି କରିଛନ୍ତି। ସେମାନଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଅବୈଧ କାରବାରରେ ଲିପ୍ତ ଏହି ଅନୁପ୍ରବେଶକାରୀଙ୍କୁ ନେଇ ଯଦି କେନ୍ଦ୍ରୀୟ ସଂସ୍ଥା ସନ୍ଦେହ ବ୍ୟକ୍ତ କରିଛି ତା’ହେଲେ ଏହା ଗୁରୁତର ଘଟଣା। ସେମାନଙ୍କୁ ଜିଲା ପ୍ରଶାସନ ଆଦୌ ପ୍ରଶ୍ରୟ ଦେବା ଉଚିତ ନୁହେଁ ବୋଲି କୁସୁମ କହିଛନ୍ତି। ଏନେଇ ତଦନ୍ତ କରିବାକୁ ପାନପୋଷ ଉପଜିଲାପାଳ ମହାପାତ୍ର ପ୍ରତିଶ୍ରୁତି ପ୍ରଦାନ କରିଥିବା ଜଣାପଡିଛି।

# ଜମିଜମା ବେଞ୍ଚ ମାର୍କ ଭାଲ୍ୟୁ ବୃଦ୍ଧିକୁ ଓକିଲ ସଂଘର ବିରୋଧ

**ରାଉରକେଲା ଅଫିସ,୧୯।୧୦**

ରାଜ୍ୟ ସରକାରଙ୍କ ପକ୍ଷରୁ ସବ ରେଜିଷ୍ଟ୍ରାର ସୁନ୍ଦରଗଡ଼ଙ୍କ ନୋଟିସ ନଂ. ୧୨୩୪ ଅନୁଯାୟୀ ସବରେଜିଷ୍ଟ୍ରାର ରାଉରକେଲାଙ୍କ ଅଧୀନରେ ରହିଥିବା ଜମିଜମାଗୁଡିକର ପ୍ରସ୍ତାବିତ ବେଞ୍ଚ ମାର୍କ ଭାଲ୍ୟୁ ବୃଦ୍ଧିକୁ ରାଉରକେଲା ଓକିଲ ସଂଘ ବିରୋଧ କରିଛି। ସଂଘର ଆପତ୍ତି ହେଲା ସୁନ୍ଦରଗଡ଼ ଜିଲା ଆର୍ଟିକିଲ ୨୪୪ ଅନୁସାରେ ଅନୁସୂଚୀତ ଜିଲା ମାନ୍ୟତା ପାଇଛି। ଏଠାକାର ଆଦିବାସୀଙ୍କ ଜମିଜମା କିଣାବିକା ଉପରେ ରୋକ ତଥା କଟକଣା ରହିଛି। ରାଉରକେଲା ଭଳି ଶିଳ୍ପ ସହରରେ ଅଧିକାଂଶ ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀ, କ୍ଷୁଦ୍ର ବ୍ୟବସାୟୀ ଓ ଶ୍ରମିକ ଶ୍ରେଣୀର ଲେକେ ବସବାସ କରନ୍ତି। ଜଗା



ଜମିଜମା ବେଞ୍ଚମାର୍କ ଭାଲ୍ୟୁବୃଦ୍ଧିକୁ ବିରୋଧ କରୁଥିବା ଓକିଲମାନେ।

ଖଣ୍ଡେ ପାଇଁ ଏହି ବର୍ଗର ଲୋକେ ଜୀବନ ସାରା ସଂଗ୍ରାମ କରି ବିଫଳ ହୁଅନ୍ତି। ଦୀର୍ଘ ବର୍ଷ ଧରି ଗାଁଗଣ୍ଡା ଛାଡି ଏଠାରେ ବସବାସ କରୁଥିବା ଲୋକେ ଆଉ ଫେରିବା ଅବସ୍ଥାରେ ନାହାଁନ୍ତି। ଏମିତି ସ୍ଥିତିରେ ନିଜ ଘର ତିଆରି ପାଇଁ ଜାଗା ଖଣ୍ଡେ ଯୋଗାଡ କରିବା ଅତି କାଠିକର ପାଠ। ଏଣୁ ସରକାରଙ୍କ ବେଞ୍ଚ ମାର୍କ ଭାଲ୍ୟୁ ବୃଦ୍ଧି ବ୍ୟବସ୍ଥା ନିରାଶା ସୃଷ୍ଟି କରିବ। ବିଭିନ୍ନ ସ୍କିମ ଜରିଆରେ ଘର ପାଇଥିବା ଲୋକେ ଏହାକୁ ନିଜ ନାମରେ ବା ଫ୍ରି ହୋଲ୍ଡ କରିବାକୁ ସକ୍ଷମ ହୋଇପାରୁ ନାହାଁନ୍ତି। ବେଞ୍ଚ ମାର୍କ ଭାଲ୍ୟୁ ବୃଦ୍ଧି ଘଟିଲେ ସାଧାରଣ ଲୋକଟି ଜାଗା ଖଣ୍ଡେ କିଣିବା ସ୍ୱପ୍ନ ପାଲଟିବ। ଏଥିରୁ କେବଳ ଧନୀକ ଶ୍ରେଣୀ ଫାଇଦା ଉଠାଇବେ। ମଧ୍ୟବିତ୍ତ ବା ଗରିବ ଅଲୋଡା ହୋଇ ରହିଯିବେ। ଏହି ବେଞ୍ଚ ମାର୍କ ବୃଦ୍ଧି ବ୍ୟବସ୍ଥା କାହା ସ୍ୱାର୍ଥରେ ବୋଲି ସଂଘ କର୍ମକର୍ତ୍ତା ପ୍ରଶ୍ନ କରିଛନ୍ତି। ରାଉରକେଲା ପାରିପାର୍ଶ୍ୱିକ ଅବସ୍ଥା ଓ ସାଧାରଣ ଜନତାଙ୍କ ଆର୍ଥିକ ସ୍ଥିତିକୁ ନଜରରେ ରଖି ସରକାର ତୁରନ୍ତ ବେଞ୍ଚ ମାର୍କ ଭେଲ୍ୟୁ ବୃଦ୍ଧି ବନ୍ଦ କରିବାକୁ ସଂଘ ଦାବି କରିଛି। ଏନେଇ ଶନିବାର ପାନପୋଷ ସବ ରେଜିଷ୍ଟ୍ରାରଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଏଥିରେ ସଂଘ ସଭାପତି ରମେଶ ବଳ, ସାଧାରଣ ସମ୍ପାଦକ ଅକ୍ଷୟ ସାହୁ, ମାଧବୀ ଝା, ବିଜୟ ଦାସ, ସଞ୍ଜୟ ଦୀପ, ଲାଲବାହାଦୁର ଶତପଥୀ ଓ ସମୀର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଚୋରା ମଦ ବେପାରୀ ଗିରଫ

**ଚିତ୍ରଡା,୧୯।୧୦(ଡ.ଏନ.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ବିଭିନ୍ନ ଗ୍ରାମାଞ୍ଚଳରେ ଶନିବାର ସକାଳେ ଅବକାରୀ ବିଭାଗ ଚଢ଼ାଉ କରି ୩ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨୮ଲିଟର ଦେଶୀ ମଦ ଜବତ କରାଯାଇଛି। ଉପନିରୀକ୍ଷକ ପ୍ରସନ୍ନ କୁମାର ଜାଲି, ସହ ଉପନିରୀକ୍ଷକ ବୀରେଶ୍ୱର ମହାକୁଡ଼ ସଦଳବଳ ବିଭିନ୍ନ ସ୍ଥାନରେ ଏହି ଚଢ଼ାଉ କରିଥିଲେ। ଗିରଫ ୩ ଅଭିଯୁକ୍ତ ହେଲେ ନୂଆଖାଳିଆ ଗ୍ରାମର ହୀରା ହାଁସଦା(୫୫), ଭାତଛୋଟର ଗ୍ରାମର ଜଗନ୍ନାଥ ମୁର୍ମୁ (୫୫), ସାନ ମୁଁଡାନୀ ଗ୍ରାମର ପ୍ରଭାକର ସି(୪୮)। ସେମାନଙ୍କୁ ପରେ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଉପନିରୀକ୍ଷକ ସୂଚନା ଦେଇଛନ୍ତି।

# ରାଜଗାଙ୍ଗପୁର ଅର୍ବାନ ବ୍ୟାଙ୍କ ଶାଖା ଉଦ୍‌ଘାଟିତ

**ରାଉରକେଲା ଅଫିସ,୧୯।୧୦**

ରାଉରକେଲା ଅର୍ବାନ ବ୍ୟାଙ୍କ ରାଜଗାଙ୍ଗପୁର ଶାଖାକୁ ସ୍ଥାନାନ୍ତର ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଜଣାଇଛନ୍ତି। ଏକ ପ୍ରେସ ବିବୃତିରେ ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି, ରାଜଗାଙ୍ଗପୁର ବାସିନ୍ଦାଙ୍କୁ ବ୍ୟାଙ୍କିଙ୍ଗ ସୁବିଧା ଯୋଗାଇ ଦେବାକୁ ୧୯୯୫ରେ ପ୍ରତିଷ୍ଠା କରାଯାଇଥିବା ଶାଖାକୁ ଇତିମଧ୍ୟରେ ସ୍ଥାନାନ୍ତର କରାଯାଇଛି। ନିରନ୍ତର ଜନ ସଂଖ୍ୟା ଅଭିବୃଦ୍ଧି ସହ ପାର୍କିଂ ସମସ୍ୟା ଦୃଷ୍ଟିରୁ ନୂତନ ଶାଖାକୁ ସାପ୍ତାହିକୀ ବଜାର ସମ୍ମୁଖ ଭୌମିକ କଂପ୍ଲେକ୍ସକୁ ଉଠାଇ ଅଣାଯାଇଛି। ଏହି ଅବସରରେ ଆୟୋଜିତ ଏକ ସଂକ୍ଷିପ୍ତ କାର୍ଯ୍ୟକ୍ରମରେ ସଭାପତି ରାଜେଶ ମହାପାତ୍ର ନୂତନ ଶାଖା ଉଦ୍‌ଘାଟନ କରିଥିଲେ। ଏନେଇ ଗତ ୧୮ ତାରିଖରେ ଆୟୋଜିତ କାର୍ଯ୍ୟକ୍ରମରେ



ବ୍ୟାଙ୍କଶାଖାର ଉଦଘାଟନ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ସହ ଅଞ୍ଚଳବାସୀ ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ମହାପାତ୍ର ରାଜଗାଙ୍ଗପୁର ବ୍ୟାଙ୍କ ଶାଖାର ନିରନ୍ତର ଅଭିବୃଦ୍ଧି ନେଇ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଖାତାଧାରୀ ଓ ଅଂଶଧାରୀଙ୍କ ପକ୍ଷରୁ ରାଜଗାଙ୍ଗପୁର ଠାରେ ବାର୍ଷିକ ସାଧାରଣ ପରିଷଦ ବୈଠକ ନେଇ ଦାବି କରାଯାଇ ଥିଲା। ଏନେଇ ବିଚାର ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ସଭାପତି ମହାପାତ୍ର ଉପସ୍ଥିତ ଗ୍ରାହକଙ୍କୁପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।


## DISTRICT MINERAL FOUNDATION, JAJPUR

**Ph.: 06728-222227,**
**E-mail: dmfjajpur@gmail.com,**
**Website: www.jajpur.nic.in**

Letter No.: DMF/ 522/ 2019 — Date: 19.10.19

**WALK-IN INTERVIEW FOR SPECIALISTS/ DOCTORS**

Candidatures are invited for walk-in interview for appointment of Super Specialists/ Specialist/ Doctors in District Headquarter Hospital, Jajpur out of District Mineral Foundation Fund. The vacancy details and all other requisite qualification, experience is available in website **www.jajpur.nic.in.**

The date of walk-in interview: 30.10.2019

Venue: Collector's Conference Hall

**Sd./-**
**Collector & Managing Trustee**
**DMF, Jajpur**

## ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ଗାଡି ମାଲିକମାନଙ୍କ ପାଇଁ ବିଶେଷ ସୂଚନା

ଏତଦ୍‌ଦ୍ୱାରା ସମସ୍ତ ରାଜ୍ୟ / ଆନ୍ତଃରାଜ୍ୟ ମାର୍ଗରେ ଚଳାଚଳ କରୁଥିବା ଯାତ୍ରିବାହି ବସ୍ ମାଲିକ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆନ୍ତଃରାଜ୍ୟ ମାର୍ଗ ମଧ୍ୟରେ ନିମ୍ନଲିଖିତ ଖାଲି ଥିବା ମାର୍ଗ ଗୁଡିକୁ ବିଜ୍ଞାପନ ମାଧ୍ୟମରେ ସ୍ଥାୟୀ ଅନୁମତି ପତ୍ର ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ତା ୨୯.୧୦.୨୦୧୯ ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ଟ୫୦୦ଙ୍କା ଆବେଦନ ଫିସ୍ ସହିତ ମୋଟରଯାନର ଆବଶ୍ୟକୀୟ କାଗଜପତ୍ର, ଅନ୍ୟୁନ ୯୯,୦୦୦ ଟଙ୍କାର ଶୋଧ କ୍ଷମତା ( Solvency) କିମ୍ବା ଜାତୀୟତା ବ୍ୟାଙ୍କର ଗ୍ୟାରେଂଟି, ସଚିବ, ରାଜ୍ୟ ପରିବହନ ପ୍ରାଧିକାରୀଙ୍କ ନାମରେ ଚଳବନ୍ଧକ (pledge) ସହିତ ଇଚ୍ଛୁକ ମାର୍ଗ ପାଇଁ ସ୍ଥାୟୀ ଅନୁମତି ପତ୍ର ଆବେଦନ କରି ପାରିବେ । ଆବେଦନକାରୀଙ୍କ ବସ୍‌ର କୌଣସି ସ୍ଥାୟୀ କିମ୍ବା ଅସ୍ଥାୟୀ ଅନୁମତି ପତ୍ର ନଥିବ । ଯଦି କୌଣସି ଦରଖାସ୍ତକାରୀଙ୍କ ବସ୍ ସମ୍ବନ୍ଧୀୟ ମୋଟରଯାନ ଟିକସ୍/ଜୋରିମାନା ବକେୟା କିମ୍ବା ମାଲି ମୋକଦ୍ଦମା ବିଚାରଧିନ ଥିବାର ଜଣାପଡେ ତେବେ ତାଙ୍କର ଆବେଦନ ପତ୍ରକୁ ଖାରଜ କରାଯିବ । ଅଧିକ ତଥ୍ୟ ଏବଂ ମାର୍ଗ ଜାଣିବା ପାଇଁ ଆମର Website - www.orissatransport.nic.in ଏବଂ www.odishatransport.gov.in ଦେଖନ୍ତୁ ।

ପ୍ରାପ୍ତ ଦରଖାସ୍ତଗୁଡିକୁ ତା୦୫.୧୧.୨୦୧୯ ଅପରାହ୍ନ ୦୩.୩୦ ଘଟିକା ସମୟରେ, ପରିବହନ ଆୟୁକ୍ତଙ୍କ ସଭାକକ୍ଷରେ ଶୁଣାଣୀ କରି ଫଇସଲା କରାଯିବାକୁ ଧାର୍ଯ୍ୟ କରାଯାଇଅଛି । ଅତଏବ୍ ଦରଖାସ୍ତକାରୀ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ଯାବତୀୟ କାଗଜାତ୍ ସହ STA ବୈଠକରେ ପକ୍ଷ ରଖିପାରିବେ ।

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ, ଓଡିଶା, କଟକ

**INTERSTATE ROUTE**

| SL. NO. | ROUTE |
|---|---|
| 01. | BHADRAK TO RAIPUR, VIA. DEOGARH, BARGARH & BACK |
| 02. | DEOGARH TO SIMDEGA, VIA. ROURKELA, BIRAMITRAPUR & BACK |
| 03. | KEONJHAR TO CONTAI, VIA. JALESWAR & BACK |
| 04. | KEONJHAR TO CONTAI, VIA. JALESWAR & BACK |
| 05. | ANGUL TO HALDIA, VIA. JALESWAR & BACK |
| 06. | BHUBANESWAR TO NANDAKUMAR, VIA.LAXMANNATH, EGRA BAJKUL & BACK |
| 07. | KHARIAR TO RAIPUR, VIA.BHAWANIPATNA & BACK |
| 08. | BARIPADA TO DALTANGANJ, VIA. TIRING, TATA & BACK |
| 09. | JHARSUGUDA TO RAIPUR, VIA. SOHELA & BACK |
| 10. | BARIPADA TO BADJAMDA, VIA. RAIRANGPUR, TIRING & BACK |
| 11. | BARIPADA TO BANKURA, VIA.JAMSOLA & BACK |
| 12. | PADAMPUR TO BASANA & BACK |
| 13. | KHARIAR TO RAIPUR, VIA.KOMNA & BACK |
| 14. | BARIPADA TO BIHARSARIF, VIA.RANCHI, HAZARIBAG & BACK |
| 15. | BERHAMPUR TO BANAMALIPUR & BERHAMPUR TO NUAPADA & BACK |
| 16. | SUNAREDY TO BERHAMPUR, VIA.PATRAPUR, ICHHAPUR & BACK |
| 17. | ROURKELA TO RANCHI, VIA.BIRAMITRAPUR, GUMLA, SISAI & BACK |
| 18. | CHANDABALI TO DIGHA, VIA. JALESWAR & BACK |

## ଆଲ୍ଲାହାବାଦ ବ୍ୟାଙ୍କ

**ଭୁବନେଶ୍ୱର ମୁଖ୍ୟ ଶାଖା**
**୧୫୯, ବାପୁଜୀ ନଗର, ଭୁବନେଶ୍ୱର- ୭୫୧୦୦୯**
**ଫୋନ୍ : (୦୬୭୪) - ୨୫୯୭୦୮୭**

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ “ଯେଉଁଠାରେ ଯେପରି ଅଛି ଭିତ୍ତିରେ” ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୨୨.୧୧.୨୦୧୯ ରିଖ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୨୦.୧୧.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା**

| ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| ଋଣଗ୍ରହୀତା :ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ, ଠିକଣା-୧ : ରୁମ୍ ନଂ.୪୦୫, ୪ର୍ଥ ମହଲା, ସେଣ୍ଟର ପଏଣ୍ଟ ବିଲ୍ଡିଂ, ୨୧, ହେମନ୍ତ ବସୁ ସରଣୀ, କୋଲ୍‌କାତା-୭୦୦୦୦୧, ଠିକଣା-୨ : ବ୍ଲକ ଏସି-୧୪୮, ତଳ ମହଲା, ସଲ୍ଟ ଲେକ୍ ସିଟି, ସେକ୍ଟର-୧, କୋଲ୍‌କାତା-୭୦୦୦୬୪, **ନିର୍ଦ୍ଦେଶକ/ଜାମିନ୍‌ଦାରମାନେ: (୧)ଶ୍ରୀ ସୁନୀଲ୍ କୁମାର ଶାହ,** ପିତା-ଶ୍ରୀ ସୀତାରାମ ଶାହ, **(୨)ଶ୍ରୀମତୀ ରାକ୍ଷୀ ଶାହ,** ସ୍ୱା-ଶ୍ରୀ ସୁନୀଲ୍ କୁମାର ଶାହ,ଉଭୟଙ୍କ ଠିକଣା : ସା-୩୫୭, ଗ୍ରୀନ୍ ହୋମ୍ସ, ପୋଷ୍ଟ-ଓନ୍ନାପାଲାୟମ୍, ଥାନା-ଥଣ୍ଡାମୁଥୁର, କୋଏମ୍ବାଟୁର, ତାମିଲନାଡୁ-୬୪୧୧୦୮ | କ)୨୫.୦୬.୨୦୧୯, ଖ)୧୬.୧୦.୨୦୧୯ ଗ)୨୪.୦୬.୨୦୧୯ ରିଖ ସୁଦ୍ଧା ଟ.୩,୦୫,୩୩,୭୨୬/-+୨୪.୦୬.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ମେସର୍ସ ଚିତ୍ରା ବିଲ୍ଡର୍ସ ପ୍ରା.ଲିଃ ନାମରେ ଥିବା ଜମି ଏବଂ ଗୃହ ଯାହାର (୧)ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟ୍ରର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୭୯, ପ୍ଲଟ ନଂ.-୯୮, ଏରିଆ-ଏକର୦.୩୭ ଡିସିମିଲି, (୨)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ-ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୦, ପ୍ଲଟ ନଂ.-୨୧, ଏରିଆ-ଏକର୦.୦୪ ଡିସିମିଲି, | କ) ଟ.୧,୪୪,୪୦,୦୦୦/- ଖ) ଟ.୧୪,୪୪,୦୦୦/- ଗ) ଟ.୨୫,୦୦୦/- |

ପ୍ଲଟ ନଂ.-୬୨, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.୬୩, ଏରିଆ-ଏକର୦.୧୬ ଡିସିମିଲି, ପ୍ଲଟ ନଂ.-୬୪, ଏରିଆ-ଏକର୦.୨୦ ଡିସିମିଲି, ପ୍ଲଟ ନଂ.-୬୫, ଏରିଆ-ଏକର୦.୦୩ ଡିସିମିଲି, ପ୍ଲଟ ନଂ.-୬୧/୪୩୦, ଏରିଆ-ଏକର୦.୦୨ ଡିସିମିଲି, ପ୍ଲଟ ନଂ.୬୫/୪୩୧, ଏରିଆ-ଏକର୦.୦୩ ଡିସିମିଲି, ପ୍ଲଟ ନଂ.-୬୨/୪୩୨, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.୨୧/୪୨୮, ଏରିଆ-ଏକର୦.୦୪ ଡିସିମିଲି, ପ୍ଲଟ ନଂ.-୨୧/୪୨୯, ଏରିଆ-ଏକର୦.୦୨ ଡିସିମିଲି, ପ୍ଲଟ ନଂ.-୬୬, ଏରିଆ-ଏକର୦.୦୮ ଡିସିମିଲି, ପ୍ଲଟ ନଂ.-୬୭, ଏରିଆ- ଏକର୦.୦୬ ଡିସିମିଲି, (୩)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪୧, ପ୍ଲଟ ନଂ.-୫୯, ଏରିଆ-ଏକର୦.୦୬ ଡିସିମିଲି, ପ୍ଲଟ ନଂ.-୬୮, ଏରିଆ-ଏକର୦.୨୨ ଡିସିମିଲି, ପ୍ଲଟ ନଂ.-୮୮, ଏରିଆ-ଏକର୦.୬୪ ଡିସିମିଲି, ପ୍ଲଟ ନଂ.-୯୨, ଏରିଆ-ଏକର୦.୧୫ ଡିସିମିଲି, ପ୍ଲଟ ନଂ.-୯୩, ଏରିଆ-ଏକର୦.୨୫ ଡିସିମିଲି, ପ୍ଲଟ ନଂ.-୯୬, ଏରିଆ-ଏକର୦.୨୪ ଡିସିମିଲି, (୪) ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୮୨, ପ୍ଲଟ ନଂ.-୮୫/୪୫୮, ଏରିଆ-ଏକର୦.୨୯ ଡିସିମିଲି, (୫)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୫, ପ୍ଲଟ ନଂ.-୭୩/୪୫୫, ଏରିଆ-ଏକର୦.୨୦ ଡିସିମିଲି, ପ୍ଲଟ ନଂ.-୧୨୦/୪୫୬, ଏରିଆ-ଏକର୦.୧୦ ଡିସିମିଲି, ପ୍ଲଟ ନଂ.-୧୨୨/୪୫୭, ଏରିଆ- ଏକର୦.୩୪ ଡିସିମିଲି, (୬)ଗୃହପୋଯୋଗୀ ଜମି ଯାହାର ଜିଲ୍ଲା-ଯାଜପୁର, ସବ୍ ରେଜିଷ୍ଟର/ତହସିଲି- ଧର୍ମଶାଳା, ସବ୍ ଡିଭିଜନ-ଯାଜପୁର, ଥାନା-ଜେନାପୁର, ଗ୍ରାମ- ରଣସିଂହବାଟି, ଥାନା ନଂ.-୨୪୮, ଖାତା ନଂ.-୪, ପ୍ଲଟ ନଂ.-୮୭, ଏରିଆ-ଏକର୦.୫୦ ଡିସିମିଲି, ସମୁଦାୟ ଏରିଆ-ଏକର୪.୨୪ ଡିସିମିଲି।

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, **ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯** ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡ଼େମୋନଷ୍ଟ୍ରେସନ ପ୍ରଦାନ କରିପାରିବେ । ସିଡ୍ୟୁଲ କମର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ ସପକ୍ଷରେ ଡ୍ର କରାଯାଇ ଭୁବନେଶ୍ୱର ଠାରେ ପୈଠ ଦର୍ଶାଯାଇଥିବା ବ୍ୟାଙ୍କର୍ସ ଚେକ୍ / ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଉପର ଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର **ଆକାଉଣ୍ଟ ନଂ.-୫୦୧୪୦୯୮୦୧୮୮, IFSC Code: ALLA0212009,** ମାଧ୍ୟମରେ RTGS/NEFT ଦ୍ୱାରା ଅମାନତ ରାଶି ପୈଠ କରିପାରିବେ ।

୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।

**୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୨୨.୧୦.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।**

**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।**

ସ୍ଥାନ-ଭୁବନେଶ୍ୱର, ତାରିଖ- ୧୯.୧୦.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ



ଫିଲ୍ମ ନିର୍ଦ୍ଦେଶକ ମଣି ରତ୍ନମ୍‌ଙ୍କ ସହ କାମ କରିବାକୁ ମୁଁ ଆଗ୍ରହୀ। ତାଙ୍କର ଆଗାମୀ ଫିଲ୍ମରେ ମୋତେ ଡବଲ ରୋଲ୍‌ରେ ଆପଣମାନେ ଦେଖିପାରିବେ।
- ଐଶ୍ୱର୍ଯ୍ୟା ରାୟ ବଚ୍ଚନ,
ବଲିଉଡ୍ ଅଭିନେତ୍ରୀ

## ସଂକ୍ଷେପରେ

### ରାମେଶ୍ୱର ମନ୍ଦିରରୁ ଚୋରି

**ପଲମ,୧୯।୧୦ (ଡି.ଏନ୍.ଏ.)**- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭିମକେଲା ପଞ୍ଚାୟତସ୍ଥିତ ଭିମକେଲା ରାମେଶ୍ୱର ମନ୍ଦିରରୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ, ମନ୍ଦିର ପୂଜକ ଚିନ୍ତାମଣି ଥାନାପତି ପ୍ରତିଦିନ ଭଳି ଶୁକ୍ରବାର ସକାଳେ ମନ୍ଦିରକୁ ପୂଜା କରିବାକୁ ଆସିଥିଲେ। ହେଲେ ସେ ମନ୍ଦିର ତାଲା ଭଙ୍ଗାହୋଇ ମହାପ୍ରଭୁଙ୍କ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ମନ୍ଦିର କମିଟି ସଭାପତି ଜପରାମ ଗଉଡ ଏବଂ ସଭ୍ୟମାନଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ । ପରେ କମିଟି କର୍ମକର୍ତ୍ତା ମନ୍ଦିରରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ପରେ ନର୍ଲା ଥାନାରେ ପହଞ୍ଚି ଘଟଣା ସଂକ୍ରାନ୍ତରେ ଲିଖିତ ଅଭିଯୋଗ ଦେଇଥିଲେ।



### ଟ୍ରକ୍- ଟିପ୍ପର ମୁହାଁମୁହିଁ ଧକ୍କା: ୨ ଗୁରୁତର

**ବଣାଇ, ୧୯।୧୦(ସ୍ୱ.ପ୍ର.)**-ବଣାଇ ଥାନା ଅନ୍ତର୍ଗତ ନରେନ୍ଦ୍ର-ଗୁରୁଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ଭାଲୁଡୁଙ୍ଗୁରୀ ଗ୍ରାମ ନିକଟରେ ଶନିବାର ଦୁର୍ଘଟଣା ଘଟିଛି। ଏକ ୧୨ ଚକିଆ ଟ୍ରକ ସହିତ ଟିପ୍ପର ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ଦୁଇ ଚାଳକ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଓଆର୧୬ବି-୪୩୦୭ ଟିପ୍ପର ଗୁରୁଣ୍ଡିଆରୁ ନରେନ୍ଦ୍ର ପଟକୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାରଚକିଆ ଟ୍ରକ ଓଡି ୦୯କେ-୧୨୮୭ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଦୁଇ ଗାଡିର ଚାଳକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲାକୁ ପଠାଯିବା ସହିତ ପୋଲିସ ଗାଡି ଦ୍ୱୟକୁ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ କରୁଛି।



ସୁରଭିରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥି।

### ଆଞ୍ଚଳିକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି- ୨୦୧୯ ଅନୁଷ୍ଠିତ

# ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ଜ୍ଞାନର ପରିପ୍ରକାଶ ହୋଇଥାଏ

**ବେଦବ୍ୟାସ, ୧୯।୧୦ (ଡି.ଏନ.ଏ)**

ଲାଠିକଟା ବ୍ଲକ ଅନ୍ତର୍ଗତ ଜଡାକୁଦର ଆଞ୍ଚଳିକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୧୯ ଶନିବାର ସକାଳ ୮ଟାରେ ଅରବା ଝରାବାହାଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଲାଠିକଟା ବ୍ଲକ (ଖ) ଜିଲାପରିଷଦ ସଭ୍ୟ ମହେଶ ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସେ ଶିଶୁ ମହୋତ୍ସବ ସୁରଭି ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁକ୍କାୟିତ ଜ୍ଞାନର ପରିପ୍ରକାଶ ହୁଏ। ଏଣୁ ଏହି କାର୍ଯ୍ୟକ୍ରମ ସରକାରଙ୍କର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ପାଖାପାଖି ୧୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜଡାକୁଦର ସିଆରସିସି ବବଲୁ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ସୁରଭି ୨୦୧୯ରେ ଅରବା ଝରାବାହାଲ ପ୍ରାଥମିକ ବିଦ୍ୟାଳୟର ପରିଚାଳନା ସମ୍ପାଦକ ଫାଦର ରମେଶ କାଲୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିଶୁ ମହୋତ୍ସବ ସୁରଭିର ଉପକାରିତା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଚାନ୍ଦୁଲତା ବେହେରା ଓ ଅନୁରୁଦ୍ଧ ବେହେରା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଶ୍ୱର୍ଞ୍ଚଳ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ଅନୁରୁଦ୍ଧ ବେହେରା, ଜ୍ୟୋତିଷ ଖେସ, ଗଙ୍ଗାଧର ବେହେରା, ଦୁଷ୍ମନ୍ତ ପଟେଲ, ରମାକାନ୍ତ ଶଣ୍ଡ, ସୁଶିଳା ବାରା, ପ୍ରଫୁଲ୍ଲ ରାଉତ, ଅଜୟ ବିଶ୍ୱାଳ, ପ୍ରତିମା ବାରା, ମଧୁଷ୍ମିତା କିଶପଟ୍ଟା, ଆଶା ଏକ୍କା, ପୁଷ୍ପା ଏକ୍କା ଏବଂ ରୋଜାଲିୟା ଏକ୍କା ପ୍ରମୁଖ ଶତାଧିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ। ଶେଷରେ ଜଡାକୁଦର ସିଆରସିସି ବବଲୁ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଲହୁଣୀପଡ଼ା ବ୍ଲକରେ ଶିଶୁ ମହୋତ୍ସବ ସୁରଭି

**ଲହୁଣୀପଡା, ୧୯।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଶରଧାପୁର ଓ ଲମସି କ୍ଲଷ୍ଟରଠାରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଶରଧାପୁର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଶିଶୁ ମହୋତ୍ସବ ସୁରଭିର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧନେଶ୍ୱର ମାହାନ୍ତ, ମୁଖ୍ୟବକ୍ତା ଭାବେ ଭୃକୁଟିଚରଣ ମାହାନ୍ତ ଯୋଗଦେଇଥିଲେ। ରାମଚନ୍ଦ୍ର ମାହାନ୍ତ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସିଆରସିସି ଜୟଦେବ ମାହାନ୍ତ ପରିଚୟ ପ୍ରଦାନ କରିଥିଲେ। ଦୈତାରୀ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଶିଶୁ ମହୋତ୍ସବ ସୁରଭି ମାଧ୍ୟମରେ ପରିପ୍ରକାଶ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଜଗଦିଶ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । କେଶବ ଚନ୍ଦ୍ର ମାହାନ୍ତ, ସାଧୁ କିଶାନ, ପଞ୍ଚାନ ମହାନ୍ତ, ପ୍ରସନ୍ନ ପତି, ଜାହ୍ନବୀ ତ୍ରିପାଠୀ, ସବିତା ମଞ୍ଜୁସା ଦାଶ, ମଞ୍ଜୁଲତା ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିଭଳି ଲମସି କ୍ଲଷ୍ଟରର ଲମସି ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି କ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଚତୁର୍ଥରୁ ସପ୍ତମ ଶ୍ରେଣୀ ମଧ୍ୟରେ ୬ଟି ବିଭାଗ ଏବଂ ଅଷ୍ଟମରୁ ଦଶମ ଶ୍ରେଣୀ ମଧ୍ୟରେ ୭ଟି ବିଭାଗ ଏବଂ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୁଇଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଆରସିସି ଉମେଶ ମାହାନ୍ତ, ପ୍ରଧାନ ଶିକ୍ଷକ ଶ୍ରବଣ କୁମାର ବେସନ, ରାଜକିଶୋର ସ୍ୱାଇଁ, ହରେକୃଷ୍ଣ ପାତ୍ର, ଶାନ୍ତିଲତା ମାହାନ୍ତ, ସବିତା ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଟୋରେ ଖବର





ପରିଷ୍କାର ପରିଚ୍ଛନ୍ନତା ପାଇଁ ତତ୍ପରତା : ବଣାଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଅନାବନା ଗଛ ଓ ଡ୍ରେନ୍ ସଫା କରାଯାଉଛି।

# ବଣାଇରେ ଜୁଏଲଙ୍କ ଗାନ୍ଧୀ ସଂକଳ୍ପ ପଦଯାତ୍ରା

**ବଣାଇ, ୧୯।୧୦(ସ୍ୱ.ପ୍ର.)**

ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ବଣାଇ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଗାନ୍ଧୀ ସଂକଳ୍ପ ପଦଯାତ୍ରା କରିଥିବା ଜଣାପଡିଛି। ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ଏହି ଜନସଚେତନତା ପଦଯାତ୍ରା କରାଯାଇଥିଲା। ଏହା ବଣାଇ ଉପଖଣ୍ଡର ଗୁରୁଣ୍ଡିଆ, ଖୁଣ୍ଟଗାଁ ଓ ଲହୁଣୀପଡାଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳୀୟ କର୍ମୀମାନେ ଜାତୀୟ ପତାକା ଧରି ପଦଯାତ୍ରା କରିବା ସହିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏଥିରେ ଜିଲା ସଭାପତି ରହାସ ବିହାରୀ ପ୍ରଧାନ, ବିଧାୟକ ପ୍ରାର୍ଥୀ ଅନିଲ ବାର୍ଲା, ସେବତୀ ନାଏକ, ଜଗନ୍ନାଥ ମାହାନ୍ତ, ମନୋଜ ପ୍ରଧାନ, ଆହ୍ଲାଦ ବଡେଇ, ହେମନ୍ତ ସାହୁ, ଲୁଥାର ଓରାମ, ପ୍ରଦୀପ ସ୍ୱାଇଁ, ଅଜୟ ନାୟକ, ଗଙ୍ଗା ମାହାନ୍ତ, ଅଭିମନ୍ୟୁ ମିଶ୍ର, ଅଭିମନ୍ୟୁ ସାହୁ, ନାରାୟଣ କୁମ୍ଭାର, ଉପେନ୍ଦ୍ର ବେହେରା, ନମିତା ମାହାନ୍ତ, ଚେତନଦୀପ ନାଏକ, ମେଲେରି ବାରିକ, ଶାନ୍ତନୁ ଦାସ, ବାସୁଦେବ ସାହୁ, ପ୍ରଭାକର ମୁଣ୍ଡା, ଡେଙ୍ଗୁରା ଓରାମ ପ୍ରମୁଖ ବହୁ ଦଳୀୟ କର୍ମୀ ଯୋଗଦେଇ ନିଜକୁ ସାମିଲ କରିଥିଲେ।



ଗାନ୍ଧୀ ସଂକଳ୍ପ ପଦଯାତ୍ରା ଲାଗି ସମବେତ ଲୋକଙ୍କୁ ଏମ୍‌ପି ଜୁଏଲ ଓରାମ ଉଦ୍‌ବୋଧନ ଦେଉଛନ୍ତି।

# ବାଇକରୁ ପଡି ବୃଦ୍ଧା ମୃତ

**ଲହୁଣୀପଡା, ୧୯।୧୦ (ଡି.ଏନ.ଏ)**

ଲହୁଣୀପଡା ଥାନା ଅନ୍ତର୍ଗତ କଲେଇପୋଷ- ବାହାଡାପଶି ୧୦ ନମ୍ବର (କ) ରାଜ୍ୟ ରାଜପଥ ଟାଙ୍କଯୋଡା ନିକଟସ୍ଥ ସୋଲାର ପ୍ଲାଣ୍ଟ ନିକଟରେ ଶନିବାର ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣା ଘଟି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ବଣାଇରୁ ବାଇକରେ ବସାଇ ନିଜ ମାଆକୁ ନେଉଥିବା ବେଳେ ଟାଙ୍କଯୋଡା ସୋଲାର ପ୍ଲାଣ୍ଟ ନିକଟରେ ଭାରସାମ୍ୟ ହରାଇ ବାଇକଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ବାଇକରେ ବସିଥିବା ବାଇକ ଚାଳକଙ୍କ ମାଆଙ୍କ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାଇକ ଚାଳକ ଆହତ ହୋଇଥିବା ଜଣାଯାଇଛି। ତେବେ ବାଇକ ଚାଳକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇ ମୃତ ମାଆଙ୍କୁ ନେଇ ଯାଇଥିଲେ ବୋଲି ସ୍ଥାନୀୟ ଲୋକମାନେ ଆଲୋଚନା କରୁଛନ୍ତି। ଦୁର୍ଘଟଣା ସମ୍ପର୍କରେ ପୋଲିସ ପାଖରେ କୌଣସି ସୂଚନା ନ ଥିବା ପୋଲିସ ପ୍ରକାଶ କରିଛି।

**BHUBANESWAR MUNICIPAL CORPORATION**

**No.28985** **Dt.18/10/2019**

**NOTICE INVITING TENDERS (NIT)**

Bhubaneswar Municipal Corporation invites Percentage Rate Bids under National Competitive Bidding (NCB) through e-procurement in conformity with the terms & conditions laid down in the Detailed Tender Call Notice (DTCN) in Two bid system (Part I: General & Technical Bid and Part II: Financial Bid/Price Bid/BOQ) from eligible class of contractors fulfilling the minimum eligibility criteria for the following works.

| Sl. No. | Name of the work | Amount put to Tender (in Rs.) |
|---|---|---|
| 1. | Construction of 5 TPD capacity MCC for ward no-60 Near Lingaraj Station ROB | 5176763 |
| 2. | Construction of 5 TPD capacity MCC for ward no 54 & 67 near Lingaraj Station ROB | 5176763 |
| 3. | Construction of 5 TPD capacity MCC for ward no. 61, Kapilaprasad near Khanduala Basti | 5176763 |
| 4. | Construction of 5 TPD capacity MCC over Plot no. 456 Khata No.-740 Mouza Bhimpur near Petrol Pump back side Pokhariput in ward no. 62 & 63 | 5176763 |
| 5. | Construction of 5 TPD capacity MCC near Rajdhani College in ward no. 50 of BMC | 5176763 |

The Detailed Tender Call Notice (DTCN) may be downloaded from www.tendersorissa.gov.in or www.bmc.gov.in. The last date of submission of tenders is on **28.10.2018 till 5:00 pm.**

**By order,**
**Sd/-**
**Executive Engineer- Div-II**
**Bhubaneswar Municipal Corporation**

Progress Through Partnership for a Better Bhubaneswar

## ଜିଲ୍ଲା ସଂସ୍କୃତି ପରିଷଦ, କଟକ

### ବାଲିଯାତ୍ରା 2019 ନିମନ୍ତେ ପ୍ରାରମ୍ଭିକ ପଞ୍ଜୀକରଣ ଓ ତତ୍ ପରବର୍ତ୍ତୀ ଆବଣ୍ଟନ ନିମନ୍ତେ ନିୟମାବଳୀ

ଐତିହାସିକ ବାଲିଯାତ୍ରା, କଟକ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ତା12.11.2019ରିଖଠାରୁ ତା19.11.2019 ପର୍ଯ୍ୟନ୍ତ ଗଡ଼ଗଡ଼ିଆ ଘାଟ ନିକଟବର୍ତ୍ତୀ ତଳ ଓ ଉପର ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି କ୍ରମରେ ଜିଲ୍ଲା ପ୍ରଶାସନ କଟକଙ୍କ ନିଷ୍ପତ୍ତି କ୍ରମେ ଆସନ୍ତା ବାଲିଯାତ୍ରା 2019 ନିମନ୍ତେ ବିଭିନ୍ନ ପ୍ରକାର ବ୍ୟବସାୟୀ / ଅନୁଷ୍ଠାନ/ସଂଘ/ ଉଠା ଦୋକାନୀମାନଙ୍କୁ ପ୍ରଥମେ ପଞ୍ଜୀକରଣ କରାଯିବାର ଅଛି। ଏଥିନିମନ୍ତେ ନିମ୍ନଲିଖିତ ସୂଚୀ ଅନୁଯାୟୀ ପଞ୍ଜୀକରଣ ରାଶି (ଫେରସ୍ତ ଯୋଗ୍ୟ ନୁହେଁ) ସେମାନଙ୍କ ଠାରୁ ଆଦାୟ କରାଯିବ ଏବଂ ତତ୍‌ପରେ ଯୋଗ୍ୟତା ଏବଂ ଆବେଦନ ଅନୁଯାୟୀ ସ୍ଥାନ ଆବଣ୍ଟନ ପ୍ରକ୍ରିୟା ଆରମ୍ଭ କରାଯିବ।

**ପଞ୍ଜୀକରଣ ସାରଣୀ:**

1. **ପଞ୍ଜୀକରଣ ରାଶି ସୂଚୀ:** **ଆବଶ୍ୟକ ଜମାରାଶି**
(କ)- ପୃଷ୍ଠପୋଷକ (Sponsor) ଟ1000.00
(ଖ)- ବ୍ୟବସାୟୀ ଟ.200.00
(ଗ)- ବ୍ୟବସାୟିକ ଅନୁଷ୍ଠାନ ଟ1000.00
(ଘ)- ରେଜିଷ୍ଟର୍ଡ ଡେକୋରେଟର୍ ସଂଘ ଟ10000.00
(ଙ)- ବ୍ୟକ୍ତିଗତ ଡେକୋରେଟର୍ ଟ1000.00
(ଚ)- ଦୋଳି ଟ1000.00
(ଛ)-ଉଠାବେପାରୀ ଟ500.00 (ପଞ୍ଜୀକରଣ ଏବଂ ବ୍ୟବସାୟ ନିମନ୍ତେ ଅନୁମତି ପ୍ରଦାନ)

**ଆବଣ୍ଟନ ସାରଣୀ**

2. **ବ୍ୟବସାୟୀ/ ଅନୁଷ୍ଠାନମାନଙ୍କ ପାଇଁ ଆବଣ୍ଟିତ ହେବାକୁ ଥିବା ସ୍ଥାନ ନିମନ୍ତେ ଦେୟ ସୂଚୀ:**
1000 ବର୍ଗଫୁଟ ପର୍ଯ୍ୟନ୍ତ ଆବଣ୍ଟନ ପାଇଁ ଧାର୍ଯ୍ୟ ମୂଳ ରାଶି ଟ30/- ପ୍ରତି ବର୍ଗଫୁଟ ଓ ତା' ଠାରୁ ଅଧିକ ସ୍ଥାନ ଆବଣ୍ଟନ ନିମନ୍ତେ ପ୍ରତି 1000 ବର୍ଗଫୁଟ ପାଇଁ ଧାର୍ଯ୍ୟ ମୂଳ ରାଶିର (30/- ଟଙ୍କା)ର ପାଞ୍ଚ ପ୍ରତିଶତ ବୃଦ୍ଧି କରାଯିବ। ଏତଦ୍‌ବ୍ୟତୀତ ଆବଣ୍ଟନକାରୀଙ୍କୁ ବିଭିନ୍ନ ବିଭାଗର ସେବା ପାଇଁ ଧାର୍ଯ୍ୟ ଦେୟ ପଇଠ କରିବାକୁ ପଡ଼ିବ।
3. (କ) ବ୍ୟବସାୟୀମାନଙ୍କ ପାଇଁ ସର୍ବାଧିକ 1000 ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନ ଆବଣ୍ଟନ କରାଯାଇପାରେ।
(ଖ) ଅନୁଷ୍ଠାନମାନଙ୍କୁ ସର୍ବାଧିକ 2000 ବର୍ଗଫୁଟ ପର୍ଯ୍ୟନ୍ତ ସ୍ଥାନ ଆବଣ୍ଟନ କରାଯାଇପାରେ।
(ଗ) ଯେଉଁ ବ୍ୟବସାୟୀ ଓ ଅନୁଷ୍ଠାନମାନଙ୍କୁ ଗତବର୍ଷ ବାଲିଯାତ୍ରାରେ ସ୍ଥାନ ଆବଣ୍ଟନ କରାଯାଇଥିଲା ସେମାନଙ୍କର ଦରଖାସ୍ତ ଅଗ୍ରାଧିକାର ଭିତ୍ତିରେ ବିବେଚନା କରାଯିବ। ସେମାନେ (କ) ଓ (ଖ)ରେ ବର୍ଣ୍ଣିତ ନିର୍ଦ୍ଧାରିତ ସ୍ଥାନରୁ ଗତବର୍ଷ କମ୍ ସ୍ଥାନ ପାଇଥିଲେ ସେତିକି ହିଁ ସ୍ଥାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ।
(ଘ) (କ) ଓ (ଖ)ରେ ସୂଚିତ ସ୍ଥାନଠାରୁ ଅଧିକ ସ୍ଥାନ ପାଇଁ ଇଚ୍ଛୁକ ବ୍ୟବସାୟୀ ଓ ଅନୁଷ୍ଠାନ, ପୃଷ୍ଠପୋଷକ (Sponsor) ଭାବେ ଆବଶ୍ୟକତା ଅନୁଯାୟୀ ସ୍ଥାନ ପାଇପାରିବେ।
(ଙ) ବାଲିଯାତ୍ରାରେ ପୃଷ୍ଠପୋଷକ ଭାବେ ଭାଗ ନେଉଥିବା ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କୁ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯିବ। ବିଭିନ୍ନ ମିଡ଼ିଆ ମାଧ୍ୟମରେ ସେମାନଙ୍କ ସହଯୋଗିତା ବିଷୟରେ ଆନୁଷ୍ଠାନିକ ଭାବେ ପ୍ରଚାର କରାଯିବ ଏବଂ ଏତଦ୍‌ବ୍ୟତୀତ ସେମାନେ ପୃଷ୍ଠପୋଷକ ଭାବେ ପ୍ରଦାନ କରୁଥିବା ଅର୍ଥ ରାଶିର ଏକଦଶମାଂଶ (10%) ସ୍ଥାନ ଆକାରରେ ବିନା ମୂଲ୍ୟରେ ପାଇପାରିବେ।
4. **ଦୋଳି ପାଇଁ ଦେୟ**
ଯନ୍ତ୍ରଚାଳିତ ଦୋଳି ପାଇଁ ଦୈନିକ ଟଙ୍କା ୫000/- ଓ ହସ୍ତଚାଳିତ ଦୋଳି ପାଇଁ ଦୈନିକ ଟ1000/- ଲେଖାଏଁ ଆଦାୟ କରାଯିବ।
୫. **ପଞ୍ଜୀକରଣ ଓ ଆବଣ୍ଟନ ନିମନ୍ତେ ନିର୍ଦ୍ଧାରିତ ସ୍ଥାନ ଓ ତାରିଖ**

| କାର୍ଯ୍ୟକ୍ରମ | ସମୟ ଦିବା 10.30 ଠାରୁ ଅପରାହ୍ଣ 5.30 ପର୍ଯ୍ୟନ୍ତ | ସ୍ଥାନ |
|---|---|---|
| 1. ବାଲିଯାତ୍ରା ସଂକ୍ରାନ୍ତୀୟ ତଥ୍ୟ ଅନୁଷ୍ଠାନ ଏବଂ ପୃଷ୍ଠପୋଷକମାନଙ୍କ (Sponsor) ପାଇଁ ପରିବେଷଣ | ତା21.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ବାଲିଯାତ୍ରା ପରିଚାଳନା ପ୍ରକୋଷ୍ଠ, ଦ୍ୱିତୀୟ ମହଲା, କଲେକ୍ଟୋରେଟ୍, କଟକ |
| 2. ବାଲିଯାତ୍ରା ସଂକ୍ରାନ୍ତୀୟ ତଥ୍ୟ ବ୍ୟକ୍ତିବିଶେଷଙ୍କ ପାଇଁ ପରିବେଷଣ | ତା21.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ, କଟକ |
| 3. ବାଲିଯାତ୍ରା ସ୍ଥାନ ପାଇଁ ଗତବର୍ଷ ଭାଗନେଇଥିବା ଅନୁଷ୍ଠାନ ଏବଂ ଚଳିତ ବର୍ଷର ପୃଷ୍ଠପୋଷକମାନଙ୍କର ପଞ୍ଜୀକରଣ ଓ ସ୍ଥାନ ଆବଣ୍ଟନ | ତା23.10.2019ରିଖଠାରୁ 28.10.2019 ପର୍ଯ୍ୟନ୍ତ | ବାଲିଯାତ୍ରା ପରିଚାଳନା ପ୍ରକୋଷ୍ଠ, ଦ୍ୱିତୀୟ ମହଲା, କଲେକ୍ଟୋରେଟ୍ କଟକ |
| 4. ବାଲିଯାତ୍ରା ସ୍ଥାନ ପାଇଁ ପଞ୍ଜୀକରଣ ଓ ଆବଣ୍ଟନ (ଉଠାଦୋକାନୀ ବ୍ୟତୀତ) କେବଳ ଗତବର୍ଷ ଭାଗ ନେଇଥିବା ବ୍ୟବସାୟୀମାନଙ୍କ ପାଇଁ | ତା23.10.2019ରିଖଠାରୁ 28.10.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |
| 5. ବାଲିଯାତ୍ରା ସ୍ଥାନ ପାଇଁ ପଞ୍ଜୀକରଣ ଓ ଆବଣ୍ଟନ (ଉଠା ଦୋକାନୀ ବ୍ୟତୀତ) ନୂତନ ଭାବେ ଭାଗ ନେବାକୁ ଚାହୁଁଥିବା ବ୍ୟବସାୟୀ ଏବଂ ଅନୁଷ୍ଠାନ ପାଇଁ | ତା29.10.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |
| 6. ଉଠା ଦୋକାନୀ ପଞ୍ଜୀକରଣ ଓ ଅନୁମତି ପତ୍ର ପ୍ରଦାନ | ତା01.11.2019ରିଖଠାରୁ 07.11.2019 ପର୍ଯ୍ୟନ୍ତ | ଗଡ଼ଗଡ଼ିଆ ମନ୍ଦିର ପ୍ରାଙ୍ଗଣ ଅସ୍ଥାୟୀ କାର୍ଯ୍ୟାଳୟ |

**ବିଶେଷ ଦ୍ରଷ୍ଟବ୍ୟ**

- ଅପ୍ରାଧିକୃତ ଭାବେ ବାଲିଯାତ୍ରା ପଡ଼ିଆରେ କୌଣସି ବ୍ୟବସାୟୀଙ୍କୁ ବ୍ୟବସାୟ କରିବା ପାଇଁ ସୁଯୋଗ ଦିଆଯିବ ନାହିଁ ଏବଂ ଏହା ଆଇନ ଅନୁଯାୟୀ ଦଣ୍ଡନୀୟ ହେବ।
- ସ୍ଥାନ ଆବଣ୍ଟନ ସଂକ୍ରାନ୍ତୀୟ ସମସ୍ତ ବିଷୟରେ ଜିଲ୍ଲା ଆବଣ୍ଟନ ସବ୍ କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ମାନ୍ୟ ହେବ।

**ସ୍ୱା./- ଜିଲ୍ଲାପାଳଙ୍କ ଆଦେଶକ୍ରମେ**
**ସବ୍‌କଲେକ୍ଟର ସଦର ତଥା ନୋଡାଲ ଅଫିସର ବାଲିଯାତ୍ରା 2019, କଟକ**

୩୦



ଯେଉଁମାନଙ୍କ ବିଚାର ବୁଦ୍ଧି ସବୁଠାରୁ କମ୍, ସେମାନେ ହିଁ ସବୁଠାରୁ ବେଶି କଥା କୁହନ୍ତି।
- ପ୍ଲାଟୋ



## ସଂକ୍ଷେପରେ



### ବ୍ଲକ କାର୍ଯ୍ୟାଳୟରେ ସ୍ବଚ୍ଛ ଭାରତ ଅଭିଯାନ

ବଣାଇ, ୧୯।୧୦(ସ୍ୱ.ପ୍ର.)- ସ୍ଥାନୀୟ ବଣାଇଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଭାଗ ପକ୍ଷରୁ ଶନିବାର ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହାକୁ ବଣାଇ ବିଡିଓ ସନ୍ତୋଷ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟାଳୟ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ଏଥିରେ ସମସ୍ତ ବିଭାଗୀୟ ଯନ୍ତ୍ରୀ, ସମ୍ପ୍ରସାରଣ ଅଧିକାରୀ, ସହକାରୀ ଯନ୍ତ୍ରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ରହି ଅଞ୍ଚଳକୁ ପରିଷ୍କାର କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ସପ୍ତାହରେ ଚାଲୁ ରହିବ ବୋଲି ଜଣାପଡିଛି।

### ଦୁଇ ଲୁଟେରା ଗିରଫ

ସୁନ୍ଦରଗଡ଼,୧୯।୧୦ (ଡି.ଏନ୍.ଏ.)- ସୁନ୍ଦରଗଡ଼ ବାଇପାସ ରାସ୍ତାରେ ଟ୍ରକ୍ ଡ୍ରାଇଭରମାନଙ୍କଠାରୁ ଟଙ୍କା ଓ ମୋବାଇଲ୍ ଲୁଟ୍ କରୁଥିବା ୨ଜଣ ଲୁଟେରାଙ୍କୁ ଟାଉନ୍ ଥାନା ପୋଲିସ୍ ଗିରଫ କରିଛି। ଶୁକ୍ରବାର ରାତିରେ ଏହି ଦୁଇ ଅଭିଯୁକ୍ତ ଲୁଟ ପାଇଁ ଯୋଜନା କରୁଥିଲେ। ସୂଚନା ପାଇ ପାଟ୍ରୋଲିଂ କରୁଥିବାବେଳେ ପୋଲିସ୍ ଉଭୟଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।

# ଦୁର୍ଘଟଣାରୁ ଉତ୍ତେଜନା, ରାସ୍ତାରୋକୋ

ଲେଫ୍ରିପଡା,୧୯।୧୦(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ବର୍ତ୍ତନକେଲା ବସ୍‌ଷ୍ଟାଣ୍ଡ ନିକଟରେ ଶନିବାର ମଧ୍ୟାହ୍ନ ୧୨ଟାରେ ସଡ଼କ ଦୁର୍ଘଟଣାକୁ କେନ୍ଦ୍ରକରି ଉତ୍ତେଜନା ସୃଷ୍ଟି ଓ ପରେ ରାସ୍ତାରୋକୋ ହୋଇଥିଲା। ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଫୁଲଧୁଡି ଗ୍ରାମର ହଳଧର ପ୍ରଧାନ(୪୦)। ହଳଧର ବୌଦ୍ଧ ଜିଲାରେ ଭାରତୀୟ ରିଜର୍ଭ ପଞ୍ଚମ ବାଟାଲିୟନରେ ଯବାନ ଭାବେ କାମ କରୁଥିଲେ। ସେ ପୂଜାଛୁଟିରେ ଘରକୁ ଆସିଥିଲେ। ହଳଧର ଉଜ୍ଜ୍ୱଳପୁର ପଟୁ ନିଜ ଗାଁକୁ ହୋଣ୍ଡା ଏକ୍ଟିଭା ନଂ. ଓଡି-୧୬ସି-୨୯୫୬ ଯୋଗେ ଆସୁଥିଲେ। ଏହି ସମୟରେ ସୁନ୍ଦରଗଡ ଆଡୁ ଏମ୍‌ସିଏଲ ଯାଉଥିବା ଟ୍ରେଲର ନଂ. ଓଡି୧୬ସି-୨୪୨୬ ତାଙ୍କର ପଛଆଡୁ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଟ୍ରେଲର ଗାଡିର ଡ୍ରାଇଭର ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ମହିଳା ଏବଂ ପୁରୁଷ ଉତ୍ତ୍ୟକ୍ତ ହୋଇ ସୁନ୍ଦରଗଡ଼ ଏମ୍‌ସିଏଲ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଖବରପାଇ ଲେଫ୍ରିପଡା ଥାନା ଓଆଇସି କାଶୀନାଥ ବାରିକ, ସୁନ୍ଦରଗଡ଼ ଏସ୍‌ଡିପିଓ ବଳଭଦ୍ର ଦୀପ, ତହସିଲଦାର ଅକୁଳ ଚନ୍ଦ୍ର ନାୟକ, ଟାଙ୍ଗରପାଲି ତହସିଲଦାର ସୁରମୀ ସୋରେନ, ଜିପିଇଓ ଅନନ୍ତରାମ ପଟେଲ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଜନସାଧାରଣଙ୍କୁ ବୁଝାଇଥିଲେ। ପ୍ରଶାସନର ବୁଝାଇବା ସତ୍ତ୍ୱେ ଜନସାଧାରଣ ବିଭିନ୍ନ ଦାବି ନେଇ ଅଡିବସିଥିଲେ। ମୃତବ୍ୟକ୍ତିଙ୍କ ସ୍ତ୍ରୀ ସମେତ ଦୁଇ ଛୋଟ ପିଲା ରହିଥିବାରୁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଜନସାଧାରଣ ମୃତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ ଚାକିରି ଦେବା, ଏମ୍‌ସିଏଲ କିମ୍ବା ସରକାରଙ୍କ ଡିଏମଏଫ୍ ପାଣ୍ଠିରୁ ମୃତ ବ୍ୟକ୍ତିଙ୍କ ପରିବାର ବର୍ଗଙ୍କୁ ପଚାଶ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା, ଅନ୍ତ୍ୟେଷ୍ଟିକ୍ରିୟା ଏବଂ ଶବଦାହ ସକାଶେ ପଚାଶ ହଜାର ଟଙ୍କା ପ୍ରଦାନ କରିବା, ଏମସିଏଲ ମୁଖ୍ୟ ରାସ୍ତାରେ ଜନସୁରକ୍ଷା ପାଇବା ସକାଶେ ଗାଡି ନିୟନ୍ତ୍ରଣ କରିବା, ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଏବଂ ଅପରାହ୍ନ ୩ଟାରୁ ରାତ୍ରି ୮ଟା ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ଲାଗୁକରାଯିବା, ସବୁବେଳେ ଗାଡିର ଗତି ନିୟନ୍ତ୍ରଣ କରିବା ପାଇଁ ପୋଲିସ ପାଟ୍ରୋଲିଂ କରାଯିବା ଏବଂ ଟ୍ରକ୍‌ମାଲିକଙ୍କଠାରୁ ପଚାଶ ହଜାର ଟଙ୍କା ପ୍ରଦାନ କରାଯିବା, ରାସ୍ତାର ମରାମତି କରାଯିବା ପାଇଁ ଦାବି କରାଯାଇଥିଲା। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଘଟଣାସ୍ଥଳରେ ଥିବା ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ପରେ ଉତ୍ତ୍ୟକ୍ତ ଜନସାଧାରଣ ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ପ୍ରଶାସନ ତରଫରୁ ରେଡକ୍ରସ୍ ପାଣ୍ଠିରୁ ଦଶହଜାର, ଗାଡି ମାଲିକଙ୍କଠାରୁ କୋଡିଏ ହଜାର ଟଙ୍କା ଦେବାପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ଆଲୋଚନାରେ ସ୍ଥାନୀୟ ଉଜ୍ଜ୍ୱଳପୁର ସରପଞ୍ଚ ଗୁଣନିଧି ମୁଣ୍ଡା, ସମିତିସଭ୍ୟ ବିଶ୍ୱମ୍ଭର ମହାନନ୍ଦିଆ, ଯୁବ ବିଜେଡି ନେତା ମନୋଜ କୁମାର ପଟେଲ ପ୍ରମୁଖ ଭାଗନେଇ ଉତ୍ତ୍ୟକ୍ତ ଜନସାଧାରଣଙ୍କୁ ବୁଝାଇବାରେ ସହଯୋଗ କରିଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ରାସ୍ତାରୁ ମୃତଦେହ ଉଠାଇ ସୁନ୍ଦରଗଡ ଜିଲା ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପୋଲିସ ପଠାଇଥିଲା। ଦିନ୧୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କୋଇଲା ଟ୍ରକ୍ ଚଳାଚଳ ବନ୍ଦକରି ରାସ୍ତା ଅଚଳ ରହିଥିଲା।



ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

- ବର୍ତ୍ତନକେଲା ବସ୍‌ଷ୍ଟାଣ୍ଡ୍ ନିକଟରେ ସଡ଼କ ଦୁର୍ଘଟଣା
- ଭାରତୀୟ ରିଜର୍ଭ ପଞ୍ଚମ ବାଟାଲିୟନର ଯବାନ ମୃତ
- ଉତ୍ତ୍ୟକ୍ତ ଲୋକଙ୍କ ୬ଘଣ୍ଟା ରାସ୍ତା ଅବରୋଧ

# ପାନଦୋକାନ ତାଲା ଭାଙ୍ଗି ଲୁଟ୍

## ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ

ବେଦବ୍ୟାସ, ୧୯।୧୦ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଛକ ସ୍ଥିତ ଲକ୍ଷ୍ମଣ ସାଙ୍କ ପାନ ଦୋକାନର ତାଲା ଭାଙ୍ଗି ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ପାନ ସାମଗ୍ରୀ ସମେତ ନଗଦ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଥିବା ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନାନୁଯାୟୀ ପ୍ରତ୍ୟେକ ଦିନ ଭଳି ଦୋକାନୀ ଲକ୍ଷ୍ମଣ ସା ଦୋକାନ ବନ୍ଦ କରି ଶୁକ୍ରବାର ନିଜ ବାସ ସ୍ଥାନ ବେଦବ୍ୟାସ ମନ୍ଦିର ରୋଡ ଯାଇଥିଲେ। ଶନିବାର ସକାଳ ପ୍ରାୟ ସାଢ଼େ ୭ଟାରେ ଦୋକାନ ଆସି ଦେଖିବାକୁ ପାଇଥିଲେ ଯେ, ଦୋକାନ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ପାନ ସାମଗ୍ରୀ ପ୍ରାୟ ୩ ହଜାର ଟଙ୍କା ସମେତ ନଗଦ ପ୍ରାୟ ୧ ହଜାର ଟଙ୍କା ଲୁଟ୍ କରି ନେଇଯାଇଛନ୍ତି। ।ଏନେଇ ତୁରନ୍ତ ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ ପାଇ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ଦାୟିତ୍ୱରେ ଥିବା ମହିଳା ଏସଆଇ ଚମ୍ପାବତୀ ସୋରେନ ଘଟଣା ସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଥାଉକି ଗତ ୮ ଦିନ ପୂର୍ବେ ନିକଟରେ ଥିବା ସୁରେଶ ସାହୁଙ୍କ ରାଶନ ଦୋକାନ ତାଲା ଭାଙ୍ଗି ଚୋରି ହୋଇଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ଦୋକାନୀମାନଙ୍କ ମଧ୍ୟରେ ଭୟଭୀତ ସୃଷ୍ଟିହୋଇଛି। ରାତିସମୟରେ ପୋଲିସର ପାଟ୍ରୋଲିଂ କଡାକଡି କରିବା ପାଇଁ ସ୍ଥାନୀୟ ଦୋକାନୀମାନଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

**ODISHA HYDRO POWER CORPORATION LTD.,**
OHPC
ISO : 9001, 14001, 18001 Certified
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT: SAMBALPUR (ODISHA),
PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in
CIN : U401010R1995SGC003963
CAD-483

No. HHEP /C & P – 1 / 7288 Date: 17.10.2019

**NOTICE INVITING TENDER No. HHEP-55/2019**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers /authorized dealers / channel partners / reputed suppliers for supply of the following material as mentioned below.

| Sl. No. | Description | Cost of tender paper (non-refundable) in Rs. | EMD (Refundable) in Rs. |
|---|---|---|---|
| 1 | 2 | 3 | 4 |
| 1 | Supply of different type of hardware and electrical materials for Burla Power House | Rs. 4,720/- (Rs. 4,000/- + GST @18%) | Rs. 5,350/- |

Period of sale of tender : Dt. 22.10.2019 to 05.11.2019 upto 05:00 PM
Last date & time for submission of tender : Dt. 06.11.2019 upto 01:00 PM
Due date & Time for opening of Technical bid : Dt. 06.11.2019 at 03:30 PM
Date & Time of opening of price bid will be intimated later to the technically qualified bidders.
For details and further correspondence / corrigendum, please visit our website www.ohpcltd.com.

Sd/-
C & P Head, HHEP, Burla

04007/11/0028/1920

# ଜିନ୍ଦଲରେ ଆଞ୍ଚଳିକ ପରିବେଶ, ଖଣି ସଚେତନତା କାର୍ଯ୍ୟକ୍ରମ

ଟେନ୍‌ସା, ୧୯।୧୦ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଟେନ୍‌ସାରେ ଥିବା ଟିଆରବି ଲୌହଖଣି ଜିନ୍ଦଲ ବ୍ଲକ ପରିସର ମଧ୍ୟରେ ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ମଧ୍ୟରେ ଖଣିଜ ପଦାର୍ଥ ତଥା ଖଣି ଖନନ ବିଷୟରେ ଜ୍ଞାନବୃଦ୍ଧି ନିମନ୍ତେ ଭୂବୈଜ୍ଞାନିକ ସମାଜ ଏବଂ ସମ୍ବନ୍ଧ ପ୍ରଦ୍ୟୋଗି ଭେଦନ ନିମନ୍ତେ ଏକ ଖଣି ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଣାଇ ଉପଖଣ୍ଡର ୧୫ଟି ବିଦ୍ୟାଳୟରୁ ୩୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ପରିବେଶ ଓ ଖଣି ସଚେତନତା ଉପରେ ରଚନା, କୁଇଜ ଏବଂ ବିଭିନ୍ନ ଖଣିଜ ପଥର ଚିହ୍ନଟ କରିବା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଛାତ୍ରୀଛାତ୍ର ବାସ୍ତବିକ ଜ୍ଞାନ ଆହରଣ ପାଇଁ ଟିଆରବି ଲୌହଖଣି କିପରି ଖନନ କରାଯାଉଛି ପରିଦର୍ଶନ କରିଥିଲେ। ଖଣି ଖନନ ଏବଂ ପ୍ରକ୍ରିୟାକରଣରେ ନିଶାଳକାରେ ମେଶିନ ସବୁ ବ୍ୟବହୃତ ହେଉଥିବାରୁ ଛାତ୍ରୀଛାତ୍ରମାନେ ଏସବୁ ଦେଖି ଆନନ୍ଦିତ ଏବଂ ଉତ୍ସାହିତ ହୋଇଥିଲେ। ଏହା ସହ ଖଣିଖନନ ପ୍ରକ୍ରିୟା ସମ୍ବନ୍ଧରେ ଛାତ୍ରୀଛାତ୍ରମାନେ ଖଣି ଅଧିକାରୀମାନଙ୍କୁ ପ୍ରଶ୍ନ କରି ବୁଝିଥିଲେ। ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧନ କରି ଜିନ୍ଦଲ ଖଣିର ଉପସଭାପତି ତଥା ୟୁନିଟ ହେଡ ପ୍ରମୋଦ କୁମାରୀ ପାତ୍ର କରିଥିଲେ ଯେ, ପରିବେଶ ତଥା ଖଣି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖଣିଜ ଏବଂ ଖଣିଜ ପ୍ରକ୍ରିୟା ଖନନ ସମ୍ବନ୍ଧରେ ଜ୍ଞାନବୃଦ୍ଧି କରିବା ମୋର ସମ୍ପୂର୍ଣ୍ଣ ବିଶ୍ୱାସ, ଆମର ଏହି ପ୍ରଚେଷ୍ଟା ଦ୍ୱାରା କିଛି ମାତ୍ରାରେ ଉଦ୍ଦେଶ୍ୟ ସାଧିତ ହୋଇପାରିବ । ଏସଜିଏଟିର ସମ୍ପାଦକ ଆଲୋକ ବିହାରୀ ପ୍ରାଣିଗ୍ରାହୀ କହିଲେ ଯେ, ପରିବେଶ ସୁରକ୍ଷାକୁ ଆଖି ଆଗରେ ରଖି ଏବଂ ପ୍ରାଥମିକତା ଦେଇ ଆମେ ବୈଜ୍ଞାନିକ ପଦ୍ଧତିରେ ଖଣିଜ ଉତ୍ପାଦନ ପରିବହନ କରିବା ନିତାନ୍ତ ଜରୁରୀ ।ଏହା ଏକ ସ୍ୱତନ୍ତ୍ର ସଯୁକ୍ତ ପ୍ରଚେଷ୍ଟା ହେବା ଦରକାର। ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଚେତନତା ଶିବିରରେ କୋଇଡା ଖଣି ଉପନିର୍ଦ୍ଦେଶକ ଶଲିଲ ବେହେରା, ଏସଜିଏଟିର ଯୁଗ୍ମ ସମ୍ପାଦକ ତ୍ରିଲୋଚନ ମହାନ୍ତ, ଏସଏନ ମହାନି ଖଣିର ପ୍ରବନ୍ଧକ ଟିସି ସଏ, ଖଣି ଅଧିକାରୀ ଚିତ୍ତରଞ୍ଜନ ସାହୁ, ଭରତ ସାହୁ, ଚକ୍ରଧର ମଲ୍ଲିକ, ଏସଜି ମହାନ୍ତ ଖଣିର ମନୋରଞ୍ଜନ ସାହୁ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଜିନ୍ଦଲ ଖଣିର ବରିଷ୍ଟ କର୍ମଚାରୀମାନେ ଉପସ୍ଥିତ ଥିଲେ ।



ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ସହ ଖଣି କର୍ମଚାରୀ, ଅଧିକାରୀ।

# ପିଇଓ କାର୍ଯ୍ୟରୁ ନିଲମ୍ବିତ



ଲେଫ୍ରିପଡା,୧୯।୧୦(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ବଡବଙ୍ଗା ପଞ୍ଚାୟତର ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସଞ୍ଜୟ କୁମାର ଚୌଧୁରୀ ସୁନ୍ଦରଗଡ ଜିଲାପାଳଙ୍କ ଆଦେଶ ନଂ.୨୫୨୩/୧୭/୧୦/୨୦୧୯ ଅନୁଯାୟୀ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ କାର୍ଯ୍ୟନିର୍ବାହୀ ଅଧିକାରୀ ବର୍ତ୍ତମାନ ଲେଫ୍ରିପଡା ବ୍ଲକ୍‌ର ରାଜବାହାଲ ପଞ୍ଚାୟତରେ କାର୍ଯ୍ୟରତ ରହିଥିବାବେଳେ ପୂର୍ବରୁ ବଡବଙ୍ଗା ପଞ୍ଚାୟତରେ କାର୍ଯ୍ୟ କରୁଥିଲେ। ବଡ଼ବଙ୍ଗା ପଞ୍ଚାୟତରେ କାର୍ଯ୍ୟକରୁଥିବା ସମୟରେ ବିଭିନ୍ନ ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା ଏବଂ ଜାଲିଆତି କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଲେଫ୍ରିପଡା ବ୍ଲକ ଉନ୍ନୟନ ଅଧିକାରୀ ପଲ୍ଲବୀରାଣୀ ରାଜ୍ ବଡବଙ୍ଗା ପଞ୍ଚାୟତରେ ତଦନ୍ତ କରିଥିଲେ। ପଞ୍ଚାୟତର କ୍ୟାଶ୍‌ବୁକ୍, ପାସ୍‌ବୁକ୍ ସମେତ ବିଭିନ୍ନ ଦଲିଲ ଜବତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ପାଇ ଜିଲାପାଳ ପିଇଓଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡିଛି।

### ୱାଇସିସି କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

# ଉଦ୍‌ଘାଟନୀ ମ୍ୟାଚରେ ଝାରସୁଗୁଡ଼ା ବିଜୟୀ

ବଣାଇ, ୧୯।୧୦(ସ୍ୱ.ପ୍ର.)

ସ୍ଥାନୀୟ ରାଜାଧରଣୀଧର ଉଚ୍ଚବିଦ୍ୟାଳୟ ମିନିଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବଣାଇ ୱାଇସିସି କ୍ଲବ ପକ୍ଷରୁ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳର ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରି ନକ୍‌ଆଉଟ ପର୍ଯ୍ୟାୟରେ ଖେଳିଥିଲେ। ଉଦ୍‌ଘାଟନୀ ମ୍ୟାଚ ଗଣପତି କ୍ଲବ ବାରସୁଆଁ ଓ ଝାଡେଶ୍ୱର କ୍ଲବ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ଝାରସୁଗୁଡା ଦଳ ବିଜୟୀ ହୋଇଥିଲା। ସେହିପରି ଅନ୍ୟ ଏକ ମ୍ୟାଚରେ ଭୁବନେଶ୍ୱର ସହିତ ଝାରସୁଗୁଡା ଦଳର ଖେଳ ହୋଇଥିବା ବେଳେ ଏଥିରେ ଝାରସୁଗୁଡା ଦଳ ବିଜୟୀ ଲାଭ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ ଓ ସ୍ୱତନ୍ତ୍ର ଅତିଥି ଭାବେ ବଣାଇ ରାଜା ବୀର କିଶୋର ଇନ୍ଦ୍ରଦେଓ ଦେବ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଣାଇ ବିଡିଓ ସନ୍ତୋଷ କୁମାର ସାହୁ, ବଣାଇ ତହସିଲଦାର ସମ୍ପଦ ଦଲେଇ ଏବଂ ଧନେଶ୍ୱର ମାହାନ୍ତ, ଝସକେତନ ପ୍ରଧାନ ଯୋଗଦେଇଥିଲେ। ଅତିଥିମାନେ ଫୁଟବଲ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ପ୍ରଭାତ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। କ୍ଲବର ଉପଦେଷ୍ଟା ଶୁଭେନ୍ଦ୍ର ନାଥ ମଲ୍ଲିକ ସମସ୍ତଙ୍କୁ ସ୍ୱାଗତ ଜଣାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଖେଳଗୁଡିକୁ ମ୍ୟାଚ କାଉନସିଲର ଭାବେ ଦୁର୍ଗା ମାଧବ ନାଏକ ପରିଚାଳନା କରିଥିଲେ। ରେଫରୀ ଭାବେ ଜି. ସୁରେଶ କୁମାର, ଦୁର୍ଗା ଆଚାର୍ଯ୍ୟ, ଆଶୀର୍ବାଦ କାନୁନ୍‌ଗୋ, ଚନ୍ଦ୍ରକାନ୍ତ ବାରିକ ଓ ଅରୁଣ ନାୟକ ଖେଳ ପରିଚାଳନା କରିଥିଲେ। କ୍ଲବର ସଭାପତି ଏନ ଆଦି ନାରାୟନ, ସମ୍ପାଦକ ସିରାଜ ଖାନ, ଉପସଭାପତି ବିଜୟ ଭୁକ୍ତା, ଜୟନ୍ତ ପ୍ରଧାନ ପ୍ରମୁଖ ପରିଚାଳନାରେ ସହାୟତା କରିଥିବା ଜଣାପଡିଛି।



ଫୁଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀରେ ଅତିଥିଙ୍କ ସହ ଖେଳାଳି।

**ଓଡ଼ିଶା ସରକାର**
**ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଘୋଷଣା**

File No.COL/JAJ/VIIL-40/2018/418 /LA(Civil) dated:14.08.2019

No.XXIV-34 :- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩(RFCTLAR & R Act,୨୦୧୩)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ସାଦକପୁର, ଥାନା-କୋରେଇ, ନଂ-୫୦, ତହସିଲ-ବ୍ୟାସନଗର, ଜିଲ୍ଲା-ଯାଜପୁରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି। ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩(RFCTLAR & R Act,୨୦୧୩)ର ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୫୨୭/ ତା୦୧।୦୯।୨୦୧୮ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ସାଦକପୁର, ଥାନା-କୋରେଇ, ନଂ.୫୦, ତହସିଲ-ବ୍ୟାସନଗର, ଜିଲ୍ଲା-ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.jajpur.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଭଦ୍ରକ-ନିର୍ଗୁଣ୍ଡି ୩ୟ ରେଳପଥ, ଚଣ୍ଡୀଖୋଲ, ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

**ଜିଲ୍ଲା:ଯାଜପୁର (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ:ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସାଦକପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୨.୭୪୦ | ଏ.୦.୪୬୫ | ଏଥି ସହିତ ସଂଲଗ୍ନ ଅଛି |

**ତଫସିଲ-ଖ**

**ଜିଲ୍ଲା:ଯାଜପୁର (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) ତହସିଲ:ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ.୦୧।୧୧।୧୮**

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./-ଜିଲ୍ଲାପାଳ, ଯାଜପୁର**

**ବ୍ୟକ୍ତିଗତ ଜମିର ତଫସିଲ**

**ପ୍ରକଳ୍ପର ନାମ:ଭଦ୍ରକ-ନିର୍ଗୁଣ୍ଡି ପର୍ଯ୍ୟନ୍ତ ୩ୟ ରେଳପଥ, ଗ୍ରାମ:ସାଧକପୁର, ଥାନା-କୋରେଇ, ଜିଲ୍ଲା:ଯାଜପୁର, ତହସିଲ-ବ୍ୟାସନଗର, ଥାନ ନଂ.୫୦**

| ଖାତା ନଂ | ପ୍ଲଟ୍ ନଂ. | କିସମ | ଖାତା ରୟତଙ୍କ ନାମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଅଧିଗ୍ରହଣ ରକବା (ଏକରରେ) | ଆଂଶିକ/ ସମ୍ପୂର୍ଣ୍ଣ |
|---|---|---|---|---|---|---|
| ୨୯୮/୫୫ | ୯୭୭ | ସାରଦ-୨ | ଗୋଲାମ ବସ୍ତଗିରି ଖାଁ, ରବୁଲ ଖାଁ, ଓହିଦ ଖାଁ, ପି:ଗୋଲମ୍ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୨୧୦ | ୦.୦୬୩ | ଆଂଶିକ |
| ୧୪୧ | ୯୭୮ | ସାରଦ-୨ | ତୋରଫ ଖାଁ, ପି:ଲତିଫ ଖାଁ, ସଉବତ୍ ଖାଁ, ହକିମତ୍ ଖାଁ, ପି:ନୁର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୧୧୦ | ୦.୦୧୯ | ଆଂଶିକ |
| ୨୦ | ୯୭୯ | ସାରଦ-୨ | ଅସଗର ଖାଁ, ପି:ଆକବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୧୦ | ୦.୦୧୦ | ସମ୍ପୂର୍ଣ୍ଣ |
| ୨୭୪ | ୯୮୦ | ସାରଦ-୨ | ହନିଫ ଖାଁ, ଆବତ୍ ଖାଁ, ହାସିମ ଖାଁ, ପି:ନଜିର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୩୩୦ | ୦.୦୭୭ | ଆଂଶିକ |
| ୨୮୩ | ୧୦୨୯ | ସାରଦ-୨ | ହସନ୍ ଖାଁ, ପି:ଡୋମନ ଖାଁ, ସଖାବତ୍ ଖାଁ, ପି-ଦିଲବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୧୦୦ | ୦.୦୨୫ | ଆଂଶିକ |
| ୨୯୮/୭୫ | ୧୦୩୧ | ସାରଦ-୨ | ଅବଦୁଲ ମହେମୁଦ୍ ଖାଁ, ପି:ଅବଦୁଲ ସତାର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୩୮୦ | ୦.୦୪୨ | ଆଂଶିକ |
| ୨୪୨ | ୧୦୩୩ | ସାରଦ-୨ | ସେକ୍ ଅବଦୁଲ ସମଦ୍, ପି:ସେକ୍ ହୟାତି, ଜାତି:ମୁସଲମାନ, ବା:ନିଜଗାଁ | ୦.୧୭୦ | ୦.୦୪୨ | ଆଂଶିକ |
| ୨୩୦ | ୧୦୩୫ | ସାରଦ-୨ | ଲତିଫ ଖାଁ, ପି:ସୁଲତାନ ଖାଁ, ସୋବନ୍ ଖାଁ, ପି:ରହେମାନ ଖାଁ, କବାଲି ଖାଁ, ପି-ଅମିର ଖାଁ, ବସିର୍ ଖାଁ, ଗୋଲାପ ଖାଁ, ପି:ହବିପ୍ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୪୦ | ୦.୦୧୦ | ଆଂଶିକ |
| ୨୩୦ | ୧୦୩୭ | ସାରଦ-୨ | ଲତିଫ ଖାଁ, ପି:ସୁଲତାନ ଖାଁ, ସୋବନ୍ ଖାଁ, ପି:ରହେମାନ ଖାଁ, କବାଲି ଖାଁ, ପି-ଅମିର ଖାଁ, ବସିର୍ ଖାଁ, ଗୋଲାପ ଖାଁ, ପି:ହବିପ୍ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୪୦ | ୦.୦୪୦ | ସମ୍ପୂର୍ଣ୍ଣ |
| ୧୦୫ | ୧୦୩୮ | ସାରଦ-୨ | ଜଏନୁଲା ଆବେଦିନ ଖାଁ, ପି:ସାବତ ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୮୬୦ | ୦.୦୩୫ | ଆଂଶିକ |
| ୨୮୩ | ୧୦୩୯ | ସାରଦ-୨ | ହାସାନ ଖାଁ, ପି:ଡୋମନ ଖାଁ, ସଖାବତ୍ ଖାଁ, ପି-ଦିଲବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୩୩୦ | ୦.୦୪୬ | ଆଂଶିକ |
| ୨୮୩ | ୧୦୩୦ | ସାରଦ-୨ | ହସନ୍ ଖାଁ, ପି:ଡୋମନ ଖାଁ, ସତ୍ୟାବତ ଖାଁ, ପି-ଦିଲବର ଖାଁ, ଜାତି:ମୁସଲମାନ, ବା:ନିଜଗାଁ | ୦.୧୧୦ | ୦.୦୨୧ | ଆଂଶିକ |
| ୧୨୯ | ୧୦୪୦ | ସାରଦ-୨ | ସେକ୍ ତଜ୍‌ମୁଲ, ପି:ଏସକେ ସୋବାନ, କରିମନ୍ ନିଶା ବିବି, ସ୍ୱା:ସେକ୍ ସୋବାନ, ଜାତି:ମୁସଲମାନ, ବା:ନିଜଗାଁ | ୦.୦୫୦ | ୦.୦୩୫ | ଆଂଶିକ |
| | | | | ମୋଟ | ୦.୪୬୫ | |

24163/14/0007/1920